# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୧/୨୦୨୦ (୨୦ ପୃଷ୍ଠା) | Bhubaneswar, Friday, February 21/2020 | ★★★★★★

୪୭ଶ ଭାଗ ୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-







ଦକ୍ଷିଣ ଦିଲ୍ଲୀର ମୁନିର୍କା ଅଞ୍ଚଳରେ ଏକ ୬ ମହଲା କୋଠା ଗୁରୁବାର ଢଳିଯିବାରୁ ଏହାର ବାସିନ୍ଦା ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଭୋର ସମୟରେ ଏହି ଘଟଣା ଜଣାପଡିବା ପରେ ପୋଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ବିଲ୍ଡିଂରୁ ୪୫ ଜଣ ଏବଂ ପାଖରେ ରହୁଥିବା ଶତାଧିକ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଛି। ସେଠାରେ ମ୍ୟୁନିସିପାଲ କର୍ପୋରେଶନ ଟିମ୍ ଏବଂ ଜାତୀୟ ଏନ୍‌ଡିଆର୍‌ଏଫ୍ ଟିମ୍ ଉପସ୍ଥିତ ରହିଛନ୍ତି।



## ସଂକ୍ଷେପରେ

### ଗୁଳିକାଣ୍ଡରେ ୯ ନିହତ

**ହନାଉ,୨୦।୨:** ଜର୍ମାନୀର ଜଣେ ବନ୍ଧୁକଧାରୀ ଫ୍ରାଙ୍କ୍‌ଫର୍ଟର ବିଭିନ୍ନ ସ୍ଥାନରେ ଗୁଳି ଚଳାଇବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ଆକ୍ରମଣକାରୀଙ୍କ କାର୍‌କୁ ପିଛା କରି ତାଙ୍କ ଘରେ ପହଞ୍ଚିଥିଲା। ସେଠାରେ ଆକ୍ରମଣକାରୀଙ୍କୁ ମୃତାବସ୍ଥାରେ ଉଦ୍ଧାର କରାଯାଇଛି। ବିଦେଶୀଙ୍କୁ ଘୃଣା କରିବା ମାନସିକତାରୁ ଏଭଳି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିବା ହେସେ ପ୍ରଦେଶର ଗୃହମନ୍ତ୍ରୀ ପିଟର ବେଉଥ୍ କହିଛନ୍ତି। ସ୍ୱାଧୀନ ଓ ଶାନ୍ତିପୂର୍ଣ୍ଣ ସମାଜ ଉପରେ ଏହା ଆକ୍ରମଣ ବୋଲି ସେ ମତ ଦେଇଛନ୍ତି। ନିହତଙ୍କ ମଧ୍ୟରୁ ଅଧିକାଂଶ ତୁର୍କୀ ନାଗରିକ।

### ବିଏଟି ଷଡ଼ଯନ୍ତ୍ରକୁ ପଣ୍ଡ କରିଛି ସେନା

**ନୂଆଦିଲ୍ଲୀ,୨୦।୨(ପି.ଟି.):** ଜମ୍ମୁ-କଶ୍ମୀର ସୀମାରେ ଅଶାନ୍ତି ସୃଷ୍ଟି ପାଇଁ ପାକିସ୍ତାନୀ ସୈନ୍ୟବାହିନୀର ସୀମା କାର୍ଯ୍ୟାନୁଷ୍ଠାନ ଟିମ୍ (ବିଏଟି)ର ଉଦ୍ୟମକୁ ଭାରତୀୟ ସେନା ପଣ୍ଡ କରିଦେଇଛି। ଏପରିକି ସେମାନେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପୂର୍ବରୁ ଆମ ଯବାନମାନେ ତାହାକୁ ବିଫଳ କରିଦେଇଥିଲେ ବୋଲି ସ୍ଥଳ ସେନାଧ୍ୟକ୍ଷ ଜେନେରାଲ ଏମ୍.ଏମ୍. ନରଓ୍ୱଣେ କହିଛନ୍ତି। ବିଏଟିରେ ପାକିସ୍ତାନୀ ସୈନ୍ୟ ସମେତ ଜୈଶ-ଇ-ମହମ୍ମଦ ଏବଂ ଲଶ୍କର-ଇ-ତୋଇବା ଭଳି ସଂଗଠନର ଆତଙ୍କବାଦୀମାନେ ରହିଛନ୍ତି। ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ୧୫ରୁ ୨୦ ଆତଙ୍କବାଦୀ ଶିବିର ସକ୍ରିୟ ରହିଥିବାବେଳେ ସେଠାରେ ୨୫୦ରୁ ୩୫୦ ଆତଙ୍କବାଦୀ ମହଜୁଦ୍ ରହିଥିବା ଜେନେରାଲ ନରଓ୍ୱଣେ କହିଛନ୍ତି।

### ସ୍କୁଲ ଉଡ଼ାଇଦେବାକୁ ନବମ ଶ୍ରେଣୀ ଛାତ୍ରଙ୍କ ଧମକ

**ବରେଲୀ,୨୦।୨(ପି.ଟି.):** ଦାବି ମୁତାବକ ୨ ଲକ୍ଷ ଟଙ୍କା ନ ମିଳିଲେ ପୁଲ୍‌ଓ୍ୱାମା ଆକ୍ରମଣ ଭଳି ନିଜ ସ୍କୁଲ କୋଠାକୁ ବିସ୍ଫୋରଣରେ ଉଡାଇଦେବାକୁ ଉତ୍ତରପ୍ରଦେଶରେ ନବମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ଧମକ ଦେଇଛନ୍ତି। ଖବରକାଗଜ ହକର ଭାବେ କାର୍ଯ୍ୟ କରୁଥିବା ଏହି ପିଲାଙ୍କୁ ସୁଧାର ଗୃହକୁ ପଠାଯାଇଛି। ଛାତ୍ର ଜଣକ ପ୍ରଧାନଶିକ୍ଷକଙ୍କୁ ଚିଠି ଦେଇ ପୁଲ୍‌ଓ୍ୱାମା ଭଳି ଆକ୍ରମଣ କରିବେ ବୋଲି ଧମକ ଦେଇଥିଲେ। ପ୍ରଧାନଶିକ୍ଷକଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା।

### ପାକିସ୍ତାନକୁ କଳା ତାଲିକାଭୁକ୍ତ କରିବାକୁ ଏଫ୍‌ଏଟିଏଫ୍‌ର ଚେତାବନୀ

**ନୂଆଦିଲ୍ଲୀ,୨୦।୨:** ପ୍ୟାରିସର ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ପାକିସ୍ତାନକୁ ଧୂସର ତାଲିକା (ଗ୍ରେ ଲିଷ୍ଟ)ରେ ରଖିଥିବାବେଳେ ଯଦି ୪ ମାସ ମଧ୍ୟରେ ପ୍ରସ୍ତାବିତ ୧୩ଟି ପଦକ୍ଷେପ ଗ୍ରହଣ ନ କରେ ତେବେ କଳା ତାଲିକାଭୁକ୍ତ କରିବା ପାଇଁ ଚେତାବନୀ ଦେଇଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ଦିଗରେ ପାକିସ୍ତାନ ନେଇଥିବା ପଦକ୍ଷେପର ସମୀକ୍ଷା କରିଥିଲା ଏଫ୍‌ଏଟିଏଫ୍। ଏହାକୁ ୨୭ଟି ପଦକ୍ଷେପ ନେବା ପାଇଁ କୁହାଯାଇଥିବାବେଳେ ଇସ୍‌ଲାମାବାଦ ୧୩ଟି ପଦକ୍ଷେପ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରିନାହିଁ। ସେଠାରେ ୪୦ଟି ଆତଙ୍କବାଦୀ ସଂଗଠନ ସକ୍ରିୟ ରହିଥିବାବେଳେ କେବଳ ଜମାତ-ଉଦ୍-ଦାଓ୍ୱା ମୁଖ୍ୟ ହାଫିଜ ସୟିଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ ଆଝାର ଏବଂ ଅଣ୍ଡରଓ୍ୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମଙ୍କ ସମେତ ଅନେକ ବିଶ୍ୱ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ପାକିସ୍ତାନର ବିଫଳତାକୁ ନେଇ ଏଫ୍‌ଏଟିଏଫ୍ ପୁଣିଥରେ ଗଭୀର ଚିନ୍ତାବ୍ୟକ୍ତ କରିଛି।

# ଉଚ୍ଛେଦ ହେବନି ୩୭୧

**ଇଟାନଗର,୨୦।୨(ପି.ଟି.)**




### ଅରୁଣାଚଳରେ ସ୍ପଷ୍ଟକଲେ ଶାହା

ଉତ୍ତର-ପୂର୍ବାଞ୍ଚଳକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୧କୁ ହଟାଯିବ ନାହିଁ। ଏହାକୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ର ସରକାରଙ୍କ କୌଣସି ଉଦ୍ଦେଶ୍ୟ ନାହିଁ। ଅନୁଚ୍ଛେଦ ୩୭୧କୁ ନେଇ ଗୁଜବ ପ୍ରସାର କରୁଥିବା ଲୋକେ ସେମାନଙ୍କ ଉଦ୍ୟମରେ ସଫଳ ହେବେ ନାହିଁ ବୋଲି ଗୁରୁବାର ଚେତାବନୀ ଦେଇଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା। ଗତ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଏହାସହ ଜମ୍ମୁ-କଶ୍ମୀରଠାରୁ ଲଦାଖକୁ ଅଲଗା କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ପରେ ବିରୋଧୀ ଦଳଗୁଡ଼ିକ ଘୋର ବିରୋଧ କରିଥିଲେ। ଏଥିସହ ଅନୁଚ୍ଛେଦ ୩୭୧କୁ ହଟାଇବା ପାଇଁ ସରକାର ଯୋଜନା କରୁଥିବା ନେଇ ବିରୋଧୀ ସମାଲୋଚନା କରିଥିଲେ। ଅରୁଣାଚଳ ପ୍ରଦେଶକୁ ରାଜ୍ୟ ମାନ୍ୟତା ମିଳିବାର ୩୪ତମ ବର୍ଷପୂର୍ତ୍ତି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ରାଜଧାନୀ ଇଟାନଗର ଗସ୍ତ କରିଥିଲେ। ଏହି ଅବସରରେ ଏକ ସଭାକୁ ସମ୍ବୋଧିତ କରି ଶାହା କହିଥିଲେ, ଅରୁଣାଚଳ ପ୍ରଦେଶ ଓ ମିଜୋରାମର ପ୍ରତିଷ୍ଠା ଦିବସରେ ସମଗ୍ର ଉତ୍ତର-ପୂର୍ବାଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଉଛି ଯେ ଅନୁଚ୍ଛେଦ ୩୭୧ ହଟିବ ନାହିଁ। ଏହାକୁ ନେଇ ଯେଉଁମାନେ ଅପପ୍ରଚାର ଚଳାଇଛନ୍ତି, ସେମାନେ କେବେହେଲେ ସଫଳ ହେବେ ନାହିଁ। ଆମ ସରକାର ଆପଣମାନଙ୍କ ସଂସ୍କୃତିକୁ ଏକାଠି କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସଂସ୍କୃତିର ସୁରକ୍ଷା କେନ୍ଦ୍ର ସରକାରଙ୍କ କେବଳ ଦାୟିତ୍ୱ ନୁହେଁ, କର୍ତ୍ତବ୍ୟ ମଧ୍ୟ। ଏଥିଲାଗି ବିଗତ ୫ ବର୍ଷରେ କେନ୍ଦ୍ରମନ୍ତ୍ରୀମାନେ ୨୦୦ ଥର ଏହି ଅଞ୍ଚଳକୁ ଗସ୍ତ କରିଥିଲେ। ଏପରି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ୩୦ ଥର ଉତ୍ତର-ପୂର୍ବାଞ୍ଚଳକୁ ଆସିଛନ୍ତି ବୋଲି ଶାହା ପ୍ରକାଶ କରିଛନ୍ତି। ଅରୁଣାଚଳ ପ୍ରଦେଶ ଓ ମିଜୋରାମର ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ଦୁଇ ରାଜ୍ୟର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଅନୁଚ୍ଛେଦ ୩୭୧ ଅଧୀନରେ ଉତ୍ତର-ପୂର୍ବାଞ୍ଚଳର ଅଧିକାଂଶ ରାଜ୍ୟ ସମେତ ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଓ ଗୋଆକୁ ସ୍ୱତନ୍ତ୍ର କ୍ଷମତା ମିଳିଛି। ଏହି ରାଜ୍ୟଗୁଡ଼ିକୁ ସେମାନଙ୍କ ଆଦିବାସୀ ସଂସ୍କୃତିର ସଂରକ୍ଷଣ ନିମନ୍ତେ ଏହା ପ୍ରଦାନ କରାଯାଇଛି।

## ଦୁଇ ଦଳିତଙ୍କୁ ନିର୍ମମ ପ୍ରହାର

**ଜୟପୁର,୨୦।୨(ପି.ଟି.)**



- ଭିଡିଓ ଭାଇରାଲ ପରେ ୭ ଅଭିଯୁକ୍ତ ଗିରଫ
- ରାଜସ୍ଥାନରେ ରାଜନୈତିକ ଝଡ଼

ରାଜସ୍ଥାନର ନାଗୌର ଅନ୍ତର୍ଗତ କାରନୁ ଗ୍ରାମରେ ଦୁଇ ଦଳିତ ଯୁବକଙ୍କୁ ନିସ୍ତୁକ ମାଡ଼ ମରାଯିବା ଘଟଣା ଏବେ ରାଜନୈତିକ ଝଡ଼ ସୃଷ୍ଟି କରିଛି। ଏକ ମୋଟର ସାଇକେଲ ଶୋ'ରୁମ୍‌ରୁ ଏଦୁହେଁ ଟଙ୍କା ଚୋରି କରୁଥିବା ଅଭିଯୋଗ କାରଣରୁ ଏମାନଙ୍କୁ ଆକ୍ରମଣ କରାଯାଇଛି। ଦୁଇ ଯୁବକଙ୍କ ମଧ୍ୟରୁ ଜଣଙ୍କ ମଳଦ୍ୱାରରେ ସ୍କ୍ରୁଡାଇଭର ପୂରାଇ ନିସ୍ତୁକ ମାଡ଼ ମରାଯାଇଛି। ଏନେଇ ଭିଡିଓ ଭାଇରାଲ ହେବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ରାଜସ୍ଥାନ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏହା ପରେ ଶୋ'ରୁମ୍‌ରେ କାମ କରୁଥିବା ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପ୍ରକାଶ କରିଛନ୍ତି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏଭଳି ହିଂସ୍ର ଆଚରଣ ମାନବିକ ଅଧିକାରର ସୀମା ସରହଦ ପାର୍ କରିଥିବା ନାଗୌର ଏମ୍‌ପି ହନୁମାନ ବେନିଓ୍ୱାଲ୍ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଏସ୍‌ସି/ଏସ୍‌ଟି ଆଇନ ସହ ଅନ୍ୟ ଦଫା ଲଗାଯାଇଥିବା ଏସ୍‌ପି କହିଛନ୍ତି।

ଭିଡିଓଟି ଫେବୃୟାରୀ ୧୬ରେ ଭାଇରାଲ ହୋଇଥିବାବେଳେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଦାୟୀ କରିଛନ୍ତି ଭାଜପା ଓ ବେନିଓ୍ୱାଲ ନେତୃତ୍ୱାଧୀନ ଆର୍‌ଏଲ୍‌ପି। ଆର୍‌ଏଲ୍‌ପିର ୩ ବିଧାୟକ ଗୁରୁବାର ପ୍ଲାକାର୍ଡ ଧରି ବିଧାନସଭାରେ ପଶିବା ସହ ଦଳିତଙ୍କ ବିରୋଧରେ ହେଉଥିବା ଅତ୍ୟାଚାରକୁ ରୋକାଯାଉ ବୋଲି ନାରାବାଜି କରିଥିଲେ। ବଜେଟ ଅଧିବେଶନ ଯୋଗୁ ବାଚସ୍ପତି ହସ୍ତକ୍ଷେପ କରିବାରୁ ୩ ବିଧାୟକ ବିଧାନସଭା ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରଦେଶ ଭାଜପା ଅଧ୍ୟକ୍ଷ ସତୀଶ ପୂନିଆ କହିଛନ୍ତି, ରାହୁଲଙ୍କ ଟୁଇଟ ପରେ ରାଜ୍ୟ ସରକାର ଆଖି ଖୋଲିବା ଦରକାର। ପୋଲିସ ଫେବୃୟାରୀ ୧୬ ପରିବର୍ତ୍ତେ ୧୯ରେ କାହିଁକି ମାମଲା ରୁଜୁ କଲା ବୋଲି ସେ ପ୍ରଶ୍ନ କରିଛନ୍ତି।

# ଇସିଙ୍କ ଦ୍ୱାରସ୍ଥ ହେଲେ ନିର୍ଭୟା ଅପରାଧୀ

**ନୂଆଦିଲ୍ଲୀ,୨୦।୨(ଆଇଏଏନ୍‌ଏସ୍)**


ବିନୟ ଶର୍ମା

- ଜେଲ୍ କାନ୍ଥରେ ମୁଣ୍ଡ ପିଟି ବିନୟ ଶର୍ମା ଆହତ
- ମାନସିକ ରୋଗ ଚିକିତ୍ସା ପାଇଁ କୋର୍ଟରେ ଆବେଦନ
- ତିହାର କର୍ତ୍ତୃପକ୍ଷଙ୍କୁ ଜବାବ ମାଗିଲେ ଅଦାଲତ

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅନ୍ୟତମ ଅପରାଧୀ ବିନୟ ଶର୍ମା କ୍ଷମା ଆବେଦନ ଖାରଜକୁ ଚ୍ୟାଲେଞ୍ଜ କରି ଭାରତର ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଇନଜୀବୀ ଏ.ପି. ସିଂଙ୍କ ଜରିଆରେ ବିନୟ କରିଥିବା ଆବେଦନରେ ଦର୍ଶାଇଛନ୍ତି, ଦିଲ୍ଲୀରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ ମନ୍ତ୍ରୀ ମନୀଷ ସିସୋଡିଆ ତାଙ୍କ କ୍ଷମା ଆବେଦନକୁ ଖାରଜ କରିଥିଲେ । କ୍ଷମା ଆବେଦନ ଉପରେ ସିସୋଡିଆଙ୍କ ଡିଜିଟାଲ ସ୍ୱାକ୍ଷର ନ ଥିଲା। ଖାରଜ ପିଟିଶନ ବଦଳରେ ଏକ ହ୍ୱାଟ୍ସଆପ୍ ସ୍କ୍ରିନସଟ୍ ପଠାଯାଇଥିଲା ବୋଲି ବିନୟ ଦର୍ଶାଇଛନ୍ତି। ଦିଲ୍ଲୀ ସରକାର ଏହି କ୍ଷମା ଆବେଦନକୁ ଉପରାଜ୍ୟପାଳଙ୍କୁ ପଠାଇଥିଲେ ଓ ଶେଷରେ ଏହା ରାଷ୍ଟ୍ରପତିଙ୍କ ପାଖରେ ପହଞ୍ଚିଥିଲା। ରାଷ୍ଟ୍ରପତି ଆବେଦନକୁ ଖାରଜ କରିଥିଲେ। ଅପରାଧୀମାନଙ୍କୁ ମାର୍ଚ୍ଚ ୩ରେ ଫାଶୀ ଦିଆଯିବାକୁ ଥିବାବେଳେ ଅନ୍ୟତମ ଅଭିଯୁକ୍ତ ପବନ ଗୁପ୍ତା ଏପର୍ଯ୍ୟନ୍ତ କ୍ୟୁରେଟିଭ୍ ପିଟିଶନ କିମ୍ବା କ୍ଷମା ଆବେଦନ କରିନାହାନ୍ତି।

ବିନୟ ଗୁରୁବାର ନିଜ ମୁଣ୍ଡକୁ ଜେଲ୍‌କାନ୍ଥରେ ପିଟି ଆହତ ହେବା ପରେ ଚିକିତ୍ସା ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ମାନସିକ ଅସୁସ୍ଥ ଥିବା ଦାବି କରିବା ସହ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମ୍ୟାନ ବିହେଭିୟର ଆଣ୍ଡ ଆଲାଏଡ୍ ସାଇନ୍ସେସ୍‌ରେ ଚିକିତ୍ସା ପାଇଁ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଅତିରିକ୍ତ ଦୌରା ଜଜ୍ ଧର୍ମେନ୍ଦ୍ର ରଣା ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଶନିବାର ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାମାନ୍ୟ ଆହତ ବିନୟଙ୍କୁ ଜେଲ୍ ପରିସରରେ ଚିକିତ୍ସା କରାଯାଇଥିଲା। ତେବେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ମାନସିକ ବିକୃତି ହୋଇଛି ଓ ପାଗଳାମି ଦେଖାଦେଉଛି ବୋଲି ତାଙ୍କ ଓକିଲ କହିଛନ୍ତି। ବିନୟ ତାଙ୍କ ମାଆଙ୍କ ସମେତ ଅନ୍ୟମାନଙ୍କୁ ଚିହ୍ନିପାରୁ ନ ଥିବା ଓକିଲ କୋର୍ଟଙ୍କୁ ଜଣାଇଛନ୍ତି।

ନିର୍ଭୟା ମାମଲାର ୪ ଅପରାଧୀଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦେବା ପାଇଁ ଗତ ୧୭ରେ କୋର୍ଟ ତୃତୀୟ ଥର ପାଇଁ ଡେଥ୍ ଓ୍ୱାରେଣ୍ଟ ଜାରି କରିଥିଲେ।

### କମଲ ହାସନଙ୍କ ଶୁଟିଂ ସେଟ୍‌ରେ ଦୁର୍ଘଟଣା: ୩ ମୃତ

**ଚେନ୍ନାଇ,୨୦।୨(ପି.ଟି.)**

ଅଭିନେତା କମଲ ହାସନଙ୍କ ଆଗାମୀ ଚଳଚ୍ଚିତ୍ର 'ଇଣ୍ଡିଆନ-୨' ଶୁଟିଂ ଚାଲିଥିବାବେଳେ ଏକ କ୍ରେନ୍ ଖସିପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ହେବା ସହ ୯ ଆହତ ହୋଇଛନ୍ତି। ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିବା କମଲ ହାସନ ମୃତକମାନଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି। ସେ ମୃତକମାନଙ୍କ ପରିବାର ଓ ଆହତମାନଙ୍କ ପାଇଁ କୋଟିଏ ଟଙ୍କା ସହାୟତା ଘୋଷଣା କରିଛନ୍ତି।



ବୁଧବାର ରାତିରେ ଚଳଚ୍ଚିତ୍ର ଶୁଟିଂ ଚାଲିଥିବାବେଳେ ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରେ ଜଣେ ସହକାରୀ ନିର୍ଦ୍ଦେଶକ ଅଛନ୍ତି। ଦୁର୍ଘଟଣାସ୍ଥଳରୁ ଟିକିଏ ପୂର୍ବରୁ ସେ ଚାଲିଆସିଥିବାରୁ ବଞ୍ଚିଗଲେ ବୋଲି କମଲ ହାସନ କହିଛନ୍ତି। ଫେରାର ଥିବା କ୍ରେନ୍ ଅପରେଟରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ଏପ୍ରିଲରେ ରାହୁଲଙ୍କ ଦ୍ୱିତୀୟ ଇନିଂସ

**ନୂଆଦିଲ୍ଲୀ,୨୦।୨(ଆଇଏଏନ୍‌ଏସ୍)**



### ପୁଣି ହେବେ କଂଗ୍ରେସ ଅଧ୍ୟକ୍ଷ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣିଥରେ ଦଳର ମଙ୍ଗ ଧରିବେ। ଆସନ୍ତା ଏପ୍ରିଲରେ ସେ କଂଗ୍ରେସ ଅଧ୍ୟକ୍ଷ ପଦକୁ ଫେରିବେ ବୋଲି ସୂତ୍ରରୁ ଜଣାପଡ଼ିଛି। ବଜେଟ ଅଧିବେଶନ ଶେଷ ହେବା ପରେ ଅମଳର ପର୍ବ ବୈଶାଖୀ ବେଳକୁ ତାଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯିବ। ଏଥିସକାଶେ କଂଗ୍ରେସ ପକ୍ଷରୁ ଏକ ବିସ୍ତୃତ ବୈଠକ ଡକାଯିବ ବୋଲି କୁହାଯାଉଛି।

କଂଗ୍ରେସର ବିଭିନ୍ନ ମହଲରୁ ଦାବି ହେବା ପରେ ୨୦୧୭ରେ ରାହୁଲ ଗାନ୍ଧୀ ନିର୍ଦ୍ୱନ୍ଦ୍ୱରେ ଦଳର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ମାତ୍ର ୫୦ ଆସନରେ ବିଜୟୀ ହୋଇଥିଲା। ଏପରି କି ବିରୋଧୀ ଦଳର ମାନ୍ୟତା ମଧ୍ୟ ହାସଲ କରିପାରି ନ ଥିଲା। ନିର୍ବାଚନରେ ଶୋଚନୀୟ ପରାଜୟ ପାଇଁ ରାହୁଲ ନିଜକୁ ଦାୟୀ କରି କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଦଳର ବରିଷ୍ଠ ନେତାମାନେ ଯେତେ ଅନୁରୋଧ କରିଥିଲେ ବି ସେ ଇସ୍ତଫାପତ୍ର ପ୍ରତ୍ୟାହାର କରି ନ ଥିଲେ। ଫଳରେ ଗତ ଅଗଷ୍ଟରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ରାହୁଲଙ୍କ ମା' ତଥା ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଦଳର ଅନ୍ତରୀଣ ଅଧ୍ୟକ୍ଷ କରାଯାଇଥିଲା। ସୋନିଆଙ୍କ ସ୍ୱାସ୍ଥ୍ୟ ଭଲ ରହୁ ନ ଥିବାରୁ ରାହୁଲଙ୍କୁ ପୁଣିଥରେ ଏହି ଦାୟିତ୍ୱ ଦେବା ପାଇଁ କଂଗ୍ରେସର ବରିଷ୍ଠ ନେତାମାନେ ବିଚାର କରୁଛନ୍ତି।

# କରୋନା ସଂକ୍ରମଣ କମୁଛି

**ବେଜିଂ,୨୦।୨ (ପି.ଟି./ ଆଇଏଏନ୍‌ଏସ୍)**

- ମୃତ୍ୟୁ ସଂଖ୍ୟା ୨,୧୧୮
- ଚାଇନାରେ ୭୪,୫୭୬ ଆକ୍ରାନ୍ତ

ଚାଇନାରେ କରୋନା ସଂକ୍ରମଣରେ ଏପର୍ଯ୍ୟନ୍ତ ୨,୧୧୮ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ସଂକ୍ରମିତଙ୍କ ସଂଖ୍ୟା ୭୪, ୫୭୬ରେ ପହଞ୍ଚିଛି। ବୁଧବାର ୧୧୪ ଜଣଙ୍କ ମୃତ୍ୟୁ ହୋଇଛି। ହେଲେ ନୂଆ କରୋନା ଭାଇରସ୍ ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ଜଣାପଡ଼ିଛି। ଚାଇନାର ଜାତୀୟ ସ୍ୱାସ୍ଥ୍ୟ କମିଶନ ପକ୍ଷରୁ କୁହାଯାଇଛି ଯେ, ନୂଆ ସଂକ୍ରମିତଙ୍କ ସଂଖ୍ୟା କମି ୩୯୪କୁ ଚାଲିଆସିଛି। ଗତ ଡିସେମ୍ବରଠାରୁ କରୋନା ଭୟଙ୍କର ରୂପ ଧାରଣ କରିଥିବା ବେଳେ ଏବେ ପ୍ରଥମ ଥର ଲାଗି ନୂଆ ସଂକ୍ରମଣକାରୀଙ୍କ ସଂଖ୍ୟା କମିବା ଆରମ୍ଭ କରିଛି। ତଥାପି ଏବେ ୪,୯୨୨ ଜଣ କରୋନାରେ ଆକ୍ରାନ୍ତ ଥିବା ସନ୍ଦେହ କରାଯାଉଛି। ଉହାନ ସହର ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ବୁଧବାର ୧,୭୭୯ ବ୍ୟକ୍ତି ରୋଗମୁକ୍ତ ହୋଇ ହସ୍ପିଟାଲରୁ ଘରକୁ ଫେରିଛନ୍ତି। ମୋଟ ୧୬,୧୫୫ ବ୍ୟକ୍ତି ଅଦ୍ୟାବଧି କରୋନା କବଳରୁ ମୁକୁଳିଥିବା ଜଣାପଡ଼ିଛି। ହଂକଂରେ ଏପର୍ଯ୍ୟନ୍ତ କରୋନା ଭାଇରସ୍ ସଂକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୋଟ ୬୫ ସଂକ୍ରମଣର ଶିକାର ହୋଇଛନ୍ତି। ତାଇଓ୍ୱାନ୍‌ରେ ୨୪, ମାକାଉରେ ୧୦ ବ୍ୟକ୍ତି କରୋନା ସଂକ୍ରମିତ ଥିବା ପ୍ରକାଶ।



### ରାମମନ୍ଦିର ଶିଳାନ୍ୟାସ ପାଇଁ ମୋଦିଙ୍କୁ ଆମନ୍ତ୍ରଣ

**ନୂଆଦିଲ୍ଲୀ,୨୦।୨(ଆଇଏଏନ୍‌ଏସ୍)**

ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣର ଭୂମିପୂଜନ ଉତ୍ସବରେ ଯୋଗଦେବା ସହ ଶିଳାନ୍ୟାସ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରଣ କରାଯାଇଛି। ମନ୍ଦିର ନିର୍ମାଣ ତଦାରଖ ଦାୟିତ୍ୱରେ ଥିବା ରାମଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଅଧ୍ୟକ୍ଷ ନୃତ୍ୟଗୋପାଳ ଦାସ, ସାଧାରଣ ସମ୍ପାଦକ ଚମ୍ପତ୍ ରାୟ ଏବଂ କୋଷାଧ୍ୟକ୍ଷ ଗୋବିନ୍ଦ ଗିରି ଗୁରୁବାର ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆମନ୍ତ୍ରଣ କରିଛନ୍ତି।

## କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୨୦।୨(ପି.ଟି.)**

### ସିଏଏ ବିରୋଧରେ ସାନି ପିଟିଶନ

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ସାନି ପିଟିଶନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। କେରଳ ନଦଭାତୁଲ ମୁଜାହିଦ୍ଦିନ, ଅଞ୍ଜୁମନ ଟ୍ରଷ୍ଟ ଏବଂ ଦକ୍ଷିଣ କେରଳ ଜମିୟାତୁଲ ଉଲେମା ସମେତ ୧୫ ଆବେଦନକାରୀ ସାନି ପିଟିଶନ ଦାଏର କରିଥିଲେ। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନ ଉପରେ କେନ୍ଦ୍ର ସରକାର ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି। ପୂର୍ବରୁ ଦାଖଲ ହୋଇଥିବା ୧୫୦ରୁ ଊର୍ଦ୍ଧ୍ୱ ପିଟିଶନ ସହିତ ନୂଆ ପିଟିଶନଗୁଡ଼ିକର ଏକତ୍ର ଶୁଣାଣି ମାର୍ଚ୍ଚରେ ହେବ। ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତ ଆସି ରହିଥିବା ସଂଖ୍ୟାଲଘୁ ଅଣମୁସଲମାନଙ୍କୁ ଭାରତୀୟ ନାଗରିକତା ପ୍ରଦାନ ଲାଗି ସରକାର ସଂଶୋଧିତ ନାଗରିକତ୍ୱ ଆଇନ ଆଣିଥିଲେ।

## ଅନ୍‌ସଲ ଭ୍ରାତାଙ୍କ ଦଣ୍ଡ ବଢ଼ାଇବା ଆବେଦନ ଖାରଜ

**ନୂଆଦିଲ୍ଲୀ,୨୦।୨(ପି.ଟି.)**

ଉପହାର ସିନେମା ହଲ୍ ଅଗ୍ନିକାଣ୍ଡ ମାମଲାରେ ଅନ୍‌ସଲ ଭ୍ରାତାଙ୍କ ଜେଲଦଣ୍ଡ ମିଆଦ ବଢ଼ାଇବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ଏନ୍.ଭି. ରମନା ଏବଂ ଅରୁଣ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଚାମ୍ବରରେ କ୍ୟୁରେଟିଭ୍ ପିଟିଶନର ଶୁଣାଣି କରିଥିଲେ। ଉପହାର ଦୁର୍ଘଟଣାରେ କ୍ଷତିଗ୍ରସ୍ତଙ୍କ ସଂଗଠନ(ଏଭିୟୁଟି) ପକ୍ଷରୁ କ୍ୟୁରେଟିଭ ପିଟିଶନ ଦାଏର କରାଯାଇଥିଲା।

୨୦୧୭ ଫେବୃୟାରୀ ୯ରେ ସୁପ୍ରିମକୋର୍ଟ ୭୮ ବର୍ଷୀୟ ସୁଶୀଲ ଅନ୍‌ସଲଙ୍କ ବୟସାଧିକ୍ୟକୁ ବିଚାରକୁ ନେଇ କୋହଳ ଦଣ୍ଡାଦେଶ ଶୁଣାଇଥିଲେ, ଯେଉଁ ସମୟକୁ ସେ ଜେଲ୍‌ରେ କଟାଇସାରିଥିଲେ। ସୁଶୀଲଙ୍କ ସାନଭାଇ ଗୋପାଳ ଅନସଲଙ୍କୁ ଆଉ ୧ ବର୍ଷ ଜେଲ୍ କାଟିବା ପାଇଁ କୁହାଯାଇଥିଲା। ଦଣ୍ଡାଦେଶର ପୁନର୍ବିଚାର ପାଇଁ ଏଭିୟୁଟି ଓ ଏହାର ଅଧ୍ୟକ୍ଷ ନୀଲମ କ୍ରିଷ୍ଣମୂର୍ତ୍ତି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ପୁଣିଥରେ ଉପହାର କ୍ଷତିଗ୍ରସ୍ତଙ୍କୁ ନିରାଶ କରିଥିବାରୁ ଆଜିର ଦିନକୁ ସେମାନେ କଳାଦିବସ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୧୯୯୭ ଜୁନ୍ ୧୩ରେ ଦିଲ୍ଲୀର ଉପହାର ସିନେମାହଲ୍‌ରେ ହିନ୍ଦୀ ଚଳଚ୍ଚିତ୍ର 'ବର୍ଡର' ପ୍ରଦର୍ଶନ ହେଉଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଶ୍ୱାସରୁଦ୍ଧ ହୋଇ ୫୯ଜଣଙ୍କ ମୃତ୍ୟୁ ହେବା ସହ ଦଳାଚକଟାରେ ୧୦୦ ଜଣ ଆହତ ହୋଇଥିଲେ।

### ଉପହାର ସିନେମା ହଲ୍ ଅଗ୍ନିକାଣ୍ଡ ମାମଲା



# ଦୁର୍ଘଟଣାରେ ଗଲା ୨୬ ଜୀବନ

**ଚେନ୍ନାଇ,୨୦।୨ (ପି.ଟି./ ଆଇଏଏନ୍‌ଏସ୍)**

ତାମିଲନାଡୁରେ ଗୁରୁବାର ଦୁଇଟି ରାସ୍ତା ଦୁର୍ଘଟଣାରେ ୨୬ ଜଣଙ୍କ ମୃତ୍ୟୁ ଘଟିଛି। ତିରୁପୁର ଜିଲା ଅନ୍ତର୍ଗତ ଅବିନାଶୀ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ମହିଳା ଅଛନ୍ତି। ଟାଇଲ୍ ନେଇ ଆସୁଥିବା ଏକ ଟ୍ରକ୍‌ର ଆଗଚକ ଫାଟିଯିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଫଳରେ ଟ୍ରକ୍‌ଟି ବେଙ୍ଗାଲୁରୁରୁ ଏର୍ନାକୁଲମ୍ ଯାଉଥିବା କେରଳ ରାଜ୍ୟ ସଡ଼କ ପରିବହନ ନିଗମର ଏକ ବସ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ତିରୁପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଗୁରୁତରଙ୍କୁ କୋଏମ୍ବାଟୁର ସ୍ଥାନାନ୍ତର କରାଯାଇଛି।


ତିରୁପୁର ଜିଲା ଅନ୍ତର୍ଗତ ଅବିନାଶୀ ନିକଟରେ ମର୍ମନ୍ତୁଦ ଦୁର୍ଘଟଣାରେ ବସ୍ ଚୂରମାର୍।

ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀ ଦୁର୍ଘଟଣାରେ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ଆହତ ୨୩ ଯାତ୍ରୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟର ଯୋଗେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି ଓ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଶୋକବ୍ୟକ୍ତ କରିବା ସହ ଦୁଇଜଣ ମନ୍ତ୍ରୀଙ୍କୁ ରିଲିଫ କାର୍ଯ୍ୟରେ ସହାୟତା ପାଇଁ ତାମିଲନାଡୁ ପଠାଇଛନ୍ତି। ତିରୁପୁର ଜିଲା ପ୍ରଶାସନ ସହ କେରଳ ସରକାର ନିୟମିତ ଯୋଗାଯୋଗରେ ଅଛନ୍ତି।

ତାମିଲନାଡୁର ସାଲେମ ଜିଲାରେ ଅନ୍ୟ ଏକ ଦୁର୍ଘଟଣାରେ ୬ ଜଣ ନେପାଳୀ ପର୍ଯ୍ୟଟକଙ୍କ ମୃତ୍ୟୁ ହେବା ସହ ୨୪ ଆହତ ହୋଇଛନ୍ତି। କନ୍ୟାକୁମାରୀରୁ ରାଜସ୍ଥାନ ଯାଉଥିବା ସେମାନଙ୍କ ଭ୍ୟାନ୍ ଏକ ବସ୍‌କୁ ଧକ୍କା ଦେଇଥିଲା।

### ଇତିହାସର ଆଇନାରେ

**ଫେବୃୟାରୀ ୨୧ର ପ୍ରମୁଖ ଘଟଣା**

୧୯୭୨ ଫେବୃୟାରୀ ୨୧ରେ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଚାଇନା ଗସ୍ତକରି ଦୁଇଦେଶ ମଧ୍ୟରେ ସମ୍ପର୍କରେ ସୁଧାର ଆଣିବାକୁ ଚେଷ୍ଟା କରିଥିଲେ।

୨୦୧୩ ଫେବୃୟାରୀ ୨୧ରେ ହାଇଦ୍ରାବାଦରେ ସିରିଜ୍ ବୋମା ବିସ୍ଫୋରଣରେ ୧୮ ଜଣଙ୍କ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଥିଲେ। ଜନବହୁଳ ଦିଲ୍‌ସୁଖ ନଗର ଓ ଏହାର ୧୦୦ ମିଟର ଦୂରରେ ଦୁଇଟି ବିସ୍ଫୋରଣ କରାଯାଇଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୧/୨୦୨୦ | Bhubaneswar, Friday, February 21/2020 | ପୃଷ୍ଠା-୧




## ରେଖାଙ୍କ ଡେଞ୍ଜର ଜୋନ୍

୨୦୨୦ର କ୍ୟାଲେଣ୍ଡର ଲଞ୍ଚିଙ୍ଗ୍ ସେରିମନିରେ ଅଭିନେତ୍ରୀ ରେଖା ଫଟୋ ପାଇଁ ପୋଜ୍ ଦେବା ବେଳେ ଅମିତାଭଙ୍କ ଫଟୋ ଦେଖି ଏହା ଡେଞ୍ଜର ଜୋନ୍ ବୋଲି କହିଥିଲେ।

୧୨

୧୬

## ଦୂତୀଙ୍କୁ ସାହସିକ ପୁରସ୍କାର

ଷ୍ଟାର୍ ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଆମେରିକୀୟ କ୍ରୀଡ଼ା ଚ୍ୟାନେଲ ଇଏସ୍‌ପିଏନ୍ ପକ୍ଷରୁ ପ୍ରଥମଥର ଦିଆଯାଉଥିବା 'ସାହସିକ ପୁରସ୍କାର' ଜିତିଛନ୍ତି।



# ଶାହାଙ୍କ ଅରୁଣାଚଳ ଗସ୍ତକୁ ଚାଇନାର ବିରୋଧ

ନୂଆଦିଲ୍ଲୀ/ବେଜିଂ,୨୦।୨ (ପି.ଟି./ଆଇଏଏନ୍ଏସ୍)




■ ସୀମା ବିବାଦକୁ ଜଟିଳ କରୁଛି ନୂଆଦିଲ୍ଲୀ: ବେଜିଂ

■ ଆମ ରାଜ୍ୟକୁ ନେଇ ମୁଣ୍ଡ ଖେଳାଅନି: ଭାରତ

କରୋନା ଭାଇରସ୍ ସଂକ୍ରମଣରେ ଛଟପଟ ହେଉଥିବା ଚାଇନା ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅରୁଣାଚଳ ଗସ୍ତକୁ ବିରୋଧ କରିଛି। ଗୁରୁବାର ଅରୁଣାଚଳ ପ୍ରଦେଶର ପ୍ରତିଷ୍ଠା ଦିବସରେ ଶାହା ଇଟାନଗର ଯାଇଥିବାବେଳେ ବେଜିଂ ଏହାକୁ ଦୃଢ଼ ବିରୋଧ କରିଛି। ଭାରତୀୟ ନେତାଙ୍କ ଏଭଳି ଗସ୍ତ ଯୋଗୁ ସୀମା ବିବାଦ ଅଧିକ ଜଟିଳ ହେଉଛି ବୋଲି ଚାଇନା ଚେତାବନୀ ଦେଇଛି। ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ସେଠାକୁ କେହି ଗସ୍ତକଲେ ଚାଇନାର ମୁଣ୍ଡବ୍ୟଥା ହେବା ଅନୁଚିତ ବୋଲି ନୂଆଦିଲ୍ଲୀ କଡ଼ା ଜବାବ ଦେଇଛି।

ପୂର୍ବରୁ ଏକ କେନ୍ଦ୍ରଶାସିତ ଅଞ୍ଚଳ ଥିବା ଅରୁଣାଚଳ ପ୍ରଦେଶ ୩୪ ବର୍ଷ ତଳେ ଫେବୃୟାରୀ ୨୦ରେ ସମ୍ପୂର୍ଣ୍ଣ ରାଜ୍ୟର ମାନ୍ୟତା ପାଇଥିଲା। ୧୯୧୩-୧୪ରେ ଏହି ଅଞ୍ଚଳ ବ୍ରିଟିଶ ଇଣ୍ଡିଆର ଅଂଶ ଥିଲା। ୧୯୩୮ରେ ଭାରତ ଓ ତିବ୍ବତ ମଧ୍ୟରେ ମ୍ୟାକ୍‌ମାହୋନ ଲାଇନ ଟଣାଯିବା ପରେ ଏହାକୁ ଭାରତରେ ସାମିଲ କରାଯାଇଥିଲା। ହେଲେ ୧୯୫୧ରେ ଚାଇନା ତିବ୍ବତର ଦକ୍ଷିଣାଞ୍ଚଳକୁ ଦଖଲ କରିବା ପରଠୁ ଅରୁଣାଚଳ ପ୍ରଦେଶକୁ ଏହାର ଏକ ଅଂଶ ବୋଲି ବିବେଚନା କରିଆସୁଛି। ତେଣୁ ଅରୁଣାଚଳକୁ କୌଣସି ଭାରତୀୟ ନେତା ଗଲେ ଚାଇନା ବିରୋଧ କରିଥାଏ। ଏହିକ୍ରମରେ ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ୍ କହିଛନ୍ତି, ଅରୁଣାଚଳ ପ୍ରଦେଶ ଭାରତର ଏକ ରାଜ୍ୟ ବୋଲି ବେଜିଂ କେବେ ସ୍ୱୀକୃତି ଦେଇନାହିଁ। ଭାରତ-ଚାଇନାର ପୂର୍ବାଞ୍ଚଳ କ୍ଷେତ୍ରକୁ ନେଇ ବେଜିଂର ସ୍ପଷ୍ଟ ଆଭିମୁଖ୍ୟ ରହିଥିବାରୁ ଶାହାଙ୍କ ଗସ୍ତକୁ ଆମେ ବିରୋଧ କରୁଛୁ। ଏହି ଗସ୍ତ ସୀମାନ୍ତରେ ସ୍ଥିରତାକୁ ଅଣଦେଖା କରି ଚାଇନାର କ୍ଷେତ୍ରୀୟ ସାର୍ବଭୌମତ୍ୱକୁ କ୍ଷୁଣ୍ଣ କରିଛି। କେବଳ ଏତିକି ନୁହେଁ, ଶାହାଙ୍କ ଗସ୍ତ ଫଳରେ ପାରସ୍ପରିକ ରାଜନୈତିକ ଆସ୍ଥା ପ୍ରତି କୁଠାରାଘାତ ହେବା ସହ ଦ୍ୱିପାକ୍ଷିକ ବୁଝାମଣାର ଉଲ୍ଲଂଘନ ହୋଇଛି। ତେଣୁ ନୂଆଦିଲ୍ଲୀ ଆଗକୁ ସୀମା ବିବାଦକୁ ଅଧିକ ଜଟିଳ ହେବା ଭଳି କୌଣସି ପଦକ୍ଷେପ ନ ନେଉ। ସୀମାରେ ଶାନ୍ତି ବଜାୟ ରଖିବା ଲାଗି ଭାରତୀୟ ପକ୍ଷ ପ୍ରୟାସ କରନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି, ଅରୁଣାଚଳକୁ ନେଇ ଆମ ଆଭିମୁଖ୍ୟ ସ୍ପଷ୍ଟ। ଏହି ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଭାରତୀୟ ନେତାମାନେ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ଭଳି ଅରୁଣାଚଳ ପ୍ରଦେଶକୁ ମଧ୍ୟ ନିୟମିତ ଭାବେ ଯାତ୍ରା କରିଥାନ୍ତି। ଭାରତର ଏକ ରାଜ୍ୟକୁ ଭାରତୀୟ ନେତାଙ୍କ ଗସ୍ତକୁ ବିରୋଧ କରିବାର କୌଣସି କାରଣ ନାହିଁ। ଚାଇନା କାହିଁକି ଏପରି କରୁଛି ଭାରତୀୟମାନେ ତାହା ବୁଝିପାରୁନାହାନ୍ତି ବୋଲି ଏକ ଖବରଦାତା ସମ୍ମିଳନୀରେ ରବୀଶ ଜବାବ ଦେଇଛନ୍ତି।

## ପାନ୍ କାର୍ଡ ନୁହେଁ ନାଗରିକତ୍ୱର ପ୍ରମାଣ




### ଗୁଆହାଟୀ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

ଗୁଆହାଟୀ,୨୦।୨: ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) କାର୍ଡ ଓ ବ୍ୟାଙ୍କ ଦସ୍ତାବିଜଗୁଡ଼ିକୁ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ। ସେହିପରି 'ଗାଓଁ ବୁରା' ବା ଗ୍ରାମ ପ୍ରଧାନଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ମଧ୍ୟ ନାଗରିକତ୍ୱର ପ୍ରମାଣ ନୁହେଁ ବୋଲି ଗୁଆହାଟୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ଲାଗୁ ହୋଇଛି। ଏଥିରୁ ବାଦ୍ ପଡ଼ିଥିବା ଲୋକେ ନିଜ ନାଗରିକତ୍ୱ ସପକ୍ଷରେ ଫରେନର୍ସ ଟ୍ରିବ୍ୟୁନାଲରେ ଆବେଦନ କରି ଉପଲବ୍ଧ ଦସ୍ତାବିଜ ଦାଖଲ କରୁଛନ୍ତି। ଏହି କ୍ରମରେ ଜାବେଦା ବେଗମ୍ ନାମ୍ନୀ ଜଣେ ମହିଳାଙ୍କ ପକ୍ଷରୁ ଦାଖଲ କରାଯାଇଥିବା ଦସ୍ତାବିଜଗୁଡ଼ିକୁ ଟ୍ରିବ୍ୟୁନାଲ ଗ୍ରହଣ ନ କରିବାରୁ ସେ ଗୁଆହାଟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ମନୋଜିତ୍ ଭୂୟାଁ ଏବଂ ପି. ଜେ. ସାଇକିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ଜାବେଦା ଦାଖଲ କରିଥିବା ☞ପୃଷ୍ଠା-୨

# ଭୁବନେଶ୍ୱର ଏମ୍ସର ଅବାନ୍ତର ନିଷ୍ପତ୍ତି

### ହିନ୍ଦୀ ଭାଷାକୁ ଗୁରୁତ୍ୱ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)



अखिल भारतीय आयुर्विज्ञान संस्थान
All India Institute of Medical Sciences, Bhubaneswar
सिजुआ, डाक: डुमुडुमा भुवनेश्वर -751019
Sijua, Post: Dumuduma, Bhubaneswar - 751 019

कार्यालय आदेश / OFFICE ORDER

विषय/Sub: Working in Hindi by the faculty and staff members of this Institute.

It is brought to the notice of all concerned that the documents required to be issued bilingually under the section 3(3) of O.L. Act., 1963 and the letters required to be issued only in Hindi under the O.L. Rules, 1976 should be drafted in Hindi originally by the employees proficient in Hindi compulsorily and by the employees having working knowledge of Hindi to the possible extent in the offices.

Accordingly, the government servant is specified to do his official work in Hindi with immediate effect and it is ordered that only Hindi is to used for the following work.

1. All employees should sign in Hindi.
2. Write Name & subject on all files in Hindi.
3. Write name & sub headings of the registers in Hindi & also make entries in Hindi.
4. Write at least 30% Noting & Drafting in Hindi.
5. Write at least 55% correspondence in Hindi.
6. Fill up all the bilingual forms used in the office in Hindi.
7. Replies to all the letters received in Hindi.
8. Discussion may be in Hindi in all administrative meetings & prepare the minutes in Hindi as far as possible.

All the Officers in Administration, Academic Section, Hospital Administration, Finance & Accounts and the heads of the departments are hereby informed to do their work in Hindi and it should be ensured that the staff members working with them are doing their work in Hindi as applicable under OL Rules, 1976. At the end of every quarter starting from January details of the work done in their section / department may be sent to Official Language Section in the attached proforma at the end of the quarter so that a consolidated report may be prepared and sent to the Ministry by the Administration in prescribed time.

To All concerned

(पी के राय /P K Ray)
उप निदेशक (प्रशासन)/Deputy Director (Admin)
एम्स भुवनेश्वर/AIIMS, Bhubaneswar

ହିନ୍ଦୀ ଭାଷା ବ୍ୟବହାର କରିବା ଉପରେ ଏମ୍ସ ପକ୍ଷରୁ ଗୁରୁବାର ଜାରି କରାଯାଇଥିବା ବିଜ୍ଞପ୍ତିର ନକଲ।

ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ସମସ୍ତ କର୍ମଚାରୀ ଓ ଫାକଲ୍ଟି ଏଣିକି ହିନ୍ଦୀ ଭାଷାରେ କାଗଜପତ୍ରରେ ଦସ୍ତଖତ କରିବା ସହ ବିଭିନ୍ନ ରେକର୍ଡ ପ୍ରସ୍ତୁତ କରିବା ଲାଗି ଗୁରୁବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହିମର୍ମରେ ଭୁବନେଶ୍ୱର ଏମ୍ସ ପକ୍ଷରୁ ପ୍ରକାଶ ପାଇଥିବା ସରକାରୀ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ସମସ୍ତ କର୍ମଚାରୀ ହିନ୍ଦୀରେ ଦସ୍ତଖତ କରିବେ। ସେମାନଙ୍କ ନାମ ଓ ରେଜିଷ୍ଟରରେ ହେଉଥିବା ସବୁ ପ୍ରକାର କାର୍ଯ୍ୟ ହିନ୍ଦୀରେ କରିବେ। ଟିପ୍ପଣୀରେ ସର୍ବନିମ୍ନ ୩୦% ଏବଂ ଯୋଗାଯୋଗ ଲାଗି ଅନ୍ୟୂନ ୫୫% ହିନ୍ଦୀ ଭାଷା ବ୍ୟବହାର କରିବାକୁ ଏଥିରେ କୁହାଯାଇଛି। ହିନ୍ଦୀ ଭାଷାରେ ଆସୁଥିବା ସମସ୍ତ ପତ୍ରର ଉତ୍ତର ସେହି ଭାଷାରେ ଦେବାକୁ ମଧ୍ୟ କୁହାଯାଇଛି। ପ୍ରଶାସନିକ ବୈଠକ ବେଳେ ହିନ୍ଦୀ ଭାଷା ବ୍ୟବହାର କରାଯିବା ସହ ଏହାର ପରବର୍ତ୍ତୀ ବିବରଣୀ ଏହି ଭାଷାରେ ଉଲ୍ଲେଖ କରିବା ଲାଗି ☞ପୃଷ୍ଠା-୨

## ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ମୃତ୍ୟୁ

ଓଡ଼ଗାଁ,୨୦।୨(ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡ଼ଗାଁ ରାଧାକାନ୍ତ ବାଳିକା ହାଇସ୍କୁଲ ଦ୍ୱାରା ପରିଚାଳିତ ୧୧୦ ଶଯ୍ୟା ବିଶିଷ୍ଟ ଏସ୍‌ସି/ଏସ୍‌ଟି ଛାତ୍ରୀ ନିବାସରେ ରହୁଥିବା ଦଶମ ଶ୍ରେଣୀ ପରୀକ୍ଷାର୍ଥୀ (ଛାତ୍ରୀ)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଏ ନେଇ ଓଡଗାଁ ଥାନାରେ ଏକ ଅପମୃତ୍ୟୁ (୩/୨୦) ମାମଲା ରୁଜୁ ହେବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ମୃତ ଛାତ୍ରୀ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ଭାସ୍କର ଜାନିଙ୍କ ଝିଅ ଜ୍ୟୋତିର୍ମୟୀ ଜାନି (୧୪)। ସେ ଉକ୍ତ ସ୍କୁଲରେ ଏସ୍‌ସି/ଏସ୍‌ଟି ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରୀନିବାସରେ ରହି ପଢୁଥିବା ବେଳେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଉଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ପ୍ରାପ୍ତ ସୂଚନା ଅନୁସାରେ ଜ୍ୟୋତିର୍ମୟୀଙ୍କ ଅବସ୍ଥା ସ୍ୱାଭାବିକ ଥିଲା। ସେ ସକାଳେ ସାମାନ୍ୟ ଭାତ ଖାଇବା ପରେ ପରୀକ୍ଷା ନିମନ୍ତେ ପ୍ରସ୍ତୁତି କରୁଥିଲେ। ସାଢେ ୮ଟାରେ ସେ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ହଷ୍ଟେଲ ମାଟ୍ରନ ଛାତ୍ରୀଙ୍କ ଗୋଡରେ ତେଲ ମାଲିସ କରିଥିଲେ ଓ ସାଢେ ୯ଟାରେ ସ୍କୁଲକୁ ଯାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଏ ନେଇ ଛାତ୍ରୀଙ୍କ ବାପାଙ୍କୁ ଜଣାଇଥିଲେ। ସେମାନେ ପହଞ୍ଚିବା ପରେ ମାଟ୍ରନ ସହିତ ଅସୁସ୍ଥ ଛାତ୍ରୀଙ୍କୁ ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ। ନୟାଗଡ ଡାକ୍ତରଖାନାରେ ପହଞ୍ଚିଲା ପରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଛାତ୍ରୀଙ୍କ ବାପାଙ୍କ ଲିଖିତ ଅଭିଯୋଗ ଅନୁସାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଆଖିବୁଜିଲେ ମୀନାକ୍ଷୀ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)/ ବ୍ରହ୍ମପୁର ଅଫିସ

### ବିଜେଡି ନେତ୍ରୀଙ୍କ ଆତ୍ମାହୁତି ଘଟଣା

■ ମୃତ୍ୟୁ ସହ ୯ଦିନର ସଂଗ୍ରାମ କରି ହାରିଗଲେ

■ ମାମଲାକୁ ଗୁରୁତର ସହ ନେଲେ ରାଜ୍ୟ ମହିଳା କମିଶନ

■ ବିଜେଡି ନିଜ ଦଳର ମହିଳାଙ୍କୁ ନ୍ୟାୟ ଦେଇପାରୁନି: ବିରୋଧୀ



୯ଦିନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଛନ୍ତି ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ର। ଗୁରୁବାର ସକାଳ ୯ଟା ୫୫ରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ପୁଅକୁ ମିଥ୍ୟା ମାମଲାରେ ଗିରଫ କରାଯାଇଥିବା ଅଭିଯୋଗ ଆଣିଥିଲେ ମୀନାକ୍ଷୀ। ନ୍ୟାୟ ନ ମିଳିବାରୁ ଶେଷରେ ସେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କର ମୃତ୍ୟୁ ଖବର ପରିବାର ଓ ସମର୍ଥକଙ୍କୁ ସ୍ତବ୍ଧ କରିଦେଇଥିବାବେଳେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି।

ଗତ ୧୨ ତାରିଖରେ ମୀନାକ୍ଷୀଙ୍କ ପୁଅ ରାଜା ଓରଫ କୃତ୍ତିବାସ ମିଶ୍ରଙ୍କୁ ପୋଲିସ ଗିରଫ କରିଥିଲା। ମିଥ୍ୟା ମାମଲାରେ ଗିରଫ କରାଯାଇଥିବା ଅଭିଯୋଗ ଆଣିବା ସହ ଏହା ପ୍ରତିବାଦରେ ମୀନାକ୍ଷୀ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର ଏସ୍‌ପିଙ୍କୁ ଭେଟି ନ ପାରି ଅତିରିକ୍ତ ଏସ୍‌ପିଙ୍କ ସହ ଘଟଣା ନେଇ ଆଲୋଚନା କରିଥିଲେ। କିନ୍ତୁ ତାଙ୍କୁ ନ୍ୟାୟ ମିଳି ନ ଥିଲା। ଶେଷରେ ସେ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ଶରୀରର ୯୫ ପ୍ରତିଶତ ପୋଡିଯାଇଥିବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ମୀନାକ୍ଷୀଙ୍କ ମୃତ୍ୟୁକୁ ନେଇ ପରିବାର ପୂରା ଭାଙ୍ଗିପଡିଛି। ମୀନାକ୍ଷୀଙ୍କ ଭଉଣୀ କହିଛନ୍ତି, ସରକାର ତାଙ୍କ ପୁଅଙ୍କ ବିରୋଧରେ ଲାଗିଥିବା ମିଥ୍ୟା ମାମଲା ଉଠାଇ ନିଅନ୍ତୁ। ଏଥିସହିତ ପରିବାରରେ କେହି ରୋଜଗାର କ୍ଷମ ନ ଥିବାରୁ ଜଣଙ୍କୁ ଚାକିରି ଦେବାକୁ ସେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଭାଜପା ମହିଳା ମୋର୍ଚ୍ଚାର ସଭାପତି ପ୍ରଭାତି ପରିଡ଼ା କହିଛନ୍ତି,ଏହା 'ମୋ ସରକାର'ଙ୍କୁ ଏକ ଧକ୍କା। ଯେଉଁ ସରକାର ନିଜ ଦଳର ମହିଳା ନେତ୍ରୀଙ୍କୁ ନ୍ୟାୟ ଦେଲା ନାହିଁ ସାଧାରଣ ଲୋକଙ୍କୁ କ'ଣ ନ୍ୟାୟ ଦେବ? ସେମାନେ ମୀନାକ୍ଷୀଙ୍କ ସ୍ୱରକୁ କେବେବି ଚାପିଦେଇ ପାରିବେ ନାହିଁ। ଭାଜପା ମହିଳା ମୋର୍ଚ୍ଚା ଏହି ଘଟଣାକୁ ନେଇ ରାଜ୍ୟର ସମସ୍ତ ମା'ଭଉଣୀଙ୍କ ନିକଟକୁ ଯିବ ବୋଲି ପରିଡ଼ା କହିଛନ୍ତି। ସେପଟେ ମୀନାକ୍ଷୀଙ୍କ ମୃତ୍ୟୁ ଘଟଣାକୁ ରାଜ୍ୟ ☞ପୃଷ୍ଠା-୨

# ଧାମରା ବନ୍ଦରରେ ବାଂଲାଦେଶୀ ଜାହାଜ

ଚାନ୍ଦବାଲି,୨୦।୨(ଡି.ଏନ.ଏ.)

### ଚାଇନା କର୍ମଚାରୀ ଅବତରଣକୁ ନେଇ ଗୁଜବ




ଧାମରା ବନ୍ଦରରେ ଲାଗିଥିବା ଜାହାଜ।

ଭଦ୍ରକ ଜିଲା ଧାମରା ବନ୍ଦରରେ ବୁଧବାର ବାଂଲାଦେଶର ଦୁଇଟି ଜାହାଜ ଇସ୍ପାତ ନେବାକୁ ଲାଗିଛି। ଏହି ଦୁଇ ଜାହାଜରେ ଚାଇନା କର୍ମଚାରୀ ଧାମରା ବନ୍ଦରରେ ଅବତରଣକୁ ନେଇ ଗୁଜବ ପ୍ରକାଶ ପାଇଛି। ଚାଇନା ଜାହାଜର କର୍ମଚାରୀଙ୍କ ଦ୍ୱାରା କରୋନା ସଂକ୍ରମଣ ହେବାର ଆଶଙ୍କା ଗୁଜବକୁ ଅଧିକ ଖୋରାକ ଯୋଗାଇଛି। ଜାନୁୟାରୀ ୧୪ ପରେ ଚାଇନାରୁ ଆସିଥିବା ଲୋକଙ୍କଠାରେ କରୋନା ଭାଇରସ୍ ଥିବା ଆଶଙ୍କା ଥିବାବେଳେ ବାଂଲାଦେଶୀ ଜାହାଜର ୪୪ଜଣ ଚାଇନା କର୍ମଚାରୀଙ୍କୁ ନେଇ ଏପରି ମିଥ୍ୟା ଗୁଜବକୁ କମ୍ପାନୀ ପକ୍ଷରୁ ଖଣ୍ଡନ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଚାଇନାରେ କରୋନା ଆତଙ୍କ ପରେ ଧାମରା ବନ୍ଦର ପକ୍ଷରୁ ମଧ୍ୟ ସତର୍କତା ଅବଲମ୍ବନ କରାଯାଇଛି। ମାଲ ପରିବହନ ପାଇଁ ବାହାର ଦେଶର ଜାହାଜ ଧାମରା ବନ୍ଦର ଜେଟିରେ ଲାଗୁଥିଲେ ମଧ୍ୟ କର୍ମଚାରୀଙ୍କ ଅବତରଣ ଲାଗି ଏଠାରେ ଅନୁମତି ନାହିଁ। ଧାମରା ବନ୍ଦରକୁ ଆସୁଥିବା ଜାହାଜ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିୟମିତ ଖବର ପ୍ରଦାନ କରାଯାଉଛି। ଜାହାଜର କର୍ମଚାରୀଙ୍କୁ ବନ୍ଦରର ଡାକ୍ତର ମାସ୍କ ପିନ୍ଧି ବିନା ସ୍ପର୍ଶ (ଥର୍ମାଲ ସ୍କାନିଂ ସିଷ୍ଟମ)ରେ ଯାଞ୍ଚ କରିବା ସହ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ଏହାର ରିପୋର୍ଟ ଜାହାଜ ଚଳାଚଳ(ଭାରତ ସରକାର) ଓ ବନ୍ଦର ନିର୍ଦ୍ଦେଶାଳୟ(ଓଡ଼ିଶା)କୁ ପ୍ରତିଦିନ ପ୍ରଦାନ କରାଯାଉଥିବା ବନ୍ଦର ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

କେବଳ ଟୋକନିଜ୍‌ମ


ଗାଡିରୁ ଘର-ଖଟିରୁ ବଜାର
ସବୁଠି 91.9 ସାର୍ଥକ FM ର ସ୍ୱର
91.9 ସାର୍ଥକ FM
ଏଥର ଜମିଲା...
୨୪ଘଣ୍ଟା Super Hit ଓଡିଆ ଗୀତ



Taste the difference!
Vencobb FRESH CHICKEN

20.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 46 | 88 | 98 |
| CTC | 46 | 88 | 98 |
| DKL | 48 | 90 | 100 |
| BDK | 50 | 93 | 103 |
| BLS | 52 | 96 | 106 |
| ANG | 49 | 92 | 102 |
| BMP | 44 | 85 | 95 |

*Conditions Apply

Issued in the Interest of Consumers


■ କାଳିଆ ଆଶୀର୍ବାଦକୁ ଭରସା

■ ଭଦ୍ରକରୁ ପୁରୀ ଲାଗିଲା ୨୮ ଘଣ୍ଟା



ପୁରୀରେ ପହଞ୍ଚିଥିବା ସୌରଭ ସେଠୀ।

# ସେନା ଚାକିରି ପାଇଁ ୨୨୦ କି.ମି. ଦୌଡ଼ିଲେ ସୌରଭ

ପୁରୀ ଅଫିସ, ୨୦।୨

ଭାରତୀୟ ସେନାରେ ଯୋଗଦେବାକୁ ପିଲାଟି ଦିନରୁ ରହିଛି ଆଗ୍ରହ। ବାପା ବି ଚାହୁଁଛନ୍ତି ତାଙ୍କ ପୁଅ ସୈନ୍ୟ ବାହିନୀରେ ଯୋଗଦେଇ ଦେଶ ମାତୃକାର ସେବା କରୁ। ନିଜର ଆଗ୍ରହ ଏବଂ ବାପାଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ସେ ସେନାରେ ନିଯୁକ୍ତି ନିମନ୍ତେ ପରୀକ୍ଷା ଦେଉଛନ୍ତି। ହେଲେ ଲିଖିତ ପରୀକ୍ଷାରେ ବାରମ୍ବାର ଝୁଣ୍ଟି ପଡୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ପାଇଲେ ସଫଳତା ମିଳିବ ବୋଲି ବାପା କହିଲେ। ଆଉ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଭଦ୍ରକରୁ ଦୌଡ଼ି ଦୌଡ଼ି ପୁରୀରେ ପହଞ୍ଚିଛନ୍ତି ସୌରଭ ସେଠୀ। ୨୨ ବର୍ଷୀୟ ଏହି ଯୁବକ ୨୮ ଘଣ୍ଟାରେ ଅତିକ୍ରମ କରିଛନ୍ତି ୨୨୦ କି.ମି. ରାସ୍ତା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ନିଜର ମନସ୍କାମନା ଜଣାଇଛନ୍ତି।

ଭଦ୍ରକ ଜିଲା ବନ୍ତ ଅଞ୍ଚଳର ଉଦୟନାଥ ସେଠୀ ଫରେଷ୍ଟର ଚାକିରି କରୁଥିଲେ। ହେଲେ ବ୍ୟକ୍ତିଗତ କାରଣରୁ ଚାକିରି ଛାଡ଼ିଦେଲେ। ଖାକି ବର୍ଦ୍ଦି ପ୍ରତି କିନ୍ତୁ ତାଙ୍କର ଦୁର୍ବଳତା ଥିବାରୁ ତାଙ୍କ ୫ ପୁଅଙ୍କୁ ପୋଲିସ ଏବଂ ସୈନ୍ୟବାହିନୀରେ ପଠାଇବାକୁ ଇଚ୍ଛା କରିଥିଲେ। ବଡ଼ପୁଅ ହରେକୃଷ୍ଣ ବନ୍ତରେ ହୋମିଓ କ୍ଲିନିକ କରିଥିବାବେଳେ ଦ୍ୱିତୀୟ ପୁଅ ସନ୍ତୋଷ ଓଡ଼ିଶା ପୋଲିସରେ, ଚତୁର୍ଥ ପୁଅ ଅରୁଣ ସିଆଇଏସ୍ଏଫ୍‌ରେ ଆଉ ସାନପୁଅ ସିଆର୍‌ପିଏଫ୍‌ର କୋବ୍ରା କମାଣ୍ଡୋରେ କାର୍ଯ୍ୟରତ। ତୃତୀୟ ପୁଅ ସୌରଭ। ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ। ପିଲାଟି ଦିନରୁ ଖେଳକୁଦରେ ତାଙ୍କର ଆଗ୍ରହ ରହିଥିଲା। ସ୍କୁଲ କ୍ୟାରିୟରରୁ ପ୍ରତ୍ୟହ ବ୍ୟାୟାମ କରିବା ସହ ୧୦ରୁ ୧୫ କି.ମି. ଦୌଡ଼ିଥାନ୍ତି, ଯାହାକୁ ଏବେ ବି ଜାରି ରଖିଛନ୍ତି। ୩ ଭାଇ ଖାକି ବର୍ଦ୍ଦି ପିନ୍ଧୁଛନ୍ତି। ତେଣୁ ସୌରଭଙ୍କ ଉପରେ ବି ଏହାର ପ୍ରଭାବ ପଡ଼ିଛି। ସେ ବି ସେନାରେ ଯୋଗଦେବା ପାଇଁ ଚେଷ୍ଟା ଚଳାଇଛନ୍ତି। ସେହିପରି ପୁଅ ସେନା ପୋଷାକ ପିନ୍ଧୁ ଏବଂ ଦେଶ ସେବା କରୁ ଏହା ଚାହୁଁଛନ୍ତି ପିତା ଉଦୟନାଥ। ତେଣୁ ବାପାଙ୍କ ସ୍ୱପ୍ନ ପୂରଣ ଓ ନିଜର ଆଗ୍ରହ ଲାଗି ସୌରଭ ଏକାଧିକ ଥର ପରୀକ୍ଷା ଦେଲେଣି। ମାତ୍ର ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରୁ ନାହାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ପାଇଲେ ନିଶ୍ଚିତ ସଫଳ ହେବୁ ବୋଲି ବାପା କହିଲେ। ତେଣୁ ବାପାଙ୍କ କଥା ରଖିବେ, କିନ୍ତୁ ବସ୍ କି ଟ୍ରେନରେ ନୁହେଁ, ଦୌଡ଼ି ଦୌଡ଼ି ପୁରୀ ଆସିବେ ବୋଲି ନିଷ୍ପତ୍ତି ନେଲେ ସୌରଭ। କାରଣ ସେନା ପରୀକ୍ଷାର ଏକ ଅଂଶ ହେଉଛି ଦୌଡ଼। ନିଜକୁ ପ୍ରମାଣିତ କରିବା ଲାଗି ସେ ଏଭଳି ନିଷ୍ପତ୍ତି ନେଇଥିଲେ। ପରିବାର ଲୋକେ ଏବଂ ସାଙ୍ଗସାଥୀ ତାଙ୍କର ଏହି ଦୁଃସାହସିକ ନିଷ୍ପତ୍ତିକୁ ସମର୍ଥନ ଜଣାଇ ଥିଲେ। ପୂର୍ବରୁ ଅର୍ଥାତ୍ ଗତ ୪ ତାରିଖରେ ସୌରଭ ବନ୍ତରୁ ଘଟଗାଁ ୬୬ କି.ମି. ରାସ୍ତାକୁ ଦୌଡ଼ି ଅତିକ୍ରମ କରିବା ସହ ମା' ତାରିଣୀଙ୍କ ଦର୍ଶନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ଆଶୀର୍ବାଦ ପାଇଁ ପୁରୀ ଦୌଡ଼ିବାକୁ ସ୍ଥିର କରିଥିଲେ ସୌରଭ।

ବୁଧବାର ସକାଳ ୭ଟାରୁ ବନ୍ତରୁ ଆରମ୍ଭ ହୋଇଥିଲା ସୌରଭଙ୍କ ଦୌଡ଼। ହାତରେ ଜାତୀୟପତାକା ଧରି ସେ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲେ। ସାଥୀରେ ଭାଇ ଅରୁଣଙ୍କ ସମେତ ବହୁ ସାଥି କାର୍ ଓ ବାଇକ୍‌ରେ ଆସିଥିଲେ। ବାଟରେ କେଉଁଠି ପଇଡ଼, ଜୁସ୍, ପାଣି ପିଇବା ଏବଂ ନିତ୍ୟକର୍ମ ପାଇଁ ଅଳ୍ପ କିଛି ସମୟ ଅଟକୁଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ସେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ☞ପୃଷ୍ଠା-୨

**କିଛି ତଥ୍ୟ**
ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଡିସେମ୍ବର ସମୟରେ ଭାରତ ୨୩ ଲକ୍ଷ ଟନ୍ ପାଲ୍ମ ଅଏଲ୍ ଆମଦାନି କରିଛି।
– ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ

**ଆଜିର ମନ୍ତବ୍ୟ**
"ପାକିସ୍ତାନକୁ ସବୁବେଳେ ସମର୍ଥନ କରିପାରିବ ନାହିଁ ବୋଲି ଚାଇନା ବୁଝିସାରିଛି।
–ଜେନେରାଲ ମନୋଜ ମୁକୁନ୍ଦ ନରୱଣେ, ସ୍ଥଳସେନା ମୁଖ୍ୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଅଭିନନ୍ଦନ
ପରିବାରବର୍ଗ


ମାମା
ପରିବାରବର୍ଗ


ଶିବ
ପରିବାରବର୍ଗ


ରାମଚନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲା କଂଗ୍ରେସ

**ବାଙ୍କୀ ଡବଲ ମର୍ଡର ଘଟଣା**

**ରାଜ୍ୟ ବଜେଟକୁ ନେଇ ନିରଞ୍ଜନଙ୍କ ସମାଲୋଚନା**

ଭୁବନେଶ୍ୱର,୨୦।୨(ବ୍ୟୁରୋ)

କଟକ ଜିଲା ବାଙ୍କୀଠାରେ କିଛିଦିନ ତଳେ ଘଟିଥିବା ଡବଲ ମର୍ଡର ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ସିଧାସଳଖ କଂଗ୍ରେସ ଟାର୍ଗେଟ କରିଛି। ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦାବି କରିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି , ବାଙ୍କୀରେ କଂଗ୍ରେସର ଜଣେ ସରପଞ୍ଚଙ୍କ ସ୍ୱାମୀ ଏବଂ ତାଙ୍କ ସାଙ୍ଗରେ ଥିବା ଜଣେ ଖବରଦାତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ରାଜନୈତିକ ଶତ୍ରୁତା ପାଇଁ ସେମାନଙ୍କୁ ହତ୍ୟା କରାଯାଇଛି। ଏଥିରେ ବିଜେଡି ନେତାଙ୍କ ସମ୍ପୃକ୍ତି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହିଂସାର ଡାକରା ଦେଇଥିବା ବେଳେ ତାଙ୍କ ଦଳ ଲୋକମାନେ ଏପରି କରୁଛନ୍ତି। ଏହି ଘଟଣାକୁ ସେ ତୀବ୍ର ନିନ୍ଦା କରିଛନ୍ତି। ସରକାର ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରନ୍ତୁ। ଏହା ପଛରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହା ବାହାର କରାଯାଉ ବୋଲି ନିରଞ୍ଜନ କହିଛନ୍ତି। ଏହାସହ ଗତ ୧୭ ତାରିଖରେ ହତ୍ୟାର ଶିକାର ହୋଇଥିବା ଭଗବାନ ସ୍ୱାଇଁଙ୍କ ଘରକୁ ଯାଇଥିବାବେଳେ ସମ୍ପୂର୍ଣ୍ଣ ଗାଁରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା ବୋଲି ନିରଞ୍ଜନ କହିଛନ୍ତି।

ରାଜ୍ୟ ବଜେଟକୁ ନେଇ ନିରଞ୍ଜନ କହିଛନ୍ତି, ରାଜ୍ୟ ସରକାର ଆଣିଥିବା ୨୦୨୦-୨୧ ବଜେଟରେ ଓଡିଶାକୁ ଦେବାଳିଆ, ଅନଗ୍ରସରତା, ବେକାରି ବୃଦ୍ଧି ଭିତରକୁ ଠେଲି ଦେବାର ବ୍ୟବସ୍ଥା ରହିଛି। କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାର ମୌଳିକ ଆବଶ୍ୟକତା ପ୍ରତି ଅଣଦେଖା କରାଯାଇଛି। ଖଣିଜ ସମ୍ପଦ ବିକ୍ରିରୁ ଅଧିକ ଆଦାୟ କରିବାକୁ ଉଦ୍ୟମ କରିଛି। ଏହା ସମ୍ପୂର୍ଣ୍ଣ ଅସ୍ୱଚ୍ଛ ବଜେଟ। ରାଜ୍ୟରେ ବେକାରି ସଂଖ୍ୟା ବୃଦ୍ଧି ପାଇଛି। ୨୦୧୮-୧୯ରେ ଦରମା ବାବଦରେ ଖର୍ଚ୍ଚ ମୋଟ ଆୟର ୨୩.୭୮ପ୍ରତିଶତ ଥିଲା, ମାତ୍ର ୨୦୨୦-୨୧ ବଜେଟରେ ୨୨.୫୯ପ୍ରତିଶତକୁ କମିଛି। କର୍ମଚାରୀଙ୍କ ବକେୟା ମହଙ୍ଗା ଭତ୍ତା ୪୦ପ୍ରତିଶତ ଦିଆଯାଇନାହିଁ। ଉନ୍ନୟନ ଖର୍ଚ୍ଚ ମଧ୍ୟ ହ୍ରାସ ପାଇଛି, ଏଭଳି ସ୍ଥିତିରେ କେନ୍ଦ୍ର ମଧ୍ୟ ବଜେଟରେ ଓଡିଶା ଅନୁଦାନକୁ କମାଇଦେଇଛି। ତେଣୁ ସରକାର ବଜେଟରେ ବରାଦ କରିଥିବା ଅର୍ଥ କେଉଁଠାରୁ ଆଣିବେ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।

# ମୀନାକ୍ଷୀ ମିଶ୍ର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ: ଭାଜପା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ପୋଲିସଠାରୁ ନ୍ୟାୟ ନ ପାଇ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିବା ବ୍ରହ୍ମପୁର ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ଯଦି ସରକାର ଓ ପ୍ରଶାସନ ତାଙ୍କ ଅଭିଯୋଗ ଶୁଣିଥାନ୍ତେ ତେବେ ମୀନାକ୍ଷୀଙ୍କ ମୃତ୍ୟୁ ହୋଇ ନ ଥାଆନ୍ତା ବୋଲି ଭାଜପା ଅଭିଯୋଗ କରିଛି। ଏହାସହ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହସ୍ତକ୍ଷେପ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଭାଜପା ଦାବି କରିଛି।

ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡା କହିଛନ୍ତି, ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର, ଗୃହ ବିଭାଗ ଏବଂ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ। ବିଜେଡି ନେତ୍ରୀ ପ୍ରଶାସନ ପାଖରୁ ନ୍ୟାୟ ନ ପାଇ ଆତ୍ମହତ୍ୟା କରି ଜୀବନ ହାରିବା ଘଟଣା ସମଗ୍ର ନାରୀଜାତିକୁ ଅପମାନିତ କରିଛି। ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ଏଥିରେ ମର୍ମାହତ ହୋଇଛି। ରାଜ୍ୟ ସରକାର ନାରୀମାନଙ୍କୁ ସୁରକ୍ଷା ଦେବାରେ ଫେଲ୍ ମାରିଛନ୍ତି। ପୀଡିତାଙ୍କ ସମସ୍ୟା ଶୁଣିବା ପାଇଁ ପୋଲିସ ପ୍ରଶାସନ ପାଖରେ ସମୟ ନାହିଁ। ରାଜ୍ୟରେ କୌଣସି ଘଟଣା ଘଟିଲା ପରେ ପୋଲିସ ଉଦାସୀନ ମନୋଭାବ ଦେଖାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପରିଡା କହିଛନ୍ତି। ଥାନାକୁ ଜଣେ ନିରୀହ ଲୋକ ଗଲେ ପୋଲିସ ତାଙ୍କ ସହ ଦୁର୍ବ୍ୟବହାର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଆଧ୍ୟାତ୍ମିକ ଗ୍ରହ ଶନିଙ୍କ ସହ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କୁ ଧାର୍ମିକ ଭାବନାରେ ନିମଜ୍ଜିତ କରାଇବ। ପାରିବାରିକ ଜୀବନରେ ସହନଶୀଳତା ଏବଂ ମନକୁ ସୁହାଇଲା ଭଳି କଥାକହି ପରିବେଶକୁ ହାଲୁକା କରିବେ। ଆଲୋଚନାକାଳରେ ମନକଥାକୁ ମନ ଭିତରେ ଚାପି ରଖି ବନ୍ଧୁଙ୍କ ସହ କଥା ହେବାକୁ ପଡିପାରେ।

**ବୃଷ**
କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ଆପଣଙ୍କୁ ଦୃଢ ମନୋବଳ ଓ ପ୍ରବଳ ଉତ୍ସାହ ପ୍ରଦାନ କରିବ। ରବିଙ୍କ ସ୍ୱଗୃହାବଲୋକନ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ ଲୋକସମ୍ପର୍କ ବୃଦ୍ଧିରେ ସହାୟକ ହେବ। କିନ୍ତୁ ରୋହିଣୀର ଜନ୍ମତାର ଯୋଗୁ ସାମୟିକ ସ୍ୱାସ୍ଥ୍ୟହାନି ସହ କର୍ମକ୍ଷେତ୍ରରେ ଆଂଶିକ ସଫଳତା ପାଇବେ।

**ମିଥୁନ**
ଚତୁର୍ଥାଧିପ ନିଜରାଶିରୁ ଷଷ୍ଠଭାବସ୍ଥ ଯୋଗୁ ପରିବାରରେ ମତଭେଦ କାରଣରୁ କଳହ ସୃଷ୍ଟି ହୋଇପାରେ। ଆକସ୍ମିକ କୌଣସି ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। ଜନସେବା ପ୍ରତି ମନ ବଳିବ କିନ୍ତୁ ସହକର୍ମୀ କେହି ବିଶୃଙ୍ଖଳା ପ୍ରଦର୍ଶନ କରି ପରିସ୍ଥିତିକୁ ଜଟିଳ କରିପାରନ୍ତି। ବନ୍ଧୁଙ୍କ ଦେଖା ନ ପାଇ ବ୍ୟସ୍ତ ହେବେ।

**କର୍କଟ**
ଶନି ଓ ଚନ୍ଦ୍ରଙ୍କ ସଂଯୋଗରୁ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ସମୟ କଟାଇବେ। ଆଜି ହଠାତ୍ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କଲେ ନିଶ୍ଚିତ ସମସ୍ୟାରୁ ରକ୍ଷା ପାଇପାରିବେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ବାସ୍ତବରେ କିଛି ହେବନି।

**ସିଂହ**
ଶତ୍ରୁଗୃହରେ ରାଶ୍ୟାଧିପ ଏବଂ ବ୍ୟୟଭାବକୁ ଚନ୍ଦ୍ର ଓ ଶନିଙ୍କ ଯୋଗୁଁ ଭ୍ରମଣ ଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ବିବାଦୀୟ ଘଟଣାରେ ଆତ୍ମୀୟମାନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ବୁଝାମଣା ନେଇ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ, ଆଲୋଚନାରେ ଆଂଶିକ ସଫଳତା ମିଳିବ।

**କନ୍ୟା**
ଶୁକ୍ରଙ୍କ ଶୁଭଦୃଷ୍ଟିରୁ ବନ୍ଧୁଗହଣରେ ହସଖୁସୀରେ ସମୟ କଟାଇବେ ଏବଂ ସାମାଜିକ ସ୍ତରରେ ମଧ୍ୟ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କିନ୍ତୁ ବାଣିକାରକ ବୁଧଙ୍କ ଅଶୁଭତ୍ୱରୁ କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବା ସମୟରେ ସମସ୍ୟା ଉପୁଜିପାରେ।

**ତୁଳା**
କର୍ମାଧିପ ଏବଂ ରାଶ୍ୟାଧିପଙ୍କ ଶୁଭତ୍ୱ ଦୃଷ୍ଟିକୋଣରୁ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଆର୍ଥିକ ସ୍ଥିତି,ପାରିବାରିକ ପରିସ୍ଥିତି, ବ୍ୟବସାୟ ଓ ବାଣିଜ୍ୟ ତଥା ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ପାଇବେ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳତା ଓ ନୀରବତା ସମସ୍ୟା ସମାଧାନର ମାର୍ଗକୁ ଉନ୍ମୁକ୍ତ କରିବ। ଆଜି ଆପଣ ଯାହା କରନ୍ତୁନା କାହିଁକି, ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସବୁ ଭଲ ହେଲେ ମଧ୍ୟ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକି ରହିବନାହିଁ। ଯେତେ ଭଲକାମ କରନ୍ତୁ ନା କାହିଁକି ନିଜ ନିଜର ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଦାଉ ସାଧିବେ। ଯାନ୍ତ୍ରିକତ୍ରୁଟି, ଅର୍ଥାଭାବ, ବନ୍ଧୁଙ୍କ ସହ ସମ୍ପର୍କହାନି ପରିସ୍ଥିତିକୁ ବିଗାଡି ଦେଇପାରେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗରୁ ଚିନ୍ତିତ ହେବେ।

**ମକର**
ରାଶ୍ୟାଧିପତିଙ୍କ ପ୍ରଭାବରେ ବହୁତ ଦିନରୁ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ପିଲାମାନଙ୍କ ପଢା ସମସ୍ୟା କିମ୍ବା ଆଲୋଚନାରେ ବିଫଳତା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶ୍ରବଣା ନକ୍ଷତ୍ରର କାର୍ଯ୍ୟସିଦ୍ଧି ସଙ୍ଗକୁ ସାମାଜିକ ସ୍ତରରେ ପ୍ରଶଂସା ପାଇବେ। ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ହେବ।

**କୁମ୍ଭ**
ଦ୍ୱାଦଶଭାବରେ ଶନି ଆପଣଙ୍କୁ କର୍ମଜଞ୍ଜାଳ ମଧ୍ୟରେ ଅନିଦ୍ରାଜନିତ କ୍ଳାନ୍ତି ଓ ଅବସନ୍ନ କରାଇପାରେ। ସହକର୍ମୀମାନଙ୍କ ସହ ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ଶୁକ୍ର ଓ ଚନ୍ଦ୍ରଙ୍କ ସ୍ଥିତିରୁ ସଙ୍ଗୀତ ସମାରୋହ, ପୁରାଣପଠନ, ମନୋରଞ୍ଜନାଦି କାର୍ଯ୍ୟକ୍ରମକୁ ଉପଭୋଗ କରିପାରନ୍ତି।

**ମୀନ**
ବୃହସ୍ପତି ପାପଗ୍ରହ କେତୁ ଯୁକ୍ତ କାରଣରୁ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ ହେବ। ପରିବାରରେ ନିଜ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ସମସ୍ୟା ହୋଇପାରେ। କେତେକ ଘଟଣାରେ ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି। ବନ୍ଧୁମିଳନ ମାଧ୍ୟମରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟଦେଇ ସମୟ ଅତିବାହିତ ହେବ।

ଆଜି ସ୍ମାର୍ତ୍ତସମ୍ମତ ମହାଶିବରାତ୍ରି, ଜାଗରଯାତ୍ରା, ବିଶ୍ୱ ମାତୃଭାଷା ଦିବସ, ଶ୍ରୀମା'ଙ୍କ ଜୟନ୍ତୀ, ଫେବୃୟାରୀ ୨୧ ତାରିଖ, ଶୁକ୍ରବାର, ଦିବା ଘ.୯।୨୧ମି. ଗତେ, ରାଶି ନକ୍ଷତ୍ର, ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ସକାଳ ଘ.୭।୪୮ମି. ମଧ୍ୟେ ଘ.୮ ।୩୩ମି. ଗତେ, ଘ.୧୦ ।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ.୭।୪୨ମି. ଗତେ ଘ.୯ ।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦ ।୩୪ମି. ଗତେ ଘ.୧୨ ।୦୦ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଆଖିବୁଜିଲେ...

ମହିଳା କମିଶନ ଗୁରୁତ୍ୱର ସହ ନେଇଛନ୍ତି। କମିଶନ ଅଧକ୍ଷା ମିନତି ବେହେରା କହିଛନ୍ତି, ପ୍ରକୃତ ଘଟଣା କ'ଣ ହୋଇଥିଲା। କ'ଣ ପାଇଁ ମୀନାକ୍ଷୀ ଆତ୍ମାହୁତି ଦେଇଥିଲେ, ତାହାର ଅନୁଧ୍ୟାନ କରାଯାଉଛି। ସୂଚନାଯୋଗ୍ୟ, ଜାନୁୟାରୀ ୨୮ରେ କେତେଜଣ ଦୁର୍ବୃତ୍ତ ମୀନାକ୍ଷୀଙ୍କ ଘରକୁ ଯାଇ ତାଙ୍କର ଏକମାତ୍ର ପୁଅ ରାଜାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ମା' ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ମା' ଓ ପୁଅ ଉଭୟ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ। ପୋଲିସ ତାଙ୍କ ଅଭିଯୋଗକ୍ରମେ ପ୍ରଥମେ ଜଣେ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଥିଲା। ପରେ ଆଉ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କିନ୍ତୁ ଜଣେ ଅଭିଯୁକ୍ତଙ୍କ ଅଭିଯୋଗକ୍ରମେ ଆହତ ରାଜାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାର ପ୍ରତିବାଦରେ ମା' ମୀନାକ୍ଷୀ ଆତ୍ମାହୁତି ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ଦେଖାଶୁଣା କରିବା ପାଇଁ କେହି ନ ଥିଲେ। ତେଣୁ ଜେଲରେ ଥିବା ପୁଅ ରାଜା ଜାମିନ ପାଇଁ ଆବେଦନ କରିଥିଲେ। କୋର୍ଟ ତାଙ୍କୁ ଗତ ୧୩ରେ ଅନ୍ତରୀଣ ଜାମିନ ଦେବା ପରେ ରାଜା କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ମା'ଙ୍କ ନିକଟକୁ ଯାଇ ଦେଖାଶୁଣା କରିଥିଲେ। ଏହାପରେ ଗତ ୧୪ ତାରିଖରେ ମା' ମୀନାକ୍ଷୀଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରିଥିଲେ। ହସ୍‌ପିଟାଲ ଆଇସିୟୁରେ ରହି ମୃତ୍ୟୁ ସହ ସଂଗ୍ରାମ କରୁଥିବା ମୀନାକ୍ଷୀଙ୍କ ଗୁରୁବାର ମୃତ୍ୟୁ ଘଟିଛି।

### ଭୁବନେଶ୍ୱର ଏମ୍ସର ଅବାନ୍ତର...

ନିର୍ଦ୍ଦେଶ ରହିଛି। ଏମ୍ସର ଏଭଳି ଅବାନ୍ତର ନିଷ୍ପତ୍ତି କର୍ମଚାରୀ, ଅଧ୍ୟୟନରତ ଛାତ୍ରୀଛାତ୍ର ଓ ରୋଗୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଏଥିରୁ ଜଣାପଡୁଛି। ବାହାର ରାଜ୍ୟରୁ ଆସୁଥିବା ସରକାରୀ କର୍ମଚାରୀ ଏଠାରେ ସମସ୍ତଙ୍କ ଉପରେ ହିନ୍ଦୀ ଭାଷାକୁ ଲଦିଦେବାକୁ ପ୍ରୟାସ କରୁଛନ୍ତି। ତେଣୁ ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ବିଚାର କରିବା ଦରକାର ବୋଲି ବିଭିନ୍ନ ମହଲରୁ ଦାବି ହେଉଛି। ଅନ୍ତର୍ଜାତୀୟ ମାତୃଭାଷା ଦିବସର ଅବ୍ୟବହିତ ପୂର୍ବରୁ ଏମ୍ସ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଓଡ଼ିଆ ଭାଷାରେ କଥା ଓ ଲେଖାପଢ଼ା କରୁଥିବା ବ୍ୟକ୍ତିଙ୍କୁ ଅସୁବିଧାରେ ପକାଇବ ବୋଲି କୁହାଯାଉଛି।

### ଧାମରା ବନ୍ଦରରେ...

କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ। ବାଂଲାଦେଶର ଜାହାଜ ଦ୍ରବ୍ୟ ଇସ୍ପାତ ନେବାକୁ ଏଠାରେ ଲାଗିଛି। ଜାହାଜର ୨୨ଜଣ ଲେଖାଏ ମୋଟ ୪୪ଜଣ କର୍ମଚାରୀ ଚାଇନାର ଅଛନ୍ତି। ଧାମରା ବନ୍ଦରକୁ ଆସିବା ପୂର୍ବରୁ ସେମାନେ ବାଂଲାଦେଶର ଚିଟାଗଞ୍ଜ ବନ୍ଦରରେ ଅବତରଣ କରିଥିବାର ରିପୋର୍ଟ ରହିଛି। ସେମାନେ ଜାହାଜରେ କାମ କରିବା ଓ ଜଳପଥରେ ରହିବା କାରଣରୁ ଦୀର୍ଘଦିନ ହେବ ନିଜ ଦେଶକୁ ଯାଇନାହାନ୍ତି। ଫଳରେ ସେମାନେ କରୋନା ଆକ୍ରାନ୍ତ ହେବା ଆଶଙ୍କା ନାହିଁ ବୋଲି ବନ୍ଦର କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ଧାମରା ବନ୍ଦରର ସୁରକ୍ଷା ବିଭାଗ ମୁଖ୍ୟ ସୁନୀଲ କୁମାର ଏଠାରେ କରୋନା ସଂକ୍ରମଣରୁ ସୁରକ୍ଷା ଲାଗି ବ୍ୟବସ୍ଥା କରାଯାଇଥିବା ସମ୍ପର୍କରେ ଧାମରା ଥାନା, ଜିଲାପାଳ, ଏସ୍‌ପି ଓ ସିଡିଏମ୍‌ଓଙ୍କୁ ଅବଗତ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର କହିଛନ୍ତି, ଧାମରା ବନ୍ଦରରେ ଲାଗୁଥିବା ଜାହାଜ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏହାକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ।

### ସେନା ଚାକିରି...

ମହାପ୍ରଭୁଙ୍କୁ ହାତଯୋଡ଼ି ମୁଣ୍ଡିଆ ମାରିଥିଲେ। ପରେ ସ୍ନାନ, ଶୌଚ ଆଦି ନିତ୍ୟକର୍ମ ଶେଷ କରି ଶ୍ରୀମନ୍ଦିରକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ମନ କଥା ଜଣାଇଥିଲେ। ସୌରଭଙ୍କ ସମ୍ପର୍କରେ ଖବର ପାଇ ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସେବାୟତ ବିନାୟକ ଦାସମହାପାତ୍ର, କ୍ରୀଡ଼ା ସଙ୍ଗଠକ ସବ୍ୟସାଚୀ ରଥଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ସିଂହଦ୍ୱାରଠାରେ ପହଞ୍ଚି ତାଙ୍କୁ ସ୍ୱାଗତ କରିଥିଲେ। ମହାପ୍ରଭୁ ତାଙ୍କୁ ଆଶୀର୍ବାଦ ଦିଅନ୍ତୁ, ସେ ତାଙ୍କ ଲକ୍ଷ୍ୟସ୍ଥଳରେପହଞ୍ଚନ୍ତୁବୋଲିକ୍ରୀଡ଼ାଅଧିକାରୀସାହୁକହିଥିଲେ।

ଏହି ନିଆରା ପ୍ରୟାସ ସମ୍ପର୍କରେ ସୌରଭ କହିଛନ୍ତି, ବାପାଙ୍କ ସ୍ୱପ୍ନ ଓ ନିଜର ଇଚ୍ଛାକୁ ପୂରଣ କରିବା ପାଇଁ ମୁଁ ଏଭଳି ନିଷ୍ପତ୍ତି ନେଲି। ସେନାରେ ଯୋଗଦେବା ଲାଗି ଏକାଧିକ ଥର ପରୀକ୍ଷା ଦେଲିଣି, ହେଲେ ଲିଖିତ ପରୀକ୍ଷାରେ କଟିଯାଉଛି। ନିକଟରେ ମା' ତାରିଣୀଙ୍କ ପାଖକୁ ଦୌଡ଼ି ଦୌଡ଼ି ଯାଇ ଦର୍ଶନ କରି ମୋ' ଗୁହାରି ଜଣାଇଥିଲି। ଏବେ ମହାପ୍ରଭୁଙ୍କୁ ଭରସା କରି ତାଙ୍କ ଆଶୀର୍ବାଦ ପାଇଁ ଦୌଡ଼ି ଦୌଡ଼ି ପୁରୀ ଆସିଛି।

### ପାନ୍ କାର୍ଡ ନୁହେଁ...

ଦସ୍ତାବିଜ ତାଙ୍କ ବାପା ଓ ଭାଇଙ୍କ ସହ ସମ୍ପର୍କକୁ ପ୍ରମାଣିତ କରୁ ନ ଥିବାରୁ ସେଗୁଡ଼ିକ ଗ୍ରହଣଯୋଗ୍ୟ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ବକ୍‌ସା ଜିଲାସ୍ଥିତ ଫରେନର୍ସ ଟ୍ରିବ୍ୟୁନାଲ ନାଗରିକତ୍ୱ ପ୍ରମାଣ ଲାଗି ଜାବେଦାଙ୍କୁ ଏକ ନୋଟିସ ଜାରି କରିଥିଲେ। ସେ ଟ୍ରିବ୍ୟୁନାଲରେ ହାଜର ହୋଇ ୧୪ଟି ଦସ୍ତାବିଜ ଦାଖଲ କରିବା ସହ ଜନ୍ମଗତ ଭାବେ ଭାରତୀୟ ନାଗରିକ ବୋଲି ନିଜକୁ ଦାବି କରିଥିଲେ। ସେହି ଦସ୍ତାବିଜଗୁଡ଼ିକ ମଧ୍ୟରେ ରହିଛି ପାନ୍ କାର୍ଡ, ରାଶନ କାର୍ଡ, ଦୁଇଟି ବ୍ୟାଙ୍କ ପାସ୍‌ବୁକ୍, ଅନେକ ଜମି ଖଜଣା ରସିଦ ଏବଂ ତାଙ୍କ ବାପା ଜାବେଦ୍ ଅଲିଙ୍କ ଏନ୍‌ଆର୍‌ସି ତଥ୍ୟ। ଏହାସହ ସେ ନିଜ ତଥା ସ୍ୱାମୀ, ମା'ବାପା ଓ ଆଈଅଜାଙ୍କ ନାମ ଉଲ୍ଲେଖ ଥିବା ଭୋଟର ତାଲିକାର ନକଲ ମଧ୍ୟ ଦାଖଲ କରିଥିଲେ। ତେବେ ଗାଁ ମୁଖ୍ୟ ଜଣେ ବ୍ୟକ୍ତିଙ୍କ ନାଗରିକତ୍ୱ ସପକ୍ଷରେ ପ୍ରମାଣପତ୍ର ଦେବା ପାଇଁ ଯୋଗ୍ୟ ନୁହନ୍ତି। ବ୍ୟାଙ୍କ ଦସ୍ତାବିଜଗୁଡ଼ିକ ମଧ୍ୟ ତାଙ୍କର ବୋଲି ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଦର୍ଶାଇ ଟ୍ରିବ୍ୟୁନାଲ ସେଗୁଡ଼ିକୁ ଗ୍ରହଣ କରି ନ ଥିଲେ। ଜାବେଦା ହାଇକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ହେଲେ ହାଇକୋର୍ଟ ମଧ୍ୟ ଏହିସବୁ ଦସ୍ତାବିଜକୁ ନାଗରିକତ୍ୱ ପ୍ରମାଣ ପାଇଁ ବୈଧ ନୁହେଁ ବୋଲି ଦର୍ଶାଇ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଏହାପୂର୍ବରୁ ୨୦୧୬ରେ ମଧ୍ୟ ଗୁଆହାଟୀ ହାଇକୋର୍ଟ ଅନ୍ୟ ଏକ ମାମଲାରେ ପାନ୍ କାର୍ଡ ଓ ବ୍ୟାଙ୍କ ଦସ୍ତାବିଜକୁନାଗରିକତ୍ୱରପ୍ରମାଣନୁହେଁବୋଲିରାୟ୍‌ଦେଇଥିଲେ।


## classifieds Everyday
0674-2580101, 2549302




**SALE**

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

ଭୁବନେଶ୍ୱର ଜଟଣୀଗେଟ୍ ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843. D-68488

Bhubaneswar AIIMS ନିକଟରେ yellowzone ଏବଂ BDA ପ୍ଲାନ ଏରିଆ ଥାଇ ଘରବାରି ପ୍ଲଟ (40x36x3) ବିକ୍ରିହେବ। 9861237472. D-67748

ଭୁବନେଶ୍ୱର ହଂସପାଳଛକ ଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

ଭୁବନେଶ୍ୱର ପଟିଆ ରେଲ୍‌ୱେ ଷ୍ଟେସନରୁ 500 ମିଟର ଦୂରରେ yellowzone ପ୍ଲଟ୍ ବର୍ଗଫୁଟକୁ ୬୫୦/-, 9938846611, 8327714482. D-68592

2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746. D-68491

2400sqft. corner plot with boundary wall, electricity near Infocity-2 7008818121, 9938770157. D-68493

2BHK flat 1120sqft. adjecent to Mountlitera Zee School Kateni, Bhubaneswar for sale @ 18,50,000/-** 9937847725. D-16807




2BHK flat with parking at Lingipur rent family. Contact: 7894381416. D-59945

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

Independant ground floor, 3000sqft. five rooms, Dining, Store, Kitchen, Servant room, Three Toilets, Parking main road IRC Village, Bhubaneswar, 8249254037, 8289254736. D-67747




Shivam logistic packers movers. Household/ car relocation countrywide. 9777044177, 9338461133. D-16741




Ayurvedic full body massage ladies and gents. Contact: 9861064981. D-68789

Sai herbal spa refresh your body with smart, expert therapist. 7608062524. D-69205

Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217




10th, +2, +3ରେ ଭଲ percentage ସହ guaranteed ପାସ୍‌ପାଇଁ VIDYASHREE 0674-2551286, 9337188619. D-68593

**Anniversary Wish**



Happy 24th anniversary to Papa Mama.
May you live together forever... we love you...
Best Wishes from:
Puppy, Lucky, Kanha
D-16810




Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokhariput, Bhubaneswar. Contact: 9668732935. D-67291

**LOST**

ମୁଁ ଅନୁସୟା ସାହୁ, ସ୍ୱାମୀ- ପ୍ରମୋଦ କୁମାର ସାହୁ, ଗ୍ରାମ- ପାଣମୁର୍ଗା, ପୋ- ଘଟିପିରି, ଥାନା- ସଦର, ଜିଲ୍ଲା- ଢେଙ୍କାନାଳ ଘୋଷଣା କରୁଅଛି କି, ପାଣମୁର୍ଗା ଗ୍ରାମର ଗୌରାଙ୍ଗ ଜେନା, ପିତା- ଉଉଳା ଜେନାଙ୍କ ଠାରୁ ଖାତା ନଂ- ୮୬, ପ୍ଲଟ୍ ନଂ- ୫୩୧. ଏ ୦.୨୪, RSD No. 10501107775, dtd. 19.12. 2011 ରେ ଜମି କିଣାଯାଇଛି। ଉକ୍ତ ଜମିର କବଲାଟି ପାଣମୁର୍ଗାରୁ ଢେଙ୍କାନାଳ ଆସିବା ବାଟରେ କେଉଁଠାରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ। ଅନୁସୟା ସାହୁ, ଫୋନ- ୮୯୧୭୩୭୩୭୩୮। ଧ-୬୭୮୪୨

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

ଏତଦ୍ଵାରା ଆମ୍ଭେ ସତ୍ୟପାଠ ଜରିଆରେ ଘୋଷଣା କରୁଅଛୁ, ଆମ୍ଭେ ଚକ୍ରଧର ଗୋଛାୟତ, ପିତା- ପ୍ରାଣକୃଷ୍ଣ ଗୋଛାୟତ, ଗ୍ରାମ- ଗୋଠଗଡିଆ, ପୋଅ- ନଳବାହାର, ଥାନା- ବସ୍ତା, ଜିଲ୍ଲା- ବାଲେଶ୍ୱର ଆମ୍ଭ ନାମରେ ନଳବାହାର ମୌଜାରେ ଥିବା ଖାତା ନଂ-୫୨ ବିଶିଷ୍ଟ ଅରିଜିନାଲ୍ ପଟ୍ଟାଟି ହଜିଯାଇଛି। ଯଦି କେହି ଏହି ପଟ୍ଟାର ସନ୍ଧାନ ପାଆନ୍ତି ମୋବାଇଲ ନଂ ୬୩୭୧୪୯୧୮୬୬ ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୬୮୦୮

**AFFIDAVIT**

By virtue of an affidavit before Notary Public, Bhubaneswar I, Nalinipravа Patra, W/o- Abhiram Patra, R/o- Gangeswar, PO- Bhatapatna, Dist- Cuttack declare that before marriage my name was "Nalinipravа Nayak" and after marriage I known as "Nalinipravа Patra". Henceforth Nalinipravа Nayak & Nalinipravа Patra is one and same person for all purposes. D-69219

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଚନ୍ଦ୍ରାବାବୁଙ୍କଠାରୁ ନାତି ଧନୀ**

ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କଠାରୁ ତାଙ୍କ ୫ ବର୍ଷର ନାତି ଅଧିକ ଧନୀ। ୨୦୧୮-୧୯ ଆର୍ଥିକ ବର୍ଷରେ ଚନ୍ଦ୍ରାବାବୁଙ୍କ ସମ୍ପତ୍ତି ୩୦ ପ୍ରତିଶତ ବୃଦ୍ଧି ପାଇଛି। ଏହା ସତ୍ତ୍ୱେ ତାଙ୍କଠାରୁ ନାତିଙ୍କ ସମ୍ପତ୍ତି ୧୫.୫୫ କୋଟି ଟଙ୍କା ଅଧିକ ଦର୍ଶାଯାଇଛି। ଚନ୍ଦ୍ରାବାବୁଙ୍କ ପୁଅ ତଥା ଟିଡିପି ସାଧାରଣ ସମ୍ପାଦକ ନର ଲୋକେଶ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପରିବାରର ସମ୍ପତ୍ତି ସମ୍ପର୍କରେ ଘୋଷଣା କରିଛନ୍ତି।




# ମହାନଦୀରେ ନିର୍ମାଣ ହେବ ଆଉ ୭ ବ୍ୟାରେଜ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ମହାନଦୀର ନିମ୍ନସ୍ରୋତରେ ପ୍ରସ୍ତାବିତ ୭ ବ୍ୟାରେଜ୍ ମଧ୍ୟରୁ ୫ ବ୍ୟାରେଜ ପାଇଁ ପ୍ରାରମ୍ଭିକ ଅନୁସନ୍ଧାନ କାର୍ଯ୍ୟ ସମାପ୍ତ କରାଯାଇ ତାହାର ପ୍ରି-ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସେହିପରି ଅନ୍ୟ ୨ ବ୍ୟାରେଜ ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ଅନୁସନ୍ଧାନ ଜାରି ରହିଥିବା ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି। ୨୦୧୮ ମସିହାରେ ଜଳସମ୍ପଦ ବିଭାଗ ପକ୍ଷରୁ ୭ ବ୍ୟାରେଜ ଏବଂ ମହାନଦୀର ଉପ ଓ ଶାଖା ନଦୀଗୁଡ଼ିକରେ ୨୩ ସେଚ ପ୍ରକଳ୍ପ ନିର୍ମାଣ ନେଇ କୁହାଯାଇଥିଲା। ଏହିସବୁ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା କେତେ ମାତ୍ରାରେ ଅଗ୍ରଗତି ହୋଇଛି, ସେ ନେଇ ଆସିଥିବା ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ରଘୁନନ୍ଦନ ଏହା କହିଛନ୍ତି। ବିଜେଡି ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଅଣତାରକା ପ୍ରଶ୍ନ ନଂ ୭୬୩ର ଉତ୍ତର ଦେଇ ମନ୍ତ୍ରୀ ଏହା କହିଛନ୍ତି।

ବିଜେପୁର ଲିଫ୍ଟ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। କୁସୁମିର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ସାନ୍ଧୁଲ, ଅହିରାଜୋର, ରାନଜୋର, ଜୀରା ଲୋୟର ଲାଣ୍ଟ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରୀ ପାଇଁ କାର୍ଯ୍ୟ ଚାଲିଛି। କୁଟୁଲିସିଘାଂ ପୁନର୍ବସତି ଓ ପୁନଃ ଥଇଥାନ, ପରିବେଶ ମଞ୍ଜୁରୀ ଓ ଜଙ୍ଗଲ ମଞ୍ଜୁରୀ ପାଇଁ କାର୍ଯ୍ୟ ଚାଲୁଛି। ଅଙ୍ଗ ସେଚ ପ୍ରକଳ୍ପ ପାଇଁ ସମସ୍ତ ବୈଧାନିକ ମଞ୍ଜୁର ପ୍ରାପ୍ତ ହୋଇଛି। ହେଲେ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକ ଏହାକୁ ବିରୋଧ କରୁଥିବା ଜଣାପଡିଛି। ଇବ୍ ପ୍ରକଳ୍ପ କେନ୍ଦ୍ରୀୟ ଜଳ ଆୟୋଗଙ୍କ ବୈଷୟିକ ଅନୁମୋଦନ ମିଳିଛି। ଗ୍ରାମବାସୀଙ୍କ ବିରୋଧ ଯୋଗୁ ଗ୍ରାମ ସଭା ହୋଇନାହିଁ। ତେଣୁ ପରିବେଶ ଓ ଜଙ୍ଗଲ ମଞ୍ଜୁରୀ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇପାରୁନାହିଁ। ଅପରଲାଣ୍ଟ ପ୍ରକଳ୍ପର ପରିବେଶ ମଞ୍ଜୁରୀ ଓ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରୀ ପ୍ରାପ୍ତ ହୋଇଛି। ଅପର-ଉଦନ୍ତୀ ଡିପିଆର କେନ୍ଦ୍ରୀୟ ଜଳ ଆୟୋଗଙ୍କ ନିକଟକୁ ଅନୁମୋଦନ ପାଇଁ ଯାଇଥିବା ଜଣାପଡିଛି। ସେହିଭଳି ଖଡାଗୋ ଏବଂ ଲୋୟର ଉଦନ୍ତୀ ଫିଜିବିଲିଟି ରିପୋର୍ଟ ଅନୁମୋଦନ ଅପେକ୍ଷାରେ ରହିଛି। ମହାନଦୀ ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବାରୁ ତେଲ-ଇଣ୍ଟିଗ୍ରେଟେଡ୍ ଏବଂ ତେଲିଜୋର ପ୍ରକଳ୍ପ ଡିପିଆର ଅନୁମୋଦନ ହୋଇନାହିଁ। ବ୍ରାହ୍ମଣୀପଦ, ଉତ୍ତେଇ ଏବଂ ଲକ୍ଷ୍ମୀପଥର ସର୍ଭେ ଓ ଅନୁସନ୍ଧାନ ଚାଲୁଅଛି। ଲମ୍ବୋଦରା ଓ ସୁରୁବାଲିଜୋରରେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନି।

# ସଙ୍କୁଚିତ ହୋଇଛି ଦୟା କେନାଲର ଜଳସେଚନ କ୍ଷମତା

## ■ କେନାଲକୁ ନେତା, ଅଫିସର ମାଡ଼ି ବସିଛନ୍ତି: କଂଗ୍ରେସ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଦୟା ୱେଷ୍ଟ ଶାଖା କେନାଲ ଭୁବନେଶ୍ୱର ଓ ଜଟଣୀ ବ୍ଲକର ୨,୪୧୭ ହେକ୍ଟରକୁ ଜଳ ଯୋଗାଇ ଦେବା ଲାଗି ନିର୍ମାଣ କରାଯାଇଥିଲା। କିନ୍ତୁ ଇତିମଧ୍ୟରେ ସହରୀକରଣ ଯୋଗୁ ବର୍ତ୍ତମାନ ପ୍ରାୟ ୧୩୫୦ ହେକ୍ଟରକୁ ଜଳସେଚନ ଯୋଗାଇ ଦିଆଯାଉଛି। ବୈଷୟିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୟା ୱେଷ୍ଟ କେନାଲର ସୁଆଙ୍ଗ ଅଞ୍ଚଳରେ ଲାଇନିଂ କାମ କରାଯାଉଛି। ଏହି କେନାଲର ଅଧିକାଂଶ ଅଞ୍ଚଳ ସହର ମଧ୍ୟରେ ଥିବାରୁ ଏହାର ବାମ ପାର୍ଶ୍ୱରେ ୧୩.୧୨୬ କିମି ଓ ଡାହାଣ ପାର୍ଶ୍ୱରେ ୨୩.୧୫୨ କିମି ରାସ୍ତାକୁ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇ ଉନ୍ନତୀକରଣ କରାଯାଉଛି। ରାଜ୍ୟର ଜଳସେଚନ ବିଭାଗ ଅଧୀନରେ ପ୍ରାୟ ୧୭,୩୮୮ କିମି କେନାଲ ଓ ନଦୀବନ୍ଧ ରହିଛି। ରାସ୍ତାର ଅବସ୍ଥା, ଗୁରୁତ୍ୱ ଓ ବଜେଟ ବ୍ୟୟବରାଦକୁ ଦୃଷ୍ଟିରେ ରଖି ଉନ୍ନତୀକରଣ କରାଯାଉଛି। ଗୁରୁବାର ପ୍ରଶ୍ନୋତ୍ତର ବେଳେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ସୂଚନା ଦେଇଛନ୍ତି।

ମୂଳ ପ୍ରଶ୍ନକର୍ତ୍ତା କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଦୟା ୱେଷ୍ଟ କେନାଲ ଉପରେ ସରକାରଙ୍କ ନଜର ନ ପଡ଼ିବାର କାରଣ କ'ଣ। କେନାଲରେ ଦୀର୍ଘଦିନ ଧରି ପାଣି ଆସୁନାହିଁ। ବନ୍ଧ ଉନ୍ନତି ନ କରି ପଥର ପ୍ୟାକିଂ କରିବାର କାରଣ କ'ଣ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ବିଜେଡି ସଭ୍ୟ ପ୍ରଦୀପ ମହାରଥୀ କୋଲାବ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଦୟା ୱେଷ୍ଟ କେନାଲର ଉନ୍ନତୀକରଣ କରିବା ଲାଗି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାରଥୀ କହିଥିଲେ ଯେ, ସୁର ବାବୁ ଏବଂ ମୋତେ ସାଙ୍ଗରେ ନେଇ ଉକ୍ତ ଅଞ୍ଚଳକୁ ମନ୍ତ୍ରୀ ପରିଦର୍ଶନରେ ଚାଲନ୍ତୁ। ମୂଳ ପ୍ରଶ୍ନକର୍ତ୍ତା ଅତିରିକ୍ତ ପ୍ରଶ୍ନରେ ଅଭିଯୋଗ କରିଥିଲେ ଆଇଏଏସ୍ ଅଫିସର, ଶିଳ୍ପପତି, ନେତା, ବ୍ୟବସାୟୀ କେନାଲ ଚାରିକଡ଼କୁ ବେଆଇନ ଭାବେ ମାଡ଼ି ବସିଲେଣି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମନ୍ତ୍ରୀ କହିଥିଲେ ଯେ, ଏହା ଅନୁସନ୍ଧାନ ସାପେକ୍ଷ। ଦୟା କେନାଲ ଉଭୟପାର୍ଶ୍ୱକୁ କଂକ୍ରିଟ କରାଯାଉଛି। ମହାରଥୀଙ୍କ ପ୍ରସ୍ତାବାନୁଯାୟୀ ଉକ୍ତ ଅଞ୍ଚଳକୁ ପରିଦର୍ଶନରେ ଯିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ମାର୍ଚ୍ଚ ୧୩ରୁ ଖର୍ଚ୍ଚଦାବି ଆଲୋଚନା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଜେଟ ଉପସ୍ଥାପନ କରାଯାଇଛି। ଆସନ୍ତା ମାର୍ଚ୍ଚ ୧୩ରୁ ବିଭାଗୱାରୀ ଖର୍ଚ୍ଚଦାବି ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଏହି କ୍ରମରେ ମାର୍ଚ୍ଚ ୧୨ରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ କଲ୍ୟାଣ ବିଭାଗ ସମ୍ପର୍କରେ ଆଲୋଚନା ହେବ। ୧୩ରେ ଜଳସମ୍ପଦ, ୧୪ରେ ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ୧୭ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଅବକାରୀ, ୧୮ରେ କୃଷି, ଯୋଜନା ଓ ସଂଯୋଜନା ଏବଂ ପର୍ଯ୍ୟଟନ, ୧୯ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ୨୦ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବି ଆଲୋଚନା ହେବ। ସେହିଭଳି ୨୩ରେ ଶକ୍ତି, ୨୪ରେ ସ୍ୱରାଷ୍ଟ୍ର, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ୨୫ରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ୨୬ରେ ଇସ୍ପାତ ଓ ଖଣି, ୨୭ରେ ଗୃହ ନିର୍ମାଣ ଓ ପୌର ଉନ୍ନୟନ ଏବଂ ୩୦ରେ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବ।

# ହୁକିଟୋଲାଠାରେ ନିର୍ମାଣ ହେବ ଭାସମାନ ଜେଟି

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ କେନ୍ଦ୍ରାପଡ଼ା ଜିଲାର ହୁକିଟୋଲାଠାରେ ଚଳିତବର୍ଷ ଗୋଟିଏ ଭାସମାନ ଜେଟି ନିର୍ମାଣ କରାଯିବ। ଏଥିସହ ଯିବାଆସିବା କରିବା ଲାଗି ନଦୀକୂଳଠାରୁ ହୁକିଟୋଲା ପର୍ଯ୍ୟନ୍ତ ଏକ ଆପ୍ରୋଚ୍ ରୋଡ୍ ନିର୍ମାଣ କରାଯାଉଛି। ଏଠାରେ ମଧ୍ୟ ଏକ ୱାଚ୍‌ଟାୱାର ନିର୍ମାଣ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବ୍ୟବସ୍ଥା ହୋଇଛି। ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି।

ମୂଳପ୍ରଶ୍ନରେ ବିଜେଡି ସଭ୍ୟ ଅତନୁ ସବ୍ୟସାଚୀ ନାୟକ ହୁକିଟୋଲା ଜମ୍ବୁଦ୍ୱୀପ ବତିଘରକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେଇ ଏହାର ଉନ୍ନତି ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ କି ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ବତିଘର ଓ ଜମ୍ବୁ ଦ୍ୱୀପରେ ଅବସ୍ଥିତ ହୁକିଟୋଲାକୁ ୨୦୧୪ରେ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦିଆଯାଇଛି। ସେଠାରେ ଥିବା ପୁରୁଣା ବ୍ରିଟିଶ ଅମଳର କୋଠାକୁ ବିଶ୍ୱବ୍ୟାଙ୍କ ସହାୟତାରେ ଆଇସିଜେଡ୍‌ଏମ୍‌ପି ମାଧ୍ୟମରେ ୧୦୩୯୩୧୩୮ ଟଙ୍କା ଖର୍ଚ୍ଚ କରାଯାଇ ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି। ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ କହିଥିଲେ ଯେ ପର୍ଯ୍ୟଟନ ବିଭାଗ କୁଣ୍ଠେଇ କୁଣ୍ଠେଇ ଚାଲୁଛି। ବୃହତ୍ ଆକାରରେ କିଛି ହେଉ ନାହିଁ। କେରଳ ପର୍ଯ୍ୟଟନ ପାଇଁ ପ୍ରସିଦ୍ଧ ହୋଇଛି। ଏଥିପାଇଁ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଧୀମେଇ ଧୀମେଇ ପର୍ଯ୍ୟଟନ ବିଭାଗ ଚାଲୁ ନାହିଁ। ରାଜ୍ୟର ୪୮୨ କି.ମି. ବେଳାଭୂମି ରହିଛି। ପୁରୀରେ ହୋଇଥିବା ଇକୋ ରିଟ୍ରିଟ ବିଶ୍ୱ ପ୍ରସିଦ୍ଧ ହୋଇଛି। ଏଠାକୁ ବିଦେଶୀ ପର୍ଯ୍ୟଟକମାନେ ଆସିଛନ୍ତି। ଅନ୍ୟ ବେଳାଭୂମିରେ ମଧ୍ୟ ଏଭଳି ଇକୋ ରିଟ୍ରିଟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



# ସୋମବାର ଆଗତ ହେବ ବିଶ୍ୱବିଦ୍ୟାଳୟ ଅଡିଟ୍ ରିପୋର୍ଟ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଓଡ଼ିଶା ବିଧାନସଭାରେ ଆସନ୍ତା ସୋମବାର ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଡିଟ୍ ରିପୋର୍ଟ ଉପସ୍ଥାପନ କରାଯିବ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହାକୁ ଉପସ୍ଥାପନ କରିବେ। ରିପୋର୍ଟ ଉପସ୍ଥାପନ ହେବାକୁ ଥିବା ବିଶ୍ୱବିଦ୍ୟାଳୟଗୁଡିକ ହେଉଛି- ଉତ୍କଳ ବିଶ୍ୱବିଦ୍ୟାଳୟ(୨୦୧୪-୨୦୧୫ରୁ ୨୦୧୬-୧୭), ସମ୍ବଲପୁର ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮), ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ(୨୦୧୪-୨୦୧୫ରୁ୨୦୧୬-୧୭), ରେଭେନ୍‌ଶା ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮)। ସେହିଭଳି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮), ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୬-୧୭), ଫକୀର ମୋହନ ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮) ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(୨୦୧୫-୧୬ରୁ ୨୦୧୭-୧୮)ର ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ।

# ଖୁବ୍‌ଶୀଘ୍ର ବିଜେଡି ସାଙ୍ଗଠନିକ ଜିଲା ସଭାପତିଙ୍କ ନାଁ ଘୋଷଣା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଖୁବ୍‌ଶୀଘ୍ର ୩୩ ସାଙ୍ଗଠନିକ ଜିଲା ପାଇଁ ସଭାପତି ଘୋଷଣା କରାଯିବ। ଏନେଇ ସମସ୍ତ ପ୍ରକ୍ରିୟା ସମାପ୍ତ ହୋଇଥିବା ଜଣାପଡିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଅନୁମୋଦନ କରିଥିବା ଜଣାପଡିଛି। ଦଳର ସାଙ୍ଗଠନିକ ନିର୍ବାଚନ ଗତ ଡିସେମ୍ବର ୨୭ରୁ ଆରମ୍ଭ ହୋଇ ଚଳିତ ମାସ ୨୬ ଯାଏ ଚାଲିବ ବୋଲି ସମୟ ଧାର୍ଯ୍ୟହୋଇଥିଲା। ତେବେ ୫ ପର୍ଯ୍ୟାୟରେ ହେଉଥିବା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟସୂଚୀ ପ୍ରାୟତଃ ସମାପ୍ତ ହୋଇଥିବା ଜଣାପଡିଛି। ସେହିଭଳି ଦଳର ୨ ଛାମୁଆ ସଙ୍ଗଠନ(ଯୁବ ଓ ଛାତ୍ର)ର ପୁନର୍ଗଠନ ସମ୍ଭାବନା ରହିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

# ସର୍ବକ୍ଷମା ଅବଧି ବୃଦ୍ଧି ପ୍ରସଙ୍ଗ | ୬ ମାସ ବଢ଼ାଇବାକୁ ଦାବି

## ■ ନଗର ଉନ୍ନୟନ ବିଭାଗକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ରାଜଧାନୀରେ ବେଆଇନ ଭାବେ ବହୁ ଅଟ୍ଟାଳିକା ଗଢ଼ି ଉଠୁଛି। ସେଗୁଡ଼ିକୁ ରେଗୁଲାରାଇଜ୍ କରିବା ଲାଗି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସର୍ବକ୍ଷମା ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାର ଅବଧି ଫେବୃୟାରୀ ୨୦ ତାରିଖରେ ଶେଷ ହୋଇଛି। ଜନସାଧାରଣଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହାର ଅବଧିକୁ ଆଉ ୬ ମାସ ବୃଦ୍ଧି କରିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି।

ଗୁରୁବାର ବିଧାନସଭା ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, କେବଳ ଭୁବନେଶ୍ୱରରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ବେଆଇନ ଘର ରହିଛି। ଏହି ଯୋଜନା ଜରିଆରେ ଲୋକମାନେ ଏବେବି ଆବେଦନ କରୁଛନ୍ତି। ଏପର୍ଯ୍ୟନ୍ତ ୧୦ହଜାର ଆବେଦନ ହୋଇଛି। ଏହାର ଅବଧିକୁ ବଢ଼ାଇବା ଲାଗି ନରସିଂହ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ମଧ୍ୟ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ସର୍ବକ୍ଷମା ଯୋଜନାର ଅବଧି ଆଉ ୬ ମାସ ବଢ଼ାଯାଉ। ରାଜ୍ୟ ସରକାରଙ୍କୁ ଏଥିଲାଗି ରାଜସ୍ୱ ମିଳିବା ସହ ଯେଉଁ ଲୋକମାନେ ବିନା ଅନୁମୋଦନରେ ଗୃହ ନିର୍ମାଣ କରିଛନ୍ତି ସେମାନେ ମଧ୍ୟ ଜରିମାନା ଦେଇ ନିଜ ଘରକୁ ରେଗୁଲାରାଇଜ୍ କରିପାରିବେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏ ସଂକ୍ରାନ୍ତରେ ରୁଲିଂ ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅବଧି ବଢ଼ାଇବା ଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବାଚସ୍ପତିଙ୍କ ରୁଲିଂ ପରେ ମଧ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏହି ଅବଧି ଆଉ ବଢ଼ାଯିବ ନାହିଁ ବୋଲି ଗୃହ ବାହାରେ ଗଣମାଧ୍ୟମକୁ କହିଛନ୍ତି। ବେଆଇନ ନିର୍ମାଣଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାଇ ଦେଇଛନ୍ତି।

**ପ୍ରଶ୍ନୋତ୍ତର**



# ଏମ୍‌ଏଲ୍‌ଏ ଲ୍ୟାଡ୍ ଖର୍ଚ୍ଚକୁ ନେଇ ଉଦ୍‌ବେଗ

■ ଏମ୍‌ଏଲ୍‌ଏ ଲ୍ୟାଡ୍ ମନ୍ଦିର, ସ୍କୁଲ ପୁନରୁଦ୍ଧାର ପାଇଁ ଖର୍ଚ୍ଚ ହୋଇପାରିବ: ମନ୍ତ୍ରୀ

■ ଉଚ୍ଛେଦ ହେଲା ସ୍ପେଶାଲ ଡେଭେଲପ୍‌ମେଣ୍ଟ ଫଣ୍ଡ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମ୍‌ପି ଲ୍ୟାଡ୍) ମନ୍ଦିର ମରାମତି, ରକ୍ଷଣାବେକ୍ଷଣ କିମ୍ବା ମନ୍ଦିର ଜାଗାରେ କୌଣସି ପ୍ରକାର ନିର୍ମାଣରେ ଖର୍ଚ୍ଚ କରାଯାଇପାରିବନାହିଁ। ତେବେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି(ଏମ୍‌ଏଲ୍‌ଏ ଲ୍ୟାଡ୍) ଏ ଦିଗରେ ଖର୍ଚ୍ଚ ହୋଇପାରିବ। ଏଥିପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ରହିଛି ବୋଲି ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ପ୍ରଶ୍ନୋତ୍ତର ବେଳେ ସୂଚନା ଦେଇଛନ୍ତି।

ଭାଜପା ସଭ୍ୟ ଜୟନ୍ତ କୁମାର ଷଡ଼ଙ୍ଗୀ ମୂଳପ୍ରଶ୍ନରେ କହିଥିଲେ ଯେ, ଏମ୍‌ପି ଓ ଏମ୍‌ଏଲ୍‌ଏ ଲ୍ୟାଡ୍ ପଞ୍ଚାୟତ ଓ ମ୍ୟୁନିସିପାଲିଟିରେ କେଉଁ କେଉଁ ନୀତିନିୟମ ଓ ପଦ୍ଧତିରେ ଖର୍ଚ୍ଚ କରାଯାଏ। କେଉଁ ପୂର୍ବତନ ବିଧାୟକ ଓ ଏମ୍‌ପିଙ୍କ ପାଣ୍ଠିରୁ କେତେ ପ୍ରତିଶତ ଅର୍ଥ ବ୍ୟୟ ହୋଇଛି। କେତୋଟି ପ୍ରକଳ୍ପ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ପୂର୍ଣ୍ଣ ହୋଇଛି। ଆଦୌ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ପ୍ରକଳ୍ପର ନାମ, ଖର୍ଚ୍ଚ ପରିମାଣ କେତେ ସେ ସମ୍ପର୍କରେ ସରକାର ଗୃହକୁ ଅବଗତ କରିବାକୁ ପଚାରିଥିଲେ।

ମନ୍ତ୍ରୀ କହିଥିଲେ ଯେ, ଏମ୍‌ପି ଓ ଏମ୍‌ଏଲ୍‌ଏ ଲ୍ୟାଡ୍ ମାର୍ଗଦର୍ଶିକା ଅନୁଯାୟୀ ଅନୁମୋଦିତ ମଞ୍ଜୁର ପ୍ରକଳ୍ପଗୁଡ଼ିକ ପଞ୍ଚାୟତସ୍ତରରେ ପଞ୍ଚାୟତିବିଭାଗ, ମ୍ୟୁନିସିପାଲିଟି ସ୍ତରରେ ନଗର ଉନ୍ନୟନ ବିଭାଗ ପ୍ରଚଳିତ ନିୟମାନୁଯାୟୀ କାର୍ଯ୍ୟକାରୀ କରାଯାଏ। ଏପର୍ଯ୍ୟନ୍ତ ପୂର୍ବତନ ଏମ୍‌ପି ଲ୍ୟାଡ୍‌ରେ ଅନୁମୋଦିତ ଅର୍ଥରେ ୯୨.୭୩% ଅର୍ଥ ଖର୍ଚ୍ଚ ହୋଇ ୧ ଲକ୍ଷ ୩୮ହଜାର ୪୧୧ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ସେହିଭଳି ପୂର୍ବତନ ବିଧାୟକଙ୍କ ଏମ୍‌ଏଲ୍‌ଏ ଲ୍ୟାଡ୍‌ରୁ ୮୪.୦୪% ଅର୍ଥ ଖର୍ଚ୍ଚ ହୋଇ ୨ ଲକ୍ଷ ୭୭ ହଜାର ୯୪୫ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଏମ୍‌ପି ଓ ଏମ୍‌ଏଲ୍‌ଏ ଲ୍ୟାଡ୍‌ରେ ଯଥାକ୍ରମେ ୧୧୪୨ ଓ ୫୩୪୦ଟି ପ୍ରକଳ୍ପ ଆରମ୍ଭ ହୋଇ ପାରି ନାହିଁ।

ମୂଳ ପ୍ରଶ୍ନକର୍ତ୍ତା ପୁଣି ପଚାରିଥିଲେ ବହୁ ଏମ୍‌ଏଲ୍‌ଏ ପ୍ରକଳ୍ପ କାର୍ଯ୍ୟାଦେଶ ଥାଇ ମଧ୍ୟ କାମ ହେଉନାହିଁ। ସେଗୁଡ଼ିକ କେବେ କାର୍ଯ୍ୟକାରୀ ହେବ। ମନ୍ତ୍ରୀ କହିଥିଲେ ୱାର୍କଅର୍ଡର ହେବାର ୬ ମାସ ମଧ୍ୟରେ ପଇସା ଖର୍ଚ୍ଚ ହେବା କଥା। ଯଦି ପ୍ରକଳ୍ପ ନ ହୁଏ ତେବେ ସେ ଅର୍ଥ ଅନ୍ୟ ପ୍ରକଳ୍ପରେ ବିନିଯୋଗ କରାଯାଇପାରିବ। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ଭାଜପା ସଭ୍ୟ ଗଣେଶ ରାମ ସିଂ ଖୁଣ୍ଟିଆ, ବିଜେଡି ସଭ୍ୟ ସୌଭିକ ବିଶ୍ୱାଳ, ଭାଗୀରଥି ସେଠୀ, ପ୍ରଦୀପ ଅମାତ ପ୍ରମୁଖ ଏମ୍‌ଏଲ୍‌ଏ ଲ୍ୟାଡ୍ ଖର୍ଚ୍ଚ ନେଇ ଆପତ୍ତି ଉଠାଇଥିଲେ। ଯେଉଁ ଏମ୍‌ପି ଲ୍ୟାଡ୍ ଅର୍ଥ ମନ୍ଦିର ମରାମତି, ପୁନରୁଦ୍ଧାର ଓ ତିଆରି ପାଇଁ ଖର୍ଚ୍ଚ କରାଯାଇଛି ସେଗୁଡ଼ିକର ତଦନ୍ତ କରାଯାଇଛି। ଏମ୍‌ଏଲ୍‌ଏ ଲ୍ୟାଡ୍ ଅର୍ଥ ମନ୍ଦିର କିମ୍ବା ସ୍କୁଲ ଘର ନିର୍ମାଣରେ ଖର୍ଚ୍ଚ କରିବା ଲାଗି ଯୋଜନା ଓ ସଂଯୋଜନା ବିଭାଗର ଅଫିସରମାନେ ମନା କରୁଛନ୍ତି। ସ୍ପେଶାଲ ଡେଭଲପ୍‌ମେଣ୍ଟ ଫଣ୍ଡ ଅଛି ନା ଏହାକୁ ଉଚ୍ଛେଦ କରାଯାଇଛି। ମନ୍ତ୍ରୀ କହିଥିଲେ ଯେ, ଏମ୍‌ଏଲ୍‌ଏ ଲ୍ୟାଡ୍ ଅର୍ଥ ସ୍କୁଲ ଓ ମନ୍ଦିର ପୁନରୁଦ୍ଧାର କରିବାରେ ଖର୍ଚ୍ଚ କରାଯାଇପାରିବ। ଯଦି କୌଣସି ଅଫିସର ମନା କରିଛନ୍ତି ଲିଖିତ ଆକାରରେ ଜଣାଇଲେ ତାହା ସମାଧାନ ହୋଇପାରିବ। ରାଜ୍ୟ ସରକାର ୨୦୨୦-୨୧ ବଜେଟରେ ଏମ୍‌ଏଲ୍‌ଏ ଲ୍ୟାଡ୍‌କୁ ୧ କୋଟିରୁ ୩ କୋଟିକୁ ବୃଦ୍ଧି କରିଛନ୍ତି। ତେବେ ପୂର୍ବରୁ ପ୍ରଚଳିତ ହୋଇଆସୁଥିବା ସ୍ପେଶାଲ ଡେଭଲପ୍‌ମେଣ୍ଟ ଫଣ୍ଡକୁ ଉଚ୍ଛେଦ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଏହି ପାଣ୍ଠି ପାଇଁ ପ୍ରତ୍ୟେକ ବିଧାନସଭା କ୍ଷେତ୍ରକୁ ୫୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦିଆଯାଉଥିଲା। ଏମ୍‌ଏଲ୍‌ଏ ଲ୍ୟାଡ୍ ପାଣ୍ଠି ବଢ଼ାଇବା ପରେ ଏହାକୁ ବନ୍ଦ କରିଦିଆଯାଇଛି।



## ଜିଲା ଚିଠି
### କଳାହାଣ୍ଡି

# ଶିଳ୍ପ ବିକାଶ ଚିନ୍ତା

ଦିନ ଥିଲା କଳାହାଣ୍ଡି ଏକ ଶିଳ୍ପସମୃଦ୍ଧ ଜିଲା ଭାବେ ପରିଚିତ ଥିଲା। ହେଲେ ବିଭିନ୍ନ କାରଣରୁ ଗୋଟିଏ ପରେ ଗୋଟିଏ ଶିଳ୍ପ ବନ୍ଦ ହୋଇଗଲା। ଜୁନାଗଡ଼ ନିକଟସ୍ଥ ମଥୁରାଠାରେ ସ୍ଥାପିତ ଚିନିକଳ ବନ୍ଦ ହେବା ପରେ ଏହି ଶିଳ୍ପ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭର କରୁଥିବା ଲୋକମାନେ ଆର୍ଥିକ ଅନଟନ ମଧ୍ୟରେ ଗତି କରୁଛନ୍ତି। ଆଖୁ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କେସିଙ୍ଗା ସୂତାକଳ ମଧ୍ୟ ବନ୍ଦ ହୋଇଯାଇଛି। ଜିଲାରେ ଉନ୍ନତମାନର କପା ଚାଷ ହେଉଛି। କଳାହାଣ୍ଡିର କପା ରାଜ୍ୟ ବାହାରେ 'ଧଳା ସୁନା' ବୋଲି ପରିଚିତ। ହେଲେ ସୂତାକଳ ବନ୍ଦ ଯୋଗୁ କପାଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। କେସିଙ୍ଗାଠାରେ ପ୍ରସ୍ତାବିତ କାଗଜକଳ ସ୍ୱପ୍ନ ହୋଇ ରହିଯାଇଛି। ଏଥିପାଇଁ ଅଧିଗ୍ରହଣ କରାଯାଇଥିବା ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏସବୁ ଶିଳ୍ପର ପୁନରୁଦ୍ଧାର ତ ଦୂରର କଥା କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ପାର ବଏଲ ରାଇସ ମିଲର କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରୁନାହିଁ। ଜୁନାଗଡ଼ ବ୍ଲକ ଗୌଡ଼ସର୍ଗିଗୁଡ଼ା ନିକଟସ୍ଥ ପୁରୁଣା ଚିନିକଳଠାରେ ୨୦୧୬ ନଭେମ୍ବର ୧୬ରେ ମୁଖ୍ୟମନ୍ତ୍ରୀ ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଗୁଡ଼ିକ ହେଲା ପାର ବଏଲ ରାଇସ ମିଲ, ୨୦୩ ମେଗାୱାଟ୍ କ୍ଷମତା ସମ୍ପନ୍ନ ବାୟୋମାସ୍ ପାୱାର ପ୍ରୋଜେକ୍ଟ ଓ ସମନ୍ୱିତ ଗ୍ରେନ୍ ବେସ ଡିଷ୍ଟିଲାରି ପ୍ରକଳ୍ପ। ନୂତନ ପ୍ରକଳ୍ପ ହେବ ଓ ଅଞ୍ଚଳର ଲୋକଙ୍କୁ କାମ ମିଳିବ ବୋଲି ଜିଲାବାସୀ ଆଶା କରିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ହେବାର ଇତିମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରକଳ୍ପ କାମ ଆରମ୍ଭ ହୋଇପାରିନାହିଁ। ଉପରୋକ୍ତ ପ୍ରକଳ୍ପ ପାଇଁ ଜନଶୁଣାଣି ହୋଇଥିଲା। ଦୀର୍ଘଦିନରୁ ବନ୍ଦ ପଡ଼ିଥିବା ଏହି ଶିଳ୍ପର ପୁନଃ କାର୍ଯ୍ୟକ୍ଷମ ନେଇ ଜିଲାବାସୀଙ୍କ ମଧ୍ୟରେ କିଛିଟା ଆଶାସଞ୍ଚାର ହୋଇଥିଲା। ଏହି ୩ଟି ପ୍ରକଳ୍ପ ପାଇଁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଥିଲା। ଏବେ ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ। ସେ କଳାହାଣ୍ଡି ଜିଲା ଶିଳ୍ପର ବିକାଶ ଉପରେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି।

– ସଞ୍ଜୀବ କୁମାର ଯୋଷୀ

ନିଶ୍ଚିତ ଥାଅ– ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ –ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ –ଶ୍ରୀଅରବିନ୍ଦ

# କେବଳ ଟୋକନିଜ୍‌ମ

ମଙ୍ଗଳବାର ରାଜ୍ୟ ବିଧାନସଭାରେ ଉପସ୍ଥାପିତ ୨୦୨୦–୨୧ର ବଜେଟ କେବଳ ଟୋକନିଜ୍‌ମ ଭଳି ମନେହେଉଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଦାବି କରିଥିଲେ ଯେ, ଚଳିତବର୍ଷର ରାଜ୍ୟ ବଜେଟ କେତେକ ଦୃଷ୍ଟିରୁ ଦେଶରେ ଓ ଆଉ କେତେକ ଦୃଷ୍ଟିରୁ ରାଜ୍ୟରେ ପ୍ରଥ । ତେବେ କାଗଜବିହୀନ ବା ଇ–ବଜେଟ କ୍ଷେତ୍ରରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ। ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ କରିବା ସମୟରେ ଇ–ବଜେଟ ଦେଖିବା ପାଇଁ ବିଧାୟକମାନଙ୍କୁ ଟାବ୍‌ଲେଟ ଦିଆଯାଇଥିଲା। ତେବେ ଯେଉଁମାନଙ୍କ ପାଖରେ ସ୍ମାର୍ଟଫୋନ୍, ଟିଭି ବା କମ୍ପ୍ୟୁଟର ନାହିଁ, ସେମାନଙ୍କ ପକ୍ଷେ ବଜେଟର ତଥ୍ୟ ପାଇବା କଷ୍ଟକର ହୋଇଥିଲା। ସରକାର ଦାବି କରିଛନ୍ତି ଯେ, ବଜେଟ ପୁସ୍ତିକା ପ୍ରକାଶ ନ କରିବା ଦ୍ୱାରା ୭୦,୦୦୦ରୁ ଅଧିକ ଗଛଙ୍କ ଜୀବନ ବଞ୍ଚିଯାଇପାରିଛି। କାରଣ ବଜେଟ ବହି ଛାପିବା ପାଇଁ ଯେତିକି କାଗଜ ଖର୍ଚ୍ଚ ହୋଇଥାନ୍ତା, ସେତିକି କାଗଜ ତିଆରି ପାଇଁ ୭୦,୦୦୦ରୁ ଅଧିକ ଗଛ କାଟିବାକୁ ପଡ଼ିଥାନ୍ତା। ତେଣୁ ଇ–ବଜେଟ ଏକ ପରିବେଶ ଅନୁକୂଳ ପଦକ୍ଷେପ।

ପୂଜାରୀ ପୁଣି କହିଲେ ଯେ, ସେ ଏଥର ଜଳବାୟୁ ଓ ପୋଷଣ ଉପରେ ଭିନ୍ନ ଭିନ୍ନ ବଜେଟ ଉପସ୍ଥାପନ କରିଛନ୍ତି, ଯାହା ସମ୍ଭବତଃ ଦେଶରେ ପ୍ରଥମ। ପିଲାଙ୍କ ପାଇଁ ବଜେଟ ଓ ଲିଙ୍ଗ (ଜେଣ୍ଡର) ବଜେଟ ଆଉ ଦୁଇଟି ନୂଆ ଚିନ୍ତାଧାରା। କୃଷକମାନଙ୍କୁ ସାହାଯ୍ୟ କରିବା ପାଇଁ ପାଣିପାଗ ଉପରେ ଆଉ ଏକ ବଜେଟ ଶୀଘ୍ର ଆସିବ। ୨୦୧୩–୧୪ ମସିହାରୁ ସରକାର କୃଷି ଉପରେ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରିଆସୁଛନ୍ତି ଏବଂ ଏଥର ମଧ୍ୟ ତାହା କରିଛନ୍ତି। ବାସ୍ତବରେ କୃଷି ଉପରେ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରିବାରେ କର୍ନାଟକ ପରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ। ଏହିସବୁ ଟୋକନିଜ୍‌ମ ବ୍ୟତୀତ ଅର୍ଥନୈତିକ ଦୃଷ୍ଟିରୁ ବଜେଟରେ ସେମିତି ମନେରଖିଲା ଭଳିଆ କିଛି ନୂଆ କଥା ନାହିଁ। ସମ୍ବଳ ସଂଗ୍ରହ ଓ ବ୍ୟୟ ଦୃଷ୍ଟିରୁ ସରକାର ପୂର୍ବ ଢାଞ୍ଚାରେ ରହିଛନ୍ତି। ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ଯୋଗୁ ସମ୍ଭବତଃ ସରକାର କୃଷି ଲାଗି ଅଧିକ ବ୍ୟୟ ବରାଦ କରିପାରି ନାହାନ୍ତି। ଏହି କ୍ଷେତ୍ର ପାଇଁ ସରକାର ୧୯,୪୦୮ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ବେଳେ ତାହା ୨୦୧୯–୨୦ କୃଷି ବଜେଟରେ ହୋଇଥିବା ବ୍ୟୟ ବରାଦ ତୁଳନାରେ ୧୩୦୬ କୋଟି ଟଙ୍କା କମ୍।

## ଆଜିର ଅର୍ଥନୀତି

ଅର୍ଥମନ୍ତ୍ରୀ କିଛି କ୍ଷେତ୍ର ପାଇଁ କେତେକାଂଶରେ ମୁଣା ଖୋଲି ଦେଇଥିବା ବେଳେ ସମ୍ବଳ କେଉଁଠୁ ଆସିବ ସେ ବାବଦରେ ନୀରବ ରହିଛନ୍ତି। ପୂଜାରୀ ଦାବି କରିଛନ୍ତି ଯେ, ସେ ଶିଳ୍ପ କ୍ଷେତ୍ର ପାଇଁ ୫୭୫ କୋଟି ଟଙ୍କା ବା ଦୁଇଗୁଣ ବ୍ୟୟ ବରାଦ କରିଛନ୍ତି। ବାସ୍ତବ ଦୃଷ୍ଟିରୁ ଦେଖିଲେ ଏହା ସେମିତି ବେଶି କିଛି ନୁହେଁ। କୃଷି କ୍ଷେତ୍ରର ଦୁଃଖ ଦୂରକରିବାରେ ଚଳିତ ବଜେଟ ବିଫଳ ହୋଇଛି। ରାଜ୍ୟର ୭୫ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ବେଳେ କୃଷି ଭିତ୍ତିଭୂମି ବିକାଶ ଲାଗି କୌଣସି ଦୀର୍ଘମିଆଦୀ ଯୋଜନା ଗ୍ରହଣ କରାଯାଇନାହିଁ। ବିଶେଷତଃ ଉପକୂଳ ଅଞ୍ଚଳରେ ଜଳସେଚନ ଭିତ୍ତିଭୂମି ବିକାଶ, ନିର୍ଦ୍ଦିଷ୍ଟ କୃଷିଜାତ ସାମଗ୍ରୀ ପାଇଁ ମଣ୍ଡିର ବିକାଶ, କୃଷି ଉତ୍ପାଦର ବିକ୍ରି ପାଇଁ ବଜାର ସୁବିଧା ପ୍ରତିଷ୍ଠା, ରାଜ୍ୟରେ ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ଭଣ୍ଡାର ଓ ଶୀତଳ ଭଣ୍ଡାର ପ୍ରତିଷ୍ଠା ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଅଧିକ ଦୃଷ୍ଟି ଦିଆଯିବାର ଆବଶ୍ୟକତା ଥିଲା। ବଢୁଥିବା ବେକାରି ସମସ୍ୟାର ସମାଧାନ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି ଲାଗି କୌଣସି ପଦକ୍ଷେପ ନିଆଯାଇ ନାହିଁ। ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯାଇଥିଲେ ସେଥିରେ ବହୁ ଲୋକ ନିଯୁକ୍ତିର ସୁବିଧା ପାଇପାରିଥାନ୍ତେ। ରାଜ୍ୟରେ ୪୮୦ କିଲୋମିଟର ଦୀର୍ଘ ଉପକୂଳ ଏବଂ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ରହିଛି। ଏସବୁଗୁଡ଼ିକ ମଧ୍ୟରେ ଅନେକ ସ୍ଥାନ ରହିଛି ଯାହାକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ବିକାଶ କରାଯାଇପାରିଥାନ୍ତା। ତା'ଛଡ଼ା ଅସଂଖ୍ୟ ପ୍ରାଚୀନ ମନ୍ଦିର ରହିଛି। ବିଶେଷତଃ ସ୍ୱର୍ଣ୍ଣ ତ୍ରିଭୁଜ (ପୁରୀ, କୋଣାର୍କ ଓ ଭୁବନେଶ୍ୱର)କୁ ହଜାର ହଜାର ଧାର୍ମିକ ପର୍ଯ୍ୟଟକ ପ୍ରତିବର୍ଷ ଦେଶ ତଥା ଦେଶ ବାହାରୁ ଆସିଥାନ୍ତି। ପର୍ଯ୍ୟଟନ ବଜେଟର ସିଂହଭାଗ ପୁରୀ ଓ ଭୁବନେଶ୍ୱର ପାଇଁ ଦିଆଯାଇଛି। ଏହି କ୍ଷେତ୍ର ପାଇଁ ମୋଟ ୧୬୬୦ କୋଟି ଟଙ୍କା ବରାଦ କରାଯାଇଥିବା ବେଳେ ସେଥି ମଧ୍ୟରୁ ଏହି ଦୁଇଟି ସହର ପାଇଁ ୮୪୫ କୋଟି ଟଙ୍କା ଦିଆଯାଇଛି। ରାଜ୍ୟର ଅନ୍ୟ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ବି ଅନୁରୂପ ଭାବେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ଥିଲା। ତେବେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ପାଇଁ ସରକାର ବଜେଟରେ ଯେଉଁ ବ୍ୟବସ୍ଥା କରିଛି ତାହା କିଛି ପରିମାଣରେ ଆଶାନୁରୂପ ହୋଇଛି।

# ଭାଷାର ସୀମାନ୍ତ ନାହିଁ

ଲୋକନାଥ ପଣ୍ଡା

ସାରା ବିଶ୍ୱରେ ପ୍ରତିବର୍ଷ ଫେବୃୟାରୀ ୨୧ ତାରିଖରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଆସୁଛି। ଏହାର ମୂଳ ଉଦ୍ଦେଶ୍ୟ ବିଶ୍ୱରେ ଭାଷା ଏବଂ ସଂସ୍କୃତିକୁ ନେଇ ଯେଉଁ ବିବିଧତା ରହିଛି, ତାହାର ସଂରକ୍ଷଣ ଓ ସମୃଦ୍ଧି। ୟୁନେସ୍କୋ ତରଫରୁ ପ୍ରଥମ ଥର ପାଇଁ ୧୯୯୯ ନଭେମ୍ବର ୧୭ ତାରିଖରେ ଏହିଦିବସ ପାଳନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ସମୟରେ ବାଂଲାଦେଶର ଭାଷା ଆନ୍ଦୋଳନ ଓ ୧୯୫୨ ଫେବୃୟାରୀ ୨୧ ତାରିଖରେ ଘଟିଥିବା ଘଟଣାବଳୀକୁ ସମ୍ମାନ ଜଣାଇ ସାରା ବିଶ୍ୱରେ ଫେବୃୟାରୀ ୨୧ ତାରିଖରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇ ଆସୁଛି। ଚଳିତ ବର୍ଷର ଅନ୍ତର୍ଜାତୀୟ ମାତୃଭାଷା ଦିବସର ଅନୁଚିନ୍ତା ରହିଛି– Language without Border ବା 'ସୀମାନ୍ତ ନ ଥିବା ଭାଷା ।'

ସାରା ବିଶ୍ୱରେ ୬୦୦୦ ଭାଷାଭାଷୀ ଲୋକ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଶତକଡ଼ା ୪୩ ଭାଗ ଭାଷା ସଂକଟ ଦେଇ ଗତି କରୁଛି। ପ୍ରତି ଦୁଇ ସପ୍ତାହରେ ଗୋଟିଏ ଲେଖାଏ ଭାଷା ପୃଥିବୀରୁ ଲୋପ ପାଇଯାଉଛି। କେବଳ ଭାଷା ଲୋପ ପାଇଯାଉନି, ସେହି ଭାଷାକୁ ନେଇ ଯାହା ସଂସ୍କୃତି, ଜ୍ଞାନକୌଶଳ, ପରମ୍ପରା ରହିଛି, ତାହା ମଧ୍ୟ ଲୋପ ପାଇଯାଉଛି। ଜଗତୀକରଣ ପ୍ରଭାବରେ ଅନେକ ଭାଷା ଲୋପ ପାଇବାକୁ ବସିଲାଣି। ଭାଷା ସହିତ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଭାଷା ଲୋପ ପାଇବା ସହିତ ସାଂସ୍କୃତିକ ବିବିଧତା ମଧ୍ୟ ନଷ୍ଟ ହେଲାଣି।

ୟୁନେସ୍କୋ ତରଫରୁ ଭାଷାର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଉତ୍ସାହିତ କରାଯାଉଛି। ସାରା ପୃଥିବୀରେ ପ୍ରଚଳିତ ୪୦ ପ୍ରତିଶତ ଭାଷାରେ ଶିକ୍ଷାଦାନ ହେଉନାହିଁ କିମ୍ବା ସେମାନେ ନିଜ ମାତୃଭାଷାରେ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ଏହି ଦୃଷ୍ଟିରୁ ୨୦୦୮ ମସିହାକୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ପାଳନ କରାଯାଇଥିଲା। ଏହାର ମୂଳ ଲକ୍ଷ୍ୟ ଥିଲା, ବିବିଧତା ମଧ୍ୟରେ ଏକତା ଏବଂ ବିଶ୍ୱ ସମନ୍ୱୟ ଭାବ, ବହୁଭାଷୀ ଏବଂ ବହୁ ସଂସ୍କୃତି ମଧ୍ୟରେ ଏକତାକୁ ଗୁରୁତ୍ୱ ଦେବା ଓ ସମ୍ମାନ ଜଣାଇବା। ଭାଷା ବିବିଧତା, ବିବିଧ ସଂସ୍କୃତି ମାନବ ସମାଜକୁ ସାଂସ୍କୃତିକ ସମନ୍ୱୟ, ଶାନ୍ତି, ସମାନତା ଇତ୍ୟାଦି ଯୋଗାଇ ଦେଇଥାଏ। ମାତୃଭାଷାରେ କେତେ ଜ୍ଞାନ ଭରିରହିଛି ଏବଂ ଏହାର ମହାନତାକୁ ଉପଲବ୍ଧି କରିବା ଓ ଉତ୍ସାହ ସୃଷ୍ଟି କରିବା ପାଇଁ ଏହି ଦିବସରେ ଗୁରୁତ୍ୱ ଦିଆଯାଉଛି। ଭାଷା ଓ ସଂସ୍କୃତିକୁ ବଞ୍ଚାଇବା ଏବଂ ବିକାଶ ନିମନ୍ତେ ଯେଉଁ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନ କାମ କରିଥାଆନ୍ତି, ସେମାନଙ୍କୁ ଏହି ଦିବସରେ ପ୍ରଶଂସା ଓ ସମ୍ମାନିତ କରାଯାଇଥାଏ। ପ୍ରତ୍ୟେକ ଭାଷାଭାଷୀ ନିଜ ମାତୃଭାଷାକୁ ସ୍ୱାଭିମାନର ସହିତ ଭଲ ପାଇବା ସହ ଏହାକୁ ଗୁରୁତ୍ୱ ଦେଇ ବଞ୍ଚାଇ ରଖିବା ନିମନ୍ତେ ପ୍ରୟାସ କରିବାର ସମୟ ପହଞ୍ଚିଛି। ଗତ କିଛି ବର୍ଷ ଧରି ଭାରତରେ ମଧ୍ୟ ବହୁଳ ଭାବରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହେଉଛି। ଏହି ଦିବସରେ ଅନେକେ ଭାଷାକୁ ନେଇ କର୍ମଶାଳା କରୁଛନ୍ତି। ଭାଷାଗତ ବିବିଧତାକୁ ନେଇ ସଚେତନତା ସୃଷ୍ଟି କରାଯାଉଛି। ଗୋଷ୍ଠୀ ସ୍ତରରେ ଭାଷା ଓ ସଂସ୍କୃତିର ଗୁରୁତ୍ୱକୁ ଉପଲବ୍ଧ କରିବା ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭାଷା ଓ ସଂସ୍କୃତିକୁ ବଞ୍ଚାଇବା ଏବଂ ବିକାଶ ନିମନ୍ତେ ଯେଉଁ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନ କାମ କରିଥାଆନ୍ତି, ସେମାନଙ୍କୁ ଏହି ଦିବସରେ ପ୍ରଶଂସା ଓ ସମ୍ମାନିତ କରାଯାଇଥାଏ।

### ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ

ଓଡ଼ିଶାରେ ମଧ୍ୟ ଅନ୍ତର୍ଜାତୀୟ ମାତୃଭାଷା ଦିବସ ବିଭିନ୍ନ କ୍ଷେତ୍ରରେ ପାଳିତ ହେଉଛି। ଏହି ଅବସରରେ ଓଡ଼ିଶାର ସଂଖ୍ୟାଲଘୁ ତଥା ଜନଜାତିଙ୍କ ମାତୃଭାଷା, ଯାହାକି କ୍ଷିପ୍ର ଗତିରେ ଲୋପ ପାଇବାରେ ଲାଗିଛି, ସେ ସମ୍ପର୍କରେ ଆଲୋଚନା କରିବାର ଅବକାଶ ଆସିଛି। ବିଶ୍ୱ ଭାଷାକୁ ନେଇ ଏକ ରିପୋର୍ଟରେ ଓଡ଼ିଶାର ଅନେକ ଜନଜାତି ଭାଷା ସଂକଟ ଦେଇ ଗତି କରୁଛି ବୋଲି ପ୍ରକାଶ ପାଇଥିଲା। ବର୍ତ୍ତମାନ ଯେଉଁ ପରିମାଣରେ ବିଭିନ୍ନ ସଂଖ୍ୟାଲଘୁ ଭାଷାଭାଷୀ କଥିତ ଭାଷାର ସଂଖ୍ୟା କମି କମି ଆସୁଛି, ମନେହୁଏ ଅଚିରେ ଅନେକ ଭାଷା ଲୋପ ପାଇଯିବ। ଓଡ଼ିଶା କ୍ଷେତ୍ରରେ ଆଲୋଚନା କଲେ ତଥ୍ୟ କହୁଛି ଓଡ଼ିଶାରେ ୬୨ ପ୍ରକାର ଭାଷାଭାଷୀ ଲୋକ ବସବାସ କରନ୍ତି। କିନ୍ତୁ ସେଥିମଧ୍ୟରୁ କେତେ ଜନଜାତିର ଭାଷାଭାଷୀ ଲୋକ ବର୍ତ୍ତମାନ ନିଜ ମାତୃଭାଷାରେ କଥା ହେଉଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ୨୦୦୬–୦୭ ମସିହା ବେଳକୁ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିଲା ଏବଂ ୧୦ଟି ଆଦିବାସୀବହୁଳ ଜିଲାର କେତେକ ବିଦ୍ୟାଳୟରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୩ ଆଦିବାସୀ ଭାଷାରେ ପ୍ରାଥମିକ ସ୍ତରରେ ଏବଂ ପ୍ରାକ୍–ପ୍ରାଥମିକ ତଥା ଅଙ୍ଗନୱାଡ଼ି ସ୍ତରରେ ମାତୃଭାଷା ଆଧାରିତ ପ୍ରାକ୍–ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିସହିତ କିଛିବର୍ଷ ଧରି ଦରିଆପାରି ସଂସ୍ଥା ବିଭିଏଲ୍‌ଏଫ୍‌ଙ୍କ ସହାୟତାରେ ଅଙ୍ଗନୱାଡ଼ି କେନ୍ଦ୍ରରେ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷାକୁ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱ ଦିଆଗଲା।

ଗତ କିଛିଦିନ ଧରି କେତେକ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଅଙ୍ଗନୱାଡ଼ି ଦିଦି, ଅଭିଭାବକ ଏବଂ ଅଙ୍ଗନୱାଡ଼ି ସହାୟକଙ୍କ ସହ କଥା ହେଉଥିଲି ଏବଂ ପରିସ୍ଥିତିକୁ ଅନୁଧ୍ୟାନ କରୁଥିଲି। ଅଙ୍ଗନୱାଡ଼ି ଦିଦି ତିନିବର୍ଷର ଶିଶୁଟିକୁ ପ୍ରଶ୍ନ କରୁଥିଲେ, କଥା ହେବା ପାଇଁ ଉତ୍ସାହିତ କରୁଥିଲେ, ପ୍ରଶ୍ନ ଅତି ସରଳ ଥିଲା, ତା'ର ନାମ, ଗ୍ରାମ ଇତ୍ୟାଦି। ଶିଶୁଟି ବେଳେ ବେଳେ ମୁଣ୍ଡ ଟୁଙ୍ଗାରୁଥିଲା, କେତେବେଳେ କେମିତି ମୁଣ୍ଡ ହଲଉଥିଲା, ଶିଶୁଟି ମୁଣ୍ଡର ଠାର ମାଧ୍ୟମରେ ନିଜର ଉତ୍ତର ଦେଉଥିଲା। ଏହାପରେ ଶିଶୁଟି ସହିତ କେନ୍ଦ୍ରର ସହାୟିକା ନିଜ ଭାଷାରେ କଥା ହେଲେ। ଶିଶୁର ମୁଖମଣ୍ଡଳରେ ହସ ଦେଖାଗଲା। ଖୁସି ହେଲା। ନିଜ ଭାଷାରେ ଉତ୍ତର ଦେଲା। ମୁଁ ଅଙ୍ଗନୱାଡ଼ି ଦିଦିଙ୍କୁ ଭାଷା ବିଷୟରେ ପଚାରୁଥିଲି, ଉତ୍ତର ଥିଲା ଶିଶୁମାନେ ଓଡ଼ିଆ ଜାଣୁଛନ୍ତି, କହୁଛନ୍ତି! ଘରେ ଓଡ଼ିଆରେ କଥା ହେଉଛନ୍ତି! ମାଆଙ୍କ ସହିତ ଆଲୋଚନା କରୁଥିଲି, ଅନେକ ମାଆ ଓଡ଼ିଆ ଠିକ୍ ଭାବରେ ଜାଣି ନ ଥିଲେ, ଯଦି ବୁଝୁଥିଲେ ଏହାର ଉତ୍ତର ଦେବା ପାଇଁ ସଂକୋଚ କରୁଥିଲେ କିମ୍ବା ଚାରି ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ ମାଆ କିଛି କିଛି ଉତ୍ତର ଦେଉଥିଲେ। ଯଦି ଅଙ୍ଗନୱାଡ଼ି ଦିଦି ସେହି ଗୋଷ୍ଠୀର, ତେବେ ନ ବୁଝିଲେ ନିଜ ଭାଷାରେ ମାଆମାନଙ୍କୁ ବୁଝାଉଥିଲେ ଏବଂ ସେମାନଙ୍କ ଉତ୍ତର ମଧ୍ୟ ମତେ ଅନୁବାଦ କରି କହୁଥିଲେ।

ପ୍ରାଥମିକ ସ୍ତରରେ ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମର ସ୍ଥିତି କିପରି ଚାଲିଛି ବୋଲି ମୋର ଜଣେ ଆଦିବାସୀ ବନ୍ଧୁ, ଯିଏକି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ, ତାଙ୍କ ସହ ଆଲୋଚନା କରୁଥିଲି। ସେ ଦୁଃଖ ପ୍ରକାଶ କରୁଥିଲେ। ତଳସ୍ତରରେ ମାତୃଭାଷାରେ ଶିକ୍ଷା ଦେବା ପାଇଁ ଜିଲାସ୍ତରରେ ଆନ୍ତରିକ ଉଦ୍ୟମ ନାହିଁ, ବ୍ଲକ ସ୍ତରରେ କିମ୍ବା ଶିକ୍ଷକଙ୍କ ସ୍ତରରେ ଶିକ୍ଷାଦାନ କରିବା ପାଇଁ ଆଗ୍ରହ ନାହିଁ। ଅନେକ ସମୟରେ ବ୍ଲକକୁ ମାତୃଭାଷା ଆଧାରିତ ପୁସ୍ତକ ଆସୁଛି, ସେଠାରେ ପଡ଼ି ପଡ଼ି ନଷ୍ଟ ହେଉଛି ।

କଥା ହେଉଛି ମାତୃଭାଷା ପ୍ରତି ଆଦର ! ସାରା ଓଡ଼ିଶାରେ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ, ସଂରକ୍ଷଣ କରି ରଖିବା ପାଇଁ ତଥା ଏହାର ସୁରକ୍ଷା ଲାଗି ଚିନ୍ତା ହେଉଛି। ଓଡ଼ିଶାରେ ୬୨ ପ୍ରକାର ଯେଉଁ ଭାଷାଭାଷୀ ଜନଜାତିର ଲୋକ ଅଛନ୍ତି, ସେହି ଭାଷାଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ପୂର୍ବରୁ ଅନେକ କିଛି କାର୍ଯ୍ୟ ହୋଇଛି, କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ବେସରକାରୀ ସ୍ତରରେ ହେଉ କିମ୍ବା ସରକାରୀ ସ୍ତରରେ ଯେଉଁଭଳି ଭାବରେ ଇଂଲିଶ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି, ପ୍ରାଥମିକ ସ୍ତରରୁ ସ୍ପୋକନ୍ ଇଂଲିଶକୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ପର୍ଯ୍ୟାଲୋଚନା ହେଲାଣି। ତେବେ ଭାଷା ସଂକଟ ଦେଇ ଗତିକରୁଛି ଏବଂ ଆହୁରି କ୍ଷିପ୍ର ଗତିରେ ମରଣ ଦିଗରେ ଗତି କରିବ, ଏଥିରେ ସନ୍ଦେହ ନାହିଁ। ଭବିଷ୍ୟତରେ ଯେଉଁପରି ଆଦିବାସୀ ସଂସ୍କୃତି, ପରମ୍ପରା ଇତ୍ୟାଦିକୁ ନେଇ ନାଚ, ଗୀତ ଓ ପ୍ରଦର୍ଶନୀ ହେବ, ସମୟ ଆସିବ ଲୋକମାନେ ମଧ୍ୟ ଭାଷାକୁ ନେଇ ସଚେତନ ହେବେ।

୪ର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼,
ମୋ– ୯୪୩୮୦୮୧୪୩୦,
lokanath07@gmail.com

# ଚେତନାର ଅମୃତ ଦିଗନ୍ତ



ବିମଳ ପ୍ରସନ୍ନ ଦାସ

୧୮୭୮ ଫେବୃୟାରୀ ୨୧ ତାରିଖ ବିଶ୍ୱଜନନୀ ଶ୍ରୀମାଙ୍କର ପବିତ୍ର ଜନ୍ମତିଥି। କାଳବକ୍ଷରେ ଇତିମଧ୍ୟରେ ୧୪୨ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ଏ ବର୍ଷ ଆମେ ତାଙ୍କର ୧୪୩ତମ ପବିତ୍ର ଜୟନ୍ତୀ ପାଳନ କରୁଛୁ। ମହାଯୋଗୀ ଶ୍ରୀଅରବିନ୍ଦ ଦିବ୍ୟ ଜନନୀଙ୍କର ଚାରିଗୋଟି ମହାରୂପ ବର୍ଣ୍ଣନା କରିଛନ୍ତି। ତାହା ହେଲା ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ। ଋଷି କବିଙ୍କ ଦିବ୍ୟଦୃଷ୍ଟିରେ ଶ୍ରୀମା ହିଁ ସର୍ବୋତ୍ତମା ଶକ୍ତି The Supreme Power. ସେ ଆଦିମାତା, ଅଦିତି। ମନୁଷ୍ୟ ଶରୀରରେ ଆଉ ଜଣେ ପାର୍ଥିବ ଜନନୀଙ୍କ ଗର୍ଭରୁ ଜନ୍ମ ହେଲେ। ଯିଏ ସ୍ୱୟଂ ଅନନ୍ତକାଳ, ସେ ପୁଣି ନିଜକୁ କାଳ ହାତରେ ସମର୍ପି ଦେଇ ଜନ୍ମମୃତ୍ୟୁର ଘୂର୍ଣ୍ଣନ ମଧ୍ୟରେ ଆବିର୍ଭୂତା ହେଲେ। ଅସୀମା ହେଲେ ସୀମା। ଉଦ୍ଦେଶ୍ୟ ହେଲା ଏହି ସୀମାଭୁକ୍ତ ପୃଥିବୀକୁ ଦିବ୍ୟ ରୂପାନ୍ତର ଦେଇ ଅମରାବତୀରେ ପରିଣତ କରିବା। ପରା ପ୍ରକୃତିର ଅପରା ରୂପାୟନ। ଚିନ୍ମୟୀ ଶକ୍ତିଙ୍କର ମୃଣ୍ମୟୀ ରୂପ ଧାରଣର କାରଣ ସମଗ୍ର ପୃଥିବୀ ଓ ପ୍ରକୃତିର ଆହ୍ୱାନ। ଶ୍ରୀଅରବିନ୍ଦ ତାଙ୍କ ରଚିତ ମହାକାବ୍ୟ 'ସାବିତ୍ରୀ'ର ୩୧୪ ପୃଷ୍ଠାରେ ଲେଖିଛନ୍ତି–''ସମଗ୍ର ପ୍ରକୃତି କରେ ତବ ଆବାହନ ବିମୌନ ଭାଷାରେ/ଚରଣ ପରଶେ ତବ କରିବାକୁ ନିରାମୟ ଜୀବନ ବ୍ୟଥାରେ।''

ଅତିମାନସ ଶକ୍ତି, ଜ୍ୟୋତି ଓ ଚେତନାର ଅବତାର ପୁରୁଷ ଶ୍ରୀଅରବିନ୍ଦଙ୍କର ସେ ସହ–ତପସ୍ୱିନୀ। ଶ୍ରୀଅରବିନ୍ଦ ତତ୍ତ୍ୱ ହେଲେ ଶ୍ରୀମା ହେଉଛନ୍ତି ସେ ତତ୍ତ୍ୱର ସରଳ, ସାବଲୀଳ ଓ ପ୍ରାଞ୍ଜଳ ବ୍ୟାଖ୍ୟା। ଶ୍ରୀଅରବିନ୍ଦ ସାଧ ହେଲେ ଶ୍ରୀମା ତାଙ୍କର ସାଧନା ଓ ସିଦ୍ଧି। ଶ୍ରୀଅରବିନ୍ଦ ତପଶକ୍ତି ହେଲେ ଶ୍ରୀମା ତାଙ୍କର କ୍ରିୟାତ୍ମିକା ଶକ୍ତି। ଶ୍ରୀଅରବିନ୍ଦଙ୍କୁ ଆମର ମନ, ବୁଦ୍ଧି, ବାକ୍ୟ ସ୍ପର୍ଶ କରିପାରେନା। ସେ ଆମ ପାଖେ ପାଖେ ଥିଲେ ମଧ୍ୟ ଆମେ ତାଙ୍କର ସୌର ତେଜର ପ୍ରଚଣ୍ଡତା ସହ୍ୟ କରିପାରୁନା। କିନ୍ତୁ ମା' ଆମ ଦେହକୁ ଦେହ ଲାଗିକରି ଅଛନ୍ତି ଠିକ୍ ମାନୁଷୀ ମା'ଟିଏ ପରି, ଯେପରି ମା' ତା'ର ଛୁଆକୁ ଦେହଲଗ୍ନ କରି ରଖିଥାଏ। ମା' ସୂର୍ଯ୍ୟ ତେଜକୁ ଧାରଣ କରିଛନ୍ତି। ସେ ସ୍ୱୟଂ ସବିତୃ, ଶକ୍ତି, ସାବିତ୍ରୀ, ସେ ମଧ୍ୟ ବ୍ରହ୍ମ ଶକ୍ତି ଗାୟତ୍ରୀ। ସେ ହିଁ ଚେତନାର ଅମୃତ ଦିଗନ୍ତ।

ଏସବୁ ସତ୍ତ୍ୱେ ସେ ସନ୍ତାନ ଲାଗି ସୁଧାମୟୀ, ମଧୁମୟୀ, ପ୍ରେମମୟୀ, କଲ୍ୟାଣମୟୀ, କ୍ଷମାମୟୀ, ଶ୍ରୀମୟୀ ଏବଂ ଆହ୍ଲାଦିନୀ ଚନ୍ଦ୍ରମା ଭଳି। ସେ ଆମକୁ ଅତିମାନସର ସ୍ନିଗ୍ଧ ଜ୍ୟୋତ୍ସ୍ନାରେ ଆପ୍ଲୁତ କରି ରଖିଛନ୍ତି। ପ୍ରଚଣ୍ଡ ମାର୍ତ୍ତଣ୍ଡର ଅମ୍ଳାନ ତେଜକୁ ସେ ନିଜ ଭିତରେ ଧାରଣ କରିଛନ୍ତି। କିନ୍ତୁ ସେ ତେଜକୁ ଆମ ପାଇଁ ଚନ୍ଦ୍ରମାର ଶାନ୍ତ ଶୀତଳ ଜ୍ୟୋତ୍ସ୍ନାରେ ରୂପାନ୍ତରିତ କରି ଅଜାଡି ଦେଇଛନ୍ତି। ମା'ଙ୍କ ବ୍ୟତିରେକେ ପ୍ରଚଣ୍ଡ ସୂର୍ଯ୍ୟ ପିଣ୍ଡ ସ୍ୱରୂପ ଶ୍ରୀଅରବିନ୍ଦଙ୍କ ସ୍ପର୍ଶ ଆମେ ପାଇପାରି ନ ଥାନ୍ତୁ। ସେ ନିଜେ କହିଛନ୍ତି, ଶ୍ରୀଅରବିନ୍ଦଙ୍କ ବିନା ମୋର ସ୍ଥିତି ନାହିଁ ଏବଂ ମୋ ବିନା ତାଙ୍କର ପ୍ରକାଶ ନାହିଁ। ଦୁଇଟି ମହାନ୍ ଆତ୍ମାର ମହାମିଳନ–ସତେଯେପରି ଶ୍ୱେତପଦ୍ମ ସହିତ ରକ୍ତପଦ୍ମର, ପ୍ରେମ ସହିତ ପ୍ରଜ୍ଞାର, ଭକ୍ତି ସହିତ ଜ୍ଞାନର, ମହାପୁରୁଷଙ୍କ ସହିତ ମହାପ୍ରକୃତିର, ଜୀବାତ୍ମା ସହ ପରମାତ୍ମାର। ଧୂଳି ମାଟିର ଧରିତ୍ରୀକୁ ଅମରାବତୀରେ ପରିଣତ କରିବା ପାଇଁ ସତେଯେପରି ଏହା ବିଧିର ବିଧାନ।



ଶ୍ରୀମାଙ୍କ ଜୟନ୍ତୀ ଉପଲକ୍ଷେ

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାତୃଶକ୍ତିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆଯାଇଛି। ମଣିଷ ଜୀବନରେ ଏପରି କୌଣସି ଅବସ୍ଥା ନାହିଁ ଯେଉଁଠି ମହାଶକ୍ତିର ଉପଲବ୍ଧି ନାହିଁ। ମାତ୍ର ଆମ ଚେତନାର ଅବସ୍ଥା ଏପରି ଯେ ଆମେ କିଛି ଗ୍ରହଣ କରିବାକୁ ପ୍ରସ୍ତୁତ ନୋହୁଁ। ଭାରତର ସମୃଦ୍ଧ ଚେତନା ଇତିହାସର ନିର୍ଯାସ। ଦୁର୍ଭାଗ୍ୟ ଯେ ଭାରତ ସମ୍ପୂର୍ଣ୍ଣ ଭାବେ ବସ୍ତୁବାଦକୁ ଗ୍ରହଣ କରିପାରୁ ନାହିଁ କି ମାୟାବାଦକୁ ଅଗ୍ରାହ୍ୟ କରିପାରୁନାହିଁ। ବର୍ତ୍ତମାନ ମାନବ ଜାତି ଏକ ଛଳନାମୟ ମାୟା ଭିତରେ ଛନ୍ଦିହୋଇ ରହିଛି। ଏଥିପାଇଁ ସମାଜରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ଦୁଷ୍କର୍ମ ବ୍ୟାପି ଚାଲିଛି। ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଅମୃତମୟ ଦୃଷ୍ଟିରେ ଏ ଅବସ୍ଥା ବେଶି ସମୟ ରହିବ ନାହିଁ। ଶ୍ରୀମାଙ୍କ ଦିବ୍ୟ ମାତୃଶକ୍ତି ମଣିଷକୁ ଏ ଦୁଃସ୍ଥିତିରୁ ଉତ୍ତୀର୍ଣ୍ଣ କରିନେବ। ପ୍ରକୃତ ଚେତନା କ'ଣ ତାହା ମାନବ ଜାତି ଆଗରେ ଉତ୍‌ଥାପନ କରିବ। ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୁଗ୍ମ ସତ୍ତା ପାଶ୍ଚାତ୍ୟ ମତାନୁଯାୟୀ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସର୍ବୋତ୍ତମ ସମନ୍ୱୟ । ଆଧ୍ୟାତ୍ମିକତାର ଦୁଇଟି ଦିଗ: ଯୋଗ ଓ ତନ୍ତ୍ରର ପୂର୍ଣ୍ଣାଙ୍ଗ ସତ୍ୟ ହେଉଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ।

ମା'ଙ୍କ ପ୍ରତି ଆମର ଶ୍ରଦ୍ଧା, ଆନ୍ତରିକତା ଓ ସମର୍ପଣ ଯେତିକି ପୂର୍ଣ୍ଣତର ହେବ, ମା'ଙ୍କ ଅଭୟ ଓ କରୁଣା ସେତିକି ଆମକୁ ଘେରି ରହିବ। ମା'ଙ୍କ କୃପାରୁ ଅଳ୍ପ ଟିକିଏ ବି ଆମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାର କରିଦେବ। ନିରାପଦରେ ଆମେ ଆମ ପଥରେ ଚାଲିଯାଇପାରିବା। କାରଣ ସେ ପଥ ମା'ଙ୍କର। ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତ ସମୂହରେ ହେଉ କୌଣସି ଶତ୍ରୁଶକ୍ତି ଆମକୁ ସ୍ପର୍ଶ କରିପାରିବ ନାହିଁ। ମାତୃ କରୁଣାର ସ୍ପର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ରୂପାନ୍ତରିତ ହୋଇଯିବ। କାରଣ ଦିବ୍ୟଜନନୀଙ୍କ ଅନୁକମ୍ପା ହିଁ ପରମେଶ୍ୱରଙ୍କ ଅନୁମତି। ଏହାର ଫଳ ପୂର୍ବନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ। ମା'ଙ୍କ ଶକ୍ତି ହିଁ ଆଜିର ତମିସ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତ୍ତାରି ଆଣିବ ସତ୍ୟ, ଜ୍ୟୋତି ଓ ଦିବ୍ୟ ଜୀବନ।

ମୋ–୯୪୩୮୧୮୬୨୨୬

## ଏଇ ଭାରତରେ

ଉତ୍ତର କର୍ନାଟକର ଗଡଗ ଜିଲାସ୍ଥିତ ଏକ ଲିଙ୍ଗାୟତ ମଠ ଧାର୍ମିକ ବନ୍ଧନରୁ ମୁକ୍ତ ହୋଇ ସାମାଜିକ ସୌହାର୍ଦ୍ଦ୍ୟକୁ ଶ୍ରେଷ୍ଠ ସ୍ଥାନ ଦେଇଛି। ଏହି ମଠ ତା' ପରମ୍ପରାକୁ ଭାଙ୍ଗି ଜଣେ ମୁସଲମାନ ଯୁବକ ଦିୱାନା ଶରିଫ୍ ରହମାନସାବ ମୁଲ୍ଲାଙ୍କୁ ମଠର ପୂଜାରୀ ଭାବେ ନିଯୁକ୍ତି ଦେଇଛି। ଗଡଗ ଜିଲା ଆସୁତି ଗାଁରେ ମୁରୁଗରାଜେନ୍ଦ୍ର କୋରାନେଶ୍ୱରା ଶାନ୍ତିଧାମ ମଠର ପୂଜାରୀ ଭାବେ ଶରିଫ ୨୬ ଫେବୃୟାରୀରେ ଶପଥ ନେବେ। ଶରିଫଙ୍କୁ ବୟସ ଏବେ ୩୩। ଖଜୁରି ଗାଁରେ ଥିବା ସବୁଠୁ ପୁରୁଣା ୩୫୦ ବର୍ଷର କୋରାନେଶ୍ୱର ମଠ ସହ ଆସୁତିରେ ଥିବା ଏହି ଲିଙ୍ଗାୟତ ମଠର ସମ୍ପର୍କ ରହିଛି। ଏହି ମଠକୁ ଦୁଇ ବର୍ଷ ପୂର୍ବରୁ ଶରିଫଙ୍କ ପିତା ୨ ଏକର ଜମି ଦାନ କରିଥିଲେ। ଦ୍ୱାଦଶ ଶତାବ୍ଦୀର ସମାଜ ସଂସ୍କାରକ ତଥା ଦାର୍ଶନିକ ବସବନ୍ନାଙ୍କ ନୀତିଶିକ୍ଷା ଦ୍ୱାରା ପ୍ରଭାବିତ ହୋଇଛନ୍ତି ବୋଲି କୁହନ୍ତି ଶରିଫ। ବସବନ୍ନା ସାମାଜିକ ନ୍ୟାୟ ଓ ସଦ୍‌ଭାବନା ଉପରେ ଗୁରୁତ୍ୱ ଦେଉଥିଲେ ଓ ସେହି ଆଦର୍ଶରେ କାମ କରିବେ ବୋଲି କହିଛନ୍ତି ଶରିଫ।

## ଚିରନ୍ତନୀ

ଲବଣ ଜୁଆର ଯେବେ ପେଶଇ ସାଗର
ବକ୍ଷ ତୋର ଯଉବନେ ହୁଏ ଜର ଜର,
ମରମ ହୁଏ ଆକୁଳ
ସେ ଯୌବନରାଶି ତୁ ଲୋ
ନିବେଦନ କରୁ କାହା ଚରଣତଳର ?
ବକ୍ଷଭରା ଯଉବନ ଘେନି ମୁଁ ତେସନ
ଲୋଡୁଛି କାହାର ଆଜି ଶୁଭ ଦରଶନ,
କାହାର ଚରଣଧାରେ
ଅସହ୍ୟ ଏ ପ୍ରୀତିଭାରେ
ନୀରବେ ତୋ କୂଳେ ମୁଁ ଯେ କରେଁ ନିବେଦନ।
(ଚିତ୍ରୋତ୍ପଳା)
ନିବିଡ଼ ଆଶ୍ଳେଷେ ଆଜି
ନିବିଡ଼ ଏ ଘନରାଜି
ଆବୋରିଛି ଆକାଶର ବକ୍ଷ,
ବ୍ୟଥିତ ଧରଣୀ ପରେ
ଏକା ମୁଁ ବେଦନାଭରେ
ନୀରବ ନିଶୂନ୍ୟ ମୋର କକ୍ଷ !
(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଫେବୃୟାରୀ ୧୯୯୫

- ଷ୍ଟକ ଦୁର୍ନୀତି ମାମଲାର ମୁଖ୍ୟ ନାୟକ ହର୍ଷଦ ମେହେଟ୍ଟା ଏବଂ ବ୍ୟାଙ୍କ ଅଫ ଆମେରିକା ମଧ୍ୟରେ ୧୨୮ କୋଟି ଟଙ୍କାର କାରବାର ହୋଇଥିଲା ବୋଲି ସିବିଆଇ ପ୍ରକାଶ କରିଛି।
- ଓଡ଼ିଶାରେ ମୋଟ ୮୫,୯୧୭ ଜଣଙ୍କ ରକ୍ତ ପରୀକ୍ଷା କରାଯିବା ପରେ ସେମାନଙ୍କ ମଧ୍ୟରେ ୧୨୯୪ ଜଣଙ୍କଠାରେ ଏଚ୍.ଆଇ.ଭି. ପଜିଟିଭ ଜୀବାଣୁ ଥିବାର ଜଣାପଡିଛି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 3 | | | | | | | | | B | | 7 | | 5 |
| A | | | | | | | | 3 | 1 | | C | | | 0 |
| | | | 0 | A | | 4 | B | | | | | | | |
| | | E | | | | | 5 | | | 2 | 9 | 1 | A | 8 |
| | 5 | | | C | | | | D | 8 | | | 4 | 9 | |
| | | | B | | | | | C | | 1 | A | 6 | | |
| C | | | | 2 | | | | | | 6 | | | | |
| | 7 | | | | 4 | | | 6 | | | D | | | |
| 5 | | 1 | A | | | 7 | | | B | | | D | | |
| 8 | E | | D | | | | | | 7 | | 2 | | | 3 |
| | 1 | | 2 | | B | | 0 | | | | | | | 9 |
| E | 4 | | | 9 | C | | | | | 7 | | | | |
| | | 7 | E | | | | 6 | A | | | 0 | | 3 | |
| 3 | | 6 | | | | | 1 | | 9 | | | 8 | D | 2 |
| B | 2 | | | | | | | | | D | | C | E | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 2 | C | E | 8 | 1 | B | 4 | 3 | 0 | 6 | D | 7 | A | 5 |
| 6 | 4 | E | B | 5 | 7 | D | 1 | A | 8 | C | 9 | 2 | 0 | 3 |
| 7 | A | B | 4 | D | 3 | 8 | C | 0 | 1 | 5 | 2 | E | 6 | 9 |
| 3 | 8 | 0 | 9 | A | C | 5 | 6 | 2 | B | 7 | E | D | 4 | 1 |
| 1 | D | 5 | 6 | 2 | 0 | 9 | 7 | E | 4 | A | 3 | C | B | 8 |
| 4 | C | 3 | 1 | 9 | E | 0 | 5 | D | A | 2 | 6 | B | 8 | 7 |
| A | E | 7 | 5 | B | 8 | C | 2 | 9 | D | 4 | 0 | 1 | 3 | 6 |
| 8 | 5 | 2 | 7 | 0 | A | 1 | E | 6 | 3 | B | C | 9 | D | 4 |
| D | 6 | 9 | 3 | C | 2 | 4 | 8 | B | 5 | 1 | 7 | 0 | E | A |
| 0 | B | 1 | D | 4 | 6 | A | 3 | 7 | E | 9 | 8 | 5 | 2 | C |
| B | 0 | 4 | C | E | 5 | 3 | 9 | 8 | 7 | D | A | 6 | 1 | 2 |
| E | 9 | A | 0 | 7 | 4 | 6 | B | C | 2 | 3 | 1 | 8 | 5 | D |
| C | 3 | D | 2 | 6 | B | E | A | 1 | 9 | 8 | 5 | 4 | 7 | 0 |
| 5 | 7 | 8 | A | 1 | 9 | 2 | D | 4 | 6 | 0 | B | 3 | C | E |
| 2 | 1 | 6 | 8 | 3 | D | 7 | 0 | 5 | C | E | 4 | A | 9 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକାରୀଙ୍କ କବ୍‌ଜାରେ ବାଘବଂଶ

ମହାଶୟ,

ଆମ ରାଜ୍ୟର ଶିମିଳିପାଳ ଓ ସାତକୋଶିଆ ଜଙ୍ଗଲ ଦୁଇଟିକୁ ବ୍ୟାଘ୍ର ପ୍ରକଳ୍ପ ଯୋଜନାରେ ସାମିଲ କରାଯାଇଛି। ମାତ୍ର ପରିତାପର ବିଷୟ ଦିନକୁ ଦିନ ବାଘ ସଂଖ୍ୟା ହ୍ରାସ ପାଇବାକୁ ଲାଗିଛି। ଏହାର ମୁଖ୍ୟ କାରଣ ଅବାଧ ଶିକାର। ଶିମିଳିପାଳରେ ୨୦୦୪ରେ ୯୧ଟି ବାଘ ଥିଲେ। ବର୍ତ୍ତମାନ ମାତ୍ର ୨୦ଟି ଅଛନ୍ତି। ସେହିପରି ସାତକୋଶିଆ ଅଭୟାରଣ୍ୟରେ ପୂର୍ବରୁ ଯେଉଁ ବାଘ ଥିଲେ, ଶିକାରୀମାନେ ତାଙ୍କୁ ଗୋଟିକ ପରେ ଗୋଟିଏ ଶିକାର କରିବାକୁ ଲାଗିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟପ୍ରଦେଶରୁ 'ସୁନ୍ଦରୀ' ଓ ମହାବୀରକୁ ସାତକୋଶିଆ ଅଣାଗଲା। ମାତ୍ର ଶିକାରୀ 'ମହାବୀର'କୁ ମାରିଦେଲେ। ବର୍ତ୍ତମାନ ସାତକୋଶିଆରେ ଏକମାତ୍ର ସୁନ୍ଦରୀ ଅଛି। ଅନେକଥର ବନବିଭାଗ ଦ୍ୱାରା ଧରାହୋଇ ଶିକାରୀ ଜେଲ ଯାଉଛନ୍ତି ସତ, ଆଇନର ଗଳା ବାଟରେ ଜାମିନରେ ଆସି ପୁଣି ବାଘ ଶିକାର କରୁଛନ୍ତି। ତେଣୁ ଶିକାରୀମାନଙ୍କ ପ୍ରତି ତୀକ୍ଷ୍ଣ ନଜର ରଖି ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କଲେ ଆମ ରାଜ୍ୟ ବ୍ୟାଘ୍ର ବଂଶ ଲୋପରୁ ରକ୍ଷା ପାଇପାରନ୍ତା।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### କ୍ୟାରିୟର ସାଙ୍ଗକୁ ଚରିତ୍ର ନିର୍ମାଣ ଜରୁରୀ

ଧରିତ୍ରୀ (୨୦।୧)ରେ ପ୍ରକାଶିତ ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ ପ୍ରବନ୍ଧ ଅବିଦ୍ୟାର ଅନ୍ଧାରରେ ବିଦ୍ୟାର ଆରାଧନା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ହେଉଛି ପ୍ରାଥମିକ ବିଦ୍ୟାଳୟ। ଭଲ ମଣିଷଟିଏ ଗଢିବା ପାଇଁ ଭଲ ଶିକ୍ଷକ ଲୋଡା। ଶିକ୍ଷା ଏକ ପଣ୍ୟ ନୁହେଁ, ମୌଳିକ ଅଧିକାର। ଶିଶୁର ଚରିତ୍ର ଗଠନର ଦିଗ ଶୈଶବରୁ କକ୍ଷଚ୍ୟୁତ ହେବା ଠିକ୍ ନୁହେଁ। ମାତ୍ର ଆମ୍ଭର ମତ ଜନ୍ମଦାତ୍ରୀ ମାଆ ହେଉଛି ଶିଶୁମାନଙ୍କର ପ୍ରଥମ ଶିକ୍ଷକ। ମାଆ ନିହାତି ଶିକ୍ଷିତା ହେବା ଦରକାର। ଶିକ୍ଷକଙ୍କ ଭଳି ପିତାମାତାଙ୍କର ମଧ୍ୟ ସମାଜ ଦାୟିତ୍ୱ ରହିଛି। ଶିଶୁର ଚରିତ୍ର ଗଠନ ଓ କ୍ୟାରିୟର ପ୍ରତିଷ୍ଠା ପାଇଁ ଯଦି ପିତାମାତା ସଚ୍ଚୋଟ ଓ ଦୟାଶୀଳ, ଉଦାର ହୁଅନ୍ତି ତେବେ ଶିଶୁ ନିଶ୍ଚିତ ସମାଜରେ ଭଲ ମଣିଷଟିଏ ହୋଇ ପ୍ରତିଭାତ ହେବ। କୁହାଯାଏ, ଶିଶୁ ନିଜ ଘରୁ ଦୟାଶୀଳତା ଶିଖିଥାଏ (ଚାରିଟି ବିଗିନ୍‌ସ ଆଟ୍ ହୋମ୍)। ଅତଏବ ପିତାମାତା ନିଜ ଉପରୁ ଦାୟିତ୍ୱ ଖସାଇ ଶିକ୍ଷକଙ୍କୁ ଦାୟୀ କରିବା ଠିକ୍ ନୁହେଁ। ନିଜ ଘର ହେଉଛି ପାଠଶାଳା। ପିତାମାତା ପ୍ରଥମ ଶିକ୍ଷକ ଓ ଚରିତ୍ର ନିର୍ମାତା।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ. ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩ ବର୍ଷ ହେଲା ମିଳିନି କେନ୍ଦ୍ରୀୟ ଅନୁଦାନ

ବୀରେନ୍ଦ୍ର କୁମାର ଝାଙ୍କର
ବଲାଙ୍ଗୀର ଅଫିସ, ୨୦।୨

## ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

- ରାଜ୍ୟ ୧ ହଜାର କୋଟି, କେନ୍ଦ୍ର ଦେଇଛି ୫ଶହ କୋଟି
- ବିସ୍ଥାପିତଙ୍କ କ୍ଷତିପୂରଣ, ପୁନର୍ବାସ ପାଇଁ ରହିଛି ୬ଶହ କୋଟି
- ୭୦ ପ୍ରତିଶତ ସ୍ପିଲୱେ କାମ ସରିଲାଣି
- ୪୩ ପ୍ରତିଶତ ମାଟିବନ୍ଧ କାମ ସରିଲାଣି
- ୧୯ ମାସ ହେଲା ଡ୍ୟାମ୍ କାମ ବନ୍ଦ ପଡିଛି
- ବନ୍ଦ ହେବା ସ୍ଥିତିରେ ପ୍ରକଳ୍ପ ନାହିଁ : ମୁଖ୍ୟ ନିର୍ମାଣ ଯନ୍ତ୍ରୀ

ବଲାଙ୍ଗୀର ଜିଲାର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଦୀର୍ଘ ୨୦ବର୍ଷ ହେଲା ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇ ରହିଆସିଛି । ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପରେ ପ୍ରାୟ ୧୫୦୦କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ଏହି ଖର୍ଚ୍ଚ ହୋଇଥିବା ଅର୍ଥରୁ ରାଜ୍ୟ ସରକାର ପ୍ରାୟ ୧ ହଜାର କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଥିବାବେଳେ କେନ୍ଦ୍ର ସରକାର ପ୍ରାୟ ୫ଶହ କୋଟି ଟଙ୍କାର ଅନୁଦାନ ଯୋଗାଇଥିବା ଜଣାପଡିଛି । ତେବେ ୨୦୧୭–୧୮ ମସିହାରୁ ଏ ପର୍ଯ୍ୟନ୍ତ ଗତ ୩ ବର୍ଷ ହେଲା ଏହି ପ୍ରକଳ୍ପକୁ ଟଙ୍କାଟିଏ ମଧ କେନ୍ଦ୍ରୀୟ ଅନୁଦାନ ମିଳିନାହିଁ । ଏହି ସମୟ ମଧ୍ୟରେ ରାଜ୍ୟ ସରକାର ନିଜସ୍ୱ ଯୋଜନା ୱାଟର ସେକ୍ଟର ଇନଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ



ବଲାଙ୍ଗୀର ଜିଲାରେ ନିର୍ମାଣାଧୀନ ଲୋୟର ସୁକ୍‌ତେଲ ପ୍ରକଳ୍ପ ।

ପ୍ରୋଜେକ୍ଟ(ଡବ୍ଲ୍ୟୁଏସ୍‌ଆଇଡିପି)ରୁ ସୁକ୍‌ତେଲ ପ୍ରକଳ୍ପକୁ ପ୍ରାୟ ୬୩୪କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ପ୍ରକଳ୍ପରେ ୧୯୯୭–୯୮ ମସିହାରୁ ୨୦୧୭–୧୮ ମସିହା ପର୍ଯ୍ୟନ୍ତ କେନ୍ଦ୍ରୀୟ ଏକ୍ସିଲରେଟେଡ ଇରିଗେସନ ବେନିଫିଟ ପ୍ରୋଗ୍ରାମ(ଏଆଇବିପି )ଯୋଜନାରୁ ପ୍ରାୟ ୮୭୧କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା । ଏହି ପ୍ରଦତ୍ତ ଅନୁଦାନରେ ଯୋଜନାନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ଆନୁପାତିକ ଅନୁଦାନ ଭାଗ ଯୋଗାଇ ଦେଇଥିଲେ । ଏହାପରେ ୨୦୧୭–୧୮ ଆର୍ଥିକ ବର୍ଷରୁ କେନ୍ଦ୍ର ସରକାର ସୁକ୍‌ତେଲ ପ୍ରକଳ୍ପକୁ ଅନୁଦାନ ଯୋଗାଇବା ବନ୍ଦ କରିଦେଇଥିବା ପ୍ରକଳ୍ପ ଅଫିସ ସୂତ୍ରରୁ ଜଣାପଡିଛି।

୧୯୯୬ ମସିହା ମୂଲ୍ୟାଙ୍କନ ଅନୁଯାୟୀ ଲୋୟର ସୁକ୍‌ତେଲ ପ୍ରକଳ୍ପ ସକାଶେ ୨୧୭.୧୩ କୋଟିର ପ୍ରକଳ୍ପ ବ୍ୟୟ ଅଟକଳ ରହିଥିଲା । ୨୦୦୯ ମସିହାରେ ଏହି ପ୍ରକଳ୍ପର ପ୍ରଥମ ସଂଶୋଧିତ ବ୍ୟୟ ଅଟକଳ ୧୦୪୧.୮୧ କୋଟିକୁ ମଞ୍ଜୁରୀ ମିଳିଥିଲା । ଏହାପରେ ୨୦୧୫ମସିହାରେ ଦ୍ୱିତୀୟ ଥର ସକାଶେ ସଂଶୋଧିତ ବ୍ୟୟ ଅଟକଳ ୨୪୪୮.୦୯ କୋଟିକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିଲେ । ତେବେ ବିଭିନ୍ନ କାରଣରୁ ଏହି ପ୍ରକଳ୍ପଟି ବହୁ ବିଳମ୍ବ ହୋଇ ଚାଲିଥିବାରୁ ପ୍ରକଳ୍ପର ବର୍ତ୍ତମାନ ବ୍ୟୟ ଅଟକଳ ୩୬୦୦ କୋଟିକୁ ଟପିଯାଇଥିବା ଜଣାପଡିଛି । ଏଭଳି ସ୍ଥିତିରେ ପ୍ରକଳ୍ପଟି ବହୁ ଅନିଶ୍ଚିତତା ଦେଇ ଗତି କରୁଛି । ବହୁ ବିରୋଧ ସତ୍ତ୍ୱେ ଲୋୟର ସୁକ୍‌ତେଲ ଡ୍ୟାମ୍‌ର ସ୍ପିଲୱେ ନିର୍ମାଣ କାମ ଏ ପର୍ଯ୍ୟନ୍ତ ପ୍ରାୟ ୭୦ ପ୍ରତିଶତ ସରିଥିବାବେଳେ ମାଟିବନ୍ଧ କାମ ପ୍ରାୟ ୪୦ ପ୍ରତିଶତ ସରିଛି । ଗତ ୧୯ ମାସ ହେଲା ଏହି ପ୍ରକଳ୍ପର ଡ୍ୟାମ ନିର୍ମାଣ କାମ ବନ୍ଦ ରହିଥିବାରୁ ପ୍ରକଳ୍ପ ବନ୍ଦ ହୋଇଯିବା ସନ୍ଦେହ ଓ ଆଶଙ୍କା ଉପୁଜୁଛି । କିଛିଦିନ ତଳେ ଡ୍ୟାମ ସାଇଟ୍‌ରେ କେତେକ ମେଶିନ୍ ଅପସାରଣକୁ ଯିବାକୁ ନେଇ ଏଭଳି ଆଶଙ୍କା ଘନୀଭୂତ ହୋଇଥିଲା । ତେବେ ଏ ନେଇ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାତ ରଞ୍ଜନ ରାଉତଙ୍କୁ ପଚରାଯିବାରୁ ସୁକ୍‌ତେଲ ପ୍ରକଳ୍ପ ଆଉ ବନ୍ଦ ହେବା ସ୍ଥିତିରେ ନାହିଁ ବୋଲି କହିଛନ୍ତି । ଗତ ୧୫ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଗସ୍ତରେ ଆସିବାର ଦିନକ ପୂର୍ବରୁ ଭୁବନେଶ୍ୱରଠାରେ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ନେଇ ସମୀକ୍ଷା କରିଥିବା ସେ ସୂଚନା ଦେଇଛନ୍ତି । ଏପର୍ଯ୍ୟନ୍ତ ପ୍ରକଳ୍ପରେ ପ୍ରାୟ ୯ଶହ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ବିସ୍ଥାପିତଙ୍କ କ୍ଷତିପୂରଣ ଓ ପୁନର୍ବାସ ବାବଦରେ ମହଜୁଦ ଥିବା ପ୍ରାୟ ୬୦୦ କୋଟି ଟଙ୍କାରୁ ବିସ୍ଥାପିତ ହେବାକୁ ଥିବା ପରିବାରକୁ କ୍ଷତିପୂରଣ ଓ ଥଇଥାନ ଟଙ୍କା ବଣ୍ଟନ କରାଯାଉଛି ବୋଲି ସେ କହିଛନ୍ତି ।

ରାଜ୍ୟ ସରକାର ଚଳିତ ବଜେଟ୍‌ରେ ସୁକ୍‌ତେଲ ପ୍ରକଳ୍ପ ପାଇଁ ପୁଣି ୭୮ କୋଟି ଟଙ୍କାର ବ୍ୟୟ ବରାଦ କରିଥିବା ସୂଚନା ମିଳିଛି । ତେବେ ଗତ ୩ ବର୍ଷ ହେଲା ସୁକ୍‌ତେଲ ପ୍ରକଳ୍ପକୁ ଟଙ୍କାଟିଏ ମଧ କେନ୍ଦ୍ରୀୟ ଅନୁଦାନ ମିଳିନାହିଁ । ସୁକ୍‌ତେଲ ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରୁ ଅନୁଦାନ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ଗତବର୍ଷ ଅନୁରୋଧ କରାଯାଇଥିଲା । ତେବେ ଏନେଇ କେନ୍ଦ୍ର ସରକାରଙ୍କଠାରୁ ଏଯାଏଁ କୌଣସି ଅନୁମୋଦନ ମିଳି ନ ଥିବା ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରାଉତ ସୂଚନା ଦେଇଛନ୍ତି ।

### ୨୦୧୩ ଭୂମି ଅଧିଗ୍ରହଣ ଆଇନ ବଢ଼ାଉଛି ଅଡୁଆ

ଲୋୟର ସୁକ୍‌ତେଲ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୨୯ଟି ଗାଁର ଲୋକଙ୍କୁ କ୍ଷତିପୂରଣ ଓ ଥଇଥାନ ଏକ ବଡ ସମସ୍ୟା ଭାବେ ଉଭା ହୋଇଛି । ଏ ପର୍ଯ୍ୟନ୍ତ ସରକାର ୧୫ଟି ଗାଁରେ ଜମି ଅଧିଗ୍ରହଣ କରିଥିବା କହୁଛନ୍ତି । ତେବେ ଗୋଟିଏ ବି ଗାଁକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରାଯାଇନାହିଁ । ଅନ୍ୟପଟେ ବିସ୍ଥାପିତଙ୍କ ପାଇଁ ୪ଟି ଥଇଥାନ ଅଞ୍ଚଳ ଚିହ୍ନଟ କରାଯାଇ ଜମି ବ୍ୟବସ୍ଥା କରାଯାଇଥିଲା । ସେଠାରେ ଆବଶ୍ୟକ ଭିତ୍ତିଭୂମି ତିଆରି ହୋଇପାରିନାହିଁ । ପୂର୍ବରୁ ପ୍ରକଳ୍ପକୁ ସମର୍ଥନ କରୁଥିବା ଏବଂ ପ୍ରକଳ୍ପ ଦ୍ୱାରା ସର୍ବପ୍ରଥମେ ପ୍ରଭାବିତ ହେଉଥିବା ପରଧିଆପାଲି, କୋଇଣ୍ଡାପାଲି ଓ ଖୁଣ୍ଟପାଲି ଗାଁର ଲୋକମାନେ ଏବେ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଅନୁଯାୟୀ କ୍ଷତିପୂରଣ ଏବଂ ଥଇଥାନ ଦାବି କରୁଛନ୍ତି । ଏହି ଦାବି ଏବେ ସରକାରଙ୍କୁ ଅଡୁଆରେ ପକାଇଛି । ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ପୂର୍ବରୁ ଏୱାର୍ଡ ସରିଥିବା ସ୍ଥାନରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ କଲେ ଅଡୁଆ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି । ଏହା ଆଇନର ଜଟିଳ ଦିଗକୁ ଇଙ୍ଗିତ କରୁଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ପ୍ରକଳ୍ପ ପ୍ରଭାବିତ ଲୋକେ ଏହା ସେମାନଙ୍କ ନ୍ୟାଯ୍ୟ ଦାବି ବୋଲି କହୁଛନ୍ତି। ଏଭଳି ସ୍ଥିତିରେ ଏହି ପ୍ରକଳ୍ପଟି ବହୁ ବିଳମ୍ବିତ ହୋଇଯାଉଥିବାରୁ ଦିନକୁ ଦିନ ଆହୁରି ନାନା ସମସ୍ୟା ଓ ବିବାଦ ଛନ୍ଦି ହେଉଛି । ଏଭଳି ପରିସ୍ଥିତିରେ ପ୍ରକଳ୍ପ ପାଇଁ ବୁଡି ଅଞ୍ଚଳବାସୀଙ୍କୁ ସରକାର ଡରାଇବେ ନାଁ ବୁଝାଇବେ ଦ୍ୱନ୍ଦ୍ୱରେ ପଡିଛନ୍ତି ।

# ୭ ବର୍ଷରେ ୨୪.୬୧ % ଦାରିଦ୍ର୍ୟ କମିଛି: ମନ୍ତ୍ରୀ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

## ମୁଲତବୀ ଆଲୋଚନା

### ଦାରିଦ୍ର୍ୟ ବୃଦ୍ଧିକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

ଗତ ୨୦ ବର୍ଷ ମଧ୍ୟରେ ଓଡିଶା ସାମଗ୍ରିକ ଅର୍ଥନୈତିକ ପ୍ରଗତି, ଦାରିଦ୍ର୍ୟ ଦୂରୀକରଣ ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି ହାସଲ କରିଛି। ଏକ ସ୍ଥିର ଏବଂ ସମ୍ବେଦନଶୀଳ ଶାସନ, ଉତ୍ତମ ଆର୍ଥିକ ପରିଚାଳନା ଯୋଗୁ ରାଜ୍ୟର ସାମାଜିକ, ଅର୍ଥନୈତିକ ଏବଂ ଭିତ୍ତିଭୂମି ତଥା ପ୍ରଯୁକ୍ତି ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାର ହାସଲ ହୋଇପାରିଛି। ଗୁରୁବାର ବିଧାନସଭା ମୁଲତବୀ ଆଲୋଚନା ବେଳେ ଏହି ସୂଚନା ଦେଇଛନ୍ତି ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା।

ମନ୍ତ୍ରୀ କହିଛନ୍ତି ଯେ ନୀତି ଆୟୋଗ ଦ୍ୱାରା ଗଠିତ ତେନ୍ଦୁଲକର କମିଟିର ପଦ୍ଧତି ଅନୁଯାୟୀ ରାଜ୍ୟର ଦାରିଦ୍ର୍ୟ ଅନୁପାତ ୨୦୦୪–୦୫ରେ ୫୭.୨୦% ଥିବାବେଳେ ୨୦୧୧–୧୨ରେ ୩୨.୫୯%କୁ ହ୍ରାସ ପାଇଛି। ରାଜ୍ୟର ଦାରିଦ୍ର୍ୟ ହ୍ରାସ ୨୪.୬୧ ପ୍ରତିଶତ, ଯାହାକି ଦେଶର ସମସ୍ତ ରାଜ୍ୟଗୁଡିକ ମଧ୍ୟରୁ ସର୍ବାଧିକ। ଏହି ପଦ୍ଧତି ଅନୁଯାୟୀ ୨୦୦୪–୦୫ରେ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା ସମୁଦାୟ ଜନସଂଖ୍ୟା ୨୨୧.୬୦ ଲକ୍ଷ ଥିବା ବେଳେ ୨୦୧୧–୧୨ ଏହା ୧୩୮.୫୩ ଲକ୍ଷକୁ ହ୍ରାସ ପାଇଛି। ଉକ୍ତ ସମୟ ମଧ୍ୟରେ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଥିବା ଜନସଂଖ୍ୟା ୮୩.୦୭ ଲକ୍ଷ । ରାଜ୍ୟ ସରକାରଙ୍କ ସାମଗ୍ରିକ ବିକାଶ ଦିଗରେ ନିଆଯାଇଥିବା ବଳିଷ୍ଠ ପଦକ୍ଷେପ ଯୋଗୁ ଏହି ଲକ୍ଷ୍ୟ ହାସଲ କରାଯାଇ ପାରିଛି। କେବଳ ଦାରିଦ୍ର୍ୟ ହ୍ରାସ ପାଉ ନାହିଁ କୃଷି ଉତ୍ପାଦନ ମଧ ବୃଦ୍ଧି ପାଇଛି। ୨୦୦୨–୦୩ରୁ ୨୦୧୫–୧୬ ମଧ୍ୟରେ ରାଜ୍ୟରେ କୃଷି କ୍ଷେତ୍ରରେ ୮.୦୫% ଅଭିବୃଦ୍ଧି ହସଲ ହୋଇପାରିଛି। ଫଳରେ ଖାଦ୍ୟ ଶସ୍ୟ ନିଅଣ୍ଟିଆରୁ ବର୍ତ୍ତମାନ ବଳକା ରାଜ୍ୟ ଭାବେ ଓଡିଶା ଉଭା ହୋଇଛି। ସାମାଜିକ ବିକାଶ କ୍ଷେତ୍ରରେ ରାଜ୍ୟର ୪୫.୫୫ ପ୍ରତିଶତ ପାଣ୍ଠି ବିନିଯୋଗ ରାଜ୍ୟ ସରକାରଙ୍କ ସାମଗ୍ରିକ ଓ ସୁଷମ ବିକାଶ ପାଇଁ ଥିବା ପ୍ରତିବଦ୍ଧତାକୁ ସୂଚାଉଛି ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟର ସାମଗ୍ରିକ ଉତ୍ପାଦନ ୨୦୦୦–୦୧ରେ ୪୮୪୧୪.୮୪ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୧୯–୨୦ରେ ୫୩୩୮୨୨.୪୬ କୋଟି ଟଙ୍କାରେ ପହଞ୍ଚି ପାରିଛି। ୨୦୦୦–୦୧ରୁ ୨୦୧୯–୨୦ ମଧ୍ୟରେ ଘରୋଇ ଉତ୍ପାଦ ପ୍ରାୟ ୧୧ ଗୁଣା ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଓଡିଶାରେ ଦାରିଦ୍ର୍ୟ କରୋନା ଭାଇରସ ଭଳି ମାଡି ଚାଲିଛି। ରାଜ୍ୟର ଋଣ ବୋଝ ୧ ଲକ୍ଷ ୬୦ ହଜାର କୋଟିକୁ ଟପିଲାଣି। ରାଜ୍ୟର ଦାରିଦ୍ର୍ୟ ହାର ଅକ୍ସଫୋର୍ଡ ୟୁନିଭରସିଟି ରିପୋର୍ଟ ଅନୁଯାୟୀ ୬୩ ପ୍ରତିଶତରେ ପହଞ୍ଚିଛି। କାଳିଆ ଯୋଜନାରେ ଦରିଦ୍ର୍ୟ ହିତାଧିକାରୀଙ୍କୁ ଭତ୍ତା ନ ଦେଇ ଦଳୀୟ ଭିତ୍ତିରେ ଟଙ୍କା ବଣ୍ଟାଯାଇଛି। ଯେଉଁଥିପାଇଁ ୪୫ ହଜାର ଅଯୋଗ୍ୟ ହିତାଧିକାରୀ ଧରାପଡିଛନ୍ତି। ପ୍ରତ୍ୟେକ ଯୋଜନାରେ ଦୁର୍ନୀତି ଭରି ରହିଛି। ରାଜ୍ୟର ଦାରିଦ୍ର୍ୟକୁ ନେଇ ବିରୋଧୀ ଦଳ ଗୁରୁବାର ବିଧାନସଭା ମୁଲତବୀ ଆଲୋଚନା ବେଳେ ସରକାରଙ୍କୁ ଜୋରଦାର ଆକ୍ରମଣ କରିଥିଲେ। ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଥିଲେ ଯେ ଆମେ ଯେତେବେଳେ ସରକାରରେ ଥିଲୁ ସେତେବେଳେ ରାଜ୍ୟର ଋଣ ଭାର ୧୮ ହଜାର କୋଟି ଥିଲା। ଆମେ ଭାବୁଥିଲୁ କଂଗ୍ରେସ ରାଜ୍ୟ ଉପରେ ଋଣ ଲଦି ଦେଇ ଯାଇଛି। ମାତ୍ର ଏହି ଋଣ ମାଡି ମାଡି ଚାଲିଛି। ଅଣ୍ଡା, ମାଛ, ଆଳୁ, ପିଆଜ, ଡାଲି ବାହାର ରାଜ୍ୟରୁ ଆଣୁଛୁ। ଓଡିଶାରେ ତାହା ହେଲେ ହେଉଛି କଣ। ଇଜ୍ ଅଫ୍ ଡୁଇଙ୍ଗ ବିଜିନେସରେ ରାଜ୍ୟର ନମ୍ବର ୨୦୧୫ରେ ୭ମ ସ୍ଥାନରୁ ୨୦୧୭ରେ ୧୪ ସ୍ଥାନକୁ ଖସିଗଲାଣି ରାଜ୍ୟରେ ଏବେ ୯ ଲକ୍ଷ ଶିକ୍ଷିତ ପଞ୍ଜିକୃତ ବେକାର । ଶିକ୍ଷିତ ଏବଂ ଅଶିକ୍ଷିତଙ୍କୁ ମିଶାଇଲେ ପ୍ରାୟ ୧ କୋଟି ବେକାର ଓଡିଶାରେ ଅଛନ୍ତି ବୋଲି କହିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଅଭିଯୋଗ କରିଥିଲେ ଯେ ସେ ଦେଉଥିବା ମୁଲତବୀ ଲେଖାକୁ ବାଚସ୍ପତି ବଦଳାଇ ଦେଉଛନ୍ତି। ଗତ କାଲି ବଦଳାଯାଇଥିଲା । ପୁଣି ଆଜି ବଦଳାଇ ଦିଆଯାଇଛି । କାହିଁକି ଏପରି କରାଯାଉଛି । ସରକାର ଡରି କରି ଏପରି କରୁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିବେ ବୋଲି ଧମକ ଦେଇଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟ ଉନ୍ନତି କରିବା ପରିବର୍ତ୍ତେ ତଳକୁ ତଳକୁ ଯାଉଛି । ଦାରିଦ୍ର୍ୟ କମାଇବାକୁ ହେଲେ ଦୃଢ ଇଚ୍ଛାଶକ୍ତି ଦରକାର। ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର କହିଥିଲେ ମନ୍ତ୍ରୀଙ୍କ ଉତ୍ତର ନୈରାଶ୍ୟଜନକ। ସ୍ୱାଭିମାନର ସହ ବଞ୍ଚିବା ଜଣେ ବ୍ୟକ୍ତିର ମୌଳିକ ଅଧିକାର। ମାତ୍ର ଏହି ଅଧିକାର ଦାରିଦ୍ର୍ୟ ଛଡାଇ ନେଇଛି। ସ୍କୁଲରେ ଶିକ୍ଷକ ନାହାନ୍ତି। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଦିଲ୍ଲୀର କେଜ୍‌ରିୱାଲ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ଲୋକମାନେ ତାଙ୍କ ଉପରେ ବିଶ୍ୱାସ କରିଛନ୍ତି। ରାଜ୍ୟରେ ଗତ ୨୦ ବର୍ଷ ଧରି ଦାରିଦ୍ର୍ୟ ସୀମାରେଖା ତଳକୁ ଖସି ଚାଲିଛି ବୋଲି ନରସିଂହ କହିଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ମୁଲତବୀ ଆଲୋଚନାରେ ଅଂଶଗ୍ରହଣ କରି ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ସରକାରୀ ଦଳ ସଦସ୍ୟ ଅମର ଶତପଥୀ, ଧ୍ରୁବ ଚରଣ ସାହୁ, ପ୍ରଫୁଲ୍ଲ କୁମାର ସାମଲ ଏବଂ ଅଶ୍ୱିନୀ ପାତ୍ର ପ୍ରମୁଖ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଜରିଆରେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ବେକାରି ହ୍ରାସ କରିବା ନେଇ ସରକାର ଗୁଣଗାନ କରିଥିଲେ।






ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବ ନାହିଁ।

–ଲେନିନ୍



## ସଂକ୍ଷେପରେ

### ବୌଦ୍ଧିକ ସମ୍ପଦ ଅଧିକାର ଉପରେ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୦।୨(ବ୍ୟୁରୋ): ବିଜ୍ଞାନ ଓ କାରିଗରି ବିଭାଗ ଅଧୀନ ରାଜ୍ୟ ବିଜ୍ଞାନ ଓ କାରିଗରି ପରିଷଦ ପକ୍ଷରୁ ଗୁରୁବାର ବୌଦ୍ଧିକ ସମ୍ପଦ ଅଧିକାର ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧିକ ସମ୍ପଦ ଅଧିକାର କ୍ଷେତ୍ରରେ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିବାବେଳେ ଭବିଷ୍ୟତରେ ରାଜ୍ୟ ବଜେଟରେ ଏଥିପାଇଁ ଅର୍ଥ ବରାଦ କରିବାକୁ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଓଡ଼ିଶା ବିଜ୍ଞାନ ଏକାଡେମୀରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ପେଟେଣ୍ଟ, ଟ୍ରେଡ୍ ମାର୍କ, କପି ରାଇଟ୍ ଇତ୍ୟାଦିର ପଞ୍ଜୀକରଣ ବାବଦରେ ଆଲୋଚନା ହୋଇଥିଲା। ବିଭାଗ ପକ୍ଷରୁ ୨୦୧୫ରୁ ପେଟେଣ୍ଟ ତଥ୍ୟ କେନ୍ଦ୍ର (ପେଟେଣ୍ଟ ଇନ୍‌ଫର୍ମେଶନ୍ ସେଣ୍ଟର) କାର୍ଯ୍ୟ କରୁଛି ଓ ଏଯାବତ୍ ଏହି କେନ୍ଦ୍ର ୨୪ଟି ପ୍ରସଙ୍ଗ ଉପରେ ପେଟେଣ୍ଟ ଅଧିକାର ପ୍ରାପ୍ତି ପାଇଁ ସୁପାରିସ କରିଛି। ଓଡ଼ିଶା ରସଗୋଲାକୁ ଜି.ଆଇ. ମାନ୍ୟତା ମିଳିବା ପଛରେ ପେଟେଣ୍ଟ ତଥ୍ୟ କେନ୍ଦ୍ରର ଅବଦାନ ରହିଛି। ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠାନରୁ ଭାରପ୍ରାପ୍ତ ଅଧିକାରୀ, ରିସର୍ଚ୍ଚ ସ୍କଲାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ଯୁଗ୍ମ ଶାସନ ସଚିବ ଦେବବ୍ରତ ଜେନା ପ୍ରଥମ ଅଧିବେଶନରେ ପୌରୋହିତ୍ୟ କରିଥିବାବେଳେ ପଦାଧିକାରୀ ଦିଲୀପ କୁମାର ସାହୁ, ବରିଷ୍ଠ ବୈଜ୍ଞାନିକ ଭଗତ ମହାନ୍ତି, ପ୍ରକଳ୍ପ ବୈଜ୍ଞାନିକ ସୁଶାନ୍ତ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଲିପିକା ସାହୁ (ବେଙ୍ଗାଲୁରୁ) ଏବଂ ଟି. ପବନ କୁମାର (ଭୁବନେଶ୍ୱର) ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ମୃତ୍ୟୁ ପୂର୍ବରୁ କୃତିକାଙ୍କ ଦେହରେ ଥିଲା ବିଷ

**ଆପାର୍ଟମେଣ୍ଟରୁ ଖସି ଛାତ୍ରୀ ମୃତ୍ୟୁ ଘଟଣା**

- ବ୍ୟବଚ୍ଛେଦ ରିପୋର୍ଟରେ ରହିଛି ଚାଞ୍ଚଲ୍ୟକର ତଥ୍ୟ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ବଡଗଡ ଥାନା ଅନ୍ତର୍ଗତ ବିଜେବିନଗରସ୍ଥିତ ଏକ ଆପାର୍ଟମେଣ୍ଟର ଚତୁର୍ଥ ମହଲାରୁ ଖସି ଅଷ୍ଟମଶ୍ରେଣୀ ଛାତ୍ରୀ କୃତିକା ମିଶ୍ରଙ୍କ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଓ ମୁଣ୍ଡରେ ରହିଥିବା କିଛି ଲେଖାକୁ ନେଇ ପୂରା ଘଟଣା ରହସ୍ୟମୟ ହୋଇପଡିଥିଲା। ଇତିମଧ୍ୟରେ କୃତିକାଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ଉକ୍ତ ରିପୋର୍ଟରେ ଏକ ଚାଞ୍ଚଲ୍ୟକର ତଥ୍ୟ ଆଉ ଏକ ରହସ୍ୟ ସୃଷ୍ଟି କରିଛି। ଆପାର୍ଟମେଣ୍ଟରୁ ଡେଇଁବା ପୂର୍ବରୁ କୃତିକାଙ୍କ ଦେହରେ ବିଷାକ୍ତ ପ୍ରଦାର୍ଥ ରହିଥିଲା। ଯାହାକୁ ନେଇ ଏବେ ନାନା ପ୍ରଶ୍ନ ଉଠୁଛି। କୃତିକା କ'ଣ ଆତ୍ମହତ୍ୟା କରିବା ପାଇଁ ଏକ ପ୍ରକାର ନିଷ୍ପତ୍ତି ନେଇଥିଲେ। ଯଦି ନେଇଥିଲେ ତେବେ ସେ ବିଷପିଇ ଆତ୍ମହତ୍ୟା ନ କରି କାହିଁକି ୪ ମହଲାରୁ ଡେଇଁ ମୃତ୍ୟୁକୁ ଆପଣାଇଥିଲେ? ନା କେହି ତାଙ୍କୁ ଯୋଜନାବଦ୍ଧ ଭାବେ ବିଷ ପିଆଇ ଆପାର୍ଟମେଣ୍ଟରୁ ତଳକୁ ଠେଲି ଦେଇଛନ୍ତି? ଏଭଳି ଅନେକ ପ୍ରଶ୍ନକୁ ନେଇ ପୋଲିସ ନୂଆ କିଛି ଖୁଲାସା କରିବାକୁ ଲାଗିପଡିଛି। ତେବେ ବିଷ ସମ୍ପର୍କରେ ଅଧିକ ଜାଣିବା ପାଇଁ ଭିସେରା ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ତେଣୁ ପୋଲିସ ବିଭିନ୍ନ ଦିଗକୁ ନେଇ ପଚରାଉଚରା କରୁଛି। ପୋଲିସ କୃତିକାଙ୍କ ସ୍କୁଲକୁ ଯାଇ ସାଙ୍ଗମାନଙ୍କୁ ପଚରାଉଚରା କରିବ ବୋଲି ଜଣାପଡିଛି।

ସବୁଠୁ ବଡ଼ କଥା ହେଲା ମୃତ୍ୟୁ ପୂର୍ବରୁ କୃତିକା ଇନ୍‌ଷ୍ଟାଗ୍ରାମରେ ଯେଉଁ ପୋଷ୍ଟ କରିଥିଲେ ତାହା ମୃତ୍ୟୁ ପଛରେ ଅନେକ ଦିଗକୁ ଇସାରା କରୁଥିଲା। କୃତିକା ସେଥିରେ ଲେଖିଥିଲେ ଯେ, ବାଏ ବାଏ ପିପୁଲ, ଅର୍ଥାତ ସମସ୍ତଙ୍କୁ ବିଦାୟ। ତାଙ୍କ ସହ ଚାର୍ଟ କରୁଥିବା ଜଣେ ସାଙ୍ଗ ପଚାରିଥିଲେ – କୁଆଡେ ଯାଉଛ? କୃତିକା ଲେଖିଥଲେ– ନର୍କ ନ ହେଲେ ସ୍ୱର୍ଗ। ପୁଣି ସାଙ୍ଗ ଜଣକ ପଚାରିଥିଲେ ମୋତେ ବି ସାଙ୍ଗରେ ନେଇଯାଅ। କୃତିକା ଉତ୍ତର ଦେଇଥିଲେ–ତମକୁ ସାଙ୍ଗରେ ନେବି ନା ନାହିଁ କାଲି ତୁମେ ନିଶ୍ଚିତ ହୋଇଯିବ। ପରଦିନ ରବିବାର ଆସିଲା କୃତିକାଙ୍କ ମୃତ୍ୟୁ ଖବର। ଅନ୍ୟପକ୍ଷରେ କୃତିକାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟକୁ ନେଇ ପୋଲିସ ଅନ୍ଧାରରେ ପଡିଥିବାବେଳେ ଏବେ ପୋଷ୍ଟମର୍ଟମ ରିପୋର୍ଟ ମାମଲାକୁ ଅଧିକ ଜଟିଳ କରି ଦେଇଛି।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧରି ମାଇଲେ ଯେ**
**ବାନ୍ଧି ମାଇଲେ ସେ ।**

ବ୍ୟକ୍ତିକୁ ଧରିକି ମାରିବା ଯାହା ବାନ୍ଧିକି ମାରିବା ତାହା। ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ଧରିକି ହେଉ କିମ୍ୱା ବାନ୍ଧିକି ହେଉ ଯେକୌଣସି ପ୍ରକାରେ ଆଘାତ ଦେବା ପ୍ରକାରାନ୍ତରେ ଏକାକଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାଇଁ ନ ପାରଇ ପାଇକ ଆଗେ**
**ଟାଣ କରୁଥାଇ ମାଇପ ଆଗେ ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ତଥା ଘର ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି। ତୁଚ୍ଛା ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ମୁହଁ ଫିଟାଇ କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଦୁର୍ବଳ ବ୍ୟକ୍ତି ନିଜ ଘରେ ଟାଣପଣ ଦେଖାଇବା ଭଳି ଅନ୍ୟ ସାମ୍‌ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

# କ୍ୟାପିଟାଲ ହସ୍ପିଟାଲ ସମ୍ପ୍ରସାରଣ ପାଇଁ ବୈଠକ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ରାଜଧାନୀରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଫଳରେ ଦିନକୁ ଦିନ କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଉଟ୍‌ଡୋର୍ ରୋଗୀଙ୍କ ସଂଖ୍ୟା ଦୃଷ୍ଟିରୁ ରାଜ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରେ କ୍ୟାପିଟାଲ ହସ୍ପିଟାଲ ଦ୍ୱିତୀୟରେ ରହିଛି। ଏଠାକୁ ପ୍ରତିଦିନ ୩୫୦୦ରୁ ଅଧିକ ରୋଗୀ ଚିକିତ୍ସା ସେବା ପାଇଁ ଆସିଥାନ୍ତି। ସେଥିପାଇଁ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲର ସମ୍ପ୍ରସାରଣ ଓ ଉନ୍ନତୀକରଣ ନିହାତି ଆବଶ୍ୟକ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ୟାପିଟାଲ ହସ୍ପିଟାଲ ବିଲ୍ଡିଂର ପରିସର ବୃଦ୍ଧି ସହ ଅତ୍ୟାଧୁନିକ ଯନ୍ତ୍ରପାତି ସ୍ଥାପନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଏଥିସହିତ ହସ୍ପିଟାଲର କାର୍ଡିଆକ୍ କେୟାର ୟୁନିଟ୍‌କୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ଗଢ଼ିତୋଳିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦିଗରେ ଆଲୋଚନା ହୋଇଥିଲା। କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ରୋଗୀ କିପରି ଉପଯୁକ୍ତ ଚିକିତ୍ସା ସେବା ପାଇପାରିବେ ସେ ଦିଗରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ, ଡିଏମ୍‌ଇଟି ପ୍ରଫେସର ଡା. ସିବିକେ ମହାନ୍ତି, ବିଶିଷ୍ଟ କାର୍ଡିଓଲୋଜିଷ୍ଟ ଡା. ପି.କେ. ଦାସ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।



ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଅଧିକାରୀମାନେ।

# ୩୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଦମ୍ପତି ଗିରଫ

ବାରଙ୍ଗ,୨୦।୨(ଡି.ଏନ.ଏ.)

ନନ୍ଦନକାନନ ଥାନା ପୋଲିସ ଗୁରୁବାର ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଏକ ଦମ୍ପତିଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଦାସାହି ଗ୍ରାମର ରମେଶ ଚନ୍ଦ୍ରବେଉରା ଓ ତାଙ୍କ ସ୍ତ୍ରୀ ସୁକାନ୍ତି। ପୋଲିସ ତାଙ୍କଠାରୁ ୩୨୦ ବ୍ରାଉନସୁଗାର ସହ ନଂ.ଓଡି୩୩କେ–୦୨୨୯ ବିଶିଷ୍ଟ ଏକ ବାଇକ୍, ୩ ମୋବାଇଲ ଫୋନ ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩୨ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ନନ୍ଦନକାନନ ଥାନା ଏସଆଇ ନବଘନ ମଲ୍ଲିକ ପାଟ୍ରୋଲିଂ କରୁଥିବାବେଳେ ପଦାସାହି ଗ୍ରାମମୁଣ୍ଡ ରେଳଧାରଣା କଡ଼ରେ ରମେଶ ଓ ତାଙ୍କ ସ୍ତ୍ରୀ ଛିଡା ହୋଇଥିବାର ଦେଖିବାକୁ ପାଇଥିଲେ। ସନ୍ଦେହରେ ପୋଲିସ କିଛି ସମୟ ସେଠାରୁ କିଛିଦୂରରେ ରହି ଜଗିଥିଲେ। କିଛି ସମୟ ପରେ ଏକ ବାଇକରେ ଦୁଇଜଣ ଯୁବକ ଆସି ସେମାନଙ୍କଠାରୁ ବ୍ରାଉନସୁଗାର କିଣି ନେଇ ଯାଉଥିବାବେଳେ ପୋଲିସ ଚଢାଉ କରିଥିଲେ। କିନ୍ତୁ କୌଶଳକ୍ରମେ ଯୁବକଦ୍ୱୟ ଫେରାର ହୋଇଯାଇଥିବାବେଳେ ସ୍ୱାମୀ ସ୍ତ୍ରୀ ଧରାପଡିଯାଇଥିଲେ। ଏ ନେଇ ପୋଲିସ ନଂ.୧୩/୨୦ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ପରୀକ୍ଷା କେନ୍ଦ୍ରରେ ଭଙ୍ଗାଯାଉଛି ସିସିଟିଭି

- ଡିଇଓଙ୍କୁ ବୋର୍ଡ ପରୀକ୍ଷା ନିୟନ୍ତ୍ରକଙ୍କ ନୋଟିସ୍
- ସ୍କୁଲ କର୍ତ୍ତୃପକ୍ଷ ଦେବେ କ୍ଷତିପୂରଣ ଅର୍ଥ
- ସିସିଟିଭି ସୁଇଚ୍ ବନ୍ଦ ନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଲଗାଯାଇଥିବା ସିସିଟିଭିକୁ ଜାଣିଶୁଣି ଭଙ୍ଗାଯାଉଛି। ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତିକୁ ରୋକିବାକୁ ତଥା ସିସିଟିଭିର ସୁରକ୍ଷା ଲାଗି ବୋର୍ଡ ପରୀକ୍ଷା ନିୟନ୍ତ୍ରକ ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ନୋଟିସ ଜାରି କରିଛନ୍ତି। ଏଭଳି ଘଟଣା ଆଉ ଘଟିଲେ ସ୍କୁଲ କର୍ତ୍ତୃପକ୍ଷ ଦାୟୀ ରହିବେ। କେବଳ ଦାୟୀ ନୁହେଁ, ସିସିଟିଭି ନଷ୍ଟ ହୋଇଥିବା ଉପକରଣର ସମସ୍ତ ଅର୍ଥ କ୍ଷତିପୂରଣ ଆକାରରେ ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ଆଦାୟ କରାଯିବ। ଯେକୌଣସି ମତେ ସିସିଟିଭିର ସୁଇଚ୍ ବନ୍ଦ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ପରୀକ୍ଷାର୍ଥୀ ଯଦି ଏ ଘଟଣାରେ ସମ୍ପୃକ୍ତ ଥାଆନ୍ତି, ତେବେ ସେମାନଙ୍କ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ କରାଯିବ ନାହିଁ। ମାଟ୍ରିକ ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ବୋର୍ଡ ପକ୍ଷରୁ ଚାରିସ୍ତରୀୟ ସ୍କାଡ୍ ବ୍ୟବସ୍ଥା କରାଯାଇଛି। ଉତ୍ତେଜନା ପ୍ରବଣ କେନ୍ଦ୍ରଗୁଡ଼ିକରେ ଅଧିକ ପୋଲିସ ମୁତୟନ ସହ ପରୀକ୍ଷା କେନ୍ଦ୍ର ଚାରିପାଖରେ ଲୋକଙ୍କ ଭିଡ଼ ରୋକିବା ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୧୦୦୦ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ତେବେ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଜାଣିଶୁଣି ସିସିଟିଭି ଭଙ୍ଗାଯାଇଥିବା ଦେଖିବାକୁ ମିଳିଛି।

# ୫୪ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୨୦।୨(ବ୍ୟୁରେ)

ରାଜଧାନୀରେ ବ୍ରାଉନସୁଗାର କାରବାରରେ ରୋକ ଲଗାଇବା ନେଇ କମିଶନରେଟ ପୋଲିସର ସ୍ପେଶାଲ ଡ୍ରାଇଭ ଜାରି ରହିଛି। ବୁଧବାର କମିଶନରେଟ ପୋଲିସର ଡ୍ରଗ ଟାକ୍ସ ଫୋର୍ସ (ଡିଟିଏଫ୍) ଏବଂ ତମାଣ୍ଡୋ ପୋଲିସ ମିଳିତ ଭାବେ କଳିଙ୍ଗ ନଗରରେ ଚଢ଼ାଉ କରି ବ୍ରାଉନସୁଗାର ବେପାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋସ୍ଥିତ ଟାଙ୍ଗୀ ସାହି ଅଞ୍ଚଳର ଦୀପକ କୁମାର ବଳ ଓରଫ ହାପି ଓ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଦୀପକ ନାଥ ଓରଫ ଟୁନା। ଏଥିସହ ପୋଲିସ ସେମାନଙ୍କ ନିକଟରୁ ୫୪ ଗ୍ରାମ ବ୍ରାଉନସୁଗାର ସମେତ ୧୨ହଜାର ଟଙ୍କା ଓ ମୋବଇଲ ଜବତ କରିଛି। ଏ ନେଇ ତମାଣ୍ଡୋ ପୋଲିସ ନଂ.୯/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଟୁନା ଓ ହାପି ମିଶି ରାଜଧାନୀର ବିଭିନ୍ନ ଅଞ୍ଚଳରେ ବ୍ରାଉନସୁଗାର ବେପାର କରୁଥିଲେ। ଟୁନା ବାଲେଶ୍ୱରରୁ ବାଇକ୍, କାର୍, ବସ୍ ଓ ଟ୍ରେନ ସହାୟତାରେ ରାଜଧାନୀରେ ବ୍ରାଉନସୁଗାର ପହଞ୍ଚାଇବା ପରେ ହାପି ଛୋଟ ବେପାରୀମାନଙ୍କୁ ଯୋଗାଉଥିଲା। ୨ଅଭିଯୁକ୍ତ କଳିଙ୍ଗ ବିହାର ଅଞ୍ଚଳରେ ବ୍ରାଉନସୁଗାର ଡିଲ କରିବା ନେଇ ବିଶେଷ ସୂତ୍ରରୁ ତମାଣ୍ଡୋ ପୋଲିସ ଜାଣିପାରିଥିଲା। ଗୁରୁବାର ସକାଳ ସାଢେ ୯ଟା ବେଳକୁ ୨ ଅଭିଯୁକ୍ତ କଳିଙ୍ଗ ବିହାରସ୍ଥିତ ହୋଟେଲ ଆର୍ଯ୍ୟ ପ୍ୟାଲେସ ନିକଟରେ ଡିଲ ପାଇଁ ପହଞ୍ଚିବା ପରେ ଉଭୟ ଟିମ ଚଢାଉ କରି ଧରିଥିଲେ। କାରବାରରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପଚରାଉଚରା ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

FINANCE
ସରକାରୀ ଯୋଜନା ଦ୍ୱାରା
All Odisha ଋଣ ନିଜର
ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

ASTROLOGY

ଗୁରୁ ସାହିଦ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୈପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକର୍ଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7042350747
8929313996

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ–୬୦,୦୦,୦୦୦) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ– କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ) ।
ମୋ. 9411277198


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଶାହିନବାଗ ବିକ୍ଷୋଭକାରୀଙ୍କ ସହ ମଧ୍ୟସ୍ଥଙ୍କ ଆଲୋଚନା**

ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥ ଗୁରୁବାର ଦ୍ୱିତୀୟ ଥର ପାଇଁ ଶାହିନବାଗ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନାରେ ଅଗ୍ରଗତି ଘଟିଥିବା ଜଣାପଡିଛି। ସିଏଏକୁ ବିରୋଧ କରି ବିକ୍ଷୋଭକାରୀ ଦୁଇମାସରୁ ଊର୍ଦ୍ଧ୍ୱ ହେଲା ଆନ୍ଦୋଳନରେ ବସିଛନ୍ତି। ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାଏର ପିଟିଶନର ଶୁଣାଣି କରି ଅଦାଲତ ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା ପାଇଁ ଆଇନଜୀବୀ ସଞ୍ଜୟ ହେଗଡେ ଏବଂ ସାଧନା ରାମଚନ୍ଦ୍ରନଙ୍କୁ ନେଇ ମଧ୍ୟସ୍ଥ କମିଟି ଗଠନ କରିଥିଲେ।



# ବିଧାନସଭା ଘେରାଉବେଳେ ପୋଲିସ-ଭାଜପା କର୍ମୀ ଧସ୍ତାଧସ୍ତି

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**


ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ବ୍ୟାରିକେଡ୍ ଡେଇଁବାକୁ ଉଦ୍ୟମ କରୁଛନ୍ତି।


ପୋଲିସ ଆନ୍ଦୋଳନରତ କର୍ମୀଙ୍କୁ ଧରି ନେଉଛି।

ବେରୋଜଗାର ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଥିଲା। ସଭା, ଶୋଭାଯାତ୍ରା ମାଧ୍ୟମରେ ସରକାରଙ୍କୁ ଟାର୍ଗେଟ କରିଥିଲା। ଲୋୟର ପିଏମ୍‌ଜିରେ ବିଜେଡି ସରକାରଙ୍କ ବିରୋଧରେ ନାନା ନାରାବାଜି କରିବା ସହ ବିଧାନସଭା ଘେରାଉ ପାଇଁ ଯାଉଥିବାବେଳେ ପୋଲିସ ବାଟ ଓଗାଳିଥିଲା। ଶହଶହ କର୍ମୀ ବ୍ୟାରିକେଡ୍ ଡେଇଁବା ପରେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଧସ୍ତାଧସ୍ତି, ହୋହଲ୍ଲା ଭିତରେ ଲୋୟର ପିଏମ୍‌ଜି ଏକ ପ୍ରକାର ରଣକ୍ଷେତ୍ରରେ ପରିଣତ ହୋଇଥିଲା। ସ୍ଥିତି ନିୟନ୍ତ୍ରଣ କରିବାକୁ ଶେଷରେ ପୋଲିସ ବଳ ପ୍ରୟୋଗ କରିଥିଲା। ୫୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀଙ୍କୁ ଗିରଫ କରିନେବା ପରେ ଅନ୍ୟମାନେ ଛିନ୍‌ଛତର୍ ହୋଇ ଧାଇଁଥିଲେ।

ପ୍ରଥମେ ଭାଜପା କାର୍ଯ୍ୟାଳୟରେ ଯୁବମୋର୍ଚ୍ଚାର କର୍ମୀମାନେ ଏକାଠି ହୋଇଥିଲେ। ସେଠାରେ ଆୟୋଜିତ ସଭାରେ ନେତାମାନେ ବିଜେଡି ସରକାରଙ୍କ ସମୟରେ ବେରୋଜଗାର ବୃଦ୍ଧି ହୋଇଥିବା ନେଇ ଅଭିଯୋଗ ଉଠାଇଥିଲେ। ଏହାର ଦୃଢ଼ ପ୍ରତିବାଦ କରିବାକୁ ଯୁବ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାପରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ବିଧାନସଭା ଘେରାଉ ପାଇଁ ଯାଉଥିଲେ। ସେମାନେ ଲୋୟର ପିଏମ୍‌ଜିରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ଆନ୍ଦୋଳନକାରୀଙ୍କୁ ଅଟକାଇବାକୁ ପୂର୍ବରୁ ଦୁଇଟି ବଡ଼ ବଡ଼ ବ୍ୟାରିକେଡ୍ ପକାଇ ପ୍ରସ୍ତୁତ ହୋଇରହିଥିଲା। ହେଲେ ଆନ୍ଦୋଳନକାରୀମାନେ ସମସ୍ତ ସୁରକ୍ଷାକୁ ଭେଦକରି ବିଧାନସଭା ଘେରାଉ ପାଇଁ ଉଦ୍ୟମ କରିବା ସମୟରେ ପୋଲିସ ସହ ମୁହାଁମୁହିଁ ହୋଇଥିଲା। ଏହି ଆନ୍ଦୋଳନରେ ବିଶ୍ୱରଞ୍ଜନ ବଡ଼ଜେନା, ସତ୍ୟବାଦୀ ଚଇନି, ସିକନ୍ଦର ଅଲ୍ଲୀ, କାମାକ୍ଷା ପ୍ରଧାନ, ଇରାଶୀଷ ଆଚାର୍ଯ୍ୟ, ଦୀପକ ଗୋଚ୍ଛାୟତ, ସ୍ୱାଧୀନ ମହାନ୍ତି ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇଥିଲେ।

ବେରୋଜଗାରକୁ ନେଇ ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଖଣିଜ ସମ୍ପଦ ଭରପୂର ହୋଇ ରହିଛି। ଦକ୍ଷ ଯୁବ ସମ୍ପଦ ଭରି ରହିଥିଲେ ମଧ୍ୟ ରାଜ୍ୟ ସରକାର ୨୦ବର୍ଷ ମଧ୍ୟରେ ସେମାନଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଆପରଗତା ପାଇଁ ଓଡ଼ିଶା ଆଜି ବେରୋଜଗାରିରେ ୧ ନମ୍ବର ହୋଇଛି। ୨୦୦୯ରୁ ଆଜିଯାଏ ରାଜ୍ୟରେ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ୨୨ଲକ୍ଷ ୫୭ ହଜାର ବେକାର ଯୁବତୀଯୁବକ ଚାକିରି ପାଇଁ ନାମ ପଞ୍ଜୀକରଣ କରିଥିଲେ। ୧୦ବର୍ଷ ଭିତରେ ମାତ୍ର ୧ ପ୍ରତିଶତ ଅର୍ଥାତ୍ ୨୬ ହଜାର ୪୫୦ ଜଣଙ୍କୁ ନିଯୁକ୍ତି ମିଳିଛି। ସେହିପରି ରାଜ୍ୟ ସରକାରଙ୍କ ସ୍କିଲ୍ଡ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି କାର୍ଯ୍ୟକ୍ରମରେ ୬୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୯୩ ହଜାର ୧୧ ତାଲିମପ୍ରାପ୍ତଙ୍କ ମଧ୍ୟରୁ ୨୧ହଜାର ୬୮୧ଜଣ ନିଯୁକ୍ତି ପାଇଛନ୍ତି। ସରକାରଙ୍କ ନିଶ୍ଚିତ ନିଯୁକ୍ତି କାର୍ଯ୍ୟକ୍ରମରେ ଓଡ଼ିଆ ଯୁବପିଢ଼ିଙ୍କୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ରାଜ୍ୟରେ ରହିଥିବା ୯ଲକ୍ଷ ୨୧ହଜାର ଶିକ୍ଷିତ ବେକାରିଙ୍କ ମଧ୍ୟରୁ ମୁଖ୍ୟମନ୍ତ୍ରୀଙ୍କ ଜିଲା ଗଞ୍ଜାମରେ ୫୫ ହଜାର ୫୫୬ଜଣ ରହିଛନ୍ତି। ବିଭିନ୍ନ ଜିଲାରେ ନିଯୁକ୍ତି ମେଳା ଆୟୋଜନ କରାଯାଇ ପ୍ରହସନ କରାଯାଉଛି। ନିଯୁକ୍ତିମେଳାରେ ମିଳୁଥିବା ନିଯୁକ୍ତି କମ୍ ଦରମା ଓ ଅଧିକାଂଶ ରାଜ୍ୟ ବାହାରେ ହୋଇଥିବାରୁ ଓଡ଼ିଶାର ପିଲାମାନେ ଲାଭବାନ ହୋଇପାରି ନାହାନ୍ତି ବୋଲି ଟଙ୍କଧର ଅଭିଯୋଗ ଆଣିଛନ୍ତି। ସେହିଭଳି ୨୦୦୯ରେ ହୋଇଥିବା ରାଜ୍ୟ ଶିଳ୍ପ ନୀତିକୁ ଦଳିମକଚି ଦିଆଯାଇଛି। ବଡ଼ ବଡ଼ କାରଖାନାରେ ସ୍ଥାନୀୟ ପିଲାଙ୍କୁ ଗୁରୁତ୍ୱ ଦିଆ ନ ଯାଇ ପିସି କାରବାର ଓ ମଧୁଚନ୍ଦ୍ରିକାରେ ଅଣଓଡ଼ିଆ ପିଲାଙ୍କୁ ଥଇଥାନ କରାଯାଉଛି। ରାଜ୍ୟରେ ଖାଲିଥିବା ପଦବୀଗୁଡ଼ିକୁ ସରକାର ତୁରନ୍ତ ପୂରଣ କରିବା ସହ ଘରୋଇ କମ୍ପାନୀଗୁଡ଼ିକରେ ଓଡ଼ିଆ ଯୁବତୀଯୁବକଙ୍କୁ ନିଯୁକ୍ତି ନେବାକୁ ଟଙ୍କଧର ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

**ବେରୋଜଗାର ପ୍ରତିବାଦରେ ଆନ୍ଦୋଳନ**

- ୫୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ଗିରଫ
- ବେରୋଜଗାରିରେ ଓଡ଼ିଶା ନଂ.୧ : ଟଙ୍କଧର
- ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାକୁ ଦାବି

## ସୁରେଶ ବଶିଷ୍ଟ ସ୍ୱତନ୍ତ୍ର କୃଷି ସଚିବ

**ଭୁବନେଶ୍ୱର,୨୦।୨(ବ୍ୟୁରୋ):** ରାଜ୍ୟ ସରକାର ଗୁରୁବାର ପ୍ରଶାସନିକ ସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। କେନ୍ଦ୍ରୀୟ ଡେପୁଟେଶନରୁ ସଦ୍ୟ ଫେରିଥିବା ସୁରେଶ କୁମାର ବଶିଷ୍ଟ(୧୯୯୮ ବ୍ୟାଚ)ଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାରଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ତଥା ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ଅନୁରୂପ ଭାବେ ସରକାର ଓଏଏସ୍ ଅଫିସର ସ୍ତରରେ ମଧ୍ୟ ଛୋଟ ଧରଣର ଏକ ଅଦଳବଦଳ କରାଯାଇଛି। ନୀତି ରଞ୍ଜନ ସେନଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟରେ ଉପ ସିଇଓ ଭାବେ ନିଯୁକ୍ତି ମିଳିଛି। ସେହିପରି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ଜେନେରାଲ ମ୍ୟାନେଜର(ସାମାଜିକ ପ୍ରକଳ୍ପ) ଦୀପ୍ତି ରଞ୍ଜନ ସାହୁଙ୍କୁ ପଦୋନ୍ନତି ମିଳିଛି। ପରବର୍ତ୍ତୀ ନିଷ୍ପତ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ସେ ତାଙ୍କ ପୁରୁଣା ଦାୟିତ୍ୱ ତୁଲାଇବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପସଚିବ ଦୀପକ ରାଉତରାୟ ସାମାଜିକ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଯୁଗ୍ମ ସଚିବରୂପେ ଅବସ୍ଥାପିତ କରାଯାଇଛି। ଅନୁରୂପ ଭାବେ ଦୁର୍ଗା ପ୍ରସାଦ ମହାରଣା ଏବଂ ରେଣୁ ନାୟକଙ୍କୁ ପଦୋନ୍ନତି ସହ ପୂର୍ବ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି। ଏତଦ୍‌ବ୍ୟତୀତ ଅମିୟ କୁମାର ସାହୁଙ୍କୁ ଗଞ୍ଜାମ ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି। ଇଡ୍‌କୋ ଲ୍ୟାଣ୍ଡ ଅଫିସର ହରିଶ ଚନ୍ଦ୍ର ରାଉତ, ପୂର୍ତ୍ତ ବିଭାଗ ଉପସଚିବ ଚିତ୍ରସେଣ ରାଉତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପସଚିବ ଦୁର୍ଗେଶନନ୍ଦିନୀ ସାହୁଙ୍କୁ ପଦୋନ୍ନତି ସହ ପରବର୍ତ୍ତୀ ବିଜ୍ଞପ୍ତି ନ ମିଳିବା ପର୍ଯ୍ୟନ୍ତ ନିଜ ପୂର୍ବ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି।

## ଗୋଆରେ ଓଡ଼ିଆ ମହିଳା ଶ୍ରମିକଙ୍କୁ ହତ୍ୟା

**ପାଟପୁର,୨୦।୨:** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ବୁରେଇପାହାଡ଼ ଗ୍ରାମର ଜଣେ ମହିଳା ଶ୍ରମିକଙ୍କୁ ଗତ ୭ ତାରିଖରେ ଗୋଆରେ ହତ୍ୟା କରାଯାଇଛି। ସେ ହେଲେ ସାବିତ୍ରୀ ଶବର। ସାବିତ୍ରୀଙ୍କ ଭାଇ ମୃତଦେହ ଫେରାଇ ଆଣିବାକୁ ପାଟପୁର ଥାନା ଅଧିକାରୀଙ୍କୁ ଗୁରୁବାର ନିବେଦନ କରିବା ପରେ ଘଟଣା ଜଣାପଡିଥିଲା। ହତ୍ୟା ଅଭିଯୋଗରେ ଗଞ୍ଜାମ ଅଞ୍ଚଳର ଜଣେ ଓଡ଼ିଆ ଯୁବକଙ୍କୁ ଅଟକ ରଖିଛୁ ବୋଲି ସମ୍ପୃକ୍ତ ଥାନାର ପୋଲିସ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ୫ ବର୍ଷ ତଳେ ସାବିତ୍ରୀଙ୍କ ସ୍ୱାମୀ କାଳିକା ବଡରଇତ କେଉଁଆଡେ ଚାଲିଯିବାପରେ ସେ ରୋଜଗାର ପାଇଁ ଗୋଆ ଚାଲିଯାଇଥିଲେ।

# ଅନୁପ, ବର୍ଦ୍ଧନଙ୍କୁ ସାମ୍ନାସାମ୍ନି ଜେରା

**କଳ୍ପନା ଦାଶ, ବବ୍‌ଲି ହତ୍ୟା ଘଟଣା**

- ଜବତ ହେଲା ଇନୋଭା
- ବର୍ଦ୍ଧନଙ୍କ ରିମାଣ୍ଡ ଅବଧି ଶେଷ
- ଶନିବାର ସନ୍ଧ୍ୟାରେ ଅନୁପଙ୍କ ରିମାଣ୍ଡ ସରିବ
- ବୋଲେରୋ ସନ୍ଧାନରେ ଗୁଜରାଟ ଗଲା ପୋଲିସ
- ମାମଲାର ଅନୁଧ୍ୟାନ ପାଇଁ ରାୟଗଡ଼ ଆସିଲେ ବିଳାସପୁର ଆଇଜି


ଜବତ ଇନୋଭା

**ଝାରସୁଗୁଡ଼ା ଅଫିସ,୨୦।୨**

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟାକାଣ୍ଡରେ ବ୍ୟବହୃତ ଇନୋଭା (ନଂ.ଓଡି ୦୨-ଭି ୯୭୪୪)କୁ ଶେଷରେ ଚକ୍ରଧରନଗର ପୋଲିସ ଜବତ କରିଛି। ଏହି ଡବଲ ମର୍ଡର ଘଟଣାର ପ୍ରମାଣ ନଷ୍ଟ କରିବା ପାଇଁ କଳ୍ପନା ଓ ବବ୍‌ଲିଙ୍କ ଉପରେ ଏହି ଗାଡି ଚଢ଼ାଇ ସେମାନଙ୍କ ଶରୀରକୁ ବିକୃତ କରାଯାଇଥିଲା। ଅନ୍ୟପକ୍ଷେ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ବୁଧବାର ସନ୍ଧ୍ୟାରେ ପୋଲିସ ରିମାଣ୍ଡରେ ନେଇ ସାମ୍ନାସାମ୍ନୀ ବସାଇ ଜୋରା କରିଥିଲା। ଗୁରୁବାର ଡ୍ରାଇଭର ବର୍ଦ୍ଧନଙ୍କ ରିମାଣ୍ଡ ଅବଧି ଶେଷ ହୋଇଛି। ତାଙ୍କୁ ଗୁରୁବାର ସନ୍ଧ୍ୟାରେ କୋର୍ଟରେ ହାଜର କରିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନୁପଙ୍କ ରିମାଣ୍ଡ ଅବଧି ଶନିବାର ସନ୍ଧ୍ୟାରେ ଶେଷ ହେବ। ଜେରା ବେଳେ ଉଭୟଙ୍କଠାରୁ ବହୁତ ତଥ୍ୟ ହାସଲ କରିଛି ପୋଲିସ। ହେଲେ ତଦନ୍ତରେ ବାଧା ସୃଷ୍ଟି ଆଶଙ୍କା କରି ପୋଲିସ ଏ ନେଇ କୌଣସି ତଥ୍ୟ ଦେଇ ହେବ ନାହିଁ ବୋଲି କହିଛି। ପୂର୍ବରୁ ହତ୍ୟା ସ୍ଥଳକୁ ଡ୍ରାଇଭର ବର୍ଦ୍ଧନଙ୍କୁ ନେଇ ଲାଇଭ୍ ଡେମୋ କରାଯାଇଥିଲା। ରିମାଣ୍ଡ ଅବଧି ମଧ୍ୟରେ ଅନୁପଙ୍କୁ ମଧ୍ୟ ନେଇ ଲାଇଭ୍ ଡେମୋ କରାଯିବ। ଅନୁପଙ୍କ ନାର୍କୋ ଟେଷ୍ଟ କରିବା ପାଇଁ ପୋଲିସ ପଦକ୍ଷେପ ନେଉଛି ବୋଲି ସୂଚନା ଦେଇଛି। କେବଳ ଇନୋଭା ନୁହେଁ, କଳ୍ପନା ଓ ବବ୍‌ଲିଙ୍କ ଉପରେ ଏକ ବୋଲେରୋ ମଧ୍ୟ ଚଢ଼ାଯାଇଥିବା ଉଭୟ ଅଭିଯୁକ୍ତ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏବେ ସେହି ବୋଲେରୋକୁ ଜବତ କରିବା ପାଇଁ ପୋଲିସ ତନାଘନା ଚଳାଇଛି। ସେହି ଗାଡିକୁ ଅନୁପ ୨୦୧୫ରେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ବିକ୍ରି କରିଦେଇଥିଲେ। ଇତି ମଧ୍ୟରେ ଅନୁପଙ୍କ ସେହି ସମ୍ପର୍କୀୟ ଟିଟିଲାଗଡ଼ର ଜଣେ ବ୍ୟକ୍ତିଙ୍କୁ ବିକ୍ରୟ କରିଥିବା ବେଳେ ଟିଟିଲାଗଡ଼ର ସେହି ବ୍ୟକ୍ତି ଗୁଜରାଟରେ ଏହି ଗାଡି ବିକ୍ରି କରି ଦେଇଛନ୍ତି। ୨୦୧୫ରେ ବିକ୍ରି ହୋଇଥିବା ଏହି ଗାଡି ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଛି ନା ନାହିଁ ସେ ନେଇ ପୋଲିସ ତଥ୍ୟ ଯୋଗାଡ କରୁଛି। ସେହି ଗାଡିକୁ ଆଣିବା ପାଇଁ ବୁଧବାର ରାତିରେ ଚକ୍ରଧର ନଗର ପୋଲିସର ଏକ ଟିମ୍ ଗୁଜରାଟ ଯାଇଛି। ଏହି ମାମଲାକୁ ଅନୁଧ୍ୟାନ କରିବା ପାଇଁ ବିଳାସପୁରରେ ଆଇଜି ପ୍ରିୟାଂଶୁ କାବ୍ରା ଗୁରୁବାର ରାୟଗଡ ଆସିଛନ୍ତି।

## ରାଜ୍ୟଗୁଡ଼ିକୁ ୧୯,୯୫୦ କୋଟି ଟଙ୍କାର ଜିଏସ୍‌ଟି କ୍ଷତିପୂରଣ

**ନୂଆଦିଲ୍ଲୀ,୨୦।୨:** କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୧୯,୯୫୦ କୋଟି ଟଙ୍କାର ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ କରିଛନ୍ତି। ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଗତ ସୋମବାର ଏହି ଅର୍ଥ ପ୍ରଦାନ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଏହାଦ୍ୱାରା ରାଜ୍ୟଗୁଡ଼ିକୁ ମୋଟ୍ ୧.୨ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ଚଳିତ ବର୍ଷ ଜାନୁୟାରୀ ଶେଷ ସୁଦ୍ଧା କ୍ଷତିପୂରଣ ସେସ୍ ବାବଦକୁ ମୋଟ ୬୮,୮୭୪ କୋଟି ଟଙ୍କା ଆଦାୟ କରାଯାଇଛି। ୨୦୧୭-୧୮ରେ ଏହି ସେସ୍ ବାବଦକୁ ୬୨,୬୧୧ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ଏହା ମଧ୍ୟରୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ୪୧,୧୪୬ କୋଟି ଟଙ୍କା କ୍ଷତିପୂରଣ ଭାବେ ପ୍ରଦାନ କରାଯାଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ କ୍ଷତିପୂରଣ ସେସ୍ ବାବଦ ୯୫,୦୮୧ କୋଟି ଆଦାୟ କରାଯାଇଥିବା ବେଳେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ୬୯,୨୭୫ କୋଟି ଟଙ୍କା ଦିଆଯାଇଥିଲା।


**ରେଳ ବିକାଶ ନିଗମ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ପ୍ରାବନ୍ଧୀକ ସଂସ୍ଥା)
ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨, ରେଳ ବିକାଶ ନିଗମ କାର୍ଯ୍ୟାଳୟ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: RVNL/BBS/HDS-PRDP/CPM-II/11443 ତାରିଖ: 20.02.2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହରିଦାସପୁର ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ପ୍ରସ୍ତାବିତ ନିର୍ମାଣାଧୀନ ରେଳ ପ୍ରକଳ୍ପ ନିମନ୍ତେ, **କେନ୍ଦ୍ରାପଡ଼ା ଜିଲ୍ଲା, ମାର୍ଶାଘାଇ ତହସିଲର ଦୁମୁକା ଗ୍ରାମର ଶ୍ରୀ ଅରୁଣ କୁମାର ଦାସଙ୍କ, ଖାତା ନଂ.386 (ଜମାବନ୍ଦୀ), ପ୍ଲଟ ନଂ.1137, ଏକର 0.050** ଘରବାରି, **ଦୁମୁକା ଗ୍ରାମର ଶ୍ରୀ ରବିନ୍ଦ୍ର ନାଥ ଦାସଙ୍କ, ଖାତା ନଂ.88, ପ୍ଲଟ ନଂ.1138, ଏକର 0.020** ଘରବାରି, **ଦୁମୁକା ଗ୍ରାମର ଶ୍ରୀ ଅଶୋକ କୁମାର ନାୟକଙ୍କ, ଖାତା ନଂ.169, ପ୍ଲଟ ନଂ.1149, ଏକର 0.040** ଘରବାରି ଏବଂ **ଦୁମୁକା ଗ୍ରାମର ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ, ଖାତା ନଂ.2286, ପ୍ଲଟ ନଂ.1133, ଏକର 0.090** ଘରବାରି ନିମ୍ନ ଅଧିକାରୀଙ୍କ ଦ୍ୱାରା ସିଧାସଳଖ ଭାବେ କ୍ରୟ କରାଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ବ୍ୟକ୍ତି ବିଶେଷ ଉକ୍ତ ଜମିର ମାଲିକ ଭାବରେ ନିଜକୁ ଦାବି କରୁଛନ୍ତି, ଏଣୁ ଉପରୋକ୍ତ ପ୍ରଦତ୍ତ କୌଣସି ଜମିର ଖାତାରୟତ ଏବଂ ତଦ୍‌ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର **୧୫** ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

**୧. ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨ଙ୍କ କାର୍ଯ୍ୟାଳୟ,**
**ରେଳ ବିକାଶ ନିଗମ ଲିମିଟେଡ୍, ରେଳ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୩**
**୨. ପରିଚାଳନା ନିର୍ଦ୍ଦେଶକ, ହରିଦାସପୁର-ପାରଦ୍ୱୀପ ରେଳପଥ କମ୍ପାନୀ କାର୍ଯ୍ୟାଳୟ,**
**ପଲ୍‌ହାଇଟ୍, ଜୟଦେବ ବିହାର, ଭୁବନେଶ୍ୱର-୨୩**
**୩. ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ**
**ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡ଼ା**

ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨, ଭୁବନେଶ୍ୱର
ଫୋନ୍: **(0674)2300506,2300483, 2300643,**
ଫାକ୍ସ : **(0674) 2303798**



**ପୂର୍ବ ତଟ ରେଳପଥ**
INDIAN RAILWAYS

**ବୁଢ଼ାପଙ୍କ-ତାଳଚେର ଷ୍ଟେସନ ମଧ୍ୟରେ ଜଗୁଆଳୀଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନୀନ ସୂଚନା**

ଜୁଲାଇ-**2018** ରେ କରାଯାଇଥିବା ଗଣନା ଅନୁଯାୟୀ ଖୋର୍ଦ୍ଧା ରୋଡ୍ ମଣ୍ଡଳର ନିମ୍ନବର୍ଣ୍ଣିତ **"C"** ଶ୍ରେଣୀ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ଫାଟକ ଅଧିକାଂଶ ସମୟରେ ବନ୍ଦ ସ୍ଥିତିରେ ରହିବା ସହିତ ନଗଣ୍ୟ ସଡ଼କ ଯାତାୟତ ହେବା କାରଣରୁ ଏହାକୁ ତତ୍କାଳ ବନ୍ଦ କରିବାକୁ ପ୍ରସ୍ତାବ ରଖାଯାଇଛି।

**ତେଣୁ ନିମ୍ନ ପ୍ରଦର୍ଶିତ ପ୍ରହରୀ ବିହୀନ ଲେଭେଲ କ୍ରସିଙ୍ଗ୍‌କୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ତୁରନ୍ତ ବନ୍ଦ କରି ଦିଆଯିବ।**

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ୍ କ୍ରସିଙ୍ଗ୍ ସଂଖ୍ୟା | LCର ରେଳ କିଲୋମିଟର |
|---|---|---|---|
| D-Spl | ବୁଢ଼ାପଙ୍କ-ତାଳଚେର | CT-76 | 485/31-33 |

ପତ୍ର ସଂ.137/G&M, ତା. 24.01.2020 ରିଖ ଦ୍ୱାରା କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ, ଅନୁଗୋଳ ଅନୁମତି ପ୍ରଦାନ କରିସାରିଛନ୍ତି ଏବଂ ପତ୍ର ସଂ.W-4/351/A/Pt-VIII/1039, ତା.05.02.2020ରିଖ ଦ୍ୱାରା ପ୍ରମୁଖ ମୁଖ୍ୟ ଯନ୍ତ୍ରୀ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ତାଙ୍କର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିସାରିଛନ୍ତି ।

PR-715/K/19-20 **ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ)/ଖୋର୍ଦ୍ଧା ରୋଡ୍**



**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ବ୍ୟାଙ୍କ ଅଫ୍ ଇଣ୍ଡିଆ BOI Bank of India
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡି, ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର-୧୫

**ଦଖଲ ବିଜ୍ଞପ୍ତି**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର[ରୁଲ୍-୮(୧)]

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ ର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରଙ୍କୁ କଥିତ ଆକ୍ଟର ଧାରା ୧୩(୧୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନଦାର ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଗୁଡିକ **ଦଖଲ**କୁ ନିଆଯାଇଛି। ତେଣୁ ବିଶେଷ କରି ଋଣଗ୍ରହୀତା/ଜାମିନଦାର ଏବଂ ସର୍ବସାଧାରଣମାନଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା **ଋଣଗ୍ରହୀତା/ଜାମିନଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ / ଜାମିନଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଭୁବନେଶ୍ୱର ଶାଖା** ଋଣଗ୍ରହୀତାମାନେ: (୧) ଶ୍ରୀ ବାପି ବାନାର୍ଜୀ, ପିତା: ଶ୍ରୀ ରାମ ମୋହନ ବାନାର୍ଜୀ, (୨) ଶ୍ରୀମତୀ ଲିଲି ମିଶ୍ର, ସ୍ୱା: ଚିତ୍ତ ମିଶ୍ର, ଉଭୟଙ୍କର ଠିକଣା ପ୍ଲଟ ନଂ.: ୩୦୮ଏ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ | ତା ୩୦.୦୬.୨୦୧୭ ସୁଦ୍ଧା ଟ. ୬,୬୫,୦୯୩/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୪.୦୯.୨୦୧୮ / ୧୦.୦୨.୨୦୨୦ | ଶ୍ରୀ ବାପି ବାନାର୍ଜୀ ଏବଂ ଶ୍ରୀମତୀ ଲିଲି ମିଶ୍ରଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୫୨/୧୮୬୧, ଖାତା ନଂ.: ୫୧୪/୬୧୩, କ୍ଷେତ୍ର: ଏକର ୦.୦୩୨ଡ଼ିସିମିଲି, କିସମ: ଘରବାରି, ମୌଜା: କେଶୁରା, ତହସିଲି: ଭୁବନେଶ୍ୱର, ଥାନା: ସହିଦ ନଗର, ଡିଏସ୍‌ଆର୍‌ଓ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ସବ ପ୍ଲଟ ନଂ.: ୨୪, ପଶ୍ଚିମ: ସବ୍ ପ୍ଲଟ ନଂ.: ୨୦, ଉତ୍ତର: ସବ୍ ପ୍ଲଟ ନଂ.: ୨୨, ଦକ୍ଷିଣ: ରାସ୍ତା |
| **ସହୀଦ ନଗର ଶାଖା** ଋଣଗ୍ରହୀତାମାନେ:ଶ୍ରୀ ଅମୃତ ପଟ୍ଟନାୟକ ଏବଂ ଶ୍ରୀ ତ୍ରିଦୀବ ପଟ୍ଟନାୟକ / ଜାମିନଦାର: ଶ୍ରୀମତୀ ସିମାନ୍ତିନୀ ମହାନ୍ତି, ସ୍ୱା: ଶ୍ରୀ ତ୍ରିଦୀବ ପଟ୍ଟନାୟକ, ସମସ୍ତଙ୍କ ଠିକଣା: ଏମ୍‌ଆଇଜି-ଏ-୧୪, ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର- ୭୫୧୦୧୨ | ତା ୨୯.୦୯.୨୦୧୯ ସୁଦ୍ଧା ଟ.୨୯,୦୬,୮୧୬.୯୬ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୧.୧୦.୨୦୧୯ / ୧୫.୦୨.୨୦୨୦ | ଶ୍ରୀମତୀ ସିମାନ୍ତିନୀ ମହାନ୍ତି, ସ୍ୱାମୀ: ଶ୍ରୀ ତ୍ରିଦୀବ ପଟ୍ଟନାୟକଙ୍କ ନାମରେ ଜମି / ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୨/୪୮, ପ୍ଲଟ୍ ନଂ.: ୭୦, କ୍ଷେତ୍ର: ୩୨୬୭ ବର୍ଗଫୁଟ (ଏକର ୦.୦୭୫ଡ଼ିସିମିଲି), କିସମ: ଘରବାରି, ମୌଜା: ଦାମୋଦରପୁର, ଥାନା: ଖଣ୍ଡଗିରି, ଏସ୍‌ଆର୍‌ଓ/ତହସିଲି: ଭୁବନେଶ୍ୱର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ ନଂ.: ୭୧, ପଶ୍ଚିମ: ପ୍ଲଟ ନଂ.: ୭୦(ଅଂଶ), ଉତ୍ତର: ରେଭିନ୍ୟୁ ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ ନଂ.: ୧୧୧ ଏବଂ ୧୧୨ |

ତାରିଖ : ୨୦.୦୨.୨୦୨୦
ସ୍ଥାନ : ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ



ଭାରତ ସରକାର / Government of India
ବୟନଶିଳ୍ପ ମନ୍ତ୍ରଣାଳୟ / Ministry of Textiles
ବିକାଶ ଆୟୁକ୍ତ (ହସ୍ତତନ୍ତ)ଙ୍କ କାର୍ଯ୍ୟାଳୟ
Office of the Development Commissioner for Handlooms
ଉଦ୍ୟୋଗ ଭବନ, ନୂଆଦିଲ୍ଲୀ / Udyog Bhavan, New Delhi

ନଂ.୩/୪/୨୦୧୯-ଡିସିଏଚ୍/ପି ଆଣ୍ଡ ଇ ତାରିଖ: ୨୧ ଫେବୃୟାରୀ, ୨୦୨୦

**ଶୁଦ୍ଧିପତ୍ର**

**ବିଷୟ- ବର୍ଷ ୨୦୧୮ ପାଇଁ ହସ୍ତତନ୍ତ ପୁରସ୍କାର ଲାଗି ଦରଖାସ୍ତ ଦାଖଲର ଶେଷ ତାରିଖ ବୃଦ୍ଧି**

ଦୟାକରି ତା୦୩।୦୧।୨୦୨୦ରିଖରେ ସାରା ଭାରତର ବିଭିନ୍ନ ଜାତୀୟ/ଆଞ୍ଚଳିକ ଖବରକାଗଜରେ ପ୍ରକାଶିତ ହୋଇଥିବା ଏହି କାର୍ଯ୍ୟାଳୟର ବିଜ୍ଞାପନ ସଂ. davp 041102/11/0049/19-20 ଦେଖନ୍ତୁ, ଯେଉଁଥିରେ ହସ୍ତତନ୍ତ ପୁରସ୍କାରର ବିଭିନ୍ନ ବର୍ଗ (ସନ୍ଥ କବୀର ପୁରସ୍କାର, କମଳା ଦେବୀ ଚଟ୍ଟୋପାଧ୍ୟାୟ ପୁରସ୍କାର ସମେତ ଜାତୀୟ ପୁରସ୍କାର ଓ ଜାତୀୟ ମେଧା ପ୍ରମାଣପତ୍ର) ପାଇଁ ଦରଖାସ୍ତ ଆମନ୍ତ୍ରଣ କରାଯାଇଥିଲା ଓ ଦରଖାସ୍ତ ଦାଖଲର ଶେଷ ତାରିଖ ତା୨୦।୦୨।୨୦୨୦ରିଖ ଥିଲା। ଏତଦ୍ୱାରା ସୂଚିତ କରାଯାଉଛି ଯେ ବର୍ଷ ୨୦୧୮ ପାଇଁ ଉପରୋକ୍ତ ହସ୍ତତନ୍ତ ପୁରସ୍କାର ନିମନ୍ତେ ଦରଖାସ୍ତ ଦାଖଲର ଶେଷ ତାରିଖକୁ ତା୨୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ। ସବିଶେଷ ସୂଚନା ପାଇଁ ଦୟାକରି ୱେବ୍‌ସାଇଟ୍:– www.handlooms.nic.in ଏବଂ www.mygov.in ପରିଦର୍ଶନ କରନ୍ତୁ।

**ବିକାଶ ଆୟୁକ୍ତ (ହସ୍ତତନ୍ତ), ଉଦ୍ୟୋଗ ଭବନ, ନୂଆଦିଲ୍ଲୀ**
davp 41102/11/0062/1920



**ଆଲ୍ଲାହାବାଦ ବ୍ୟାଙ୍କ**
**ଭୁବନେଶ୍ୱର ମୁଖ୍ୟ ଶାଖା**
**୧୫୯, ବାପୁଜୀ ନଗର, ଭୁବନେଶ୍ୱର- ୭୫୧୦୦୯**
**ଫୋନ୍ : (୦୬୭୪) - ୨୫୯୭୦୮୭**

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି। ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟର ସମ୍ପତ୍ତିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତିକୁ ବିକ୍ରୟ କରିବାକୁ ଅଧିକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ **https://allahabadbank.auctiontiger.net** ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୨୫.୦୩.୨୦୨୦ ରିଖ (ବୁଧବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୩.୦୩.୨୦୨୦ ରିଖ ଅପରାହ୍ନ ୫.୦୦ ଘଟିକା**

| ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| ଋଣଗ୍ରହୀତା: **ଶ୍ରୀମତୀ ଦେବସ୍ମୀତା ସାମନ୍ତରାୟ,** ସ୍ୱା: ବିଶ୍ୱରଞ୍ଜନ ଖଟେଇ, ପ୍ଲଟ ନଂ.: ୭୬(ଟ୍ରିପଲେକ୍ସ), ମେଟ୍ରୋ ସାଟେଲାଇଟ୍ ସିଟି, ଫେଜ୍-୨, ରୁଦ୍ରପୁର, ହଂସପାଳ ଛକ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, **ଜାମିନ୍‌ଦାର: (୧)ସୂର୍ଯ୍ୟ ନାରାୟଣ ସ୍ୱାଇଁ,** ପ୍ଲଟ ନଂ.: ଇବି-୫୮୪, ବରଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, **(୨)ପଞ୍ଚାନନ ପଟ୍ଟନାୟକ,** ପିତା-ସ୍ୱଲୋକନାଥ ପଟ୍ଟନାୟକ, ପ୍ଲଟ ନଂ.-ଡିମ/୧୨, ମଧୁସୂଦନ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା । | କ)୧୬.୦୮.୨୦୧୯ ଖ)୩୦.୧୧.୨୦୧୯ ଗ)୧୫.୦୮.୨୦୧୯ ରିଖ ସୁଦ୍ଧା ଟ.୪୫,୨୧,୦୨୮/- +୧୬.୦୮.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ **ଶ୍ରୀମତୀ ଦେବସ୍ମୀତା ସାମନ୍ତରାୟଙ୍କ** ନାମରେ ଅଛି ଯାହାର ପ୍ଲଟ ନଂ.: ୭୬(ଟ୍ରିପଲେକ୍ସ), ମେଟ୍ରୋ ସାଟେଲାଇଟ୍ ସିଟି, ଫେଜ୍-୨, ହାଲ ଖାତା ନଂ.: ୪୧୨/୩୯୫, ରେଭିନ୍ୟୁ ପ୍ଲଟ ନଂ-୭୪୩(ପି), ମୌଜା- ରୁଦ୍ରପୁର, ଥାନା-ବାଲିଅନ୍ତା, ଥାନା ନଂ.-୧୪, ତହସିଲି- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଏରିଆ-ଏକର୦.୦୩୪.୪୪ ଡିସିମିଲି, ଚଉହଦି: ଉତ୍ତର-ସବ୍ ପ୍ଲଟ ନଂ.-୭୭, ଦକ୍ଷିଣ/ପୂର୍ବ-ରାସ୍ତା, ପଶ୍ଚିମ-ସବ୍ ପ୍ଲଟ ନଂ.-୭୫ । | କ) ଟ.୪୮,୦୩,୦୦୦/- ଖ) ଟ.୪,୮୦,୩୦୦/- ଗ) ଟ.୧୦,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (**https://allahabadbank.auctiontiger.net**) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, **ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ **EMD** ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ୍ରେମୋନଷ୍ଟ୍ରେସନ ପ୍ରଦାନ କରିପାରିବେ । ସିଡ୍ୟୁଲ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ ସପକ୍ଷରେ ଡ୍ର କରାଯାଇ ଭୁବନେଶ୍ୱର ଠାରେ ପେଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର **ଆକାଉଣ୍ଟ ନଂ.-୫୦୧୪୦୯୮୦୧୮୮, IFSC Code: ALLA0212009,** ମାଧ୍ୟମରେ **RTGS/NEFT** ଦ୍ୱାରା ଅମାନତ ରାଶି ପେଠ କରିପାରିବେ ।

୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।

**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା୨୧.୦୨.୨୦୨୦ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।**

**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନ୍‌ଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।**

**ସ୍ଥାନ-ଭୁବନେଶ୍ୱର, ତାରିଖ- ୨୦.୦୨.୨୦୨୦** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**



No. 21-TT:-

**ବିଶ୍ୱ ମାତୃଭାଷା ଦିବସ**

**ଫେବୃଆରୀ ୨୧ ତାରିଖ**

"ମାତୃଭୂମି ମାତୃଭାଷା ଉଭୟେ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ"
-ଭକ୍ତକବି ମଧୁସୂଦନ ରାଓ

ମାଆ, ମାତୃଭୂମି ଓ ମାତୃଭାଷା ସ୍ୱର୍ଗଠାରୁ ଗରିୟସୀ।
ଆମ ମାତୃଭାଷା ଓଡ଼ିଆ ଅସାଧାରଣ ଓ ଅନନ୍ୟ।
ସବୁ କ୍ଷେତ୍ରରେ ଗର୍ବର ସହ ଆମ ମାତୃଭାଷା ବ୍ୟବହାର କରିବା।

**ଆମ ମାତୃଭାଷା ଓଡ଼ିଆ ପାଇଁ ଆମେ ଗର୍ବିତ**

**ଓଡ଼ିଆ ଭାଷା ପ୍ରତିଷ୍ଠାନ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪,
ଇମେଲ୍ : odiabhasa@nic.in
ଓଡ଼ିଆ ଭାଷା ପ୍ରତିଷ୍ଠାନ
OIPR-27009/11/0002/1920



> ବନ୍ୟାପ୍ଲାବିତ ନଦୀ, ଶାସକର ଆଦର, ସ୍ତ୍ରୀର ଚରିତ୍ର ଓ ବ୍ୟବସାୟରେ ସ୍ନେହ କେବେହେଲେ ବିଶ୍ୱାସଯୋଗ୍ୟ ନୁହେଁ।
> -ସନ୍ଥ ତୁଳସୀ ଦାସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହାଶିବରାତ୍ରି ପାଳନ, ବାୟାବାବା ମଠ ରୋଡ, ୟୁନିଟ-୯, ସକାଳ ୮ଟା।
- ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ଏଜୁକେଶନ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ, ନୂତନ ଅଡିଟୋରିୟମ, କ୍ୟାମ୍ପସ ପରିସର, ସଚିବାଳୟ ମାର୍ଗ, ପୂର୍ବାହ୍ନ ୧୦ଟା।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ-୨୦୨୦, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**
- ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ମହାଶିବରାତ୍ରି ଉପଲକ୍ଷେ ୨୬ତମ ଅଖଣ୍ଡ ଭଜନ ସମାରୋହ, ମଦନମୋହନଜୀଉ ମନ୍ଦିର ପରିସର, ସକାଳ ୬ଟା।

**ପୁରୀ**
- ବାଏଅଫ୍ ଫେଷ୍ଟିଭାଲ, ପୁରୀ ବେଳାଭୂମୀ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ଆଖଣ୍ଡଳେଶ୍ୱର ମନ୍ଦିର, ପ୍ରତାପରୁଦ୍ରପୁର, ଅପରାହ୍ନ ୪ଟା।
- ମହାଶିବରାତ୍ରି ଉପଲକ୍ଷେ ବଡ଼ିସିଂହାର ବେଶ, ନଖରାସ୍ଥିତ ଶ୍ରୀ ଲକ୍ଷେଶ୍ୱର ମନ୍ଦିର, ଅପରାହ୍ନ ୪ଟା, ମହାଦୀପ ଦର୍ଶନ, ରାତି ୧୧ଟା।

**ଖୋର୍ଦ୍ଧା**
- ମହାଶିବରାତ୍ରିରେ ଜାଗରଯାତ୍ରା, ଗୁରୁଜଙ୍ଗ ଧବଳେଶ୍ୱରଙ୍କ ପୀଠ, ଭୋର ୪ଟା।

**ବ୍ରହ୍ମଗିରି**
- ଐଶାନେଶ୍ୱର ଦେବଙ୍କ ନିକଟରେ ପାଲା ମହୋତ୍ସବ ଓ ଜାଗର ଯାତ୍ରା, ବ୍ରହ୍ମଗିରି, ସନ୍ଧ୍ୟା ୭ଟା।

## ଲାଞ୍ଚ ମାଗି କାର୍ଯ୍ୟ ନିବୃତ୍ତ ହେଲେ ଜିଆରଏସ୍

**■ ମୋ ସରକାର ଛାଟ**

ଭୁବନେଶ୍ୱର,୨୦।୨(ବ୍ୟୁରୋ): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପଶ୍ଚିମବାଡ ଗ୍ରାମ ପଞ୍ଚାୟତର ଜଣେ ହିତାଧିକାରୀଙ୍କଠାରୁ ଅନିୟମିତତା ସମ୍ପର୍କରେ ମୋ ସରକାର କାର୍ଯ୍ୟକ୍ରମ ଦ୍ୱାରା ସୂଚନା ମିଳିଥିଲା। ହିତାଧିକାରୀଙ୍କ ଘର ଫଟୋ ଉଠାଣ ସହ ବିଲ୍ ପୈଠ କରିବା ପାଇଁ ଟଙ୍କା ମଗାଯାଇଥିଲା। ଏହି ଅଭିଯୋଗର ସତ୍ୟତା ପରଖିବା ପାଇଁ ଜିଲାପାଳ ୧୦ରୁ ୧୫ ହିତାଧିକାରୀଙ୍କୁ ଫୋନ୍ କରି ପ୍ରତିକ୍ରିୟା ସଂଗ୍ରହ କରିଥିଲେ। ଏହା ପରେ ଅଭିଯୋଗର ସତ୍ୟତା ସମ୍ପର୍କରେ ଜଣାପଡିଥିଲା। ଫଟୋ ଉଠାଣ କାର୍ଯ୍ୟରେ ନିୟୋଜିତ ଥିବା ଜିଆରଏସ୍ ଲାଞ୍ଚ ନେଇଥିବା ସ୍ପଷ୍ଟ ହୋଇଥିଲା। ଏହା ପରେ ସମ୍ପୃକ୍ତ ଜିଆରଏସ୍ ସବିତା ପୃଷ୍ଟିଙ୍କୁ କାର୍ଯ୍ୟ ନିବୃତ୍ତ କରାଯାଇଛି। ଅନୁରୂପଭାବେ ପିଇଓ ସୁଶାନ୍ତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଦୀନେଶ କୁମାର ଅଡାଙ୍କୁ ସେହି ସ୍ଥାନରୁ ବାହାର କରାଯାଇଛି। ଏଥିସହିତ ସୁଶାନ୍ତଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି। ହିତାଧିକାରୀଙ୍କ ପାଇଁ ଯେତିକି ପୁରସ୍କାର ରାଶି(ଇନ୍‌ସେନ୍‌ଟିଭ୍ସ) ଥିଲା, ସେତକ ମଧ ସେମାନଙ୍କୁ ପୂର୍ଣ୍ଣ ମାତ୍ରରେ ପ୍ରଦାନ କରାଯାଇଛି। ସେହିପରି ପଶ୍ଚିମବାଡ ଗ୍ରାମ ପଞ୍ଚାୟତର ସମସ୍ତ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

**ଆଜି ମହାଶିବରାତ୍ରି**



# ଝଲସୁଛି ଲିଙ୍ଗରାଜ କ୍ଷେତ୍ର

**ପୁରୁଣା ଭୁବନେଶ୍ୱର, ୨୦।୨ (ଡି.ଏନ.ଏ.)**

ଆଜି ମହାଶିବରାତ୍ରି। ଉତ୍ସବ ମୁଖରିତ ହୋଇଉଠିଛି ଏକାମ୍ର କ୍ଷେତ୍ର। ରଙ୍ଗିନ ଆଲୋକ ସହ ଫୁଲରେ ଝଲସୁଛି ଶ୍ରୀଲିଙ୍ଗରାଜଙ୍କ ମନ୍ଦିର। ପ୍ରଶାସନର ସୌନ୍ଦର୍ଯ୍ୟକରଣ ଓ ବିକାଶମୂଳକ କାର୍ଯ୍ୟ ଜାରି ରହିଥିବାବେଳେ ଏଥର ନୂଆ ରୂପରେ ଦୃଶ୍ୟମାନ ହେଉଛି ସାରା ଅଞ୍ଚଳ। ଇତିମଧ୍ୟରେ ଭିନ୍ନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବ୍ରତଧାରୀ ଓ ଭକ୍ତଙ୍କ ସମାଗମ ଆରମ୍ଭ ହୋଇଛି। ମହାପ୍ରଭୁ ଓ ମହାଦୀପ ଦର୍ଶନ ପାଇଁ ଭକ୍ତଙ୍କ ମନରେ ଉତ୍କଣ୍ଠା ଦେଖିବାକୁ ମିଳୁଛି।

ଅନ୍ୟପକ୍ଷରେ ଶୃଙ୍ଖଳିତ ତଥା ସୁରକ୍ଷିତ ଦର୍ଶନ ପାଇଁ ପ୍ରଶାସନ ଓ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଅଧିକାରୀମାନେ ନିଜ ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ପାଦନ କରିବାକୁ ଲାଗିପଡ଼ିଛନ୍ତି। ପାର୍କିଂ, ପରିମଳ, ଟ୍ରାଫିକ ନିୟନ୍ତ୍ରଣ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା କ୍ଷେତ୍ରରେ ଯେପରି ତ୍ରୁଟି ନ ରହିବ ସେଥିପାଇଁ ପ୍ରଶାସନ ଏକାକାର ହୋଇଯାଇଛି। ଏଥିସହ ବିଭିନ୍ନ ସାମାଜିକ ସଙ୍ଗଠନର ସହାୟତା ମଧ୍ୟ ଲୋଡ଼ାଯାଇଛି। ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯିବା ସହ ବିଏମ୍‌ସି ହସ୍ପିଟାଲରେ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀ ପ୍ରସ୍ତୁତ ରହିଛନ୍ତି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ସହ ପର୍ଯ୍ୟାପ୍ତ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ଖରାତାତିକୁ ଲକ୍ଷ୍ୟ ରଖି ବ୍ୟାରିକେଡ୍ ଉପରେ ସିଲିଂ କରାଯାଇଛି।

### ବେଆଇନ ପାର୍କିଂ, ଉଠା ଦୋକାନ ଦେଖି ଅଧିକାରୀ ଖପ୍ପା

ଧାଡ଼ି ଦର୍ଶନ ପାଇଁ ଉଚ୍ଛେଦ ହୋଇଥିବା ଭଜନମଣ୍ଡପ ସ୍ଥଳଠାରୁ ମନ୍ଦିର ସମ୍ମୁଖ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଛି। ଗୁରୁବାର ସକାଳୁ ବିଏମ୍‌ସି ଓ ପୂର୍ତ୍ତ ବିଭାଗ ସମେତ ଜିଲା ପ୍ରଶାସନର ବହୁ ଅଧିକାରୀ ମହାଶିବରାତ୍ରି ପ୍ରସ୍ତୁତି ଦେଖିବାକୁ ମନ୍ଦିର ନିକଟରେ ପହଞ୍ଚିଥିଲେ। ହେଲେ ବ୍ୟାରିକେଡ୍ ଓ ଏହା ପାର୍ଶ୍ୱରେ ବେଆଇନ ଭାବେ ଗାଡ଼ି ପାର୍କିଂ ଦେଖି ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ତୁରନ୍ତ ରଥଖଳାରେ ସେବାୟତଙ୍କ ଦୁଇଚକିଆ ଗାଡି ପାର୍କିଂ ବ୍ୟବସ୍ଥା ସହ ଅଟୋ ଷ୍ଟାଣ୍ଡ୍ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ବଡେଇବାଙ୍କ ଛକଠାରୁ ରଥଖଳା ପର୍ଯ୍ୟନ୍ତ ବହୁ ଉଠା ଦୋକାନ ପସରା ମେଲିଥିବା ଦେଖିଥିଲେ। ଏଗୁଡିକ କାହା ଅନୁମତିରେ ଖୋଲାଯାଇଛି ବୋଲି ଜଣେ ସଚିବସ୍ତରୀୟ ଅଫିସର ପଚାରିବା ସହ ତାଗିଦ୍ କରିବାରୁ ବିଭାଗୀୟ ଅଧିକାରୀ ହଡବଡେଇ ଯାଇଥିଲେ। ଏହାପରେ ହାତଗଣତି କିଛି ଉଠା ଦୋକାନକୁ ହଟାଇ ଅଧିକାରୀଙ୍କୁ ସନ୍ତୁଷ୍ଟ କରିଥିଲେ।

### କଟକଣା ପାଇଁ ଭକ୍ତ, ରୋଗୀ ହଟହଟା

ପ୍ରତିବର୍ଷ ଟ୍ରାଫିକ୍ ସମସ୍ୟା, ଉଠା ଦୋକାନୀଙ୍କ ଯୋଗୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଭକ୍ତ ଓ ପର୍ଯ୍ୟଟକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚଳିତବର୍ଷ ଏକାମ୍ର ବିକାଶ ପାଇଁ ବିଭିନ୍ନ ସ୍ଥାନରେ ଉଚ୍ଛେଦ ସହ ନୂଆ ଟ୍ରାଫିକ କଟକଣା ଲାଗୁ କରାଯାଇଥିବାରୁ ଏଥର ଲୋକେ ବାଟ ଜାଣି ନ ପାରି ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଟ୍ରାଫିକ୍ କଟକଣା ଯୋଗୁ ବିଏମ୍‌ସି ହସ୍ପିଟାଲ ଓ ରକ୍ତଭଣ୍ଡାରକୁ ଲୋକେ ବଡେଇବାଙ୍କ ଛକ ହୋଇ ଯିବାକୁ ପଡୁଛି। ବରିଷ୍ଠ ନାଗରିକ ଓ ରୋଗୀଙ୍କ ପ୍ରତି କିଛିଟା ଟ୍ରାଫିକ କଟକଣା ହଟାଇବାକୁ ବୁଦ୍ଧିଜୀବୀମାନେ ନିବେଦନ କରିଛନ୍ତି।



### ପାସ୍ ବ୍ୟବସ୍ଥାକୁ ନେଇ ସେବାୟତ ଅସନ୍ତୁଷ୍ଟ

ମହାଶିବରାତ୍ରି ପୂର୍ବରୁ ପ୍ରତି ବର୍ଷ ଭିଆଇପି, ଭିଭିଆଇପି ଓ ସେବାୟତ ପରିବାର ପାଇଁ କମିଶନରେଟ ପୋଲିସ ପକ୍ଷରୁ ପାସ୍ ବଣ୍ଟନ କରାଯାଇଥାଏ। ମାତ୍ର ଚଳିତ ବର୍ଷ ମନ୍ଦିର ପ୍ରଶାସନ ନ ବାଣ୍ଟି ଲିଙ୍ଗରାଜ ଥାନା ପୋଲିସକୁ ଦାୟିତ୍ୱ ଦେଇଥିଲା। ଏବେ ପ୍ରତି ନିଯୋଗକୁ ମାତ୍ର ୪୦ ଲେଖାଏ ପାସ୍ ଦିଆଯାଇଛି। ଏହାକୁ ନେଇ ନିଯୋଗର ପ୍ରମୁଖ ସେବାୟତ ଅସନ୍ତୋଷ ପ୍ରକାଶ କରିବା ସହ ଡିସିପିଙ୍କ ନିକଟରେ ଫେରାଦ ହୋଇଥିଲେ। ଅନ୍ୟପକ୍ଷରେ ବିଗତ ବର୍ଷଗୁଡିକରେ ଏହି ପାସ୍ ବଣ୍ଟନରେ ବିଶୃଙ୍ଖଳା ଦେଖାଯାଇଥିଲା। ପାସ୍ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଏଥର ସେଥିରେ ବାର୍‌କୋଡ୍ ବ୍ୟବସ୍ଥା ରହିଛି। ଗୋଟିଏ ପାସ୍ କେବଳ ଥରେ ମାତ୍ର ବ୍ୟବହାର କରାଯାଇ ପାରିବ।

### କଣ୍ଟାବାଡ଼ା ଯିବାରୁ ସିଂହଦ୍ୱାର କ୍ଷତିଗ୍ରସ୍ତ

ମହାଶିବରାତ୍ରି ଲାଗି ଶ୍ରୀଲିଙ୍ଗରାଜ ମନ୍ଦିର ସିଂହଦ୍ୱାରକୁ ଭଳିକି ଭଳି ଫୁଲରେ ସଜା ଯାଇଛି। ଏଥିପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା ହୋଇଛି। ହେଲେ କଣ୍ଟାବାଡ଼ା ଯାଇ ଫୁଲ ସଜାଯାଇଥିବାରୁ ମନ୍ଦିର ସିଂହଦ୍ୱାର କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ଅନୁଧ୍ୟାନ କଲେ ପୋଲିସ କମିଶନର, ଡିସିପି

ଗୁରୁବାର ସନ୍ଧ୍ୟାରେ କମିଶନରେଟ ପୋଲିସ ପକ୍ଷରୁ ମନ୍ଦିର ଗର୍ଭଗୃହ ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନଗୁଡିକରେ କଡା ଯାଞ୍ଚ କରାଯାଇଥିଲା। ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଡିସିପି ଅନୁପ ସାହୁ ଏବଂ ଟ୍ରାଫିକ୍ ଡିସିପି ସାଗରିକା ନାଥ ଶ୍ରୀଲିଙ୍ଗରାଜଙ୍କ ସିଂହଦ୍ୱାରରେ ପହଞ୍ଚି ଯାଞ୍ଚ କଲା ପରେ ଟ୍ରାଫିକ୍ କଣ୍ଟ୍ରୋଲ ରୁମ୍ ସିସିଟିଭିରେ ସ୍ଥିତି ଅନୁଧ୍ୟାନ କରିଥିଲେ।





# ଫୁଲରେ ସଜେଇ ହୋଇଛି ଲୋକନାଥ ମନ୍ଦିର

**ପୁରୀ ଅଫିସ, ୨୦।୨**

ଶୁକ୍ରବାର ମହାଶିବରାତ୍ରି। ବିଭିନ୍ନ ଶୈବପୀଠରେ ରାତି ଉଜାଗର ରହି ଜାଗର ଜାଳିବେ ଶ୍ରଦ୍ଧାଳୁ। ଏଥିପାଇଁ ପୁରୀ ଜିଲାର ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ବିଶେଷକରି ପୁରୀ ସହରସ୍ଥ ପଞ୍ଚମହାଦେବ (ଶ୍ରୀଲୋକନାଥ, ଯମେଶ୍ୱର, କପାଳମୋଚନ, ନୀଳକଣ୍ଠେଶ୍ୱର ଓ ମାର୍କଣ୍ଡେଶ୍ୱର)ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ଜମିବ। ତେଣୁ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାରେ ଥିବା ବାବା ବାଲିକପିଳେଶ୍ୱର, ଶଙ୍କରେଶ୍ୱର, ଓଁକାରେଶ୍ୱର, ଆଖଣ୍ଡଳେଶ୍ୱର, ବେଲେଶ୍ୱର, ଆଖଣ୍ଡଳମଣି, ଛଇତନାର ଯୋଡ଼ାଲିଙ୍ଗ ପ୍ରଭୃତି ଶୈବପୀଠରେ ମଧ୍ୟ ମହାଶିବରାତ୍ରି ପାଳନ କରାଯିବ।

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ସରିଛି। ସେବାୟତ- ପ୍ରଶାସନ ସମନ୍ୱୟ ବୈଠକରେ ପ୍ରସ୍ତୁତ ହୋଇଛି ଜାଗରଯାତ୍ରାର ରୂପରେଖ। ଦ୍ୱାର ଫିଟା ଠାରୁ ଆରମ୍ଭକରି ମହାଦୀପ ଉଠିବା ପର୍ଯ୍ୟନ୍ତ ସବୁ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚଳିତବର୍ଷ ଫୁଲରେ ଝଲସୁଛି ଲୋକନାଥ ମନ୍ଦିର। ମୁଖ୍ୟ ମନ୍ଦିରଠାରୁ ଆରମ୍ଭକରି ପ୍ରବେଶପଥ ତୋରଣକୁ ବିଭିନ୍ନ ପ୍ରକାର ଫୁଲରେ ସୁସଜ୍ଜିତ କରାଯାଇଛି। ଏହା ବେଶ୍ ଆକର୍ଷଣୀୟ ଦେଖାଯାଉଛି। ଶୃଙ୍ଖଳିତ ଦର୍ଶନ ପାଇଁ ଭକ୍ତ ବ୍ୟାରିକେଡ ଦେଇ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବା ବ୍ୟବସ୍ଥା ହୋଇଛି । ସେହିପରି ଚଳିତବର୍ଷ ୪ ହଜାର ଦର୍ଶନ ଟିକେଟ୍ କରାଯାଇଛି। ଖଣ୍ଡିଏ ଟିକେଟର ମୂଲ୍ୟ ୧୦୦ ଟଙ୍କା ରହିଛି। ଦର୍ଶନ ଟିକେଟଧାରୀ, ଭିଆଇପି ଏବଂ ସେବାୟତ ବୃଷଭ ଦ୍ୱାର ଦେଇ ଏବଂ ଅନ୍ୟମାନେ ଲକ୍ଷ୍ମୀଦ୍ୱାର ଦେଇ ଠାକୁରଙ୍କୁ ଦର୍ଶନ କରିବେ। କିନ୍ତୁ ସମସ୍ତେ ବଉଳଗଛ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ବ୍ୟବସ୍ଥା ହୋଇଛି।



ଶ୍ରୀଲୋକନାଥ ପୀଠରେ ଶୃଙ୍ଖଳିତ ଜାଗର ଯାତ୍ରା ପାଇଁ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ନୀତି ନିର୍ଘଣ୍ଟ କରାଯାଇଛି। ଗୁରୁବାର ରାତି ସାଢେ ୧୨ଟାରେ ଦ୍ୱାର ଫିଟି ରାତି ୧ଟାରୁ ୨ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ଓ ସୂର୍ଯ୍ୟପୂଜା ଇତ୍ୟାଦି ନୀତି ସରିବ। ରାତ୍ର ୨ଟାଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ଶୁକ୍ରବାର ରାତି ୧୨ଟା ପର୍ଯ୍ୟନ୍ତ ଚାଲିବ। ରାତି ୧୨ଟାରୁ ୨ଟା ମଧ୍ୟରେ ଅନ୍ୟାନ୍ୟ ନୀତି ଚାଲିବ। ରାତ୍ର ୨ଟାରୁ ୩ଟା ମଧ୍ୟରେ ହରିହର ପୂଜାଭୋଗ, ଚତୁର୍ଦ୍ଦଶୀ ଭୋଗ, ବଡ଼ସିଂହାର ଭୋଗ ଏବଂ ମହାଦୀପ ଉଠିବା ଲାଗି ସ୍ଥିର ହୋଇଛି। ଅପରପକ୍ଷେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତିଭୋଗ ସମ୍ପାଦନ କରି ଶୁକ୍ରବାର ରାତି ସାଢେ ୧୧ଟାରେ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚିବା ଲାଗି ସମୟ ନିର୍ଘଣ୍ଟ ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହେବେ। ମହାଶିବରାତ୍ରି ଉପଲକ୍ଷେ ଶ୍ରୀଲୋକନାଥ ମନ୍ଦିରକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସନ୍ଧ୍ୟା ପରଠାରୁ ରାତିତମାମ୍ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



ଲିଜା



ସୌଭାଗ୍ୟ



କାହ୍ନା



ଆଦିତ୍ୟ



ପ୍ରିୟା



ଶ୍ରୀମନ୍ତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/




ମହାଶିବରାତ୍ରି ଉପଲକ୍ଷେ ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁ ତିଆରି କରିଥିବା ବାଲୁକା କଳା।



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ ଲୋକ ବିଜ୍ଞ ଆଉ ନମ୍ର ହୁଏ। -ଫ୍ରାଙ୍କ୍‌ଲିନ୍



## ସଂକ୍ଷେପରେ

### କଳ୍ପନା ଦାଶ, ବବ୍‌ଲି ହତ୍ୟା ଘଟଣା: ମରାଠା ଗ୍ୟାଙ୍ଗର ସମ୍ପୃକ୍ତି ଥିବା ସନ୍ଦେହ

ଭୁବନେଶ୍ୱର,୨୦।୨(ବ୍ୟୁରୋ): ଛତିଶଗଡ଼ ରାୟଗଡ଼ ଜିଲା ଚକ୍ରଧରନଗର ଥାନା ହମିରପୁର ଜଙ୍ଗଲରେ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ଘଟଣାରେ ଏବେ ଛତିଶଗଡ଼ ପୋଲିସ ଅଡୁଆରେ ପଡିଛି। ଅଭିଯୁକ୍ତ ଅନୁପ ଏବଂ ଡ୍ରାଇଭର ବର୍ଦ୍ଧନଙ୍କୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରିବା ପାଇଁ ପୋଲିସ ଲାଗି ଚ୍ୟାଲେଞ୍ଜ ହେଉଥିବାବେଳେ ଏବେ ଏକ ମରାଠା ଗ୍ୟାଙ୍ଗର ସମ୍ପୃକ୍ତି ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ଗୁରୁବାର ଅନୁପଙ୍କ ଏକ ବୋଲେରୋ ଜବତ କରିଛି। ଅନ୍ୟପଟେ ହତ୍ୟା ଘଟଣାର କେହି ପ୍ରତ୍ୟକ୍ଷଦର୍ଶୀ ନ ଥିବାରୁ ଅନୁପଙ୍କୁ ଘଟଣାସ୍ଥଳକୁ ନେଇ ଡେମୋ ଦେଖାଇବା ଏକ ବଡ ପ୍ରମାଣ ସଦୃଶ ହେବ। ଗୋଟିଏପଟେ ଅନୁପ ସାଏଙ୍କ ପରିବାର ଓ ତାଙ୍କ ଓକିଲ ସେ ନିର୍ଦ୍ଦୋଷ ତାଙ୍କୁ ଫସାଇ ଦିଆଯାଇଛି ବୋଲି କହୁଥିବାବେଳେ ଅନ୍ୟପଟେ କଳ୍ପନା ଓ ତାଙ୍କ ଝିଅଙ୍କ ମୃତଦେହକୁ ପ୍ରଥମେ ଦେଖିଥିବା ବ୍ୟକ୍ତି କମଳେଶ ଗୁପ୍ତା ପ୍ରଥମେ ଏହାକୁ ଏକ ଦୁର୍ଘଟଣା ଥିଲା ବୋଲି ପୋଲିସ ଆଗରେ କହିଥିଲେ। ସେହିଭଳି ଅନୁପ ଏବଂ ବର୍ଦ୍ଧନଙ୍କୁ ପୋଲିସ ପଚରାଉଚରା ବେଳେ ଏହା ପଛରେ ମରାଠା ଗ୍ୟାଙ୍ଗର ହାତ ଥିବା ସନ୍ଦେହ ହେବାରୁ ଅନୁପଙ୍କୁ ମାରାଥନ ଜେରା କରୁଛି। ଆଇଜି ଦିପାଂଶୁ କାବ୍ରା କହିଛନ୍ତି, ଏପର୍ଯ୍ୟନ୍ତ ଅଭିଯୁକ୍ତ କଥାରେ କିଛି ତାଳମେଳ ରହୁନାହିଁ। ତେଣୁ ଏନେଇ ଅଧିକ ପ୍ରମାଣ ଯୋଗାଡ କରାଯିବ। ଛତିଶଗଡରେ ସକ୍ରିୟ ଥିବା ମରାଠା ଗ୍ୟାଙ୍ଗର ହାତ ଥିବା ନେଇ ସନ୍ଦେହ କରାଯାଉଛି।

**ନାର୍କୋ ଟେଷ୍ଟ ବିରୋଧରେ ଅନୁପଙ୍କ ଓକିଲ**

କଳ୍ପନା ଏବଂ ବବ୍‌ଲି ହତ୍ୟା ମାମଲାରେ ପୋଲିସର ଅନୁପଙ୍କ ନାର୍କୋ ଟେଷ୍ଟ ଉଦ୍ୟମକୁ ବିରୋଧ କରିଛନ୍ତି ଅନୁପଙ୍କ ଓକିଲ। ସେ କହିଛନ୍ତି, ଅନୁପଙ୍କ ଦେହ ଅସୁସ୍ଥ ଥିବାରୁ ଏହି ପରୀକ୍ଷା କରାଗଲେ ତାଙ୍କ ଶରୀର ଉପରେ ପ୍ରଭାବ ପକାଇବ। ଏପରିକି ମୃତ୍ୟୁ ଘଟିବାର ଆଶଙ୍କା ରହିଛି। ଅନ୍ୟପଟେ ପୋଲିସ ନାର୍କୋ ଟେଷ୍ଟ ପାଇଁ କରିଥିବା ଆବେଦନରେ ତ୍ରୁଟି ଥିବାରୁ କୋର୍ଟ ଏହାକୁ ଗୁରୁବାର ଖାରଜ କରିଦେଇଛି। ତେଣୁ ପୁଣିଥରେ ପୋଲିସ ଆବେଦନ କରିବ ବୋଲି ଜଣାପଡିଛି।

# ମୋ ଭାଷା, ମୋ ପରିଚୟ

**ଭୁବନେଶ୍ୱର,୨୦।୨(ବ୍ୟୁରୋ) :** ମା’ ଗର୍ଭରୁ ମାଟିରେ ପାଦ ରଖିବା ପରେ ମଣିଷ ଯେଉଁ ଭାଷା ପ୍ରଥମେ ଶିଖେ ଓ କହେ, ତାହା ହେଉଛି ମାତୃଭାଷା। ବ୍ୟକ୍ତିର ସମ୍ମାନ ଓ ସ୍ୱାଭିମାନ, ସ୍ୱପ୍ନ ଓ ଜୀବନ-ସବୁଠି ପ୍ରତିଧ୍ୱନିତ ହୁଏ ଯେଉଁ ଶବ୍ଦ, ତା’ହେଲା ମାତୃଭାଷା। ମାତୃଭାଷା ବ୍ୟକ୍ତିର ପରିଚୟ। ବିକାଶର ପ୍ରବେଶପଥ ବି ମାତୃଭାଷା। ହେଲେ ପରିବର୍ତ୍ତନର ଆହ୍ୱାନରେ ଧୀରେ ଧୀରେ ମାତୃଭାଷା ନିଜ ଅସ୍ତିତ୍ୱ ହରାଉଛି। ହିନ୍ଦୀ ଓ ଇଂଲିଶ ଆଗରେ ଆଞ୍ଚଳିକ ଭାଷାଗୁଡ଼ିକ କ୍ରମଶଃ ବାଷ୍ପରୁଦ୍ଧ ହୋଇ ମରିଯାଉଛି। ମାତୃଭାଷାକୁ ସମ୍ମାନପୂର୍ବକ ଫେବୃୟାରୀ ୨୧କୁ ବିଶ୍ୱ ମାତୃଭାଷା ଦିବସ ଭାବେ ପାଳନ କରାଯାଉଥିବା ବେଳେ ଏହାକୁ ନେଇ ମତାମତ ଭିତ୍ତିକ ସ୍ୱତନ୍ତ୍ର ଉପସ୍ଥାପନା।






କୌଣସି ଭାଷାକୁ ବିରୋଧ କରିବା ଉଚିତ ନୁହେଁ। କାରଣ ପିଲାମାନେ ଏକାସଙ୍ଗେ ଅନେକ ଭାଷା ଶିଖିପାରିବେ। ଇଂଲିଶ ଓ ଅନ୍ୟା ଭାଷା ସହ ନିଜ ମାତୃଭାଷା ଶିଖିବା ଜରୁରୀ। ଏହାକୁ କେବେ ଅବହେଳା କରିବା ଉଚିତ ନୁହେଁ। ହେଲେ ଦୁଃଖର ବିଷୟ ଯେ, ଆଜିକାଲି ଆମକୁ ନିଜ ଭାଷା କହିବାକୁ ଲାଜ ଲାଗୁଛି। ମାତୃଭାଷା ପ୍ରତି ଯୁବପିଢ଼ିଙ୍କୁ ଆକର୍ଷିତ କରିବା ପାଇଁ ଉଭୟ ସରକାର ଏବଂ ଆମେ ନିଜେ ସଚେତନା ହେବା ଆବଶ୍ୟକ। ଘରେ ପିଲାବେଳୁ ଓଡ଼ିଆରେ ଲେଖିବା, ପଢ଼ିବା ଉପରେ ଗୁରୁତ୍ୱ ଦେଲେ ମାତୃଭାଷାର ଯଥୋଚିତ ଉନ୍ନତି ହୋଇପାରିବ। **– ପ୍ରଜ୍ଞା ଦାସ, ଇଞ୍ଜିନିୟର**

ଭାଷାକୁ ଭଲପାଇଲେ ଅନ୍ୟ ଭାଷାକୁ ନିଜର କରିପାରିବ। ମା’, ବାପାମାନେ ନିଜ ପିଲାଙ୍କୁ ଓଡ଼ିଆ ନ ଶିଖାଇବା କଥାକୁ ମୁଁ କେବେ ସମର୍ଥନ କରେନା। କାରଣ ଆଗରୁ ଇଂଲିଶ ମିଡିୟମ୍ ସ୍କୁଲ୍ ନ ଥିଲା। ଲୋକେ ଓଡ଼ିଆ ମିଡିୟମ୍‌ରେ ପାଠ ପଢ଼ି ଆଇଏଏସ୍, ଆଇପିଏସ୍ ହେଉଥିଲେ। **– ଲୋରା ମହାପାତ୍ର, ସାମାଜିକ କର୍ମୀ**

## ବୌଦ୍ଧିକ ବିକାଶ କରେ ନିଜ ମାତୃଭାଷା



ମାନସିକ ଅଭିବୃଦ୍ଧି ପାଇଁ ମାତୃଭାଷା ହିଁ ଏକମାତ୍ର ମାଧ୍ୟମ। କୌଣସି ଭାଷାକୁ ଆମେ ପଢ଼ିବା ମାଧ୍ୟମ କରିପାରିବା। ହେଲେ ମାତୃଭାଷା ମାଧ୍ୟମରେ ହିଁ ଏକ ପିଲାର ପୂର୍ଣ୍ଣ ବିକାଶ ହୁଏ। ଯଦି ଆମେ ମାତୃଭାଷା ପିଲାଙ୍କୁ ନ ପଢ଼ାଉଛେ ତା’ହେଲେ ପିଲାର ବୌଦ୍ଧିକ ବିକାଶ ସମ୍ପୂର୍ଣ୍ଣ ହେବନାହିଁ। ଏହା ମୁଁ କହୁନି, ଗବେଷଣା କହୁଛି। ଆମେ ପଢ଼ିବାବେଳେ ଗାଈର ଆତ୍ମକାହାଣୀ କହିଲେ ସବୁଠାରୁ ଗଧ ପିଲା ବି ଓଡ଼ିଆରେ ୫ ଧାଡ଼ି ଲେଖୁଥିଲା। ହେଲେ ଏବେ ଇଂଲିଶ ମିଡିୟମ୍‌ରେ ୫ମ ଶ୍ରେଣୀରେ ପ୍ରଥମ ହେଉଥିବା ପିଲା ୫ ଧାଡ଼ି ଲେଖିପାରୁନି। ବୌଦ୍ଧିକ ଅଭିବୃଦ୍ଧି ପାଇଁ ମାତୃଭାଷା ପଢ଼ିବା ଓ ଶିଖିବା ନିହାତି ଆବଶ୍ୟକ। ସେଥିପାଇଁ ଦିଲ୍ଲୀରେ ଆମେ ଓଡ଼ିଆ ପିଲାଙ୍କୁ ନିଜ ଭାଷା ଶିଖାଇବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରୁଛୁ।

**– ଦେବେନ୍ଦ୍ର ନାଥ ରାଉତ, ଅଧ୍ୟକ୍ଷ, ଦି ଇଣ୍ଟେଲେକ୍ଟସ**

## ଗର୍ବର ସହ ଓଡ଼ିଆ କହିବା ଉଚିତ



ମାତୃଭାଷାର ଗୁରୁତ୍ୱ ସବୁବେଳେ ଅଛି ଓ ରହିବ। ଓଡ଼ିଆ ଜାତି ବୋଲି ଆମେ ଯେପରି ଗର୍ବ କରୁଛେ, ସେହିଭଳି ଓଡ଼ିଆକୁ ମଧ୍ୟ ଗର୍ବର ସହ କହିବା ଉଚିତ୍। ନିଜ ମାତୃଭାଷାରେ ଯେଉଁ ମିଠାପଣ ଓ ସୌନ୍ଦର୍ଯ୍ୟ ଥାଏ, ତାହା ଆଉ କେଉଁଥିରେ ନ ଥାଏ। ଯିଏ ନିଜ ମାଟି, ନିଜ ମା’ ଓ ନିଜ ମାତୃଭାଷାକୁ ଭୁଲିଛି, ସେ କାହାକୁ ବି ଭଲପାଇପାରିବ ନାହିଁ। ପ୍ରଥମେ ନିଜ

## ସ୍କୁଲ କର୍ତ୍ତୃପକ୍ଷ ମାତୃଭାଷା ଶିକ୍ଷାକୁ ସମାନ ଗୁରୁତ୍ୱ ଦିଅନ୍ତୁ



ହିନ୍ଦୀ, ଇଂଲିଶ ଶିଖିବା ଆମର ଆବଶ୍ୟକତା। ହେଲେ ତାହା ଆମ ପରିଚୟ ନୁହେଁ। ଭାଷା ବିନା ନିଜର ପରିଚୟ ନାହିଁ। ଆମେ ଯଦି ପିଲାଙ୍କୁ ଓଡ଼ିଆ ନ ଶିଖାଉଛେ ତା’ହେଲେ ଆମ ନିଜ ପରିଚୟ ଭୁଲିଯାଉଛେ। ମୋର ନିଜର ଇଂଲିଶ ମିଡିୟମ୍ ସ୍କୁଲ୍ ଅଛି। ହେଲେ ଆମେ ଇଂଲିଶ ସହ ଓଡ଼ିଆକୁ ସମାନ ଗୁରୁତ୍ୱ ଦେଉ। ପିଲା ଓଡ଼ିଆ ଜାଣିଲେ ହିଁ ତାଙ୍କର ମାନସିକ ଏବଂ ବୌଦ୍ଧିକ ବିକାଶ ହୋଇପାରିବ। ଓଡ଼ିଆକୁ ଯିଏ ବୁଝିଛି ତା’ର ମଧୁରତା ଜାଣିଛି। ସ୍କୁଲ୍‌ରେ ଓଡ଼ିଆ ପଢ଼ିବା ବାଧ୍ୟତାମୂଳକ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପିଲାଙ୍କୁ ପ୍ରଥମରୁ ଓଡ଼ିଆ ପ୍ରତି ଆକର୍ଷିତ କରିବା ପାଇଁ ବାପା, ମା’ଙ୍କ ସହ ସ୍କୁଲ୍ କର୍ତ୍ତୃପକ୍ଷଙ୍କର ବି ସମାନ ଭୂମିକା ରହିଛି।

**– ମନସ୍ୱିତା ଜେନା, ଭାଇସ ଚେୟାରମ୍ୟାନ୍, ଚନ୍ଦ୍ରଶେଖର ଇଂଲିଶ ମିଡିୟମ ସ୍କୁଲ**

## ଓଡ଼ିଆ ଜାଣି ନ ଥିବା କହି ଷ୍ଟାଇଲ୍ ମାରନ୍ତି



ନିଜର ନିଜତ୍ୱ ମାତୃଭାଷାରେ ମିଳେ। ନିଜ ମାତୃଭୂମିର ଐତିହ୍ୟ, ବୀରତ୍ୱ ଓ ବଳିଦାନ ନିଜକୁ ମାନସିକ ଭାବେ ଶକ୍ତିଶାଳୀ କରାଏ। ମୋ ପାଇଁ ମୋ ମାତୃଭାଷା ଜୀବନ ଜୀଇଁବା ସଙ୍ଗେ ସମାନ। ସେଥିପାଇଁ ମୋ ଝିଅକୁ ଓଡ଼ିଆ ମାଧ୍ୟମ ସ୍କୁଲରେ ପଢ଼ାଉଛି। ଓଡ଼ିଆ ଘରେ ଜନ୍ମ ହୋଇ ଓଡ଼ିଆ ଜାଣି ନ ଥିବା କହି ଷ୍ଟାଇଲ୍

ମାରିବା ମନକୁ କଷ୍ଟ ଦିଏ। ଆମେ ନିଜେ ଯଦି ନିଜ ମାତୃଭାଷା ଠିକ୍‌ରେ ନ ଜାଣିବା, ନିଜ ମାତୃଭୂମିର ଗରିମା ବିଷୟରେ ଅନ୍ୟକୁ କ’ଣ କହିବା ? ଆମେ ଆମ ଐତିହ୍ୟ ବିଷୟରେ ଅନ୍ୟକୁ ଆନ୍ତରିକତାର ସହ କହିପାରିଲେ ହିଁ ଆମ ଓଡ଼ିଆ ଜାତିର ଐତିହ୍ୟର ପ୍ରସାର ହେବ। **– ସମ୍ବିତ ନନ୍ଦ, ଉଦ୍ୟୋଗୀ**

## ଓଡ଼ିଆ ସ୍କୁଲରେ ପଢ଼ିଥିବାରୁ ଗର୍ବ ଅନୁଭବ କରେ



ମାତୃଭାଷା ପାଇଁ ମମତା ସମସ୍ତଙ୍କର ରହିବା ଉଚିତ। ମୋର ବି ଅଛି। ଆଶାକରୁଛି ଅନ୍ୟମାନଙ୍କର ଥିବ। ଓଡ଼ିଆ ଘରର ପିଲା ହୋଇ ଓଡ଼ିଆ ସ୍କୁଲରେ ପଢ଼ିଥିବାରୁ ମୁଁ ଗର୍ବିତ। ଓଡ଼ିଆରେ କଥା ହେବାକୁ ମୁଁ ଗର୍ବ ଅନୁଭବ କରେ। କେବଳ ଆବଶ୍ୟକତା ଥିଲେ ଇଂଲିଶ ଏବଂ ହିନ୍ଦୀର ବ୍ୟବହାର କରେ।

**– ଅନିଶ ରଥ, ଛାତ୍ରନେତା**

## ନିଜ ଭାଷା ଏତେ ଭଲ, ଅନ୍ୟ ଭାଷାରେ କାହିଁକି କଥା ହେବି



ନିଜ ମାତୃଭାଷାର ସୌନ୍ଦର୍ଯ୍ୟ ଆଉ କେଉଁ ଭାଷାରେ ନ ଥାଏ। ଆମ ନିଜ ଭାଷା ଏତେ ଭଲ ହୋଇକି ଆମେ କ’ଣ ପାଇଁ ଆଉ କେଉଁ ଭାଷାରେ କଥା ହେବୁ ? କେବଳ ଆବଶ୍ୟକତା ଅନୁସାରେ ଯେଉଁଠାରେ ଓଡ଼ିଆ କହିଲେ ସାମ୍ନାଲୋକ ବୁଝିପାରେନା ସେଠାରେ ଇଂଲିଶ ଏବଂ ହିନ୍ଦୀରେ କଥାହୁଏ। ନଚେତ୍ ସାଙ୍ଗସାଥୀ, ଘର ପରିବାର ସବୁଠାରେ ଓଡ଼ିଆରେ କଥା ହେବାକୁ ଭଲପାଏ। ଏତିକି କହିବି ଆମେ ଓଡ଼ିଆ, ଆମ ଭାଷା ଓଡ଼ିଆ।

**– କମଳ କୁମାର ଷଡ଼ଙ୍ଗୀ, ପ୍ରକଳ୍ପ ସଂଯୋଜକ**

## ଓଡ଼ିଆ ସବୁବେଳେ ହୃଦୟ ନିକଟରେ ଅଛି



ମୁଁ ଆରମ୍ଭରୁ ଓଡ଼ିଆ ମିଡିୟମ୍ ସ୍କୁଲରେ ପଢ଼ି ପଢ଼ି ଆସିଛି। କଲେଜରେ ବି ଓଡ଼ିଆ ପଢ଼ିଛି। ଛୋଟରୁ ବଡ଼ ଯାଏଁ ଓଡ଼ିଆରେ କଥା ହୋଇଆସିଛି। ଏବେ ବାହାରେ ରହିବାରୁ ବାଧ୍ୟ ହୋଇ ଇଂଲିଶ ଓ ହିନ୍ଦୀରେ କଥାହେବାକୁ ପଡୁଛି। ଏହା ମାନେ ନୁହେଁ ଯେ ବାହାରେ ରହୁଛି ବୋଲି ମୁଁ ଓଡ଼ିଆକୁ ଭୁଲିଯିବି। ଓଡ଼ିଆ ସବୁବେଳେ ହୃଦୟ ନିକଟରେ ଅଛି ଓ ରହିବ। ନିଜ ମାତୃଭାଷା ପ୍ରତି ମମତା ଆଗରୁ ଯେତିକି ଥିଲା ଏବେ ବି ସେତିକି ଅଛି।

**– ସ୍ୱପ୍ନା ସୋନାଲିକା ରାଉତ, ଆଇଟି ପ୍ରଫେଶନାଲ**

**ତେବେ ଆମେ ମତାମତ ଆଣିବା ବେଳେ କେତେକେ ହିନ୍ଦୀ ଏବଂ ଇଂଲିଶ ଶବ୍ଦର ବ୍ୟବହାର କରୁଥିବା ଶୁଣିବାକୁ ପାଇଥିଲୁ। ମିଠାସ୍, ଅପନାପନ୍, କମ୍ପଲସରୀ, ପ୍ରାଉଡ୍, ନିଡ୍, କ୍ୟାରିୟର, ଆଟ୍ରାକ୍ସନ, ବିକଜ୍ ଭଳି ଶବ୍ଦର ବାରମ୍ବାର ବ୍ୟବହାର କରାଯିବା ମାତୃଭାଷାପ୍ରେମୀଙ୍କୁ ବ୍ୟଥିତ କରିବା ସ୍ୱାଭାବିକ।**

# ବାଙ୍କୀ ଡବଲ୍ ମର୍ଡର ଘଟଣା: ଅଭିଯୁକ୍ତ ଜିତେନ୍ଦ୍ର ଗିରଫ

## ମାଷ୍ଟର ମାଇଣ୍ଡ ଅଟକ: ଏବେବି ୧୦ ଫେରାର

**କଟକ ଅଫିସ/ବାଙ୍କୀ(ସ୍ୱ.ପ୍ର)୨୦।୨**

ବହୁ ଚର୍ଚ୍ଚିତ ବାଙ୍କୀ ଡବଲ ମର୍ଡର ଘଟଣାରେ ସ୍ଥାନୀୟ ପୋଲିସ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ବୈଦେଶ୍ୱର ଥାନା ଅଧୀନ ଖଜୁରିପଦା ଗ୍ରାମର ଜିତୁ ଓରଫ ଜିତେନ୍ଦ୍ର ସ୍ୱାଇଁ (୨୩)। ଜିତେନ୍ଦ୍ରଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାଙ୍କୀ ଉପଖଣ୍ଡ ଉପକାରାଗାରକୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ଘଟଣାରେ ଉକ୍ତ ଗ୍ରାମର ବଳିଆ ଓରଫ ବଳଭଦ୍ର ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କୁହାଯାଉଥିବା କାଳିଆ ଓରଫ ସୁଶାନ୍ତ ପ୍ରଧାନ(୪୦) ଓ ଅନ୍ୟଜଣେ ଅଭିଯୁକ୍ତ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ କୁଆଁଶ ଗ୍ରାମର ହିମାଂଶୁ ଭୂଷଣ ରାଉତରାୟ(୩୯)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ସୁଶାନ୍ତଙ୍କ ନିକଟରୁ ଅନ୍ୟ ୧୦ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ତଥ୍ୟ ପାଇଛି। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି ବୋଲି ଗୁରୁବାର କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ପାଣିଗ୍ରାହୀଙ୍କ କହିବାନୁଯାୟୀ, କ୍ଷମତା ଲୋଭକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ନୂଆଗାଁ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଓ ଏକ ୱେବ୍ ଚ୍ୟାନେଲର ଖବରଦାତା ଆଦିତ୍ୟ କୁମାର ରଣସିଂଙ୍କ ସହିତ ଅଭିଯୁକ୍ତମାନଙ୍କର ଦୀର୍ଘଦିନ ହେବ ଶତ୍ରୁତା ଲାଗି ରହିଥିଲା। ବିଭିନ୍ନ ସମୟରେ ଛୋଟ କଥାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଅଶାନ୍ତି ଉପୁଜୁଥିଲା। ଆଦିତ୍ୟ ଓ ଭଗବାନଙ୍କୁ ଆକ୍ରମଣ କରିବା ପାଇଁ ଏକ ମାସ ପୂର୍ବରୁ ଅଭିଯୁକ୍ତମାନେ ଯୋଜନା କରିଥିଲେ। ଗତ ୧୫ ତାରିଖ ଅପରାହ୍ନରେ ଆଦିତ୍ୟ, ଭଗବାନ ଓ ଅନ୍ୟଜଣେ ଯୁବକ ମାନସ ରଞ୍ଜନ ସିଂ ବାଇକ୍‌ରେ ବାଙ୍କୀରୁ ଖଜୁରୀପଦା ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଣ୍ଡି ଜଳସେଚନ ପ୍ରକଳ୍ପ ନିକଟ ରାସ୍ତାରେ ସରୁ ଜିଆଇ ତାର ବାନ୍ଧି ଅଭିଯୁକ୍ତମାନେ ଲୁଚି ରହିଥିଲେ। ବାଇକ୍ ଜିଆଇ ତାରରେ ଛନ୍ଦି ହୋଇଯିବାରୁ ସେମାନେ ତଳେ ପଡିଯାଇଥିଲେ। ଏହି ସମୟରେ ସେମାନଙ୍କୁ ମାରଣାସ୍ତ୍ରରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। କୌଶଳକ୍ରମେ ମାନସ ଘଟଣାସ୍ଥଳରୁ ପଳାଇ ଯାଇଥିବାବେଳେ ଆଦିତ୍ୟ ଓ ଭଗବାନଙ୍କୁ ଅଭିଯୁକ୍ତମାନେ ଗୋଡାଇ ଗୋଡାଇ ହାଣିଥିଲେ। ଆଦିତ୍ୟଙ୍କ ଶରୀରରୁ ଗୋଡକୁ ଅଲଗା କରିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ଭଗବାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଭଗବାନଙ୍କୁ ଆମ୍ବୁଲାନ୍ସରେ କଟକ ନେବା ବାଟରେ ସେ ୯ ଜଣ ଅଭିଯୁକ୍ତଙ୍କ ନାମ କହିଥିଲେ। ଆମ୍ବୁଲାନ୍ସ ଭିତରେ ଥିବା ଜଣେ ଯୁବକ ଏହାକୁ ରେକର୍ଡିଂ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଭିଡିଓ ଭାଇରାଲ ହୋଇଥିଲା, ଯାହା ପୋଲିସର ତଦନ୍ତରେ ସହାୟକ ହୋଇଥିଲା। ଘଟଣା ସମ୍ପର୍କରେ ମାନସ ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୩୦୨, ୧୪୭, ୧୪୮, ୧୨୦(ବି) ଏବଂ ୧୪୯ ଅନୁଯାୟୀ ଏକ ମାମଲା(ନଂ.୩୯/୨୦) ରୁଜୁ କରିଛି। ଅନ୍ୟପକ୍ଷରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବିଜୟଲକ୍ଷ୍ମୀ ସାହୁଙ୍କ ନେତୃତ୍ୱରେ ଏକ କମିଟି ଗୁରୁବାର ଖଜୁରୀପଦା ଗ୍ରାମକୁ ଯାଇ ମୃତକଙ୍କ ପରିବାରକୁ ଭେଟିଥିଲେ।



**ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି**

ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସୁନିତା ବିଶ୍ୱାଳ, ନିଶୀକାନ୍ତ ମିଶ୍ର ପ୍ରମୁଖ କର୍ମକର୍ତ୍ତା ଗୁରୁବାର ଡିଜିପିଙ୍କୁ କଟକ ମୁଖ୍ୟାଳୟରେ ଭେଟିଛନ୍ତି। ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ, ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସେମାନେ ଡିଜିପିଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ଗୁରୁବାର ସନ୍ଧ୍ୟାରେ ବାଙ୍କୀ ସାମ୍ବାଦିକ ସଂଘ ପକ୍ଷରୁ ବାଙ୍କୀ ବଜାରରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### ଆଟୁରେ ଲୁଚିଥିଲେ ଜିତେନ୍ଦ୍ର

ହତ୍ୟାକାଣ୍ଡ ପରେ ଜିତେନ୍ଦ୍ର ଫେରାର ହୋଇଯାଇଥିଲେ। ପରେ ଗାଁକୁ ଫେରି ନିଜ ଘରେ କିଛିଦିନ ହେବ ଲୁଚି ରହିଥିଲେ। ଖବରପାଇ ପୋଲିସ ପହଞ୍ଚି ତାଙ୍କ ଘରକୁ ଘେରିଯାଇଥିଲା। ଏହିସମୟରେ ଜିତେନ୍ଦ୍ର ତାଙ୍କ ଚାଳ ଘରର ଆଟୁରେ ଲୁଚି ଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା।



ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟ ସମ୍ମୁଖରେ ଆକର୍ଷଣ ସାଜିଥିବା ରେଳଡବାର ବର୍ଜ୍ୟ ପଦାର୍ଥରେ ତିଆରି କଳାକୃତି। (ଫଟୋ: ବିକାଶ)

# ଆକର୍ଷିତ କରୁଛି ରେଳଡବା ବର୍ଜ୍ୟରୁ ତିଆରି କଳାକୃତି

**ଭୁବନେଶ୍ୱର, ୨୦।୨(ବ୍ୟୁରୋ)**

ରେଳଡବାର ବର୍ଜ୍ୟ ପଦାର୍ଥରେ ତିଆରି ହୋଇଛି କଳାକୃତି। ଅବ୍ୟବହୃତ ଡିଜେଲ ଇଞ୍ଜିନ ସରଞ୍ଜାମରେ ଅତି ନିଖୁଣ ଭାବରେ ମନୁଷ୍ୟାକୃତି ପ୍ରତିଛବି ଓ କାରୁକାର୍ଯ୍ୟରେ ରୂପାନ୍ତରିତ କରାଯାଇଛି। ଏହି କଳାକୃତିରେ ଡିଜେଲ ରେଳ ଇଞ୍ଜିନର ଅବ୍ୟବହୃତ ପଦାର୍ଥ ଯଥା ମେଟାଲ, ନଟ-ବୋଲ୍ଟ, କ୍ୟାମ ଗିୟର, ସିଲିଣ୍ଡର ଲାଇନର, ଏକଜଷ୍ଟ ମାନିଫୋଲଡ, କୁଲିଂ ଟିୟୁବ, ପିଷ୍ଟନ୍ କ୍ୟାରିୟର ସହିତ ରଡ୍ ଓ ସ୍ପ୍ରିଙ୍ଗ, ସେଣ୍ଟ୍ରିଫ୍ୟୁଗ କଭର, ଏୟାର ବକ୍ସ କଭର, ବ୍ୟାଗି ଫିଲଟର ରଡ୍, ବେରିଂ, ବୋଲ୍ଟ ହେଡ୍ ଓ ପ୍ଲେଟ୍ ଏବଂ ଫିଲ୍ଟର ନେଟ୍ ବ୍ୟବହୃତ କରାଯାଇଛି। ରେଳ ସଦନ ମୁଖ୍ୟ ଫାଟକ ସାମ୍ନା ରାସ୍ତାରେ ଏହାକୁ ରଖାଯାଇଛି। ସେହି ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ କଳାକୃତିକୁ ଦେଖିବା ପାଇଁ କ୍ଷଣକ ଅଟକି ଯାଉଛନ୍ତି। ଅତି ନିଖୁଣ ଭାବେ ହୋଇଥିବା କଳାକୃତି ଲୋକଙ୍କ ଧ୍ୟାନକେନ୍ଦ୍ରିତ କରୁଛି। ଭୁବନେଶ୍ୱରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ ସହିତ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାଠାରେ ନୂତନ ଭାବେ ସ୍ଥାପିତ ସରକାରୀ ସ୍ତରରେ ଦେଶର ପ୍ରଥମ ବର୍ଜ୍ୟବସ୍ତୁରୁ ଉର୍ଜା ବା ଇନ୍ଧନ ପ୍ଲାଣ୍ଟ ନିର୍ମାଣ କରି ପୂର୍ବତଟ ରେଳପଥ ଇତିହାସ ସୃଷ୍ଟି କରିଛି। ଏବେ ପୂର୍ବତଟ ରେଳପଥ ରେଳ ଇଞ୍ଜିନର ବର୍ଜ୍ୟକୁ ଅନନ୍ୟ ଉପାୟରେ ଉପଯୋଗ କରି ଆହୁରି ଏକ ପରିବର୍ତ୍ତନ ଆଣିବାକୁ ପଦକ୍ଷେପ ନେଇଛି।

ବିଶାଖାପାଟଣାସ୍ଥିତ ଡିଜେଲ ଲୋକୋ ସେଡ୍‌ର କର୍ମଚାରୀମାନେ ଏହି କଳାକୃତି ତିଆରି କରିଛନ୍ତି। ସୂଚନା ଯେ, କାର୍ମଚାରୀମାନେ ସେମାନଙ୍କ ଅବସର ସମୟରେ ଏହିଭଳି କାର୍ଯ୍ୟ କରିବା ପ୍ରତି ଆଗଭର ହେଉଥିବାବେଳେ ଅନ୍ୟମାନଙ୍କୁ ଏଭଳି କଳାକୃତି ଶିଖାଇବା ପାଇଁ ମଧ୍ୟ ପ୍ରୟାସ କରୁଛନ୍ତି। ଏହି ସବୁ କଳାକୃତିଗୁଡ଼ିକୁ ସେମାନଙ୍କ କାର୍ଯ୍ୟସ୍ଥଳରେ ସ୍ଥାପନ କରିବା ସହ ଅଦରକାରୀ ଓ ଅବ୍ୟବହୃତ ପଦାର୍ଥଗୁଡ଼ିକରୁ ମଧ୍ୟ ପଶୁପକ୍ଷୀ, ମାନବ ଓ ସଂସ୍କୃତିର ଛାପ, ଗାଡ଼ି ମୋଟର ଆଦି ବିଭିନ୍ନ ପ୍ରକାର ପ୍ରତିଛବି ନିର୍ମାଣ କରିଛନ୍ତି। ଏଗୁଡ଼ିକୁ ବିଶାଖାପାଟଣା ରେଳ ଷ୍ଟେଶନ, ରେଲୱେ ଷ୍ଟାଡିୟମ ଓ ଡିଜେଲ ଲୋକୋ ଶେଡ୍‌ଗୁଡ଼ିକରେ ସ୍ଥାପନ କରାଯାଇଛି। ଅଳ୍ପଦିନ ମଧ୍ୟରେ ଅବ୍ୟବହୃତ ବସ୍ତୁରେ ନିର୍ମିତ କେତେକ କଳାକୃତି ଅରକୁ ଷ୍ଟେଶନଠାରେ ସ୍ଥାପନ କରାଯିବ।



ବିଦ୍ୟା ଏପରି ଧନ, ଯାହାକୁ ଜ୍ଞାତିମାନେ ବାଣ୍ଟିନେଇ ପାରନ୍ତି ନାହିଁ। ଚୋର ମଧ ତାକୁ ଚୋରି କରିପାରେ ନାହିଁ। - ଚାଣକ୍ୟ



## ସଂକ୍ଷେପରେ

### ୭ ଚୋରି ମୋବାଇଲ ଜବତ, ୪ ଗିରଫ

ଭୁବନେଶ୍ୱର,୨୦।୨(ବ୍ୟୁରେ): ଖଣ୍ଡଗିରି ଥାନା ଅଞ୍ଚଳରେ ବିଭିନ୍ନ ହସ୍ପିଟାଲ ଓ କାର୍ଯ୍ୟାଳୟରେ ମୋବାଇଲ ଲୁଟ କରିଥିବା ଅଭିଯୋଗରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଘାଟିକିଆ ଅଞ୍ଚଳରେ ଅମିତ ନାୟକ, ଶ୍ରୀମନ୍ତ ସେଠୀ, ରଞ୍ଜନ ସେଠୀ। ପୋଲିସ ସେମାନଙ୍କଠାରୁ ୭ଟି ମୋବାଇଲ ଫୋନ ଜବତ କରିଛି। ସୂଚନା ମୁତାବକ, ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳରେ ରହୁଥିବା ନିରଞ୍ଜନ ପ୍ରଧାନ କୌଣସି କାର୍ଯ୍ୟରେ ମଙ୍ଗଳବାର ଖଣ୍ଡଗିରିସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଆସିଥିଲେ। ସେଠାରେ ତାଙ୍କର ମୋବଇଲ ଚୋରି ହେବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୧୨୫/୨୦ରେ ମାମଲା ରୁଜୁ କରି ମୋବଇଲ ଫୋନକୁ ଟ୍ରାକ କରି ପ୍ରଥମେ ଅମିତଙ୍କୁ ଧରିଥିଲା। ତାଙ୍କୁ ପଚରାଉଚୁରା ପରେ ସହଯୋଗୀ ରଞ୍ଜନ ଓ ଶ୍ରୀମନ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଆଉ ୬ଟି ଚୋରା ମୋବାଇଲ ଜବତ କରିଥିଲା। ସେହିପରି ବୁଧବାର ସନ୍ଧ୍ୟାରେ ବରମୁଣ୍ଡା ଅଞ୍ଚଳରେ ରହୁଥିବା ଜସପ୍ରତି ମହାନ୍ତିଙ୍କ ନିକଟରୁ ବସଷ୍ଟାଣ୍ଡ ଅଞ୍ଚଳରେ ଜଣେ ଯୁବକ ମୋବାଇଲ ଛଡାଉଥିବା ବେଳେ ସ୍ଥାନୀୟଲୋକେ କାବୁ କରି ମାଡ଼ ମାରି ପୋଲିସ ଜିମାରେ ଦେଇଛନ୍ତି। ସେ ହେଲେ ଝାଡ଼ଖଣ୍ଡ ସାହେବଗଞ୍ଜ ଥାନା ଅଞ୍ଚଳର ଗୋବିନ୍ଦ କୁମାର ମାହାତ। ପୋଲିସ ପଚରାଉଚରା ପରେ ନଂ. ୧୨୯/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘ ନିର୍ବାଚନ

ଭୁବନେଶ୍ୱର, ୨୦।୨(ବ୍ୟୁରୋ): ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପରିଚାଳନା କରିବା ଲାଗି ଗଠିତ ନିର୍ବାଚନ କମିଶନ ନବନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଡ. ମାନସ ବେହେରା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଡ. ଦେବାଶିଷ ମହାନ୍ତି ସମ୍ପାଦକ, ଡ. ରବୀନ୍ଦ୍ର କୁମାର ପ୍ରଧାନ ଉପସଭାପତି, ବିଶ୍ୱଜିତ ପ୍ରଧାନ ଯୁଗ୍ମ ସମ୍ପାଦକ ଓ ଅଭିଷେକ ଉପାଧ୍ୟାୟ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହାସହ କେନ୍ଦ୍ରୀୟ ପରିଷଦର ସଭ୍ୟ ଭାବେ ୩, ଆଞ୍ଚଳିକ ଉପସଭାପତି ଭାବେ ୪ ଓ ଆଞ୍ଚଳିକ ସଂଯୋଜକ ଭାବେ ୪ଜଣ ମଧ ନିର୍ବାଚିତ ହୋଇଛନ୍ତି। ଏହି ନୂତନ କାର୍ଯ୍ୟକାରୀ କମିଟି ଆସନ୍ତା ୨ବର୍ଷ ପାଇଁ କାର୍ଯ୍ୟ କରିବ। ଡ. ଦେବେନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଏକ ୪ ଜଣିଆ ନିର୍ବାଚନ ଆୟୋଗ ନିର୍ବାଚନ ପରିଚାଳନା କରୁଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରୀ ଶିକ୍ଷକ ସଂଘ ରାଜ୍ୟର ଏକ ସର୍ବ ପୁରାତନ ସଂଘ ଭାବେ ୧୯୪୬ରୁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ। ଆସନ୍ତା ୨୩ ତାରିଖ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥ ଉତ୍ସବ ରାଜଧାନୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ସୂଚନା ଯେ, ସଭାପତି ମାନସ ବେହେରା ସମ୍ପ୍ରତି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ସମ୍ପାଦକ ଡ. ଦେବାଶିଷ ମହାନ୍ତି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧାପକ ଅଛନ୍ତି। ସଭାପତି ଡ. ବେହେରା ନିଜସ୍ୱ ପ୍ରତିକ୍ରିୟାରେ ନିର୍ବାଚନ ଆୟୋଗଙ୍କୁ ନିର୍ବାଚନର ସୁପରିଚାଳନା ପାଇଁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସଂଘ ଶିକ୍ଷକମାନଙ୍କ ମର୍ଯ୍ୟାଦା ଅଧିକାର ଓ ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

ଆଜି କ'ଣ କେଉଁଠି ପ୍ରସ୍ତରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପରିବେଶ ପର୍ଯ୍ୟଟନସ୍ଥଳୀରେ ବଢୁଛନ୍ତି ପର୍ଯ୍ୟଟକ

- ୧ କୋଟି ଟପିଲା ସାତକୋଶିଆ ଇକୋଟୁରିଜମ୍ ପ୍ରକଳ୍ପ ଆୟ
- ୨୦୧୯-୨୦ରେ ଆସିଛନ୍ତି ୪୫୦୦ ପର୍ଯ୍ୟଟକ



ଭୁବନେଶ୍ୱର,୨୦।୨(ବ୍ୟୁରୋ)

ନୟାଗଡ଼ ଜିଲାର ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଛୋଟ ଆଭ୍ୟନ୍ତରୀଣ ଗ୍ରାମ ବଡ଼ମୂଳ ସମ୍ପର୍କରେ ଦିନେ କେହି ଶୁଣି ନ ଥିଲେ କି ଜାଣି ନ ଥିଲେ। ହେଲେ ଆଜି ଏହି ଗାଁ ଦେଶ, ବିଦେଶର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଛି। ଓଡ଼ିଶାର ଏକ ପ୍ରମୁଖ ପରିବେଶ ପର୍ଯ୍ୟଟନସ୍ଥଳୀଭାବେ ଏହା ସାରା ବିଶ୍ୱରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ୨୦୧୬ରେ ମହାନଦୀ କୂଳରେ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର ଠିକ୍ ମଧ୍ୟଭାଗରେ ପ୍ରତିଷ୍ଠା ହୋଇଥିବା 'ସାତକୋଶିଆ ସ୍ୟାଣ୍ଡ୍ ରିସର୍ଟ ଆଣ୍ଡ ନେଚର କ୍ୟାମ୍ପ୍' ଲଗାତର ଦ୍ୱିତୀୟବର୍ଷ ପାଇଁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ଆଦାୟ କରି ରେକର୍ଡ ପ୍ରତିଷ୍ଠା କରିଛି। ପର୍ଯ୍ୟଟନ ଏବଂ ବନ ବିଭାଗର ମିଳିତ ଉଦ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ମୁଣ୍ଡ ଟେକିଥିବା ଏହି ଇକୋଟୁରିଜମ୍ ପ୍ରକଳ୍ପ ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ଏକ ଗ୍ରାମ କମ୍ୟୁନିଟି ପ୍ରୋଜେକ୍ଟ ମାଧ୍ୟମରେ ଏତେ ମୋଟାଅଙ୍କର ଲାଭାଂଶ ଅର୍ଜନ କରିବାରେ ସଫଳ ହୋଇଛି। କେବଳ ପରିବେଶ ପର୍ଯ୍ୟଟନ ନୁହେଁ, ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ମଧ ଏହା ଏକ ମଡେଲ ଗ୍ରାମରେ ପରିଣତ ହୋଇଛି।



ବଡ଼ମୂଳସ୍ଥିତ 'ସାତକୋଶିଆ ସ୍ୟାଣ୍ଡ୍ ରିସର୍ଟ ଆଣ୍ଡ ନେଚର କ୍ୟାମ୍ପ୍'।

ବଡ଼ମୂଳର ୩୪ଜଣ ବାସିନ୍ଦାଙ୍କ ଦ୍ୱାରା ପରିଚାଳିତ ଏହି ନେଚର କ୍ୟାମ୍ପ୍ ୨୦୧୮-୧୯ ଆର୍ଥିକବର୍ଷରେ ମୋଟ ୧.୩ କୋଟି ଟଙ୍କାର ରାଜସ୍ୱ ଦେବା ସହ ୪୪୫୦ ଦେଶୀ, ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିଲା। ତନ୍ମଧ୍ୟରେ ଜର୍ମାନ, ଫ୍ରାନ୍ସ ଏବଂ ବ୍ରିଟେନ୍ ଭଳି ରାଷ୍ଟ୍ରରୁ ୨୦%ରୁ ଅଧିକ ବିଦେଶୀ ପର୍ଯ୍ୟଟକ ରହିଥିଲେ। ସେହିଭଳି ୨୦୧୯-୨୦ ଆର୍ଥିକବର୍ଷରେ ଫେବୃୟାରୀ ସୁଦ୍ଧା ଏଠାକୁ ୪୫୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିସାରିଥିବା ବେଳେ ରାଜସ୍ୱ ଆୟ ୧ କୋଟି ଟପିଯାଇଛି। ପ୍ରାକୃତିକ ପରିବେଶର ଶୋଭା ସାଙ୍ଗକୁ ବାର୍ଡିଂ, ବୋଟିଂ, ସାଇକ୍ଲିଂ, ଟ୍ରେକିଂ, ସ୍ପୋର୍ଟସ, ଫାର୍ମ ଭିଜିଟ୍, ଭିଲେଜ୍ ଟୁର୍, କ୍ୟାନପି ୱାକ୍ ଭଳି ବିଭିନ୍ନ ପ୍ରକାର ଆକ୍ଟିଭିଟି ଏଠାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଅନ୍ୟପକ୍ଷରେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିବାବେଳେ ଏହା ଏବେ ସଫଳ ହୋଇଛି। ବଡ଼ମୂଳ ସହ ଏହାର ଆଖପାଖ ୫ରୁ ୬ ଗ୍ରାମର ଗ୍ରାମବାସୀଙ୍କ ଆର୍ଥିକାବସ୍ଥାର ଉନ୍ନତି ଘଟିଛି। ପ୍ରକଳ୍ପ ସହ ଜଡ଼ିତ ପରିବାର ପୂର୍ବରୁ ୨୦ ହଜାର ଟଙ୍କାର ବାର୍ଷିକ ଆୟ କରୁଥିବା ବେଳେ ଏବେ ତାହା ଦେଢ଼ ଲକ୍ଷରୁ ୨ଲକ୍ଷ ହୋଇଛି। ସେହିଭଳି ବନ୍ୟଜନ୍ତୁଙ୍କ ଶିକାର କରି ଚଳୁଥିବା ଗ୍ରାମବାସୀ ଶିକାରୀ ପରିବର୍ତ୍ତେ ବନ୍ୟଜନ୍ତୁ ସଂରକ୍ଷକ ପାଲଟିଛନ୍ତି। ବିଭାଗ ଦ୍ୱାରା ଆୟୋଜିତ ହେଉଥିବା 'ପୋଚର୍ସ ଟର୍ନଡ୍ ପ୍ରୋଟେକ୍ଟର୍ସ ଅଫ୍ ସାତକୋଶିଆ' କାର୍ଯ୍ୟକ୍ରମ ଏଠାକାର ଶିକାରୀମାନଙ୍କୁ ବୋଟ୍‌ମ୍ୟାନ୍, ଇକୋ ଗାଇଡ୍, ଆକାଉଣ୍ଟାଣ୍ଟ୍, ରୋଷେୟା, ସର୍ଭିସ୍ ପର୍ସନ୍, ମ୍ୟାନେଜର ଆଦିରେ ପରିଣତ କରିଛି।

### ଶିମିଳିପାଳ, ଦେବ୍ରୀଗଡ଼, ଦାରିଙ୍ଗବାଡ଼ିରେ ବଢୁଛି ପର୍ଯ୍ୟଟକ ସଂଖ୍ୟା

ଅନ୍ୟପକ୍ଷରେ କେବଳ ବଡ଼ମୂଳ ନୁହେଁ, ଶିମିଳିପାଳ ନେଚରକ୍ୟାମ୍ପ୍ ଚଳିତ ଆର୍ଥିକବର୍ଷରେ ୧ କୋଟି ୭ ଲକ୍ଷ ଟଙ୍କାର ରାଜସ୍ୱ ଆୟ କରିଛି, ଯାହାକି ଗତବର୍ଷ ଠାରୁ ଢେର୍ ଅଧିକ ବୋଲି ଇକୋଟୁରିଜମ୍ ଡିସିଏଫ୍ ଅଂଶୁ ପ୍ରଜ୍ଞା ଦାସ କହିଛନ୍ତି। ସେହିଭଳି ଦେବ୍ରୀଗଡ଼ ଇକୋଟୁରିଜମ୍ ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା ୭୫ ଲକ୍ଷ ଟଙ୍କା ଆୟ କରିଥିବାବେଳେ ଦାରିଙ୍ଗବାଡ଼ି ପ୍ରକଳ୍ପ ଗତବର୍ଷଠାରୁ ଦୁଇଗୁଣା ଅଧିକ ଲାଭ କରିଛି। ଭିତରକନିକା ପରିବେଶ ପର୍ଯ୍ୟଟନସ୍ଥଳୀ ୭୦ ଲକ୍ଷ ଟଙ୍କାର ରାଜସ୍ୱ ଆୟ କରିଥିବାବେଳେ ଅନ୍‌ଲାଇନ୍ ବୁକିଂ, ଜଙ୍ଗଲ ସଫାରୀ, ଦୁଃସାହସିକ କ୍ରୀଡ଼ା ଭଳି ବ୍ୟବସ୍ଥା ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି।

# ଓଡ଼ିଶା ଅଭିଭାବକ ସଂଘ ପକ୍ଷରୁ ଓଏଚ୍‌ଆର୍‌ସିରେ ଅଭିଯୋଗ

### ଅଟୋରୁ ଖସି ଛାତ୍ରଙ୍କ ମୃତ ଘଟଣା

ଭୁବନେଶ୍ୱର,୨୦।୨(ବ୍ୟୁରେ)

ଦିଗପହଣ୍ଡିର ପୁଞ୍ଜିକନ୍ୟା ଶିଶୁମନ୍ଦିରର ପ୍ରଥମ ଶ୍ରେଣୀ ଛାତ୍ର ଅଜୟ ପ୍ରଧାନ ସ୍କୁଲ ଯିବା ସମୟରେ ଅଟୋରାରୁ ଖସିପଡି ମୃତ ଘଟଣାରେ ଓଡ଼ିଶା ଅଭିଭାବକ ସଂଘ ପକ୍ଷରୁ ଗୁରୁବାର ରାଜ୍ୟ ମାନବ ଅଧିକାର କମିଶନ (ଓଏଚଆରସି)ଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏହି ଘଟଣାରେ ଓଏଚ୍‌ଆରସି ହସ୍ତକ୍ଷେପ କରି କ୍ଷତିପୂରଣ ବାବଦରେ ୨୫ଲକ୍ଷ ଟଙ୍କା ପରିବାରକୁ ଦେବା ସହ ଅବହେଳା ପ୍ରଦର୍ଶନ କରିଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସଂଘ ଦାବି କରିଛି। ସଂଘର ସହ ଅଧକ୍ଷ ପ୍ରସନ୍ନ ବିଶୋଇଙ୍କ ଅଭିଯୋଗ ମୁତାବକ, ଅଟୋରେ ୧୫ରୁ ଊର୍ଦ୍ଧ୍ୱ ଛାତ୍ର ବୋଝ ଲଦିଲା ଭଳି ବସି ଯାଉଥିଲେ। ଡ୍ରାଇଭର ହଠାତ ବ୍ରେକ ମାରିବାରୁ ଅଜୟ ଛିଟିକି ପଡ଼ି ମୁଣ୍ଡରେ ଗଭୀର କ୍ଷତ ଲାଗିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ୨୦୧୬ ପରିବହନ ନିୟମ ଅନୁଯାୟୀ, ଜିଲାପାଳଙ୍କ ଅଧକ୍ଷତାରେ ପରିବହନ ଅଧିକାରୀ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନେଇ ଏକ ପରିବହନ କମିଟି ଗଠନ କରିବାର ବ୍ୟବସ୍ଥା ରହିଛି। ଏଯାବତ୍ ଏପରି କମିଟି ଗଠନ କରାଯାଇ ନାହିଁ। ଏହି କମିଟି ଗଠନ ହେଲେ ପିଲାଙ୍କୁ ନେଇ ଯାଉଥିବା ଗାଡିର ଫିଟନେସ, ପରିବହନ କ୍ଷମତା ସୁରକ୍ଷା ସମ୍ବନ୍ଧୀୟ ପଦକ୍ଷେପ ହୋଇପାରନ୍ତା। ଏ ସଂକ୍ରାନ୍ତରେ ଅଭିଭାବକ ସଂଘ ଗତ ବର୍ଷ ଜୁନ ୨୧ରେ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହାର ତର୍ଜମା କରି ମାନବାଧିକାର କମିଶନ, ପରିବହନ କମିଶନର, ଗଣଶିକ୍ଷା ବିଭାଗ ସଚିବଙ୍କୁ ଏ ନେଇ ପରିବହନ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଧିକାରୀମାନେ ଏଥିରେ ଅବହେଳା କରିବାରୁ ଏପରି ଅଘଟଣ ଘଟିଛି ବୋଲି ସଂଘ ଅନୁଭବ କରିଛି। ତେଣୁ ଜିଲାପାଳ, ପରିବହନ କମିଶନର ଓ ଗଣଶିକ୍ଷା ବିଭାଗଙ୍କ ସଚିବଙ୍କ ଦାୟିତ୍ୱହୀନତା ପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

### ଶିଶୁ ସୁରକ୍ଷା କମିଶନଙ୍କୁ ଭେଟିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୦।୨(ବ୍ୟୁରେ)

ଦିଗପହଣ୍ଡିର ପ୍ରଥମ ଶ୍ରେଣୀ ଛାତ୍ର ଅଜୟ ପ୍ରଧାନ ଅଟେରାରୁ ଖସିପଡି ମୃତ ଘଟଣାରେ ସମାଜବାଦୀ ପାର୍ଟୀ ଗୁରୁବାର ଶିଶୁ ସୁରକ୍ଷା କମିଶନଙ୍କୁ ଭେଟିବା ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ବିଭାଗ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ବିପ୍ତଜନକ ଓ ଅସୁରକ୍ଷିତ ପରିବହନ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଶିଶୁ ସୁରକ୍ଷା ପ୍ରତି ସ୍କୁଲ କର୍ତ୍ତୃପକ୍ଷ, ପରିବହନ ବିଭାଗ, ସର୍ବୋପରି ରାଜ୍ୟ ସରକାର କେତେ ଉଦାସିନ ବୋଲି ପାର୍ଟୀ ସଭାପତି ରବି ବେହେରା ଏବଂ କର୍ମମର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି। ଅଟୋରେ ୧୨ରୁ ୧୫ ପିଲା ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା କରୁଛନ୍ତି। ଏ ଦିଗରେ ବିଭିନ୍ନ ସମୟରେ କୋର୍ଟ ଯେଉଁ ସର୍ତ୍ତବଳୀ ରହିଛି, ତାହାର ଅନୁପାଳନ ହେଉନାହିଁ। ସ୍କୁଲ କର୍ତ୍ତୃପକ୍ଷ, ପରିବହନ ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଜିଲାପାଳ, ଏସ୍‌ପି ଓ ସର୍ବୋପରି ରାଜ୍ୟ ସରକାରଙ୍କୁ ଶିଶୁ ସୁରକ୍ଷା କମିଶନଙ୍କ ପକ୍ଷରୁ ଗୁରୁବାର ଏକ ନୋଟିସ ଜାରି କରାଯାଇଛି। ଏ ନେଇ ମକଦ୍ଦମା ନଂ ୭୩/୨୦୨୦ରେ ଇସୁ କରାଯାଇଛି। ଏହି ନୋଟିସର ଉତ୍ତର ଦେବା ପାଇଁ କମିଶନର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ନୋଟିସର ଉତ୍ତର ପାଇବା ପରେ କମିଶନର ସନ୍ଧ୍ୟାବତୀ ପ୍ରଧାନ ଏ ଦିଗରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିନିଧିବୃନ୍ଦଙ୍କୁ ଦୃଢ ପ୍ରତିଶ୍ରୁତି ଦେଇଛନ୍ତି।

### ସି.ଭି.ରମଣ କଲେଜ ଛାତ୍ରଙ୍କ ସଫଳତା



ଭୁବନେଶ୍ୱର,୨୦।୨: ମୁମ୍ବାଇସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ୱେଲଡିଂ (ଆଇଆଇଡବ୍ଲ୍ୟୁ) ପକ୍ଷରୁ ଜାତୀୟ ୱେଲଡିଂ ପ୍ରତିଯୋଗିତାରେ ସି.ଭି. ରମଣ କଲେଜ ମେକାନିକାଲ ବିଭାଗ ତୃତୀୟ ବର୍ଷ ଛାତ୍ର ସୋରିନ ଦାସ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ପଞ୍ଚମ ଅନ୍ତର୍ଜାତୀୟ ୱେଲଡିଂ କଂଗ୍ରେସ ଆନୁକୂଲ୍ୟରେ ଇଣ୍ଡିଆ ଆୱାର୍ଡ ଫର ଆସ୍ପିରାଣ୍ଟ ୱେଲଡିଂ ଇଞ୍ଜିନିୟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଇଆଇଡବ୍ଲ୍ୟୁର ଦ୍ୱିତୀୟ ପର୍ଯ୍ୟାୟ ଜାତୀୟ ୱେଲଡିଂ ପ୍ରତିଯୋଗିତାରେ ସୋରିନ ସଫଳତା ହାସଲ କରିଛନ୍ତି। ଏହି ଅବସରରେ ଆଇଆଇଡବ୍ଲ୍ୟୁ ପ୍ରେସିଡେଣ୍ଟ ପରିମଳ ବିଶ୍ୱାସ ସୋରିନଙ୍କୁ ମାନପତ୍ର ସହ ପୁରସ୍କାର ବାବଦ ଅର୍ଥ ରାଶି ପ୍ରଦାନ କରିଛନ୍ତି। ଏହି ସଫଳତା ଲାଗି ସି.ଭି. ରମଣ କଲେଜର ଅଧକ୍ଷ ସଞ୍ଜୀବ କୁମାର ରାଉତ, ମେଣ୍ଟର ପ୍ରଫେସର ତୁଷାରକାନ୍ତି ଭଟାଚାର୍ଯ୍ୟ, ସୁଶୋଭନ ବାସାକ୍ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସିଲ୍ ହେଲା ପଟିଆ ମାରୁତି ମଲ୍

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

- ଆପାତ୍‌କାଳୀନ ସ୍ଥିତିରେ ବସିଲା ମୋବାଇଲ୍ ଓଡିଏ କୋର୍ଟ
- ଯାତାୟାତ, ପରିମଳ, ଅଗ୍ନି ନିରାପତ୍ତା ଓ ପାର୍କିଂ ନିୟମ ଉଲ୍ଲଂଘନ
- ମଲ୍ କୋଠା ମାଲିକ ଜିତେନ୍ଦ୍ର ସିଂହଙ୍କୁ ବିଏମ୍‌ସିର ନୋଟିସ୍
- ଉଚ୍ଛେଦ ହେଲା ଉଠା ଓ ଅସ୍ଥାୟୀ ଦୋକାନ

ଭୁବନେଶ୍ୱର ପଟିଆସ୍ଥିତ ମାରୁତି ମଲ୍ ସିଲ୍ ହୋଇଛି। ଗୁରୁବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ କୋଠାକୁ ସିଲ୍ କରାଯାଇଛି। ଏଠାରେ ସର୍ବସାଧାରଣଙ୍କ ପାଇଁ ଯାତାୟାତ, ପରିମଳ, ଅଗ୍ନି ନିରାପତ୍ତା ଓ ପାର୍କିଂ ନିୟମକୁ ବ୍ୟାପକ ଭାବେ ଉଲ୍ଲଂଘନ କରାଯାଇଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ବିଡିଏର ବିଲ୍ଡିଂ ପ୍ଲାନ୍ ମୁତାବକ ମାରୁତି ମଲ୍‌ରେ କାର୍ଯ୍ୟ କରାଯାଉ ନ ଥିବା ଓ ଆବଶ୍ୟକ କାଗଜପତ୍ର ନ ଥିବାରୁ ମଲ୍ କୋଠା ମାଲିକ ଜିତେନ୍ଦ୍ର ସିଂହଙ୍କୁ ନୋଟିସ୍ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



ଅଧିକାରୀମାନେ ମଲ୍‌କୁ ସିଲ୍ କରୁଛନ୍ତି।



ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

ସକାଳେ ପଟିଆ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ଏହି ସମୟରେ ସ୍ଥାନୀୟ ଲୋକେ ମଲ୍ ନାଁରେ ଆବଶ୍ୟକ ବିଭିନ୍ନ ପ୍ରମାଣପତ୍ର ନ ଥିବା ଓ ମଲ୍ ପାଇଁ ସାଧାରଣ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଗୁରୁତର ଅଭିଯୋଗ ଆଣିଥିଲେ। ଏହାପରେ ବିଏମ୍‌ସି କର୍ତ୍ତୃପକ୍ଷ ଆପାତକାଳୀନ ସ୍ଥିତିରେ ଘଟଣାସ୍ଥଳରେ ଓଡିଏ କୋର୍ଟ ବସାଇଥିଲେ। ଉକ୍ତ ବିଲ୍ଡିଂର ଅଗ୍ନିଶମ ନିରାପତ୍ତା ପ୍ରମାଣପତ୍ର ନ ଥିବା ଜଣାପଡିଥିଲା। ପାର୍କିଂ ପାଇଁ ସ୍ଥାନ ରହିଛି ବୋଲି ମଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲେ ମଧ ବାସ୍ତବରେ ସେପରି ବ୍ୟବସ୍ଥା ହୋଇ ନ ଥିବା ନେଇ ମୋବାଇଲ୍ କୋର୍ଟରେ ପ୍ରମାଣିତ ହୋଇଥିଲା। ପାର୍କିଂ ସ୍ଥାନକୁ ଗୋଦାମ ଭାବେ ବ୍ୟବହାର କରାଯାଉଥିଲା। ଫଳରେ ଲୋକେ ବାହାରେ ଗାଡ଼ି ପାର୍କିଂ କରିବାରୁ ଯାତାୟାତ ସମସ୍ୟା ଉପୁଜୁଥିଲା। ବ୍ୟାପକ ନିୟମ ଉଲ୍ଲଂଘନ ଓ ଅନିୟମିତତା ତଥା ଅବ୍ୟବସ୍ଥାର ପ୍ରମାଣ ମିଳିଥିଲା। ଏହାପରେ ବିଚାର ଭାର ଗ୍ରହଣ କରିଥିବା ବିଏମ୍‌ସି ଡେ଼ପୁଟି କମିଶନର, ରାଜସ୍ୱ ତଥା ଓଡ଼ିଏ କୋର୍ଟର ସ୍ୱତନ୍ତ୍ର ଅଧିକାରୀ ଶ୍ରୀମନ୍ତ ମିଶ୍ର ମାରୁତି ମଲ୍‌କୁ ଅସୁରକ୍ଷିତ ବୋଲି ଘୋଷଣା କରିଥିଲେ। ଏହାପରେ ମଲ୍‌କୁ ବନ୍ଦ କରାଯାଇ ତାଲାରେ ଜଉମୁଦ ଦିଆଯାଇ ସିଲ୍ କରାଯାଇଥିଲା।

ଅନ୍ୟପକ୍ଷରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ମଲ୍ ନିକଟ ମାଗ୍‌ନେଟିକ୍ ଛକ ଓ ଆଖପାଖରେ ଜବରଦଖଲ କରି ରହିଥିବା ଉଠା ତଥା ଅସ୍ଥାୟୀ ଦୋକାନକୁ ବୁଲ୍ ଡୋଜର ଲଗାଇ ଭାଙ୍ଗି ଦିଆଯାଇଥିଲା।



ମ୍ୟାଗ୍‌ନେଟିକ୍ ଛକ ନିକଟରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

### ଇଞ୍ଜିନିୟରଙ୍କଠାରୁ ଲୁଟ୍ ବାଇକ୍, ମୋବାଇଲ ଜବତ

**୨ ଗିରଫ, ସହଯୋଗୀ ଫେରାର**

ଭୁବନେଶ୍ୱର,୨୦।୨(ବ୍ୟୁରେ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡା ଅଞ୍ଚଳରେ ରାତିରେ କାମ ସାରି ଘରକୁ ଫେରୁଥିବା ଜଣେ ଇଞ୍ଜିନିୟରଙ୍କ ବାଇକ୍ ଓ ମୋବାଇଲ ଲୁଟପାଟ କରିଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳର ଆଜାରୁଦ୍ଦିନ ଶାହା ଓ ଗୋପାଳ ବିଶ୍ୱାଳ। ପୋଲିସ ଅଭିଯୁକ୍ତଙ୍କୁ ନିକଟରୁ ଚୋରି ବାଇକ୍ ଓ ମୋବାଇଲ ଉଦ୍ଧାର କରିଛି।

ପୋଲିସ ସୂଚନା ମୁତାବକ, କଟକ ବାଦାମବାଡିସ୍ଥିତ ଏକ ଘରୋଇ କମ୍ପାନୀରେ ସୌରଭ ଶତପଥୀ ଇଞ୍ଜିନିୟର ଚାକିରି କରିବା ସହ ପଟିଆ ଅଞ୍ଚଳରେ ରହୁଥିଲେ। ୨୦୧୯ ଅଗଷ୍ଟ ୧୭ ରାତିରେ ସେ ଅଫିସ କାମ ସାରି ଘରକୁ ଫେରୁଥିଲେ। ଭୋଟପଡା ଅଞ୍ଚଳରେ ଥିବା ସାଇଫୋନ ବୁଲାଣି ନିକଟରେ ୨ ଅଭିଯୁକ୍ତ ତାଙ୍କ ସହଯୋଗୀ ସହ ସୌରଭଙ୍କୁ ଅଟକାଇ ଥିଲେ। ଏଥିସହ ତାଙ୍କ ନିକଟରୁ ବଳପୂର୍ବକ ବାଇକ୍ ଓ ମୋବାଇଲ ଛଡାଇ ଫେରାର ହୋଇ ଯାଇଥିଲେ। ଏ ନେଇ ସୌରଭ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩୪୧/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ମୋବଇଲ ଫୋନକୁ ଟ୍ରାକ କରି ପୋଲିସ ୨ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ଗିରଫ କରିଥିଲା। ଏଥିସହ ଅଭିଯୁକ୍ତଙ୍କ ନିକଟରୁ ବାଇକ୍ ଓ ମୋବାଇଲ ଜବତ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ସହଯୋଗୀ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ୨ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ୨ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ବୃଦ୍ଧା, ବାଳିକା ଓ ଯୁବତୀ ସ୍ତ୍ରୀଙ୍କୁ ଦେଖି ସେମାନଙ୍କୁ ମାତା, କନ୍ୟା ଓ ଭଗ୍ନୀ ରୂପରେ ଚିନ୍ତା କରିବା ହେଉଛି ସର୍ବଶ୍ରେଷ୍ଠ ବ୍ରହ୍ମଚର୍ଯ୍ୟ, ଯାହାକୁ ତିନିଲୋକରେ ପୂଜ୍ୟ ଅଟେ।
- ଭଗବାନ ବୁଦ୍ଧ

## ସଂକ୍ଷେପରେ

### ଶ୍ରୀ ଗାଳେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ବାଲିପାଟଣା,୨୦।୨(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅନ୍ତର୍ଗତ କୁଲଣ୍ଡିରା ଗ୍ରାମ ବାଗିଲୋଠାରେ ଗୁରୁବାର ଶ୍ରୀ ଗାଳେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ, ଦୀର୍ଘ ୪୦ବର୍ଷ ପୂର୍ବେ କ୍ଷେତରେ ହଳ କରିବା ସମୟରେ କୌଣସି ଏକ ଟାଣୁଆ ସାମଗ୍ରୀ ବାଜି ଲଙ୍ଗଳମୁନ ଭାଙ୍ଗିଯାଇଥିଲା। ଗ୍ରାମବାସୀ ଏହାକୁ ଖୋଳିବା ପରେ ଏହା ଏକ ଶିବଲିଙ୍ଗ ବୋଲି ଜଣାପଡିଥିଲା। ପରେ ଏହାକୁ ଗ୍ରାମବାସୀ ରଖି ପୂଜା କରୁଥିଲେ। ଏହା ଏକ ଖଣ୍ଡିତ ବିଗ୍ରହ ହୋଇଥିବାରୁ ପଣ୍ଡିତଙ୍କ ପରାମର୍ଶକ୍ରମେ ମଠାଧୀଶ ରାମଦାସ ମହାରାଜ ଜୀଙ୍କ ତତ୍ତ୍ୱାବଧାନରେ ଗୁରୁବାର ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳନ ହୋଇଥିଲା। ଠାକୁରଙ୍କୁ ନଗର ପରିକ୍ରମା କରାଯାଇ ଆସ୍ଥାନକୁ ଅଣାଯାଇଥିବା ବେଳେ ହରିବୋଲ, ହୁଳହୁଳି, ଘଣ୍ଟ ମାଦଳରେ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଉପଲକ୍ଷେ ଯଜ୍ଞର ଆୟୋଜନ କରାଯାଇଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାର ସାଧୁସନ୍ଥମାନେ ଯୋଗଦେଇଥିବା ବେଳେ ବରିଷ୍ଠ ଆଇନଜୀବୀ ନିଶାକର ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରହ୍ଲାଦ ଭୋଳଙ୍କ ସମେତ ଗ୍ରାମବାସୀ ଉତ୍ସବରେ ସହଯୋଗ କରିଥିଲେ।

### ଫନି କ୍ଷତିଗ୍ରସ୍ତ ଅଞ୍ଚଳରେ ଓପୋଲଫେଡର କୁକୁଡ଼ା ଛୁଆ ବଣ୍ଟନ



ଭୁବନେଶ୍ୱର,୨୦।୨: ଓଡିଶା ଜୀବିକା ମିଶନ ପକ୍ଷରୁ ଫନି କ୍ଷତିଗ୍ରସ୍ତ ପୁରୀ ଜିଲାର ୧୧ ବ୍ଲକ ଏବଂ ଖୋର୍ଦ୍ଧା ଜିଲାର ୩ ବ୍ଲକରେ କୁକୁଡା ଚାଷୀଙ୍କୁ ୨୮ ଦିନିଆ ଅଣ୍ଡାଦିଆ କୁକୁଡା ଛୁଆ (ବ୍ରାଉନଲେୟାର) ବଣ୍ଟନ ଲାଗି ଯୋଜନା କରାଯାଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଓପୋଲଫେଡକୁ ମିଶନ ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ମିଶନର ଯୋଜନା ଅନୁଯାୟୀ ଓପୋଲଫେଡ ପ୍ରତ୍ୟେକ ହିତାଧିକାରିଙ୍କୁ ଅନ୍ୟୁନ ୨୦୦ ଗ୍ରାମରୁ ୨୫୦ ଗ୍ରାମ ଓଜନର ୧୪ଟି କୁକୁଡା ଛୁଆ ବଣ୍ଟନ ନେଇ ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ସୁଦ୍ଧା ଓପୋଲଫେଡ ପୁରୀ ଜିଲାର ୭ଟି ଏବଂ ଖୋର୍ଦ୍ଧା ଜିଲାର ୨ଟି ବ୍ଲକରେ ୧୨,୯୪୯ ମହିଳା ହିତାଧିକାରୀଙ୍କୁ ୧,୭୭, ୦୮୯ ସଂଖ୍ୟକ କୁକୁଡାଛୁଆ ବଣ୍ଟନ କରାଯାଇଛି। ଏହି ପ୍ରଜାତିର କୁକୁଡା ୧୨୦ ଦିନରେ ଅଣ୍ଡା ଦେଇଥାଏ। ବାର୍ଷିକ ୨୮୦ରୁ ୩୦୦ ଅଣ୍ଡା ଏହି କୁକୁଡା ଦେଇ ପାରିବ। ଅଣ୍ଡା ଗୁଡିକର ଆକାର ଧଳା ରଙ୍ଗର ଅଣ୍ଡାଠାରୁ ସାଧାରଣତଃ ବଡ। ଏହି ଅଣ୍ଡାକୁ ଗୋଟା ପ୍ରତି ପ୍ରାୟ ୧୦ ଟଙ୍କାରେ ବିକ୍ରି କରାଯାଉଛି। ଏହା ଧାରାକୁ ଦେଖିଲେ ଗ୍ରାମ ପଞ୍ଚାୟତ ମହିଳା ମହାସଂଘ(ଜିପିଏଲ୍ଏଫ୍) ହିତାଧିକାରିଙ୍କ ଉତ୍ସାହ ବୃଦ୍ଧି ପାଇଥିବା ଜଣାପଡିଛି।

# ରାଜସ୍ୱ ଆଦାୟ କରି ନ ପାରିଲେ ବେତନ ବନ୍ଦ

## ବିଏମ୍‌ସିର କଡ଼ା ଆଭିମୁଖ୍ୟ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)



- ୱାର୍ଡ ଅଫିସର, ୱାର୍ଡ ସୁପରଭାଇଜର କରିବେ ଦୈନିକ ସମୀକ୍ଷା
- ବର୍ତ୍ତିବନି ସରକାରୀ ଗୃହ, ବିବରଣୀ ପ୍ରଦାନ ପାଇ ନିର୍ଦ୍ଦେଶ
- ପୁନଃ ଆକଳନ ହେବ ବ୍ୟବସାୟିକ ପ୍ରତିଷ୍ଠାନ, ବଡ଼ ଆପାର୍ଟମେଣ୍ଟ
- ବିଲ୍ଡରଙ୍କ ବିକିଥିବା ବିନା ଏନ୍ଓସି ବିଲ୍ଡିଂକୁ ସିଲ୍ କରିବାକୁ ନିର୍ଦ୍ଦେଶ

ରାଜସ୍ୱ ଆଦାୟ ସନ୍ତୋଷଜନକ ନ ହେଲେ କର୍ମଚାରୀଙ୍କ ବେତନ ବନ୍ଦ ହେବ। ରାଜସ୍ୱ ଆଦାୟ ନେଇ ଏପରି କଡ଼ା ଆଭିମୁଖ୍ୟ ନେଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ରାଜସ୍ୱ ଆଦାୟରେ ରହିଥିବା ନୀତିନିୟମ, ସମୟ, ଆକଳନ ବ୍ୟବସ୍ଥା ଏବଂ ସର୍ବୋପରି ଆଦାୟ ଦାୟିତ୍ୱ ନ୍ୟସ୍ତ ରହିଥିବା କର୍ମଚାରୀ ଓ ଅଧିକାରୀଙ୍କ ତତ୍ପରତାକୁ ଗୁରୁତ୍ୱ ଦେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏହା କହିଛନ୍ତି। ବିଏମ୍‌ସି କମିଶନର ଚୌଧାରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ରାଜସ୍ୱ ଆଦାୟ ଜନିତ ସମୀକ୍ଷା ବୈଠକରେ କେତେକ ଦୃଢ ନିଷ୍ପତ୍ତି ନିଆଯାଇଥିବା ଗୁରୁବାର ବିଏମ୍‌ସି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

ରାଜସ୍ୱ ଆଦାୟରେ ସମ୍ପୃକ୍ତ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ରାଜସ୍ୱ ଆଦାୟରେ ସମୟାନୁବର୍ତ୍ତିତା, ସ୍ୱଚ୍ଛତା ରଖିବାକୁ ବାରମ୍ବାର ଚେତାବନୀ ଦିଆଯାଇଥିଲା। ଏତେ ସତ୍ତ୍ୱେ ରାଜସ୍ୱ ଆଦାୟ ଆଶା ତଥା ଲକ୍ଷ୍ୟ ମୁତାବକ ହେଉନାହିଁ। ପୁନଃ ଆକଳନ ତଥା ନୂଆ ଆକଳନରେ କାର୍ଯ୍ୟକାରିତା ଦୃଷ୍ଟାନ୍ତଯୋଗ୍ୟ ହେଉନାହିଁ। ଫଳରେ ବିଏମ୍‌ସି ପକ୍ଷରୁ ଏପରି ସ୍ୱତନ୍ତ୍ର ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କମିଶନର ଚୌଧାରୀ କହିଛନ୍ତି। ତେଣୁ ରାଜସ୍ୱ ଆଦାୟରେ ସମ୍ପୃକ୍ତ ୱାର୍ଡ ଅଫିସର ଏବଂ ୱାର୍ଡ ସୁପରଭାଇଜରଙ୍କର ଦୈନିକ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷାରେ ନୂଆ ଆକଳନ, ରାଜସ୍ୱ ଆଦାୟ ଏବଂ ଅନ୍‌ଲାଇନ୍ ଏଣ୍ଟ୍ରିକୁ ବିଚାରକୁ ନିଆଯିବ। ଦାୟିତ୍ୱରେ ଥିବା ୱାର୍ଡ ଅଫିସର ଏହା ସତ୍ତ୍ୱେ ଯଦି ନିଜର କାର୍ଯ୍ୟକାରିତା ପ୍ରମାଣ କରି ନ ପାରନ୍ତି ଏବଂ ତାଙ୍କର ରାଜସ୍ୱ ଆଦାୟ ସନ୍ତୋଷଜନକ ନ ହୁଏ ତେବେ ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଫେବୃୟାରୀ ଓ ମାର୍ଚ୍ଚରେ ସେମାନଙ୍କ ବେତନ ବନ୍ଦ ହେବ ବୋଲି ଚେତାଇ ଦିଆଯାଇଛି।

ସେହିପରି କେନ୍ଦ୍ର ଓ ରାଜ ସରକାର ଗୃହଗୁଡ଼ିକର ବକେୟା ବାବଦରେ ଆଲୋଚନା କରାଯାଇ ଏହାର ତୁରନ୍ତ ବିବରଣୀ ଦେବାକୁ ସମସ୍ତ ଜୋନାଲ୍ ଡେପୁଟି କମିଶନର ଏବଂ ଡେପୁଟି କମିଶନର ରାଜସ୍ୱଙ୍କୁ କୁହାଯାଇଛି। ଏହା ସାଙ୍ଗକୁ ସମସ୍ତ ବ୍ୟବସାୟିକ, ରେଣ୍ଟାଲ୍ ଏବଂ ବଡ଼ ଆପାର୍ଟମେଣ୍ଟର ପରିସରକୁ ପୁଣି ଆକଳନ କରି ଯଥାଶୀଘ୍ର ବକେୟା ରାଜସ୍ୱ ଆଦାୟ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଏ ପ୍ଲାନ୍ ଅନୁମୋଦନ ଆଧାରରେ ସମସ୍ତ ଚନ୍ଦକା ଏବଂ ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଗୃହର ପୁନଃ ଆକଳନ କରି ବକେୟା ଏବଂ ବର୍ତ୍ତମାନର ଟିକସ ପରିମାଣକୁ ସ୍ଥିର କରିବାକୁ କୁହାଯାଇଛି। ଅନୁରୂପ ଭାବେ ଇନ୍ଦ୍ରଧନୁ ମାର୍କେଟର ହୋଲ୍ଡିଂ ଟ୍ୟାକ୍ସ ଆଦାୟ ପାଇଁ ଗୁରୁତ୍ୱ ଦିଆଯିବା ସହ ବକେୟା ଆଦାୟ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷେ, ପ୍ରପର୍ଟି ଡେଭେଲପରଙ୍କର ଏନ୍ଓସି ବାବଦକୁ ବିଏମ୍‌ସିକୁ ପ୍ରାୟ ୩୦ କୋଟି ଟଙ୍କା ଦେବାକୁ ଥିବାବେଳେ ଏନ୍ଓସି ଶୁଳ୍କ ନ ଦେଇ ଉକ୍ତ ବିଲ୍ଡରମାନେ ଘର ବିକ୍ରି କରିଥିବା ବିଏମ୍‌ସି ନଜରକୁ ଆସିଛି। ଏଥିପାଇଁ ବିଏମ୍‌ସି ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ ଭାବେ ଉକ୍ତ ବିଲ୍ଡରମାନେ ବିକ୍ରି କରି ଦେଇଥିବା ଘରକୁ ସିଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କଲ୍ୟାଣ ମଣ୍ଡପଗୁଡିକ ଆବଶ୍ୟକତା ଅନୁଯାୟୀ ଆଇନଗତ ବ୍ୟବସ୍ଥାକୁ ପୂରଣ କରି ନ ଥିଲେ ସେମାନଙ୍କୁ ଟ୍ରେଡ ଲାଇସେନ୍ସ ନ ଦେବାକୁ ଜୋନାଲ୍ କମିଶନରଙ୍କୁ କୁହାଯାଇଛି। ଅନ୍ୟପକ୍ଷେ ବିଏମ୍‌ସି ଅଧୀନରେ କାର୍ଯ୍ୟରତ 'ମିଶ୍ ସରକାର' ଯିଏ କି ନାଗରିକଙ୍କ ଟ୍ରେଡ ଲାଇସେନ୍ସ କରାଇବା ସହ ଲାଇସେନ୍ସ ଫି ଆଦାୟ କରେ ତା'କୁ ସନ୍ତୋଷଜନକ କରାଇବାକୁ ତାଗିଦ୍ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରାଇବା ସହ ରାଜସ୍ୱ ଆଦାୟରେ ସ୍ୱଚ୍ଛତା ବଜାୟ ରଖିବାକୁ ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ବେଆଇନ ପାର୍କିଂ ଆଦାୟ କରି ଜେଲ ଗଲେ ୨ ଅଭିଯୁକ୍ତ

ରାଜଧାନୀରେ ବିଭିନ୍ନ ସ୍ଥାନରେ ମାଲମାଲ ଜାଲ ରସିଦ ବଳରେ ପାର୍କିଂ ଆଦାୟ କରାଯାଉଛି। କ୍ୟାପିଟାଲ ଥାନା ଅଞ୍ଚଳରେ ଲୋକମାନଙ୍କୁ ଗାଳିଗୁଲଜ କରି ବଳପୂର୍ବକ ବେଆଇନ ପାର୍କିଂ ଆଦାୟ କରୁଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ କେଳାସାହି ବସ୍ତି ଅଞ୍ଚଳରେ ରହୁଥିବା ପ୍ରସନ୍ନଜିତ ଦାସ ଅଧିକାରୀ ଓ ଚନ୍ଦନ ସାହୁ। ପୋଲିସ ସୂଚନା ମୁତାବକ ୨ ଅଭିଯୁକ୍ତ ଆଉ କିଛି ଯୁବକଙ୍କ ସହ ମିଶି ବେଆଇନ ଭାବେ ଅଶୋକନଗର, ମାର୍କେଟ ବିଲ୍ଡିଂ ଓ ବାପୁଜୀନଗର ଅଞ୍ଚଳରେ ପାର୍କିଂ ଆଦାୟ କରୁଥିଲେ। ଅନେକ ସ୍ଥାନରେ ପାର୍କିଂ ଅବଧି ସରିଯାଇଛି। ବାହାରୁ ନୂଆକରି ଉକ୍ତ ସ୍ଥାନକୁ ଆସୁଥିବା ଲୋକଙ୍କୁ ଡରାଇ ଧମକାଇ ପାର୍କିଂ ଆଦାୟ କରୁଥିଲେ। ବୁଧବାର ଅପରାହ୍ଣରେ ଅଶୋକନଗର ଅଞ୍ଚଳରେ ରହୁଥିବା ରାଜକିଶୋର ସାହୁ ତାଙ୍କ ଘର ନିକଟ ଏକ ଜୋତା ଶୋ' ରୁମ ନିକଟରେ ବାଇକ୍ ପାର୍କିଂ କରୁଥିଲେ। ୨ ଅଭିଯୁକ୍ତ ପ୍ରସନ୍ନଜିତ ଓ ଚନ୍ଦନ ତାଙ୍କୁ ବାଇକ ପାର୍କିଂ ନେଇ ରସିଦ ଦେବା ସହ ଟଙ୍କା ଦେୟ ମାଗିଥିଲେ। ମାତ୍ର ରାଜକିଶୋର ଉକ୍ତ ସ୍ଥାନରେ ପାର୍କିଂ ଅବଧି ନ ଥିବା ଜାଣି ତାଙ୍କୁ ପାର୍କିଂ ଦେୟ ଦେଇ ନ ଥିଲେ। ଫଳରେ ୨ ଅଭିଯୁକ୍ତ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ଜବରଦସ୍ତ ଦେୟ ମାଗିଥିଲେ। ଏଥିରେ ଅତିଷ୍ଠ ହୋଇ ରାଜକିଶୋର କ୍ୟାପିଟାଲ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୮୪/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ୨ ଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ଆଣି ଯାଞ୍ଚ ପରେ ଜାଲ ରସିଦରେ ବଳପୂର୍ବକ ଟଙ୍କା ଆଦାୟ ହେଉଥିବା ଜଣାପଡିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପଚରା ଉଚରା କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ଯିବାକୁ ପଡିଛି।

# ଭୁବନେଶ୍ୱରରେ ହେବ ବାୟୋଟେକ୍ନୋଲୋଜି ପାର୍କ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)




ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ଏକ ବାୟୋଟେକ୍ନୋଲୋଜି ପାର୍କ ପ୍ରତିଷ୍ଠା କରାଯିବ। ଏଥିରେ ଭାରତ ବାୟୋଟେକ୍ ଉଦ୍ୟୋଗ ସହାୟତା କରିବ। ଏହାବ୍ୟତୀତ ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନରେ ଏକ ଇନ୍‌କ୍ୟୁବେଶନ୍ ସେଣ୍ଟର ଆରମ୍ଭ ହେବ ବୋଲି ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ହାଇଦ୍ରାବାଦ୍‌ଠାରେ ଆୟୋଜିତ ତିନିଦିନିଆ 'ବାୟୋ ଏସିଆ-୨୦୨୦' ଶିଖର ସମାବେଶର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ପଣ୍ଡା ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଏହା କହିଥିଲେ। ଓଡ଼ିଶାରେ ନୂତନ ବାୟୋଟେକ୍ନୋଲୋଜି ନୀତି ପ୍ରଣୟନ ପରେ ଓଡ଼ିଶାର ବିକାଶ ଲାଗି ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ବାବଦରେ ସେ ସୂଚନା ଦେଇଥିଲେ। ପ୍ରାୟ ୮୦ରୁ ଅଧିକ କମ୍ପାନୀ ଓଡ଼ିଶାର ଶିଳ୍ପ ବିକାଶ ନିମନ୍ତେ ୨,୦୩,୨୭୦ କୋଟି ଟଙ୍କାର ପୁଞ୍ଜିନିବେଶ କରିଛନ୍ତି। ରାଜ୍ୟରେ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ନିମନ୍ତେ ମନ୍ତ୍ରୀ ପଣ୍ଡା ବିଭିନ୍ନ ଉଦ୍ୟୋଗ, ନିବେଶକ ଓ ବିଶେଷଜ୍ଞମାନଙ୍କ ସହଯୋଗ କାମନା କରିଛନ୍ତି।

ଏହାସହ ରାଜ୍ୟରେ ଉପଲବ୍ଧ ଜୈବସମ୍ବଳ ଓ ପଦାର୍ଥ ମାଧ୍ୟମରେ ବିଭିନ୍ନ ଅଞ୍ଚଳରେ ବିଶେଷକରି ଜନଜାତି ବହୁଳ ଓ ସମୁଦ୍ରତଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ କୃଷି କ୍ଷେତ୍ରରେ ବ୍ୟାପକ ବିକାଶର ସମ୍ଭାବନା ରହିଥିବା ମନ୍ତ୍ରୀ ପଣ୍ଡା ଦର୍ଶାଇଛନ୍ତି। ଆୟୋଜିତ ପ୍ରଦର୍ଶନୀରେ ଓଡ଼ିଶାର ବିଜ୍ଞାନ ଓ କାରିଗରି ବିଭାଗ ଅଂଶଗ୍ରହଣ କରିଥିଲା ଓ ମନ୍ତ୍ରୀ ପଣ୍ଡା ଏହି ମଣ୍ଡପ ପରିଦର୍ଶନ କରିଥିଲେ। ସେହିଭଳି ସେ ଦେଶର ବୃହତ୍ତମ ବାୟୋଟେକ୍ନୋଲୋଜି ଓ ଫାର୍ମା ପାର୍କ 'ଜେନୋମ୍ ଭ୍ୟାଲି' ବୁଲି ଦେଖିଥିଲେ। ମନ୍ତ୍ରୀ ପଣ୍ଡା ଭାରତ ବାୟୋଟେକ୍ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ତେଲେଙ୍ଗାନା ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ 'ବାୟୋ ଏସିଆ-୨୦୨୦' ସମାବେଶରେ ପ୍ରାୟ ୩୭ ଦେଶରୁ ୨୧୦୦ ପ୍ରତିନିଧି ଯୋଗଦେଇଥିଲେ। ସେହିପରି ୧୦୦ ଆଲୋଚକ-ଗବେଷକ, ୮୦୦ କର୍ପୋରେଟ୍ କାର୍ଯ୍ୟକର୍ତ୍ତା ଏବଂ ୩୫୦ କମ୍ପାନୀ ନିର୍ବାହୀ ଉପସ୍ଥିତ ଥିଲେ। ଓଡ଼ିଶାରୁ ବିଭାଗୀୟ ପଦାଧିକାରୀ, ବୈଜ୍ଞାନିକ, ଓ କେତେଜଣ କର୍ପୋରେଟ୍ କାର୍ଯ୍ୟକର୍ତ୍ତା ପ୍ରତିନିଧିତ୍ୱ କରିଥିଲେ।

# ଓବିସିର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୦।୨

ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ୭୮ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ମଣ୍ଡଳ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରିକ୍ଷା ଶିବିର, ବୃକ୍ଷରୋପଣଆୟୋଜନ କରାଯାଇଥିଲା। ବ୍ୟାଙ୍କର ପୂର୍ବତନ ମହାପ୍ରବନ୍ଧକ ବ୍ରଜ ଗୋପାଳ ସନ୍ଧିବିଗ୍ରହ ଏବଂ ପୂର୍ଣ୍ଣେନ୍ଦୁ ଷଡ଼ଙ୍ଗୀ, ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ତଥା ମଣ୍ଡଳ ମୁଖ୍ୟ ତୌଫିକ ଆଲମ୍ ଏବଂ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ଉପ ମହାପ୍ରବନ୍ଧକ ରାଜ କିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ 'ବିଶ୍ୱ ମାତୃଭାଷା ଦିବସ'

# ଜାତିର ସ୍ୱାଭିମାନ ମାତୃଭାଷା

ଭୁବନେଶ୍ୱର,୨୦।୨(ବ୍ୟୁରୋ)



ଆଲୋଚନାସଭାରେ ଉପସ୍ଥିତ ଅତିଥି।

ମାତୃଭାଷା ଗୋଟିଏ ଜାତିର ସ୍ୱାଭିମାନ ଓ ଗର୍ବର ପ୍ରତୀକ। ମାତୃଭାଷାରେ ଥାଏ ଆପଣାତ୍ୱର ଏକ ମହକ ଓ ମଧୁରତାର ମୁଗ୍ଧ ମମତ୍ୱବୋଧ। ଦୁନିଆରେ ଯେକୌଣସି ସ୍ଥାନରେ ନିଜ ମାତୃଭାଷା କହୁଥିବା ଲୋକ ସହ ଭେଟ ହୋଇଗଲେ ଯେତେ ଭିନ୍ନ ହେଲେ ବି ସେ ନିଜର ନିଜର ଲାଗେ। ହେଲେ ପ୍ରତିବର୍ଷ ବିଶ୍ୱର କୋଣାନୁକୋଣରେ ବହୁ ମାତୃଭାଷାର ମୃତ୍ୟୁ ଘଟୁଛି। ଏଭଳିସ୍ଥଳେ ମାତୃଭାଷାର ସୁରକ୍ଷା ଦିଗରେ ସମସ୍ତେ ଚେଷ୍ଟିତ ହେବା ଉଚିତ ବୋଲି ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ 'ବିଶ୍ୱ ମାତୃଭାଷା ଦିବସ' ଉପଲକ୍ଷେ ଗୁରୁବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା।

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମାତୃଭାଷାର ମହତ୍ତ୍ୱ ଏବଂ ଆବଶ୍ୟକତା ସମ୍ପର୍କରେ କହିଥିଲେ। ସାହିତ୍ୟିକ ସାତକଡ଼ି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଆଲୋଚକ ଭାବେ ପ୍ରଫେସର ଡ. ବାଉରିବନ୍ଧୁ ସାହୁ ଏବଂ ପ୍ରଫେସର ରାଜକିଶୋର ମିଶ୍ର ଯୋଗ ଦେଇଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶିକା ଡ. ତମସାରାଣୀ ଦାସମହାପାତ୍ର ମାତୃଭାଷା ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରତିଷ୍ଠାନ ଦ୍ୱାରା ସଂକଳିତ ପୁସ୍ତକ 'ଯୋଗାଯୋଗର ଭାଷା ଓଡ଼ିଆ', 'ଓଡ଼ିଶାର ଜନଜାତି: ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ' ଲୋକାର୍ପିତ ହୋଇଥିଲା। ଓଡ଼ିଆ ଭାଷା ପ୍ରତିଷ୍ଠାନର ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ୟୁବିଓବିସିଡବ୍ଲ୍ୟୁଏର ସାଧାରଣ ବୈଠକ




ଭୁବନେଶ୍ୱର,୨୦।୨

ୟୁନିୟନ୍ ବ୍ୟାଙ୍କ ଓବିସି ୱେଲଫେୟାର ଆସୋସିଏସନ୍, ଓଡ଼ିଶା(ୟୁବିଓବିସିଡବ୍ଲ୍ୟୁଏ) ର ୫ମ ଦ୍ୱିବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଲ୍ ଇଣ୍ଡିଆ ଓବିସି ଆସୋସିଏସନ୍‌ର ସଭାପତି ଜି.କରୁଣାନିଧି ସଭାଧ୍ୟକ୍ଷ, ୟୁନିୟନ୍ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ଆର୍.ଏଲ୍. ମୀନା ମୁଖ୍ୟ ଅତିଥି, ପ୍ରଫେସର ଧନେଶ୍ୱର ସାହୁ ସମ୍ମାନନୀୟ ଅତିଥି ଓ ଏଓୟୁବିଇଏର ଉପସଭାପତି ପ୍ରଦୀପ କୁମାର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ୟୁବିଓବିସିଡବ୍ଲ୍ୟୁଏ, ଓଡ଼ିଶାର ସଭାପତି ସୁରେଶ ଚନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ। ୟୁବିଓବିସିଡବ୍ଲ୍ୟୁଏ, ଓଡ଼ିଶାର ସମ୍ପାଦକ ମଧୁସୂଦନ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୟୁନିୟନ୍ ବ୍ୟାଙ୍କ ଓବିସି ୱେଲଫେୟାର ଆସୋସିଏସନ୍, ଓଡ଼ିଶାର ସଭାପତି ଭାବେ ସୁରେଶ ଚନ୍ଦ୍ର ନାୟକ, ସମ୍ପାଦକ ଭାବେ ବ୍ରଜ କିଶୋର ପରିଡ଼ା, ସହକାରୀ ସମ୍ପାଦକ ଭାବେ ଖଗେଶ୍ୱର ଚୌଧୁରୀ, ଯୁଗ୍ମ ସମ୍ପାଦକ ଭାବେ ଗୌରବ ଚନ୍ଦ୍ର ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଭାବେ ବଳରାମ ମହନ୍ତଙ୍କୁ ମନୋନୀତ କରିଥିଲେ।

# ୪ ଔଷଧ ଦୋକାନରେ ଚଢ଼ାଉ



ବାଲିପାଟଣା,୨୦।୨(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳିପୁରରେ ଗୁରୁବାର ଡ୍ରଗ୍ସସ୍କ୍ୱାଡ୍ ଓ ଅବକାରୀ ବିଭାଗ ପକ୍ଷରୁ ୪ଟି ଔଷଧ ଦୋକାନରେ ଅତର୍କିତ ଭାବେ ଚଢ଼ାଉ କରାଯାଇଥିଲା। କିନ୍ତୁ ଡାକ୍ତରଙ୍କ ପରାମର୍ଶକ୍ରମେ କୌଣସି ଔଷଧ ବିକ୍ରି ହୋଇ ନ ଥିବା ଜଣାପଡିଛି। କେତେଜଣ ଔଷଧ ଦୋକାନୀ ଦୋକାନ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ପ୍ରକାର ବେଆଇନ ନିଶା କଫସିରପ ଓ ଟାବଲେଟ୍ ବିକ୍ରି ହେଉଥିବା ଖବରପାଇ ଏହି ଚଢ଼ାଉ କରାଯାଇଥିଲା। ଡ୍ରଗ୍ସ ସ୍କ୍ୱାଡ୍ ଇନ୍‌ସ୍ପେକ୍ଟର ପ୍ରଦେଶ କୁମାର ଲେଙ୍କା ଓ ଅବକାରୀ ସବଇନ୍‌ସ୍ପେକ୍ଟର ମଧୁସୂଦନ ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଆଗାମୀ ଦିନରେ ଚଢ଼ାଉ ଜାରି ରହିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

# ସ୍ୱଚ୍ଛ ଭୁବନେଶ୍ୱର ଲକ୍ଷ୍ୟ: ଉଠାଦୋକାନୀଙ୍କୁ ଡଷ୍ଟବିନ୍ ବଣ୍ଟନ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ସ୍ମାର୍ଟ ସିଟି ଭୁବନେଶ୍ୱରକୁ ସରସ ସୁନ୍ଦର ଏକ ନମ୍ବର ସହର ଭାବେ ଗଢି ତୋଳିବା ପାଇଁ ବାଣୀବିହାର ନିକଟସ୍ଥ ସତ୍‌ସଙ୍ଗ ବିହାରଠାରେ ସ୍ୱସ୍ତି ସେବକ କ୍ଷୁଦ୍ର ବ୍ୟବସାୟୀ ସଂଘ ଅଣ୍ଟା ଭିଡ଼ିଛନ୍ତି। ସଂଘର ସଭାପତି ବାଦଲ କୁମାର ଦାସ ଓ ସଦସ୍ୟ ହେମନ୍ତ କୁମାର ନାୟକଙ୍କ ନେତୃତ୍ୱରେ ସଂଘ ପକ୍ଷରୁ ୩୦ଟି ଡଷ୍ଟବିନ୍ ସଂଗ୍ରହ କରାଯାଇ ଉଠା ଦୋକାନୀଙ୍କୁ ବଣ୍ଟନ କରାଯାଇଛି। ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଚ୍ଛ ଭାରତ ଅଭିଯାନ ଓ ସହର ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ରାଉତ କହିଥିଲେ, ଭୁବନେଶ୍ୱରକୁ ସାରା ଭାରତ ବର୍ଷରେ ଏକ ନମ୍ବର ସ୍ମାର୍ଟ ସହର ଭାବେ ପରିଣତ କରିବାର ଅଛି। ତେଣୁ ସମସ୍ତ ଉଠାଦୋକାନୀମାନେ ନିଜ ନିଜର ଦୋକାନ ସମ୍ମୁଖରେ ଡଷ୍ଟବିନ ରଖିବାକୁ ସେ ନିବେଦନ କରିଥିଲେ।



ବିଧାୟକ ସୁଶାନ୍ତ କୁମାର ରାଉତ ଡଷ୍ଟବିନ୍ ବାଣ୍ଟୁଛନ୍ତି।

କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ ସୁରକ୍ଷା ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏଥିସହ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅନୁଜ କୁମାର ପ୍ରଧାନ, ପୂର୍ବତନ କର୍ପୋରେଟର ସୁସ୍ମିତା ଦାସ, ପ୍ରବୋଧ କୁମାର ପଣ୍ଡା, ଅନୁ ମିଶ୍ର, ସଙ୍ଗୀତା କିଷାନ ପ୍ରମୁଖ ଯୋଗଦେବା ସହ ସଂଘର ସମ୍ପାଦକ ଉପେନ୍ଦ୍ର ସାହୁ, ଶରତ କୁମାର ସାହୁ, ଆର. କ୍ରିଷ୍ଣା, ରଞ୍ଜନ କୁମାର ସାହୁ, ମନୋଜ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ପଥଚାରୀମାନଙ୍କୁ ସ୍ୱଚ୍ଛତାର ବାର୍ତ୍ତା ସହ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ସଂଘ ସଦସ୍ୟମାନେ ୧୭ ନଂ ୱାର୍ଡ ପରିଭ୍ରମଣ କରିଥିଲେ।

# 'ଓଡ଼ିଶୀ ଆସର'ରେ ସଙ୍ଗୀତ, ବାଦ୍ୟର ଯୁଗଳବନ୍ଦୀ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଗୁରୁବାର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଥିବା ଉତ୍କଳ ରଙ୍ଗମଞ୍ଚରେ 'ଓଡ଼ିଶୀ ଆସର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଣ୍ଠଶିଳ୍ପୀ କୃଷ୍ଣଚନ୍ଦ୍ର ଦାସ ଏବଂ ସର୍ବେଶ୍ୱର ବୈଠାରୁ ନିଜର ମନ୍ତ୍ରମୁଗ୍ଧକର କଣ୍ଠରେ ଓଡ଼ିଶୀ ସଙ୍ଗୀତ ଗାନ କରିଥିବାବେଳେ ଜ୍ୟୋତିପ୍ରକାଶ ସାହୁ ବେହେଲା ବାଦନ କରି ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ପଣ୍ଡିତ ହରିହର ରଥ, କେଶବ ଚନ୍ଦ୍ର ରାଉତ, କାଳନ୍ଦୀ ପରିଡ଼ା, ଧୀରଜ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରତି ମାସରେ ହେଉଥିବା 'ଓଡ଼ିଶୀ ଆସର' କାର୍ଯ୍ୟକ୍ରମ ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଉଦ୍ଦେଶ୍ୟରେ ସରକାରୀସ୍ତରରେ ଏକ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ ନିର୍ବାହୀ ଡ. ସଙ୍ଗୀତା ଗୋସାଇଁ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।

**ଆଦର୍ଶ ଗ୍ରାମ ଟିକଲାରେ ନିଶାକୁ ନା**

ବର୍ତ୍ତମାନ ସମୟରେ ନିଶା ସେବନ ଅନେକଙ୍କ ଅଭ୍ୟାସରେ ପରିଣତ ହେଲାଣି। କମ୍ ବୟସ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ନିଶା ସେବନ କରିଥାନ୍ତି। ମାତ୍ର ରାଜସ୍ଥାନର ଟିକଲା ନାମକ ଏକ ଛୋଟିଆ ଗ୍ରାମ ରହିଛି ଯେଉଁଠାରେ କେହି ନିଶା ସେବନ କରି ନ ଥାନ୍ତି। ବିଡି, ସିଗାରେଟ, ପାନ ମସଲାଠାରୁ ଏହି ଗ୍ରାମର ଲୋକମାନେ ସବୁବେଳେ ଦୂରେଇ ରହିଥାନ୍ତି। ଅନେକ ବର୍ଷ ହେବ ଏହି ପରମ୍ପରା ଚାଲିଆସୁଛି। ଏହି ଗ୍ରାମର ସମୁଦାୟ ଲୋକ ସଂଖ୍ୟା ୧୫୦୦। ଗାଁଟି ଛୋଟ ହୋଇଥିଲେ ମଧ୍ୟ ଏହାର ପରମ୍ପରା ତାଙ୍କୁ ସବୁଠାରୁ ଭିନ୍ନ କରିପାରିଛି।

# ବିକାଶ ଓ ଏକତାର ସେତୁ ମାତୃଭାଷା

## ଅନ୍ତର୍ଜାତୀୟ ମାତୃଭାଷା ଦିବସ




ଅନ୍ତର୍ଜାତୀୟ ମାତୃଭାଷା ଦିବସ ୨୧ ଫେବୃୟାରୀରେ ପାଳନ କରାଯାଉଛି। ୟୁନେସ୍କୋ ୧୭ ନଭେମ୍ବର ୧୯୯୯ ରେ ଏହି ଦିବସ ଘୋଷଣା କରିଥିଲା। ପରେ ୨୧ ଫେବୃୟାରୀ,୨୦୦୦ରେ ପ୍ରଥମେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥିଲା। ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ମାତୃଭାଷାର ସୁରକ୍ଷା ପଅତି ଏହିଦିବସରେ ସଚେତନତା ସୃଷ୍ଟି କରାଯାଏ। ଏହିଦିବସ ଘୋଷଣା କରାଯିବା ଦ୍ୱାରା ୧୯୫୨ର ବାଂଲାଦେଶ ଭାଷା ଆନ୍ଦୋଳନ ଦିବସକୁ ସ୍ମରଣ କରାଯାଇଥାଏ। ଆନ୍ଦୋଳନକାରୀମାନେ ବେଙ୍ଗଲୀ ଭାଷାକୁ ସ୍ୱୀକୃତି ଦେବା ଲାଗି ଲଢେଇ କରୁଥିଲେ। ୨୧ ଫେବୃୟାରୀରେ ବାଂଲାଦେଶୀ ଭାଷା ଆନ୍ଦେଳନରେ ରାଜଧାନୀ ଢାକାରେ ୪ ଜଣ ବେଙ୍ଗଲୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ଏହି ଦିନ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯିବା ପାଇଁ ଜାତିସଂଘ ନିଷ୍ପତ୍ତି ନେଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ୨୦୦୮କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ଘୋଷଣା କରି ପୁଣି ଏହାର ମହତ୍ତ୍ୱକୁ ପ୍ରତିପାଦନ କରିଛି। ୨୦୦୨ରୁ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ ନେଇ ଏହି ଦିବସ ପାଳନ କରାଯାଇଆସୁଅଛି। ଉକ୍ତ ଦିବସର ପ୍ରଥମ ସ୍ଲୋଗନ ଥିଲା– 'ଭାଷା ବିବିଧତା : ବିପଦରେ ୩ ହଜାର ଭାଷା'। ନିକଟରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି ଯେ,ବିଶ୍ୱରେ ଏବେ ୬୦୦୦ରୁ ଊର୍ଦ୍ଧ୍ୱ କଥିତ ଭାଷା ମଧ୍ୟରୁ ୪୫ ପ୍ରତିଶତ ବିପଦରେ। ଏହି ଭାଷାଗୁଡିକ ମଧ୍ୟରୁ ମାତ୍ର କେତେ ଶହ ଭାଷାକୁ ଏବେ ଶିକ୍ଷା କ୍ଷେତ୍ରରେ ସ୍ଥାନ ଦିଆଯାଇଛି ଓ ଶହେରୁ କମ୍ ଭାଷା ଡିଜିଟାଲ ୱାର୍ଲ୍ଡରେ ବ୍ୟବହାର କରାଯାଉଛି। ଭାଷା ଆମ ସଂସ୍କୃତିର ରକ୍ଷକ। ଭାଷା ଦିବସ ପାଳନ କରାଯିବା ଦ୍ୱାରା ଭାଷାଗତ ବିବିଧତା ଓ ବହୁ ଭାଷୀ ଶିକ୍ଷାକୁ ସଶକ୍ତ କରିବା ସହ ଭାଷାଗତ ତଥା ସାଂସ୍କୃତିକ ପରମ୍ପରା ପ୍ରତି ସଚେତନତା ସୃଷ୍ଟି କରାଯାଇପାରୁଛି। ବିଶ୍ୱରେ ଏହି ଦିବସ ବାଂଲାଦେଶରେ ନିଆରା ଢଙ୍ଗରେ ପାଳନ କରାଯାଏ। ଏହି ଦିବସରେ ଭାଷା ଆନ୍ଦୋଳନରେ ଶହୀଦ ହୋଇଥିବା ଶହୀଦ ସ୍ମାରକୀରେ ଫୁଲ ଅର୍ପଣ କରାଯିବା ସହ ଏହିଦିନକୁ ଛୁଟି ଘୋଷଣା କରାଯାଇଥାଏ। ପ୍ୟାରିସ ୟୁନେସ୍କୋ ମୁଖ୍ୟାଳୟରେ ମଧ୍ୟ ପାଳନ କରାଯାଏ। ସ୍କୁଲ୍ ଗୁଡିକରେ ପିଲାମାନଙ୍କୁ ମାତୃଭାଷାରେ କହିବା ଓ ଲେଖିବାକୁ କୁହାଯାଏ। 'ବିବିଧତା ମଧ୍ୟରେ ଏକତା' ସିଦ୍ଧାନ୍ତକୁ ନେଇ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ସମୃଦ୍ଧ ସାଂସ୍କୃତିକ ପରିବେଶ କ୍ଷେତ୍ରରେ ଭାଷାର ଭୂମିକା ରହିଛି। ଏଣୁ ଭାରତରେ ଏହି ଦିବସ ପାଳନ କରାଯିବାର ଢେର ଗୁରୁତ୍ୱ ଅଛି। ଭାଷାର କୌଣସି ସୀମା ନାହିଁ। ମାତୃଭାଷାର ସୁରକ୍ଷା କରି ଏହାକୁ ସମୃଦ୍ଧ କରାଯାଇପାରିଲେ ବିଶ୍ୱରେ ଶାନ୍ତି, ବିକାଶ ଓ ଏକତା ସହଜରେ ପ୍ରତିଷ୍ଠା ହୋଇପାରିବ।

## କୁକୁରର ପିଣ୍ଡଦାନ

**ପାଟନା:** କୁକୁର–ମଣିଷ ମଧ୍ୟରେ ସମ୍ପର୍କର ଗଭୀରତା କାହାରିକୁ ଅଛପା ନାହିଁ। ଦୀର୍ଘଦିନରୁ ଏହି ବିଶ୍ୱସ୍ତ ଜୀବ ମଣିଷ ସହ ରହି ଆସିଛି। ଅନେକ ସମୟରେ କୁକୁର ପାଇଁ ଜୀବନ ବଞ୍ଚିଯାଇଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟୁଛି। ବିହାରର ମଧୁବନୀରେ କୁକୁର ଏବଂ ମାଲିକ ଭିତରେ ଥିବା ଗଭୀର ସମ୍ପର୍କ ଏବେ ସୋସିଆଲ ମିଡିଆରେ ସାଉଁଟୁଛି ଚର୍ଚ୍ଚା। ନିଜ ପାଳିତ କୁକୁର 'ଲାଇକନ୍'ର ପିଣ୍ଡଦାନ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଏନ୍ଆର୍ଆଇ ପ୍ରମୋଦ ଚୌହାନ। ନ୍ୟୁଜିଲାଣ୍ଡର ଅନ୍ୟତମ ପ୍ରମୁଖ ସହର ଅକ୍ଲାଣ୍ଡରେ ରହି ବ୍ୟବସାୟ କରନ୍ତି ପ୍ରମୋଦ। ଦୀର୍ଘ ୧୦ବର୍ଷ ଧରି ପରିବାରର ସଦସ୍ୟ ପାଲଟିଥିବା 'ଲାଇକନ୍'ର ନିକଟରେ ମୃତ୍ୟୁ ହୋଇଯାଇଥିଲା। ଏହାପରେ ସେ ନିଜର ପ୍ରିୟ କୁକୁରର ଅସ୍ଥି ବିସର୍ଜନ କରିବାକୁ ବିହାରର ପାଟନାରେ ପହଞ୍ଚିଥିଲେ। ଏଥିସହ



ଗୟାରେ ପିଣ୍ଡଦାନ ମଧ୍ୟ କରିଥିଲେ। ଏ ନେଇ ପ୍ରମୋଦ କୁହନ୍ତି, ଦୀର୍ଘଦିନ ଧରି ସାଥିରେ ରହିବା ପରେ 'ଲାଇକନ୍' ପରିବାରର ସଦସ୍ୟ ପାଲଟିଯାଇଥିଲା। ତେଣୁ ହିନ୍ଦୁ ରୀତିନୀତି ଅନୁଯାୟୀ ତା'ର ଅସ୍ଥି ଗଙ୍ଗାରେ ବିସର୍ଜନ କରିବାକୁ ମନସ୍ଥ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ବିଚାରଧାରା ତାଙ୍କୁ ବେଶ୍ ପ୍ରଭାବିତ କରିଛି। ଜୀବେ ଦୟା ଏହାର ଏକ ଅଂଶ। ଅକ୍ଲାଣ୍ଡରେ ହିନ୍ଦୁ ରୀତି ଅନୁଯାୟୀ ଲାଇକନର ଦାହ ସଂସ୍କାର କରିଥିଲେ। ପାଟନା ନିକଟରେ ପ୍ରବାହିତ ଗଙ୍ଗାନଦୀରେ ଅସ୍ଥି ବିସର୍ଜନ ପରେ ସେ ଗୟାରେ ପିଣ୍ଡଦାନ କରିଥିଲେ। କେବଳ ଏତିକି ନୁହେଁ, କୁକୁରର ମୃତ୍ୟୁଠାରୁ ୩୦ ଦିନ ଯାଏ ସେ ଯଥାନୀତି ମୃତ୍ୟୁକ୍ରିୟା ପାଳନ କରିବେ। ଏହାପରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି ପ୍ରମୋଦ ସୂଚନା ଦେଇଛନ୍ତି।

## ସୌଦି ଆରବରେ ନଦୀ ନାହିଁ

**ରିୟାଧ:** ପ୍ରାୟ ସବୁ ଦେଶରେ ନଦୀ କିମ୍ବା ଝରଣା ରହିଥିବା ଜାଣିଥିବେ। ମାତ୍ର ବିଶ୍ୱରେ ଏମିତି ଏକ ଦେଶ ରହିଛି, ଯେଉଁଠି ସ୍ଥାୟୀ ନଦୀ କିମ୍ବା ଝରଣାଟିଏ ମଧ୍ୟ ନାହିଁ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏପରି ଦେଶ ହେଉଛି ସୌଦି ଆରବ। ଏଠାରେ ନଦୀ କିମ୍ବା ଝରଣା ନ ଥିବାରୁ ଲୋକେ ପାଣି ପାଇଁ ହାହାକାର ହୁଅନ୍ତି। ଏଠାରେ ବହୁ କମ୍ ପାଣି ମିଳେ। ତାହା ପୁଣି ଉଚ୍ଚ ଦରରେ। ପାଣି ଅଭାବ ଅନୁଭବ ନ କରିବା ପାଇଁ ଏହି ଦେଶର ଲୋକେ ଅଣ୍ଡରଗ୍ରାଉଣ୍ଡରୁ ଜଳ ସଂଗ୍ରହ କରିଥାନ୍ତି। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୯୭୦ରେ ସରକାର ଜଳ ବିଶୋଧନାଗାର କାର୍ଯ୍ୟ ଆରମ୍ଭ କରିଥିଲେ। ଏଠାରେ ୧ ହଜାରରୁ ଊର୍ଦ୍ଧ୍ୱ ଜଳ ବିଶୋଧନାଗାର ନିର୍ମାଣ କରାଯାଇଛି। ଏହି ଜଳକୁ ବ୍ୟବସାୟ ଏବଂ କୃଷିରେ ବିନିଯୋଗ କରାଯାଉଛି। ନଦୀ କିମ୍ବା ଝରଣା ସିନା ନାହିଁ। ମାତ୍ର ସମୁଦ୍ର ରହିଛି। ସମୁଦ୍ର ପାଣିକୁ ସଂରକ୍ଷଣ କରି ରଖାଯାଉଛି। ଲବଣାକ୍ତ ଅଂଶକୁ କମାଇବା ପାଇଁ ପାଣି ଫିଲ୍ଟରିଂ କରାଯାଉଛି। ସାଧାରଣ ସ୍ଥାନରେ ଶୁଦ୍ଧ ପାଣି ପାଇଁ ୨୦୦ ଡଲାର ଖର୍ଚ୍ଚ ହେଉଥିବା ବେଳେ ଏଠାରେ ୧୦୦୦ ଡଲାର ପ୍ରତି ଏକର ଫୁଟକୁ ଦେବାକୁ ପଡ଼ିଥାଏ। ଏଠାରେ କେମିତି ପାଣି ପାଇଁ ଖର୍ଚ୍ଚ କମ୍ ହେବ ସେନେଇ ବିଭିନ୍ନ ଦେଶର ବୈଜ୍ଞାନିକମାନେ ଚେଷ୍ଟା ଜାରି ରଖିଛନ୍ତି।

## କ୍ୟାପ୍ସିକମରେ ଜିଅନ୍ତା ବେଙ୍ଗ

**ଓଟାୱା:** ପନିପରିବାରୁ ପୋକ ବାହାରିବା ସାଧାରଣ ଘଟଣା। ମାତ୍ର କ୍ୟାପ୍ସିକମ୍ ଭିତରୁ ଜିଅନ୍ତା ବେଙ୍ଗ ବାହାରିବା ଶୁଣିଲେ ନିଶ୍ଚିତ ଆଶ୍ଚର୍ଯ୍ୟ ଲାଗିବ। ଏପରି ଏକ ଘଟଣା ଦେଖିବାକୁ ମିଳିଛି କାନାଡାରେ। ଏଠାକାର ଏକ ଦମ୍ପତି କିଛିଦିନ ତଳେ ବଜାରରୁ କିଛି ପନିପରିବା କିଣି ଆଣିଥିଲେ। ରାତିରେ ଡିନର ପ୍ରସ୍ତୁତି ପାଇଁ ପରିବା କାଟୁଥିବା ସମୟରେ ଏକ କ୍ୟାପ୍ସିକମ ଭିତରୁ ଜିଅନ୍ତା ବେଙ୍ଗ ବାହାରିଥିଲା। ଏହା ଦେଖି ଦମ୍ପତି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କ୍ୟୁବେକ୍‌ରେ ରହୁଥିବା ନିକୋନ୍ ଗାଗୋନ୍ ଏବଂ ଗେରାଡ ବ୍ଲାକବର୍ଣ୍ଣ ଗତ ୯ ତାରିଖରେ ରାତିରେ ରୋଷେଇ କରିବା ପାଇଁ ପରିବା କାଟୁଥିଲେ। ଏହି ସମୟରେ



କ୍ୟାପ୍ସିକମ ଭିତରୁ ଜିଅନ୍ତା ବେଙ୍ଗ ବାହାରିଥିଲା। ଏହା ଦେଖି ଦମ୍ପତି ଡରି ଯାଇଥିଲେ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା କ୍ୟାପ୍ସିକମ ଭିତରେ କୌଣସି ରନ୍ଧ୍ର ନ ଥିଲା। ମାତ୍ର ବେଙ୍ଗଟି ଏହା ଭିତରେ କିପରି ରହିଲା ତାହା ଆଶ୍ଚର୍ଯ୍ୟଜନକ। ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହେବା ପରେ ଲୋକେ କ୍ୟାପ୍ସିକମ ଖାଇବାକୁ ଡରୁଛନ୍ତି। ଜଣେ ୟୁଜର ଲେଖିଛନ୍ତି, ମୋତେ ସବୁ ପରିବା କାଟିବା ସମୟରେ ଏବେ ଡର ଲାଗୁଛି। ଆଉ ଜଣେ ୟୁଜର ଲେଖିଛନ୍ତି, କ୍ୟାପ୍ସିକମ କାଟିବା ସମୟରେ ମନରେ ଭିନ୍ନ ଏକ ଭୟ ଖେଳିଯାଉଛି।

## ରେଖାଙ୍କ ଡେଞ୍ଜର୍ ଜୋନ୍

**ମୁମ୍ବାଇ:** ବଲିଉଡ୍ ନାୟିକା ରେଖା ଓ ନାୟକ ଅମିତାଭ ବଚ୍ଚନଙ୍କ ପ୍ରେମ କାହାଣୀ ସମସ୍ତଙ୍କୁ ଅଳ୍ପ ବହୁତେ ଜଣା। ଏମାନଙ୍କ ପ୍ରେମ, ବିବାହର ରୂପ ନେଇପାରି ନ ଥିବା ବେଳେ ଏବେବି ଏହା କେବେ କେବେ ଆଲୋଚନାର ପରିସରକୁ ଚାଲିଆସିଥାଏ। ଏବେ ଏମିତି ଏକ ଭିଡିଓ ଭାଇରାଲ ହୋଇଛି ଯାହାକୁ ଦେଖିବା ପରେ କେହି ନ ହସି ରହି ପାରୁ ନାହାନ୍ତି। ଉକ୍ତ ଭିଡିଓରେ ଅମିତାଭଙ୍କ ଫଟୋ ଦେଖି ରେଖା ଏମିତି ମଜା କରିଛନ୍ତି ଯାହାକୁ ଦେଖିଲେ ଆପଣାଛାଏଁ ସମସ୍ତେ ହସି ପକାଉଛନ୍ତି। ନିକଟରେ ଖ୍ୟାତନାମା ଫଟୋଗ୍ରାର ଡବ୍ବୁ ରତନାନୀଙ୍କ ଚଳିତ ବର୍ଷ ଅର୍ଥାତ୍ ୨୦୨୦ର କ୍ୟାଲେଣ୍ଡର ଲଞ୍ଚିଂ ସେରିମନିରେ ବହୁ ବଲିଉଡ୍ ସେଲିବ୍ରିଟି ଯୋଗ ଦେଇଥିଲେ। ଏହି ସମୟରେ ରେଖା ଫଟୋ ପାଇଁ ପୋଜ୍ ହେବା ସମୟରେ ତାଙ୍କ ପଛରେ ଅମିତାଭଙ୍କ ଫଟୋ ଥିବା ଦେଖିଥିଲେ। ଆଉ ମଜା କରିବାକୁ କହିଥିଲେ ଏହା ଡେଞ୍ଜର ଜୋନ୍। ଏହା କହିବା ସହ ରେଖା ସେଠାରୁ ପଳାଇ ଯାଇଥିଲେ। ଏବେ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୁଣି ଥରେ ରେଖା–ଅମିତାଭଙ୍କ ପ୍ରେମ କାହାଣୀ ଚର୍ଚ୍ଚାକୁ ଆସିଛି।





## ଏଥର ତବୁ କହିବେ 'ଆମି ଯେ ତୋମାର'

**ମୁମ୍ବାଇ:** ବଲିଉଡ୍ ଆକ୍ଟର କାର୍ତ୍ତିକ ଆର୍ଯ୍ୟନ୍ ଏବଂ କିୟାରା ଆଡ୍‌ଭାନୀଙ୍କ ଅପ୍‌କମିଂ ଫିଲ୍ମ 'ଭୁଲ୍ ଭୁଲୈୟା–୨'ର ଶୁଟିଂ ଚାଲିଛି। ୨୦୦୭ରେ ରିଲିଜ୍ ହୋଇଥିବା ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ 'ଭୁଲ୍ ଭୁଲୈୟା'ର ଏହା ହେଉଛି ସିକ୍ୱେଲ୍। ଏନେଇ ଦର୍ଶକେ ଖୁବ୍ ଉତ୍ସାହିତ ଥିବାବେଳେ ଫିଲ୍ମକୁ ନେଇ ଏକ ନୂଆ ଅପ୍‌ଡେଟ୍ ଜଣାପଡ଼ିଛି। 'ଭୁଲ୍ ଭୁଲୈୟା'ର ଲୋକପ୍ରିୟ 'ଆମି ଯେ ତୋମାର' ଗୀତଟିକୁ ସିକ୍ୱେଲରେ ରିକ୍ରିଏଟ୍ କରାଯିବ। ଆଉ ଏଥିରେ ବଲିଉଡ୍ ଭର୍ସାଟାଇଲ୍ ଆକ୍ଟ୍ରେସ୍ ତବୁ ନଜରକୁ ଆସିବେ। 'ଭୁଲ୍ ଭୁଲୈୟା'ର 'ଆମି ଯେ ତୋମାର' ବା 'ମେରେ ଢୋଲ୍‌ନା' ଗୀତଟିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ବିଦ୍ୟା ବାଲନ୍‌ଙ୍କ ପର୍ଫର୍ମାନ୍ସ ଗୀତଟିକୁ ଆହୁରି ଲୋକପ୍ରିୟ କରିଦେଇଥିଲା। ଶ୍ରୀୟା ଘୋଷାଲ୍‌ଙ୍କ ସୁମଧୁର ଗାୟକୀରେ ଗୀତଟି ଆଜି ବି ଶ୍ରୋତାଙ୍କୁ ଆନ୍ଦୋଳିତ କରୁଛି। ଏହାକୁ ଦୃଷ୍ଟିରେ ରଖି 'ଭୁଲ୍ ଭୁଲୈୟା–୨'ରେ ଗୀତଟିକୁ ରିକ୍ରିଏଟ୍ କରାଯିବାକୁ ଥିବାବେଳେ ଏଥିରେ ବିଦ୍ୟାଙ୍କ ବଦଳରେ କିନ୍ତୁ ତବୁଙ୍କୁ ଦେଖିବାକୁ ମିଳିବ। ତେବେ ବିଦ୍ୟାଙ୍କ ପର୍ଫର୍ମାନ୍ସ ତ ଉଚ୍ଚକୋଟୀର ଥିଲା, ଏବେ ସମାନ ଗୀତରେ ତବୁ କେତେ ଦମ୍‌ଦାର ପର୍ଫର୍ମାନ୍ସ ଦେଉଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିବ। ଖାସ୍ ଏଥିଲାଗି ତବୁ ଖୁବ୍ ଉତ୍ସାହିତ ଥିବାବେଳେ ପରିଶ୍ରମ ମଧ୍ୟ କରୁଛନ୍ତି। 'ଭୁଲ୍ ଭୁଲୈୟା'ର ମ୍ୟୁଜିକ୍ ଆଲ୍‌ବମ୍ ଭଳି 'ଭୁଲ୍ ଭୁଲୈୟା–୨'ର ମ୍ୟୁଜିକ୍ ଆଲ୍‌ବମ୍‌କୁ ମଧ୍ୟ ସୁପର୍‌ହିଟ୍ କରିବାକୁ ଫିଲ୍ମର ପୂରା ଟିମ୍ ଚେଷ୍ଟା ଚଳାଇଛି। 'ଭୁଲ୍ ଭୁଲୈୟା–୨' ଏକ ହରର୍ କମେଡି ଫିଲ୍ମ। ଏହାର ପ୍ରଥମ ସେଡ୍ୟୁଲ୍ ଶୁଟିଂ ଚାଲିଥିବାବେଳେ ଏପ୍ରିଲ ସୁଦ୍ଧା ୨ୟ ସେଡ୍ୟୁଲ୍ ଶୁଟିଂ ମଧ୍ୟ ଶେଷ ହୋଇଯିବ। ରାଜସ୍ଥାନ, ଲକ୍ଷ୍ନୌ, ମୁମ୍ବାଇ ସମେତ ଭିନ୍ନ ଭିନ୍ନ ସ୍ଥାନରେ ପୁରୁଣା କୋଠା ଦେଖି ସେଠାରେ ଶୁଟିଂ କରାଯାଉଛି। ଅନୀସ୍ ବାଜ୍‌ମୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିକ୍ୱେଲ୍‌ଟି ଜୁଲାଇରେ ରିଲିଜ୍ ହେବ।

## କଣ୍ଟ୍ରୋଲ ସି, କଣ୍ଟ୍ରୋଲ ଭି ଜନକଙ୍କ ଦେହାନ୍ତ



**ନ୍ୟୁୟର୍କ:** କମ୍ପ୍ୟୁଟର ଓ ସ୍ମାର୍ଟଫୋନ୍ ବ୍ୟବହାରକାରୀ କଣ୍ଟ୍ରୋଲ ସି (ctrl c) ଓ କଣ୍ଟ୍ରୋଲ ଭି (ctrl v)ର ବ୍ୟବହାର ଅଧିକାଂଶ ସମୟରେ କରିଥାନ୍ତି। ବିଶେଷକରି କମ୍ପ୍ୟୁଟର ବା ଲ୍ୟାପ୍‌ଟପ ଯୋଗେ କାର୍ଯ୍ୟ କରିବା ସମୟରେ ଏହାର ଅଧିକ ବ୍ୟବହାର କରାଯାଇଥାଏ। ହେଲେ ଏହି କଣ୍ଟ୍ରୋଲ ସି' ଓ କଣ୍ଟ୍ରୋଲ ଭି' ର ଜନକଙ୍କୁ ଅନେକ ଜାଣନ୍ତିନାହିଁ। କମ୍ପ୍ୟୁଟର ବ୍ୟବହାରର ସରଳୀକରଣ ପାଇଁ କଣ୍ଟ୍ରୋଲ ସି' ଓ କଣ୍ଟ୍ରୋଲ ଭି' ର ଆବିଷ୍କାର କରିଥିବା ସଫ୍ଟୱେର ଇଞ୍ଜିନିୟର ଲେରୀ ଟେସ୍‌ଲରଙ୍କ ୭୪ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଟେସ୍‌ଲରଙ୍କ ଜନ୍ମ ୧୯୪୫ରେ ନ୍ୟୁୟର୍କ ସହରରେ ହୋଇଥିଲା। ସେ କାଲିଫର୍ନିଆର ଷ୍ଟାନ୍‌ଫର୍ଡ ୟୁନିଭରସିଟିରୁ ଗ୍ରାଜୁଏଶନ ଶେଷ କରିବା ପରେ କମ୍ପ୍ୟୁଟର ବ୍ୟବହାରକୁ ସରଳ କରିବା ପାଇଁ ସିଷ୍ଟମ ଇଣ୍ଟରଫେସ୍ ଡିଜାଇନ୍‌ରେ ବିଶେଷଜ୍ଞତା ହାସଲ କରିଥିଲେ। ସେ କଣ୍ଟ୍ରୋଲ ସି' ଓ କଣ୍ଟ୍ରୋଲ ଭି'ର ଆବିଷ୍କାର କରିବା ସହ ଆହୁରି ଅନେକ କମାଣ୍ଡସ୍ ବାହାର କରିଛନ୍ତି, ଯାହା ଏବେ କମ୍ପ୍ୟୁଟରର ବ୍ୟବହାରକୁ ବେଶ ସରଳ କରିପାରିଛି। ୧୯୬୦ରେ ଟେସଲର ଆମେରିକାର ସିଲିକନ୍ ଭ୍ୟାଲିରେ କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। କ୍ୟାରିୟର ଆରମ୍ଭରୁ ଅନେକ ବର୍ଷ ସେ ଜେରକ୍ସ କମ୍ପାନୀରେ କାର୍ଯ୍ୟ କରିଥିଲେ। ଏହାପରେ ଆପଲ୍‌ର କୋ–ଫାଉଣ୍ଡର ଷ୍ଟିଭ୍ ଜୋବସ୍‌ଙ୍କ ଅଫର୍ ପାଇ ସେ ଆପଲରେ ଯୋଗଦେଇଥିଲେ। ସେଠାରେ ୧୭ ବର୍ଷ କାମ କରିବା ପରେ ଟେସ୍‌ଲର ଶିକ୍ଷା କ୍ଷେତ୍ରରେ ସାମିଲ ହୋଇଥିଲେ। ଏବଂ କିଛିଦିନ ଆମାଜନ୍ ଓ ୟାହୁ ପାଇଁ ମଧ୍ୟ କାମ କରିଥିଲେ। ଟେସ୍‌ଲରଙ୍କ ମୃତ୍ୟୁରେ ଜେରକ୍ସ ଓ ଅନ୍ୟ କମ୍ପାନୀମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ଭଉଣୀ ପାଇଁ ଗାଉନ୍ ତିଆରି କଲେ ଭାଇ

**ମାନିଲା:** ଭଉଣୀ–ଭାଇଙ୍କ ମଧ୍ୟରେ ଥିବା ସମ୍ପର୍କ ସବୁଠାରୁ ନିଆରା ବୋଲି କୁହାଯାଏ। ସବୁ ଭାଇ ଭାବନ୍ତି, ତାଙ୍କ ଭଉଣୀ ସବୁଠାରୁ ଭଲ। ଆଉ ଭଉଣୀଙ୍କ କଷ୍ଟ କୌଣସି ଭାଇ ସହଜରେ ହଜମ କରି ପାରନ୍ତି ନାହିଁ ବୋଲି ମଧ୍ୟ କୁହାଯାଏ। ଏବେ ଏମିତି ଏକ ଖବର ଫିଲିପାଇନ୍ସରୁ ଆସିଛି। ଏଠାରେ ଜଣେ ଭଉଣୀଙ୍କୁ ଖୁସି କରିବାକୁ ତାଙ୍କ ଭାଇ ଏକ ପ୍ରକାର ଫ୍ୟାଶନ ଡିଜାଇନର ପାଲଟି ଯାଇଛନ୍ତି କହିଲେ ଚଳେ। ଫିଲିପାଇନ୍ସରେ କଲ୍‌ଚର ଓ ଆର୍ଟସ୍ ପଢୁଥିବା ଛାତ୍ର ମାଭେରିକ ଫ୍ରାନସିସ୍‌କୋ ଓୟେଙ୍କ ଭଉଣୀ ଲୁ ଅସେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଗୋଟିଏ ନୂଆ ପୋଷାକ କିଣିବାକୁ କହିଥିଲେ। ହେଲେ ପୋଷାକ କିଣିବାକୁ ଅର୍ଥାଭାବ ଥିବାରୁ ଭାଇ ମାଭେରିକ ତାଙ୍କ ମାଆଙ୍କ ସହାୟତାରେ ଘରେ ଏକ ସୁନ୍ଦର ଗାଉନ୍ ପ୍ରସ୍ତୁତ କରିଥିଲେ। ବ୍ଲୁ ଓ ହ୍ୱାଇଟ୍ କଲର୍‌ର ଏହି ଗାଉନ୍ ଦେଖିବା ପରେ ସମସ୍ତେ କହିଥିଲେ, ଏହା କୌଣସି ଫ୍ୟାଶନ ଡିଜାଇନର ତିଆରି କରିଛନ୍ତି। ପ୍ରକୃତରେ ଭଉଣୀଙ୍କୁ ଖୁସି କରିବାକୁ ଭାଇ ମାଭେରିକ ଏକ ପ୍ରକାର ଫ୍ୟାଶନ ଡିଜାଇନର ପାଲଟିଯାଇଥିବା କୁହାଯାଉଛି।





ନିର୍ମଳ କୁମାର ମିଶ୍ର

# ଓଡ଼ିଶାର ରଣଜୀ ଯାତ୍ରା

ଓଡ଼ିଶାର ରଣଜୀ ଅଭିଯାନ ବେଶ୍ ଉତ୍ସାହଜନକ ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରି ଓଡ଼ିଶା କ୍ୱାର୍ଟର ଫାଇନାଲରେ ବେଙ୍ଗଲକୁ ଭେଟିଛି। ବେଙ୍ଗଲକୁ ହରାଇପାରିଲେ ଦୀର୍ଘ ୧୬ ବର୍ଷ ପରେ ଓଡ଼ିଶା ସେମିରେ ପ୍ରବେଶ କରିବ। କୋଚ୍ ରଶ୍ମିରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଥର ଚମକପ୍ରଦ ପ୍ରଦର୍ଶନ କରିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ..



ଚଳିତ ସିଜନରେ ଓଡ଼ିଶା ଦଳର ରଣଜୀ ପ୍ରଦର୍ଶନ ବେଶ୍ ଉତ୍ସାହଜନକ ରହିଛି। ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କୁ ନେଇ ବେଶ୍ ଭଲ ସଫଳତା ପାଇବା ଆମ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପାଇଁ ସନ୍ତୋଷଜନକ ରହିଛି। ୨ବର୍ଷ ପରେ ପୁନର୍ବାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଟିମ୍ ଓଡ଼ିଶା। ଗ୍ରୁପ୍-ସି' ରେ ସ୍ଥାନ ପାଇଥିବା ଓଡ଼ିଶା ଯୁବ ଓ ଅଭିଜ୍ଞ ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ପାଇଁ ଶକ୍ତିଶାଳୀ ଦଳଗୁଡ଼ିକୁ ଟକ୍କର ଦେଇଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଗୁଡ଼ିକରେ ଭେଟେରାନ୍ ବୋଲର ବସନ୍ତ ମହାନ୍ତି ସମସ୍ତ ମ୍ୟାଚ୍‌ରେ ବେଶ୍ ଭଲ ବୋଲିଂ କରିବା ସହିତ ସୂର୍ଯ୍ୟକାନ୍ତ ପ୍ରଧାନ ମଧ୍ୟ ତାଙ୍କୁ ବେଶ୍ ସହାୟତା କରିଛନ୍ତି। ବ୍ୟାଟିଂରେ ବିପ୍ଳବ ସାମନ୍ତରାୟ କେତେକ ଉପଯୋଗୀ ଇନିଂସ ଖେଳିଥିବା ବେଳେ ଦେବାଶିଷ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଦେବବ୍ରତ ପ୍ରଧାନ ବିଭିନ୍ନ ମ୍ୟାଚରେ ଭଲ ପ୍ରଦର୍ଶନ କରିବା ସହିତ ଟିମ୍ ଓଡ଼ିଶାକୁ ସଫଳତା ଦେବାରେ ସହାୟତା କରିଛନ୍ତି। ଦୀର୍ଘ ଦିନ ପରେ ଏପରି ସଫଳତା ବିଭିନ୍ନ ବର୍ଗର ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଛି। ଏଥି ସହିତ ଓଡ଼ିଶା ଏଲିଟ ଗ୍ରୁପ ସି' ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଜମ୍ମୁ ଓ କଶ୍ମୀର ପରେ ରହିଛି। ଲିଗ୍ ପର୍ଯ୍ୟାୟରେ ଦଳରେ ପ୍ରଦର୍ଶନରେ ସ୍ଥିରତା ରହିଥିଲା। ପରବର୍ତ୍ତୀ ଅବସ୍ଥାରେ ଉଭୟ ବୋଲିଂ ଏବଂ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରି ଦଳ ଠିକଣା ସମୟରେ ସଫଳତା ପାଇଛି। ଏଥିପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ସମ୍ପାଦକ ସଞ୍ଜୟ ବେହେରା ସମ୍ପୂର୍ଣ୍ଣ ଟିମ୍‌କୁ ଉତ୍ସାହିତ କରିବା ସହିତ ପୁରସ୍କାର ରାଶି ଘୋଷଣା କରିବା ଦ୍ୱାରା ଟିମର ମନୋବଳ ବେଶ୍ ବୃଦ୍ଧି ପାଇଛି।

ଯଦିଓ ଗ୍ରୁପ୍-ସି ଏଲିଟ ଗ୍ରୁପ୍‌ରେ ଟିମ୍ ଓଡ଼ିଶା ସ୍ଥାନ ପାଇଛି ତଥାପି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ବେଶ୍ ଚ୍ୟାଲେଞ୍ଜ୍ ପୂର୍ଣ୍ଣ ରହିଥିଲା। ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ସାମିଲ ହେବା କାମ ଗୌରବର କଥା ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଠିକ୍ ସମୟରେ କର ବା ମର ସ୍ଥିତିରେ ଥାଇ ଟିମ୍ ଓଡ଼ିଶା ଘରୋଇ ବାରବାଟୀ ଷ୍ଟାଡିୟମରେ ବେଶ୍ ସଫଳ ପ୍ରଦର୍ଶନ ମାଧ୍ୟମରେ ମ୍ୟାଚ ଡ୍ର ରଖିବାକୁ ସକ୍ଷମ ହେଲା। ଘରୋଇ ପରିବେଶ ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ କ୍ୱାର୍ଟର ଫାଇନାଲ ମ୍ୟାଚରେ ପଡ଼ୋଶୀ ବେଙ୍ଗଲକୁ ଭେଟିଛି। ବେଙ୍ଗଲ ସହିତ ଅନେକ ମ୍ୟାଚ ଖେଳିଥିବା ଟିମ୍ ଓଡ଼ିଶା ତାର ଗେମ୍ ପ୍ଲାନ ସହିତ ବେଶ୍ ଅଭ୍ୟସ୍ତ। ଯଦିଓ ଓଡ଼ିଶାର ସଫଳ ଦ୍ରୁତତମ ପେସ୍ ବୋଲର ରାଜେଶ ମହାନ୍ତି ମହାରାଷ୍ଟ୍ର ସହିତ ମ୍ୟାଚ ଖେଳିବା ସମୟରେ ଆଘାତ ସମସ୍ୟା ଯୋଗୁ ବାଦ୍ ପଡ଼ିଛନ୍ତି ତଥାପି ପଡ଼ୋଶୀ ବେଙ୍ଗଲକୁ ରୋକିବାର ଦକ୍ଷତା ରଖିଛି ଟିମ୍ ଓଡ଼ିଶା।

ଏଲିଟ ଗ୍ରୁପ୍-ସି' ରେ ଶକ୍ତିଶାଳୀ ମହାରାଷ୍ଟ୍ର, ହରିୟାଣା, ଜମ୍ମୁ ଓ କଶ୍ମୀର, ତ୍ରିପୁରା, ଉତ୍ତରାଖଣ୍ଡ, ଝାଡଖଣ୍ଡ, ଆସାମ, ସର୍ଭିସେସ୍ ଓ ଛତିଶଗଡ ସହିତ ସ୍ଥାନ ପାଇଥିଲା ଟିମ୍ ଓଡ଼ିଶା। ଅପେକ୍ଷାକୃତ କମ୍ ଶକ୍ତିଶାଳୀ ଛତିଶଗଡ, ଉତ୍ତରାଖଣ୍ଡ ରହିଥିଲେ ମଧ୍ୟ ଅନ୍ୟ ସମସ୍ତ ଟିମ୍‌ଗୁଡ଼ିକ ବେଶ୍ ଶକ୍ତିଶାଳୀ ରହିଥିଲେ। ଛତିଶଗଡ଼, ସର୍ଭିସେସ୍ ଏବଂ ଆସାମ ସହିତ ଇନିଂସ ବିଜୟ ଆମ ପାଇଁ ସଫଳ ପ୍ରଦର୍ଶନ ମାଧ୍ୟମରେ ସମ୍ଭବ ହୋଇଥିବା ବେଳେ ଜମ୍ମୁ ଓ କଶ୍ମୀର ଏବଂ ମହାରାଷ୍ଟ୍ରଠାରୁ ପରାଜୟ ଦଳକୁ ବ୍ୟାକ୍‌ଫୁଟକୁ ନେଇ ଯାଇଥିଲା। ତେବେ ହରିୟାଣା ବିପକ୍ଷରେ ୧ ଉଇକେଟରେ ମ୍ୟାଚ ବିଜୟୀ ହେବା ବେଶ୍ ଉତ୍ସାହଜନକ ରହିଥିଲା।

ପ୍ରଥମ ସୋପାନକୁ ସଫଳତାର ସହିତ ଅତିକ୍ରମ କରି ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିବା ନିଶ୍ଚିତ ରୂପେ ଦଳଗତ ସଫଳତା । ଏହି ସିଜନରେ ନବାଗତ ଯୁବ ପ୍ରତିଭାଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ରହିଥିବାର ଦେଖାଯାଇଛି। ଯଦିଓ କୌଣସି ଖେଳାଳି ସମସ୍ତ ମ୍ୟାଚରେ ଭଲ ସଫଳତା ପାଇବା ସହିତ ବିସିସିଆଇ ସିଲେକ୍ଟରମାନଙ୍କୁ ପ୍ରଭାବିତ କଲାପରି ପ୍ରଦର୍ଶନ କରିପାରି ନାହାନ୍ତି, ତଥାପି ଠିକଣା ସମୟରେ ସେମାନଙ୍କର ପ୍ରଦର୍ଶନ ସମସ୍ତଙ୍କୁ ଆକୃଷ୍ଟ ଏବଂ ପ୍ରଭାବିତ କରିଛି। ଏହା ନିଶ୍ଚିତ ଯେ ଲିଗ ପର୍ଯ୍ୟାୟରେ ନବାଗତ ମାନଙ୍କ ପ୍ରଦର୍ଶନ ଅଭିଜ୍ଞ ଖେଳାଳିମାନଙ୍କୁ ପଛରେ ପକାଇଦେଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଦେବାଶିଷ ସାମନ୍ତରାୟ। ସେ ସମସ୍ତଙ୍କୁ ପଛରେ ପକାଇବାରେ ସକ୍ଷମ ହୋଇଛନ୍ତି। ୨ଟି ଶତକ ସହିତ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି ଏହି ମିଡଲଅର୍ଡର ବ୍ୟାଟ୍ସମ୍ୟାନ। ନିଜର ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ଦେବବ୍ରତ ପ୍ରଧାନ ଚର୍ଚ୍ଚାରେ ଅଛନ୍ତି। ସେ ୨୨ଟି ଉଇକେଟ ସହିତ ୨ଟି ଅର୍ଦ୍ଧଶତକ ସହ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଅନ୍ୟତମ ଉଇକେଟ କିପର ବ୍ୟାଟସମ୍ୟାନ ରାଜେଶ ଧୁପର ମଧ୍ୟ ତାଙ୍କର ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ଦଳପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ନୂଆ ରୂପେ ଶାନ୍ତନୁ ମିଶ୍ରଙ୍କୁ କୋଚ୍ ଏବଂ ଚୟନକର୍ତ୍ତାମାନେ ଇନିଂସ ଓପନ କରିବା ପାଇଁ ସୁଯୋଗ ଦେବା ସହିତ ପରୀକ୍ଷା କରିଥିବା ବେଳେ ଦେବାଶିଷ ସାମନ୍ତରାୟଙ୍କ ପରେ ସେ ଦ୍ୱିତୀୟ ସର୍ବାଧିକ ସ୍କୋରର ରହିବା ଖୁସିର କଥା। କ୍ଲବ କ୍ରିକେଟ ଖେଳୁଥିବା ଏହି ସମସ୍ତ ଖେଳାଳିମାନେ ପାରାମାଉଣ୍ଟ ସ୍ପୋର୍ଟିଂ, ରାଇଜିଂ ଷ୍ଟୁଡେଣ୍ଟ ଏବଂ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ଏବଂ କଟର ସବୁଠାରୁ ସଫଳ ଖେଳାଳି ରୂପେ ରଣଜୀ ଟ୍ରଫିରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଶେଷ ମ୍ୟାଚରେ ଝାଡଖଣ୍ଡ ସହିତ ଅର୍ଦ୍ଧଶତକ କରିବା ସହିତ ଫର୍ମକୁ ଫେରିଥିଲେ। କ୍ୱାର୍ଟର ଫାଇନାଲ ସେ ଭଲ ଖେଳିବେ ବୋଲି ଆଶା କରାଯାଉଛି। ଗୋବିନ୍ଦ ପୋଦ୍ଦାର ତାଙ୍କ ଦକ୍ଷତା ଅନୁଯାୟୀ ବ୍ୟାଟିଂ କରିବାକୁ ସକ୍ଷମ ହୋଇ ନ ଥିଲେ ମଧ୍ୟ ଉପଯୋଗୀ ଇନିଂସ ଖେଳିଛନ୍ତି।

ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର, ବିଦର୍ଭ ପରି ଶକ୍ତିଶାଳୀ ଦଳ ଦ୍ୱିତୀୟ ରାଉଣ୍ଡକୁ କ୍ୱାଲିଫାଇ କରି ପାରି ନଥିବା ବେଳେ ଓଡ଼ିଶା ଏହା କରି ଦେଖାଇଛି। ଓଡ଼ିଶା ୨ବର୍ଷ ପରେ ପୁନର୍ବାର କ୍ୱାଲିଫାଏ କରିବା ଆମ ପାଇଁ ଗର୍ବର ବିଷୟ। ପଡ଼ୋଶୀ ବେଙ୍ଗଲ ସହିତ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳିବାକୁ ଥିବା ବେଳେ ବେଙ୍ଗଲ ଅଧିନାୟକ ମନୋଜ ତିୱାରୀ ଭଲ ଫର୍ମରେ ରହି ୮ଟି ମ୍ୟାଚରୁ ୬୪୧ରନ୍ କରିଛନ୍ତି। କେରଳକୁ ପରାସ୍ତ କରିବା ସହିତ ରାଜସ୍ଥାନ ଏବଂ ପଞ୍ଜାବ ହାଇଦ୍ରାବାଦ୍ ପରି ଶକ୍ତିଶାଳୀ ଦଳକୁ ଚକମା ଦେଇଛି ବେଙ୍ଗଲ ଦଳ। କେବଳ ବିଦର୍ଭ ଠାରୁ ହାରିଥିବା ଦଳ ବେଙ୍ଗଲ ଓଡ଼ିଶା ପାଇଁ ବିପର୍ଯ୍ୟୟ ସୃଷ୍ଟି କରିବାକୁ ବେଶ୍ ସକ୍ଷମ। ସର୍ଭିସେସ୍ ଦଳକୁ ପଏଣ୍ଟ ଟେବୁଲରେ ଅଳ୍ପ ବ୍ୟବଧାନରେ ପଛରେ ପକାଇ କ୍ୱାର୍ଟର ଫାଇନାଲରେ ଘରୋଇ ଡ୍ରିମସ ଗ୍ରାଉଣ୍ଡରେ ଖେଳିବାକୁ ଥିବା ଏହି ମ୍ୟାଚ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ୫ଟି ବିଜୟ ୨ଟି ପରାଜୟ ଏବଂ ୨ଟି ଡ୍ର ମ୍ୟାଚ ସହିତ ଟିମ୍ ଓଡ଼ିଶାର ମନୋବଳ ବେଶ୍ ଉପରେ ରହିଛି। ସିମର ସୂର୍ଯ୍ୟକାନ୍ତ ପ୍ରଧାନ, ବସନ୍ତ ମହାନ୍ତି ଏବଂ ରାଜେଶ ମହାନ୍ତି ପ୍ରତ୍ୟେକ ୩୦ରୁ ଊର୍ଦ୍ଧ୍ୱ ଉଇକେଟ ନେଇଥିବା ବେଳେ ରାଜେଶ ମହାନ୍ତିଙ୍କ ଆଘାତ ଜନିତ ସମସ୍ୟା ଦଳକୁ ବ୍ୟାକ୍‌ଫୁଟରେ ରଖିଛି। ଗୋବିନ୍ଦ ପୋଦ୍ଦାର, ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଏବଂ ଦେବବ୍ରତ ପ୍ରଧାନଙ୍କ ଉପଯୋଗୀ ମିଡିୟମ ପେସ୍ ବୋଲିଂ ଡ୍ରିମସର ଖୋଲା ପଡ଼ିଆରେ ବେଶ୍ କାମରେ ଆସିବ। ସିନିୟର ଦଳର ଭଲ ପ୍ରଦର୍ଶନ ଉପରେ ସର୍ବଦା ରାଜ୍ୟ ଜୁନିୟର କ୍ରିକେଟ ପାଇଁ ଶୁଭଦାୟକ ସାବ୍ୟସ୍ତ ହୋଇଥାଏ।

# ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର



**ବ୍ରିଟେନ ଫର୍ମୁଲା- ୧ ଡ୍ରାଇଭର ଲୁଇସ୍ ହାମିଲଟନ ଏଥର ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ସହ ଯୁଗ୍ମ ଭାବେ ଲୌରିଅସ୍ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି...**

ଫର୍ମୁଲା-୧ ସୁପରଷ୍ଟାର ଲୁଇସ୍ ହାମିଲଟନଙ୍କୁ ବିଶ୍ୱ କ୍ରୀଡ଼ା ଜଗତରେ ଏକ ନୂଆ ସମ୍ମାନ ମିଳିଛି। ଫର୍ମୁଲା-୧ ରେସ୍‌ରେ ସଫଳତାର ଶୀର୍ଷକୁ ଛୁଇଁଥିଲେ ମଧ୍ୟ ପୂର୍ବରୁ ସେ କେବେ ଲୌରିଅସ ୱାର୍ଲ୍ଡ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ପୁରସ୍କାର ହାସଲ କରି ନ ଥିଲେ। ତେବେ ସେ ମୋଟ ଉପରେ ଏହି ପୁରସ୍କାର ପାଇଁ ୬ଥର ନୋମିନେଟ ହୋଇଥିଲେ। ସେ ଯୁଗ୍ମ ଭାବେ ଆର୍ଜେଣ୍ଟିନା ତଥା ବାର୍ସିଲୋନା ଷ୍ଟ୍ରାଇକର ଲିଓନେଲ ମେସିଙ୍କ ସହ ଏହି ପୁରସ୍କାର ପାଇଛନ୍ତି। ପୂର୍ବରୁ ୨ଜଣ ଫର୍ମୁଲା-୧ ଡ୍ରାଇଭର ଏହି ସମ୍ମାନଜନକ ପୁରସ୍କାର ହାସଲ କରିଥିଲେ। ସେବାଷ୍ଟିଆନ ଭେଟେଲ ଓ ମାଇକେଲ ସୁମାକର ଲୋରିୟସ ସମ୍ମାନ ହାସଲ କରିଥିଲେ।

ମର୍ସିଡିଜର ହାମିଲଟନ ଗତବର୍ଷ ଷଷ୍ଠ ଫର୍ମୁଲା-୧ ୱାର୍ଲ୍ଡ ଚାମ୍ପିୟନଶିପ୍ ହାସଲ କରି ସଫଳତାର ଶୀର୍ଷକୁ ଛୁଇଁଥିଲେ। ତେବେ ସେ ମାଇକେଲ ସୁମାକରଙ୍କ ୭ଟି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ରେକର୍ଡଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ହାମିଲଟନଙ୍କର ଏହି ସଫଳତା ସର୍ବକାଳୀନ ଦ୍ୱିତୀୟ ଶ୍ରେଷ୍ଠ ବିବେଚିତ ହେଉଛି।

ଏହି ପୁରସ୍କାର ଦୌଡ଼ରେ ଆମେରିକୀୟ ଅଭିଜ୍ଞ ଗଲ୍ଫର ଟାଇଗର ଉଡ୍ସ, ସ୍ପେନ୍ ଟେନିସ ସୁପରଷ୍ଟାର ରାଫାଲ ନାଡାଲ, ମୋଟର ସାଇକଲ ରେସର ମାର୍କ ମାର୍କୁଏଜ, ଲଙ୍ଗ ଡିଷ୍ଟାନ୍ସ ରନର ଏଲିଉଡ କିପଚୋଗ ସାମିଲ ରହିଥିଲେ। ଏମାନେ ହାମିଲଟନ ଓ ମେସିଙ୍କୁ କଡ଼ା ଟକ୍କର ଦେଇଥିଲେ। ପ୍ରଥମଥର ପାଇଁ ଲୋରିୟସ ୱାର୍ଲ୍ଡ ସ୍ପୋର୍ଟ୍ସ ମ୍ୟାନ ଅଫ୍ ଦି ଇୟର ଭାଗ ହୋଇଛି। ବିଶ୍ୱ କ୍ରୀଡ଼ା ଜଗତରେ ଲୋରିୟସ ପୁରସ୍କାର ଓସ୍କାର ଭାବେ ପରିଗଣିତ ହୋଇଥାଏ। ପୁରସ୍କାର ପାଇବା ପରେ ହାମିଲଟନ ଖୁସି ଜାହିର କରିଛନ୍ତି।

## ଆଉ-ଓ୍ୱାସ୍

ପାରମ୍ପରିକ କ୍ରୀଡ଼ା କମାଲ ଜକିରେ
ଷଣ୍ଢ ସଙ୍ଗେ ଦୌଡ଼ି ଘୋଡା
ଦକ୍ଷିଣା କନ୍ନଡ଼ ମୁଦାବିଦରି ଗ୍ରାମର
ହିରୋ ଶ୍ରୀନିବାସ ଗୌଡ଼ା
କାଦୁଅ ହେଲେ ପୀଡ଼ା
ଶହେ ମିଟରକୁ ବୋଲ୍ଟ ସେକେଣ୍ଡରେ
ଧାଇଁ ଟୋକା କଲା ଜଡ଼ା।୧।

ଆଜିଠୁଁ ଆରମ୍ଭ ଫାଷ୍ଟ ଟେଷ୍ଟ ମ୍ୟାଚ୍
ଇଣ୍ଡିଆ ନ୍ୟୁଜିଲାଣ୍ଡ
ନିଲ ୱାଗନର ବାପା ହେବେ ବୋଲି
ଛୁଟି ନେଲା ଖୋଲି ତୁଣ୍ଡ
ମହିଳା ବିକାଶ ମୁଣ୍ଡ
ପାଇଁ ଆଜି ଆଗ ଧାଡ଼ିରେ ନରୱେ
ଡେନମାର୍କ, ଫିନ୍‌ଲ୍ୟାଣ୍ଡ।୨।

ରାଇଜର ଲେଡ଼ି ସ୍ୱାସ୍ଥ୍ୟକର୍ମୀ ଖଟେ
ଏନ୍.ସି.ଡି.ଠୁଁ ଧରି ଟିକା
ଏଠି ଗେହ୍ଲାପୁଅ ମେଲ ୱାର୍କର
ସ୍କୁଲକୁ ନ ଯାଆ କକା
ସରକାରୀ କଳ ଚଖା
ଖଟୁଥିବା ଲୋକ ପଛରେ ପ୍ରହାର
ନଖିଟିବା ଲୋକ ସଖା।୩।

–ସୁବାସ ଚନ୍ଦ୍ର ପ୍ରଧାନ



# ରେକର୍ଡ ଅପେକ୍ଷାରେ

**୩ଟି ଫର୍ମାଟରେ ୧୦୦ ଲେଖାଏ ମ୍ୟାଚ୍ ଖେଳି ନ୍ୟୁଜିଲାଣ୍ଡ ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର ଏକ ବିରଳ କ୍ଲବରେ ସାମିଲ ହେବାକୁ ଯାଉଛନ୍ତି। ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ଖେଳି ସେ ଏହି ମାଇଲଖୁଣ୍ଟ ସ୍ଥାପନ କରିବେ...**

ନ୍ୟୁଜିଲାଣ୍ଡର ସଙ୍କଟମୋଚକ ତଥା ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ୍ ଟେଲର ଏବେ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିବାକୁ ଯାଉଛନ୍ତି। ଶୁକ୍ରବାର ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳି ସେ ଇତିହାସ ସୃଷ୍ଟି କରିବେ। ଏହି ମ୍ୟାଚ୍ ଖେଳି ସେ କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିବେ। କେବଳ ସେତିକି ନୁହେଁ ୩୫ ବର୍ଷୀୟ ଟେଲର ବିଶ୍ୱର ପ୍ରଥମ କ୍ରିକେଟର ଭାବେ ୩ଟି ଯାକ ଫର୍ମାଟରେ ୧୦୦ଟି ଲେଖାଏ ମ୍ୟାଚ୍ ଖେଳି ବିରଳ ସଫଳତା ଅର୍ଜନ କରିବେ। ପୂର୍ବରୁ ଟେଲର ୯୯ଟି ଟେଷ୍ଟ ୨୩୧ଟି ଦିନିକିଆ ଓ ୧୦୦ଟି ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି।

୨୦୦୭ରେ ଟେଲର ଟେଷ୍ଟ କ୍ରିକେଟରେ ପଦାର୍ପଣ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ପ୍ରଥମ ଟେଷ୍ଟ ଖେଳିଥିଲେ। ଇତି ମଧ୍ୟରେ ୧୪ ବର୍ଷ ବିତିଯିବା ପରେ ସେ ନିଜକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ପ୍ରମାଣିତ କରିଛନ୍ତି। ୨୦୦୫ରେ ଟି୨୦ ଓ ୨୦୦୬ରେ ସେ ଦିନିକିଆରେ ପଦାର୍ପଣ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ସିରିଜ ଖେଳିବା ପରେ ତାଙ୍କୁ ବାଂଲାଦେଶ ବିପକ୍ଷରେ ଦଳରେ ସ୍ଥାନ ମିଳି ନ ଥିଲା। କିନ୍ତୁ ଏହାପରେ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ଖେଳିବାକୁ ତାଙ୍କୁ ସୁଯୋଗ ମିଳିଥିଲା ଓ ଏଥିରେ ସେ ଶତକ ହାସଲ କରିଥିଲେ। ଏହାପରେ ଅବଶ୍ୟ ସେ ପଛକୁ ଫେରି ଚାହିଁ ନ ଥିଲେ।

ଟେଲର ୯୯ଟି ଟେଷ୍ଟ ମ୍ୟାଚ୍ ଖେଳି ୪୬.୨୮ ରନ ହାରରେ ୭୧୭୪ ରନ ସଂଗ୍ରହ କରିଛନ୍ତି। ଏଥିରେ ୧୯ଟି ଶତକ ଓ ୩୩ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ସେ ୨୩୧ଟି ଦିନିକିଆ ଖେଳି ୪୮.୬୯ ରନ ହାରରେ ସେ ୮, ୫୭୦ ରନ ସଂଗ୍ରହ କରିଛନ୍ତି। ଦିନିକିଆରେ ସେ ୨୧ଟି ଶତକ ଓ ୫୧ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସେହିପରି ଟି୨୦ ଫର୍ମାଟରେ ସେ ୧୦୦ଟି ମ୍ୟାଚ୍ ଖେଳି ୨୬.୫୧ ରନ ହାରରେ ୧,୯୦୯ ରନ ସଂଗ୍ରହ କରିଛନ୍ତି। ଏଥିରେ ୭ଟି ଅର୍ଦ୍ଧଶତକ ସାମିଲ ରହିଛି।

ଏ ନେଇ ଟେଲର ଖୁସି ଜାହିର କରିଛନ୍ତି। ଆହୁରି କିଛି ବର୍ଷ କ୍ରିକେଟ ଖେଳିବା ଜାରି ରଖିବି। ୨୦୧୯ ବିଶ୍ୱକପ୍ ପରେ ଟେଲର ଅବସର ନେବା କଥା ଚିନ୍ତା କରିଥିଲେ। ତେବେ ପରେ ତାଙ୍କ ମନ ପରିବର୍ତ୍ତନ ହୋଇଥିଲା। ଅତିକମ୍‌ରେ ୨୦୨୩ ବିଶ୍ୱକପ ଖେଳିବାକୁ ସେ ଇଚ୍ଛା ଜାହିର କରିଛନ୍ତି। ଏବେ ମଧ୍ୟ ରନ ସଂଗ୍ରହ କରିବାକୁ ବ୍ୟଗ୍ର ଅଛି। କ୍ରିକେଟ ଖେଳିବାକୁ ଭଲ ପାଏ। କ୍ରିକେଟ ହେଉଛି ମୋର ପ୍ରଥମ ପ୍ରେମ। ଏହା ମୋ ପାଇଁ ଏକ ଚାକିରି ନୁହେଁ। ଟେଷ୍ଟ ଓ ଦିନିକିଆ ଫର୍ମାଟରେ ସେ ନ୍ୟୁଜିଲାଣ୍ଡର ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି।

୧୪ ବର୍ଷର କ୍ୟାରିୟରରେ ଟେଲର ଏକାଧିକ ବିଫଳତା ତଥା ଚ୍ୟାଲେଞ୍ଜର ଶିକାର ହୋଇଛନ୍ତି। ୨୦୧୨ରେ ନେତୃତ୍ୱରୁ ତାଙ୍କୁ ହଟାଯାଇଥିଲା। କେବଳ ସେତିକି ନୁହଁ ଗତ କ୍ରମାଗତ ଦୁଇଟି ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡ ପରାସ୍ତ ହୋଇ ଟାଇଟଲରୁ ବଞ୍ଚିତ ହେବା ମଧ୍ୟ ତାଙ୍କୁ କଷ୍ଟ ଦେଇଥିଲା। ତେବେ ଏଭଳି ବିଫଳତା ତାଙ୍କୁ ଆହୁରି ଦୃଢ଼ କରିଛି ବୋଲି ଟେଲର କୁହନ୍ତି। ସଫଳତା ସବୁ ବେଳେ ମିଳେନାହିଁ।ଏହା ସ୍ୱୀକାର କରିବାକୁ ହେବ। ତେବେ ବିଫଳତାରୁ ଶିକ୍ଷା କରିବାକୁ ହୁଏ ଓ ଜଣେ ଉଚ୍ଚକୋଟୀର ଖେଳାଳି ହେବା ପାଇଁ ପ୍ରେରଣା ମିଳିଥାଏ ବୋଲି ସେ କୁହନ୍ତି। ଜଣେ କ୍ୱାଲିଟି ବ୍ୟାଟ୍ସମ୍ୟାନ ଭାବେ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଟେଲର ଯଦି ଫର୍ମ ଓ ଫିଟ୍‌ନେସ ବଜାୟ ରଖନ୍ତି ତା'ହେଲେ ସେ ଆହୁରି କିଛି ବର୍ଷ କ୍ରିକେଟରେ ସକ୍ରିୟ ରହିପାରିବେ ବୋଲି କୁହାଯାଇପାରିବ।

### ସଂକ୍ଷେପରେ..

ନାମ: ଲୁଟେରୁ ରସ୍ ପୋଉଟାଓ ଲୋଟ ଟେଲର
ଜନ୍ମ: ୮ ମାର୍ଚ୍ଚ ୧୯୮୪
ବୟସ: ୩୫ ବର୍ଷ
ଉଚ୍ଚତା: ୬ ଫୁଟ୍
ଟେଷ୍ଟ: ୯୯
ଦିନିକିଆ: ୨୩୧
ଟି୨୦: ୧୦୦

| $ Dollar | Sensex | Nifty | Gold | Silver |
|---|---|---|---|---|
| 10 71.64 | 152.88 41,170.12 | 45.05 12,080.85 | ₹111 42,492.00 | ₹67 48,599.00 |

ସହରାଞ୍ଚଳରେ ହାଉସିଂ ଅଭାବ ସମସ୍ୟାକୁ ସରକାର ନଜରରେ ରଖିଛନ୍ତି। ଏହାର ସମାଧାନ ଲାଗି ଶୀଘ୍ର କେନ୍ଦ୍ର ସରକାର ପକ୍ଷରୁ ନୂଆ ରେଣ୍ଟାଲ ନୀତି ଆସିବ।

– ହରଦୀପ ସିଂ ପୁରୀ, କେନ୍ଦ୍ର ମନ୍ତ୍ରୀ



ସୁପ୍ରିମକୋର୍ଟଙ୍କ ଆଦେଶ ପାଳନ ମୁତାବକ ଏଜିଆର୍ ଦେୟ ପ୍ରଦାନ କରିବୁ। ଟେଲିକମ୍ ଶିଳ୍ପ ଉପରେ ଟିକସ ବୋଝ ଅଧିକ ହେଉଥିବାରୁ ଏହା ହ୍ରାସ ହେବାର ଆବଶ୍ୟକତା ରହିଛି।

–ସୁନୀଲ ଭାରତୀ ମିତ୍ତଲ, ଭାରତୀ ଏୟାଟେଲ ଅଧ୍ୟକ୍ଷ



# ହୋଣ୍ଡା ପକ୍ଷରୁ ନୂଆ ସାଇନ୍ ୧୨୫ ବିଏସ୍-୬

ଭୁବନେଶ୍ୱର,୨୦-୨

ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହାର ଲୋକପ୍ରିୟ ୧୨୫ ସିସି ମୋଟରସାଇକେଲ୍ ନୂଆ ସାଇନ୍‌ର ବିଏସ୍-୬ ମଡେଲ୍‌କୁ ବଜାର ପ୍ରବେଶ କରାଯାଇଛି। ଏଥିରେ ଗ୍ରାହକଙ୍କ ଲାଗି ୫ ସ୍ପିଡ୍ ଟ୍ରାନ୍ସମିସନ୍ ରହିଛି। ଏହା ଦ୍ୱାରା ଗ୍ରାହକ ୧୪% ଅଧିକ ମାଇଲେଜ୍ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଯାନଟିର ଏକ୍ସ ଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୬୭,୮୫୭ ଟଙ୍କା ରହିଛି। ନୂଆ ପିଢ଼ିର ସାଇନ୍ ବିଏସ୍-୬ କୁ ଉନ୍ମୋଚନ କରି କମ୍ପାନୀର ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ, ମିନୁରୋ କାଟୋ କହିଛନ୍ତି ଯେ, ପରବର୍ତ୍ତୀ ଯୁଗର ପରିବର୍ତ୍ତନର ଅଗ୍ରଦୂତ ସାଜି ବିଏସ୍-୬ ମଡେଲ୍‌ଗୁଡ଼ିକ ବଜାରକୁ ଆଣିଛୁ। ଏହା ୨.୫ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ଉଲ୍ଲସିତ କରିସାରିଛି। ଗ୍ରାହକ ଓ ଅଂଶୀଦାରଙ୍କ ତରଫରୁ ମିଳିଥିବା ଭଲ ପାଇବା ଓ ସମର୍ଥନକୁ ନେଇ ଆମେ ଅତ୍ୟନ୍ତ ଉଲ୍ଲସିତ। ଆମେ ନିଶ୍ଚିତ ଯେ ଏହା ୧୨୫ ସିସି ମୋଟରସାଇକେଲ୍ ବର୍ଗରେ ମଡେଲଟି ବିପ୍ଳବକୁ ଆଗକୁ ବଢ଼ାଇବ। ଭାରତରେ ଆମର ବ୍ୟବସାୟ ସଂପ୍ରସାରଣକୁ ଆହୁରି ସୁଦୃଢ଼ କରିବ। ଏହି ଅବସରରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ସାଇନ୍‌ର ସଫଳତା ହେଉଛି ଆମ ଉତ୍ପାଦ ଉପରେ ୮ ନିୟୁତରୁ ଅଧିକ ସନ୍ତୁଷ୍ଟ ଗ୍ରାହକଙ୍କ ବିଶ୍ୱାସ ଓ ଭରସାର ପ୍ରତିଫଳନ। ହୋଣ୍ଡାର ସୁପରିୟର ପ୍ରଯୁକ୍ତି,୫ ସ୍ପିଡ୍ ଟ୍ରାନ୍ସମିଶନ ଓ ନୂଆ ସୁବିଧା ସହିତ ନୂଆ ମଡେଲ ଅଧିକ ମାଇଲେଜ୍ ପ୍ରଦାନ କରୁଛି। ଏହି ମଡେଲଟି ନେଟ୍‌ୱର୍କରେ ୨୦୨୦ ଫେବ୍ରୁଆରି ଶେଷ ଆଡ଼କୁ ଆସି ପହଞ୍ଚିବ।



# ରାଜ୍ ଇଲେକ୍‌ଟ୍ରୋନିକ୍ସରେ ଏସି ମହାସେଲ୍

ଭୁବନେଶ୍ୱର,୨୦-୨

RAJ ELECTRONICS ODISHA's No.1 Retail Chain Store — ଦୀର୍ଘ 42 ବର୍ଷଧରି ସମଗ୍ର ଓଡ଼ିଶାବାସୀଙ୍କ ଘରେ ଘରେ ପରିଚିତ

ରାଜ୍ ଇଲେକଟ୍ରୋନିକ୍ସ ପକ୍ଷରୁ ଏସି ମହାସେଲ୍ ଘୋଷଣା କରାଯାଇଛି। ବିଶ୍ୱ ମାନ୍ଦାବସ୍ଥା ଏବଂ ଚାଇନାରେ କରୋନା ଭାଇରସ୍ ପ୍ରଭାବରୁ ବିଶ୍ୱର ଶିଳ୍ପ ଜଗତ ଏକ ଅହେତୁକ ଅଚଳାବସ୍ଥାରେ ରହିଛି। ଏହାର ପ୍ରଭାବରେ ବିଭିନ୍ନ ସାମଗ୍ରୀ ସହିତ ଏସି ଉତ୍ପାଦନ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଖରାଦିନ ଆସିଥିବାରୁ ଏସିର ଚାହିଦା ବୃଦ୍ଧି ହୋଇଛି। ଉପରୋକ୍ତ ଦୁଇଟି କାରଣରୁ ଏସିର ବଜାର ଦର ଉପରେ ଜବରଦସ୍ତ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଏପରିକି ମାର୍ଚ୍ଚ ବେଳକୁ ମୂଲ୍ୟ ୧୦ ରୁ ୧୫% ପର୍ଯ୍ୟନ୍ତ ବଢ଼ିପିବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ରାଜ୍ ଇଲେକ୍‌ଟ୍ରୋନିକ୍ସ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଏସି ଯୋଗାଇ ଦେବା ପାଇଁ ଏହି ମହାସେଲ୍ ଘୋଷଣା କରିଛି। ବିଭିନ୍ନ ବ୍ରାଣ୍ଡେଡ୍ ଏସି ଯଥା- ଭୋଲଟାସ୍, ଏଲଜି, ବ୍ଲୁଷ୍ଟାର୍, କ୍ୟାରିୟର୍, ସାମସଙ୍ଗ୍, ହ୍ୱଇର୍ଲପୁଲ, ହାୟର୍, ପାନାସୋନିକ୍, ଗୋଦରେଜ୍, ହିତାଚି, ଆଇଏଫ୍‌ବି ଏବଂ ଲୟଡ୍ ଭଳି କମ୍ପାନୀଗୁଡ଼ିର ଏସି ଶୋ'ରୁମ୍‌ରୁ ଗ୍ରାହକମାନେ କିଣିବାର ସୁଯୋଗ ପାଇବେ। ନଗଦ ଭାବେ ନ ଦେଇ ସ୍ୱଳ୍ପ ଡାଉନ୍‌ପେମେଣ୍ଟରେ ଶୂନ ପ୍ରତିଶତ ସୁଧ ଓ ସହଜକିସ୍ତିରେ ଗ୍ରାହକମାନେ ଏସି କିଣିବାର ଲାଭ ଏବେ ନେଇପାରିବେ। ତାତିବଢ଼ିବା ପାଇଁ ଅପେକ୍ଷା ନ କରି ଗ୍ରାହକମାନେ ଏବେଠୁ ଏସି କିଣିଲେ ଖରାଦିନେ ଘରେ ଏସି ଇନଷ୍ଟଲ ପାଇଁ ହେଉଥିବା ଭିଡ଼ରୁ ରକ୍ଷା ପାଇପାରିବେ। ଏହି ପରିପ୍ରେକ୍ଷୀରେ ରାଜ୍ ଇଲେକ୍‌ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ (ଟୁଟୁଭାଇ) କୁହନ୍ତି, ମୂଲ୍ୟ ବୃଦ୍ଧି ପାଇବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନ ମୂଲ୍ୟରେ ଏସି କିଣି ଘରେ ଲଗାଇବା ସହିତ ଖରାଦିନେ ତାତିରୁ ଆରାମ ପାଇପାରିବେ। ଶୋ'ରୁମ୍‌ରେ ଅଭିଜ୍ଞ ଟିମ୍ ରହିଛନ୍ତି। ରାଜ୍ ଇଲେକ୍‌ଟ୍ରୋନିକ୍ସ ଉପରେ ଗ୍ରାହକମାନେ ଦୀର୍ଘବର୍ଷ ହେଲା ଭରସା ରଖିଛନ୍ତି। ଏଠାରେ ସୁଲଭ ମୂଲ୍ୟରେ ସାମଗ୍ରୀ ମିଳିଥାଏ ବୋଲି ଲୋକଙ୍କ ଦୃଢ଼ବିଶ୍ୱାସ ରହିଛି। ଗ୍ରାହକଙ୍କ ବିଶ୍ୱାସ ଓ ଭରସାକୁ ପାଥେୟ କରି ସର୍ବଦା ଆଗକୁ ବଢ଼ିଥିବା ରାଜ୍ ଇଲେକ୍‌ଟ୍ରୋନିକ୍ସ ଏହି ମହାସେଲ୍ ଅଫର୍ ଆରମ୍ଭ କରିଛି। ତେଣୁ ଦରବୃଦ୍ଧିକୁ ଅପେକ୍ଷା ନକରି ଗ୍ରାହକମାନେ ଏବେ ରାଜ୍ ଇଲେକ୍‌ଟ୍ରୋନିକ୍ସରୁ ସୁଲଭ ଦରରେ ସବୁ ନାମୀଦାମୀ ବ୍ରାଣ୍ଡର ଏସି କିଣିବାର ସୁଯୋଗ ନେବେ ବୋଲି ବିଶ୍ୱାଳ ଆଶାବ୍ୟକ୍ତ କରିଛନ୍ତି।

# ଓରିଏଣ୍ଟ ଇଲେକ୍‌ଟ୍ରିକ୍‌ର ଇନ୍‌ଭର୍ଟର ଆଇସିରିଜ ଫ୍ୟାନ୍

ଭୁବନେଶ୍ୱର,୨୦-୨




ସି.କେ.ବିର୍ଲା ଗ୍ରୁପର ଅଂଶବିଶେଷ ଓରିଏଣ୍ଟ ଇଲେକଟ୍ରିକ ଲିମିଟେଡ ପକ୍ଷରୁ ନୂଆ ଇନଭର୍ଟର ଆଇସିରିଜ ଫ୍ୟାନ ବଜାରକୁ ଆସିଛି। ନୂଆ ଫ୍ୟାନଗୁଡିକରେ ଇସିଏମ୍ ଟେକ୍ନୋଲୋଜି ରହିଛି। ଏହା ୫୦% ଶକ୍ତି ସଞ୍ଚୟ କରିବାକୁ ସକ୍ଷମ ହୋଇ ପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନୂଆ ରେଞ୍ଜର ଫ୍ୟାନ ମଧ୍ୟରେ ଗ୍ରାହକମାନେ ଆଇଫ୍ଲୋରାଲ, ହେକ୍ଟର ୫୦୦, ଆଇଓଟି ଭିତ୍ତିକ ଭଏସ କଣ୍ଟ୍ରୋଲ ଆଇଫ୍ଲୋଟଫ୍ୟାନ, ଡେକୋରକୁ ସୁହାଇଲା ଭଳି ବିସ୍ତୃତ ରଙ୍ଗ ରହିଛି। ଶକ୍ତି ସଞ୍ଚୟକାରୀ ଫ୍ୟାନ ଏବଂ ପ୍ରିମିୟମ ଫ୍ୟାନ ବର୍ଗରେ ଏକ ପ୍ରମୁଖ ସ୍ଥାନରେ ରହିବା ଲକ୍ଷ୍ୟ ଦିଗରେ କମ୍ପାନୀ ଏବେ ପଦକ୍ଷେପ ଗ୍ରହଣ କରିଛି। ଏହି ଅନ୍ତର୍ଗତ ନୂଆ ଫ୍ୟାନ ବଜାରକୁ ଆସିଥିବା କମ୍ପାନୀ ସୂଚନା ଦେଇଛି। ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ବିଚାର କରି ନୂଆ ପ୍ରଡକ୍ଟ ଡିଜାଇନ ଏବଂ ଉଦ୍ଭାବନକୁ ଗୁରୁତ୍ୱ ଦିଆଯାଉଥିବା ଓରିଏଣ୍ଟ ଇଲେକଟ୍ରିକ ଲିମିଟେଡର ଏମ୍‌ଡି ତଥା ସିଇଓ ରାକେଶ ଖାନ୍ନା କହିଛନ୍ତି। ପରିବେଶ ସୁରକ୍ଷା ଏବଂ ଶକ୍ତି ସଞ୍ଚୟକୁ ବିଚାର କରି ନୂଆ ଫ୍ୟାନ ବଜାରକୁ ଛାଡିଥିବା ସେ ମତ ପ୍ରକାଶ କରିଛନ୍ତି। ବିଇଇ ଶକ୍ତି ନିୟମକୁ ଦୃଷ୍ଟିରେ ରଖି ନୂଆ ଫ୍ୟାନ ମଡେଲ ବଜାରକୁ ଛଡାଯାଇଥିବା କମ୍ପାନୀର ଉପସଭାପତି ଅତୁଲ ଜୈନ ସୂଚନା ଦେଇଛନ୍ତି।

# ବିଗ୍ ବଜାର ଆଣିଲା ବିୟୁଟି ବଜାର୍

ଭୁବନେଶ୍ୱର,୨୦-୨

ବିଗ୍ ବାଜାର ପକ୍ଷରୁ ବିୟୁଟି ବଜାର ଶୁଭାରମ୍ଭ ଘୋଷଣା କରାଯାଇଛି। ସୌନ୍ଦର୍ଯ୍ୟ ଅଭିଳାଷୀ, ମେକ୍‌ଅପ୍ ପ୍ରେମୀ, ଯୁବାବର୍ଗ ତଥା ମହିଳାମାନଙ୍କ ନିକଟରେ ପହଞ୍ଚିବା ପାଇଁ ବିଗ୍ ବଜାର ପକ୍ଷରୁ ଭାରତର ବିୟୁଟି ବଜାର୍‌ର ଉନ୍ମୋଚନ କରାଯାଇଛି। ପ୍ରମୁଖ ବ୍ରାଣ୍ଡଗୁଡିକର ସର୍ବୋତ୍ତମ ବିୟୁଟି ପ୍ରଡକ୍ଟଗୁଡିକୁ ଗ୍ରାହକ ସୁଲଭ ଦରରେ ଏଠାରେ ପାଇପାରିବେ। ଷ୍ଟୋରରେ ହେୟାର୍, ସ୍କିନ୍, ଫେସ୍, ଆଇଜ୍, ଲିପ୍ସ, ନେଲ୍‌ର ଏବଂ ଅନ୍ୟାନ୍ୟ ବିୟୁଟି ଏସେନ୍‌ସିଆଲ୍ସରୁ ନିଜ ପସନ୍ଦର ଉତ୍ପାଦ ଚୟନ କରିବାର ସୁବିଧା ମିଳିପାରିବ। ଏସମ୍ପର୍କରେ ଗ୍ରୁପ୍‌ର ଡିଜିଟାଲ ଆଣ୍ଡ ମାର୍କେଟିଙ୍ଗ୍ ଗ୍ରୁପ୍ ହେଡ୍ ପୱନ ସାର୍‌ଦା କହିଛନ୍ତି ଯେ, ବିୟୁଟି ବଜାର୍ ସହ ଗ୍ରାହକମାନେ ବ୍ରାଣ୍ଡେଡ୍ ପ୍ରଡକ୍ଟଗୁଡିକୁ ଖୁବ୍ କମ୍ ମୂଲ୍ୟରେ ପାଇବା ସହ ଅଧିକ ଅର୍ଥ ସଞ୍ଚୟ କରିପାରିବେ। ବିଗ୍‌ବାଜାର୍ ଖୁବଶୀଘ୍ର ଏହାର ଏକ ଡିଜିଟାଲ ପ୍ଲାଟ୍‌ଫର୍ମ ଲଞ୍ଚ କରିବାକୁ ଯାଉଛି ବୋଲି ସେ କହିଛନ୍ତି।




# ଏୟାର ଏସିଆ ଇଣ୍ଡିଆର ସଫଳତା

ଭୁବନେଶ୍ୱର,୨୦-୨

AirAsia

ଚଳିତ ବର୍ଷ ଜାନୁୟାରୀ ମାସ ଲାଗି ଅନ୍ ଟାଇମ ପର୍‌ଫର୍‌ମାନ୍ସ(ଓଟିପି) କ୍ଷେତ୍ରରେ ଏୟାର ଏସିଆ ଇଣ୍ଡିଆ ସଫଳତା ହାସଲ କରିଛି। ସଚୀଭୁକ୍ତ ଘରୋଇ ବିମାନ ଉଡାଣ କ୍ଷେତ୍ରରେ କମ୍ପାନୀ ପ୍ରଥମ ସ୍ଥାନରେ ରହିଛି। ବାଙ୍ଗାଲୋର, ନୂଆଦିଲ୍ଲୀ, ହାଇଦ୍ରାବାଦ ଏବଂ ମୁମ୍ବାଇ ଭଳି ମେଟ୍ରୋଗୁଡିକୁ ବିଚାରକୁ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏହି ରିପୋର୍ଟ ପ୍ରଦାନ କରାଯାଇଛି। ଟାଟାସନ୍ସ ଏବଂ ଏୟାର ଏସିଆ ବରହାଦର ସହଭାଗିତାରେ ଏକ ଯୌଥ ଉଦ୍ୟୋଗ ଭାବେ ଭାରତରେ କମ୍ପାନୀ ବିମାନ ସେବା ଯୋଗାଇ ଦେଉଛି। ଦେଶ ମଧ୍ୟରେ ୨୧ଟି ସ୍ଥାନକୁ ବିମାନ ସେବା ଯୋଗାଉଥିବା ଏହି କମ୍ପାନୀ ନିକଟରେ ୨୯ ବିମାନ ରହିଛି। ଜାନୁୟାରୀରେ ଦୈନିକ ୨୦୦ ଫ୍ଲାଇଟ ସହ ୯ ଲକ୍ଷ ଯାତ୍ରୀଙ୍କୁ ଏହା ସେବା ଯୋଗାଇ ଦେଇଛି। ଗ୍ରାହକଙ୍କୁ ସୁହାଇଲା ଭଳି ମୂଲ୍ୟରେ ଲିଜର ଡେଷ୍ଟିନେଶନକୁ ସେବା ପ୍ରଦାନ କରୁଛି। ଗ୍ରାହକଙ୍କୁ ସେବା ଯୋଗାଣ ଦିଗରେ ଏକ ପ୍ରମୁଖ ସ୍ଥାନରେ ରହିବା ଦିଗରେ ଉଦ୍ୟମ ଜାରି ରହିଥିବା ଏୟାର ଏସିଆ ଇଣ୍ଡିଆର ଏମ୍‌ଡି ତଥା ସିଇଓ ସୁନୀଲ ଭାସ୍କରନ ସୂଚନା ଦେଇଛନ୍ତି।

# ଦକ୍ଷିଣ ଆଫ୍ରିକାରେ ରେନୋ ଟ୍ରାଇବର

**ଭୁବନେଶ୍ୱର,୨୦-୨:** ପ୍ରମୁଖ ଯାନ ନିର୍ମାତା କମ୍ପାନୀ ରେନୋ ପକ୍ଷରୁ ଟ୍ରାଇବରକୁ ଦକ୍ଷିଣ ଆଫ୍ରିକାରେ ଶୁଭାରମ୍ଭ କରାଯାଇଛି। ଏହି ମଡେଲଟି ଭାରତରେ ୨୮ ହଜାର ୟୁନିଟ ବିକ୍ରି ଟପିଛି। ଏହା ପରେ ଦକ୍ଷିଣ ଆଫ୍ରିକାରେ ଯାନଟିକୁ ଶୁଭାରମ୍ଭ କରାଯାଇଥିବା ବେଳେ ସେଠାରେ ମଧ୍ୟ ଉନ୍ନତ ବିକ୍ରି ସଫଳତା ହାସଲ କରିବାକୁ ସକ୍ଷମ ହେବା ନେଇ କମ୍ପାନୀ ଆଶାବାଦୀ ରହିଛି। ଏହି ମଡେଲଟିକୁ ଆଫ୍ରିକା, ଏସିଆନ ଏବଂ ସାର୍କ ଦେଶଗୁଡିକୁ ରପ୍ତାନି କରିବାକୁ ଏହା ଆଶାବାଦୀ ରହିଛି। ଉନ୍ନତମାନ ଏବଂ ଉନ୍ନତ ଭାଲ୍ୟୁ ପ୍ୟାକେଜ ସହ ଆକର୍ଷଣୀୟ ଡିଜାଇନ, ସ୍ପେଶିୟସ, ମଡ୍ୟୁଲାର ହେତୁ ରେନୋ ଗ୍ରାହକଙ୍କ ଦ୍ୱାରା ଆଦୃତ ହେଉଛି। ଏଥିରେ ଗ୍ରାହକମାନେ ୩୦ରୁ ଅଧିକ ଆକର୍ଷଣୀୟ ବୈଶିଷ୍ଟ୍ୟ ଲାଭ କରିପାରିବେ। ଇଜିଫିକ୍ସ ସିଟ୍, ଏସ୍‌ୟୁଭି ସ୍କିଡ ପ୍ଲେଟ, ଏଲ୍‌ଇଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ୨ୟ ଏବଂ ତୃତୀୟ ଧାଡିରେ ଟୁଇନ ଏସି ସହିତ ଭେଣ୍ଟ, ଷ୍ଟାଇଲ ଫ୍ଲେକ୍ସ ହ୍ୱିଲ, ୧୮୦ ମିଲି ମିଟରର ହାଇ ଗ୍ରାଉଣ୍ଡ କ୍ଲିୟରାନ୍ସ, ୮ ଇଞ୍ଚର ଟଚ୍ ସ୍କ୍ରିନ ମିଡିଆ ଏବଂ ଏନ୍‌ଏଭି ଇଭୋଲ୍ୟୁଶନ ସିଷ୍ଟମ ଗ୍ରାହକ ଲାଭ କରିପାରିବେ। ଆଫ୍ରିକା, ଏସିଆ ଏବଂ ସାର୍କ ଦେଶଗୁଡିକରେ ଏହି ମଡେଲର ଚାହିଦା ବଢାଇବା ଦିଗରେ କାର୍ଯ୍ୟକ୍ରମ ଜାରି ରହିବ ବୋଲି କମ୍ପାନୀର ଏମ୍‌ଡି ତଥା କଣ୍ଟ୍ରି ସିଇଓ ଭେଙ୍କଟରାମ ମାମିଲାପାଲେ ସୂଚନା ଦେଇଛନ୍ତି।



**THE ODISHA STATE COOPERATIVE BANK LTD.**
(Schedueld Bank)
Pandit Jawaharlal Nehru Marg, Bhubaneswar – 751 001 No.LL-43

Ref. No. OSCB/DIT/7883//2019-20 Date : 19.02.2020

**REQUEST FOR PROPOSAL**

Name of the Work : **Request for Proposal for "Financial Inclusion Gateway in " in OSCB and DCCBs.**
Last date and time of submission : **17.03.2020 upto 3.00 PM**
Time and date of opening of Technical Bid : **18.03.2020 at 11.30 AM**
The RFP details can be downloaded from the official website www.odishascb.com from 20.02.2020 to 15.03.2020

Bhubaneswar

Sd/- Managing Director
Odisha State Cooperative Bank Ltd.
OIPR-39012/11/0034/1920

**ନେସ୍କୋ ୟୁଟିଲିଟି**
NESCO UTILITY
ମୁଖ୍ୟ କାର୍ଯ୍ୟାଳୟ, ଜାନୁଗଞ୍ଜ, ଜିଲ୍ଲା- ବାଲେଶ୍ୱର

**ବିଦ୍ୟୁତ ଗ୍ରାହକ ଧ୍ୟାନ ଦିଅନ୍ତୁ !**

ଆପଣ ଯଦି ନିଜର ବିଦ୍ୟୁତ୍‌ବିଲ୍ ବକେୟା ରଖିଥାନ୍ତି, ତେବେ ତୁରନ୍ତ ସମସ୍ତ ବକେୟା ଦେୟ ପୈଠକରନ୍ତୁ ଏବଂ "ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ" (Disconnection) ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡାଇଯାଆନ୍ତୁ।

**ଆମର ପରାମର୍ଶ**

- ଆପଣଙ୍କ ବିଦ୍ୟୁତ୍‌ବିଲ୍‌ରେ କୌଣସି ତ୍ରୁଟିଥିଲେ ତୁରନ୍ତ ନିକଟସ୍ଥ ନେସ୍କୋର ଜେ.ଇ/ଏସ୍‌ଡିଓଙ୍କୁ ଯୋଗାଯୋଗ କରି ଏହାକୁ ସୁଧାରିନିଅନ୍ତୁ ଏବଂ ସଂଶୋଧିତ ବିଲ୍‌ରାଶି ଅନୁଯାୟୀ ନିଜର ଦେୟ ଯଥାଶିଘ୍ର ପୈଠ କରନ୍ତୁ।
- ଯଦି ଆପଣ ଏକକାଳୀନ ସମସ୍ତ ବକେୟା ପୈଠପାଇଁ ସମର୍ଥ ହୋଇପାରୁନାହାଁନ୍ତି, ତେବେ ସ୍ଥଳବିଶେଷରେ ବକେୟା ପରିମାଣ ଭିତ୍ତିରେ କିସ୍ତିରେ ପୈଠପାଇଁ ସ୍ଥାନୀୟ, ନେସ୍କୋ ଅଧିକାରୀଙ୍କ ଠାରୁ କିସ୍ତି ମଞ୍ଜୁର କରାଇ ନିଅନ୍ତୁ ଓ ତୁରନ୍ତ ପୈଠ କରନ୍ତୁ।
- ବିଦ୍ୟୁତ୍‌ଦେୟ ବକେୟା ରଖିଥିବା ଖିଲାପି ଗ୍ରାହକମାନଙ୍କର ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ସ୍ୱତନ୍ତ୍ର **"ଡିସ୍‌କନେକସନ୍ ସ୍କ୍ୱାଡ୍"** ନିଯୁକ୍ତ କରାଯାଇଛି। ଯଦି ଆପଣ ଦେୟ ପୈଠ କରିସାରିଥାନ୍ତି, ତେବେ ଉକ୍ତ ସ୍କ୍ୱାଡ୍‌କୁ ଦେୟ-ପୈଠ ରସିଦ୍ (ମନି ରିସିପଟ୍) ଦେଖାନ୍ତୁ।
- ବକେୟା ଦେୟ ନେସ୍କୋର ସେକ୍‌ସନ୍/ସବ୍‌ଡିଭିଜନ୍ କାର୍ଯ୍ୟାଳୟ, ବିଲ୍ ଆଦାୟକେନ୍ଦ୍ର, ଅଧିକୃତ ଆଦାୟକାରୀଙ୍କ ଠାରେ ଅଥବା ଆମର ୱେବ୍‌ସାଇଟ **www.nescoodisha.com** ମାଧ୍ୟମରେ ଅନ୍‌ଲାଇନ୍ ପୈଠ କରିପାରିବେ।

ସ୍ୱା/- କ୍ଷମତା ପ୍ରାପ୍ତ ଅଧିକାରୀ, ନେସ୍କୋ ୟୁଟିଲିଟି, ବାଲେଶ୍ୱର

**NOTICE INVITING TENDER**
**OFFICE OF THE MUNICIPAL COUNCIL, NAYAGARH**
NAYAGARH (ODISHA), PIN-752069
e-Mail : nacnayagarh@yahoo.co.in
TENDER CALL NOTICE No.604, Dt.20.02.2020
E-Procurement Notice No.MUNLNGR-8/2019-20

| | | | |
|---|---|---|---|
| 1 | Name of the work | : | Civil works |
| 2 | No. of works | : | 02 Nos. |
| 3 | Value of work | : | Rs.6,69,643/- to 42,40,555/- |
| 4 | Class of Contractor | : | B & A for Sl. No.1, D & C for Sl. No.2 |
| 5 | Period of Completion | : | 90 days |
| 6 | Date of Publication | : | 25.02.2020 |
| 7 | Date and Time of availability of document in the portal. | : | From Dt.25.02.2020 at 10.00 A.M. to Dt.06.03.2020 up to 5.00 P.M. |
| 8 | Last Date / Time for receipt of bids in portal | : | Dt.06.03.2020 up to 5.00 P.M. |
| 9 | Last date of Submission of original documents in this office. | : | On or before 1.00 P.M. on 11.03.2020 by Registered Post / Speed Post / Drop Box available at Municipal Office |
| 10 | Date and Time of opening Bid | : | Dt.11.03.2020 at 4.00 P.M. at Municipality Office, Nayagarh |
| | Name and address of the officer inviting bid | : | **Sd./- Executive Officer, Nayagarh Municipality** |

Further details can be seen from e-Procurement portal **https://tendersodisha.gov.in**

Sd./- Executive Officer
Nayagarh Municipality

**ODISHA COAL AND POWER LTD.**
OCPL Odisha Coal and Power Limited
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha, Ph No: 0674-2300654 /2300664

**NOTICE INVITING TENDER**

NIT No: OCPL/SITE/SER-10/2020 Date:21/02/2020

Sealed bids in prescribed format are invited from reputedagencies/service provider/ contractor for following job:

| Sl. No. | Name of the work | Cost of Tender Paper | BID Security | ContractPeriod | Last date of Sale of Tender Document | Date of Submission/ Opening |
|---|---|---|---|---|---|---|
| 1 | Appointment of an agency for comprehensive maintenance of Rehabilitation & Resettlement (R & R) colony of Odisha Coal and Power Limited (OCPL) at Hemgir, Sundargarh, Odisha | Rs. 1,180/- (Rupees One Thousand One Hundred and Eighty Only) inclusive of GST @ 18% | Rs.20,000/- (Rupees Twenty Thousand Only) | 01 Year | 14/03/2020 | 03:00 PM on 24/03/2020<br>03.30PM on 24/03/2020 |

Interested agencies maydownload the RFP document from our website, i.ewww.ocpl.org.in . Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd/-Sr. Manager (Commercial & Contracts.), OCPL
Tel -7608008703 (M)

**NTPC Limited**
(A Govt. of India Enterprise)
EASTERN REGION II HEADQUARTERS, BHUBANESWAR
Invitation for Expression of Interest for Following Work under DDUGJY Package
Ref No.:GePNIC Tender ID 2020_NTPC_31157_1, **Work Description:** Rural Electrification works of 164 Nos. of PE Villages of Keonjhar District in Odisha State under DDUGJY Scheme, **Application Submission Period:** From 20.02.2020 to 27.02.2020 (upto 3.30 PM), **Opening Date:** 28.02.2020
For detailed EOI & Other details Plz. Visit at **www.ntpctender.com** or **https://eprocurentpc.nic.in** or may contact AGM (C&M)/Manager (C&M) NTPC ER-II HQ, 3rd, 4th & 5th Floor, OLIC BLD, N-17/2 Nayapalli, Bhubaneswar-751012, Phone: (0674) 2500946, 9437043529 , 9650998113
**Registered Office:** NTPC Bhawan, SCOPE Complex, 7, Institutional Area, Lodhi Road, New Delhi-110003, **CIN:** L40101DL1975GOI007966.
1044/NIT/2020/20022000001
interads
**Leading the Power Sector**

**SBRG WOMENS COLLEGE ALUMNI MEET 2020**
The above meet will be held on 1st March 2020 at 11 A.M inside the College premises. Please register your name by 28th Feb in the College website **www.sbrgautowomenscollege.ac.in** to share your proud and sweet moments.
**PRINCIPAL**




**BEACH DEVELOPMENT COMMITTEE**
CHANDRABHAGA, KONARK, PURI
Sealed proposals are invited from Reputed Agency for "Selection of an Agency for Operation & Maintenance of Chandrabhaga Beach, Konark, Puri". The last date of submission of the Proposal by dt.17.03.2020, time: 5.00 PM through Speed / Registered / Courier post only.
The detail request for proposal can be viewed in the district website www.puri.nic.in.
*Sd./- Chairman, BEACH DEVELOPMENT COMMITTEE, Chandrabhaga, Puri*

**ROURKELA DEVELOPMENT AUTHORITY**
RDA
UDITNAGAR, ROURKELA-769012
No.710 /RDA Dated: 19.02.2020
**PROCLAMATION**
It is hereby informed to the General public that one Sri Dasharath Pandab, S/o- Late Bhagaban Pandab has been applied for mutation of House No.-L/29 under Durgapur Foot Hill Housing Project, Stage-I, Basanti Colony, Rourkela-12 in his favour consequent upon death of his wife Late Gelabati Pandab W/o- Dasharath Pandab. If anybody has got objection to the proposed mutation. He/She may file objection Petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expire of the stipulated period.
Sd./- Secretary
Rourkela Development Authority

" ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଭାରତ ବିପକ୍ଷ ଓପନିଂ ମ୍ୟାଚରେ ଅଷ୍ଟ୍ରେଲିଆ ଫେଭରାଇଟ୍, କିନ୍ତୁ ଜିତିବା ସହଜ ହେବନାହିଁ ।
—ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟର



" ରିଷଭ ପନ୍ତ ବର୍ତ୍ତମାନ ଖରାପ ସମୟ ଦେଇ ଗତି କରୁଥିବାରୁ ପ୍ରଦର୍ଶନରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦିଅନ୍ତୁ ।
—ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟ ଦଳର ଉପଅଧିନାୟକ



## ସଂକ୍ଷେପରେ

### ବିଶ୍ୱ ରେକର୍ଡରୁ ଡୁପ୍ଲାଣ୍ଟିସ ବଞ୍ଚିତ

ଲିଭିନ (ଫ୍ରାନ୍ସ),୨୦।୨ (ଏଏଫ୍‌ପି)-ସ୍ୱିଡିଶ ଆଥଲେଟ୍ ଆର୍ମାଣ୍ଡ ଡୁପ୍ଲାଣ୍ଟିସ ଜାଭେଲିନ୍ ଥ୍ରୋ'ରେ ୧୨ ଦିନ ମଧ୍ୟରେ ଅଳ୍ପକେ ତୃତୀୟ ଥର ବିଶ୍ୱ ରେକର୍ଡ ଭଙ୍ଗ କରିବାରୁ ବଞ୍ଚିତ ହୋଇଛନ୍ତି। ଏଠାରେ ବୁଧବାର ଏକ ଇନ୍‌ଡୋର ଇଭେଣ୍ଟରେ ସେ ୬.୦୭ ମିଟର ଦୂର ଜାଭେଲିନ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ଆମେରିକାର ବିଶ୍ୱ ଚାମ୍ପିୟନ ସାମ୍ କେଣ୍ଡ୍ରିକ୍ସ (୫.୯୦ମିଟର) ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୦ବର୍ଷୀୟ ଡୁପ୍ଲାଣ୍ଟିସ ଏହା ପୂର୍ବରୁ ଗତ ରବିବାର ଗ୍ଲାସ୍‌ଗୋଠାରେ ୬.୧୮ ମିଟର ଏବଂ ଚଳିତ ମାସ ପ୍ରାରମ୍ଭରେ ପୋଲାଣ୍ଡଠାରେ ୬.୧୮ ମିଟର କ୍ଲିୟର କରି ଫ୍ରାନ୍ସର ରେନଡ ଲାଭେଲିନ୍ (୬.୧୭)ଙ୍କ ୬ବର୍ଷ ତଳର ରେକର୍ଡକୁ ଭଙ୍ଗ କରିଥିଲେ।

### ଆଇପିଏଲ୍ ପରେ ଅଲ୍‌ଷ୍ଟାର ମ୍ୟାଚ୍

ନୂଆଦିଲ୍ଲୀ, ୨୦।୨(ପି.ଟି.)-ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୩ତମ ସଂସ୍କରଣ ଅନୁଷ୍ଠିତ ହୋଇସାରିବା ପରେ ଏକମାତ୍ର ଅଲ୍ ଷ୍ଟାର ମ୍ୟାଚ ହେବ। ତେବେ ଏନେଇ ଭେନ୍ୟୁ କିମ୍ବା ଦିନ ଧାର୍ଯ୍ୟ ହୋଇ ନାହିଁ। ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ମୁଖ୍ୟ ବ୍ରିଜେଶ ପଟେଲ ୱେବ୍‌ସାଇଟ୍‌ରେ ଏହି ସୂଚନା ଦେଇଛନ୍ତି। ରିପୋର୍ଟ ଅନୁସାରେ ଏହି ମ୍ୟାଚ ଆଇପିଏଲ ଆରମ୍ଭ ହେବାର ୩ ଦିନ ପୂର୍ବରୁ ଖେଳାଯାଇଥାନ୍ତା। ମାତ୍ର ପରିଚାଳନାଗତ ସମସ୍ୟା ଯୋଗୁ ଏହା ଟୁର୍ନାମେଣ୍ଟ ପରେ ଖେଳାଯିବା ଲାଗି ସ୍ଥିର ହୋଇଛି। ଆଇପିଏଲ ମାର୍ଚ୍ଚ ୨୯ରୁ ଆରମ୍ଭ ହୋଇ ମେ ୨୪ ପର୍ଯ୍ୟନ୍ତ ଚାଲିବ। ଆଇପିଏଲରେ ପ୍ରଦର୍ଶନ ଦେଖି ଦୁଇଟି ଦଳ ପାଇଁ ଖେଳାଳି ଚୟନ କରାଯିବ ବୋଲି ପଟେଲ ପ୍ରକାଶ କରିଛନ୍ତି। ଆଇପିଏଲ ଗଭର୍ନିଂ କାଉନ୍‌ସିଲ ବୈଠକ ଜାନୁୟାରୀ ୨୭ରେ ବସିଥିଲା। ଏଥିରେ ଅଲଷ୍ଟାର ଗେମ୍‌କୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ସେଦିନ ଦୁଇଟି ଅଲ୍‌ଷ୍ଟାର ଟିମ୍ ବାଛିବା ଲାଗି ଏକ ସିଲେକ୍ସନ କମିଟି ଗଠନ କରାଯାଇଥିଲା। ଏହି ବୈଠକରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ୍ ଶାହା ଏବଂ କୋଷାଧ୍ୟକ୍ଷ ଅରୁଣ ଧୂମାଲ ମଧ୍ୟ ଉପସ୍ଥିତ ଥିଲେ।

### ଦିବ୍ୟା, ପିଙ୍କି, ସରିତାଙ୍କୁ ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀ, ୨୦।୨ (ପି.ଟି.): ଭାରତୀୟ ରେସ୍‌ଲର ଦିବ୍ୟା କାକ୍ରାନ(୬୮କେଜି), ପିଙ୍କି (୫୫ କେଜି) ଓ ସରିତା ମୋର୍ (୫୯ କେଜି) ଏଠାରେ ଚାଲିଥିବା ଏସିଆନ ମହିଳା ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ନିର୍ମଳା ଦେବୀ (୫୦ କେଜି) ଦେଶ ପାଇଁ ଏକ ରୌପ୍ୟ ଆଣିଦେଇଛନ୍ତି। ୬୮ କେଜି କାଟେଗୋରି ଇଭେଣ୍ଟରେ ଦିବ୍ୟା ବିଶ୍ୱ ଜୁନିୟର ଚାମ୍ପିୟନ ଜାପାନର ନାହୁହା ମାଟ୍ ସୁୟୁକିଙ୍କ ସମେତ ତାଙ୍କର ସମସ୍ତ ୪ଟି ବାଉଟ୍‌ରେ ବିଜୟ ହାସଲ କରିଛନ୍ତି। ଏସିଆନ ଚାମ୍ପିୟନଶିପ୍‌ରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ନବଜୋତ କୌର ହେଉଛନ୍ତି ପ୍ରଥମ ଭାରତୀୟ ମହିଳା ରେସ୍‌ଲର।

### ମାସ୍କରେ ଟ୍ରେନିଂ କରୁଛନ୍ତି ଚାଇନିଜ ଆଥ୍‌ଲେଟ

ହଂକଂ,୨୦।୨- କରୋନା ଭାଇରସ ଚାଇନିଜ ଆଥ୍‌ଲେଟଙ୍କ ଅଲିମ୍ପିକ୍ ପ୍ରସ୍ତୁତିରେ ବାଧା ସୃଷ୍ଟି କରିଛି। ବିଦେଶରେ ହେଉଥିବା ଟୁର୍ନାମେଣ୍ଟରେ ଚାଇନିଜ ଆଥ୍‌ଲେଟ ଅଂଶଗ୍ରହଣ କରିପାରୁନାହାନ୍ତି ଓ ଟ୍ରେନ ସହ ବିମାନସେବା ମଧ୍ୟ ବନ୍ଦ ଥିବାରୁ ଅଲଗା ରହିବାକୁ ପଡୁଛି। ଭାଇରସ ଯୋଗୁ ଚାଇନାରେ ୨୧ ଶହ ଲୋକ ପ୍ରାଣ ହରାଇସାରିଛନ୍ତି। ଏହାସତ୍ତ୍ୱେ ଟୋକିଓ ଅଲିମ୍ପିକ୍ସ ବାତିଲ ହେବନାହିଁ ବୋଲି ଆୟୋଜକ କମିଟି ଓ ଆଇଓସି ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ମାତ୍ର ଚାଇନିଜ ଦଳର ପ୍ରଦର୍ଶନ ଉପରେ ଭାଇରସ ପ୍ରଭାବ ପକାଇବାର ବିଶେଷ ସମ୍ଭାବନା ରହିଛି। ଚାଇନିଜ ଆଥ୍‌ଲେଟଙ୍କ ମଧ୍ୟରେ କେହି ଭାଇରସରେ ପ୍ରଭାବିତ ହୋଇଥିବା ସୂଚନା ମିଳିନାହିଁ। କିନ୍ତୁ ଭାଇରସ ଯୋଗୁ ଚାଇନିଜ ଆଥ୍‌ଲେଟମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହାର ସଦ୍ୟ ଉଦାହରଣ ହେଲା ଚାଇନିଜ ମହିଳା ଫୁଟବଲ ଦଳକୁ ବ୍ରିସବେନ ହୋଟେଲ କରିଡରରେ ଷ୍ଟ୍ରେଚିଂ ଓ ଅଭ୍ୟାସ କରିବାକୁ ପଡ଼ିଥିଲା। ବିଶ୍ୱରେ ଫେବୃୟାରୀରୁ ଏପ୍ରିଲ ମଧ୍ୟରେ ପ୍ରାୟ ୧୦୦ ଅଲିମ୍ପିକ୍ କ୍ୱାଲିଫାଇଂ ଇଭେଣ୍ଟ ହେବାର ଅଛି ବୋଲି ଚାଇନିଜ ଅଲିମ୍ପିକ୍ କମିଟି (ସିଓସି) ଉପସଭାପତି ଲିଉ ଗୁୟଙ୍ଗ କହିଛନ୍ତି।

## ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ

# ସୁଯୋଗ ହାତଛଡ଼ା କଲା ଓଡ଼ିଶା

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)

କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଗୁରୁବାର ଆରମ୍ଭ ହୋଇଛି ଓଡ଼ିଶା–ବେଙ୍ଗଲ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ। ପ୍ରଥମ ସେସନରେ ୧୬.୨ ଓଭର ମଧ୍ୟରେ ମାତ୍ର ୪୬ ରନ ବିନିମୟରେ ୫ ଉଇକେଟ ହାସଲ କରିଥିବା ଓଡ଼ିଶା ସୁଯୋଗ ହାତଛଡ଼ା କରିଛି। ଅନୁଷ୍ଟୁପ ମଜୁମଦାରଙ୍କ ଶତକ ଏବଂ ଶାହବାଜ ଅହମ୍ମଦଙ୍କ କ୍ୟାରିୟର ଶ୍ରେଷ୍ଠ ଇନିଂସ ବଳରେ ବେଙ୍ଗଲ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ଦିନ ଖେଳ ଶେଷ ବେଳକୁ ବେଙ୍ଗଲ ୮୬ ଓଭରରେ ୬ ଉଇକେଟ ହରାଇ ୩୦୮ ରନ ସଂଗ୍ରହ କରିଛି। ମଜୁମଦାର ୧୩୬ ଓ ଶାହବାଜ ୮୨ ରନରେ ଅପରାଜିତ ଅଛନ୍ତି।

**ଘାତକ ବୋଲିଂ ପରେ ଦିଗହରା**

ଟସ୍ ଜିତି ଓଡ଼ିଶା ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦ୍ରୁତ ବୋଲରମାନେ ଘାତକ ବୋଲିଂ କରି ବେଙ୍ଗଲକୁ ଘାଇଲା କରିଦେଇଥିଲେ। କୌଶିକ ଘୋଷ ୯, ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୭, ଅଭିଷେକ ରମଣ ୧, ଅର୍ନବ ନନ୍ଦି ୨୪ ଓ ମନୋଜ ତିୱାରୀ ୪ ରନରେ ଆଉଟ ହେବାରୁ ବେଙ୍ଗଲକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା ଓଡ଼ିଶା। ଏହାପରେ ହାଲ୍‌କା ମନୋଭାବ ହେଉ କିମ୍ବା ଦିଗହରା ବୋଲିଂ ଯୋଗୁ ଓଡ଼ିଶା ବୋଲରମାନେ ଆଉ ସଫଳତା ପାଇଲେ ନାହିଁ। ବଲ୍ ପୁରୁଣା ହେବା ସହିତ ପିଚ୍‌ରୁ ଆର୍ଦ୍ରତା କମିବାପରେ ବେଙ୍ଗଲ ବ୍ୟାଟ୍ସମ୍ୟାନମାନେ ଧୈର୍ଯ୍ୟର ସହିତ ବ୍ୟାଟିଂ କରି ସଫଳ ପ୍ରତ୍ୟାବର୍ତ୍ତନ କଲେ।

**ମଜୁମ୍‌ଦାରଙ୍କ ଶତକ**

ବେଙ୍ଗଲକୁ ବିପଦରୁ ଉଦ୍ଧାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଅନୁଷ୍ଟୁପ ମଜୁମଦାର। ସେ ୬ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ ହେଁ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି କ୍ୟାରିୟରର ୮ମ ପ୍ରଥମଶ୍ରେଣୀ ଶତକ ହାସଲ କରି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ୧୨୮ ବଲ୍‌ରୁ ଶତକ ପୂରଣ କରିଥିବା ମଜୁମଦାର ମୋଟ ୧୯୪ ବଲ୍ ଖେଳି ୨୦ ଚୌକା ସହାୟତାରେ ୧୩୬ ରନରେ ଅପରାଜିତ ରହିଛନ୍ତି। ଶତକୀୟ ଇନିଂସ ଅବସରରେ ସେ ୨ଟି ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ି ବେଙ୍ଗଲକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଛନ୍ତି। ୧୬ ରନରେ ଜୀବନଦାନ ପାଇଥିବା ଶ୍ରୀବତ୍ସ ଗୋସ୍ୱାମୀ ୩୪ ରନ କରି ଆଉଟ ହୋଇଥିଲେ। ଫଳରେ ମଜୁମଦାର–ଶ୍ରୀବତ୍ସ ୬ଷ୍ଠ ଉଇକେଟ ଯୋଡ଼ିରେ ମୂଲ୍ୟବାନ ୯୫ ରନ ସଂଗ୍ରହ କରି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଶ୍ରୀବତ୍ସ ଆଉଟ ହେବାପରେ ବେଙ୍ଗଲର ଜାଡେଜା କୁହାଯାଉଥିବା ଶାହବାଜ ଅହମ୍ମଦ କ୍ରିଜକୁ ଆସିଥିଲେ। ମଜୁମଦାର ଓ ଶାହବାଜଙ୍କ ଆତ୍ମବିଶ୍ୱାସପୂର୍ଣ୍ଣ ବ୍ୟାଟିଂ ଆଗରେ ଓଡ଼ିଶା ବୋଲରଙ୍କ ପ୍ରଦର୍ଶନ ଫିକା ପଡ଼ି ଯାଇଥିଲା। ଏହି ଅବସରରେ ଶାହବାଜ କ୍ୟାରିୟର ଶ୍ରେଷ୍ଠ ଇନିଂସ ଖେଳି ୮୨ ରନରେ ଅପରାଜିତ ରହିଥିଲେ। ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋର ଥିଲା ୬୧* ରନ। ଚଳିତ ସିଜନରେ ଜୟପୁରଠାରେ ଅନୁଷ୍ଠିତ ରାଜସ୍ଥାନ ବିପକ୍ଷ ମ୍ୟାଚରେ ଶାହବାଜ ୬୧ ରନ କରି ଅପରାଜିତ ରହିଥିଲେ। ଦୁହେଁ ଅସମାପ୍ତ ୭ମ ଉଇକେଟ ଯୋଡ଼ିରେ ୧୬୭ ରନ ଯୋଗକରି ଓଡ଼ିଶା ଶିବିରରେ ନୈରାଶ୍ୟ ଖେଳାଇ ଦେଇଛନ୍ତି।

**ସତର୍କ ଘଣ୍ଟି**

ପ୍ରଥମେ ମଜୁମଦାର–ଶ୍ରୀବତ୍ସ ଏବଂ ପରେ ମଜୁମଦାର–ଶାହବାଜଙ୍କ ପାର୍ଟନରଶିପ୍ ଓଡ଼ିଶା ପାଇଁ ସତର୍କ ଘଣ୍ଟି ସଦୃଶ ହୋଇଛି। ୪୬ ରନରେ ୫ ଉଇକେଟ ହରାଇଥିଲେ ହେଁ ଲଞ୍ଚ୍ ବ୍ରେକ୍ ବେଳକୁ ୧୧୧/୫, ଚା' ବିରତି ସୁଦ୍ଧା ୨୦୯/୬ ଓ ପ୍ରଥମ ଦିନ ଶେଷସୁଦ୍ଧା ୩୦୮/୬ ରନ ସଂଗ୍ରହ କରି ବେଙ୍ଗଲ ନିଜ ଦକ୍ଷତା ଦେଖାଇଛି। ସୁଯୋଗ ହାତପାଆନ୍ତାରେ ଥାଇ ମଧ୍ୟ ତାହାର ସଦ୍‌ବ୍ୟବହାର କରି ନ ପାରିବା ତୃତୀୟ ସେସନରେ ଓଡ଼ିଶା ଖେଳାଳିଙ୍କ ବଡି ଲାଙ୍ଗୁଏଜରୁ ସ୍ପଷ୍ଟ ବାରି ହେଉଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ ଓ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ପ୍ରୀତ୍ କନୱର ସିଂ ଚୌହାନ ୨ଟି ଲେଖାଏ ଉଇକେଟ ନେଇଥିବାବେଳେ ଭେଟେରାନ ବସନ୍ତ ମହାନ୍ତି ଓ ଦେବବ୍ରତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଶୁକ୍ରବାର ଦ୍ୱିତୀୟ ଦିବସର ପ୍ରଥମ ସେସନ ଓଡ଼ିଶା ପାଇଁ ଅନେକ ମହତ୍ତ୍ୱ ରଖୁଛି। ବେଙ୍ଗଲ ୩୫୦ ସ୍କୋର ଅତିକ୍ରମ କଲେ ଓଡ଼ିଶା ପାଇଁ ବିପଦ ସାବ୍ୟସ୍ତ ହୋଇପାରେ ବୋଲି କ୍ରିକେଟ ପଣ୍ଡିତମାନେ ପୂର୍ବାନୁମାନ କରୁଛନ୍ତି। ୨ ବର୍ଷ ପରେ ଓଡ଼ିଶା କ୍ୱାର୍ଟର ଫାଇନାଲ ଖେଳୁଥିବାରୁ ଏବେ ଆଶା ଯେତିକି ଆଶଙ୍କା ମଧ୍ୟ ସେତିକି ରହିଛି।

ସଂକ୍ଷିପ୍ତ ସ୍କୋର

ବେଙ୍ଗଲ ପ୍ରଥମ ଇନିଂସ: ୩୦୮/୬ (ଅନୁଷ୍ଟୁପ ମଜୁମଦାର–୧୩୬*, ଶାହାବାଜ ଅମହ୍ମଦ–୮୨*, ଶ୍ରୀବତ୍ସ ଗୋସ୍ୱାମୀ–୩୪, ଅର୍ନବ ନନ୍ଦି–୨୪, ସୂର୍ଯ୍ୟକାନ୍ତ ପ୍ରଧାନ–୨/୯୬, ପ୍ରୀତ୍ କନୱର ସିଂ ଚୌହାନ–୨/୫୨, ବସନ୍ତ ମହାନ୍ତି–୧/୪୮, ଦେବବ୍ରତ ପ୍ରଧାନ–୧/୫୪)।



ଶତକ ହାସଲ ପରେ ଅନୁଷ୍ଟୁପ ମଜୁମଦାର।

### ଓଡ଼ିଶା କ୍ରିକେଟରେ ଦ୍ୱିତୀୟ ପିତାପୁତ୍ର



ପ୍ରୀତ୍ କନୱର ସିଂ ଚୌହାନ

ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ବେଙ୍ଗଲ ବିପକ୍ଷ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି ପ୍ରୀତ୍ କନୱର ସିଂ ଚୌହାନ। କେବଳ କ୍ୟାରିୟର ଆରମ୍ଭ କରିନାହାନ୍ତି, ନିଜ ପ୍ରଥମ ଓଭରରେ ଉଇକେଟ ହାସଲ କରି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି ଏହି ପ୍ରତିଭା ସମ୍ପନ୍ନ ଦ୍ରୁତ ବୋଲର। ପ୍ରୀତ୍ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଅର୍ନବ ନନ୍ଦିଙ୍କୁ ଏବଂ ଓଡ଼ିଶା ପାଇଁ ବ୍ରେକ୍ ଥ୍ରୁ ଆବଶ୍ୟକ ଥିବାବେଳେ ଶ୍ରୀବତ୍ସ ଗୋସ୍ୱାମୀଙ୍କୁ ଆଉଟ କରିଥିଲେ। ସେ ପ୍ରଥମ ଦିବସରେ ୫୨ ରନ ବିନିମୟରେ ୨ଟି ଉଇକେଟ ନେଇଛନ୍ତି। ପ୍ରୀତଙ୍କ ପିତା ଗୁରଜିତ୍ ସିଂ ଚୌହାନ ୮୦ ଦଶକ ପ୍ରାରମ୍ଭରେ ଓଡ଼ିଶା ପକ୍ଷରୁ ୨ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳିଛନ୍ତି। ଓଡ଼ିଶା କ୍ରିକେଟରେ ଦ୍ୱିତୀୟ ପିତାପୁତ୍ର ଭାବେ ଗୁରଜିତ–ପ୍ରୀତ୍ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ପୂର୍ବରୁ ମଦନ ମୋହନ ମହାନ୍ତି ଓ ଯଶପାଲ ମହାନ୍ତି ଏହି କ୍ଲବର ସଦସ୍ୟ ଥିଲେ।

## ଟ୍ରଫି ଉନ୍ମୋଚିତ



ଖେଳାଳିମାନେ ଟ୍ରଫି ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ପ୍ରଥମ ସଂସ୍କରଣ ଶନିବାରଠାରୁ ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏଥିପୂର୍ବରୁ ଶୁକ୍ରବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉତ୍ସବ ମଧ୍ୟରେ ଏହାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଗୁରୁବାର ଏହି ପ୍ରତିଯୋଗିତାର ଟ୍ରଫି ଔପଚାରିକ ଭାବେ ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ କିଟ୍ କ୍ୟାମ୍ପସ ରଗ୍‌ବୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଟ୍ରଫି ଉନ୍ମୋଚନ ଉତ୍ସବରେ ମହୀଶୂର ବିଶ୍ୱବିଦ୍ୟାଳୟ ଓ ଲକ୍ଷ୍ମୀବାଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ (ଗ୍ୱାଲିୟର)ର ଛାତ୍ରୀଛାତ୍ରମାନେ ଏହି ଟ୍ରଫିକୁ ଉନ୍ମୋଚନ କରିଥିଲେ। ମହୀଶୂର ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାଗ୍ୟଶ୍ରୀ, ପ୍ରିୟଙ୍କା ଓ ବୈଷ୍ଣବୀ ଏବଂ ଲକ୍ଷ୍ମୀବାଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ ପକ୍ଷରୁ ହିମାଂଶୁ ଯାଦବ, ବିନାୟକ କୁମାର ଓ ପଙ୍କଜ ବୋରା ଉପସ୍ଥିତ ରହିଥିଲେ। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣରେ ଅଂଶଗ୍ରହଣ କରିଥିବାରୁ ପ୍ରିୟଙ୍କା ବେଶ୍ ଉତ୍ସାହିତ ଥିଲେ। ଏଭଳି ଏକ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିଥିବାରୁ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏଥିସହ ଭବିଷ୍ୟତରେ ଏଥିରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ବାହାରି ପାରିବେ ବୋଲି ଭଲିବଲରେ ଭାଗନେବାକୁ ଆସିଥିବା ପ୍ରିୟଙ୍କା ଏହା ଆଶାବ୍ୟକ୍ତ କରିଛନ୍ତି।

**୧୭ କ୍ରୀଡ଼ାରେ ୩୩୪୩ ଆଥ୍‌ଲେଟ**

ଫେବୃୟାରୀ ୨୨ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ କେଆଇୟୁଜିର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିରେ ଭାରତର ପାଖାପାଖି ୧୦୦ ବିଶ୍ୱବିଦ୍ୟାଳୟରୁ ୩୩୪୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଯେଉଁଥିରେ ୧୬୦୫ ଛାତ୍ରୀ ଓ ୧୭୩୮ ଛାତ୍ର ସାମିଲ ରହିଛନ୍ତି। ପ୍ରତିଯୋଗୀଙ୍କ ବ୍ୟତୀତ ଟେକ୍ନିକାଲ ଓ ସପୋର୍ଟିଂ ଷ୍ଟାଫ୍ ମଧ୍ୟ ଦଳ ସହ ଆସିଛନ୍ତି। ସେହିଭଳି ମୋଟ୍ ୧୭ଟି କ୍ରୀଡ଼ାରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଗୁଡ଼ିକ ମଧ୍ୟରେ ତୀରନ୍ଦାଜ, ଆଥ୍‌ଲେଟିକ୍ସ, ବକ୍ସିଂ, ଫେନସିଂ, ଜୁଡୋ, ସୁଇମିଂ, ଭାରୋତ୍ତୋଳନ ଓ କୁସ୍ତିରେ ପ୍ରତିଯୋଗୀମାନେ ବ୍ୟକ୍ତିଗତ ଭାବେ ଭାଗ ନେଇପାରିବେ। ସେହିଭଳି ଟିମ୍ ଇଭେଣ୍ଟରେ ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଫୁଟ୍‌ବଲ, ହକି, ଟେବୁଲ ଟେନିସ, ଟେନିସ, ଭଲିବଲ୍, ରଗ୍‌ବୀ ଓ କବାଡ଼ି ସାମିଲ ରହିଛି।

**୧୫୦୨ ପଦକ ପାଇଁ ଲଢ଼େଇ**

ମୋଟ୍ ୧୫୦୨ ପଦକ ପାଇଁ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ ହେବ, ଯେଉଁଥିରେ ୪୫୮ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ରହିଥିବାବେଳେ ବ୍ରୋଞ୍ଜ ପଦକ ସଂଖ୍ୟା ୫୮୬ ରହିଛି।

**୧୦ ସ୍ଥାନରେ ଖେଳ**

ଭୁବନେଶ୍ୱର ଓ କଟକରେ ମିଳିତ ଭାବେ କେଆଇୟୁଜିର ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ। ଉଭୟ ସହରର ମୋଟ୍ ୧୦ଟି ସ୍ଥାନରେ ଇଭେଣ୍ଟ ଖେଳାଯିବ। କିଟ୍ ପ୍ରତିଯୋଗିତାର ମୁଖ୍ୟ ସେଣ୍ଟର ରହିଛି। ସେଗୁଡ଼ିକ ମଧ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ରହିଥିବାବେଳେ ଭୁବନେଶ୍ୱରରୁ କଳିଙ୍ଗ ଷ୍ଟାଡିୟମ, ସହିଦ୍ ନଗର ସ୍ପୋର୍ଟ୍ସ ହଲ୍, କିଟ୍‌ରୁ କ୍ୟାମ୍ପସ ୫, ୮,୯, ୧୩ରେ ବିଭିନ୍ନ ଇଭେଣ୍ଟ ହେବ।

**ବେଡ୍ ସାଇଡ୍‌ରେ ରହିବ ଫ୍ରୁଟ୍ସ ବାସ୍କେଟ**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟର ପ୍ରଥମ ସଂସ୍କରଣରେ ପାଖାପାଖି ୩୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିପାଇଁ ସେମାନଙ୍କ ଲାଗି ବିଭିନ୍ନ ଫଳମୂଳର ବ୍ୟବସ୍ଥା କରାଯାଇଛି। ସେଓ, କମଳା ପ୍ରଭୃତି ଗୁରୁବାର କିଟ୍‌ରେ ପହଞ୍ଚିଥିବାବେଳେ ଏହାକୁ ବାସ୍କେଟ୍‌ରେ ପୂରାଇ ରଖାଯାଇଛି। ଖେଳାଳିଙ୍କ ବେଡ୍‌ସାଇଡ୍‌ରେ ଏହି ଫ୍ରୁଟ୍‌ବାସ୍କେଟ୍ ରହିବ।



ଉଦ୍‌ଘାଟନୀ ସମାରୋହ ପାଇଁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନ୍ତିମ ପ୍ରସ୍ତୁତି।

## ଫ୍ରେଞ୍ଚ ଓପନରେ ଖେଳିବେ ନାହିଁ ଫେଡରର

ପ୍ୟାରିସ୍,୨୦।୨

ସୁଇଜରଲାଣ୍ଡ କିମ୍ବଦନ୍ତୀ ରୋଜର ଫେଡରର ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନରେ ଖେଳିବେ ନାହିଁ। କେବଳ ଫ୍ରେଞ୍ଚ ଓପନ ନୁହେଁ, ସିଜନର ପ୍ରାୟ କ୍ଲେ କୋର୍ଟ ଇଭେଣ୍ଟରୁ ସେ ବାଦ୍ ପଡ଼ିଛନ୍ତି। ସୁଇଜରଲାଣ୍ଡରେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଛି। ପୁରୁଷ ବର୍ଗରେ ସର୍ବାଧିକ ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ଅଧିକାରୀ ଅଷ୍ଟ୍ରେଲିଆନ ଓପନରେ ଆହତ ସମସ୍ୟା ସତ୍ତ୍ୱେ ସଂଘର୍ଷ କରିଥିଲେ। ଇଭେଣ୍ଟର ସେମିଫାଇନାଲରେ ଫେଡରରଙ୍କୁ ସର୍ବିଆର ନୋଭାକ ଜୋକୋଭିଚ୍ ହରାଇଥିଲେ। ସେହି ମ୍ୟାଚ୍‌ଠାରୁ ଫେଡରର କୋର୍ଟକୁ ଓହ୍ଲାଇ ନାହାନ୍ତି। ୩୮ ବର୍ଷୀୟ ଖେଳାଳି କହିଛନ୍ତି, ସେ ଦୁବାଇଠାରେ ହେବାକୁ ଥିବା ଏଟିପି ଟୁର୍ନାମେଣ୍ଟ, ଇଣ୍ଡିଆନ ୱେଲ୍ସ, ବୋଗୋଟା ଓ ମିଆମିରେ ଖେଳିବେ ନାହିଁ। କିଛି ଦିନ ହେଲା ଡାହାଣ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରୁଥିଲି। ଏହା ଧୀରେ ଧୀରେ ଭଲ ହୋଇଯିବ ବୋଲି ଭାବିଥିଲି। କିନ୍ତୁ ଯାଞ୍ଚ ରିପୋର୍ଟ ଓ ମୋ ଟିମ୍ ସହ ଆଲୋଚନା ପରେ ଅର୍ଥସ୍କୋପିକ ସର୍ଜରି କରିବାକୁ ମୁଁ ନିଷ୍ପତ୍ତି ନେଇଥିଲି ବୋଲି ଫେଡରର ଟୁଇଟ୍ କରି ଜଣାଇଛନ୍ତି। ଉଲ୍ଲେଖଥାଉ କି, ସେ ୨୦୧୭ ଓ ୨୦୧୮ରେ ପୂରା କ୍ଲେ କୋର୍ଟ ସିଜନରେ ଖେଳି ନ ଥିଲେ। ଗତବର୍ଷ ସେ ଫ୍ରେଞ୍ଚ ଓପନ ସମେତ କେବଳ ଦୁଇ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ।

## ଅନିଲଙ୍କୁ 'ମିଷ୍ଟର ଓଡ଼ିଶା' ଟାଇଟଲ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ରାଜ୍ୟ ବରିଷ୍ଠ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

ଭୁବନେଶ୍ୱର, ୨୦।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ମାଇନିଂ କର୍ପୋରେଶନ ପକ୍ଷରୁ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଆୟୋଜିତ ୧୭ତମ ରାଜ୍ୟ ସିନିୟର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର 'ମିଷ୍ଟର ଓଡ଼ିଶା' ସହ ପୁରୁଷ ଫିଜିକ୍ ଫିଟ୍‌ନେସ ଓ ମହିଳା ମଡେଲ ଫିଟ୍‌ନେସ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୯ଟି ଓଜନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୀର ଅନିଲ ଗୋଚ୍ଛିକାର ସମସ୍ତଙ୍କୁ ପଛରେ ପକାଇ 'ମିଷ୍ଟର ଓଡ଼ିଶା–୨୦୨୦' ଟାଇଟଲ୍ ଜିତିଛନ୍ତି। ସେହିଭଳି ବିଭିନ୍ନ ଓଜନ ବର୍ଗରେ ପୁରୀର କୁମାର ସିଦ୍ଧାର୍ଥ (୫୫ କିଗ୍ରା), ବଲାଙ୍ଗୀରର ସଂଗ୍ରାମ ମୁଣ୍ଡା (୬୦ କିଗ୍ରା), ବିଜୟ ସାହୁ (୬୫ କିଗ୍ରା), ଭୁବନେଶ୍ୱରର ଜଗନ୍ନାଥ ଖୁଣ୍ଟିଆ (୭୦ କିଗ୍ରା), ଅନିଲ ଗୋଚ୍ଛିକାର (୭୫ କିଗ୍ରା), ସୌମ୍ୟରଞ୍ଜନ ସେଠୀ (୮୦ କିଗ୍ରା), ଭୁବନେଶ୍ୱରର ରଶ୍ମିରଞ୍ଜନ ସାହୁ (୮୫ କିଗ୍ରା), କୁମାର ଭରତ (୯୦ କିଗ୍ରା) ଓ କଟକର ସୁଜିତ କୁମାର ଯେନା (୯୦ କିଗ୍ରାରୁ ଊର୍ଦ୍ଧ୍ୱ) ପ୍ରଥମ ସ୍ଥାନ ହାସଲ କରିଥିଲେ। ପୁରୁଷ ଫିଜିକ୍ ଫିଟ୍‌ନେସରେ ରମଣ ରତନ ରାଉତ ଏବଂ ମହିଳା ମଡେଲ ଫିଟ୍‌ନେସରେ ସୁଶ୍ରୀ ଶିବାନୀ ଦାସ ପ୍ରଥମ ସ୍ଥାନରେ ରହିଥିଲେ।

ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାପତି ପଦ୍ମଶ୍ରୀ ପ୍ରେମଚାନ୍ଦ ଡେଗ୍ରା, ପୋଲିସ ମହାନିର୍ଦ୍ଦେଶକ (ଇଣ୍ଟେଲିଜେନ୍ସ) ସତ୍ୟଜିତ୍ ମହାନ୍ତି, ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ,ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଗୁରୁ ଉପସ୍ଥିତ ରହିଥିଲା।

# ନ୍ୟୁଜିଲାଣ୍ଡ ଦ୍ରୁତ ବୋଲିଂ ପାଇଁ ଭାରତ ପ୍ରସ୍ତୁତ

ୱେଲିଂଟନ,୨୦।୨(ପି.ଟି.)

ସ୍ଥାନୀୟ ବେସିନ ରିଜର୍ଭ ଗ୍ରାଉଣ୍ଡରେ ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ଶୁକ୍ରବାରଠାରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଦୁଇ ମ୍ୟାଚ୍‌ବିଶିଷ୍ଟ ଏହି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଭାରତ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଏହି ସିରିଜ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ହୋଇଥିବାରୁ ଘରୋଇ ଦଳ ମଧ୍ୟ ବିଜୟୀ ହେବା ପାଇଁ ଚେଷ୍ଟା କରିବ। ଟେଷ୍ଟ ଚାମ୍ପିୟନଶିପ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ସର୍ବାଧିକ ୩୬୦ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଅତିକମ୍‌ରେ କାଗଜ କଲମରେ ଭାରତ ଫେଭରାଇଟ ମନେହେଉଛି। ତେବେ କେନ୍ ୱିଲିୟମସନଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଘରୋଇ ପରିବେଶରେ ବେଶ୍ ଶକ୍ତିଶାଳୀ ମନେହେଉଛି।


ଟ୍ରଫି ସହ କେନ ୱିଲିୟମ୍‌ସନ ଓ ବିରାଟ କୋହଲି।

ଶେଷଥର ପାଇଁ ୨୦୧୭ ମାର୍ଚ୍ଚରେ ଘରୋଇ ପରିବେଶ ନ୍ୟୁଜିଲାଣ୍ଡ ଭାରତଠାରୁ ସିରିଜ ପରାଜୟ ବରଣ କରିଥିଲା। ଏହାପରଠାରୁ ନ୍ୟୁଜିଲାଣ୍ଡ ୧୦ଟି ଟେଷ୍ଟରୁ ୫ଟିରେ ବିଜୟୀ ହୋଇଛି। ଗତ ସିରିଜରେ ନ୍ୟୁଜିଲାଣ୍ଡ ଅଷ୍ଟ୍ରେଲିଆଠାରୁ ୦–୩ରେ ସିରିଜ ପରାଜୟ ବରଣ କରିଥିଲା। ତେଣୁ ନ୍ୟୁଜିଲାଣ୍ଡ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ଅନ୍ୟପଟେ ଭାରତ ଗତବର୍ଷ ଅଷ୍ଟ୍ରେଲିଆରେ ପ୍ରତିକୂଳ ପରିବେଶରେ ଯେପରି ଦମ୍‌ଦାର ପ୍ରଦର୍ଶନ କରି ବାଜି ମାରିଥିଲା, ଠିକ୍ ସେହିଭଳି ଏହି ସିରିଜରେ ନିଜର ପ୍ରଭାବ ଜାହିର କରିବ ବୋଲି ଆଶା କରାଯାଉଛି। ଏହି ଗ୍ରାଉଣ୍ଡରେ ତେରଛା ପବନ ଉଭୟ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ପାଇଁ ସବୁବେଳେ ସମସ୍ୟା ସୃଷ୍ଟି କରିଥାଏ।

ଭାରତର ନୂଆ ଓପ୍‌ନିଂ ଯୋଡି ପୃଥ୍ୱୀ ଶ ଓ ମୟଙ୍କ ଅଗ୍ରୱାଲ ନ୍ୟୁଜିଲାଣ୍ଡର କ୍ୱାଲିଟି ତଥା ଉଚ୍ଚକୋଟୀର ପେସ୍ ବୋଲିଂ ସମ୍ମୁଖରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଟ୍ରେଣ୍ଟ ବୋଲ୍ଟ, ଟିମ ସୌଦି ଓ କାଲଏ ଜେମିଶନଙ୍କୁ ନେଇ ନ୍ୟୁଜିଲାଣ୍ଡର ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେ ହେଉଛି। ଅବଶ୍ୟ ଜେମିଶନ ଏହି ମ୍ୟାଚ୍‌ରେ ଟେଷ୍ଟ ପଦାର୍ପଣ କରିବେ। ବାମହାତୀ ଦ୍ରୁତ ବୋଲର ନିଲ ୱାଗନରଙ୍କ ଅନୁପସ୍ଥିତି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଛି। ୱାଗନରଙ୍କ ଶର୍ଟ ବଲ ଭ୍ରମଣକାରୀ ବ୍ୟାଟ୍ସମ୍ୟାନଙ୍କୁ ନିଶ୍ଚିତ ଭାବେ ସମସ୍ୟାରେ ପକାଇଥାନ୍ତା। ବାପା ହେବାକୁ ଯାଉଥିବାରୁ ୱାଗନର ଏହି ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ସିମର ଅଲ– ରାଉଣ୍ଡର ଡାରିଲ ମିଚେଲ କିମ୍ବା ବାମହାତୀ ଅର୍ଥୋଡକ୍ସ ଅଜାଜ ପଟେଲଙ୍କ ମଧ୍ୟରୁ ଜଣଙ୍କୁ ନ୍ୟୁଜିଲାଣ୍ଡ ଖେଳାଇବ। ବର୍ଷା ସମ୍ଭାବନା ଥିବାରୁ ଏହି ଖୋଲା ପଡିଆରେ କୋହଲି ଟସ୍ ଜିତିଲେ ଭାରତ ଫାଇଦାରେ ରହିବ। ଯଶପ୍ରୀତ ବୁମ୍‌ରା, ଇଶାନ୍ତ ଶର୍ମା ଓ ମହମ୍ମଦ ସାମିଙ୍କୁ ନେଇ ଭାରତୀୟ ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେହେଉଛି। ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଧୈର୍ଯ୍ୟର ସହ ଖେଳିବାକୁ ହେବ ବୋଲି କୋହଲି କହିଛନ୍ତି। ପ୍ରତିପକ୍ଷ ଦଳରେ ଧୈର୍ଯ୍ୟଶକ୍ତି ଯେତେ ଥିଲେ ମଧ୍ୟ ଆମ ଖେଳାଳିଙ୍କୁ ଅଧିକ ଧୈର୍ଯ୍ୟ ଅବଲମ୍ବନ କରି ଚାପକୁ ପ୍ରତିହତ କରିବାକୁ ହେବ।

୪ଜଣ ଆଗଧାଡିର ଦ୍ରୁତ ବୋଲର ସହିତ ସିମର ଅଲରାଉଣ୍ଡର କଲିନ ଡି ଗ୍ରାଣ୍ଡହୋମଙ୍କୁ ନ୍ୟୁଜିଲାଣ୍ଡ ଖେଳାଇବା ଆଶା କରାଯାଉଛି। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଖେଳାଇବାର ସମ୍ଭାବନା ରହିଛି। ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ତୁଳନାରେ ଅଶ୍ୱିନଙ୍କ ପାଖରେ ଅଧିକ ବିବିଧତା ରହିଛି।

### ପ୍ରଥମ ଟେଷ୍ଟ ଆଜିଠାରୁ

- ମ୍ୟାଚ୍ ଆରମ୍ଭ: ଭୋର ୪ଟା
- ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ

ପଡିଆରେ ହାଲକା ପବନ ବହିବା ନେଇ ଦୁଇ ଅଧିନାୟକ ଚିନ୍ତାରେ ଥିବେ। ପବନର ଦିଗ ନେଇ ବୋଲରମାନେ ଇନ୍ ସୁଇଙ୍ଗ କିମ୍ବା ଆଉଟ ସୁଇଙ୍ଗ୍ ବୋଲିଂ କରିବେ। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ଟ୍ରେଣ୍ଟ ବୋଲ୍ଟ ଓ ଇଶାନ୍ତ ଶର୍ମା ସେମାନଙ୍କ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ। ଚେତେଶ୍ୱର ପୂଜାରା, କୋହଲି, ଅଜିଙ୍କ୍ୟ ରାହାନେଙ୍କ ସମେତ ପୃଥ୍ୱୀ, ମୟଙ୍କ ଓ ହନୁମା ବିହାରୀଙ୍କ ପ୍ରଦର୍ଶନ ଉପରେ ଭାରତର ବ୍ୟାଟିଂ ନିର୍ଭର କରିବ। ପବନର ଦିଗ ଓ ଗତି ଅନୁସାରେ ବ୍ୟାଟ୍ସମ୍ୟାନଙ୍କୁ ସତର୍କତାର ସହ ଖେଳିବାକୁ ହେବ ବୋଲି କୋହଲି ସତର୍କ କରାଇଛନ୍ତି। ଏହି ମ୍ୟାଚ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନ ନିଶ୍ଚିତ ଭାବେ ପରୀକ୍ଷାର ସମ୍ମୁଖୀନ ହେବେ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ରିଦ୍ଧିମାନ ଶାହ (ଉଇକେଟ କିପର), ଇଶାନ୍ତ ଶର୍ମା, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଟମ୍ ବ୍ଲଣ୍ଡେଲ, ଟ୍ରେଣ୍ଟ ବୋଲ୍ଟ, କଲିନ ଡି ଗ୍ରାଣ୍ଡହୋମ, କାଏଲ ଜେମିଶନ, ଟମ୍ ଲଥାମ, ଡାରିଲ ମିଚେଲ, ହେନେରୀ ନିକୋଲ୍ସ, ଅଜାଜ ପଟେଲ, ଟିମ ସୌଦି, ରସ୍ ଟେଲର ଓ ବିଜେ ୱାଟ୍‌ଲିଂ।

## ଜନ୍ମଦିନ ଶୁଭେଚ୍ଛା



### ଅଭିନନ୍ଦନ ଘଡେଇ
ବାଙ୍କାବଜାର, ଘଡେଇ ସାହି, ଭଦ୍ରକ

ଅତୁଟ ଅମଳିନ ସ୍ନେହ ଓ ଆଦରର ବନ୍ଧନର ଏକ ଗୋଟି ବରଷ ବିତିଯାଇ ଅଛି। ତୁମେ ଋତୁରାଜ ବସନ୍ତ ପରି ଅମିତ ଅପ୍ରମିତ ସ୍ନେହ ଦେଇ ଶ୍ରଦ୍ଧାବାଣ୍ଟି ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କର କରୁଣାରୁ ସଦା ସୁସ୍ଥରହି ଯଶସ୍ୱୀ ହୁଅ। ଆଜି ଜନ୍ମଦିନ ଅବସରରେ ତୁମକୁ ଶୁଭେଚ୍ଛାସହ: ଜେଜେ ବାପା, ଜେଜେ ମା', ବାବା, ମାମା, କାକା, ଅଜା, ଆଈ, ମାମୁ ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗ।

ଧ–୧୬୮୧୨

## ଜନ୍ମବାର୍ଷିକ ଶୁଭେଚ୍ଛା



### ଶିବ, ମାମା
CDA, Sector-9, Cuttack

ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆଜି ମହାଶିବରାତ୍ରି ଜାଗରରେ ତୁମ ଦୁଇ ଭାଇ ଭଉଣୀଙ୍କ ଜନ୍ମଦିନରେ ଭଗବାନଙ୍କ ପାଖରେ ପ୍ରାର୍ଥନା ତୁମ ଚଲାପଥ କୁସୁମିତ ହେଉ, ଦୀର୍ଘାୟୁ ହେଉ। ଏତିକି ପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।

–:ତୁମ ଜନ୍ମଦିନ ଅବସରରେ ଶୁଭେଚ୍ଛା:–
ବାପା, ବୋଉ, ଭାଇ, ଭାଉଜ, ଶିବ, ଅରୁ, ମାମା, ରିଙ୍କି, ନୈନା, ନିଖିଲ, ବାବୁନା, ଗୁଡୁ, ସୁଜା ଏବଂ ପରିବାରବର୍ଗ, ସାଙ୍ଗମାନେ।

ଧ–୧୬୭୭୧

# ଇଏସ୍‌ପିଏନ୍ ସାହସିକ ପୁରସ୍କାର ଜିତିଲେ ଦୂତୀ

ନୂଆଦିଲ୍ଲୀ, ୨୦।୨ (ପି.ଟି.)



ଷ୍ଟାର୍ ସ୍ପ୍ରିଣ୍ଟର ତଥା ମହିଳା ୧୦୦ ମିଟର ରେସ୍‌ରେ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିବା ଦୂତୀ ଚାନ୍ଦ ଆମେରିକୀୟ କ୍ରୀଡ଼ା ଚ୍ୟାନେଲ ଇଏସ୍‌ପିଏନ୍ ପକ୍ଷରୁ 'ସାହସିକ ପୁରସ୍କାର' ଜିତିଛନ୍ତି। ଇଏସ୍‌ପିଏନ୍ କ୍ରୀଡ଼ା ଚ୍ୟାନେଲ ପକ୍ଷରୁ ପ୍ରଥମ ଥର ଲାଗି ସାହସିକ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଦୂତୀ ଏହାର ପ୍ରଥମ ବିଜେତା ହୋଇଛନ୍ତି। ଉଭୟ ପଡ଼ିଆ ଭିତରେ ଓ ବାହାରେ ଦୂତୀ ସମସ୍ତଙ୍କ ଲାଗି ପ୍ରେରଣାଦାୟୀ ରହିଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ ଫେଡେରେଶନ (ଆଇଏଏଏଫ୍)ର ଭେଦଭାବପୂର୍ଣ୍ଣ ହାଇପରଆଣ୍ଡ୍ରୋଜେନିଜମ ନିୟମ ବିରୋଧରେ ଲଢ଼େଇ କରି ପୁନର୍ବାର ଦୌଡ଼ିବା ଲାଗି ଅଧିକାର ଲାଭ କରି ବେଶ୍ ଚର୍ଚ୍ଚାରେ ରହିଥିଲେ। ସେହିଭଳି ଦେଶର ପ୍ରଥମ ଆଥ୍‌ଲେଟ୍ ଭାବେ ଦୂତୀ ୨୦୧୯ରେ ସମଲିଙ୍ଗୀ ବୋଲି ନିଜକୁ ଘୋଷଣା କରିଥିଲେ। ଭାରତୀୟ ରୁଢ଼ିବାଦୀ ସମାଜରେ ଏହା ଘୋଷଣା କରି ସେତେବେଳେ ସେ ଖବରର ଶିରୋନାମାରେ ରହିଥିଲେ। ପଡ଼ିଆ ଭିତର ଓ ବାହାରର ଏହି ଦୁଇଟି କାରଣ ଲାଗି ତାଙ୍କୁ ଇଏସ୍‌ପିଏନ୍ ପକ୍ଷରୁ ପ୍ରଥମ 'ସାହସିକ' ପୁରସ୍କାର ବିଜେତା ଭାବେ ଚୟନ କରାଯାଇଥିଲା।

ବିଶ୍ୱ ଚାମ୍ପିୟନ ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ବର୍ଷର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ପୁରସ୍କାର ହାସଲ କରିଛନ୍ତି। ତୃତୀୟ ଥର ଲାଗି ସିନ୍ଧୁ ଏହି ସମ୍ମାନଜନକ ପୁରସ୍କାର ଜିତିଛନ୍ତି। ସେହିଭଳି ଯୁବ ଶୁଟର୍ ସୌରଭ ଚୌଧାରୀ ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି ବିବେଚିତ ହୋଇଛନ୍ତି।

## ବାସନ୍ଦ ହେଲେ ଉମର ଆକମଲ

କରାଚୀ,୨୦।୨: ପାକିସ୍ତାନ ଦଳରୁ ବାଦ୍ ପଡ଼ିଥିବା ଉମର ଆକମଲଙ୍କ କ୍ୟାରିୟରକୁ ଗୁରୁବାର ଶକ୍ତ ଝଟ୍‌କା ଲାଗିଛି। ଏହି ବ୍ୟାଟ୍ସମ୍ୟାନଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ବାସନ୍ଦ କରିଛି। ଭ୍ରଷ୍ଟାଚାର ବିରୋଧୀ ଯାଞ୍ଚ ପରେ ତାଙ୍କୁ ଏହି ଦଣ୍ଡ ମିଳିଛି। କିନ୍ତୁ ପିସିବି ପକ୍ଷରୁ ଜୁନିୟର ଆକମଲ କେଉଁଭଳି ନିୟମ ଭଙ୍ଗ କରିଥିଲେ, ତାହା ସ୍ପଷ୍ଟ କରାଯାଇନାହିଁ। ପିସିବି ଆକମଲଙ୍କୁ ତୁରନ୍ତ ବାସନ୍ଦ କରିଛି। ସେ କ୍ରିକେଟ ଜଡ଼ିତ କୌଣସି ଇଭେଣ୍ଟ କିମ୍ବା କାର୍ଯ୍ୟ କରିପାରିବେ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ତଦନ୍ତ ଜାରି ରହିଥିବାରୁ, ପିସିବି ପକ୍ଷରୁ ଅଧିକ ତଥ୍ୟ ଦିଆଯାଇ ନାହିଁ।

## ଅଲିମ୍ପିକ ଚାମ୍ପିୟନ ବେନେଟଙ୍କ ଅବସର

ଲଣ୍ଡନ, ୨୦।୨ (ଏଏଫ୍‌ପି)- ଗ୍ରେଟ୍ ବ୍ରିଟେନ ମହିଳା ଫିଲ୍ଡ ହକି ଅଧିନାୟିକା ଅବସର ଘୋଷଣା କରିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା ବ୍ରିଟିଶ ଟିମ୍‌ର ଜଣେ ଅନ୍ୟତମ ସଦସ୍ୟା ଥିଲେ ଏହି ୩୪ ବର୍ଷୀୟା ହକି ଖେଳାଳି। ଟୁର୍ନାମେଣ୍ଟରେ ସେ ମିଳିତ ଟପ୍ ସ୍କୋରର ଥିଲେ। ୧୮ବର୍ଷ ତଳେ ଡାନସନ ବେନେଟଙ୍କ ମୁଣ୍ଡରେ ଏକ ଆଘାତ ଲାଗିଥିଲା। ଏହାପରଠାରୁ ସେ ଖେଳରୁ ଦୂରେଇ ରହିଥିଲେ। ଖବର ଅନୁସାରେ ସେ ତାଙ୍କ ବୟ୍ ଫ୍ରେଣ୍ଡ୍ (ବର୍ତ୍ତମାନ ତାଙ୍କର ସ୍ୱାମୀ) ଛୁଟି କଟାଇବାକୁ ଯାଇଥିଲେ। ସେତେବେଳେ ବୟଫ୍ରେଣ୍ଡ୍ ଜଣକ ଥଟ୍ଟାମଜାରେ ଡାନସନ ବେନେଟଙ୍କୁ ପଛରୁ ଠେଲି ଦେଇଥିଲେ। ଫଳରେ ଏକ ଇଟା କାନ୍ଥରେ ତାଙ୍କ ମୁଣ୍ଡ ପିଟି ହୋଇଯାଇଥିଲା। ଏଥିଯୋଗୁ ସେ ଦୀର୍ଘଦିନ ଧରି ଆଘାତଜନିତ ସମସ୍ୟାରେ ଥିଲେ।

# ଭାରତ–ଅଷ୍ଟ୍ରେଲିଆ ପ୍ରୋ ମୁକାବିଲା

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତ–ଅଷ୍ଟ୍ରେଲିଆ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହେବ। ପ୍ରୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ବିଶ୍ୱର ଏହି ଅନ୍ୟତମ ଶକ୍ତିଶାଳୀ ଦଳକୁ ମୁକାବିଲା ପାଇଁ ଗ୍ରାହାମ ରିଡ୍‌ଙ୍କ ପ୍ରଶିକ୍ଷଣ ପ୍ରାପ୍ତ ଭାରତୀୟ ଦଳ ଭଲଭାବେ ପ୍ରସ୍ତୁତି କରିଛି। ୨ଟି ଯାକ ମ୍ୟାଚ ରାତି ୭ଟାରେ ଅନୁଷ୍ଠିତ ହେବ। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୪ ନମ୍ବରରେ ଥିବା ଭାରତ ଓ ୨ ନମ୍ବର ଅଷ୍ଟ୍ରେଲିଆ ଚଳିତ ପ୍ରୋ ଲିଗ୍‌ରେ ଏପର୍ଯ୍ୟନ୍ତ ୪ଟି ଲେଖାଏ ମ୍ୟାଚ ଖେଳି ସାରିଛନ୍ତି। ଭାରତ ୨ ବିଜୟ, ୧ ଶୁଟ୍‌ଆଉଟ ବିଜୟ ଓ ୧ ପରାଜୟ ସହିତ ୮ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ସମାନ ସଂଖ୍ୟାକ ମ୍ୟାଚ ଖେଳି ୧ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୧ ଶୁଟ୍‌ଆଉଟ ପରାଜୟ ଓ ୧ ପରାଜୟ ସହିତ ୬ ପଏଣ୍ଟ ପାଇ ୫ମ ସ୍ଥାନ ଅଧିକାର କରିଛି। ଚଳିତ ସିଜନରେ ଭାରତ ପ୍ରଥମେ ନେଦରଲାଣ୍ଡ୍ସ ଓ ପରେ ବିଶ୍ୱ ଚାମ୍ପିୟନ ବେଲଜିୟମକୁ ଭେଟିଥିବାବେଳେ ଅଷ୍ଟ୍ରେଲିଆର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଥିଲେ ବେଲଜିୟମ ଓ ଗ୍ରେଟ୍ ବ୍ରିଟେନ। ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚରେ ଭାରତ ୧ ବିଜୟ ଓ ୧ ଶୁଟ୍‌ଆଉଟ ବିଜୟଲାଭ କରିଥିବାବେଳେ ବେଲଜିୟମ ବିପକ୍ଷରେ ୧ ବିଜୟ ଓ ୧ ପରାଜୟ ପାଇଥିଲା। ଅନ୍ୟପକ୍ଷରେ ବେଲଜିୟମ ନିକଟରୁ ୧ ଶୁଟ୍‌ଆଉଟ ପରାଜୟ ଓ ୧ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ପରେ ଗ୍ରେଟ୍ ବ୍ରିଟେନକୁ ୧ ଶୁଟଆଉଟ ଓ ୧ ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ରେକର୍ଡ ଅନୁସାରେ ୨୦୧୩ଠାରୁ ଏପର୍ଯ୍ୟନ୍ତ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମୋଟ ୩୦ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଅଷ୍ଟ୍ରେଲିଆ ୨୨ଟି ମ୍ୟାଚ ଜିତିଥିବାବେଳେ ଭାରତ ୬ଟି ଜିତିଛି ଏବଂ ଅନ୍ୟ ୨ଟି ମ୍ୟାଚ ଡ୍ର ରହିଛି।

**ସ୍ଥିର ପ୍ରଦର୍ଶନରେ ସକ୍ଷମ ହୋଇଛୁ: ରିଡ୍**

"ପ୍ରୋ ଲିଗ୍‌ରେ ଆମେ ନେଦରଲାଣ୍ଡ୍ସ ଓ ବେଲଜିୟମ ବିପକ୍ଷରେ ଖେଳିଥିବା ୪ଟି ମ୍ୟାଚରେ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛୁ। ବିଶ୍ୱର ଶୀର୍ଷ ୩ରୁ ଆମେ ୨ଟି ଦଳକୁ ଭେଟି ସାରିଛୁ। ଉଚ୍ଚସ୍ତରରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଆମେ ପ୍ରସ୍ତୁତ ବୋଲି ଏହି ମ୍ୟାଚ ଗୁଡ଼ିକରେ ପ୍ରମାଣିତ କରିଛୁ। ବିଶ୍ୱର ୨ ନମ୍ବର ତଥା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ ନେଇ ଆମେ ଆଶାବାଦୀ ଅଛୁ। ପୂର୍ବ ୨ ମ୍ୟାଚ ଖେଳିବାପରେ ଆମ ଖେଳାଳିଙ୍କ ମନୋବଳ ବୃଦ୍ଧି ପାଇଛି। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବା ଉପରେ ଆମେ ଅଧିକ ଗୁରୁତ୍ୱ ଦେଉଛୁ। ଆମେ ପ୍ରୋ ଲିଗ୍‌ରେ କ୍ରମାଗତଭାବେ ଶକ୍ତିଶାଳୀ ଦଳ ଗୁଡ଼ିକ ବିପକ୍ଷରେ ଖେଳି ଆସିଛୁ। ତେଣୁ ଗେମ୍ ଉପରେ ଫୋକସ କରିବା ପ୍ରତି ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଥିବାରୁ ବିଭିନ୍ନ ଦଳର ଚ୍ୟାଲେଞ୍ଜକୁ ମୁକାବିଲା କରିବା ଗୁରୁତ୍ୱପୂର୍ଣ୍ଣ" ବୋଲି ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।

**ପରୀକ୍ଷା ନିରୀକ୍ଷା ଚାଲିଛି: ବ୍ୟାଚ୍**

ନେଦାଲାଣ୍ଡ୍ସ ଓ ବେଲଜିୟମ ବିପକ୍ଷରେ ଭାରତର ପ୍ରଦର୍ଶନ ଦର୍ଶନୀୟ ଥିଲା। ପ୍ରଦର୍ଶନରେ ସ୍ଥିରତା ରଖିଥିବାରୁ ଆଗାମୀ ମ୍ୟାଚରେ କ'ଣ କରିବାକୁ ପଡ଼ିବ ତାହା ସେମାନେ ଜାଣିଛନ୍ତି। ଏହି ଦଳର ମନୋବଳ ବହୁତ ଉପରେ, ତେବେ ଆମେ ଏହି ମ୍ୟାଚ ପାଇଁ ଭଲଭାବେ ପ୍ରସ୍ତୁତି କରିଛୁ। ଆମେ କେବଳ ଆଗାମୀ ୨ଟି ମ୍ୟାଚ ଉପରେ ଦୃଷ୍ଟି ନିବଦ୍ଧ କରୁଛୁ। ଆଗକୁ ଟୋକିଓ ଅଲିମ୍ପିକ୍ସ ଆସୁଥିବାରୁ ପ୍ରୋ ଲିଗ୍‌ରେ ଶୀର୍ଷ ଦଳ ଗୁଡ଼ିକ ବିପକ୍ଷ ମ୍ୟାଚକୁ ଆମେ ଉପଭୋଗ କରୁଛୁ। ଭିନ୍ନଭିନ୍ନ ଲାଇନ୍‌ଅପ୍‌କୁ ନେଇ ଆମେ ଖେଳୁଛୁ। ଅଲିମ୍ପିକ୍ସ ପାଇଁ ଶ୍ରେଷ୍ଠ ଲାଇନ୍‌ଅପ୍ ପ୍ରସ୍ତୁତ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଆମପରି ଅନ୍ୟ ଦଳ ଗୁଡ଼ିକ ମଧ୍ୟ ସେହି ରଣନୀତି ଅବଲମ୍ବନ କରୁଥିବା ମୁଁ ଅନୁଭବ କରୁଛି ବୋଲି ଅଷ୍ଟ୍ରେଲିଆ ହକି କୋଚ୍ କଲିନ ବ୍ୟାଚ୍ ପ୍ରକାଶ କରିଛନ୍ତି।

**ମ୍ୟାଚ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଭାରତୀୟ ଦଳର ଅଭ୍ୟାସ।

CLASSIFIED DISPLAY



ବାସ୍ ଏବେ ଆଉ ଦୁଃଖ କାହିଁକି?
ଦୁଃଖକୁ ଖୁସିରେ ବଦଳେଇବା ବାଲା ଏବଂ ରୁହାନି ଶକ୍ତି ଏବଂ କଳା ଯାଦୁରେ ମାହିର୍
ପୂର୍ବପୁରୁଷଙ୍କଠୁ ମିଳିଥିବା ବରଦାନ କେବଳ ୪ ଘଣ୍ଟାରେ ୧୦୦% ସମାଧାନ
ଆପଣ ଯେକୌଣସି ସମସ୍ୟାରେ ଯଦି ବ୍ୟସ୍ତ ଅଛନ୍ତି ତାହେଲେ ଏବେ ଫୋନ୍ କରନ୍ତୁ ଏବଂ ଘରେ ବସି ସମାଧାନ କରାନ୍ତୁ।
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଲେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବାଧା, ଗଡାଧନ, ଜୁଆ, ସଟ୍ଟା, ଭୂତ-ପ୍ରେତ, ପ୍ରେମ ଏବଂ ଭଲପାଇବା ଇତ୍ୟାଦି
(ମୁଠ୍‌କରଣୀ ଏବଂ ବଶୀକରଣ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା ଖାଇଥିବା ସ୍ତ୍ରୀ-ପୁରୁଷ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପୁଅ କିମ୍ବା ଝିଅ ବ୍ୟସ୍ତ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା କବୀର ଖାନ୍
ଠିକଣା - ହୋଟେଲ ମୋନାଲିସା, ରାଜମହଲ୍, ଭୁବନେଶ୍ୱର
୭୭୧୧୧୭୫୪୪୭



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786

# ଆଜିଠାରୁ ମହିଳା ଟି୨୦ ବିଶ୍ୱକପ୍

ସିଡ୍‌ନୀ,୨୦।୨(ପି.ଟି.)

ଅଷ୍ଟ୍ରେଲିଆରେ ମହିଳା ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ତଥା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ମୁହାଁମୁହିଁ ହେବେ। ଭାରତୀୟ ମହିଳା ଦଳ ସମ୍ମୁଖରେ ଏକାଧିକ ଚ୍ୟାଲେଞ୍ଜ ରହିଛି। ଭାରତ ତା'ର ପ୍ରଦର୍ଶନରେ ସ୍ଥିରତା ଆଣିବାକୁ ପ୍ରୟାସ କରିବ। ଦୀର୍ଘଦିନ ହେବ ଭାରତୀୟ ଦଳ ଅସ୍ଥିର ପ୍ରଦର୍ଶନ ପାଇଁ ମୂଲ୍ୟ ଦେଇଆସୁଛି। ଏହାର ସଦ୍ୟତମ ଉଦାହରଣ ହେଉଛି ଅଷ୍ଟ୍ରେଲିଆରେ ଖେଳାଯାଇଥିବା ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା। ଏହି ସିରିଜରେ ଭାରତ ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ଶେଷରେ ବିଫଳ ହୋଇଥିଲା। ଶକ୍ତିଶାଳୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଗୋଟିଏ ଲେଖାଏ ମ୍ୟାଚ୍‌ରେ ଜିତିବା ସହିତ ପରାସ୍ତ ହୋଇଥିଲା। ଶେଷରେ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ଭାରତ ପରାସ୍ତ ହୋଇଥିଲା। ଅଷ୍ଟ୍ରେଲିଆ ଗତ ୬ଟି ସଂସ୍କରଣରୁ ୪ଟିରେ ଟାଇଟଲ ଜିତିଛି।



ମେଗ୍ ଲାନିଂ ଓ ହରମନପ୍ରୀତ କୌର।

- ମ୍ୟାଚ୍ ଆରମ୍ଭ: ଅପରାହ୍ନ ୧.୩୦
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଡିଡି ନ୍ୟାଶନାଲ

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ହରଲିନ ଦେଓଲ, ରାଜେଶ୍ୱରୀ ଗାଏକ୍ୱାଡ, ରିଚା ଘୋଷ, ବେଦା କ୍ରିଷ୍ଣମୂର୍ତ୍ତି, ସ୍ମୃତି ମନ୍ଧାନା, ଶିଖା ପଣ୍ଡେ, ଅରୁନ୍ଧତି ରେଡ୍ଡୀ, ଜେମିମା ରୋଡ୍ରିଗୁଏଜ, ଦୀପ୍ତି ଶର୍ମା, ପୂଜା ବସ୍ତ୍ରକାର, ଶେଫାଳି ବର୍ମା, ପୁନମ ଯାଦବ ଓ ରାଧା ଯାଦବ।

ଅଷ୍ଟ୍ରେଲିଆ ଦଳ: ମେଗ୍ ଲାନିଂ (ଅଧିନାୟିକା), ଏରିନ ବର୍ନ୍ସ, ନିକୋଲା କାରେ, ଆଶଲେ ଗାର୍ଡନର, ରାଚେଲ ହେନ୍ସ (ଉପ-ଅଧିନାୟିକା), ଅଲିସା ହିଲି, ଜେସ ଜୋନାସିନ, ଡେଲିସା କିମିନ୍ସ, ସୋଫି ମୋଲିନେକ୍ସ, ବେଥ୍ ମୁନି, ଏଲିସ ପେରୀ, ମେଗାନ ସ୍କଟ, ଆନାବେଲ ସଦରଲାଣ୍ଡ, ଟେଲା ଭ୍ଲାଏମିଙ୍କ୍ ଓ ଜର୍ଜିଆ ୱାରେହାମ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋବିନ୍ଦ ସାହୁ
ଦିୱାନ ପୋଖରୀ ରୋଡ, କୋଦଳା, ଗଞ୍ଜାମ
ଆବିର୍ଭାବ: ୦୧।୦୭।୧୯୨୬
ତିରୋଧାନ: ୦୩।୦୩।୨୦୧୯
ଚାହୁଁ ଚାହୁଁ ବର୍ଷେ ବିତିଗଲା, ତଥାପି ତୁମେ ଆମ ଗହଣରେ ଥିଲାପରି ଲାଗ। ତୁମର ସ୍ମୃତି, ଘରପ୍ରତି ସ୍ନେହ, ମମତା ଓ କାର୍ଯ୍ୟକଳାପ ଆମ୍ଭମାନଙ୍କ ହୃଦୟକୁ ବ୍ୟଥିତ କରୁଛି। ଠାକୁର ତୁମର ଅମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ।
–:ଶୋକସନ୍ତପ୍ତ:–
ପୁଅ: ଅଜିତ୍ ଓ ଅବନ୍ତି, ବୋହୂ: ସର୍ମିଷ୍ଠା ଓ ବନିତା, ଝିଅ: ନଳିନୀ ପ୍ରଭା, ରେଣୁପ୍ରଭା, ରଶ୍ମିରାଣୀ, ଜ୍ୱାଇଁ: ବିଜୟ, ବନମାଳୀ, ଶରତଚନ୍ଦ୍ର, ନାତି, ନାତୁଣୀ: ବାଦଲ, ପ୍ରିୟଙ୍କା, ଶଙ୍କର, ଟୁଟୁ, ଲିଟୁ, ଜଲି ଓ ଲିଲି ଓ ଆତ୍ମୀୟସ୍ୱଜନ।
ଧ–୬୬୬୩୨

### ଶ୍ରଦ୍ଧାଞ୍ଜଳି ବିଂଶତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କନକଲତା ବେହେରା
ସ୍ୱାମୀ– ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା
ପୁଅ– ଓମ୍‌ପ୍ରକାଶ, ସତ୍ୟପ୍ରକାଶ
ବୋହୂ– ସନ୍ତୋଷୀ, ପିଙ୍କି
ଝିଅ– ରଶ୍ମିତା, ଜ୍ୱାଇଁ– ଡା. ଜଗଦୀଶ
ନାତି, ନାତୁଣୀ, ଯାଆ, ଦେଢ଼ଶୁର, ପୁତୁରା, ଝିଆରୀମାନେ
ନାରାୟଣ ମେଡିକାଲ ଷ୍ଟୋର, ରାଇକିଆ
ତିରୋଧାନ: ମହାଶିବରାତ୍ରି ୨୦୦୦
ତୁମର ସ୍ମୃତି ଆମ୍ଭମାନଙ୍କ ଠାରେ ଅଭୁଲା ହୋଇ ରହିବ। ତୁମର ଆଦର୍ଶ, କର୍ତ୍ତବ୍ୟପରାୟଣତା, ଅନାବିଳ ସ୍ନେହ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମାତ୍ମାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଧ–୧୬୮୦୪

### ଦଶମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତା ସରସ୍ୱତୀ ବେହେରା
Qr. No-Type-II- 8/5, Unit-3, Bhubaneswar
ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିବ। ଭୁଲି ହେବ ନାହିଁ ସେ ପବିତ୍ର ଜାଗର ତିଥିରେ ଆମକୁ ଏକା କରି ଚାଲିଗଲ ପ୍ରଭୁଙ୍କ ଶରଣକୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ–୧୬୮୦୯

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଜୟନ୍ତ କୁମାର ଚୌଧୁରୀ
ସ୍ଥାନ/ ପୋଷ୍ଟ– ବେଲାମ, ମୟୂରଭଞ୍ଜ
ଆବିର୍ଭାବ: ୩୧।୦୧।୧୯୬୯
ତିରୋଧାନ: ୧୧।୦୨।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
–:ଶୋକସନ୍ତପ୍ତ ପରିବାରବର୍ଗ:–
ଧ–୧୬୮୧୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୧/୨୦୨୦ Bhubaneswar, Friday, February 21/2020

# ସଫଳ ହେଲା ୭୫ତମ ଅସ୍ଥିମଜ୍ଜା ପ୍ରତିରୋପଣ



## ଇତିହାସ ରଚିଲା ଏସ୍‌ସିବି

**କଟକ ଅଫିସ,୨୦।୨**

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ(ଏସ୍‌ସିବି)ରେ ଗୁରୁବାର ସଫଳତାର ସହ ୭୫ତମ ଅସ୍ଥିମଜ୍ଜା ପ୍ରତିରୋପଣ (ବୋନ୍‌ମାରୋ ଟ୍ରାନ୍ସପ୍ଲାଣ୍ଟ) କରାଯାଇଛି। ଦେବଗଡ଼ ଜିଲା ଭିତିରିଆ ସାହିର ରାଜେଶ ଅଗ୍ରୱାଲ୍(୫୫)ଙ୍କଠାରେ ଏହି ପ୍ରତିରୋପଣ କରାଯାଇଛି। ହେମାଟୋଲୋଜି ବିଭାଗରେ ଅନୁଷ୍ଠିତ ଏହି ଅସ୍ତ୍ରୋପଚାର ଏସସିବି ପାଇଁ ଆଉ ଏକ ଇତିହାସ ରଚିଛି। ଅସ୍ତ୍ରୋପଚାର ପରେ ରାଜେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ମେଡ଼ିକାଲ୍ ସୂତ୍ରରୁ ସୂଚନା ମିଳିଛି ।

ଏସ୍‌ସିବିର ହେମାଟୋଲୋଜି ବିଭାଗରେ ୨୦୧୪ ଫେବୃଆରୀ ୨୬ତାରିଖରେ ଅସ୍ଥିମଜ୍ଜା ପ୍ରତିରୋପଣ ବ୍ୟବସ୍ଥାର ଶୁଭାରମ୍ଭ ହୋଇଥିଲା। ଏହି ବ୍ୟବସ୍ଥା ଦ୍ୱାରା ରକ୍ତ କର୍କଟ ରୋଗୀରେ ଆକ୍ରାନ୍ତଙ୍କ ଠାରେ ରକ୍ତ ସୃଷ୍ଟି କରୁଥିବା ଷ୍ଟେନ୍ ସେଲ୍ ପ୍ରତ୍ୟାରୋପଣ କରାଯାଇଥାଏ। ଘରୋଇ ହସ୍‌ପିଟାଲ୍‌ରେ ଏହି ପ୍ରତିରୋପଣ ପାଇଁ ପ୍ରାୟ ୧୫ରୁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। କିନ୍ତୁ ଏସ୍‌ସିବିରେ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଥାନ୍ତି। ୨୦୧୪ ଏପ୍ରିଲ୍ ୨୩ତାରିଖରେ କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ଶକୁନ୍ତଳା ସାହୁ(୫୪)ଙ୍କ ପ୍ରଥମ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଏହାର ପରଦିନ ଅର୍ଥାତ୍ ୨୪ତାରିଖରେ ଯାଜପୁର ଜିଲା ଡି. ଜେନା(୫୭)ଙ୍କ ପ୍ରତିରୋପଣ ହୋଇଥିଲା। ଗୋଟିଏ ପରେ ଗୋଟିଏ ସଫଳ ପ୍ରତିରୋପଣ ପରେ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଲା। ୨୦୧୪ରୁ ୨୦୧୭ ମସିହା ଭିତରେ ମୋଟ ୫୫ଟି ପ୍ରତିରୋପଣ ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୭ ନଭେମ୍ବର ୧୭ତାରିଖ ପରଠୁ କେହି ବିଭାଗୀୟ ମୁଖ୍ୟ ନ ଥିବା ଯୋଗୁ ଏହା ସାମୟିକ ଭାବେ ବନ୍ଦ ରହିଥିଲା। ବିଭାଗୀୟ ମୁଖ୍ୟଙ୍କ ଯୋଗଦାନ ପରେ ୨୦୧୯ ଏପ୍ରିଲ୍‌ରେ ପୁଣି ଥରେ ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରୋପଚାର ଆରମ୍ଭ ପରଠୁ ଏଯାଏ ୨୦ଟି ସଫଳ ପ୍ରତିରୋପଣ ହୋଇସାରିଲାଣି। ଗୁରୁବାରକୁ ମିଶାଇ ମୋଟ ୭୫ଟି ପ୍ରତିରୋପଣ ହୋଇଛି। ପୂର୍ବ ଭାରତର କୌଣସି ସରକାରୀ ହସ୍ପିଟାଲ୍ ଏଯାବତ୍ ୭୫ ଅସ୍ଥିମଜ୍ଜା ପ୍ରତିରୋପଣ କରିନାହିଁ। ବିଶେଷକରି ୬୫ବର୍ଷ ବୟସରୁ ଊର୍ଦ୍ଧ୍ୱ ଲୋକଙ୍କ କ୍ଷେତ୍ରରେ ଅସ୍ଥିମଜ୍ଜା ପ୍ରତିରୋପଣ କେବଳ ଆମେରିକାରେ ହୋଇଥାଏ। ମାତ୍ର ଏସିଆ ମହାଦେଶରେ ଏସ୍‌ସିବି ଏକମାତ୍ର ହସ୍ପିଟାଲ ଯେଉଁଠି ୬୫ରୁ ଊର୍ଦ୍ଧ୍ୱ ବୟସର ୫ଜଣଙ୍କ ପ୍ରତିରୋପଣ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଛି। ଭୁବନେଶ୍ୱରର ଜାଫର ଖାନଙ୍କ ୭୪ବର୍ଷ ବୟସରେ ଅସ୍ଥିମଜ୍ଜା ପ୍ରତିରୋପଣ ସଫଳତାର ସହ କରାଯାଇ ପାରିଛି। ବର୍ତ୍ତମାନ ଏଠାରେ ଅଟୋଲୋଗସ କୌଶଳରେ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଉଛି। ଆଗାମୀ ଦିନରେ ଆଲୋଜେନିକ ଓ ହାପଲୋ ଭଳି ଅତ୍ୟାଧୁନିକ କୌଶଳରେ ଅସ୍ତ୍ରୋପଚାର ପାଇଁ ଯୋଜନା ରହିଛି ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ରବୀନ୍ଦ୍ର କୁମାର ଜେନା ପ୍ରକାଶ କରିଛନ୍ତି।

# ପୂର୍ବାଞ୍ଚଳ ରାଜ୍ୟ କାଉନସିଲ୍ ମିଟ୍ ଲାଗି ପ୍ରଶାସନିକ ପ୍ରସ୍ତୁତି

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ଲୋକସେବା ଭବନଠାରେ ଆସନ୍ତା ୨୮ରେ ହେବାକୁ ଥିବା ପୂର୍ବାଞ୍ଚଳ ରାଜ୍ୟ କାଉନ୍‌ସିଲ୍ ମିଟ୍ ବୈଠକ ପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗୁରୁବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ଜୋନାଲ୍ ମିଟ୍ ଆୟୋଜନ ସମ୍ବନ୍ଧିତ ବିଭିନ୍ନ ବିଷୟରେ ଆଲୋଚନା ଲାଗି ତଥ୍ୟ ଉପସ୍ଥାପନ କରିଛନ୍ତି। ଏହା ଏକ ସମ୍ମାନଜନକ ଆନ୍ତଃ ରାଜ୍ୟ ମିଟ୍ ହୋଇଥିବା ଯୋଗୁ ଏହାକୁ ଉପଯୁକ୍ତ ମର୍ଯ୍ୟାଦାର ସହ ଆୟୋଜନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଲୋକସେବା ଭବନର ନବନିର୍ମିତ କନ୍‌ଭେନଶନ୍ ହଲ୍‌ରେ ଆୟୋଜିତ ହେବାକୁ ଥିବା ଏହି ମିଟ୍‌ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅଧ୍ୟକ୍ଷତା କରିବେ। ଏଥିରେ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ ଏବଂ ଓଡିଶା ପ୍ରତିନିଧିଙ୍କ ସମେତ କେନ୍ଦ୍ର ସରକାରଙ୍କ ଉଚ୍ଚ ପଦାଧିକାରୀମାନେ ଯୋଗଦେବେ। ବୈଠକରେ ମୁଖ୍ୟତଃ ଆନ୍ତଃ ରାଜ୍ୟ ବିଷୟ ସହିତ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ବିଚାର ବିମର୍ଶ ହେବ। ବିଭିନ୍ନ ରାଜ୍ୟର ବିଦ୍ୟୁତ୍ ଦର, ବିପର୍ଯ୍ୟୟ ନିରୋଧକ ଭିତ୍ତିଭୂମି ସୃଷ୍ଟି, ରେଳ ଯୋଗାଯୋଗ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ, ଗ୍ରାମପଞ୍ଚାୟତଗୁଡ଼ିକୁ କ୍ଷମତା ହସ୍ତାନ୍ତର, ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଯାୟୀ ପଞ୍ଚାୟତକୁ ଆର୍ଥିକ ଅନୁଦାନ, ହିତାଧିକାରୀଙ୍କ ପାଇଁ ସିଧାସଳଖ ସହାୟତା ଯୋଗାଣ, କୋଇଲା ରୟାଲଟି, ଟେଲି ଯୋଗାଯୋଗ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଆଧାର ତଥ୍ୟର ବ୍ୟବହାର ଏବଂ ଠିକ୍ ସମୟରେ କେନ୍ଦ୍ରୀୟ ଅନୁଦାନ ଯୋଗାଣ ଆଦି ବିଷୟରେ ଏହି ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି।

# ଗୋଲ୍ଡେନ୍ ବାବାଙ୍କ ଠକେଇ ମାମଲାର ତଦନ୍ତ କରିବ ଇଡି

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

- ସମ୍ପତ୍ତି, ଆପରାଧିକ ସାମ୍ରାଜ୍ୟର ହେବ ଖୋଳତାଡ଼
- ପୂର୍ବରୁ ତଦନ୍ତ କରୁଥିଲା କ୍ରାଇମବ୍ରାଞ୍ଚ



ଚନ୍ଦ୍ରଶେଖରପୁର ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଗୋଲଡେନ୍ ବାବା ଓରଫ ଜ୍ୟୋତିରଞ୍ଜନ ବେଉରା ମାମଲାର ତଦନ୍ତ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ବାବାଙ୍କ ଅମାପ ସମ୍ପତ୍ତି ଖୋଳତାଡ଼ କରିବା ସହ ତାଙ୍କ ଆପରାଧିକ ସାମ୍ରାଜ୍ୟର ଖୁଲାସା ହେବ। ବାବା ନାନା ଉପାୟରେ ଲୋକଙ୍କୁ ଠକି କୋଟି କୋଟି ଟଙ୍କାର ସମ୍ପତ୍ତି ଅର୍ଜନ କରିଥିଲେ। ଠକେଇ ପଇସାରେ ହାତ, ବେକରେ ଗଦାଗଦା ସୁନା ତାଙ୍କୁ ଗୋଲ୍‌ଡେନ୍ ବାବାରେ ପରିଣତ କରିଥିଲା। ଗିରଫ ହେବା ପରେ ତାଙ୍କର ଗୋଟିଏ ପରେ ଗୋଟିଏ ଆପରାଧିକ ପେଡି ପଦାକୁ ଆସିଥିଲା। ପୂର୍ବରୁ କ୍ରାମମ୍ବ୍ରାଞ୍ଚ ଏହି ମାମଲାର ଖୋଳତାଡ଼ କରୁଥିଲା। ଏହି ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଥିଲା। କେବଳ ଓଡ଼ିଶା ନୁହେଁ ଦିଲ୍ଲୀ, ଠାଣେ, ମୁମ୍ବାଇ ଭଳି ହାଇଟେକ୍ ସହରରେ ମଧ୍ୟ ନିଜ ଆପରାଧିକ ସାମ୍ରାଜ୍ୟ ବିସ୍ତାର କରିଥିଲେ ଗୋଲ୍ଡେନ୍ ବାବା। ସେଠାରେ ମଧ୍ୟ ବ୍ୟବସାୟୀମାନଙ୍କୁ ଚୂନ ଲଗାଇ କୋଟି କୋଟି ଟଙ୍କା ଠକି ନେଇଥିଲେ। ଶହଶହ କୋଟି ଟଙ୍କାର ଋଣ କରାଇଦେବାକୁ କହି ବିଭିନ୍ନ କମ୍ପାନୀଠାରୁ ଯୋଜନାବଦ୍ଧ ଭାବେ କୋଟି କୋଟି ଟଙ୍କା ଲୁଟିଥିଲେ। ଠକେଇର ତରିକା ପୂରା ଏକାଭଳି ଥିଲା। ଓଡ଼ିଶାରେ ଯେଉଁ ତରିକା ଆପଣାଇ ଲୋକଙ୍କୁ ଠକୁଥିଲେ, ରାଜ୍ୟ ବାହାରେ ମଧ୍ୟ ସମାନ ଢଙ୍ଗରେ ଟଙ୍କା ଲୁଟୁଥିଲେ। ପ୍ରଥମେ ବ୍ୟବସାୟୀମାନଙ୍କୁ କୋଟି କୋଟି ଟଙ୍କାର ଫାଇନାନ୍ସ କରିବା ପାଇଁ ଲୋଭ ଦେଖାଉଥିଲେ। ଦେହରେ ଅମାପ ସୁନାଗହଣା ପିନ୍ଧିବା ସହ ଦାମୀ ଗାଡ଼ି ଚଢ଼ି ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲେ। ଏପରି କି ନିଜେ ୩ଶହ କୋଟି ଟଙ୍କାର ଆୟ କର ଦେଉଥିବା ନେଇ ଜାଲ୍ କାଗଜପତ୍ର ବନାଇଥିଲେ। ତାହାକୁ କମ୍ପାନୀ କର୍ତ୍ତୃପକ୍ଷ ଓ କୋଟିପତି ଲୋକଙ୍କୁ ଦେଖାଇ ଲକ୍ଷ୍ୟ ହାସଲ କରୁଥିଲେ।

ତଦନ୍ତବେଳେ ଗୋଲ୍‌ଡେନ୍ ବାବାଙ୍କ ଏସବୁ କାରନାମାର ପର୍ଦ୍ଦାଫାଶ ହୋଇଥିଲା। କେନ୍ଦୁଝରର ଗୋଟିଏ ସଂସ୍ଥାକୁ ୧୧୦ କୋଟି ଟଙ୍କା ଫାଇନାନ୍ସ କରାଇଦେବା ପ୍ରତିଶ୍ରୁତି ଦେଇଥିଲେ ବାବା। ୧୨ କୋଟିର ଆଡ୍‌ଭାନ୍ସ ଚେକ୍‌ର ତାରିଖ ବଦଳାଇ ଟଙ୍କା ଚଲୁ କରିବାକୁ ଉଦ୍ୟମ କରୁଥିବାବେଳେ କମିଶନରେଟ ପୋଲିସ ହାତରେ ଧରାପଡି ଗିରଫ ହୋଇଥିଲେ। କେବଳ ବ୍ୟବସାୟୀ କିମ୍ବା କମ୍ପାନୀ ମାଲିକ ନୁହନ୍ତି, ଅନ୍ୟମାନଙ୍କୁ ମଧ୍ୟ ଚୂନ ଲଗାଇ ଠକେଇ ଟଙ୍କାରେ ନେତା ବନିବା ପାଇଁ ସ୍ୱପ୍ନ ଦେଖିଥିଲେ ଗୋଲ୍ଡେନ୍ ବାବା। ଏପରି କି ଉକ୍ତ ଠକେଇ ଟଙ୍କାରୁ କିଛି ସେ ରହୁଥିବା ଅଞ୍ଚଳର ଲୋକଙ୍କୁ ବାଣ୍ଟୁଥିଲେ। ବହୁ ନେତା ମନ୍ତ୍ରୀଙ୍କ ସଭାରେ ଅତିଥି ଭାବେ ଯୋଗଦେଇ ଅନ୍ୟମାନଙ୍କ ନଜରକୁ ଆସୁଥିଲେ। ଏପରିକି ବିଧାୟକ, ମେୟରଙ୍କ ସହ ତାଙ୍କର ଫଟୋ ମଧ୍ୟ ଭାଇରାଲ ହୋଇଥିଲା। ସେ ଭୁବନେଶ୍ୱର(ଉତ୍ତର) ବିଧାୟକ ହେବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ନେଇ ମଧ୍ୟ ସେତେବେଳେ ଚର୍ଚ୍ଚା ହୋଇଥିଲା। ସେଥିପାଇଁ ଜୟଦେବବିହାରରୁ ପଟିଆ ପର୍ଯ୍ୟନ୍ତ ପୋଷ୍ଟର ଲଗାଇ ଲୋକଲୋଚନକୁ ଆସିବାକୁ ଚେଷ୍ଟା କରିଥିଲେ। କିନ୍ତୁ କମିଶନରେଟ ପୋଲିସ ଗିରଫ କରି ତାଙ୍କ ସବୁ ସ୍ୱପ୍ନକୁ ଭାଙ୍ଗି ଛାରଖାର କରିଦେଇଥିଲା। ଏବେ ଇଡି ତାଙ୍କ ସମ୍ପତ୍ତିର ଖୋଳତାଡ଼ କରିବା ପରେ ଠକେଇ ଟଙ୍କାରେ ସେ କେତେକ'ଣ କଳାଧନ ଜମାଇଥିଲେ ତାହା ଜଣାପଡିବ। ତେବେ ଇତିମଧ୍ୟରେ ଗୋଲ୍‌ଡେନ୍ ବାବାଙ୍କ ନାମରେ ଥିବା କିଛି ସମ୍ପତ୍ତିର ମାଲିକାନା ପରିବର୍ତ୍ତନ ହୋଇଥିବା ସୂଚନା ମିଳିଛି। ଏଥିରେ ସତ୍ୟତା ଥିବା ଜଣାପଡିଲେ ଉକ୍ତ ସମ୍ପତ୍ତିକୁ ମଧ୍ୟ ଜବତ କରାଯିବ ବୋଲି କୁହାଯାଉଛି।

## ଦିନକରେ ୪ ନାଗ ସାପ ଉଦ୍ଧାର

**ପୁରୀ ଅଫିସ, ୨୦।୨:** ପୁରୀ ସଦର ବ୍ଲକ ବେଳଦଳ ଗ୍ରାମର ଜଣଙ୍କ ଘରୁ ୬ଫୁଟର ୩ଟି ନାଗସାପ ଏବଂ ସରକାରୀ ଆଇଟିଆଇ କ୍ୟାମ୍ପସରୁ ୪.୫ ଫୁଟ ଲମ୍ବର ଏକ ନାଗସାପକୁ ଗୁରୁବାର ପୁରୀ ସ୍ନେକ ହେଲପ୍ ଲାଇନ ସଦସ୍ୟ ସଂଗ୍ରାମ କେଶରୀ ଦାଶ ଉଦ୍ଧାର କରିଛନ୍ତି। ସଂଗ୍ରାମ ସାପଗୁଡ଼ିକୁ ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡ଼ିଦେଇଛନ୍ତି। ପୂର୍ବାହ୍ନରେ ବେଳଦଳ ଗ୍ରାମର ଜଣକ ଘରେ ସାପ ପଶିଥିବା ଖବର ପାଇ ସଂଗ୍ରାମ ପହଞ୍ଚି ଖୋଜାଖୋଜି କରିଥିଲେ। ଏକ କୋଠରି ଭିତରୁ ୩ଟି ନାଗସାପ ଉଦ୍ଧାର କରିଥିଲେ। ସେହିପରି ସରକାରୀ ଆଇଟିଆଇ କ୍ୟାମ୍ପସ ପରିସରରେ ଏକ ନାଗସାପକୁ ଧରିଥିଲେ।




# ବିଇଡି, ଏମ୍‌ଇଡି ଶିକ୍ଷାନୁଷ୍ଠାନକୁ ବନ୍ଦ ଚକ୍ରାନ୍ତ ବିରୋଧରେ ଆନ୍ଦୋଳନ

## ମାର୍ଚ୍ଚରେ ବିଧାନସଭା ଘେରିବ ଏଆଇଡିଏସଓ

**ଭୁବନେଶ୍ୱର, ୨୦।୨(ବ୍ୟୁରୋ)**

ରାଜ୍ୟରେ ଥିବା ସମସ୍ତ ବିଇଡି ଏବଂ ଏମ୍‌ଇଡି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ବନ୍ଦ କରିବାର ହୀନ ଚେଷ୍ଟା ବିରୋଧରେ ଏଆଇଡିଏସଓ ପକ୍ଷରୁ ଦୃଢ ବିରୋଧ କରାଯିବା ସହ ଆନ୍ଦୋଳନ କରିବାକୁ ଆହ୍ୱାନ ଦିଆଯାଇଛି। ଗୁରୁବାର ଏକ ପ୍ରେସ ବିବୃତିରେ ସଙ୍ଗଠନର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଓ ସମ୍ପାଦକ ସୁବାସ ନାୟକ କହିଛନ୍ତି। ଜାନୁୟାରୀ ୧୬ରୁ ୧୮ ମଧ୍ୟରେ ଭୁବନେଶ୍ୱରରେ ଅନୁଷ୍ଠିତ ଇଆରସି ଓ ନ୍ୟାଶନାଲ କାଉନ୍‌ଶିଲ ଫର ଟିଚ୍‌ର ଏଜୁକେଶନର ୨୭୮ତମ ସଭାରେ ରାଜ୍ୟରେ ୧୦ ବିଇଡି, ଏମ୍‌ଇଡି ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଦିଆଯାଉଥିବା କୋର୍ସକୁ ଆସନ୍ତା ୨୦୨୦–୨୧ ଶିକ୍ଷାବର୍ଷଠାରୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଶିକ୍ଷାନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନାହାନ୍ତି, ଶିକ୍ଷାନୁଷ୍ଠାନ ପାଇଁ ଆବଶ୍ୟକ ସ୍ଥାୟୀ କ୍ୟାମ୍ପସ୍ ନାହିଁ, ଆବଶ୍ୟକ ଭିତ୍ତିଭୂମି ନାହିଁ, ସେଥିପାଇଁ ଅନୁବନ୍ଧନ ପ୍ରତ୍ୟାହାର କରାଗଲା ବୋଲି ଏକ ଚିଠିରେ ଉଲ୍ଲେଖ କରାଯାଇ ଏହାକୁ ବନ୍ଦ କରିବାକୁ ଚକ୍ରାନ୍ତ କରାଯାଉଛି। ଉକ୍ତ ୧୦ଟି ଶିକ୍ଷାନୁଷ୍ଠାନରେ ରାଜ୍ୟର ହଜାର ହଜାର ଛାତ୍ରୀଛାତ୍ର କମ ଟଙ୍କାରେ ସରକାରୀ ଶିକ୍ଷାନୁଷ୍ଠାନ ଭାବେ କୋର୍ସ କରିପାରୁଥିଲେ। ଏପରି ସ୍ଥଳେ ବର୍ତ୍ତମାନ ହଜାର ହଜାର ସାଧାରଣ ଗରିବ ଛାତ୍ରୀଛାତ୍ର, ଶିକ୍ଷକ ତାଲିମରୁ ସମ୍ପୂର୍ଣ୍ଣ ବଞ୍ଚିତ ହେବେ। ତେଣୁ ଯଦି ସରକାର ଏ ନେଇ କିଛି ପଦକ୍ଷେପ ତୁରନ୍ତ ନେଇ ସମାଧାନ ନ କରନ୍ତି ତେବେ ଆଗାମୀ ଦିନରେ ଏହା ବିରୋଧରେ ଛାତ୍ରୀଛାତ୍ରମାନେ ଆସନ୍ତା ମାର୍ଚ୍ଚରେ ବିଧାନସଭା ଘେରାଉ କରିବା ସହ ଆନ୍ଦୋଳନ ପନ୍ଥା ଆପଣାଇବେ ବୋଲି ଏଆଇଡିଏସଓ ପକ୍ଷରୁ ଗୁରୁବାର ଏକ ପ୍ରେସ୍ ବିବୃତିରେ ପ୍ରକାଶ କରାଯାଇଛି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ଫେବୃୟାରୀ, ୨୦୨୦



"ବୃଦ୍ଧା, ବାଳିକା ଓ ଯୁବତୀ ସ୍ତ୍ରୀଙ୍କୁ ଦେଖି ସେମାନଙ୍କୁ ମାତା, କନ୍ୟା ଓ ଭଗ୍ନୀ ରୂପରେ ଚିନ୍ତା କରିବା ହେଉଛି ସର୍ବଶ୍ରେଷ୍ଠ ବ୍ରହ୍ମଚର୍ଯ୍ୟ, ଯାହାକୁ ତିନିଲୋକରେ ପୂଜ୍ୟ ଅଟେ।
- ଭଗବାନ ବୁଦ୍ଧ



## ସଂକ୍ଷେପରେ

### ଛାତ ଉପର ନଡ଼ା ଗଦାରେ ନିଆଁ

ନରାଜ, ୨୦।୨ (ଡି.ଏନ୍.ଏ.): ବାରଙ୍ଗ ଥାନା ଅନ୍ତର୍ଗତ କଣ୍ଟାପାଟଣା ଗ୍ରାମର ପିଣ୍ଟୁ ସାହୁଙ୍କ ଛାତ ଉପରେ ଥିବା ନଡାଗଦାରେ ଗୁରୁବାର ଅପରାହ୍ନରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାରଙ୍ଗ ଅଗ୍ନିଶମ ବିଭାଗ ସବଇନ୍ସପେକ୍ଟର ରାଜକିଶୋର ଜେନା ଓ ତାଙ୍କ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ଆଶଙ୍କା କରାଯାଉଛି।

### ସୁଲଭ ଶୌଚାଳୟ କାର୍ଯ୍ୟକ୍ଷମ କରିବାକୁ କଂଗ୍ରେସର ଦାବି



ସାଲେପୁର,୨୦।୨(ଡି.ଏନ୍.ଏ.): ବନ୍ଦ ହୋଇ ହୋଇରହିଥିବା ସାଲେପୁର ସହରର ଏକମାତ୍ର ସୁଲଭ ଶୌଚାଳୟକୁ କାର୍ଯ୍ୟକ୍ଷମ କରିବା ପାଇଁ ଗୁରୁବାର ସାଲେପୁର କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି। ଏନେଇ ଦଳ ପକ୍ଷରୁ ଗ୍ରାମ ପାନୀୟଜଳ ପରିମଳ ବିଭାଗର ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦୀର୍ଘଦିନ ଧରି ସାଲେପୁର ଅଞ୍ଚଳରେ ଥିବା ଏକ ମାତ୍ର ସୁଲଭ ଶୌଚାଳୟରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯିବାରୁ ଶୌଚାଳୟଟି ବନ୍ଦ ହୋଇରହିଛି। ଫଳରେ ଦୈନନ୍ଦିନ ଦୁରଦୁରାନ୍ତରୁ ସାଲେପୁର ସହରକୁ ବିଭିନ୍ନ କାର୍ଯ୍ୟପାଇଁ ଆସୁଥିବା ମହିଳା, ଛାତ୍ରୀଛାତ୍ର ଓ ସରକାରୀକର୍ମଚାରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସାଲେପୁର କଂଗ୍ରେସ ଯୁବନେତା ମାନସ କୁମାର କରଙ୍କ ନେତୃତ୍ୱରେ ପ୍ରତାପ ଚନ୍ଦ୍ର ଭୂୟାଁ, ବିଜ୍ଞାନ ଭୂୟାଁ, ଶିବୁ ବେହେରା, ସୁଶାନ୍ତ ସାହୁଙ୍କ ସମେତ ଅନ୍ୟାନ୍ୟ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ବିଦ୍ୟାଳୟ ପରିଚାଳନା କମିଟି ଗଠନ

ନରସିଂହପୁର,୨୦।୨(ଡି.ଏନ.ଏ.): ନରସିଂହପୁର ବ୍ଲକ ଅନ୍ତର୍ଗତ ପାଇକପଡାପାଟଣାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି । ବୈଠକରେ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୌମ୍ୟଶ୍ରୀ ପଣ୍ଡା ଅଧକ୍ଷତା କରିଥିଲେ । ଏହି ଅବସରରେ ସର୍ବସମ୍ମତି କ୍ରମେ କମିଟିର ସଭାପତି ଭାବେ ଦେବଦତ୍ତ ମଳୟ କୁମାର ବରାଳ, ଉପାଧକ୍ଷା ଭାବେ ସୁଷମା ବେହେରାଙ୍କୁ ଚୟନ କରାଯାଇଥିଲା। କମିଟିରେ ବିଦୁଲତା ବେହେରା, ମମତା ପ୍ରଧାନ, ଟିକିନା ବେହେରା, ପୁଷ୍ପଲତା ପଣ୍ଡା, ରୀନା ସାହୁ, ଶଭ୍ରାଂଶୁ ମହାପାତ୍ର, ଭୂପେନ କୁମାର ଦାସ, କାର୍ତ୍ତିକ ସାହୁ ଓ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନୂତନ ସଭାପତି ବରାଳ ଧନ୍ୟବାଦ ଦେଇଥିଲେ ।

### ମାତୃଭାଷା ଦିବସ ପାଳିତ

ସାଲେପୁର, ୨୦।୨(ଡି.ଏନ୍.ଏ.): ରୋଧପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୂପମା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଛାତ୍ରୀଛାତ୍ରଙ୍କୁ ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଶିକ୍ଷୟିତ୍ରୀମାନେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜୁବାଳା ପାତ୍ର, ସୁଜାତା ଶତପଥୀ, ତୃପ୍ତିରେଖା ଧଳ, ପ୍ରଣତି ଦାସ ଓ ସାମାଜିକ କର୍ମୀ ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ଜଳସେଚନ କର୍ମଚାରୀ ମୃତ

ନିଶ୍ଚିନ୍ତକୋଇଲି/ନେମାଳ, ୨୦।୨(ସ୍ୱ.ପ୍ର./ଡି.ଏନ୍.ଏ.)

**ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**



ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମବାସୀଙ୍କ ଭିଡ଼ ଜମିଛି।

- **କ୍ଷତିପୂରଣ ଦାବି କଲେ ସମ୍ପର୍କୀୟ**
- **ଆସିଲେନି ବିଦ୍ୟୁତ୍ ବିଭାଗ କର୍ମଚାରୀ**

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅନ୍ତର୍ଗତ ଲେଣ୍ଡୁରା ଭଗବାନପୁର ଗ୍ରାମ ନିକଟରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜଳସେଚନ ବିଭାଗର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନେମାଳ ଥାନା ଅନ୍ତର୍ଗତ ଓରିକଣ୍ଠା ନଦୀବନ୍ଧ ସେକ୍ସନ୍ କର୍ମଚାରୀ ସୁରେନ୍ଦ୍ରନାଥ ଆଚାର୍ଯ୍ୟ(୪୫)। ତାଙ୍କ ଘର କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅଧୀନ ମଧୁଶାସନ ଗ୍ରାମରେ ବୋଲି ଜଣାପଡିଛି। ସେ ଚିତ୍ରୋତ୍ପଳା ନଦୀର ଦକ୍ଷିଣପାର୍ଶ୍ୱରେ ବନ୍ଧ ମାପୁଥିଲେ। ସେ ଷ୍ଟାପ(ଷ୍ଟିଲରେ ନିର୍ମିତ ଉଚ୍ଚତା ମାପ ଯନ୍ତ୍ର) ସାହାଯ୍ୟରେ ପାଣିର ଲେଭୁଲ ମାପୁଥିବା ବେଳେ ଉପରୁ ଓହଳିଥିବା ୧୧ କେଭି ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ଫଳରେ ଷ୍ଟାପ ଚାର୍ଜ ହୋଇଯିବାରୁ ସୁରେନ୍ଦ୍ର ଗୁରୁତର ହୋଇଥିଲେ। ସାଙ୍ଗରେ ଥିବା ହରେକୃଷ୍ଣ ସେଠୀ ମଧ ଆହତ ହୋଇଥିଲେ। ସୁରେନ୍ଦ୍ରଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପାଇବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସୁରେନ୍ଦ୍ରଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ସେଠାରେ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ଏପରିକି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛାଡି ନ ଥିଲେ। ଖବରପାଇ ଘଟଣାସ୍ଥଳରେ ବିଭାଗୀୟ ସହକାରୀ ଯନ୍ତ୍ରୀ ମହେନ୍ଦ୍ର ସାହୁ , ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ମହାନ୍ତି,କେନ୍ଦୁପାଟଣା ଜଳସେଚନ ବିଭାଗ ଯନ୍ତ୍ରୀ ଅଜୟ ବେହେରା ପହଞ୍ଚିଥିଲେ। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ମହେନ୍ଦ୍ର କୁମାର ସାହୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ନେମାଳ ଥାନାରେ ମାମଲା (ନଂ.୨୩/୨୦) ରୁଜୁ ହୋଇଥିଲା। ଉକ୍ତ ଲୋକଙ୍କୁ ବୁଝାଶୁଝା କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଯାଇଥିଲା। ବିଦ୍ୟୁତ୍ ବିଭାଗ ଓ ଜଳସେଚନ ବିଭାଗର ଅସାବଧାନତା ଯୋଗୁ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଛି ବୋଲି ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି।ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ବିଦ୍ୟୁତ ବିଭାଗର କୌଣସି କର୍ମଚାରୀ ମୃତକଙ୍କ ପରିବାରଙ୍କୁ ଭେଟିବାକୁ ଆସି ନଥିଲେ। ଦୁର୍ଘଟଣା ସମ୍ପର୍କରେ ନିଶ୍ଚିନ୍ତକୋଇଲି ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ମାନସ ମହାନ୍ତି କହିଛନ୍ତି ମୃତଦେହ ବ୍ୟବଚ୍ଛେଦ ହେବା ପରେ ପ୍ରକୃତ କଥା ଜଣା ପଡିବ।

## ଜାଗର ପାଇଁ ଶୈବପୀଠ ଚଳଚଞ୍ଚଳ

ନରାଜ,୨୦।୨(ଡି.ଏନ୍.ଏ.)

ଆଜି ମହାଶିବରାତ୍ରି। ଏଥିପାଇଁ ବାରଙ୍ଗ ଅଞ୍ଚଳରେ ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ବାରଙ୍ଗରେ ଥିବା ନରାଜ-ତଳଗଡର ସିଦ୍ଧେଶ୍ୱର, ଗୋଡିସାହିର ରାମେଶ୍ୱର, ବାଆଁରାର ସୁବୁଦ୍ଧେଶ୍ୱର, କଇଁମୁଣ୍ଡିର ଅମରନାଥ, ରତାଗଡର ଜଟେଶ୍ୱର, ମଧୁବନର କନକେଶ୍ୱର, ନରଣପୁରର ରାମେଶ୍ୱର, ବେଲଗଛିଆର ବେଲେଶ୍ୱର, ମୁଣ୍ଡମୁହାଣର ପର୍ଣ୍ଣେକେଶ୍ୱର ଆଦି ଶୈବପୀଠଗୁଡିକୁ ଜାଗର ଯାତ୍ରା ପାଇଁ ସୁସଜ୍ଜିତ କରାଯାଇଛି।ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ସାହାଯତାରେ ପୀଠ ପରିସରକୁ ସଫେଇ କରାଯାଇ ପାନୀୟ ଜଳ ଓ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତିତ ବିଭିନ୍ନ ସ୍ଥାନରେ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବ୍ୟାରିକେଟ ବ୍ୟବସ୍ଥା କରାଯାଇଛି। ପ୍ରଶାସନିକ ଅଧିକାରୀମାନଙ୍କୁ ସଜାଗ ରହିବାପାଇଁ ଅନୁରୋଧ କରାଯାଇଛି। ମନ୍ଦିରଗୁଡିକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ମହାଶିବରାତ୍ରି ଅବସରରେ ବିଭିନ୍ନ ଶୈବପୀଠଗୁଡିକରେ ହୋମଯଜ୍ଞ, ଭଜନ, ସଂକୀର୍ତ୍ତନ, ପାଲା ଓ ବିଳମ୍ବିତ ରାତିରେ ଯାତ୍ରା ପରିବେଷଣ ପାଇଁ ବ୍ୟବସ୍ଥା କରାଯାଇଛି ।

## ୨ ବନ୍ୟଜନ୍ତୁ ଶିକାରୀ ଗିରଫ



ବନ କର୍ମଚାରୀଙ୍କ ଗହଣରେ ଗିରଫ ଦୁଇ ଶିକାରୀ, ଜବତ ସାମଗ୍ରୀ।

ବଡ଼ମ୍ବା,୨୦।୨(ଡି.ଏନ୍.ଏ)

ବନବିଭାଗ କର୍ମଚାରୀଙ୍କ ପକ୍ଷରୁ ଗୁରୁବାର ମିଳିତ ଚଢ଼ାଉ କରାଯାଇ ୨ ବନ୍ୟଜନ୍ତୁ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବଡମ୍ବା ଥାନା ଅନ୍ତର୍ଗତ କଜଳବେଢ଼ା ଗ୍ରାମର ମନୋଜ ବେହେରା(୩୫) ଓ ବାଂଝବାରେଣା ଗ୍ରାମର ଗୌରାଙ୍ଗ ଦେହୁରୀ(୪୫) । ବଡ଼ମ୍ବା ରେଞ୍ଜ ଅନ୍ତର୍ଗତ କରଡା ସଂରକ୍ଷିତ ଜଙ୍ଗଲରୁ ଉଭୟ ଧରାପଡିଥିବା ବେଳେ ସେମାନଙ୍କଠାରୁ ବନ୍ଧୁକ, ଛୁରୀ , ଗୁଳି ଓ ଗୁଳିଗୋଳା ପ୍ରସ୍ତୁତ ସରଞ୍ଜାମ ସହ ରୋଷେଇ ସାମଗ୍ରୀ ଆଦି ଜବତ ହୋଇଛି। ଉଭୟେ ଜଙ୍ଗଲରେ ଖାଇପିଇ ରହିବା ସହ ରାତିରେ ଶୀକାର ପାଇଁ ପ୍ରସ୍ତୁତ ହେଉଥିଲେ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ସେମାନେ ଦନ୍ତା ହାତୀକୁ ମାରିବାକୁ ଯୋଜନା ଚଳାଇଥିବାବେଳେ ବିଭାଗୀୟ କର୍ମଚାରୀଙ୍କ ହାତରେ ଧରାପଡିଥିଲେ। ପୂର୍ବରୁ ସେମାନେ ଗିରଫ ହୋଇଥିବା ବାବୁଲି ମହାଳିକଙ୍କ ସହଯୋଗୀ ଥିଲେ ବୋଲି ଡିଏଫ୍‌ଓ ସସ୍ମିତା ଲେଙ୍କା ସୂଚନା ଦେଇଛନ୍ତି। ଗିରଫ ପରେ ଜେରା ବେଳେ ଜଙ୍ଗଲରୁ କୁଟ୍ରା, ବାର୍‌ହା, ଗୁରାଣ୍ଡି, ଖରିଆ ଆଦି ଶୀକାର କରନ୍ତି ବୋଲି ଅଭିଯୁକ୍ତ ଦ୍ୱୟ ପ୍ରକାଶ କରିଛନ୍ତି। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ନେଇ ବଡମ୍ବା ଭାରପ୍ରାପ୍ତ ରେଞ୍ଜର ସରୋଜ କୁମାର ମହାନ୍ତି କହିଛନ୍ତି। ଚଢ଼ାଉ ସମୟରେ ବଡମ୍ବା, ମାଣିଆବନ୍ଧ, ଓ ଗୋପପୁର ବନ କର୍ମଚାରୀ ସାମିଲ ହୋଇଥିଲେ।

## 'ଗାନ୍ଧୀ-୧୫୦' ଶୀର୍ଷକ କର୍ମଶାଳା




କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ସାଲେପୁର,୨୦।୨(ଡି.ଏନ୍.ଏ.)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସମାଜ ବିଜ୍ଞାନ ଓ ଦର୍ଶନ ବିଭାଗର ମିଳିତ ଆନୁକୂଲ୍ୟରେ 'ଗାନ୍ଧୀ ୧୫୦' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଗାନ୍ଧିଜୀଙ୍କ ଆଦର୍ଶପୂର୍ଣ୍ଣ ନୀତିଗତ ଜୀବନ ଏବଂ ସମାଜ ସେବା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଇଥିଲା। ପରେ ଉପରୋକ୍ତ ୨ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ସ୍ୱଚ୍ଛ କଲେଜ' ନାମରେ ଏକ ନିଆରା ଅଭିଯାନ ହୋଇଥିଲା। କର୍ମଶାଳାରେ ପ୍ରଫେସର ପାବକ କାନୁନଗୋ ଓ ପ୍ରଫେସର ଦୁର୍ଗାମାଧବ ପ୍ରହରାଜ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଉମେଶ ଚନ୍ଦ୍ର ପତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଅଧାପିକା କଳିକା ଆଚାର୍ଯ୍ୟ, ମନିଷ ତ୍ରିପାଠି, ପ୍ରଦୀପ କୁମାର ପଟ୍ଟନାୟକ, ଶୁଦ୍ଧଧର ସ୍ୱାଇଁ, ସେହେଜାନ୍ ପରୱିନ୍ ଓ ସଙ୍ଗୀତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଯୌତୁକ ନିର୍ଯାତନା: ସ୍ୱାମୀ ଗିରଫ

କଣ୍ଟାପଡ଼ା,୨୦।୨(ଡି.ଏନ୍.ଏ.)

ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଓଲଟପୁର ପୋଲିସ ବୁଧବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଅଡଶପୁରର ଅଶୋକ କୁମାର ସାହୁ। ପୋଲିସ ସୂଚନା ଅନୁଯାୟୀ, ୨୦୧୧ ମସିହାରେ ଅଶୋକ ଗୋବିନ୍ଦପୁର ଥାନା ଅଧୀନ ପାଟସୁନ୍ଦରପୁର ଅଞ୍ଚଳର ମଧୁସ୍ମିତା ସାହୁଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ଶାଶୁ ଘରଲୋକ ମଧୁସ୍ମିତାଙ୍କୁ ନିର୍ଯାତନା ଦେଉଥିଲେ। ମଧୁସ୍ମିତାଙ୍କ ଏକ ଛୋଟପୁଅ ଥିବାବେଳେ ନିର୍ଯାତନା ଅସହ୍ୟ ହେବାରୁ ଗତ କିଛିଦିନ ତଳେ ସେ ଘର ଛାଡି ଚାଲି ଆସିଥିଲେ। ଗତ ୧୬ତାରିଖରେ ମା' ଘର ସଦସ୍ୟାଙ୍କ ସହାୟତାରେ ମଧୁସ୍ମିତା ଓଲଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୧୮/୨୦) ରୁଜୁକରି ତାଙ୍କ ସ୍ୱାମୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

ସାଲେପୁର/ନିଶ୍ଚିନ୍ତକୋଇଲି,୨୦।୨(ଡି.ଏନ୍.ଏ./ସ୍ୱ.ପ୍ର.)



ଦୁର୍ଘଟଣାରେ ଭାଙ୍ଗିଯାଇଥିବା ବାଇକ୍।

କଟକ-କେନ୍ଦ୍ରାପଡା ରାସ୍ତାର କଳାଗ୍ନି ଛକ ନିକଟରେ ଗୁରୁବାର ଅପରାହ୍ନରେ ୨ ମୋଟର ସାଇକେଲ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଭୁବନେଶ୍ୱରସ୍ଥିତ ନୟାପଲ୍ଲୀ ଅଞ୍ଚଳର ଯଶୋବନ୍ତ ଦାସ (୪୮)। ସେହିପରି ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ତୋଟାପଡା ଗ୍ରାମର ଭୀମସେନ୍ ସାହୁ ଓ ଉପେନ୍ଦ୍ର ସାହୁ ଗୁରୁତର ହୋଇଥିଲେ। ଖବରପାଇ ସାଲେପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ଯଶୋବନ୍ତ ଓ ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନା ପଠାଇଛି। ଯଶୋବନ୍ତ ଏକ ବାଇକ୍‌ରେ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଭୀମସେନ ଓ ଉପେନ୍ଦ୍ର ବାଇକ୍‌ରେ କଟକରୁ ଚାନ୍ଦବାଲି ଅଭିମୁଖେ ଆସୁଥିଲେ। ୨ ଗାଡି କଟକ-ଚାନ୍ଦବାଲି ରାସ୍ତାର କଳାଗ୍ନି ନିକଟରେ ଭାରସାମ୍ୟ ହରାଇ ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଛି। ଖବରଲେଖା ହେବା ବେଳକୁ କୌଣସି ଅଭିଯୋଗ ନ ଥିବାରୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିଲା।

## ୨ ଦିନରେ କେହି ଦାଖଲ କଲେନି ନାମାଙ୍କନପତ୍ର

କଟକ ସଦର,୨୦।୨(ଡି.ଏନ୍.ଏ.)

କଟକ ଜିଲା ପରିଷଦ ୭ନଂ. ଜୋନ ଉପନିର୍ବାଚନ ପାଇଁ ଗତ ୧୯ତାରିଖଠାରୁ ସଦର କଟକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ ପାଇଁ ବ୍ୟବସ୍ଥା କରାଯାଇଛି। ଦୁଇ ଦିନ ବିତିଯାଇଥିଲେ ମଧ କେହି ନାମାଙ୍କନପତ୍ର ଦାଖଲ କରି ନ ଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ୨୪ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିନ ଥିବାରୁ ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀଙ୍କ ଭିଡ଼ ଜମିବ। ଭାଜପା ପକ୍ଷରୁ ନାରାୟଣ ଚନ୍ଦ୍ର ମଲ୍ଲିକଙ୍କ ନାମ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିବା ବେଳେ ବିଜେଡି ଓ କଂଗ୍ରେସର ପ୍ରାର୍ଥୀ କିଏ ହେବ ସେନେଇ ସ୍ପଷ୍ଟ ହୋଇପାରିନାହିଁ।

## ଗ୍ରାମ ରାଜମିସ୍ତ୍ରିଙ୍କୁ ତାଲିମ ପ୍ରଦାନ

ଲଳିତଗିରି,୨୦।୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ୍ ଲଳିତଗିରି ପଞ୍ଚାୟତସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମ ରାଜମିସ୍ତ୍ରିଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଛି। ୨୦୧୭-୧୮ ଓ ୧୯-୨୦ ଆର୍ଥିକ ବର୍ଷରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଆବାସ ଯୋଜନାରେ ଅଧା ରହିଥିବା ଘରକୁ ପୂର୍ଣ୍ଣାଙ୍ଗ କରିବା ନିମନ୍ତେ ଏହି ତାଲିମ ଦିଆଯାଇଥିଲା। ଇନଡକସ୍ କନସୁଲଟାଣ୍ଟସ ପ୍ରାଇଭେଟ ଲିମିଟେଡର ସିଭିଲ ଇଞ୍ଜିନିୟର ଟ୍ରେନର ଜେ ସୂର୍ଯ୍ୟକାନ୍ତ ପରିଡା, ମାହାଙ୍ଗା ବ୍ଲକ୍ ପ୍ରୋଗେସ ଆସିଷ୍ଟାଣ୍ଟ ବିଶ୍ୱନାଥ ସାହୁ, ସାମାଜିକ କର୍ମୀ ରୁଦ୍ର ନାରାୟଣ ସିଂହ, ଖବରଦାତା ରମେଶ ଚନ୍ଦ୍ର ସାହୁ ଓ ଅଶୋକ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ପଣସପୁର, ପାଇକରାପୁର ଓ ଲଳିତଗିରି ପଞ୍ଚାୟତର ୩୦ ରାଜମିସ୍ତ୍ରୀ ଯୋଗଦେଇଥିଲେ।




ଶିବିରରେ ଅତିଥି ଜଣେ ରାଜମିସ୍ତ୍ରିଙ୍କୁ ଉପକରଣ ପ୍ରଦାନ କରୁଛନ୍ତି।

## କ୍ରିକେଟ୍: ଫାଇନାଲରେ କଳିଙ୍ଗ ଟାଇଗର

ଆଠଗଡ଼,୨୦।୨(ସ୍ୱ.ପ୍ର.)

ଆଠଗଡ଼ ଷ୍ଟାଡିୟମରେ ଚାଲିଥିବା ୧୬ଶ ପ୍ରଦୀପ-ପ୍ରଦୋଷ ସ୍ମାରକୀ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଠଗଡ଼ର ମାଜେଷ୍ଟିକ କ୍ରିକେଟ କ୍ଲବ ଓ କଳିଙ୍ଗ ଟାଇଗର ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର ବିଜୟୀ ହୋଇଛି। କଳିଙ୍ଗ ଟାଇଗର ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୨୭ ରନ ସଂଗ୍ରହ କରିଥିଲା। ଜବାବରେ ଆଠଗଡ଼ ମାଜେଷ୍ଟିକ କ୍ରିକେଟ କ୍ଲବ ୧୯.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୮୮ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। କେଦାର ଖଟୁଆ ଓ ପିୟରଞ୍ଜନ ଗୋଚ୍ଛାୟତ ମ୍ୟାଚ ପରିଚାଳନା କରିଥିଲେ।




ବାଙ୍କୀ ଡବଲ ମର୍ଡର ଘଟଣାରେ ମୃତ ଖବରଦାତା ଆଦିତ୍ୟ ରଣସିଂଙ୍କ ଆତ୍ମାର ଶାନ୍ତି ନିମନ୍ତେ ବାଙ୍କୀ ଖବରଦାତା ସଂଘ ପକ୍ଷରୁ ଗୁରୁବାର ଏକ କ୍ୟାଣ୍ଡେଲ ଶୋଭଯାତ୍ରା କରାଯାଇଥିଲା। ସଂଘ ସଭାପତି ବଳଭଦ୍ର ପଣ୍ଡା ନେତୃତ୍ୱରେ ଏହି ଶୋଭଯାତ୍ରା ବଜାର ପରିକ୍ରମା କରି ମା'ଚର୍ଚ୍ଚିକାଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା।

# ସିଡିଏବାସୀଙ୍କୁ ମିଳୁନି ଜମିର ମାଲିକାନା

କଟକ ଅଫିସ, ୨୦।୨




ଓଡ଼ିଶା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ମର୍କତନଗରରେ ଆବଣ୍ଟିତ ହୋଇଥିବା ଜମିଗୁଡିକର ମାଲିକାନାକୁ ନେଇ ଅଞ୍ଚଳବାସୀଙ୍କ ସଂଘର୍ଷ ଜାରି ରହିଛି। ବର୍ତ୍ତମାନ ଜମିଗୁଡ଼ିକ ଲିଜ୍ ହୋଲ୍ଡରେ ରହିଛି। ଜମିର ସମ୍ପୂର୍ଣ୍ଣ ମାଲିକାନା ସ୍ୱତ ସେମାନଙ୍କ ପାଖରେ ନ ଥିବା ଯୋଗୁ ସରକାରୀ କାର୍ଯ୍ୟରେ ଜମିର ଦସ୍ତାବିଜ ବ୍ୟବହାର ହୋଇପାରୁନି। ଏଣୁ ମର୍କତନଗରରେ ଆବଣ୍ଟିତ ଜମିଗୁଡିକୁ ଲିଜ୍ ହୋଲ୍ଡରୁ ଫ୍ରି ହୋଲ୍ଡକୁ ପରିଣତ କରିବା ପାଇଁ ସିଡିଏ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବରୁ ଏନେଇ ସେମାନେ ଅନେକଥର ଦାବି କରିଥିଲେ ମଧ ସୁଫଳ ମିଳି ନ ଥିବାରୁ ସେମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ମର୍କତନଗରର ସମସ୍ତ ଜମିକୁ ବିଡିଏ ଏବଂ ମହାନଦୀ ବିହାର ଭଳି ଫ୍ରି ହୋଲ୍ଡ କରିବା ପାଇଁ ସିଡିଏ ଚେୟାରମ୍ୟାନଙ୍କ ସୁପାରିସ ପତ୍ର ରାଜ୍ୟ ସରକାରଙ୍କ ପାଖରେ ଦୀର୍ଘଦିନ ହେବ ପଡିରହିଛି। ହେଲେ ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ନ ଦେଉନାହାନ୍ତି। ଫଳରେ ସିଡିଏବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପିଲାମାନେ ଉଚ୍ଚଶିକ୍ଷା ଏବଂ ଚାକିରି ପାଇଁ ଆବଶ୍ୟକ କରୁଥିବା ଆବାସିକ ପ୍ରମାଣପତ୍ର ଦାଖଲ କରିପାରୁନାହାନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା କିମ୍ବା ବ୍ୟବସାୟ ପାଇଁ ଉକ୍ତ ଜମି ଉପରେ ଋଣ ମିଳୁନି। ଫଳରେ ସେମାନେ ହଇରାଣ ହେଉଛନ୍ତି। ଏପଟେ ମର୍କତନଗରରେ ଲୋକଙ୍କ ଦୁଃଖ ସରି ନ ଥିବାବେଳେ ସରକାର ସ୍ମାର୍ଟ କଟକ ଯୋଜନା ଅନୁଯାୟୀ ହାଡ଼ିଆପଠାଠାରେ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି। ବିକାଶମୂଳକ କାର୍ଯ୍ୟକୁ ଅଞ୍ଚଳବାସୀ ସ୍ୱାଗତ କରୁଥିଲେ ମଧ ସବୁ ଅଧିକୃତ ହେବାକୁ ଥିବା ଜମିକୁ ମୂଳରୁ ଫ୍ରି ହୋଲ୍ଡ କରିବା ଏବଂ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ଗାଇଡଲାଇନ ମାନି ଅଗ୍ରସର ହେବାକୁ ଓଡ଼ିଶା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ୪ଦଫା ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ ସାମଲଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏଥିସହ ମଞ୍ଚ

**ଆର୍‌ଡିସିଙ୍କୁ ସ୍ମାରକପତ୍ର**

ପକ୍ଷରୁ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅନ୍ୟପକ୍ଷରେ ସର୍ବକ୍ଷମା ଯୋଜନାର ଶୁକ୍ରବାର ଶେଷ ତାରିଖ ଥିଲେ ସୁଦ୍ଧା ସିଡିଏ କର୍ତ୍ତୃପକ୍ଷ ଲୋକଙ୍କୁ ଅବଗତ କରିବାରେ ବିଫଳ ହୋଇଥିବାରୁ ଅନେକ ଲୋକ ଏ ବାବଦରେ ଜାଣି ନ ଥିବା କହିଛନ୍ତି। ତେଣୁ ସର୍ବକ୍ଷମା ଯୋଜନାର ଅବଧି ଆଉ କିଛିଦିନ ବଢେଇବାକୁ ନିବେଦନ କରାଯାଇଛି। ତୁରନ୍ତ ଦାବିଗୁଡ଼ିକ ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ଆର୍‌ଡିସି ସାମଲ ପ୍ରତିଶ୍ରୁତି ଦେଇଥିଲେ। ଏହି ସ୍ମାରକପତ୍ର ପ୍ରଦାନବେଳେ ମଞ୍ଚର ସଭାପତି ସାରଦା ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ରାଉତ, ସମ୍ପାଦକ ସାର୍ଥକ ରାୟ, ଆବାହକ ଦେବାଶିଷ ଘୋଷ, ଉପଦେଷ୍ଟା ଦୟାନିଧି ଲେଙ୍କା, ରାକେଶ ସାହୁ, ବିନୋଦ ଗୋଏଙ୍କା, କାଳନ୍ଦୀ ମାଳିଆ, ତୁଷାର ଭୂୟାଁ ଓ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବ ନାହିଁ।
- ଲେନିନ୍



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧରି ମାଇଲେ ଯେ**
**ବାନ୍ଧି ମାଇଲେ ସେ।**

ବ୍ୟକ୍ତିକୁ ଧରିକି ମାରିବା ଯାହା ବାନ୍ଧିକି ମାରିବା ତାହା। ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ଧରିକି ହେଉ କିମ୍ବା ବାନ୍ଧିକି ହେଉ ଯେକୌଣସି ପ୍ରକାରେ ଆଘାତ ଦେବା ପ୍ରକାରାନ୍ତରେ ଏକାକଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାଇଁ ନ ପାରଇ ପାଇକ ଆଗେ**
**ଟାଣ କରୁଥାଇ ମାଇପ ଆଗେ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ତଥା ଘର ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି। ତୁଚ୍ଛା ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ମୁହଁ ଫିଟାଇ କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଦୁର୍ବଳ ବ୍ୟକ୍ତି ନିଜ ଘରେ ଟାଣପଣ ଦେଖାଇବା ଭଳି ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବ୍ରାଉନସୁଗାର ଜବତ: ୨ ଗିରଫ

**କଟକ ଅଫିସ,୨୦।୨**

ବ୍ରାଉନ୍‌ସୁଗାର ବ୍ୟବସାୟ କରିବା ଘଟଣାରେ ମଙ୍ଗଳାବାଗ ପୋଲିସ ୨ ଜଣ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାଛୁଆବଜାରର ମାନସ ସେଠୀ(୨୫) ଓ ବୋଷ ହଷ୍ଟେଲ ନିକଟ ବସ୍ତିରେ ରହୁଥିବା ପରିକ୍ଷିତ ପ୍ରଧାନ(୫୫)। ପୋଲିସ ସେମାନଙ୍କଠାରୁ ୯ ଗ୍ରାମ ୪୫ ମିଲିଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ବୋଷ କଲେଜ ପାଖରେ ବ୍ରାଉନସୁଗାର ବ୍ୟବସାୟ ଚାଲିଥିଲା। ଖବରପାଇ ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି।

# ବିନା ଥଇଥାନ, ନୋଟିସରେ ବସ୍ତି ଉଚ୍ଛେଦକୁ ବିରୋଧ

**କଟକ ଅଫିସ,୨୦।୨**





ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ସଦସ୍ୟମାନେ।

ବିନା ଥଇଥାନ ଓ ନୋଟିସରେ ଷ୍ଟେଶନ ଅଞ୍ଚଳ, ଓଏମ୍‌ପି ଛକସ୍ଥିତ ଗୁର୍ଖା କଲୋନୀ ବସ୍ତି ଉଚ୍ଛେଦକୁ ବାସିନ୍ଦାମାନେ ବିରୋଧ କରିଛନ୍ତି। ଏ ନେଇ ସେମାନେ ଗୁରୁବାର ଜିଲାପାଳ ଏବଂ ସିଏମ୍‌ସି କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବହୁ ବର୍ଷ ହେଲା ବସ୍ତିର ଲୋକମାନେ ପରିବାର ସହିତ ରହିଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦଳିତ ଓ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ମୂଲ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଛନ୍ତି। ଏପରି କି ଅନେକ ଲୋକ ରେଲୱେର ସଫେଇ କର୍ମଚାରୀ ଭାବେ କାମ କରୁଛନ୍ତି। ଦୁଇ ଦିନ ପୂର୍ବେ ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଡକାଯାଇ ତୁରନ୍ତ ଜାଗା ଖାଲି କରିବାକୁ କୁହାଯାଇଥିଲା। ରେଳ ବିଭାଗର ଜାଗା ହୋଇଥିବା ଯୋଗୁ ଜବରଦଖଲ ଉଚ୍ଛେଦ କରାଯିବ। ପରେ ସବୁ ଘର ଆଗରେ ପାମ୍ପଲେଟ୍ ଲଗାଯାଇଥିଲା। ମାତ୍ର ସେଥିରେ କୌଣସି ଅଧିକାରୀଙ୍କ ଦସ୍ତଖତ କିମ୍ବା ବିଭାଗୀୟ ଷ୍ଟାମ୍ପ ନ ଥିଲା। ୧ ସପ୍ତାହ ଭିତରେ ଜାଗା ନ ଛାଡ଼ିଲେ ବଳପୂର୍ବକ ହଟାଇ ଦିଆଯିବ ବୋଲି ଆର୍‌ପିଏଫ୍ ଅଧିକାରୀମାନେ ଚେତାବନୀ ଦେଉଛନ୍ତି। ଏହାକୁ ନେଇ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସେମାନେ ଜବରଦଖଲକାରୀ ନୁହନ୍ତି ବରଂ ବେସାହାରା। ତେଣୁ ବାଧହୋଇ ସେଠାରେ ରହୁଛନ୍ତି। ଅନ୍ୟତ୍ର ଥଇଥାନ ନ କରି ଉଚ୍ଛେଦକୁ ସେମାନେ ବିରୋଧ କରିଛନ୍ତି। ଏପରି କି କୌଣସି ବିଧିବଦ୍ଧ ନୋଟିସ ନ ଦେଇ ଜାଗା ଖାଲି କରିବାକୁ ଧମକ ଦେବା ଅନ୍ୟାୟ ବୋଲି ବାସିନ୍ଦାମାନେ କହିଛନ୍ତି। ଖୁବ୍‌ଶୀଘ୍ର ଏଭଳି ଉଚ୍ଛେଦକୁ ବନ୍ଦ କରାଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆହ୍ୱାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆବାହକ ଖଗେଶ୍ୱର ସେଠୀ, ମହାନଗର ନାଗରିକ ମଞ୍ଚ ଆବାହକ ଚିତ୍ତରଞ୍ଜନ ମହାନ୍ତି, ନାରୀନେତ୍ରୀ ଲକ୍ଷ୍ମୀ ମହାନ୍ତି, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, ଦୀପକ ଦାସ, ବେବି ନାଏକ, ସୁକାନ୍ତ ଦେଇ, ପିଣ୍ଟୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳ, ସିଏମ୍‌ସି କମିଶନରଙ୍କୁ ସ୍ମାରକପତ୍ର

# ଟିଟୋର ପୂର୍ବତନ ସହଯୋଗୀ ଅଖନା ଗିରଫ

**କଟକ ଅଫିସ,୨୦।୨**

ଗ୍ୟାଙ୍ଗଷ୍ଟର ଟିଟୋର ପୂର୍ବତନ ସହଯୋଗୀ ଅକ୍ଷୟ କୁମାର ସାହୁ ଓରଫ ଅଖନା(୩୭)ଙ୍କୁ ଚାଉଳିଆଗଞ୍ଜ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଚାଉଳିଆଗଞ୍ଜ ମଠସାହିରେ ରହୁଥିବା ଅଖନା ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କଠାରୁ ବଟି ଆଦାୟ କରୁଥିଲେ। ଏ ନେଇ ଦୁଇଜଣ ବ୍ୟବସାୟୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୨/୨୦) ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଗ୍ୟାଙ୍ଗଷ୍ଟର ଟିଟୋର ପ୍ରମୁଖ ସହଯୋଗୀ ଭାବେ ଅଖନା ପୂର୍ବରୁ କାର୍ଯ୍ୟ କରୁଥିଲେ। କିଛିବର୍ଷ ହେବ ଅଖନା ଚାଉଳିଆଗଞ୍ଜ ଅଞ୍ଚଳରେ ନିଜର ଏକ ଗ୍ୟାଙ୍ଗ ଗଠନ କରି ଦାଦାବଟି ଆଦାୟ କରୁଥିଲେ। ବିଦ୍ୟାଧରପୁରର ସଂଗ୍ରାମ ସେଠୀ ଓ ଗାନ୍ଧିପଲ୍ଲୀର ମଦ ଦୋକାନୀ ବିନୋଦ ମାଝିଙ୍କଠାରୁ ଅଖନା ମାସିକିଆ ଦାଦାବଟି ଆଦାୟ କରନ୍ତି। ପ୍ରତି ମାସରେ ଜଣକ ପିଛା ୨୦ହଜାର ଟଙ୍କାର ଦାଦାବଟି ଅଖନାଙ୍କ ପାଖକୁ ଯାଉଥିଲା। ଚଳିତ ମାସଠାରୁ ଅଖନା ମାସିକ ବଟି ବାବଦକୁ ଅଧିକ ୧୦ ହଜାର ତଥା ୩୦ ହଜାର ଟଙ୍କା ମାଗିଥିଲେ। ଏତେ ଟଙ୍କା ଦେବାକୁ ଅସମର୍ଥ ହୋଇ ବାଧରେ ଥାନାର ଦ୍ୱାରସ୍ଥ ହୋଇଥିଲେ ସଂଗ୍ରାମ ଓ ବିନୋଦ। ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିବା ସହ ୧୫ ଦିନ ହେବ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଗୁରୁବାର ଅଖନାଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ। ଅଖନାଙ୍କ ନାମରେ ୩ଟି ଜାମିନବିହୀନ ଗିରଫ ପରୱାନା ରହିଥିବା ଜଣାପଡ଼ିଛି। ଆର୍ମସ ଆକ୍ଟ, ଦାଦାବଟି ଆଦାୟ ଓ ହତ୍ୟା ଉଦ୍ୟମ ଭଳି ମାମଲାରେ ଅଖନା ପୋଲିସର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ଥିଲା। ଏହାଛଡା ଅଖନାଙ୍କ ନାମରେ ଚାଉଳିଆଗଞ୍ଜ, ମାଲଗୋଦାମ, ପାଟକୁରା, ତିର୍ତ୍ତୋଲ ଥାନାରେ ୨୦ରୁ ଅଧିକ ସଙ୍ଗିନ ମାମଲା ରହିଛି।

## ବନ୍ଧୁକ ଦେଖାଇ ବଟି ଆଦାୟ ଘଟଣା

# ୫୦ ଲକ୍ଷ ଟଙ୍କାର ଅଳଙ୍କାର ଚୋରି

**ଡିସିପିଙ୍କ ନିକଟରେ ଅଭିଯୋଗ**

**କଟକ ଅଫିସ,୨୦।୨**

ସେକ୍ଟର-୭ରେ ରହୁଥିବା ଭାନୁମତି ବେତାଳ ଗୁରୁବାର ଡିସିପି ଅଖିଳେଶ୍ୱର ସିଂଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ନିମଚୌଡ଼ି ଛକରେ ଭାନୁମତିଙ୍କର ବିମଳା ଅଳଙ୍କାର ନାମରେ ଏକ ଗହଣା ଦୋକାନ ରହିଛି। ୨୦୧୮ ଡିସେମ୍ବର ୧୨ ତାରିଖରେ କେତେଜଣ ବ୍ୟକ୍ତି ଉକ୍ତ ଦୋକାନ ବନ୍ଦ ରଖିବାକୁ ଜୋର୍‌ଜବରଦସ୍ତ କରିଥିଲେ। ଭାନୁମତୀ ସେମାନଙ୍କ କଥା ନ ଶୁଣିବାରୁ ଦୋକାନ ଆଗରେ ବାଲି, ଗୋଡ଼ି ଜମାଇ ରଖିଥିଲେ। ଏହାକୁ ଭାନୁମତି ବିରୋଧ କରିବା ସହ ଆଇନର ଆଶ୍ରୟ ନେଇଥିଲେ। ଜିଲା ଦୌରାଜଜ୍‌ଙ୍କ ନିକଟରେ ଉକ୍ତ ମାମଲା ବିଚାରାଧୀନ ରହିଛି। ଦୋକାନ ବନ୍ଦ ଥିଲେ ବି ଭାନୁମତି ପ୍ରତିଦିନ ଦୋକାନ ସାମ୍ନାରେ ଆସି ପୂଜା କରିଯାଆନ୍ତି। ହେଲେ କିଛିଦିନ ତଳେ ତାଙ୍କ ଦୋକାନର ଶଟର ତାଡି କେହି ଦୁର୍ବୃତ୍ତ ସୁନା ଅଳଙ୍କାର ଚୋରିକରି ନେଇଥିବା ସେ ଖବର ପାଇଥିଲେ। ଦୋକାନରେ ୫୦ ଲକ୍ଷ ଟଙ୍କାର ଅଳଙ୍କାର ଥିଲା ବୋଲି ଭାନୁମତି ଡିସିପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ଉକ୍ତ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ କରାଯାଉଛି। ଦୋକାନ ବନ୍ଦ କରିବାକୁ ପ୍ରଥମେ ଗଣ୍ଡଗୋଳ କଲେ। ପରେ ଦୋକାନ ଆଗରେ ବାଲି, ଗୋଡ଼ି ଜମାଇଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା ଓ ଘଟଣା କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ହେଲେ ଘଟଣାର ବିଚାର ଜାରି ରହିଥିବାବେଳେ ଦୋକାନରେ ଥିବା ୫୦ଲକ୍ଷ ଟଙ୍କାର ସୁନାଅଳଙ୍କାର ଚୋରି ହୋଇଯାଇଛି ବୋଲି ସିଡିଏ

# ଧର୍ମରୁ ଊର୍ଦ୍ଧ୍ୱରେ ରହୁ ରାଜନୀତି

**କଟକ ଅଫିସ,୨୦।୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ 'ଗଣତନ୍ତ୍ରର ଇତିହାସ ଏବଂ ଭାରତୀୟ ସମାଜର ଗଣତାନ୍ତ୍ରୀକରଣ: ଏକ ସମାଲୋଚନାମୂଳକ ପର୍ଯ୍ୟାଲୋଚନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରଫେସର ଖାରବେଳ ମହାନ୍ତି ଯୋଗଦେଇ ରାଜନୀତିକୁ ଧର୍ମରୁ ଊର୍ଦ୍ଧ୍ୱରେ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ହିଁ ଗଣତନ୍ତ୍ରର ଏକ ମୌଳିକ ବୈଶିଷ୍ଟ୍ୟ। ଜନଗଣଙ୍କର, ଜନଗଣଙ୍କ ପାଇଁ ଓ ଜନଗଣଙ୍କ ଦ୍ୱାରା ପରିଚାଳିତ ଏକ ଶାସନ ବ୍ୟବସ୍ଥା ହେଉଛି ଗଣତନ୍ତ୍ର। ମାତ୍ର ଆଜି ଆମେ ଦେଖୁଛୁ ଯେ, ଭାରତରେ ଗଣତନ୍ତ୍ର କର୍ପୋରେଟ୍ ହାଉସ୍‌ର, କର୍ପୋରେଟ୍ ହାଉସ୍ ପାଇଁ ଓ କର୍ପୋରେଟ୍ ହାଉସ୍ ଦ୍ୱାରା ପରିଚାଳିତ ଏକ ହସ୍ତଚାଳିତ ଯନ୍ତ୍ର। ଦେଶରେ ବେକାରି ସମସ୍ୟା, ଦରଦାମ ବୃଦ୍ଧି, ଶିକ୍ଷା-ସ୍ୱାସ୍ଥ୍ୟ ଅବ୍ୟବସ୍ଥା ଇତ୍ୟାଦି ବିରୋଧରେ ପୁଞ୍ଜିଭୂତ ଅସନ୍ତୋଷ ଯେତେବେଳେ ଗଣ ଆନ୍ଦୋଳନର ରୂପ ନେଉଛି, ସେହି ସମୟରେ ଲୋକଙ୍କ ଦୃଷ୍ଟିକୁ ଅନ୍ୟତ୍ର ଅପସାରିତ କରିବା ପାଇଁ ବିଭିନ୍ନ ଆଇନ ଅଣାଯାଉଛି। ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ସୃଷ୍ଟି କରିବା ପାଇଁ ଷଡଯନ୍ତ୍ର କରାଯାଉଛି। ଏଣୁ ଦେଶର ସାମ୍ପ୍ରତିକ ସମସ୍ୟାକୁ ଧର୍ମନିରପେକ୍ଷତା ଭିତ୍ତିରେ ବିଶ୍ଳେଷଣ କରି ଯଦି ଛାତ୍ର ଓ ଯୁବକ ଆଗେଇ ଆସିବେ, ତେବେ ହିଁ ମାନବ ସଭ୍ୟତା ଧ୍ୱଂସ ମୁଖରୁ ରକ୍ଷା ପାଇବ ବୋଲି ସେ ମତପ୍ରକାଶ କରିଥିଲେ। ମଞ୍ଚର ଆବାହକ ଆରତି ମେହେର, ସଙ୍ଗଠକ ସିଦ୍ଧେଶ୍ୱର ଜେଠୀ, ରତ୍ନୁ ମହେର, ମୁସ୍କାନ ତବ୍‌ସୁମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

# 'ନିଶା ମଣିଷକୁ ସମାଜଠାରୁ ଦୂରେଇ ଦିଏ'



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**କଟକ ଅଫିସ, ୨୦।୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ (ଜେଏମ୍‌ସି) ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତା ଭାବେ ସାମାଜିକ କର୍ମୀ ପ୍ରଭୁଦତ୍ତ ପଟେଲ ଯୋଗଦେଇ କହିଥିଲେ, ନିଶା ମଣିଷକୁ ସମାଜଠାରୁ ଦୂରେଇ ଦେଇଥାଏ। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଛାତ୍ର ଡ୍ରଗ୍ସ ଭଳି ନିଶାଦ୍ରବ୍ୟ ପ୍ରତି ଆକୃଷ୍ଟ ହେଉଛନ୍ତି, ଯାହା ସେମାନଙ୍କୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଛି। ସେହିଠାରୁ ସେମାନେ ଛାତ୍ର ଜୀବନର ଲକ୍ଷ୍ୟକୁ ଭୁଲି ପଥଭ୍ରଷ୍ଟ ହେଉଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ଜ୍ଞାନ ବୃଦ୍ଧି କରିବା ଜରୁରୀ ବୋଲି ସେ କହିଥିଲେ। ଏଥିସହିତ ଏଡ୍‌ସ ରୋଗ ସମ୍ପର୍କରେ ସେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଡ. ଦେବୀଲାଲ ମିଶ୍ର ସ୍ୱାଗତ ଭାଷଣ ଓ ଅଧ୍ୟାପକ ଦୁଷ୍ମନ୍ତ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ବିଭାଗର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।


# CLASSIFIED DISPLAY

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*for Booking Contact:*
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର
ଜନଧନ ଯୋଜନା ଦ୍ୱାରା
ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

FINANCE
ସରକାରୀ ଯୋଜନା ଦ୍ୱାରା
All Odisha ଋଣ ନିଜର
ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟ୍ଟୀ ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ।
7042350747
8929313996

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-୬୦,୦୦,୦୦୦) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ)।
ମୋ. 9411277198


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ ବୃଦ୍ଧା, ବାଳିକା ଓ ଯୁବତୀ ସ୍ତ୍ରୀଙ୍କୁ ଦେଖି ସେମାନଙ୍କୁ ମାତା, କନ୍ୟା ଓ ଭଗ୍ନୀ ରୂପରେ ଚିନ୍ତା କରିବା ହେଉଛି ସର୍ବଶ୍ରେଷ୍ଠ ବ୍ରହ୍ମଚର୍ଯ୍ୟ, ଯାହାକୁ ତିନିଲୋକରେ ପୂଜ୍ୟ ଅଟେ।
-ଭଗବାନ ବୁଦ୍ଧ



## ସଂକ୍ଷେପରେ

### ଖ୍ରୀଷ୍ଟ କଲେଜରେ ନିଯୁକ୍ତି ପରାମର୍ଶ କାର୍ଯ୍ୟକ୍ରମ

**କଟକ ଅଫିସ,୨୦।୨:** ଖ୍ରୀଷ୍ଟ କଲେଜରେ ଉଦ୍ୟମିତା ବିକାଶ ଶୀର୍ଷକ ଆଲୋଚନାଚକ୍ର ଓ ନିଯୁକ୍ତି ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଏମ୍ଏସ୍ଏମ୍ଇର ନିର୍ଦ୍ଦେଶକ ସୁକାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ନାବାର୍ଡର ଏଜିଏମ୍ ସିଦ୍ଧାର୍ଥ ଶଙ୍କର ପଣ୍ଡା ଓ ଏମ୍ଏସ୍ଏମ୍ଇର ଉପନିର୍ଦ୍ଦେଶକ ପ୍ରଜ୍ଞାସ୍ମିତା ସାହୁ, ସମ୍ମାନିତ ବକ୍ତା ଭାବେ ମହିଳା ଫୋରମର ସଭାପତି ଡ. ଗୀତାରାଣୀ ପାଢ଼ୀ ଓ ସମ୍ପାଦିକା ଡ. ଭାରତୀ ବେହେରା ଯୋଗଦେଇ ଷ୍ଟାର୍ଟଅପ୍ ବିଜ୍‌ନେସ ଉପରେ ଆଲୋଚନା କରିବା ସହ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଏ ଦିଗରେ ମନୋନିବେଶ କରିବାକୁ ପ୍ରୋତ୍ସାହିତ କରିଥିଲେ। ଉପାଧ୍ୟକ୍ଷା ଡ. ଦେବଜାନି ଦାଶ ସଭା ପରିଚାଳନା କରିଥିବାବେଳେ କଲେଜ କ୍ୟାରିୟର କାଉନସେଲିଂ ବିଭାଗର ସଦସ୍ୟ ଡ. ମହେଶ୍ୱର କର, ଦିଲୀପ କୁମାର ବରାଳ, ଶାଶ୍ୱତୀ ମିଶ୍ର, ଡ. ବିଶ୍ୱରୂପା ଦାସ, ସୁକନ୍ୟା ସେନାପତି, ପ୍ରିୟଦର୍ଶିନୀ ପ୍ରଧାନ, ଅଧ୍ୟାପକ ସନ୍ତୋଷ କୁମାର ନାଥଶର୍ମାଙ୍କ ସମେତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଭ୍ରାମରୀ, ଉଦ୍‌ଗୀତି ପ୍ରାଣାୟମ ପ୍ରତିଯୋଗିତା

**କଟକ ଅଫିସ,୨୦।୨:** ଚାନ୍ଦିନୀଚୌକସ୍ଥିତ ଶିଶୁଭବନ ପରିସରରେ ସାଇ ତ୍ରିନାଥ ନୀଳଚକ୍ର ଯୋଗ ଅନୁଷ୍ଠାନର ଆନୁକୂଲ୍ୟରେ ଯୋଗଗୁରୁ ସାଗରୀକା ଜେନାଙ୍କ ପୌରୋହିତ୍ୟରେ ଭ୍ରାମରୀ, ଉଦ୍‌ଗୀତି ପ୍ରାଣାୟାମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକର ଅନେକ ଶିବିରର ଶିବିରାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ପ୍ରାଣାୟାମ କହିଲେ ସାଧାରଣ ଲୋକ ବୁଝନ୍ତି ଅଲୋମ, ବିଲୋମ ଓ କପାଳଭାତି କିନ୍ତୁ ଭ୍ରାମରୀ ଓ ଉଦ୍‌ଗୀତି (ଓଁକାର) ଏମିତି ଏକ ପ୍ରାଣାୟମ ଯାହା ମନକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରିବା ସହ ମାନସିକ ସ୍ଥିରତା ଆଣେ। ମନକୁ ତାଜା ସୁସ୍ଥ ଓ ସୁନ୍ଦର ରଖେ। ଏହାର ଲାଭ ଓ ଉପକାରିତା ବିଷୟରେ ଅବଗତ କରାଯିବା ସହ ପ୍ରତିଯୋଗିତା କରାଯାଇଥିଲା। ଯୋଗ ପ୍ରଚାରକ ଅମିତ ମହାନ୍ତି କାର୍ଯ୍ୟକ୍ରମ ନିରୀକ୍ଷଣର ଦାୟିତ୍ୱ ନେଇଥିଲେ। ସାଗରିକା ଦାସ, ନମିତା ବେହେରା, ରବୀନ୍ଦ୍ର କୁମାର ପରିଡ଼ା କାର୍ଯ୍ୟକ୍ରମ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ସୌଦାମିନୀ ମିଶ୍ର, ସନ୍ଧ୍ୟାରାଣୀ ପରିଡ଼ା, କୁମୁଦିନୀ ଆଚାର୍ଯ୍ୟ, ଶାନ୍ତିଲତା ବେହେରା, ଅଞ୍ଜନା ବେହେରା, ମିଠୁ ବାକ୍ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଛାତ ଉପର ନଡ଼ା ଗଦାରେ ନିଆଁ

**ନରାଜ, ୨୦।୨ (ଡି.ଏନ୍.ଏ.):** ବାରଙ୍ଗ ଥାନା ଅନ୍ତର୍ଗତ କଣ୍ଟାପାଟଣା ଗ୍ରାମର ପିଣ୍ଟୁ ସାହୁଙ୍କ ଛାତ ଉପରେ ଥିବା ନଡାଗଦାରେ ଗୁରୁବାର ଅପରାହ୍ନରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବାରଙ୍ଗ ଅଗ୍ନିଶମ ବିଭାଗ ସବଇନ୍ସପେକ୍ଟର ରାଜକିଶୋର ଜେନା ଓ ତାଙ୍କ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦୁତ୍ ଶର୍ଟ ସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ଆଶଙ୍କା କରାଯାଉଛି।

# ମହାଶିବରାତ୍ରି : ଚଳଚଞ୍ଚଳ ଶୈବପୀଠ

**କଟକ ଅଫିସ, ୨୦।୨**

ଶୁକ୍ରବାର ମହାଶିବରାତ୍ରୀ। ଏଥିସହ କଟକ ସହରର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଅଧିକାଂଶ ମନ୍ଦିରରେ ରଙ୍ଗବେରଙ୍ଗର ଆଲୋକ ଓ ଫୁଲରେ ସଜ୍ଜିତ କରାଯାଇଛି। ତେବେ ଗୁରୁବାର ସମସ୍ତ ଶୈବପୀଠରେ ପ୍ରସ୍ତୁତି ଶେଷ ହୋଇଛି। ଭକ୍ତମାନେ ଯେଭଳି ଠାକୁରଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେଥିପାଇଁ ମନ୍ଦିର ପରିଚାଳନା କମିଟିଗୁଡ଼ିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

ଚହଟା ଛକସ୍ଥିତ ନିଗମେଶ୍ୱର ମନ୍ଦିରରେ ପ୍ରାତଃ ୫ଟାରେ ସୂର୍ଯ୍ୟପୂଜା କରାଯିବ। ପରେ ୭ଟାରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିପାରିବେ। ରାତି ୧୨ଟା ୩୦ ମିନିଟ୍‌ରେ ମହାଦୀପ ଉଠିବା ପାଇଁ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ଗତବର୍ଷ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଚଳିତବର୍ଷ ଶ୍ରଦ୍ଧାଳୁଙ୍କ ଭିଡକୁ ଦେଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ବୋଲି ମନ୍ଦିରର ମୁଖ୍ୟପୂଜକ ବୈକୁଣ୍ଠନାଥ ମିଶ୍ର କହିଛନ୍ତି।



ମହାଶିବରାତ୍ରି ପାଇଁ କଟକ ଅମରେଶ୍ୱର ମନ୍ଦିରକୁ ସଜ୍ଜିତ କରାଯାଇଛି।

ମହାଶିବରାତ୍ରି ପାଇଁ କଟକ ଗଡଗଡେଶ୍ୱର ମନ୍ଦିରରେ ବିଭିନ୍ନ ପ୍ରସ୍ତୁତି କରାଯାଇଛି। ଚଳିତବର୍ଷ ଭଜନ ସାଙ୍ଗକୁ ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପଣା ବ୍ୟବସ୍ଥା କରାଯାଇଛି। ଏଠାରେ ରାତି ୧୨ଟାରେ ମହାଦୀପ ଉଠିବା କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।

ମହାଶିବରାତ୍ରି ପାଇଁ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିରକୁ ଫୁଲରେ ସଜ୍ଜିତ କରାଯାଇଛି। ଏଠାରେ ଅନ୍ୟ ଶୈବପୀଠ ଅପେକ୍ଷା ଶ୍ରଦ୍ଧାଳୁଙ୍କ ଭିଡ ଅଧିକ ହୋଇଥାଏ। ଏଥିପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏଠାରେ ବ୍ୟାରିକେଡ ବ୍ୟବସ୍ଥା କରାଯିବା ସହିତ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭୋର ୪ଟାରେ ମହାଦୀପ ଉଠିବ ବୋଲି ମନ୍ଦିର କମିଟି ପକ୍ଷରୁ ଜଣାପଡିଛି।

ଯୋବ୍ରାସ୍ଥିତ ପାରେଶ୍ୱର ମହାଦେବ ମନ୍ଦିରରେ ପ୍ରସ୍ତୁତି ଶେଷ ହୋଇଛି। ଶ୍ରଦ୍ଧାଳୁଙ୍କ ପାଇଁ ପଣା ବ୍ୟବସ୍ଥା ସହ ଧାଡି ଦର୍ଶନର ବ୍ୟବସ୍ଥା ହୋଇଛି। କମିଶନରେଟ ପୋଲିସ ଓ ମନ୍ଦିରର ସ୍ୱେଚ୍ଛାସେବୀମାନେ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ଅଛନ୍ତି। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ବଡସିଂହାର ବେଶ ଦର୍ଶନ କରିପାରିବେ। ରାତି ୧ଟା ୩୦ ମିନିଟ୍‌ରେ ମହାଦୀପ ଉଠିବାର ବ୍ୟବସ୍ଥା ରହିଛି ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜଣାପଡିଛି।

# ରାତି ୧ଟାରେ ଉଠିବ ମହାଦୀପ

**ଖୁଣ୍ଟୁଣୀ,୨୦।୨(ଡି.ଏନ୍.ଏ.)**

ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କର ଶୁକ୍ରବାର ଜାଗରଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଆଠଗଡ଼ ଦେବୋତ୍ତର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ରାତ୍ରି ୧ଟାରେ ମନ୍ଦିର ଉପରକୁ ମହାଦୀପ ଉଠିବ ବୋଲି ଧବଳେଶ୍ୱର ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ କହିଛନ୍ତି। ଗୁରୁବାର ରାତି ୨ଟାରୁ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି, ସ୍ନାନନୀତି, ମଇଲମ ଲାଗି, ବାଲଭୋଗ ପରେ ବଡ଼ସିଂହାର ବେଶ କରାଯିବ। ଏହି ସମସ୍ତ ନୀତି ଭୋର ୫ଟାରେ ସମ୍ପନ୍ନ ହେବ। ପ୍ରଥମ ପ୍ରହରରୁ ୪ର୍ଥ ପ୍ରହର ମଧ୍ୟରେ ୩ଥର ରୁଦ୍ରାଭିଷେକରେ ଦର୍ଶନ ଦେବେ ଧବଳେଶ୍ୱର। ମଧ୍ୟାହ୍ନରେ ଖେଚୁଡି ଭୋଗ ଓ ସନ୍ଧ୍ୟାରେ ସ୍ନାନ ପରେ ସନ୍ଧ୍ୟା ଆଳତି ସମ୍ପନ୍ନ ହେବ। ସବୁଦିନ ଭଳି ଜାଗରରେ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି।

**ଧବଳେଶ୍ୱରଙ୍କ ପୀଠରେ ଜାଗରଯାତ୍ରା**
**-ଜଗିବେ ୨ ପ୍ଲାଟୁନ ପୋଲିସ ଫୋର୍ସ**

ସନ୍ଧ୍ୟା ଆଳତି ପରେ ମନ୍ଦିର ଗର୍ଭଗୃହରେ ମହାଦୀପ ପାଇଁ ପୂଜାବିଧି ଓ ନୀତି ପ୍ରସ୍ତୁତି ଆରମ୍ଭ ହେବ। ରାତି ସାଢେ ୧୨ଟାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ବିମାନରେ ମନ୍ଦିର ବେଢା ପରିକ୍ରମା କରାଇବା ପରେ ୧ଟାରେ ମହାଦୀପ ଉଠିବ। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଚନ୍ଦନା ରାଉଳ ଓ ତାଙ୍କ ଗ୍ରୁପ ପକ୍ଷରୁ ଭିକାରୀ ବଳ ଭଜନ ମଣ୍ଡପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ। ଏହା ପରେ ଭଜନ ସମାରୋହ ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୨ଡିଏସ୍‌ପି, ୨ ଇନ୍ସପେକ୍ଟର, ୮ସବଇନ୍ସପେକ୍ଟର ଓ ୨ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ ବୋଲି ଗୁରୁଡିଝାଟିଆ ଆଇଆଇସି ବିଜୟ କେତନ ବିସି କହିଛନ୍ତି।



ଆଇଏମ୍ଆଇଟି ଠାରେ ଗୁରୁବାର କ୍ୟାରିୟର ଇନ୍ ଡାଟାସାଇନ୍ସ ସମ୍ପର୍କିତ କର୍ମଶାଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର।

# ରୋଜଗାରକ୍ଷମ କରିବ ‘ଡାଟା ସାଇନ୍ସ’

**କଟକ ଅଫିସ,୨୦।୨**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଆଇଏମ୍ଆଇଟି)ଠାରେ ଗୁରୁବାର କ୍ୟାରିୟର ଇନ୍ ଡାଟାସାଇନ୍ସ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ପାଢୀ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଡାଟା ବୈଜ୍ଞାନିକ ଇଂ. ପ୍ରଭାତ ରଞ୍ଜନ ଜେନା ଏଥିରେ ବକ୍ତା ଭାବେ ଯୋଗଦେଇ କହିଥିଲେ, ସମ୍ପ୍ରତି ବିଶ୍ୱରେ ଉତ୍ପାଦିତ ଦ୍ରବ୍ୟ ବା ସେବାଗୁଡିକୁ ଠିକ୍ ଭାବେ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଉତ୍ତମ ମାର୍କେଟିଂର ଆବଶ୍ୟକତା ରହିଛି। ଏବେ ମାର୍କେଟିଂ କ୍ଷେତ୍ରରେ ସର୍ବାଧିକ ଚାହିଦାରେ ରହିଛି ଡିଜିଟାଲ୍ ମାର୍କେଟିଂ। ଡିଜିଟାଲ ମାର୍କେଟିଂ ମାଧ୍ୟମରେ ଠିକ୍ ଭାବରେ ଲୋକଙ୍କ ପାଖରେ ସୂଚନା ପହଞ୍ଚି ଯାଉଛି। ଏହା ପଛରେ ରହିଥାଏ ‘ଡାଟା ସାଇନ୍ସ’ର ପ୍ରମୁଖ ଭୂମିକା । ସେହିପରି ଲୋକଙ୍କ ନିକଟରେ ସରକାରୀ, ବେସରକାରୀ ସେବା ପହଞ୍ଚାଇବା ଓ ଲୋମାନଙ୍କର ତଥ୍ୟ ହାସଲ ପାଇଁ ଡାଟା ସାଇନ୍ସ ଆଜିର ଦୁନିଆରେ ବହୁଳ ବ୍ୟବହାର ହୋଇଥାଏ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ଡାଟା ସାଇନ୍ସ ପ୍ରମୁଖ ଭୂମିକା ନିର୍ବାହ କରିଛି। ଭାରତ ବିଶ୍ୱରେ ଉତ୍ତମ ସେବା ପ୍ରଦାନୀକାରୀ ରାଷ୍ଟ୍ର । ବିଶ୍ୱର କୋଣନୁକୋଣରେ ଡାଟା ହାସଲ ପାଇଁ ସମସ୍ତେ ଭାରତ ଉପରେ ନିର୍ଭର କରିଥାନ୍ତି। ଡାଟା ସାଇନ୍ସକୁ ନେଇ କ୍ୟାରିୟର କରିବାକୁ ଚାହିଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆଗମୀଦିନରେ ଅନେକ ପ୍ରକାର ରୋଜଗାର ସୁଯୋଗ ରହିଛି। ଭାରତର ଅନେକ ଯୁବତୀଯୁବକ ଡାଟା ସାଇନ୍ସ ଜରିଆରେ କ୍ୟାରିୟର ଗଠନ କରିପାରିବେ ବୋଲି ସେ କହିଥିଲେ। ଏହି କର୍ମଶାଳାରେ ବିଭାଗୀୟ ମୁଖ୍ୟ (ଏମ୍‌ବିଏ) ସୁଭେନ୍ଦ୍ର କୁମାର ଜୟସିଂହ, ବିଭାଗୀୟ ମୁଖ୍ୟ (ଏମ୍‌ସିଏ) ଅକ୍ଷୟ କୁମାର ଦାସ, ଅଧ୍ୟାପକ ଚନ୍ଦ୍ରକାନ୍ତ ସାହୁ ଏବଂ ସୁଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଯୌତୁକ ନିର୍ଯାତନା: ସ୍ୱାମୀ ଗିରଫ

**କଣ୍ଟାପଡ଼ା,୨୦।୨(ଡି.ଏନ୍.ଏ.)**

ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଓଲଟପୁର ପୋଲିସ ବୁଧବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଅଡଶପୁରର ଅଶୋକ କୁମାର ସାହୁ। ପୋଲିସ ସୂଚନା ଅନୁଯାୟୀ, ୨୦୧୧ ମସିହାରେ ଅଶୋକ ଗୋବିନ୍ଦପୁର ଥାନା ଅଧୀନ ପାଟସୁନ୍ଦରପୁର ଅଞ୍ଚଳର ମଧୁସ୍ମିତା ସାହୁଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ଶାଶୁ ଘରଲୋକ ମଧୁସ୍ମିତାଙ୍କୁ ନିର୍ଯାତନା ଦେଉଥିଲେ। ମଧୁସ୍ମିତାଙ୍କ ଏକ ଛୋଟପୁଅ ଥିବାବେଳେ ନିର୍ଯାତନା ଅସହ୍ୟ ହେବାରୁ ଗତ କିଛିଦିନ ତଳେ ସେ ଘର ଛାଡି ଚାଲି ଆସିଥିଲେ। ଗତ ୧୬ତାରିଖରେ ମା’ ଘର ସଦସ୍ୟାଙ୍କ ସହାୟତାରେ ମଧୁସ୍ମିତା ଓଲଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୧୮/୨୦) ରୁଜୁକରି ତାଙ୍କ ସ୍ୱାମୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

# ରାଜନୀତି ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର

**ଚୌଦ୍ୱାର,୨୦।୨(ଡି.ଏନ୍.ଏ.)**

ଚୌଦ୍ୱାର କଲେଜର ରାଜନୀତି ବିଜ୍ଞାନ ବିଭାଗରେ ‘ଦୋଛକିରେ ଭାରତର ଗଣତନ୍ତ୍ର’ ଶୀର୍ଷକ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ଡ. ଉମେଶ ଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଅଭୟ କୁମାର ନାୟକ ଓ ଅଳକା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ.ରୁଦ୍ର ନାରାୟଣ ମିଶ୍ର ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଭାରତ ଗଣତନ୍ତ୍ରର ସ୍ଥିତି ଓ ଏହାର ପ୍ରତିକାର ବିଷୟରେ ଗବେଷଣାତ୍ମକ ଆଲୋଚନା କରିଥିଲେ। ଅଧ୍ୟାପକ ସୁମନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗର ବହୁ ଛାତ୍ରୀଛାତ୍ର ବିଷୟ ସମ୍ପର୍କିତ ସ୍ୱରଚିତ ପ୍ରବନ୍ଧମାନ ପାଠ କରିଥିଲେ। ଅଧ୍ୟାପକ ଯୁକ୍ତେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଇଂଲିଶ ଅଧ୍ୟାପକ ସୁକାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ଉଚ୍ଛବ ଚରଣ ଦାସ, କବି ବୈଦ୍ୟନାଥ ଖିଲାର, ଶିକ୍ଷାବିତ୍ ଡ. ନିରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ପ୍ରଫୁଲ୍ଲ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭାଗର +୩ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନେ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅଧ୍ୟାପକ ଦିଲୀପ ସାହୁ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

# ଜମିରେ ବିଦ୍ୟୁତ୍ ଖୁଣ୍ଟ ପୋତିବାରୁ ଗ୍ରାମବାସୀଙ୍କ ବିରୋଧ

**ଖୁଣ୍ଟୁଣୀ,୨୦।୨(ଡି.ଏନ୍.ଏ.)**

ଖମାର ନୂଆଗାଁ ଓ କୋଳଥପଙ୍ଗୀ ଗ୍ରାମ ନିକଟରେ ଥିବା ଗୋଚର ଜମିରେ ପ୍ରସ୍ତାବିତ ସିମେଣ୍ଟ କାରଖାନା ନିର୍ମାଣକୁ ନେଇ ଗ୍ରାମବାସୀ ଓ କାରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କୋଳଥପଙ୍ଗୀ ଗ୍ରାମର ୨୫ପରିବାରର ପ୍ରାୟ ୧୦ଏକର ଜମିରେ କାରଖାନା କର୍ତ୍ତୃପକ୍ଷ ବିଦ୍ୟୁତ୍ ଖୁଣ୍ଟ ପୋତିବାରୁ ମିଳିତଭାବେ ଦୁଇ ଗ୍ରାମବାସୀ ବିରୋଧ କରିଥିଲେ। ଜମିର ପଟ୍ଟା ଥିଲେ ମଧ୍ୟ ଖୁଣ୍ଟ ପୋତିବାକୁ ଗାତ ଖୋଳିଛନ୍ତି ବୋଲି କୈଳାସ ନାଏକ ଓ ମନୋରମା ନାଏକ କହିଛନ୍ତି। ସୂଚନା ଅନୁଯାୟୀ, ପ୍ରସ୍ତାବିତ ସିମେଣ୍ଟ କାରଖାନା ନିର୍ମାଣ ପାଇଁ ୯୦ ଏକର ମଧ୍ୟରୁ ୮୦ଏକର ପାଇଛନ୍ତି। ଆଉ ୧୦ଏକର ଜମି ଚିହ୍ନଟ ପାଇଁ ଇଡକୋ ଅଧିକାରୀ ଓ ଆଠଗଡ଼ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖରଙ୍କ ଉପସ୍ଥିତିରେ ମାପଚୁପ ହୋଇଥିଲା। କେତେଜଣ ଯୁବକ କୋଳଥପଙ୍ଗୀ ଗ୍ରାମର କେତେଜଣ ଗ୍ରାମବାସୀଙ୍କ ଜମିରେ ବିଦ୍ୟୁତ୍ ଖୁଣ୍ଟ ପୋତିବାକୁ ଗାତ ଖୋଳୁଥିବା ଖବରପାଇ ଦୁଇ ଗ୍ରାମର ମହିଳା, ପୁରୁଷ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଖୁଣ୍ଟୁଣୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ଜମି ପଟ୍ଟା ଦେଖିବା ପରେ ଏ ସମ୍ପର୍କରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ୨ ଦିନରେ କେହି ଦାଖଲ କଲେନି ନାମାଙ୍କନପତ୍ର

**କଟକ ସଦର,୨୦।୨(ଡି.ଏନ୍.ଏ.)**

କଟକ ଜିଲା ପରିଷଦ ୭ନଂ. ଜୋନ ଉପନିର୍ବାଚନ ପାଇଁ ଗତ ୧୯ତାରିଖଠାରୁ ସଦର କଟକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ ପାଇଁ ବ୍ୟବସ୍ଥା କରାଯାଇଛି। ଦୁଇ ଦିନ ବିତିଯାଇଥିଲେ ମଧ୍ୟ କେହି ନାମାଙ୍କନପତ୍ର ଦାଖଲ କରି ନ ଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ୨୪ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିନ ଥିବାରୁ ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀଙ୍କ ଭିଡ଼ ଜମିବ। ଭାଜପା ପକ୍ଷରୁ ନାରାୟଣ ଚନ୍ଦ୍ର ମଲ୍ଲିକଙ୍କ ନାମ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିବା ବେଳେ ବିଜେଡି ଓ କଂଗ୍ରେସର ପ୍ରାର୍ଥୀ କିଏ ହେବ ସେନେଇ ସ୍ପଷ୍ଟ ହୋଇପାରିନାହିଁ।

# ପାଣି ପଞ୍ଚାୟତ ନିର୍ବାଚନ: ମାଳବିକା ସଭାପତି, ପୁଷ୍ପାଞ୍ଜଳି ସମ୍ପାଦକ

**ନିଆଳି,୨୦।୨(ଡି.ଏନ୍.ଏ.)**

ନିଆଳି ବ୍ଲକ ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳର କସର୍ଦା ଜଳସେଚନ କାର୍ଯ୍ୟାଳୟରେ ୧୯ନଂ. ପାଣି ପଞ୍ଚାୟତ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ମାଳବିକା ଦାସ ସଭାପତି ଓ ପୁଷ୍ପାଞ୍ଜଳିବିଶ୍ୱାଳ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ କବିତା ପଟ୍ଟନାୟକ କୋଷାଧ୍ୟକ୍ଷ ଭାବେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ କଣ୍ଟାପଡା ଜଳସେଚନ ଉପଖଣ୍ଡ ସହକାରୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ ବାହିନୀପତି, କନିଷ୍ଠ ଯନ୍ତ୍ରୀ ବିଜୟ ମିଶ୍ର, ସୁଧାକର ମଲ୍ଲିକ, ନିରୋଜ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମେମ୍ବରଙ୍କ ପକ୍ଷରୁ ନିର୍ବାଚିତ ପ୍ରତିନିଧିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାଣି ପଞ୍ଚାୟତର ସଦସ୍ୟ ଅକ୍ଷୟ ସ୍ୱାଇଁ, ପ୍ରେମାନନ୍ଦ ବିଶ୍ୱାଳ, ରାଜଲକ୍ଷ୍ମୀ କାନୁନ୍‌ଗୋ, ଜଗବନ୍ଧୁ ନାୟକ, ଅଶୋକ ସ୍ୱାଇଁ, ଶର୍ମିଷ୍ଠା ଚୌଧୁରୀ, ସୁବୋଧ ମହାପାତ୍ର, ବିନୋଦ ମହାପାତ୍ର, ଅଭିଷେକ ପଟ୍ଟନାୟକ, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ଜଳସେଚନ କର୍ମଚାରୀ ମୃତ

**ନିଶ୍ଚିନ୍ତକୋଇଲି/ନେମାଳ, ୨୦।୨(ସ୍ୱ.ପ୍ର./ଡି.ଏନ୍.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅନ୍ତର୍ଗତ ଲେଣ୍ଡୁରା ଭଗବାନପୁର ଗ୍ରାମ ନିକଟରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଜଳସେଚନ ବିଭାଗର କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନେମାଳ ଥାନା ଅନ୍ତର୍ଗତ ଓରିକଣ୍ଟା ନଦୀବନ୍ଧ ସେକ୍ସନ୍ କର୍ମଚାରୀ ସୁରେନ୍ଦ୍ରନାଥ ଆଚାର୍ଯ୍ୟ। ତାଙ୍କ ଘର କେନ୍ଦ୍ରାପଡା ଜିଲା ପାଟକୁରା ଥାନା ମଧୁଶାସନ ଗ୍ରାମରେ। ସେ ଚିତ୍ରୋତ୍ପଳା ନଦୀର ଦକ୍ଷିଣପାର୍ଶ୍ୱରେ ବନ୍ଧ ମାପୁଥିଲେ। ସେ ଷ୍ଟାପ(ଷ୍ଟିଲରେ ନିର୍ମିତ ଉଚ୍ଚତା ମାପ ଯନ୍ତ୍ର) ସାହାଯ୍ୟରେ ପାଣିର ଲେଭୁଲ ମାପୁଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ଫଳରେ ଷ୍ଟାପ ଚାର୍ଜ ହୋଇଯିବାରୁ ସୁରେନ୍ଦ୍ର ଗୁରୁତର ହୋଇଥିଲେ। ଏହା ସହ ହରେକୃଷ୍ଣ ସେଠୀ ମଧ୍ୟ ଆହତ ହୋଇଥିଲେ। ସୁରେନ୍ଦ୍ରଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସୁରେନ୍ଦ୍ରଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ସେଠାରେ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ଏପରିକି ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡି ନ ଥିଲେ। ଖବରପାଇ ଘଟଣାସ୍ଥଳରେ ବିଭାଗୀୟ ସହକାରୀ ଯନ୍ତ୍ରୀ ମହେନ୍ଦ୍ର ସାହୁ , ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ମହାନ୍ତି, କେନ୍ଦୁପାଟଣା ଜଳସେଚନ ବିଭାଗ ଯନ୍ତ୍ରୀ ଅଜୟ ବେହେରା ପହଞ୍ଚିଥିଲେ। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ମହେନ୍ଦ୍ର ସାହୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ନେମାଳ ଥାନାରେ ମାମଲା (ନଂ.୨୩/୨୦) ରୁଜୁ ହୋଇଥିଲା। ଉଦ୍ୟୋକ୍ତ ଲୋକଙ୍କୁ ବୁଝାଶୁଝା କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଯାଇଥିଲା। ବିଦୁତ୍ ବିଭାଗ ଓ ଜଳସେଚନ ବିଭାଗର ଅସାବଧାନତା ଯୋଗୁ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଛି ବୋଲି ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି।ନଦୁର୍ଘଟଣା ସମ୍ପର୍କରେ ନିଶ୍ଚିନ୍ତକୋଇଲି ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ମାନସ ମହାନ୍ତି କୁହନ୍ତି, ବ୍ୟବଚ୍ଛେଦ ପରେ ସତ୍ୟତା ଜଣାପଡିବ।

**ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**



# ସିଡିଏବାସୀଙ୍କୁ ମିଳୁନି ଜମିର ମାଲିକାନା

**କଟକ ଅଫିସ, ୨୦।୨**

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ମର୍କତନଗରରେ ଆବଣ୍ଟିତ ହୋଇଥିବା ଜମିଗୁଡିକର ମାଲିକାନାକୁ ନେଇ ଅଞ୍ଚଳବାସୀଙ୍କ ସଂଘର୍ଷ ଜାରି ରହିଛି। ବର୍ତ୍ତମାନ ଜମିଗୁଡ଼ିକ ଲିଜ୍ ହୋଲ୍ଡରେ ରହିଛି। ଜମିର ସମ୍ପୂର୍ଣ୍ଣ ମାଲିକାନା ସ୍ୱତ ସେମାନଙ୍କ ପାଖରେ ନ ଥିବା ଯୋଗୁ ସରକାରୀ କାର୍ଯ୍ୟରେ ଜମିର ଦସ୍ତାବିଜ ବ୍ୟବହାର ହୋଇପାରୁନି। ଏଣୁ ମର୍କତନଗରରେ ଆବଣ୍ଟିତ ଜମିଗୁଡିକୁ ଲିଜ୍ ହୋଲ୍ଡରୁ ଫ୍ରି ହୋଲ୍ଡକୁ ପରିଣତ କରିବା ପାଇଁ ସିଡିଏ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବରୁ ଏନେଇ ସେମାନେ ଅନେକଥର ଦାବି କରିଥିଲେ ମଧ୍ୟ ସୁଫଳ ମିଳି ନ ଥିବାରୁ ସେମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ମର୍କତନଗରର ସମସ୍ତ ଜମିକୁ ବିଡିଏ ଏବଂ ମହାନଦୀ ବିହାର ଭଳି ଫ୍ରି ହୋଲ୍ଡ କରିବା ପାଇଁ ସିଡିଏ ଚେୟାରମ୍ୟାନଙ୍କ ସୁପାରିସ ପତ୍ର ରାଜ୍ୟ ସରକାରଙ୍କ ପାଖରେ ଦୀର୍ଘଦିନ ହେବ ପଡିରହିଛି। ହେଲେ ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ନ ଦେଉନାହାନ୍ତି। ଫଳରେ ସିଡିଏବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପିଲାମାନେ ଉଚ୍ଚଶିକ୍ଷା ଏବଂ ଚାକିରି ପାଇଁ ଆବଶ୍ୟକ କରୁଥିବା ଆବାସିକ ପ୍ରମାଣପତ୍ର ଦାଖଲ କରିପାରୁନାହାନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା କିମ୍ବା ବ୍ୟବସାୟ ପାଇଁ ଉକ୍ତ ଜମି ଉପରେ ଋଣ ମିଳୁନି। ଫଳରେ ସେମାନେ ହଇରାଣ ହେଉଛନ୍ତି। ଏପଟେ ମର୍କତନଗରରେ ଲୋକଙ୍କ ଦୁଃଖ ସରି ନ ଥିବାବେଳେ ସରକାର ସ୍ମାର୍ଟ କଟକ ଯୋଜନା ଅନୁଯାୟୀ ହାଡ଼ିଆପଠାଠାରେ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି। ବିକାଶମୂଳକ କାର୍ଯ୍ୟକୁ ଅଞ୍ଚଳବାସୀ ସ୍ୱାଗତ କରୁଥିଲେ ମଧ୍ୟ ସବୁ ଅଧିକୃତ ହେବାକୁ ଥିବା ଜମିକୁ ମୂଳରୁ ଫ୍ରି ହୋଲ୍ଡ କରିବା ଏବଂ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ଗାଇଡଲାଇନ ମାନି ଅଗ୍ରସର ହେବାକୁ ଓଡ଼ିଶା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ୪ଦଫା ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ ସାମଲଙ୍କ ଜରିଆରେ ପ୍ରଦାନ କରାଯାଇଛି।




ଓଡ଼ିଶା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**ଆର୍‌ଡିସିଙ୍କୁ ସ୍ମାରକପତ୍ର**

ଏଥିସହ ମଞ୍ଚ ପକ୍ଷରୁ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅନ୍ୟପକ୍ଷରେ ସର୍ବକ୍ଷମା ଯୋଜନାର ଶୁକ୍ରବାର ଶେଷ ତାରିଖ ଥିଲେ ସୁଦ୍ଧା ସିଡିଏ କର୍ତ୍ତୃପକ୍ଷ ଲୋକଙ୍କୁ ଅବଗତ କରିବାରେ ବିଫଳ ହୋଇଥିବାରୁ ଅନେକ ଲୋକ ଏ ବାବଦରେ ଜାଣି ନ ଥିବା କହିଛନ୍ତି। ତେଣୁ ସର୍ବକ୍ଷମା ଯୋଜନାର ଅବଧି ଆଉ କିଛିଦିନ ବଢେଇବାକୁ ନିବେଦନ କରାଯାଇଛି। ତୁରନ୍ତ ଦାବିଗୁଡ଼ିକ ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ଆର୍‌ଡିସି ସାମଲ ପ୍ରତିଶ୍ରୁତି ଦେଇଥିଲେ। ଏହି ସ୍ମାରକପତ୍ର ପ୍ରଦାନବେଳେ ମଞ୍ଚର ସଭାପତି ସାରଦା ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ରାଉତ, ସମ୍ପାଦକ ସାର୍ଥକ ରାୟ, ଆବାହକ ଦେବାଶିଷ ଘୋଷ, ଉପଦେଷ୍ଟା ଦୟାନିଧି ଲେଙ୍କା, ରାକେଶ ସାହୁ, ବିନୋଦ ଗୋଏଙ୍କା, କାଳନ୍ଦୀ ମାଳିଆ, ତୁଷାର ଭୂୟାଁ ଓ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବ ନାହିଁ।

–ଲେନିନ୍



## ସଂକ୍ଷେପରେ

### ବୌଦ୍ଧିକ ସମ୍ପଦ ଅଧିକାର ଉପରେ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୦।୨(ବ୍ୟୁରୋ): ବିଜ୍ଞାନ ଓ କାରିଗରି ବିଭାଗ ଅଧୀନ ରାଜ୍ୟ ବିଜ୍ଞାନ ଓ କାରିଗରି ପରିଷଦ ପକ୍ଷରୁ ଗୁରୁବାର ବୌଦ୍ଧିକ ସମ୍ପଦ ଅଧିକାର ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧିକ ସମ୍ପଦ ଅଧିକାର କ୍ଷେତ୍ରରେ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିବାବେଳେ ଭବିଷ୍ୟତରେ ରାଜ୍ୟ ବଜେଟରେ ଏଥିପାଇଁ ଅର୍ଥ ବରାଦ କରିବାକୁ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଓଡ଼ିଶା ବିଜ୍ଞାନ ଏକାଡେମୀରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ପେଟେଣ୍ଟ, ଟ୍ରେଡ୍ ମାର୍କ, କପି ରାଇଟ୍ ଇତ୍ୟାଦିର ପଞ୍ଜୀକରଣ ବାବଦରେ ଆଲୋଚନା ହୋଇଥିଲା। ବିଭାଗ ପକ୍ଷରୁ ୨୦୧୫ରୁ ପେଟେଣ୍ଟ ତଥ୍ୟ କେନ୍ଦ୍ର (ପେଟେଣ୍ଟ ଇନ୍‌ଫର୍ମେଶନ୍ ସେଣ୍ଟର) କାର୍ଯ୍ୟ କରୁଛି ଓ ଏଯାବତ୍ ଏହି କେନ୍ଦ୍ର ୨୪ଟି ପ୍ରସଙ୍ଗ ଉପରେ ପେଟେଣ୍ଟ ଅଧିକାର ପ୍ରାପ୍ତି ପାଇଁ ସୁପାରିସ କରିଛି। ଓଡ଼ିଶା ରସଗୋଲାକୁ ଜି.ଆଇ. ମାନ୍ୟତା ମିଳିବା ପଛରେ ପେଟେଣ୍ଟ ତଥ୍ୟ କେନ୍ଦ୍ରର ଅବଦାନ ରହିଛି। ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠାନରୁ ଭାରପ୍ରାପ୍ତ ଅଧିକାରୀ, ରିସର୍ଚ୍ଚ ସ୍କଲାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ଯୁଗ୍ମ ଶାସନ ସଚିବ ଦେବବ୍ରତ ଜେନା ପ୍ରଥମ ଅଧିବେଶନରେ ପୌରୋହିତ୍ୟ କରିଥିବାବେଳେ ପଦାଧିକାରୀ ଦିଲୀପ କୁମାର ସାହୁ, ବରିଷ୍ଠ ବୈଜ୍ଞାନିକ ଭଗତ ମହାନ୍ତି, ପ୍ରକଳ୍ପ ବୈଜ୍ଞାନିକ ସୁଶାନ୍ତ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଲିପିକା ସାହୁ (ବେଙ୍ଗାଲୁରୁ) ଏବଂ ଟି. ପବନ କୁମାର (ଭୁବନେଶ୍ୱର) ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ମୃତ୍ୟୁ ପୂର୍ବରୁ କୃତ୍ତିକାଙ୍କ ଦେହରେ ଥିଲା ବିଷ

**ଆପାର୍ଟମେଣ୍ଟରୁ ଖସି ଛାତ୍ରୀ ମୃତ୍ୟୁ ଘଟଣା**

■ବ୍ୟବଚ୍ଛେଦ ରିପୋର୍ଟରେ ରହିଛି ଚାଞ୍ଚଲ୍ୟକର ତଥ୍ୟ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ବଡଗଡ ଥାନା ଅନ୍ତର୍ଗତ ବିଜେବିନଗରସ୍ଥିତ ଏକ ଆପାର୍ଟମେଣ୍ଟର ଚତୁର୍ଥ ମହଲାରୁ ଖସି ଅଷ୍ଟମଶ୍ରେଣୀ ଛାତ୍ରୀ କୃତ୍ତିକା ମିଶ୍ରଙ୍କ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଓ ମୁଣ୍ଡରେ ରହିଥିବା କିଛି ଲେଖାକୁ ନେଇ ପୂରା ଘଟଣା ରହସ୍ୟମୟ ହୋଇପଡିଥିଲା। ଇତିମଧ୍ୟରେ କୃତ୍ତିକାଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ଉକ୍ତ ରିପୋର୍ଟରେ ଏକ ଚାଞ୍ଚଲ୍ୟକର ତଥ୍ୟ ଆଉ ଏକ ରହସ୍ୟ ସୃଷ୍ଟି କରିଛି। ଆପାର୍ଟମେଣ୍ଟରୁ ଡେଇଁବା ପୂର୍ବରୁ କୃତ୍ତିକାଙ୍କ ଦେହରେ ବିଷାକ୍ତ ପ୍ରଦାର୍ଥ ରହିଥିଲା। ଯାହାକୁ ନେଇ ଏବେ ନାନା ପ୍ରଶ୍ନ ଉଠୁଛି। କୃତ୍ତିକା କ'ଣ ଆତ୍ମହତ୍ୟା କରିବା ପାଇଁ ଏକ ପ୍ରକାର ନିଷ୍ପତ୍ତି ନେଇଥିଲେ। ଯଦି ନେଇଥିଲେ ତେବେ ସେ ବିଷପିଇ ଆତ୍ମହତ୍ୟା ନ କରି କାହିଁକି ୪ ମହଲାରୁ ଡେଇଁ ମୃତ୍ୟୁକୁ ଆପଣାଇଥିଲେ? ନା କେହି ତାଙ୍କୁ ଯୋଜନାବଦ୍ଧ ଭାବେ ବିଷ ପିଆଇ ଆପାର୍ଟମେଣ୍ଟରୁ ତଳକୁ ଠେଲି ଦେଇଛନ୍ତି? ଏଭଳି ଅନେକ ପ୍ରଶ୍ନକୁ ନେଇ ପୋଲିସ ନୂଆ କିଛି ଖୁଲାସା କରିବାକୁ ଲାଗିପଡିଛି। ତେବେ ବିଷ ସମ୍ପର୍କରେ ଅଧିକ ଜାଣିବା ପାଇଁ ଭିସେରା ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ତେଣୁ ପୋଲିସ ବିଭିନ୍ନ ଦିଗକୁ ନେଇ ପଚରାଉଚରା କରୁଛି। ପୋଲିସ କୃତ୍ତିକାଙ୍କ ସ୍କୁଲକୁ ଯାଇ ସାଙ୍ଗମାନଙ୍କୁ ପଚରାଉଚରା କରିବ ବୋଲି ଜଣାପଡିଛି।

ସବୁଠୁ ବଡ଼ କଥା ହେଲା ମୃତ୍ୟୁ ପୂର୍ବରୁ କୃତ୍ତିକା ଇନ୍‌ଷ୍ଟାଗ୍ରାମରେ ଯେଉଁ ପୋଷ୍ଟ କରିଥିଲେ ତାହା ମୃତ୍ୟୁ ପଛରେ ଅନେକ ଦିଗକୁ ଇସାରା କରୁଥିଲା। କୃତ୍ତିକା ସେଥିରେ ଲେଖିଥିଲେ ଯେ, ବାଏ ବାଏ ପିପୁଲ, ଅର୍ଥାତ ସମସ୍ତଙ୍କୁ ବିଦାୟ। ତାଙ୍କ ସହ ଚାର୍ଟ କରୁଥିବା ଜଣେ ସାଙ୍ଗ ପଚାରିଥିଲେ – କୁଆଡେ ଯାଉଛ? କୃତ୍ତିକା ଲେଖିଥଲେ– ନର୍କ ନ ହେଲେ ସ୍ୱର୍ଗ। ପୁଣି ସାଙ୍ଗ ଜଣକ ପଚାରିଥିଲେ ମୋତେ ବି ସାଙ୍ଗରେ ନେଇଯାଆ। କୃତ୍ତିକା ଉତ୍ତର ଦେଇଥିଲେ–ତମକୁ ସାଙ୍ଗରେ ନେବି ନା ନାହିଁ କାଲି ତୁମେ ନିଶ୍ଚିତ ହୋଇଯିବ। ପରଦିନ ରବିବାର ଆସିଲା କୃତ୍ତିକାଙ୍କ ମୃତ୍ୟୁ ଖବର। ଅନ୍ୟପକ୍ଷରେ କୃତ୍ତିକାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟକୁ ନେଇ ପୋଲିସ ଅନ୍ଧାରରେ ପଡିଥିବାବେଳେ ଏବେ ପୋଷ୍ଟମର୍ଟମ ରିପୋର୍ଟ ମାମଲାକୁ ଅଧିକ ଜଟିଳ କରି ଦେଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧରି ମାଇଲେ ଯେ**
**ବାନ୍ଧି ମାଇଲେ ସେ ।**

ବ୍ୟକ୍ତିକୁ ଧରିକି ମାରିବା ଯାହା ବାନ୍ଧିକି ମାରିବା ତାହା। ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ଧରିକି ହେଉ କିମ୍ବା ବାନ୍ଧିକି ହେଉ ଯେକୌଣସି ପ୍ରକାରେ ଆଘାତ ଦେବା ପ୍ରକାରାନ୍ତରେ ଏକାକଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାଇଁ ନ ପାରଇ ପାଇକ ଆଗେ**
**ଟାଣ କରୁଥାଇ ମାଇପ ଆଗେ ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ତଥା ଘର ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି। ତୁଚ୍ଛା ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ମୁହଁ ଫିଟାଇ କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଦୁର୍ବଳ ବ୍ୟକ୍ତି ନିଜ ଘରେ ଟାଣପଣ ଦେଖାଇବା ଭଳି ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

# କ୍ୟାପିଟାଲ ହସ୍ପିଟାଲ ସମ୍ପ୍ରସାରଣ ପାଇଁ ବୈଠକ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ରାଜଧାନୀରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଫଳରେ ଦିନକୁ ଦିନ କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଉଟ୍‌ଡୋର୍ ରୋଗୀଙ୍କ ସଂଖ୍ୟା ଦୃଷ୍ଟିରୁ ରାଜ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରେ କ୍ୟାପିଟାଲ ହସ୍ପିଟାଲ ଦ୍ୱିତୀୟରେ ରହିଛି। ଏଠାକୁ ପ୍ରତିଦିନ ୩୫୦୦ରୁ ଅଧିକ ରୋଗୀ ଚିକିତ୍ସା ସେବା ପାଇଁ ଆସିଥାନ୍ତି। ସେଥିପାଇଁ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲର ସମ୍ପ୍ରସାରଣ ଓ ଉନ୍ନତୀକରଣ ନିହାତି ଆବଶ୍ୟକ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ୟାପିଟାଲ ହସ୍ପିଟାଲ ବିଲ୍‌ଡିଂର ପରିସର ବୃଦ୍ଧି ସହ ଅତ୍ୟାଧୁନିକ ଯନ୍ତ୍ରପାତି ସ୍ଥାପନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଏଥିସହିତ ହସ୍ପିଟାଲର କାର୍ଡିଆକ୍ କେୟାର ୟୁନିଟ୍‌କୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ଗଢ଼ିତୋଳିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦିଗରେ ଆଲୋଚନା ହୋଇଥିଲା। କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ରୋଗୀ କିପରି ଉପଯୁକ୍ତ ଚିକିତ୍ସା ସେବା ପାଇପାରିବେ ସେ ଦିଗରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ, ଡିଏମ୍‌ଇଟି ପ୍ରଫେସର ଡା. ସିବିକେ ମହାନ୍ତି, ବିଶିଷ୍ଟ କାର୍ଡିଓଲୋଜିଷ୍ଟ ଡା. ପି.କେ. ଦାସ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।



ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଅଧିକାରୀମାନେ।

# ୩୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଦମ୍ପତି ଗିରଫ

ବାରଙ୍ଗ,୨୦।୨(ଡି.ଏନ.ଏ.)

ନନ୍ଦନକାନନ ଥାନା ପୋଲିସ ଗୁରୁବାର ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଏକ ଦମ୍ପତିଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଦାସାହି ଗ୍ରାମର ରମେଶ ଚନ୍ଦ୍ରବେଉରା ଓ ତାଙ୍କ ସ୍ତ୍ରୀ ସୁକାନ୍ତି। ପୋଲିସ ତାଙ୍କଠାରୁ ୩୨୦ ବ୍ରାଉନସୁଗାର ସହ ନଂ.ଓଡି୩୩କେ–୦୨୨୯ ବିଶିଷ୍ଟ ଏକ ବାଇକ୍, ୩ ମୋବାଇଲ ଫୋନ ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩୨ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ନନ୍ଦନକାନନ ଥାନା ଏସଆଇ ନବଘନ ମଲ୍ଲିକ ପାଟ୍ରୋଲିଂ କରୁଥିବାବେଳେ ପଦାସାହି ଗ୍ରାମମୁଣ୍ଡ ରେଳଧାରଣା କଡ଼ରେ ରମେଶ ଓ ତାଙ୍କ ସ୍ତ୍ରୀ ଛିଡା ହୋଇଥିବାର ଦେଖିବାକୁ ପାଇଥିଲେ। ସନ୍ଦେହରେ ପୋଲିସ କିଛି ସମୟ ସେଠାରୁ କିଛିଦୂରରେ ରହି ଜଗିଥିଲେ। କିଛି ସମୟ ପରେ ଏକ ବାଇକରେ ଦୁଇଜଣ ଯୁବକ ଆସି ସେମାନଙ୍କଠାରୁ ବ୍ରାଉନସୁଗାର କିଣି ନେଇ ଯାଉଥିବାବେଳେ ପୋଲିସ ଚଢ଼ାଉ କରିଥିଲେ। କିନ୍ତୁ କୌଶଳକ୍ରମେ ଯୁବକଦ୍ୱୟ ଫେରାର ହୋଇଯାଇଥିବାବେଳେ ସ୍ୱାମୀ ସ୍ତ୍ରୀ ଧରାପଡିଯାଇଥିଲେ। ଏ ନେଇ ପୋଲିସ ନଂ.୧୩/୨୦ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ପରୀକ୍ଷା କେନ୍ଦ୍ରରେ ଭଙ୍ଗାଯାଉଛି ସିସିଟିଭି

■ଡିଇଓଙ୍କୁ ବୋର୍ଡ ପରୀକ୍ଷା ନିୟନ୍ତ୍ରକଙ୍କ ନୋଟିସ୍

■ସ୍କୁଲ କର୍ତ୍ତୃପକ୍ଷ ଦେବେ କ୍ଷତିପୂରଣ ଅର୍ଥ

■ସିସିଟିଭି ସୁଇଚ୍ ବନ୍ଦ ନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଲଗାଯାଇଥିବା ସିସିଟିଭିକୁ ଜାଣିଶୁଣି ଭଙ୍ଗାଯାଉଛି। ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତିକୁ ରୋକିବାକୁ ତଥା ସିସିଟିଭିର ସୁରକ୍ଷା ଲାଗି ବୋର୍ଡ ପରୀକ୍ଷା ନିୟନ୍ତ୍ରକ ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ନୋଟିସ ଜାରି କରିଛନ୍ତି। ଏଭଳି ଘଟଣା ଆଉ ଘଟିଲେ ସ୍କୁଲ କର୍ତ୍ତୃପକ୍ଷ ଦାୟୀ ରହିବେ। କେବଳ ଦାୟୀ ନୁହେଁ, ସିସିଟିଭି ନଷ୍ଟ ହୋଇଥିବା ଉପକରଣର ସମସ୍ତ ଅର୍ଥ କ୍ଷତିପୂରଣ ଆକାରରେ ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ଆଦାୟ କରାଯିବ। ଯେକୌଣସି ମତେ ସିସିଟିଭିର ସୁଇଚ୍ ବନ୍ଦ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ପରୀକ୍ଷାର୍ଥୀ ଯଦି ଏ ଘଟଣାରେ ସମ୍ପୃକ୍ତ ଥାଆନ୍ତି, ତେବେ ସେମାନଙ୍କ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ କରାଯିବ ନାହିଁ। ମାଟ୍ରିକ ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ବୋର୍ଡ ପକ୍ଷରୁ ଚାରିସ୍ତରୀୟ ସ୍କାଡ୍ ବ୍ୟବସ୍ଥା କରାଯାଇଛି। ଉତ୍ତେଜନା ପ୍ରବଣ କେନ୍ଦ୍ରଗୁଡ଼ିକରେ ଅଧିକ ପୋଲିସ ମୁତୟନ ସହ ପରୀକ୍ଷା କେନ୍ଦ୍ର ଚାରିପାଖରେ ଲୋକଙ୍କ ଭିଡ଼ ରୋକିବା ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୧୦୦୦ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ତେବେ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଜାଣିଶୁଣି ସିସିଟିଭି ଭଙ୍ଗାଯାଇଥିବା ଦେଖିବାକୁ ମିଳିଛି।

# ୫୪ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୨୦।୨(ବ୍ୟୁରେ)

ରାଜଧାନୀରେ ବ୍ରାଉନସୁଗାର କାରବାରରେ ରୋକ ଲଗାଇବା ନେଇ କମିଶନରେଟ ପୋଲିସର ସ୍ପେଶାଲ ଡ୍ରାଇଭ ଜାରି ରହିଛି। ବୁଧବାର କମିଶନରେଟ ପୋଲିସର ଡ୍ରଗ ଟାସ୍କ ଫୋର୍ସ (ଡିଟିଏଫ୍) ଏବଂ ତମାଣ୍ଡୋ ପୋଲିସ ମିଳିତ ଭାବେ କଳିଙ୍ଗ ନଗରରେ ଚଢ଼ାଉ କରି ବ୍ରାଉନସୁଗାର ବେପାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋସ୍ଥିତ ଟାଙ୍ଗୀ ସାହି ଅଞ୍ଚଳର ଦୀପକ କୁମାର ବଳ ଓରଫ ହାପି ଓ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଦୀପକ ନାଥ ଓରଫ ଟୁନା। ଏଥିସହ ପୋଲିସ ସେମାନଙ୍କ ନିକଟରୁ ୫୪ ଗ୍ରାମ ବ୍ରାଉନସୁଗାର ସମେତ ୧୨ହଜାର ଟଙ୍କା ଓ ମୋବଇଲ ଜବତ କରିଛି। ଏ ନେଇ ତମାଣ୍ଡୋ ପୋଲିସ ନଂ.୯/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଟୁନା ଓ ହାପି ମିଶି ରାଜଧାନୀର ବିଭିନ୍ନ ଅଞ୍ଚଳରେ ବ୍ରାଉନସୁଗାର ବେପାର କରୁଥିଲେ। ଟୁନା ବାଲେଶ୍ୱରରୁ ବାଇକ୍, କାର୍, ବସ୍ ଓ ଟ୍ରେନ ସହାୟତାରେ ରାଜଧାନୀରେ ବ୍ରାଉନସୁଗାର ପହଞ୍ଚାଇବା ପରେ ହାପି ଛୋଟ ବେପାରୀମାନଙ୍କୁ ଯୋଗାଉଥିଲା। ୨ଅଭିଯୁକ୍ତ କଳିଙ୍ଗ ବିହାର ଅଞ୍ଚଳରେ ବ୍ରାଉନସୁଗାର ଡିଲ କରିବା ନେଇ ବିଶେଷ ସୂତ୍ରରୁ ତମାଣ୍ଡୋ ପୋଲିସ ଜାଣିପାରିଥିଲା। ଗୁରୁବାର ସକାଳ ସାଢେ ୯ଟା ବେଳକୁ ୨ ଅଭିଯୁକ୍ତ କଳିଙ୍ଗ ବିହାରସ୍ଥିତ ହୋଟେଲ ଆର୍ଯ୍ୟ ପ୍ୟାଲେସ ନିକଟରେ ଡିଲ ପାଇଁ ପହଞ୍ଚିବା ପରେ ଉଭୟ ଟିମ ଚଢାଉ କରି ଧରିଥିଲେ। କାରବାରରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପଚରାଉଚରା ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।


## CLASSIFIED DISPLAY

**ALL EDITION - B/W (Everyday)**

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

For Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
▶ ବିଜିନେସ୍ ଋଣ
▶ ସମ୍ପତ୍ତି ଋଣ
▶ ମାର୍କଶିଟ୍ ଋଣ
▶ ଆଧାର କାର୍ଡ ଋଣ
▶ ବ୍ୟକ୍ତିଗତ ଋଣ
▶ ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ASTROLOGY

BUSINESS

ଗୁରୁ ସାହିଦ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ହିନ୍ଦୁସ୍ତାନ ଟାୱାର
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7042350747
8929313996

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ–60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ– କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ) ।
ମୋ. 9411277198


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବୃଦ୍ଧା, ବାଳିକା ଓ ଯୁବତୀ ସ୍ତ୍ରୀଙ୍କୁ ଦେଖି ସେମାନଙ୍କୁ ମାତା, କନ୍ୟା ଓ ଭଗ୍ନୀ ରୂପରେ ଚିନ୍ତା କରିବା ହେଉଛି ସର୍ବଶ୍ରେଷ୍ଠ ବ୍ରହ୍ମଚର୍ଯ୍ୟ, ଯାହାକୁ ତିନିଲୋକରେ ପୂଜ୍ୟ ଅଟେ।
-ଭଗବାନ ବୁଦ୍ଧ



## ସଂକ୍ଷେପରେ

### ବାଇକ ଦୁର୍ଘଟଣା:ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଟାଙ୍ଗୀ (ଖୋର୍ଦ୍ଧା), ୨୦।୨ (ଡି.ଏନ.ଏ.)- କୁହୁଡି ବସଷ୍ଟାଣ୍ଡ ନିକଟରେ ଏକ ଅଟୋ ସହ ବାଇକ ଧକ୍କା ହେବା ଫଳରେ ଭୁବନେଶ୍ୱରରୁ ଗଞ୍ଜାମ ଅଭିମୁଖେ ଯାଉଥିବା ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗଞ୍ଜାମ ଜିଲା ସେରଗଡ ଥାନା କୁମାରପାଣି ଗ୍ରାମର ରାଜେନ୍ଦ୍ର। ସେ ତାଙ୍କ ସ୍ତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ନିଜ ଗ୍ରାମକୁ ଫେରୁଥିବାବେଳେ କୁହୁଡିଠାରେ ଆଗରେ ଯାଉଥିବା ଅଟୋରିକ୍ସା ହଠାତ ବ୍ରେକ୍ ମାରିଦେବାରୁ ବାଇକ ଅଟୋର ପଛପାର୍ଶ୍ୱକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କୁହୁଡି ଫାଣ୍ଡି କର୍ମଚାରୀମାନେ ପହଞ୍ଚି ସ୍ୱାମୀ ସ୍ତ୍ରୀ ଦ୍ୱୟଙ୍କୁ ଟାଙ୍ଗୀ ସରକାରୀ ଡାକ୍ତରଖାନରେ ଭର୍ତ୍ତି କରିଥିଲେ । ଡାକ୍ତର ବାଇକ ଆରୋହୀ ରାଜେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ । କୁହୁଡି ଫାଣ୍ଡି ଗାଡି ଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି ।

### ଡିଆ ପଞ୍ଚାୟତରେ ହାତୀ ଆତଙ୍କ

ନିରାକାରପୁର,୨୦।୨(ଡି.ଏନ.ଏ.)- ଖୋର୍ଦ୍ଧା ଜିଲା ଟାଙ୍ଗୀ ବନବିଭାଗ ଅଧୀନ ଡିଆ ପଞ୍ଚାୟତରେ ଗୁରୁବାର ରାତି ସାଢେ ୮ଟାରେ ଦୁଇଟି ହାତୀ ନିରାକାରପୁର ଷ୍ଟେଶନ ରେଳଧାରଣା ଅତିକ୍ରମ କରି ଡିଆ ପଞ୍ଚାୟତରେ ପଶିଥିବା ଲୋକେ ଦେଖିବାକୁ ପାଇଛନ୍ତି। ଫଳରେ ଆତଙ୍କ ଖେଳିଯିବା ସହ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଡିଆଠାରେ ଥିବା ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀକପିଳେଶ୍ୱର ଦେବଙ୍କ ଯଜ୍ଞ ଚାଲୁଥିବାରୁ ଗ୍ରାମବାସୀ ସପରିବାର ଯଜ୍ଞ ଦେଖିବାକୁ ଯାଇଥିଲେ। ହାତୀ ପଶିଯିବା ଖବର ଶୁଣି ଲୋକେ ଛାନିଆ ହୋଇ ଯିଏ ଯୁଆଡେ ଦୌଡି ପଳାଇଥିଲେ। ଏନେଇ ଟାଙ୍ଗୀ ବନ ବିଭାଗ ଅଧୀନରେ ଥିବା ଭୂଷଣ୍ଡପୁର ଫରେଷ୍ଟର ଗୋଦାବରୀଶ ହୋତାଙ୍କୁ ପଚାରିବାରେ ସେଠାରେ ଆମ ଷ୍ଟାଫ୍ ଖବର ପାଇ ଜଗିଛନ୍ତି। ତେବେ ଦୁଇଟି ନୁହେଁ ଗୋଟିଏ ହାତୀ ସେମାନେ ଦେଖିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

### ମୋବାଇଲ, ଟଙ୍କା ଚୋରି

ଝାଁଲା,୨୦।୨(ଡି.ଏନ.ଏ.): ଜଟଣୀ ଥାନା ଅନ୍ତର୍ଗତ ଝାଁଲା ଗ୍ରାମର ଗଣେଶ ମହାପାତ୍ରଙ୍କ ଘରୁ ଗୋଟିଏ ମୋବାଇଲ ଓ ୧୦ ହଜାର ଟଙ୍କା ଚୋରି ହୋଇଛି। ଗୁରୁବାର ଅପରାହ୍ନରେ ଏହା ଘଟିଛି। ଗୃହକର୍ତ୍ତା ଗଣେଶ ଘରଦ୍ୱାର ଖୋଲି ବାହାରେ ବୁଲୁଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତ ଜଣକ ଘର ମଧରେ ପଶି ଏହି ଚୋରି କରିଥିବା ଝାଁଲା ଫାଣ୍ଡିରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତ ଜଣକ ଘର ମଧରେ ଥିବା ବେଳେ ଗୃହକର୍ତ୍ତା ଏହି ସମୟରେ ପଳାଇ ଆସିଥିଲେ। ତେବେ ଦୁର୍ବୃତ୍ତ ଜଣକ ତାଙ୍କୁ ଧକ୍କା ମାରି ଫେରାର ହୋଇଯାଇଥିଲେ। ଫାଣ୍ଡି ଅଞ୍ଚଳର ଏହି ଦୁର୍ବୃତ୍ତ ଜଣକ ବୋଲି ଚିହ୍ନଟ ହୋଇଥିବା ବେଳେ ପୂର୍ବରୁ କେତେଗୋଟି ଚୋରି ଘଟଣାରେ ସେ ଅଭିଯୁକ୍ତ ଥିବା ଜଣାପଡିଛି।

### ରେଲୱେ ଅଣ୍ଡରଗ୍ରାଉଣ୍ଡ ଖାଲଖମାରେ ଭର୍ତ୍ତି



ଜଟଣୀ,୨୦।୨(ଡି.ଏନ.ଏ.): ଜଟଣୀ ସୀତାରାମଛକ ନିକଟ ରେଲୱେ ଅଣ୍ଡରଗ୍ରାଉଣ୍ଡରେ ଖାଲମାନ ସୃଷ୍ଟି ହୋଇ ପାଣି ଜମି ରହୁଛି। ଏପରି କି ସେଠାରେ ପଡିଥିବା କଂକ୍ରିଟ ସ୍ଲାବ ଭାଙ୍ଗି ତା ମଧରୁ ଲୁହା ରଡ ବାହାରି ବିପଦ ସୃଷ୍ଟି କରୁଛି। ତେବେ ସବୁବେଳେ ପାଣି ଜମି ରହୁଥିବାରୁ ଖାଲ ଓ ବାହାରିଥିବା ରଡ ଉପରକୁ ଜଣାପଡୁନି। ଫଳରେ ଅଧିକାଂଶ ସମୟରେ ଯାନବାହନ ପାଣିଭରା ଖାଲରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବାହାରିଥିବା ରଡ ଚକାରେ ପଶି ଯାଉଥିବାରୁ ବାଇକ୍ ଆରୋହୀ ପଡି ଆହତ ହେଉଛନ୍ତି। ବିଭିନ୍ନ ସମୟରେ ଅଟୋ ଓ ବହୁ ଯାନ ଖାଲରେ ପଡ଼ିବାର ନଜିର ରହିଛି। ଏହାର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପ୍ରତି ରେଲୱେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ କୁଦିଆରୀ ଗ୍ରାମର ଶ୍ରୀନିବାସ ମଙ୍ଗରାଜ ଦାବି କରିଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ରେଲୱେ ନିର୍ମାଣ କରିଥିବା ପିଣ୍ଡି

**ଜଟଣୀ,୨୦।୨(ଡି.ଏନ.ଏ):**

କ୍ଷୁଦ୍ର ଉଠା ଦୋକାନୀଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ରେଲୱେ ପକ୍ଷରୁ ଏଠାରେ ୬୪ଟି ସିମେଣ୍ଟ ପିଣ୍ଡି ନିର୍ମାଣ କରାଯାଇଥିଲା। ଏଥିପାଇଁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିଲା। ବିଶେଷକରି ରେଲୱେ ମାର୍କେଟରେ ରାସ୍ତା ପାର୍ଶ୍ୱରେ ଫଳ ପନିପରିବା ଓ ଅନ୍ୟ ସାମଗ୍ରୀ ବିକ୍ରୟ କରୁଥିବା ଏହି ଦୋକାନୀଙ୍କୁ ଏଠାକୁ ସ୍ଥାନାନ୍ତର କରିବାକୁ ୨୦ ବର୍ଷ ପୂର୍ବେ ଏପରି ବ୍ୟବସ୍ଥା ହୋଇଥିଲା। ଜଟଣୀ ସୀତାରାମ ଛକ ନିକଟ ରେଲୱେ ଜମିରେ ଏହି ପିଣ୍ଡି ନିର୍ମାଣ ହୋଇଥିଲା। ରେଲୱେ ମାର୍କେଟରେ ରାସ୍ତା ପ୍ରଶସ୍ତୀକରଣ, ଡ୍ରେନ୍ ନିର୍ମାଣ, ରେଳଧାରଣା ସମ୍ପ୍ରସାରଣ ଆଦି ବିଭିନ୍ନ କାରଣରୁ କ୍ଷତିଗ୍ରସ୍ତ ହେବାକୁ ଥିବା ଏହି ଉଠା ଦୋକାନୀଙ୍କ ପାଇଁ ଏପରି ବ୍ୟବସ୍ଥା ହୋଇଥିଲା। ହେଲେ ଏହି ଦୋକାନୀମାନେ ଏଠାକୁ ସ୍ଥାନାନ୍ତର ହେବା ପାଇଁ ସେତେବେଳେ ଆଗ୍ରହ ପ୍ରକାଶ କରି ନ ଥିଲେ । ରେଲୱେ ମଧ ସେତେଟା ଏହା ଉପରେ ଅଗ୍ରସର ହୋଇ ନ ଥିଲା। ଫଳରେ ପିଣ୍ଡି ନିର୍ମିତ ଅଞ୍ଚଳରେ ବିଭିନ୍ନ ଗଛରେ ଜଙ୍ଗଲ ସୃଷ୍ଟି ହୋଇଗଲାଣି। ଏହା ମଧରେ ପିଣ୍ଡିଗୁଡିକ ଲୁଚି ଗଲାଣି। ଜରାଜୀର୍ଣ୍ଣ ଅବସ୍ଥାରେ ଏହା ପଡ଼ିରହିଛି।



ରେଲୱେ ପକ୍ଷରୁ ନିର୍ମିତ ପିଣ୍ଡି ଆବର୍ଜନା ପଡି ପୋତି ହୋଇଯାଇଛି ।

#### ନବୀକରଣ କରି ଦୋକାନୀଙ୍କୁ ଥଇଥାନ କରିବାକୁ ଦାବି

ରେଲୱେ ମାର୍କେଟରେ ଧୀରେ ଧୀରେ ସଂକୀର୍ଣ୍ଣ ହୋଇପଡିଥିବା ରାସ୍ତା ପାର୍ଶ୍ୱରେ ଯେପରି ଉଠା ଦୋକାନର ପସରା ବସୁଛି। ତାହାଦ୍ୱାରା ଅଳ୍ପଲୋକରେ ଅଧିକ ଗହଳି ହେଉଛି। ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷାଦିନେ ଏହି ମାର୍କେଟ ପାଣିକାଦୁଅରେ ପରିପୂର୍ଣ୍ଣ ହୋଇଯାଉଛି। ଉଭୟ ଗ୍ରାହକ ଓ ଦୋକାନୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ରିଟିଶ ଅମଳର ଏହି ମାର୍କେଟର ଉନ୍ନତୀକରଣ ଦିଗରେ ରେଲୱେ ମଧ ସେପରି ଧ୍ୟାନ ଦେଉନାହିଁ। ଏଣୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବା ପିଣ୍ଡିଗୁଡିକର ନବୀକରଣ କରାଯାଇ ଦୋକାନୀଙ୍କୁ ଏଠାରେ ଥଇଥାନ କରିବା ଦିଗରେ ରେଲୱେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇଛି।

#### ଏମାନେ ଯାହା କୁହନ୍ତି...

* ଏଠାକୁ ସ୍ଥାନାନ୍ତର ହେବାକୁ ଉଠା ଦୋକାନୀମାନେ ଇଚ୍ଛାପ୍ରକାଶ ନ କରିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ରେଲୱେ ମାର୍କେଟ ସଙ୍କୁଚିତ ହେବା ଓ ନିର୍ମାଣାଧୀନ ଫ୍ଲାଏ ଓଭର ବ୍ରିଜ ଯୋଗୁ ଉଚ୍ଛେଦ ଦୋକାନୀଙ୍କୁ ଏଠାରେ ଥଇଥାନ କରାଯାଇ ପାରିବ। ଏଣୁ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିଥିବା ପିଣ୍ଡିଗୁଡିକର ପୁନରୁଦ୍ଧାର କରାଯିବା ଉପରେ ରେଲୱେ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ।

**-ସଂଗ୍ରାମ କେଶରୀ ରାଉତରାୟ, ପୂର୍ବତନ ପୌରାଧ୍ୟକ୍ଷ, ଜଟଣୀ**

* ଏ ନେଇ ରେଲୱେ ଅଧିକାରୀଙ୍କୁ ବୁଧବାର ଏକ ଦାବିପତ୍ର ଦିଆଯାଇଛି। ଏହାର ନବୀକରଣ କରାଯାଇ ଦୋକାନୀଙ୍କୁ ଏଠାରେ ଥଇଥାନ କରାଗଲେ ରେଲୱେ ଯେଉଁ ଉଦ୍ଦେଶ୍ୟରେ ଏହା ନିର୍ମାଣ କରିଥିଲା ତାହା ଫଳପ୍ରଦ ହୋଇପାରିବ। ଏହାଦ୍ୱାରା ଅନେକ ଗରିବ ଉଠାଦୋକାନୀ ଉପକୃତ ହୋଇପାରିବେ।

**-ଅଶୋକ ମଙ୍ଗରାଜ, ସଭାପତି, ଜଟଣୀ ନଗର କଂଗ୍ରେସ**

# ଆଜି ମହାଶିବରାତ୍ରି: ଖୋର୍ଦ୍ଧାରେ ଶୈବପୀଠ ଚଳଚଞ୍ଚଳ



ଖୋର୍ଦ୍ଧାର ଧବଳେଶ୍ୱର ମନ୍ଦିର ।

**ଖୋର୍ଦ୍ଧା ଅଫିସ, ୨୦।୨:**

ଖୋର୍ଦ୍ଧା ସହର ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର ମନ୍ଦିର, ଅଗ୍ରିର ହଟ୍ଟକେଶ୍ୱର ପୀଠରେ ଶୁକ୍ରବାର ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିଛି। ଖୋର୍ଦ୍ଧା ସହରର ବାଲୁଙ୍କେଶ୍ୱର ଦେବ, ଭାଲିଆବାଡିର ଲୋକେଶ୍ୱର ଦେବ, ସାମନ୍ତରାପୁରର ସ୍ୱପ୍ନେଶ୍ୱର ଦେବଙ୍କ ପୀଠ ପରିସରରେ ଜାଗର ପାଇଁ ପାଳିତ ହେବ। ସେହିପରି ବେଗୁନିଆ ବ୍ଲକସ୍ଥିତ ସୁଆଁଳ, ଶଗଡଭଙ୍ଗା, ହଜ୍, ପରିଛଳ, ଗୋଡାର ଲୋକନାଥ ଦେବ, ଗାଁପୁରସ୍ଥିତ ସୋମନାଥଦେବ, ସିକୋ ଗ୍ରାମସ୍ଥିତ ଚନ୍ଦ୍ରଶେଖର ଦେବ, କୁଶୁପଲାର ଲୋକେଶ୍ୱର ଦେବଙ୍କ ପୀଠ ଉତ୍ସବ ମୁଖର ହୋଇଛି। ସହରର ଅନେକ ଗଳିକନ୍ଦିରେ ଅବସ୍ଥିତ ବିଭିନ୍ନ ଶୈବପୀଠ ପରିସରରେ ନାମ ଯଜ୍ଞ, ମହାଯଜ୍ଞ ସହ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପାଲା, ଦାସକାଠିଆ, ଭଜନ ସନ୍ଧ୍ୟା ଆଦି ପରିବେଷଣ କାର୍ଯ୍ୟକ୍ରମ ମନ୍ଦିର କମିଟି ପକ୍ଷରୁ ଆୟୋଜନ କରାଯାଇଛି। ମହାପ୍ରଭୁ ଶିବଙ୍କୁ ଉପସନା ଲାଗି ଦୁର୍ଦ୍ଧୁରା, ଗୟସ, ଅରଖ ଏବଂ ବେଲପତ୍ର ସହ ପୂଜା ଦୋକାନଗୁଡିକରେ ଦୀପ, ଘିଅ ବିକ୍ରି କରିବାକୁ ସଜାଇ ରହିଛି। ମାନସିକ ବ୍ରତଧାରୀ ନିର୍ଜଳା ଉପବାସ କରିବା ସହ ରାତିରେ ମନ୍ଦିରରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଦୀପ ଜାଳିଥାନ୍ତି।

# ଘରକୁ ପଶି ଆସୁଥିବା ସାପକୁ ମାରିଦେଲେ କୁକୁର

**ଜଟଣୀ,୨୦।୨(ଡି.ଏନ.ଏ):**

ଘର ମଧ୍ୟକୁ ପଶି ଆସୁଥିବା ଏକ ନାଗ ସାପକୁ ପୋଷା କୁକୁର ସେରା ଓ ସାରା ମାରି ମାଲିକଙ୍କ ପରିବାରକୁ ସୁରକ୍ଷିତ ରଖିଛନ୍ତି। ଗୁରୁବାର ପୂର୍ବାହ୍ନ ୧୧ଟାରେ ଏପରି ଘଟଣା ଜଟଣୀ କୁଦିଆରୀ ଗ୍ରାମରେ ମନୋଜ ସ୍ୱାଇଁ ଓ ସରୋଜ ସ୍ୱାଇଁଙ୍କ ଘରେ ଘଟିଥିଲା। ଘର ମଧ୍ୟକୁ ପଶି ଆସୁଥିବା ଏହି ବିଷଧର ସାପଟିକୁ ମୁଖ୍ୟଦ୍ୱାର ନିକଟରେ ଶୋଇଥିବା ଦୁଇ କୁକୁର ସେରା ଓ ସାରାଙ୍କ ନଜରକୁ ଆସିଥିଲା। ଫଳରେ ସେମାନେ ଭୁକିବା ଆରମ୍ଭ କରିବା ସହ ଘର ମଧ୍ୟକୁ ସାପଟିକୁ ଛାଡ଼ି ନ ଥିଲେ। ସାପଟିକୁ ଖିନ୍‌ଭିନ୍ କରି ମାରି ଦେଇଥିଲେ। ୧୦ ମିନିଟ୍ ପର୍ଯ୍ୟନ୍ତ କୁକୁର ଓ ସାପ ମଧରେ ଛକାପଞ୍ଝା ଲାଗି ରହିଥିଲା। ସେହିପରି ଘର ମଧ୍ୟକୁ ପଶି ଆସୁଥିବା ଏକ ନାଗ ସାପକୁ ଜାନୁୟାରୀ ୩୦ରେ ସେରା ଓ ସାରା ମାରି ଦେଇଥିଲେ।



ସାପକୁ ଅଟକାଉଛନ୍ତି କୁକୁର ।

# କୃଷ୍ଣପ୍ରସାଦରେ ଚାଷୀ ସମାବେଶ

**କୃଷ୍ଣପ୍ରସାଦ,୨୦।୨ (ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ସମବାୟ ସମିତିର ପୂର୍ବତନ ସଭାପତି ରାମଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସମିତି କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ, ବଡଅଁଳ ଓ ବଜ୍ରକୋଟ ଗ୍ରାମ ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇ ଚାଷଜନିତ କ୍ଷତିପୂରଣ ବାବଦରେ ବୀମାରାଶି ନ ମିଳିଲେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତବର୍ଷ ଖରିଫ ଫସଲ ପାଇଁ ହଜାର ହଜାର ଚାଷୀ ଘରୋଇ କମ୍ପାନୀରେ ଫସଲ ବୀମା କରିଥିଲେ। ସ୍ୱାଭାବିକ ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଥିଲା। ସାଟେଲାଇଟରେ ଏହା ଚିହ୍ନଟ କରି ବିଭାଗୀୟ ଅଧିକାରୀ, ଲୋକ ପ୍ରତିନିଧି କ୍ଷୟକ୍ଷତି ଆକଳନ କରିଥିଲେ। ତେବେ ଆକଳନ ଅନୁଯାୟୀ ଚାଷୀମାନେ ବୀମା କମ୍ପାନୀଠାରୁ କ୍ଷତିପୂରଣ ପାଇବା କଥା। ପୂର୍ବତନ ସମବାୟ ସମିତି ସଭାପତି ସେଠୀଙ୍କ କହିବା ଅନୁଯାୟୀ, ଚାଷୀମାନେ କ୍ଷତିପୂରଣ ପାଇବାକୁ ହକ୍‌ଦାର ଥିବାବେଳେ ବୀମା କମ୍ପାନୀ କିଛି ଅସାଧୁ କର୍ମଚାରୀ ଜିଲାସ୍ତରୀୟ ଅଧିକାରୀଙ୍କୁ ହାତ କରିନେବାରୁ ଚାଷୀମାନେ ବୀମା ପାଇବାରୁ ବଞ୍ଚିତ ଅଛନ୍ତି। ଚାଷୀମାନଙ୍କୁ ଅଣଦେଖା କରି ପ୍ରଶାସନ ବୀମା କମ୍ପାନୀକୁ ଅନୁକମ୍ପା ଦେଖାଇଛନ୍ତି। ଫଳରେ ଉପରୋକ୍ତ ୩ ପଞ୍ଚାୟତର ହଜାର ହଜାର ଚାଷୀ ଋଣଭାରରେ ବୁଡିରହିଛନ୍ତି। ବିଭିନ୍ନ ବ୍ୟାଙ୍କ, ଘରୋଇ ଋଣ କରି ଫସଲ ଉଜୁଡିବା ପରେ ଚାଷୀମାନେ ମାନସିକ ଭାରସାମ୍ୟ ହରାଇବସିଛନ୍ତି। ଏ ନେଇ ଚାଷୀମାନେ ଜିଲା ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ ସୁଫଳ ମିଳିନି। ତୁରନ୍ତ କ୍ଷତିପୂରଣ ନ ମିଳିଲେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ। ଏପରି କି ବ୍ଲକ, ତହସିଲ ଅଫିସ ସାମନାରେ ଧାରଣା ଦିଆଯିବା ସହ ଆବଶ୍ୟକ ପଡିଲେ ଆଇନର ଆଶ୍ରୟ ନେବେ ବୋଲି ସମାବେଶରେ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।



ସମାବେଶରେ ଯୋଗ ଦେଇଥିବା ଚାଷୀମାନେ ।

#### ବୀମାରାଶି ନ ମିଳିଲେ ଆନ୍ଦୋଳନ

# ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ବେଗୁନିଆ, ୨୦।୨: (ଡି.ଏନ.ଏ.):**

ଖୋର୍ଦ୍ଧା ପୋଲିସ ଜିଲା ବେଗୁନିଆ ଥାନା ଅଞ୍ଚଳରେ ମଙ୍ଗଳବାର ଏକ ୬ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିଲା। ପୀଡିତାଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ଥାନାରେ ନଂ.୩୭/୨୦ରେ ମାମଲା ରୁଜୁକରି ପୋଲିସ ଅଧିକ ତଦନ୍ତ ଚଳାଇଥିଲା। ତେବେ ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବେଗୁନିଆ ଥାନା ଅଞ୍ଚଳର କୁନୁ ପାଇକରାୟ। ପୋଲିସ ସୂତ୍ରରୁ ପ୍ରକାଶ, କୁନୁ ଘଟଣା ଘଟିବା ଦିନ ପୂର୍ବାହ୍ନରେ ଜନୈକା ଶିଶୁକନ୍ୟାଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଅଭିଯୋଗ ପରେ ଶିଶୁକନ୍ୟାଙ୍କ ଡାକ୍ତରୀମାଇନା କରାଇବା ସହ ବୟାନ ରେକର୍ଡ କରାଇଥିଲା। ସେହିପରି କୁନୁଙ୍କର ଡାକ୍ତରୀମାଇନା ପରେ ଗୁରୁବାର ଖୋର୍ଦ୍ଧାସ୍ଥିତ ଏସଡିଜେଏମ୍ କୋର୍ଟକୁ ଚାଲାଣ କରାଯାଉଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଦୀପ ନିଆଁ ଶାଢିରେ ଲାଗି ମହିଳା ଗୁରୁତର

ଝାଁଲା,୨୦।୨(ଡି.ଏନ.ଏ.): ଜଟଣୀ ବ୍ଲକ ଝାଁଲା ପଞ୍ଚାୟତର ପାଟଣାସାହିରେ ଡଲି ବେହେରା(୪୫) ନାମ୍ନୀ ମହିଳା ନିଆଁରେ ପୋଡିହୋଇ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ସକାଳ ୮ଟାରେ ଏହା ଘଟିଥିଲା। ଘର ମଧ୍ୟରେ ଠାକୁର ପୂଜା କରୁଥିବା ବେଳେ ଦୀପ ନିଆଁ ଶାଢିରେ ଲାଗି ଡଲିଙ୍କ ଶରୀର ପୋଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସାଧୀନ ଅଛନ୍ତି।

# ବିଶ୍ୱ ମାତୃଭାଷା ଦିବସ





କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

**ଜଟଣୀ,୨୦।୨(ଡି.ଏନ.ଏ):**

ଜଟଣୀ ବ୍ଲକ ଓ ମ୍ୟୁନିସିପାଲିଟିର ବିଭିନ୍ନ ସ୍କୁଲରେ ଗୁରୁବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଜାଗସରା ଆଦିବାସୀ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଝାଁଲା ପ୍ରାଥମିକ ବିଦ୍ୟାଳୟ, ରାଧାଚରଣପୁର ପ୍ରାଥମିକ ବିଦ୍ୟାଳୟରେ ଏହି ଦିବସ ପାଳିତ ହୋଇଥିଲା। ରାଧାଚରଣପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ଝୁମୁରୀ ସାହୁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷାର ସୁରକ୍ଷା, ପ୍ରଚାର ଓ ପ୍ରସାର ସହିତ ବିଦ୍ୟାର୍ଥୀଙ୍କୁ ଏ ନେଇ ସଚେତନ କରିବା ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ରମାକାନ୍ତ ଦାସ ଓ ରାମଶଙ୍କର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ମଧରେ ରଚନା, ସାଧାରଣଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ, ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତା କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ଜଟଣୀ ହିନ୍ଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଦିବସ ପାଳନ ହୋଇଥିଲା। ପ୍ରଧାନ ଶିକ୍ଷକ ବିଶ୍ୱନାଥ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, ପଦ୍ମନାଭ ପାଣିଗ୍ରାହୀ, କିଶୋରଚନ୍ଦ୍ର ପାଇକରାୟ, ରବି ସ୍ୱାଇଁ, ପରିଚାଳନା କମିଟି ସଭାପତି ମନମୋହନ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଦୀପ୍ତିଲତା ଜେନା ଧନ୍ୟବାଦ ଦେଇଥିଲେ। ସେହିପରି ଜଟଣୀସ୍ଥିତ ଆଇଆଇଟି ପରିସରରେ ବିଶ୍ୱଭାଷା ଦିବସ ପାଳିତ ହୋଇଥିଲା। ଏହାର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

# ଜିଏସ୍‌ଟି ଠକେଇ ଅଭିଯୋଗ: ଷ୍ଟିଲ କମ୍ପାନୀ ଉପରେ ଚଢାଉ

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୦।୨: (ଡି.ଏନ.ଏ.):**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକସ୍ଥିତ ସାରୁଅ ଶିଳ୍ପାଞ୍ଚଳରେ ଥିବା ଏକ ଷ୍ଟିଲ କମ୍ପାନୀ ଉପରେ ଭିଜିଲାନ୍ସ ଚଢାଉ କରାଯାଇଥିଲା। ଚଢାଉ ସମୟରେ ମାସିକ ଆୟ, ଷ୍ଟକ୍, ପ୍ରଡକ୍ସନ, ଏବଂ ସେଲର ସମ୍ପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିସହ ସରକାରଙ୍କୁ ଉକ୍ତ କମ୍ପାନୀ ଜିଏସଟି ଦେଉଛି କି ନାହିଁ ତାହାର ସବିଶେଷ ନକଲ ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ କରିଥିଲେ। ମାତ୍ର ସରକାରଙ୍କୁ ଟିକସ ଫାଙ୍କି ଉକ୍ତ କମ୍ପାନୀ ଗୋଟିଏ ବିଲ ଉପରେ ୫ ଥର ପ୍ରଡକ୍ଟ ଚାଲାଣ କରିଥିବା ଜାଣିବାକୁ ମିଳିଥିଲା। ହେଲେ ଚଢାଉ ସମୟରେ କମ୍ପାନୀ ଜିଏସଟି ଠକେଇ କରିଥିବାର ପ୍ରମାଣ ପାଇ ଅଧିକାରୀମାନେ ସମସ୍ତ କାଗଜ ପତ୍ରକୁ ସିଜ୍ କରି ନେଇଯାଇଥିଲେ। ଏହି ଚଢାଉରେ କଟକସ୍ଥିତ କମର୍ସିଆଲ ଟାକ୍ସ ଏବଂ ଜିଏସ୍‌ଟିର ୭ ଜଣିଆ ଟିମ୍ ସାମିଲ ହୋଇଥିଲେ।



ଭିଜିଲାନ୍ସ ପକ୍ଷରୁ ସାରୁଅ ଶିଳ୍ପାଞ୍ଚଳରେ ଥିବା ଏକ ଷ୍ଟିଲ୍ କମ୍ପାନୀ ଉପରେ ଚଢାଉ କରାଯାଉଛି ।

# ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ଶ୍ରୀକପିଳେଶ୍ୱର ଦେବପୀଠ

**ନିରାକାରପୁର,୨୦।୨(ଡି.ଏନ.ଏ.)**

ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଏପରିକି ରାଜ୍ୟକୁ ଯେପରି ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିପାରିବେ ସେଥିପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। କିନ୍ତୁ ଦୀପତଳ ଅନ୍ଧାର ଭଳି ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୫୦କିଲୋମିଟର ଦୂର ନିରାକାରପୁର ଥାନା ଅନ୍ତର୍ଗତ ଡିଆ ପଞ୍ଚାୟତସ୍ଥିତ ସର୍ବ ପୁରାତନ ଶ୍ରୀକପିଳେଶ୍ୱର ଦେବଙ୍କ ପୀଠ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ରହିଯାଇଛି । ଏଥିପାଇଁ ଜିଲା ପ୍ରଶାସନ ଓ ରାଜନୈତିକ ନେତୃବୃନ୍ଦଙ୍କ ନୀରବତା ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଛି।

ଐତିହାସିକମାନଙ୍କ ମତ ଅନୁଯାୟୀ, ଶ୍ରୀକପିଳେଶ୍ୱର ଦେବଙ୍କ ମନ୍ଦିରର ଗଢ଼ଣ ଶୈଳୀ ଏବଂ କାରୁକାର୍ଯ୍ୟକୁ ଅନୁସରଣ କଲେ ଏହା ଭୌମ୍ୟବଂଶ ଶାସନ କାଳରେ ନିର୍ମିତ ହୋଇଥିବା ସୂଚନା ଦେଉଛି । ପ୍ରାୟ ୪୫୦ ବର୍ଷରୁ ଅଧିକ ବର୍ଷ ତଳର ଏହି ପ୍ରାଚୀନ ମନ୍ଦିରରେ ବିଭିନ୍ନ ଆକୃତିର ମୂର୍ତ୍ତି ପୂଜା ପାଉଥିବାର ଦେଖାଯାଏ । ପଞ୍ଚରେଖା ପ୍ରଣାଳୀରେ ନିର୍ମିତ ମୁଖ୍ୟ ମନ୍ଦିରଟି ପୂର୍ବ ମୁଖା ହୋଇଥିବା ବେଳେ ମୁଖ୍ୟ ଦ୍ୱାରରେ ଯୋଗମୁଦ୍ରାରେ ନବଗ୍ରହ ମୂର୍ତ୍ତି ସ୍ଥାପିତ । ସେହିପରି ଲଳିତା ଆସନରେ ଓ ବରଦା ମୁଦ୍ରାରେ ବିରାଜିତ ମା' ଗଜଲକ୍ଷ୍ମୀଙ୍କ ବିଗ୍ରହ ପ୍ରସ୍ତର ଖମ୍ବ ଉପରେ ଅବସ୍ଥାପିତ। ଦ୍ୱାର ସନ୍ନିକଟ ବୃଷଭ ମୂର୍ତ୍ତି ଭଳି ଅନୁରୂପ କୃତି ଅନ୍ୟ କେଉଁଠାରେ ଦେଖିବାକୁ ମିଳେ ନାହିଁ ବୋଲି ଐତିହାସିକ ତଥା ଗବେଷକ ଡ. ସଞ୍ଜୟ କୁମାର ମହାପାତ୍ର କୁହନ୍ତି । ମୁଖ୍ୟ ମନ୍ଦିରର ବାମ ପାର୍ଶ୍ୱରେ ସ୍ଥାପିତ ମହାଲକ୍ଷ୍ମୀ, ମହା ସରସ୍ୱତୀ ଓ ମହାକାଳୀଙ୍କ ମୂର୍ତ୍ତିର ବୈଶିଷ୍ଟ୍ୟ ନିଆରା ଏବଂ ଜୈନ୍ୟ ବୌଦ୍ଧ ଯୁଗୀୟ ତନ୍ତ୍ର ସାଧକମାନଙ୍କ ସାଧନା ପୀଠର ପ୍ରମାଣ ମିଳେ ବୋଲି କୁହାଯାଏ। ଏପରି ପୀଠକୁ ପ୍ରଶାସନ, ରାଜନେତା ଅଣଦେଖା କରୁଥିବାରୁ ଜନଅସନ୍ତୋଷ ପ୍ରକାଶ ପାଉଛି । ଏତଦ୍‌ବ୍ୟତୀତ ଏଠାରେ ଅଶୋକା ଅଷ୍ଟମୀରେ ରଥଯାତ୍ରା ଓ ଭବାନୀଙ୍କର ବାସନ୍ତୀ ଦୁର୍ଗାପୂଜା ଐତିହାସିକ ତଥା କିମ୍ବଦନ୍ତୀ ଆଧାରିତ ବୋଲି ଡ. ମହାପାତ୍ର ପ୍ରକାଶ କରିଛନ୍ତି। ଏଥିସହିତ ଏଠାରେ ବିଜୟା ରଥଯାତ୍ରା ନିଆରା ଢଙ୍ଗରେ ରାତିରେ ଟଣାଯାଏ ଓ ବାହୁଡାରେ ବାଣଯାତ୍ରା କଳିଙ୍ଗ କଳାର ନୈପୁଣ୍ୟ ପ୍ରମାଣ ଦିଏ। ଏଣୁ ସରକାର ଓ ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଦରକାର।



ଶ୍ରୀ କପିଳେଶ୍ୱର ମନ୍ଦିର ।

#### ଏମାନେ ଯାହା କୁହନ୍ତି

"ଆଶୁତୋଷ ଶିବ ଭକ୍ତ ସାଧକମାନଙ୍କ କଲ୍ୟାଣର୍ଥେ ଶ୍ମଶାନବିଳାସୀ ହୋଇ ଜୀବଜଗତକୁ ଆଶିଷ ପ୍ରଦାନ କରିଥାନ୍ତି, ଯାହାର ପ୍ରମାଣ ପାଞ୍ଚୋଟି ଶ୍ମଶାନର ଜୁଇ ପ୍ରଜ୍ୱଳିତ ପୀଠ ଓଡ଼ିଶାରେ କେବଳ ଚିଲିକାର ଉତ୍ତରରେ ଡିଆ ପଞ୍ଚାୟତସ୍ଥିତ କପିଳେଶ୍ୱର ପୀଠରେ ଦେଖାଯାଏ । ଏଠାରେ ତନ୍ତ୍ର, ମନ୍ତ୍ର ସାଧନ ପାଇଁ ସବୁ ବର୍ଗର ସାଧୁସନ୍ଥ ତପସ୍ୟା କରିବା ଦେଖାଯାଏ । ଏପରିକି ମାନସିକଧାରୀ, ଦଣ୍ଡ ଉପାସକ ଗଣ, ସର୍ପାଘାତରେ ଆହତ ବ୍ୟକ୍ତି ଏଠାରେ ଆଶୁ ଆରୋଗ୍ୟ ଲାଭ କରନ୍ତି। ଏଣୁ ପର୍ଯ୍ୟଟକମାନଙ୍କ ସୁବିଧା ପ୍ରତି ଧ୍ୟାନ ଦିଆଯାଉ ।

**-କବି ପଣ୍ଡିତ ରମାକାନ୍ତ ପୁରୋହିତ, ନିରାକାରପୁର**

"ପଞ୍ଚଶ୍ମଶାନ ପରିବେଶ ମଧରେ ଗଢିଉଠିଥିବା କପିଳେଶ୍ୱର ଶୈବପୀଠର ମାହାତ୍ମ୍ୟ ନିଆରା। ଏଠାରେ ଯେଉଁ ଭକ୍ତମାନେ ମାନସିକ କରି ଗୁହାରିଆ ପଡିଥାନ୍ତି ସେମାନଙ୍କ ମନସ୍କମନା ପୂର୍ଣ୍ଣ ହୋଇଥାଏ। ଅଧିକନ୍ତୁ ଅଶୋକାଷ୍ଟମୀ ପୂର୍ବ ରାତ୍ରିରେ ସନ୍ତାନସନ୍ତତି ନଥିବା ମହିଳାମାନେ ମାନସିକ କରି ପ୍ରତ୍ୟୁଷରୁ ଗୁଆ ଭକ୍ଷଣପୂର୍ବକ ପ୍ରଭୁଙ୍କୁ ଜଳାଭିଷେକ କରିଥାନ୍ତି। ଫଳରେ ସେମାନଙ୍କର ମାନସିକ ପୂର୍ଣ୍ଣ ହୋଇଥାଏ । ତେଣୁ ଉକ୍ତ ଐତିହାସିକ ପୀଠକୁ ପର୍ଯ୍ୟଟନ ମାନ୍ୟତା ଦିଆଗଲେ ଏହି ପୀଠର ଉନ୍ନତି ହୋଇପାରନ୍ତା।

**-କିଶୋର କୁମାର ଦାଶ, ଶିକ୍ଷାବିତ, ଡିଆ**



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ
କ'ଣ ହେବ ସେ ବିଷୟରେ ବେଶି ଭାବ ନାହିଁ।
-ଲେନିନ୍



## ସଂକ୍ଷେପରେ

### ଦୁର୍ଘଟଣାରେ ବ୍ଲକ ଶିକ୍ଷାଧିକାରୀ ଆହତ

କଣାସ,୨୦।୨(ସ୍ୱ.ପ୍ର.): ସାକ୍ଷୀଗୋପାଳ ନିକଟରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ କଣାସ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର ଆହତ ହୋଇଛନ୍ତି। ସେ ପୁରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଶିକ୍ଷାଧିକାରୀ ପାତ୍ର ଡେଲାଙ୍ଗ ଓ କଣାସ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବାହ୍ନରେ ବାଇକ୍ ଯୋଗେ ପୁରୀରୁ ଡେଲାଙ୍ଗକୁ ଆସୁଥିବା ବେଳେ ରାସ୍ତାରେ ମୁଣ୍ଡ ବୁଲାଇ ଦେବାରୁ ଏକ କାର୍ ସହ ଧକ୍କାହୋଇ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପୁରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର କାନ୍ଧ ହାଡ଼ ଭାଙ୍ଗିଯାଇଥିବା ଜଣାପଡିଛି।

### ଆଲୋଚନାଚକ୍ର

ପିପିଲି,୨୦।୨(ଡି.ଏନ.ଏ.): ପିପିଲି ମହାବିଦ୍ୟାଳୟର ଯୁକ୍ତ-୩ ଶିକ୍ଷା ବିଭାଗରେ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ସୁଚିତ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର କଲେଜର ଅବସରପ୍ରାପ୍ତ ପ୍ରଫେସର ଅନିଲ କୁମାର ସାଇଁ, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ଅଧକ୍ଷ ଡ. ଭୀମସେନ କର ଏବଂ ସମ୍ମାନିତ ଅତିଥି ଭାବେ ଅଧାପିକା ଅନାମିକା ସାହୁ ଯୋଗଦେଇଥିଲେ। "ସାଧାରଣ ସମ୍ଭାବ୍ୟ ଚକ୍ର, ତଥ୍ୟ ବ୍ୟାଖ୍ୟାକରଣ ପାଇଁ ଶିକ୍ଷକଙ୍କ ଆଶୀର୍ବାଦ" ଶୀର୍ଷକ ଆଲୋଚନାରେ ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଥିବାବେଳେ ଅତିଥିମାନେ ସେମାନଙ୍କ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଅଧାପିକା ମୌସୁମି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଆକର୍ଷଣ ସାଜିଲା ଗୋଟିପୁଅ ନୃତ୍ୟ

## କୋଣାର୍କ ନୃତ୍ୟ, ସଙ୍ଗୀତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

କୋଣାର୍କ,୨୦।୨(ଡି.ଏନ.ଏ.)

କୋଣାର୍କସ୍ଥିତ ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ମାନସ ସନ୍ତାନ କୋଣାର୍କ ଅର୍କବିହାର ପରିସରରେ ଅନୁଷ୍ଠିତ ନୃତ୍ୟ ଓ ସଂଗୀତ ଉତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏଥିରେ ଅତିଥି ଭାବେ ଓଡ଼ିଶା ଯୁବ ଲେଖକ ସମ୍ମେଳନର ସଭାପତି କବି ଶଙ୍କର ପରିଡା, ଆଇନଜୀବୀ ଅଶୋକ କୁମାର ଦାଶ, ମର୍ଦ୍ଦଳ ଗୁରୁ ସଚିଦାନନ୍ଦ ଦାସ ମହାନ୍ତି, ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ନାଟ୍ୟମଣ୍ଡପର ସଭାପତି ଡ. ରମଣୀରଞ୍ଜନ ଜେନା, ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଧର୍ମପତ୍ନୀ ସୁଲୋଚନା ପ୍ରଧାନ, ଯୁଗ୍ମସମ୍ପାଦକ ଗୁରୁପଦ ବଳିଆର ସିଂହ ପ୍ରମୁଖ ଯୋଗଦେଇଥିଲେ। ଆରମ୍ଭରୁ ନାଟ୍ୟମଣ୍ଡପ ପରିସରରେ ଥିବା ବାଲୁଙ୍କେଶ୍ୱର ମନ୍ଦିରରୁ ଆଜ୍ଞାମାଳ ଅଣାଯିବା ପରେ ଘଣ୍ଟ ମର୍ଦ୍ଦଳର ତାଳେତାଳେ ଆରମ୍ଭ ହୋଇଥିଲା ଦ୍ୱିତୀୟ ସନ୍ଧ୍ୟା। ପରେ ପରେ କୋଣାର୍କ ନାଟ୍ୟମଣ୍ଡପର କଳାକାରମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା ପଞ୍ଚଦେବ ସ୍ତୁତି। ମଣ୍ଡପ ପରିସରରେ ଉପସ୍ଥିତ ବିଦେଶୀ ଓ ଦେଶୀୟ ପର୍ଯ୍ୟଟକ ମାନଙ୍କ ଆତ୍ମବିଭୋର ହୋଇ ଉଠିଥିଲେ। ଦ୍ୱିତୀୟ ସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ ଗୁରୁ ବିଜୟ କୁମାର ଜେନାଙ୍କ ଦ୍ୱାରା ଓଡିଶୀ କଣ୍ଠ ସଂଗୀତ ପରିବେଷଣ କରାଯିବା ସହ ଦ୍ୱିତୀୟ ଚରଣରେ ଗୁରୁ ବିଜିତ୍ରାନନ୍ଦ ସ୍ୱାଇଁ ଓ ସାଥୀ କଳାକାର ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯକ୍ରମରେ ଆକର୍ଷଣ ସାଜିଥିଲା ରଘୁରାଜପୁରର କଳାକାରମାନଙ୍କ ଦ୍ୱାରା ପରିବେଷିତ ଗୋଟିପୁଅ ନୃତ୍ୟ। ଏହି କାର୍ଯ୍ୟକ୍ରମରେ ଇଂଲିଶରେ ସିନ୍ଧୁ ବ୍ରାଉନ ଓ ଓଡ଼ିଆରେ ବିଶ୍ୱଜିତ ବଳିଆରସିଂହ ସଂଯୋଜନା କରିଥିଲେ। କୋଣାର୍କ ନାଟ୍ୟମଣ୍ଡପର ଉପସଭାପତି ପ୍ରସନ୍ନ ବେଉରିଆ, ଗୁରୁ ଜୟକୃଷ୍ଣ ନାୟକ, ସୁଦସ୍ନା ସାମଲ ଓ ଜଟାଧାରୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗୁରୁବାର ଶ୍ରୀମନ୍ଦିର ନୀଳଚକ୍ରର ପତିତପାବନ ବାନା ଉପରେ ଚିଲଟିଏ ବସିଛି।

### ଟୋକନ ନ ମିଳିବାରୁ ଚାଷୀଙ୍କ ପ୍ରତିବାଦ

ଗୋପ,୨୦।୨(ଡି.ଏନ.ଏ.)

ମିଲର ଓ ସେବା ସମବାୟ ସମ୍ପାଦକଙ୍କ ମନମୁଖି କାର୍ଯ୍ୟ ଯୋଗୁ ଶିଶୋ ସେବା ସମବାୟ ସମିତି ଅଞ୍ଚଳର ଶତାଧିକ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇଥିଲେ। ଟୋକନ ନ ମିଳିବାରୁ ଚାଷୀ ଧାନ ବିକିନପାରି ସୁବର୍ଣ୍ଣପୁର-ଗବକୁଣ୍ଡ ରାସ୍ତାରେ ବୁଧବାର ଚାଷୀମାନେ ବସିଥିଲେ। ୪ ଘଣ୍ଟା ପରେ ଶିଶୋ ସେବା ସମବାୟ ସମିତିର ସମ୍ପାଦକ ଭାଗ୍ୟଲକ୍ଷ୍ମୀ ଖଟୋଇ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ । ସୂଚନାଯୋଗ୍ୟ, ଉକ୍ତ ସେବା ସମବାୟ ସମିତିରେ ଧାନମଣ୍ଡି ଜାନୁୟାରୀ ୧ରେ ଖୋଲିବା ପରେ ପ୍ରଥମେ ୫୦ଜଣ ଚାଷୀଙ୍କ ପାଖକୁ ଟୋକନ ଆସିବା ପରେ ୫ଟି ଭିନ୍ନ ଭିନ୍ନ ତାରିଖରେ ମଣ୍ଡିରେ ଧାନ ଦେବାକୁ ନିର୍ଦ୍ଦେଶ ଆସିଥିଲା। ମାତ୍ର ଅଧିକାରୀଙ୍କ ଖାମଖିଆଲ କାର୍ଯ୍ୟ ମିଲ ମାଲିକଙ୍କ ଅବହେଳା ଯୋଗୁ ଚାଷୀ ଧାନ ଦେଇ ପାରି ନ ଥିଲେ।



### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧରି ମାଇଲେ ଯେ
ବାନ୍ଧି ମାଇଲେ ସେ ।**

ବ୍ୟକ୍ତିକୁ ଧରିକି ମାରିବା ଯାହା ବାନ୍ଧିକି ମାରିବା ତାହା। ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ଧରିକି ହେଉ କିମ୍ବା ବାନ୍ଧିକି ହେଉ ଯେକୌଣସି ପ୍ରକାରେ ଆଘାତ ଦେବା ପ୍ରକାରାନ୍ତରେ ଏକାକଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାଇଁ ନ ପାରଇ ପାଇକ ଆଗେ
ଟାଣ କରୁଥାଇ ମାଇପ ଆଗେ ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ତଥା ଘର ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି। ତୁଚ୍ଛା ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ମୁହଁ ଫିଟାଇ କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଦୁର୍ବଳ ବ୍ୟକ୍ତି ନିଜ ଘରେ ଟାଣପଣ ଦେଖାଇବା ଭଳି ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଗୋଭକ୍ତ ସମାବେଶରେ ଗୋପୂଜନ

ପୁରୀ ଅଫିସ, ୨୦।୨:

ପୁରୀ ସଦର ଗୋରୁଆଳ ଆଳିପଡ଼ାସ୍ଥିତ ଗୋବିନ୍ଦ ଧାମ ଗୋଶାଳା ପରିସରରେ ଗୁରୁବାର ଗୋଭକ୍ତଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗୋବଂଶ ବିକାଶରେ ରାଷ୍ଟ୍ରର ବିକାଶ ବୋଲି ମତ ପ୍ରକାଶ ପାଇଥିଲା। ଗୋବଂଶ ସମୃଦ୍ଧର ମାନଦଣ୍ଡ ବୋଲି ଗୋଧାମ ମୁଖ୍ୟ ବିଷ୍ଣୁଚରଣ ପଣ୍ଡା କହିଥିଲେ। ଏହି ଅବସରରେ ୯ଟି ରାଜ୍ୟରୁ ଆସିଥିବା ଶତାଧିକ ପ୍ରତିନିଧି ଶହେ ଗୋରୁଙ୍କୁ ସମ୍ମିଳିତ ଭାବେ ପୂଜା କରିଥିଲେ। ଏଥିସହ ଗୋ ଚାଳିଶା, ଗୋ ଚର୍ଚ୍ଚା, ଭଜନ, ସୁନ୍ଦରାକାଣ୍ଡ ପ୍ରଭୃତି ଆୟୋଜିତ ହୋଇଥିଲା। ଏଥିରେ ତାମିଲନାଡୁର ରାଧେକ୍ରିଷ୍ଣ ଶତପଥୀ, ପଣ୍ଡିତ ମୋହନ ଦାସ, କୃଷ୍ଣଚନ୍ଦ୍ର ଦାସ ଜୀ, ମୁଥୁ ସ୍ୱାମୀ, ତ୍ୟାଗରଞ୍ଜନ, ସୁନ୍ଦରାକାଣ୍ଡ ଟ୍ରଷ୍ଟ ମୁଖପାତ୍ର ବିଷ୍ଣୁଦତ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ।

# ୨୩ରୁ କୋଣାର୍କରେ ଆଞ୍ଚଳିକ ଉଦ୍ୟୋଗୀ ପ୍ରଦର୍ଶନୀ

କୋଣାର୍କ,୨୦।୨(ଡି.ଏନ.ଏ.)

ଭାରତ ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ପ୍ରତିଷ୍ଠାନ କଟକ ଓଡିଶା ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ବିଭାଗ ଓ ଅରୂପା ଅନୁଷ୍ଠାନ ମିଳିତ ସହଯୋଗରେ କୋଣାର୍କର ସାମାଜିକ ଅନୁଷ୍ଠାନ ଅର୍କଶ୍ରୀ ଆନୁକୂଲ୍ୟରେ ଆସନ୍ତା ୨୩ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ କାରୁକାର୍ଯ୍ୟ ଉଦ୍ୟୋଗଭିତ୍ତିକ ଆଞ୍ଚଳିକ ଶିଳ୍ପ ଏବଂ ହସ୍ତକଳା ଉଦ୍ୟୋଗ ପ୍ରଦର୍ଶନ ହେବ। କୋଣାର୍କସ୍ଥିତ ଶୋଭନୀୟ ଶିକ୍ଷାଶ୍ରମଠାରେ ଅରୂପା ଓ ଅର୍କଶ୍ରୀ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅରୂପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ସାହୁ ଯୋଗଦେଇ ଏହି କାର୍ଯ୍ୟକ୍ରମ ଓଡିଶାର କାରୀଗରମାନଙ୍କ ନିର୍ମିତ ହସ୍ତଶିଳ୍ପ ସାମଗ୍ରୀଗୁଡିକ ନିମନ୍ତେ ଏକ ବଜାର ସୃଷ୍ଟି କରାଯାଇ ଏହାର ପ୍ରଚାରପ୍ରସାର କରାଯିବ ବୋଲି କହିଥିଲେ। ଉକ୍ତ ପ୍ରଦର୍ଶନୀରେ ୧୨୦ଗୋଟି ହସ୍ତଶିଳ୍ପ କଳା ଉଦ୍ୟୋଗୀ ଭାଗ ନେଇ ନିଜର ସ୍ୱଉତ୍ପାଦିତ ସାମଗ୍ରୀ ପ୍ରଦର୍ଶିତ କରିବା ସହ ବିକ୍ରି କରିବେ। ଏହି ୮ଦିନିଆ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍ୟୋଗୀମାନଙ୍କୁ ବଜାର ସଂଯୋଗ, ବ୍ୟାପକ ମାର୍କେଟିଙ୍ଗି ବ୍ୟବସ୍ଥା, ବୈଷୟିକ ଜ୍ଞାନକୌଶଳ, ଦ୍ରବ୍ୟ ରପ୍ତାନି ଓ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଅବଗତ କରାଯିବ। ଏହି ପ୍ରଦର୍ଶନୀରେ ପିପିଲି ଚାନ୍ଦୁଆ, ଟେରାକୋଟା ସାମଗ୍ରୀ, ହସ୍ତଶିଳ୍ପର ସୌଖୀନ ସାମଗ୍ରୀ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ମିଳିପାରିବ। ଏହି ପ୍ରଦର୍ଶନୀରେ ଓଡ଼ିଆ ତଥା ଭାରତବର୍ଷର ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ ସାମଗ୍ରୀ ଉପଲବ୍ଧ ହୋଇପାରିବ ବୋଲି ଅର୍କଶ୍ରୀର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି। ଏଥିରେ ବିଶେଷ ଆକର୍ଷଣ ସାଜିବ ରାଜସ୍ଥାନର ଖାଦ୍ୟ ବଜାର। ଏହାବ୍ୟତୀତ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ବୈଠକରେ ଅର୍କଶ୍ରୀର କାର୍ଯ୍ୟକ୍ରମ ଅଧିକାରୀ ସୁରେଶଚନ୍ଦ୍ରସ୍ୱାଇଁ,ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ରୁକ୍ମିଣୀ ଦେବୀଙ୍କ ସମେତ କୋଣାର୍କ ଅଞ୍ଚଳର ହସ୍ତଶିଳ୍ପ କାରିଗରମାନେ ଉପସ୍ଥିତ ଥିଲେ ।

# ଭାଜପା ଯୁବ ମୋର୍ଚ୍ଚାର ବିକ୍ଷୋଭ



ଭାଜପା ଯୁବମୋର୍ଚ୍ଚାର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପୁରୀ ଅଫିସ,୨୦।୨:

ବେରୋଜଗାରରେ ଓଡ଼ିଶା ଆଜି ଦେଶର ପ୍ରଥମ ସ୍ଥାନରେ ରହିଛି। ଦିନକୁ ଦିନ ରାଜ୍ୟରେ ବେରୋଜଗାରୀଙ୍କ ସଂଖ୍ୟା ବଢୁଛି। କିନ୍ତୁ ଏଥିପ୍ରତି ରାଜ୍ୟ ସରକାରଙ୍କର ନିଘା ନାହିଁ। ଏହାକୁ ବିରୋଧ କରି ପୁରୀ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଗୁରୁବାର ଅପରାହ୍ନରେ ପୁରୀ କୋର୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଖଣିଜ ସମ୍ପଦରେ ଭରପୂର ଓଡ଼ିଶା। ହେଲେ ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ବେକାରି ସମସ୍ୟା ବଢିଚାଲିଛି ବୋଲି ବିକ୍ଷୋଭକାରୀମାନେ କହିଥିଲେ। ବିକ୍ଷୋଭରେ ଶାଶ୍ୱତ ମହାପାତ୍ର, ରବି ସ୍ୱାଇଁ, ସତ୍ୟନାରାୟଣ ଦଳବେହେରା, ପ୍ରଦୀପ ନାୟକ, ସୌମ୍ୟ ମିଶ୍ର, ରଞ୍ଜିତା ପାଢ଼ୀ, ସଂଗ୍ରାମ ପରିଡ଼ା, ଶିବଶଙ୍କର ମିଶ୍ର, ମନୋରଞ୍ଜନ ବିଶୋଇ ପ୍ରମୁଖ ସାମିଲ ଥିଲେ।

# ଟ୍ରେନ୍‌ରେ ଛାଡ଼ିଥିବା ବ୍ୟାଗ୍ ଫେରିପାଇଲେ ଯବାନ

## ଆର୍‌ପିଏଫ୍ କର୍ମଚାରୀଙ୍କ ସାଧୁତାକୁ ପ୍ରଶଂସା

ପୁରୀ ଅଫିସ,୨୦।୨:

ଟ୍ରେନ୍‌ରେ ଛାଡ଼ିଯାଇଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ନଗଦ ୩୦, ୫୮୦ ଟଙ୍କା ଥିବା ବ୍ୟାଗ୍‌କୁ ଫେରି ପାଇଛନ୍ତି ଜଣେ ଯବାନ। ପୁରୀ ଆର୍‌ପିଏଫ୍ ଥାନା ଅଧିକାରୀଙ୍କ ହାତରୁ ସମ୍ପୃକ୍ତ ଯବାନ ଏହି ବ୍ୟାଗ ଫେରିପାଇବା ବେଳେ ଭାବ ବିହ୍ୱଳ ହୋଇପଡ଼ିଥିଲେ। ସୂଚନା ଅନୁଯାୟୀ, ପୁରୀ ଆର୍‌ପିଏଫ୍ ଏଏସ୍‌ଆଇ କେ.ଏସ୍. ପାଇକରାୟ, ହାବିଲଦାର ଏସ୍.କେ. ପ୍ରଧାନ, କନଷ୍ଟେବଲ ଏନ୍. ମଲିକ ପୁରୁଷୋତ୍ତମ ଏକ୍ସପ୍ରେସ ଟ୍ରେନରେ ଡ୍ୟୁଟି କରୁଥିଲେ। ଏହି ସମୟରେ ଖୋର୍ଦ୍ଧା ଜଙ୍କସନ୍‌ରେ ଏକ ସ୍ଲିପର ବଗିରେ ଦୁଇଟି ବ୍ୟାଗ ରହିଥିବା ଦେଖି ଅନ୍ୟ ପାସେଞ୍ଜରଙ୍କୁ ପଚାରିଥିଲେ। ମାତ୍ର କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ବ୍ୟାଗ ଦୁଇଟିକୁ ପୁରୀକୁ ନେଇଆସିଥିଲେ। ଯାଞ୍ଚ ବେଳେ ବ୍ୟାଗ ଦୁଇଟିରୁ ୩ଟି ବ୍ୟାଙ୍କ ପାସ୍‌ବୁକ, ୨ଟି ଏଟିଏମ୍ କାର୍ଡ, ସିଏସ୍‌ଡି କ୍ୟାଣ୍ଟିନ କାର୍ଡ, ଆର୍ମି ପରିଚୟପତ୍ର, ଛୁଟି ଅନୁମତି ପତ୍ର ଆଦି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିବା ଦେଖିବାକୁ ମିଳିଥିଲା। ଏ ନେଇ ଆର୍‌ପିଏଫ୍ ଥାନା ଅଧିକାରୀ ଅନିଲ କୁମାର ସିଂ ଆର୍ମି ହେଡ୍‌କ୍ୱାର୍ଟର୍ସ ସହ ଯୋଗାଯୋଗ କରିଥିଲେ। ସେହି ବ୍ୟାଗ ଦୁଇଟି ଭାରତୀୟ ସ୍ଥଳସେନା ବିହାର ରେଜିମେଣ୍ଟର ହାବିଲଦାର ଅନ୍ତର୍ଯ୍ୟାମୀ ପ୍ରଧାନଙ୍କର ବୋଲି ଜାଣିବାକୁ ପାଇଥିଲେ। ଏହାପରେ ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ ଅନ୍ୟମନସ୍କତାରେ ବ୍ୟାଗ ଦୁଇଟି ଛାଡ଼ି ଚାଲିଥିଲେ ବୋଲି କହିଥିଲେ। ବୁଧବାର ସେ ପୁରୀ ଆର୍‌ପିଏଫ୍ ଥାନାକୁ ଆସି ନିଜର ବ୍ୟାଗ ନେଇଥିଲେ। ଏଥିପାଇଁ ସେ ଆର୍‌ପିଏଫ୍‌କୁ ସାଧୁବାଦ ଜଣାଇଥିଲେ।



ଅନ୍ତର୍ଯ୍ୟାମୀ ପ୍ରଧାନଙ୍କୁ ଟଙ୍କା ଓ ବ୍ୟାଗ୍ ହସ୍ତାନ୍ତର କରାଯାଉଛି।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର
ଜନଧନ ଯୋଜନା ଦ୍ୱାରା
ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

FINANCE
ସରକାରୀ ଯୋଜନା ଦ୍ୱାରା
All Odisha ଋଣ ନିଜର
ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ
ଆଧାର ଲୋନ, ପଶୁପାଳନ,
ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

OMM FINANCE
OMM ଋଣ ଲିମିଟେଡ୍ ଭାରତର
ସବୁଠୁ ବଡ କମ୍ପାନୀ ଦ୍ୱାରା
ମାର୍କସିଟ, ଆଧାରକାର୍ଡ, କୃଷି
ଓ ସମ୍ପତି, ବ୍ୟକ୍ତିଗତ, BPL
ଋଣ ଘରେବସି 24 ଘଣ୍ଟାରେ
ପାଆନ୍ତୁ। 3% ସୁଧ 25% ଛାଡ
+ ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର,
ମାର୍କଶିଟ୍, ପର୍ସନାଲ,
ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

NATIONAL FINANCE
ସରକାରୀ ଯୋଜନା ଦ୍ୱାରା
ନିଜର ମାର୍କସିଟ, ଆଧାରକାର୍ଡ,
କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ,
ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ। ଅଳ୍ପ
ସମୟ ଓ ପୁରା
ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ
ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍,
ଗୁପ୍ତରୋଗ, ପୁରୁଣା କଷ୍ଟ,
ଔଷଧ ନ ଲାଗିବା, ବନ୍ଧୀକରଣ,
ଯାଦୁଟୋନା, କାର୍ଯ୍ୟକାରିଣୀ,
ବିବାହରେ ବାଧା, ସ୍ପେଶାଲିଷ୍ଟ-
ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ
ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100%
ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍
ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି,
ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ,
ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ
କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ
ନ କରିବା, ଯାଦୁ-ଟୋନା, ବଶୀକରଣ,
ଗୁଣିଗାରେଡ଼ି, ବିବାହରେ
ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7042350747
8929313996

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Galaxy Tower ଗ୍ରୁପର
ଟାୱାର ବସାଇ ଅଗ୍ରୀମ
70,000,00/-
ପାଆନ୍ତୁ ଓ ମାସକୁ
ଭଡା 45,000/- ଟଙ୍କା
ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road
Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ ଲଗାନ୍ତୁ) ।
ମୋ. 9411277198

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବୃଦ୍ଧା, ବାଳିକା ଓ ଯୁବତୀ ସ୍ତ୍ରୀଙ୍କୁ ଦେଖି ସେମାନଙ୍କୁ ମାତା, କନ୍ୟା ଓ ଭଗ୍ନୀ ରୂପରେ ଚିନ୍ତା କରିବା ହେଉଛି ସର୍ବଶ୍ରେଷ୍ଠ ବ୍ରହ୍ମଚର୍ଯ୍ୟ, ଯାହାକୁ ତିନିଲୋକରେ ପୂଜ୍ୟ ଅଟେ।
-ଭଗବାନ ବୁଦ୍ଧ



## ସଂକ୍ଷେପରେ

### ପ୍ରଶାସନ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ପୁରୀ ଅଫିସ,୨୦।୨:** ପୁରୀ ଜିଲାରେ ଫନୀ ସହାୟତା ଓ ପ୍ରଧାନମନ୍ତ୍ରୀ (ପିଏମ୍) ଆବାସ ଯୋଜନା ତାଲିକାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଜିଲା ଭାଜପା ପକ୍ଷରୁ ଗତ ମଙ୍ଗଳବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଗୁରୁବାର ତୃତୀୟ ଦିବସରେ ଜିଲାପାଳ ବଲୱନ୍ତ ସିଂ ଭାଜପା ପ୍ରତିନିଧିଙ୍କୁ ଡାକି ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଫନୀ ସହାୟତା ଏବଂ ପ୍ରଧାନମନ୍ତ୍ରୀ (ପିଏମ୍) ଆବାସ ଯୋଜନା ତାଲିକାର ସାର୍ବଜନୀନ କରାଯିବ। ଏଥିରେ ଯେଉଁ ତ୍ରୁଟି ହୋଇଛି ତାହାର ମଧ୍ୟ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଭାଜପା ଧାରଣାରୁ ଉଠିଛି ବୋଲି ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ କହିଛନ୍ତି। ଏହି ପ୍ରତିନିଧି ଦଳରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଓମ୍ ପ୍ରକାଶ ମିଶ୍ର,ପୂର୍ଣ୍ଣଚନ୍ଦ୍ର ଓଝା ସାମିଲ ଥିଲେ।

### 'ମାତୃଭାଷା ଗୋଟିଏ ଜାତିର ପରିଚୟ'

**ପୁରୀ ଅଫିସ,୨୦।୨:** ମାତୃଭାଷା ହେଉଛି ଗୋଟିଏ ଜାତିର ପରିଚୟ। ମାତୃଭାଷାକୁ ନେଇ ଗୋଟିଏ ଜାତି ଗର୍ବ ଅନୁଭବ କରେ ବୋଲି ଗୁରୁବାର ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ମାତୃଭାଷା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭାଷାବିତ୍ ଡ. ହରପ୍ରସାଦ ମିଶ୍ର ଏହା କହିଛନ୍ତି। ପ୍ରଧାନାଚାର୍ଯ୍ୟ ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ପ୍ରମୋଦା ଦେବୀ, ବିଜୟ କୁମାର ପଣ୍ଡା, ସତ୍ୟନାରାୟଣ ମିଶ୍ର, ପ୍ରମୋଦ କୁମାର ଦଳାଇ, ପ୍ରଭାତ ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଭାଷାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ କବିତା ପାଠ, ପ୍ରବନ୍ଧ ଲିଖନ, ଶ୍ରୁତଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଜନପ୍ରତିନିଧିଙ୍କୁ ନେଇ ବୈଠକ

**ପିପିଲି,୨୦।୨(ଡି.ଏନ.ଏ.):** ଗୋପ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଚାଳଘରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇ ଆବାସ ଯୋଜନା ଗୃହ ଦିଆଯିବ। ୨୦୧୬-୧୭ ଆର୍ଥିକ ବର୍ଷ ପୂର୍ବରୁ ସମସ୍ତ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ବୁଧବାର ବ୍ଲକ ପକ୍ଷରୁ ୩୧ଟି ପଞ୍ଚାୟତର ସମସ୍ତ ଜନପ୍ରତିନିଧିଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ଦେବ ଯୋଗଦେଇ ଜନପ୍ରତିନିଧିମାନଙ୍କ ସହଯୋଗ କାମନା କରିଥିଲେ। ଗ୍ରାମରେ ଥିବା ଚାଳଘର ବ୍ୟକ୍ତିଙ୍କୁ ପ୍ରଥମେ ଚୟନ କରି ଏହି ଯୋଜନାରେ ସାମିଲ କରିବାକୁ ବିଡିଓ ଦୀପ୍ତିରାଣୀ ଦାସ କହିଥିଲେ। ବୈଠକରେ ସରପଞ୍ଚ ବିଭୂତି ଭୂଷଣ ସାହୁ, ସରପଞ୍ଚ ସୁଲୋଚନା ଶଗଡ଼ିଆ, ମାନସ ସାହୁ, ଜିତେନ୍ଦ୍ର ମଲ୍ଲିକ, ସମିତିସଭ୍ୟ କରୁଣାକର ସାହୁ, ଦେବବ୍ରତ ସାହୁ, କମଳାକାନ୍ତ କୁଅଁର, କୃଷ୍ଣଚନ୍ଦ୍ର ବେହେରା, ଶଙ୍ଖଲତା ମିଶ୍ର ଯୋଗଦେଇଥିଲେ।

### ରେଭେନ୍‌ସା ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଭ୍ରମଣ

**ସାକ୍ଷୀଗୋପାଳ,୨୦।୨(ଡି.ଏନ୍.ଏ.):** ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ୫୮ ଜଣ ଛାତ୍ରୀଛାତ୍ର ଶୈକ୍ଷିକ ଭ୍ରମଣରେ ଆସି ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପ୍ର. ବିକଳ ଚରଣ ଦାସ, ପ୍ର. ଶରତ କୁମାର ରାଉତ, ଅଶୋକ ଦାମସେନା ଓ ଗୀତାଞ୍ଜଳି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆସି ସତ୍ୟବାଦୀ ଐତିହାସିକ ବକୁଳବନ, ପଞ୍ଚସଖାଙ୍କ ସମାଧି ପୀଠ ଓ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ବୁଲି ଦେଖିବା ସମୟରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଶିକ୍ଷକ ବନମାଳୀ ବେହେରା, ଆଶୋକ ପ୍ରଧାନଙ୍କ ସହ ଆଲୋଚନାରେ ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷା ପ୍ରଣାଳୀ ସମ୍ପର୍କରେ ବୁଝିଥିଲେ। ବିଦ୍ୟାଳୟର ପ୍ରଧାନ କଶିକ୍ଷକ ଭବମ ପ୍ରଧାନ, ସହକାରୀ ଶିକ୍ଷକ ବିଜୟ କୁମାର ପରିଡା, ଆଦର୍ଶ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସ୍ୱର୍ଗଦ୍ୱାର ଜମି ଜବରଦଖଲ

**ପୁରୀ ଅଫିସ, ୨୦।୨**

- ମାଡ଼ି ବସିଛନ୍ତି ପ୍ରଭାବଶାଳୀ, ହାତ ମାରୁନି ପ୍ରଶାସନ
- ସୀମିତ ଜାଗାରେ ଆଧୁନିକୀକରଣକୁ ନେଇ ଉଠିଲା ପ୍ରଶ୍ନ

ସ୍ୱର୍ଗଦ୍ୱାର ଶ୍ମଶାନ ଜମିକୁ ମାଡ଼ି ବସିଛନ୍ତି ବହୁ ପ୍ରଭାବଶାଳୀ ବ୍ୟକ୍ତି। ଦୀର୍ଘବର୍ଷ ଧରି ବେଆଇନ ଭାବେ ସ୍ୱର୍ଗଦ୍ୱାର ଜମିକୁ ଜବରଦଖଲ କରି ରଖିଛନ୍ତି। ହେଲେ ଜବରଦଖଲକୁ ଉଚ୍ଛେଦ ନ କରି ପ୍ରଶାସନ ଏବେ ସୀମିତ ଜାଗାରେ ସ୍ୱର୍ଗଦ୍ୱାରର ଆଧୁନିକୀକରଣ କାମ ଆରମ୍ଭ କରିଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ଏହାଦ୍ୱାରା ପ୍ରଶାସନ ପରୋକ୍ଷରେ ସ୍ୱର୍ଗଦ୍ୱାର ଜମି ଦୁର୍ନୀତିକୁ ଚାପିଦେଉଛି ବୋଲି ସଚେତନ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ପ୍ରଶନ୍ନ କୁମାର ଦାଶ କହିଛନ୍ତି।

ପୁରୀ ସମୁଦ୍ରକୂଳକୁ ଲାଗି ବାଲିସାହି ମୌଜାରେ ରହିଛି ସ୍ୱର୍ଗଦ୍ୱାର ଶ୍ମଶାନ। ସାବକ ରେକର୍ଡରେ ୧୬ ଏକର ୪୦୦ ଡିସିମିଲ ଜମିରେ ସ୍ୱର୍ଗଦ୍ୱାର ଶ୍ମଶାନ ଥିବା ବେଳେ ହାଲ୍ ରେକର୍ଡରେ ଏହା ୪୬୫ ଡିସିମିଲକୁ ହ୍ରାସ ପାଇଛି। ଅଧିକାଂଶ ଜମି ବେଆଇନ ଭାବେ ଅନ୍ୟମାନଙ୍କ ନାମରେ ରେକର୍ଡ ହୋଇଛି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଅସାଧୁ ରାଜସ୍ୱ ଅଧିକାରୀଙ୍କୁ ହାତ କରି ଏହି ଦୁର୍ନୀତି କରିଛନ୍ତି। କିନ୍ତୁ ଅନେକ ସମୟରେ ସ୍ୱର୍ଗଦ୍ୱାର ଜମି ଦୁର୍ନୀତିକୁ ନେଇ ହୋହଲ୍ଲା ହେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହା ଥମି ଯାଉଛି। କେଉଁ ଅଦୃଶ୍ୟ ଶକ୍ତି ଚାପରେ ସରକାର ଚୁପ୍ ହୋଇଯାଉଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି ପୁରୀର ଜନସାଧାରଣ। ସରକାର ନୀରବଦ୍ରଷ୍ଟା ସାଜିବା ଫଳରେ ସଂକୁଚିତ ହୋଇଯାଇଛି ସ୍ୱର୍ଗଦ୍ୱାର। ବର୍ତ୍ତମାନ ସ୍ୱର୍ଗଦ୍ୱାର କହିଲେ ୧ ଏକରଠାରୁ କମ୍ ଜମିର ପରିସୀମାକୁ ଦର୍ଶାଉଛି। ତିନିପାର୍ଶ୍ୱରେ ଜବରଦଖଲ ସ୍ୱର୍ଗଦ୍ୱାରକୁ ଏକପ୍ରକାର ଚାପି ରଖିଛି। ଜବରଦଖଲକୁ ମୁକ୍ତ ନ କରି ସରକାର ଏବେ ସ୍ୱର୍ଗଦ୍ୱାର ବିକାଶର ସ୍ୱପ୍ନ ଦେଖିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ୧୩ ତାରିଖରେ ସ୍ୱର୍ଗଦ୍ୱାର ଆଧୁନିକୀକରଣ କାମ ଆରମ୍ଭ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଛି। ମହାପ୍ରସ୍ଥାନମ୍ ଢାଞ୍ଚାରେ ଏହାର ବିକାଶ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୪ଟି ମୃତଦେହ ଦାହ ପିଣ୍ଡି କରାଯିବ। ଏହାର ନିର୍ମାଣ କାର୍ଯ୍ୟ ୩ ମାସ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତୀକ୍ଷାଳୟ, ପ୍ରାୟ ୪୦୦ ଲୋକଙ୍କ ନିମନ୍ତେ ଖୋଲା ସ୍ଥାନ, କାର୍ଯ୍ୟାଳୟ, ଶୌଚାଳୟ, ପୂଜା ଓ ଶ୍ରାଦ୍ଧ ମଣ୍ଡପ, ସଂଲଗ୍ନ ରାସ୍ତାର ନିର୍ମାଣ, ଅସ୍ଥି ରଖିବା ପାଇଁ ଲକର, ପାର୍କିଂ, ଚେଞ୍ଜିଂରୁମ୍ ଆଦି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ଲାଗି ଯୋଜନା କରାଯାଇଛି। ତେବେ ସୀମିତ ଜମି ମଧ୍ୟରେ ଏତେ ସୁବିଧା କିପରି ଉପଲବ୍ଧ କରାଯାଇପାରିବ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସଚେତନ ନାଗରିକ ମଞ୍ଚ ସଭାପତି।

ମଞ୍ଚ ସଭାପତି ଦାଶ କହିଛନ୍ତି, ୧୯୨୭ ମସିହାରେ ସ୍ୱର୍ଗଦ୍ୱାର ଶ୍ମଶାନ ଜମି ୧୬ ଏକର ୪୦୦ ଡିସିମିଲ ରହିଥିଲା। କାଳକ୍ରମେ ଜମିକୁ ବହୁ ପ୍ରଭାବଶାଳୀ ବ୍ୟକ୍ତି ମାଡ଼ି ବସିଲେ। ୧୯୮୫ରେ ସ୍ୱର୍ଗଦ୍ୱାର ରକ୍ଷଣାବେକ୍ଷଣ ଏବଂ ବିକାଶ ନିମନ୍ତେ ପୌରସଂସ୍ଥା ଅଧୀନକୁ ଯିବା ବେଳେ ୪୬୪ ଡିସିମିଲ ଜମି ଥିବା ଜଣାପଡ଼ିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୌରସଂସ୍ଥାର ଅନୁରୋଧ କ୍ରମେ ଜିଲା ପ୍ରଶାସନ ୯୦୦ ଡିସିମିଲ ଜମି ହସ୍ତାନ୍ତର କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ସ୍ୱର୍ଗଦ୍ୱାର ଜମିକୁ କେତେଜଣ ପ୍ରଭାବଶାଳୀ, ରାଜନେତା, ବ୍ୟବସାୟୀ ଚକ୍ରାନ୍ତ କରି ହାତେଇ ନେଲେ। ଫଳରେ ବର୍ତ୍ତମାନ ସ୍ୱର୍ଗଦ୍ୱାର ୪୬୪ ଡିସିମିଲ ମଧ୍ୟରେ ସୀମିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସ୍ୱର୍ଗଦ୍ୱାର ଜମି ଦୁର୍ନୀତିର ତଦନ୍ତ କରି ଜବରଦଖଲ ମୁକ୍ତ କରିବା ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏଥିରୁ ରାଜ୍ୟ ସରକାର ଜମି ମାଫିଆଙ୍କୁ ପ୍ରୋତ୍ସାହିତ କରୁଥିବା ସ୍ପଷ୍ଟ ହେଉଛି। ତେଣୁ ସରକାରଙ୍କ ସ୍ୱର୍ଗଦ୍ୱାର ବିକାଶ ସ୍ୱପ୍ନ କେବଳ ପ୍ରହେଳିକା ଭଳି ଲାଗୁଛି ବୋଲି ଦାଶ କହିଛନ୍ତି।




ମହାଶିବରାତ୍ରି ପୂର୍ବରୁ ଗୁରୁବାର ପୁରୀ ବେଳାଭୂମିରେ ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ବାଲୁକା କଳା।



ରାଜଶ୍ରୀ ବିର୍ଲା ଏବଂ ଅନ୍ୟମାନେ ଗୁରୁବାର ଶ୍ରୀଜୀଉଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ବିର୍ଲାଙ୍କ ମା'

**ପୁରୀ ଅଫିସ,୨୦।୨**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି କୁମାର ମଙ୍ଗଳମ ବିର୍ଲାଙ୍କ ମା' ରାଜଶ୍ରୀ ବିର୍ଲା। ଗୁରୁବାର ରାତିରେ ରାଜଶ୍ରୀ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେହି ସମୟରେ ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ପ୍ରଶାସନିକ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସେ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସର ବିଭିନ୍ନ ମନ୍ଦିର ବୁଲିଥିଲେ। ଲକ୍ଷ୍ମୀ ମନ୍ଦିରରେ କିଛି ସମୟ ବସିଥିଲେ। ରାଜଶ୍ରୀ ପ୍ରାୟ ଦେଢ଼ଘଣ୍ଟା ମନ୍ଦିରରେ ରହି ଫେରିଯାଇଥିଲେ।

## ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

**ପୁରୀ ଅଫିସ, ୨୦।୨**

ପୁରୀ-ଭୁବନେଶ୍ୱର ରାସ୍ତାର ଗୋପୀନାଥପୁର ଛକରେ ଏକ ମଦ ଦୋକାନ ଖୋଲିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ପତ୍ରାଙ୍କ ନଂ. ୧୨୨/୧.୨.୨୦ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ନେଇ ଗୋପୀନାଥପୁରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ନିଜ ନିଷ୍ପତ୍ତିର ପୁନଃ ତର୍ଜମା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଗୁରୁବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଶ୍ରୀକ୍ଷେତ୍ରରେ ପ୍ରବେଶ ଲାଗି ଅଠରନଳା ହେଉଛି ମୁଖ୍ୟ ପ୍ରବେଶ ପଥ। ଏଠାରେ ପୂର୍ବରୁ ଏକ ମଦ ଦୋକାନ ରହିଛି। ଏହାର ଶହେ ମିଟର ପରିଧି ମଧ୍ୟରେ ପୁଣି ମଦ ଦୋକାନ ଖୋଲିବା ଲାଗି ପ୍ରଶାସନ ଅନୁମତି ଦେଲେ ଏଠାରେ ମଦ୍ୟପ ଓ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ଜମିବ। ଫଳରେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବ। ସେହିପରି ଗୋପୀନାଥପୁରରେ ୩ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ପୋଷ୍ଟ ଅଫିସ, ଘରୋଇ ପ୍ରତିଷ୍ଠାନ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଆଦି ରହିଛି। ଏହି ପରିଧି ମଧ୍ୟରେ ମଦ ଦୋକାନ ଖୋଲାଗଲେ ଅଶାନ୍ତିକର ବାତାବରଣ ସୃଷ୍ଟି ହେବ। ଏଣୁ ପ୍ରଶାସନ ଏହି ନିଷ୍ପତ୍ତିରୁ ଓହରିଯିବାକୁ ଗ୍ରାମବାସୀ ଦାବିପତ୍ରରେ ଦର୍ଶାଇଛନ୍ତି।

## ୬ ମାସ ପରେ ଏକାଠି ହେଲେ ଦମ୍ପତି

**ପୁରୀ ଅଫିସ, ୨୦।୨**

ଗତ ୬ ମାସର ବ୍ୟବଧାନ ପରେ ପୁଣି ଏକାଠି ହୋଇଛନ୍ତି ଦମ୍ପତି। ହ୍ୟୁମାନ ରାଇଟ୍‌ସ ଫ୍ରଣ୍ଟ ପୁରୀ ଜିଲା କର୍ମୀଙ୍କ ପ୍ରଚେଷ୍ଟାରେ ଏହି ଦମ୍ପତି ଏକାଠି ହୋଇ ପୁଣି ନିଜ ଘର ସଂସାର ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ବ୍ରହ୍ମଗିରି ଥାନା ଅଞ୍ଚଳର ଏକ ଦମ୍ପତି ପାରିପାରିକ ଅଶାନ୍ତି କାରଣରୁ ଅଲଗା ହୋଇଯାଇଥିଲେ। ଏ ସମ୍ପର୍କରେ ଅନୁଷ୍ଠାନର କର୍ମକର୍ତ୍ତା ଜାଣିବା ପରେ ଉଭୟ ପକ୍ଷ ପରିବାର ସହ ଆଲୋଚନା କରିଥିଲେ। ଅନୁଷ୍ଠାନ କାର୍ଯ୍ୟାଳୟରେ ଉଭୟ ପରିବାର ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ଜିଲା ଆବାହିକା ପ୍ରାନ୍ତସିନୀ ଜେନା, ରାଜ୍ୟ ଆବାହକ ରାଜୀବ ପଟ୍ଟନାୟକ, ସଂଯୋଜକ ରମେଶ ଭାରତୀ, ପଞ୍ଚାନନ ପ୍ରଧାନ, ଡ. ରାଧେଶ୍ୟାମ ରଥ, ବାପିନା ସାମନ୍ତରାୟ, ଜଗନ୍ନାଥ ଦାସ, ସୁଦର୍ଶନ ପ୍ରଧାନଙ୍କ ସମେତ ଉଭୟ ପକ୍ଷର ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ଜାଗର ଲାଗି ଟ୍ରାଫିକ କଟକଣା

**ପୁରୀ ଅଫିସ,୨୦।୨**

ମହାଶିବରାତ୍ରିରେ ଶ୍ରୀଲୋକନାଥ ପୀଠ ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ଶୈବପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିଲାଗି ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ମୋଟ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ୨ଜଣ ଅତିରିକ୍ତ ଏସ୍‌ପି, ୪ଜଣ ଡିଏସ୍‌ପି, ୧୧ଜଣ ଇନ୍ସପେକ୍ଟର, ୩୬ଜଣ ଏସ୍‌ଆଇ ଏବଂ ଏଏସ୍‌ଆଇ, ୩୬ଜଣ ହାବିଲଦାର, ୯୮ଜଣ କନଷ୍ଟେବଲ, ୧୪ଜଣ ଟ୍ରାଫିକ କନଷ୍ଟେବଲ ଏବଂ ୨୧୯ ଜଣ ହୋମଗାର୍ଡ ମୁତୟନ ରହିବେ ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ଲୋକନାଥ ପୀଠ ନିକଟରେ ପୋଲିସ କଣ୍ଟ୍ରୋଲ ରୁମ୍ ଓ ଅସ୍ଥାୟୀ କ୍ୟାମ୍ପ ବ୍ୟବସ୍ଥା ହୋଇଛି। ପିକ୍ ପକେଟ ଓ ଲୁଟେରାଙ୍କ ଉପରେ ସ୍ୱତନ୍ତ୍ର ନଜର ରହିବ। ଜନଗହଳି ଓ ଛକ ସ୍ଥାନରେ ପୋଲିସ ମୁତୟନ ରହିବେ। ଟ୍ରାଫିକ ନିୟନ୍ତ୍ରଣ ଲାଗି କିଛି ସ୍ଥାନରେ ସିଙ୍ଗଲ ୱେ ବ୍ୟବସ୍ଥା ହେବ। ପୌର ପ୍ରଶାସନ ପକ୍ଷରୁ ଚିହ୍ନଟ ସ୍ଥାନରେ ବାଇକ ପାର୍କିଂ କରାଯିବ। ଚାରିଚକିଆ ଯାନ ପ୍ରବେଶ ଉପରେ କଟକଣା କରାଯାଇଛି। ଗୁରୁବାର ମଧ୍ୟରାତ୍ରିରୁ ଟ୍ରାଫିକ କଟକଣା ଲାଗୁ ହେଉଛି। ସହରର ସମସ୍ତ ଶୈବପୀଠରେ ପୋଲିସ ମୁତୟନ ରହିବେ।

## ଦୋକାନରୁ ଚୋରି, ଜଣେ ଗିରଫ

**ନିମାପଡ଼ା,୨୦।୨(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଗୋଲେଇଛକସ୍ଥିତ ଗୋପାଳଚନ୍ଦ୍ର ପ୍ରଧାନଙ୍କ ଜଳଖିଆ ଦୋକାନରୁ ଚୋରି କରିବା ଅଭିଯୋଗରେ ଗୁରୁବାର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଫୁଲସରା ବସ୍ତିର ପ୍ରକାଶ ମଲ୍ଲିକ। ତାଙ୍କ ଘରୁ ୩ହଜାର ୫ଶହ ଚୋରି ଟଙ୍କା ଜବତ ହୋଇଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ଗତ ୭ ତାରିଖ ରାତିରେ କେହି ଦୁର୍ବୃତ୍ତ ଗୋପାଳଚନ୍ଦ୍ରଙ୍କ ଦୋକାନରେ ପଶି ୩୦ହଜାର ଟଙ୍କା ଚୋରାଇ ନେଇଥିଲେ। ଏ ନେଇ ଗତ ୮ ତାରିଖରେ ଗୋପାଳଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୪/୨୦)ରୁଜୁକରି ତଦନ୍ତ ଚଳାଇଥିଲା। ସ୍ଥାନୀୟ ଲୋକେ ଓ ଦୋକାନ ମାଲିକ ସିସିଟିଭି ଫୁଟେଜକୁ ଆଧାର କରି ବୁଧବାର ବିଳମ୍ବିତ ରାତିରେ ଜଣେ ଚୋରଙ୍କୁ ଜୟଶ୍ରୀ ଛକରୁ ଧରି ପୋଲିସ ଜିମା ଦେଇଥିଲେ। ଗୁରୁବାର ପୋଲିସ ତାଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

## ସାହିତ୍ୟିକଙ୍କ ବେଶରେ ସଜ୍ଜିତ ହେଲେ ବିଦ୍ୟାର୍ଥୀ

**ପୁରୀ ଅଫିସ,୨୦।୨**

ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇ କହିଥିଲେ, ମଣିଷର ଭାବାବେଗ, ସଂସ୍କୃତି ଓ ଇତିହାସ ସହ ମାତୃଭାଷା ଜଡ଼ିତ। ଏହା ଭ୍ରାତୃତ୍ୱ ଭାବ ସୃଷ୍ଟି କରିଥାଏ। ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ବାଳିକା ଶିକ୍ଷା ସଂଯୋଜିକା ରେଖା ଚୂଡ଼ାଶର୍ମା ଓ ପୂର୍ବକ୍ଷେତ୍ର ବାଳିକା ଶିକ୍ଷା ସଂଯୋଜିକା ତଥା ସେବିକା ସମିତି ପ୍ରଚାରିକା ପବିତ୍ରା ଦାହଲ, ପରିଚାଳନା ସମିତି ସମ୍ପାଦକ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ପ୍ରିୟରଞ୍ଜନ ଜେନା, ଉପସଭାପତି ରତ୍ନାକର ସାହୁ ଯୋଗଦେଇଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ଢଗଢମାଳି, ଶୁଦ୍ଧଲିଖନ, ପତ୍ରବାଚନ, କବିତା ଆବୃତ୍ତି, ନିବନ୍ଧ ପ୍ରଶ୍ନମଞ୍ଚ ପ୍ରତିଯୋଗିତା, ବିଭିନ୍ନ ସାହିତ୍ୟିକଙ୍କ ବେଶ ପ୍ରତିଯୋଗିତା, ଫଟୋଚିତ୍ର ପ୍ରଦର୍ଶନୀ ଏବଂ ଆମ ମହାନ ଭାଷା ଓ ସଂସ୍କୃତି ଶୀର୍ଷକ ୨ଟି ନାଟକ ପରିବେଷଣ ହୋଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ସ୍ନେହଲତା ମିଶ୍ର ବିବରଣୀ ପାଠ କରିଥିବାବେଳେ ଆଚାର୍ଯ୍ୟ ପ୍ରଫୁଲ୍ଲ ମିଶ୍ର ଧନ୍ୟବାଦ ଦେଇଥିଲେ।

## ମୌଳିକ ଅଧିକାର ସଂକ୍ରାନ୍ତ ଆଲୋଚନାଚକ୍ର



ଆଲୋଚନାରେ ଯୋଗ ଦେଇଥିବା ଅତିଥିମାନେ।

**ପୁରୀ ଅଫିସ, ୨୦।୨**

ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ସଦର ବୀର ବଳଭଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ମୌଳିକ କର୍ତ୍ତବ୍ୟ ଓ ଅଧିକାର ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ଅଧ୍ୟକ୍ଷତା କରି କହିଲେ ଯେ, ମୌଳିକ ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଦେଶର ସଚେତନ ନାଗରିକ ଭାବେ ଜାତୀୟ ସଂହତି, ଜାତୀୟ ସମ୍ପତ୍ତିର ସୁରକ୍ଷା ଲାଗି ଉତ୍ତରଦାୟିତ୍ୱ ରହିଛି। ଗଠନ ମୂଳକ ସମାଜ ଦିଗରେ ଅଗ୍ରସର ହେବାକୁ ମହାପାତ୍ର ଆହ୍ୱାନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ମିଶ୍ର ପଞ୍ଚାୟତର ଉନ୍ନତି ରେ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧିକରଣର ପ୍ୟାନେଲ ଆଇନଜୀବୀ ନୃସିଂହ ଚରଣ ମହାନ୍ତି ଶିକ୍ଷା ଅଧିକାର ଓ ଶିଶୁ ଅଧିକାର ଆଇନ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ।

## ପୁରୀର ସନ୍ତୋଷ କୁସ୍ତିରେ ଅଫିସିଆଲ ମନୋନୀତ

**ପୁରୀ ଅଫିସ, ୨୦।୨**

- ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ
- ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ଗେମ

ଖେଲୋ ଇଣ୍ଡିଆ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ୨୨ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ହେବ। ଏଥିରେ କୁସ୍ତିରେ ବୈଷୟିକ ଅଫିସିଆଲ ଭାବେ ଦାୟିତ୍ୱ ତୁଲାଇବାକୁ ପୁରୀ ଜିଲା ପୋଲିସରେ କନଷ୍ଟେବଲ ଭାବେ କାର୍ଯ୍ୟରତ କୁସ୍ତିବିତ୍ ସନ୍ତୋଷ କୁମାର ସାହୁଙ୍କୁ ଭାରତୀୟ କୁସ୍ତି ସଂଘ ପକ୍ଷରୁ ମନୋନୀତ କରାଯାଇଛି। ଏ ନେଇ ସଂଘ ପକ୍ଷରୁ ଅତିରିକ୍ତ ଡିଜିପି (ହେଡକ୍ୱାର୍ଟର)ଙ୍କ ନିକଟକୁ ଏକ ପତ୍ର ଲେଖାଯାଇଛି। ଜଣେ ମାତ୍ର ଓଡ଼ିଆ ଭାବେ ସନ୍ତୋଷ କୁସ୍ତିରେ ଏହି ଦାୟିତ୍ୱ ତୁଲାଇବେ। ୮ ବର୍ଷ ବୟସରେ କୁସ୍ତି ପ୍ରତି ସନ୍ତୋଷଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା। ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ଓଡ଼ିଶା ତଥା ଜାତୀୟ ସ୍ତରରେ ଖେଳି ସେ ବହୁ ସୁନାମ ଅର୍ଜନ କରିଛନ୍ତି। ବର୍ତ୍ତମାନ ସେ ଓଡ଼ିଶା ପୋଲିସରେ କୁସ୍ତି କୋଚ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ଏହି ସଫଳତା ଲାଗି ଗୁରୁ ମାଗି ଭଞ୍ଜ, କ୍ରୀଡ଼ା ସଙ୍ଗଠକ ସବ୍ୟସାଚୀ ରଥ, କନଷ୍ଟେବଲ ସଂଘ ଜିଲା ସଭାପତି ଶୁଭ୍ରାଂଶୁ ଶେଖର ପ୍ରଧାନ, ସମ୍ପାଦକ ବିରଞ୍ଚି ମହାରଣା, କୁସ୍ତିବିତ୍ ରାମଚନ୍ଦ୍ର ଦାସମହାପାତ୍ର, ସନ୍ତୋଷ କୁମାର ଦାସ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ନାଟ୍ୟଶାସ୍ତ୍ର ସଂରକ୍ଷଣ ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୨୦।୨**

ଭାରତୀୟ ସଙ୍ଗୀତ ସଂସ୍ଥାନ, ଭୁବନେଶ୍ୱର ଆନୁକୂଲ୍ୟରେ ପୁରୀ ମଙ୍ଗଳ ମଣ୍ଡପରେ ଗୁରୁବାର ନାଟ୍ୟଶାସ୍ତ୍ର ଓ ଭାଷାବିଭବ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ଅଦ୍ୱୈତ ଚରଣ ଧଳ ଯୋଗଦେଇ ନାଟ୍ୟଶାସ୍ତ୍ର ଉପରେ ଆଲୋକପାତ କରି ଏହାର ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. କୀର୍ତ୍ତନ ପାତ୍ରୀ ଯୋଗଦେଇ ଓଡ଼ିଆ ଭାଷାର ପ୍ରାଚୀନତା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ ସୂଚାଉଛି



ଅତିଥିମାନେ ଓଡ଼ିଆ ଭାଷାର ଐତିହ୍ୟ ସମ୍ପର୍କିତ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ଏହା ଏକ ବହୁ ପୁରାତନ ଭାଷା। ଏହାର ବିକାଶ ନିମନ୍ତେ ସମସ୍ତଙ୍କ ଉତ୍ତର ଦାୟିତ୍ୱ ରହିଛି। ମାତୃଭୂମି ଓ ଭାଷାକୁ ନେଇ ଗର୍ବ ଅନୁଭବ କର ବୋଲି ଡ. ଧଳ କହିଥିଲେ। ସଭାପତିତ୍ୱ ଭାଷଣରେ ଡ. ମିଶ୍ର କହିଲେ ଯେ, ଭାରତୀୟ ସାହିତ୍ୟ, ସଙ୍ଗୀତ, କଳାର ବିଶ୍ୱକୋଶ ହେଲା ନାଟ୍ୟଶାସ୍ତ୍ର। ଏଥିରେ ଓଡ଼ିଆ ଭାଷା ସମ୍ପର୍କରେ ବହୁ ତଥ୍ୟ ଉଲ୍ଲେଖ ରହିଛି। ନିଜ ପିଲାଙ୍କୁ ଓଡ଼ିଆ ଭାଷାରେ ପାଠ ପଢାଇବା, ସେମାନଙ୍କ ଓଡ଼ିଆ ପ୍ରୀତି ଜାଗ୍ରତ କରିବା ହେଉଛି ପ୍ରତ୍ୟେକ ଅଭିଭାବକଙ୍କ କର୍ତ୍ତବ୍ୟ। କୌଣସି ବ୍ୟକ୍ତି ସଫଳତା ହାସଲ କରିବାକୁ ହେଲେ ପ୍ରଥମେ ନିଜ ଭାଷାରେ ସିଦ୍ଧହସ୍ତ ହେବା ଜରୁରୀ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀନିବାସ ଆଚାର୍ଯ୍ୟ, ଦିଗମ୍ବର ମହାନ୍ତି, ଶରତ କୁମାର ସାହୁ, ସତ୍ୟନାରାୟଣ ମିଶ୍ର, କୃଷ୍ଣଚନ୍ଦ୍ର ରଥ, ଡ. କାର୍ତ୍ତିକ ଦାସ, ପ୍ରଭାକର ମିଶ୍ର, ସଦାଶିବ ମିଶ୍ର, ଚନ୍ଦ୍ରଶେଖର ମହାରଣା, ଆର୍ତ୍ତତ୍ରାଣ ମାନସିଂ, କାଶୀନାଥ ମିଶ୍ର, ନବକିଶୋର ରଥ, ଦେବୀପ୍ରସନ୍ନ ନନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୧/୨୦୨୦ (୨୦ ପୃଷ୍ଠା) | Bhubaneswar, Friday, February 21/2020 | ★★★★★★

୪୬ଶ ଭାଗ ୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-













ଦକ୍ଷିଣ ଦିଲ୍ଲୀର ମୁନିର୍କା ଅଞ୍ଚଳରେ ଏକ ୬ ମହଲା କୋଠା ଗୁରୁବାର ଢଳିଯିବାରୁ ଏହାର ବାସିନ୍ଦା ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଭୋର ସମୟରେ ଏହି ଘଟଣା ଜଣାପଡିବା ପରେ ପୋଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ବିଲ୍ଡିଂରୁ ୪୫ ଜଣ ଏବଂ ପାଖରେ ରହୁଥିବା ଶତାଧିକ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଛି। ସେଠାରେ ମ୍ୟୁନିସିପାଲ କର୍ପୋରେଶନ ଟିମ୍ ଏବଂ ଜାତୀୟ ଏନ୍‌ଡିଆର୍‌ଏଫ୍ ଟିମ୍ ଉପସ୍ଥିତ ରହିଛନ୍ତି।

## ସଂକ୍ଷେପରେ

### ଗୁଳିକାଣ୍ଡରେ ୯ ନିହତ

**ହନାଉ,୨୦।୨:** ଜର୍ମାନୀର ଜଣେ ବନ୍ଧୁକଧାରୀ ଫ୍ରାଙ୍କ୍‌ଫର୍ଟର ବିଭିନ୍ନ ସ୍ଥାନରେ ଗୁଳି ଚଳାଇବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତି ୧୦ଟାରେ ସେ ପ୍ରଥମେ କେନ୍ଦ୍ରୀୟ ହନାଉସ୍ଥିତ ହୁକା ବାର୍ ଉପରେ ଆକ୍ରମଣ କରିଥିଲେ। ଏହାପରେ ସେ ପ୍ରାୟ ୨.୫ କିଲୋମିଟର ଯାଇ ପୁଣିଥରେ ଗୁଳି ଚଳାଇଥିଲେ। ପୋଲିସ ଆକ୍ରମଣକାରୀଙ୍କ କାର୍‌କୁ ପିଛା କରି ତାଙ୍କ ଘରେ ପହଞ୍ଚିଥିଲା। ସେଠାରେ ଆକ୍ରମଣକାରୀଙ୍କୁ ତାଙ୍କ ବୃଦ୍ଧା ମାଆଙ୍କ ନିକଟରୁ ମୃତାବସ୍ଥାରେ ଉଦ୍ଧାର କରାଯାଇଛି। ବିଦେଶୀଙ୍କୁ ଘୃଣା କରିବା ମାନସିକତାରୁ ଏଭଳି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିବା ହେସେ ପ୍ରଦେଶର ଗୃହମନ୍ତ୍ରୀ ପିଟର ବେଉଥ୍ କହିଛନ୍ତି। ସ୍ୱାଧୀନ ଓ ଶାନ୍ତିପୂର୍ଣ୍ଣ ସମାଜ ଉପରେ ଏହା ଆକ୍ରମଣ ବୋଲି ସେ ମତ ଦେଇଛନ୍ତି। ଆକ୍ରମଣରେ ନିହତଙ୍କ ମଧ୍ୟରୁ ଅଧିକାଂଶ ତୁର୍କୀ ନାଗରିକ। ଆକ୍ରମଣର କାରଣ ଜାଣିବା ପାଇଁ ପୂର୍ବରୁ ଉକ୍ତ ବ୍ୟକ୍ତି ଅନଲାଇନରେ କୌଣସି ଭିଡିଓ ପୋଷ୍ଟ କରିଥିଲେ କି ନାହିଁ ପୋଲିସ ତାହାର ଅନୁଧ୍ୟାନ କରୁଛି।

### ବିଏଟି ଷଡ଼ଯନ୍ତ୍ରକୁ ପଣ୍ଡ କରିଛି ସେନା

**ନୂଆଦିଲ୍ଲୀ,୨୦।୨(ପି.ଟି.):** ଜମ୍ମୁ-କଶ୍ମୀର ସୀମାରେ ଅଶାନ୍ତି ସୃଷ୍ଟି କରିବା ପାଇଁ ପାକିସ୍ତାନୀ ସୈନ୍ୟବାହିନୀର ସୀମା କାର୍ଯ୍ୟାନୁଷ୍ଠାନ ଟିମ୍ (ବିଏଟି)ର ଉଦ୍ୟମକୁ ଭାରତୀୟ ସେନା ପଣ୍ଡ କରିଦେଇଛି। ଏପରିକି ସେମାନେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପୂର୍ବରୁ ଆମ ଯବାନମାନେ ତାହାକୁ ବିଫଳ କରିଦେଇଥିଲେ ବୋଲି ସ୍ଥଳ ସେନାଧ୍ୟକ୍ଷ ଜେନେରାଲ ଏମ୍.ଏମ୍. ନରୱଣେ କହିଛନ୍ତି। ବିଏଟିରେ ପାକିସ୍ତାନୀ ସୈନ୍ୟ ସମେତ ଜୈଶ-ଇ-ମହମ୍ମଦ ଏବଂ ଲଶ୍କର-ଇ-ତୋଇବା ଭଳି ସଂଗଠନର ଆତଙ୍କବାଦୀମାନେ ରହିଛନ୍ତି। ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ରହିଥିବା ଭାରତୀୟ ଘାଟିଗୁଡ଼ିକୁ ଅଚାନକ ଆକ୍ରମଣ କରିବା ପାଇଁ ସେମାନଙ୍କୁ ପାକ୍ ସେନା ଟାର୍ଗେଟ ଦେଇଥିଲା। ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ୧୫ରୁ ୨୦ ଆତଙ୍କବାଦୀ ଶିବିର ସକ୍ରିୟ ରହିଥିବାବେଳେ ସେଠାରେ ୨୫୦ରୁ ୩୫୦ ଆତଙ୍କବାଦୀ ମହଜୁଦ୍ ରହିଥିବା ଜେନେରାଲ ନରୱଣେ କହିଛନ୍ତି।

### ସ୍କୁଲ ଉଡ଼ାଇଦେବାକୁ ନବମ ଶ୍ରେଣୀ ଛାତ୍ରଙ୍କ ଧମକ

**ବରେଲୀ,୨୦।୨(ପି.ଟି.):** ଦାବି ମୁତାବକ ୨ ଲକ୍ଷ ଟଙ୍କା ନ ମିଳିଲେ ପୁଲ୍‌ୱାମା ଆକ୍ରମଣ ଭଳି ନିଜ ସ୍କୁଲ କୋଠାକୁ ବିସ୍ଫୋରଣରେ ଉଡାଇଦେବାକୁ ନବମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ଧମକ ଦେଇଛନ୍ତି। ଖବରକାଗଜ ହକର ଭାବେ କାର୍ଯ୍ୟ କରୁଥିବା ଏହି ପିଲାଙ୍କୁ ସୁଧାର ଗୃହକୁ ପଠାଯାଇଥିବା ବରିଷ୍ଠ ଏସ୍‌ପି ଶୈଳେନ୍ଦ୍ର ପାଣ୍ଡେ କହିଛନ୍ତି। ଛାତ୍ର ଜଣକ ଶୁକ୍ରବାର ପ୍ରଧାନଶିକ୍ଷକଙ୍କ ଘରେ ଏକ ଚିଠି ପକାଇଥିଲେ, ଯେଉଁଥିରେ ସ୍କୁଲ କୋଠା ଉଡ଼ାଇଦେବାର ଧମକ ଦିଆଯାଇଥିଲା। ପୁଣିଥରେ ମଙ୍ଗଳବାର ଉକ୍ତ ଛାତ୍ର ପ୍ରଧାନଶିକ୍ଷକଙ୍କୁ ଚିଠି ଦେଇ ପୁଲ୍‌ୱାମା ଭଳି ଆକ୍ରମଣ କରିବେ ବୋଲି ଧମକ ଦେଇଥିଲେ। ପ୍ରଧାନଶିକ୍ଷକଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା। ଜେରା ବେଳେ ଛାତ୍ର ଜଣକ ସହଜରେ ଟଙ୍କା ରୋଜଗାର ପାଇଁ ଏଭଳି କରିଥିବା ସ୍ୱୀକାର କରିଛନ୍ତି।

# ଉଚ୍ଛେଦ ହେବନି ୩୭୧

ଇଟାନଗର,୨୦।୨(ପି.ଟି.)

ଉତ୍ତର-ପୂର୍ବାଞ୍ଚଳକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୧କୁ ହଟାଯିବ ନାହିଁ। ଏହାକୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ର ସରକାରଙ୍କ କୌଣସି ଉଦ୍ଦେଶ୍ୟ ନାହିଁ। ଅନୁଚ୍ଛେଦ ୩୭୧କୁ ନେଇ ଗୁଜବ ପ୍ରସାର କରୁଥିବା ଲୋକେ ସେମାନଙ୍କ ଉଦ୍ୟମରେ ସଫଳ ହେବେ ନାହିଁ ବୋଲି ଗୁରୁବାର ଚେତାବନୀ ଦେଇଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା। ଗତ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଏହାସହ ଜମ୍ମୁ-କଶ୍ମୀରଠାରୁ ଲଦାଖକୁ ଅଲଗା କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ପରେ ବିରୋଧୀ ଦଳଗୁଡ଼ିକ ଘୋର ବିରୋଧ କରିଥିଲେ। ଏଥିସହ ଅନୁଚ୍ଛେଦ ୩୭୧କୁ ହଟାଇବା ପାଇଁ ସରକାର ଯୋଜନା କରୁଥିବା ନେଇ ବିରୋଧୀ ସମାଲୋଚନା କରିଥିଲେ।




### ଅରୁଣାଚଳରେ ସ୍ପଷ୍ଟକଲେ ଶାହା

ଅରୁଣାଚଳ ପ୍ରଦେଶକୁ ରାଜ୍ୟ ମାନ୍ୟତା ମିଳିବାର ୩୪ତମ ବର୍ଷପୂର୍ତ୍ତି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ରାଜଧାନୀ ଇଟାନଗର ଗସ୍ତ କରିଥିଲେ। ଏହି ଅବସରରେ ଏକ ସଭାକୁ ସମ୍ବୋଧିତ କରି ଶାହା କହିଥିଲେ, ଅରୁଣାଚଳ ପ୍ରଦେଶ ଓ ମିଜୋରାମର ପ୍ରତିଷ୍ଠା ଦିବସରେ ସମଗ୍ର ଉତ୍ତର-ପୂର୍ବାଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଉଛି ଯେ ଅନୁଚ୍ଛେଦ ୩୭୧ ହଟିବ ନାହିଁ। ଏହାକୁ ନେଇ ଯେଉଁମାନେ ଅପପ୍ରଚାର ଚଳାଇଛନ୍ତି, ସେମାନେ କେବେହେଲେ ସଫଳ ହେବେ ନାହିଁ। ଆମ ସରକାର ଆପଣମାନଙ୍କ ସଂସ୍କୃତିକୁ ଏକାଠି କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସଂସ୍କୃତିର ସୁରକ୍ଷା କେନ୍ଦ୍ର ସରକାରଙ୍କ କେବଳ ଦାୟିତ୍ୱ ନୁହେଁ, କର୍ତ୍ତବ୍ୟ ମଧ୍ୟ। ଏଥିଲାଗି ବିଗତ ୫ ବର୍ଷରେ କେନ୍ଦ୍ରମନ୍ତ୍ରୀମାନେ ୨୦୦ ଥର ଏହି ଅଞ୍ଚଳକୁ ଗସ୍ତ କରିଥିଲେ। ଏପରି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ୩୦ ଥର ଉତ୍ତର-ପୂର୍ବାଞ୍ଚଳକୁ ଆସିଛନ୍ତି ବୋଲି ଶାହା ପ୍ରକାଶ କରିଛନ୍ତି। ଅରୁଣାଚଳ ପ୍ରଦେଶ ଓ ମିଜୋରାମର ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ଦୁଇ ରାଜ୍ୟର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଅନୁଚ୍ଛେଦ ୩୭୧ ଅଧୀନରେ ଉତ୍ତର-ପୂର୍ବାଞ୍ଚଳର ଅଧିକାଂଶ ରାଜ୍ୟ ସମେତ ଆନ୍ଧ୍ର ପ୍ରଦେଶ, କର୍ଣାଟକ ଓ ଗୋଆକୁ ସ୍ୱତନ୍ତ୍ର କ୍ଷମତା ମିଳିଛି। ଏହି ରାଜ୍ୟଗୁଡ଼ିକୁ ସେମାନଙ୍କ ଆଦିବାସୀ ସଂସ୍କୃତିର ସଂରକ୍ଷଣ ନିମନ୍ତେ ଏହା ପ୍ରଦାନ କରାଯାଇଛି।

# ଦୁଇ ଦଳିତଙ୍କୁ ନିର୍ମମ ପ୍ରହାର

ଜୟପୁର,୨୦।୨(ପି.ଟି.)



- ଭିଡିଓ ଭାଇରାଲ ପରେ ୭ ଅଭିଯୁକ୍ତ ଗିରଫ
- ରାଜସ୍ଥାନରେ ରାଜନୈତିକ ଝଡ଼

ରାଜସ୍ଥାନର ନାଗୌର ଅନ୍ତର୍ଗତ କାର୍‌ନୁ ଗ୍ରାମରେ ଦୁଇ ଦଳିତ ଯୁବକଙ୍କୁ ନିସ୍ତୁକ ମାଡ଼ ମରାଯିବା ଘଟଣା ଏବେ ରାଜନୈତିକ ଝଡ଼ ସୃଷ୍ଟି କରିଛି। ଏକ ମୋଟର ସାଇକେଲ ଶୋ'ରୁମ୍‌ରୁ ଏଦୁହେଁ ଟଙ୍କା ଚୋରି କରୁଥିବା ଅଭିଯୋଗ କାରଣରୁ ଏମାନଙ୍କୁ ଆକ୍ରମଣ କରାଯାଇଛି। ଦୁଇ ଯୁବକଙ୍କ ମଧ୍ୟରୁ ଜଣଙ୍କ ମଳଦ୍ୱାରରେ ସ୍କ୍ରୁଡାଇଭର ପୂରାଇ ନିସ୍ତୁକ ମାଡ଼ ମରାଯାଇଛି। ଏନେଇ ଭିଡିଓ ଭାଇରାଲ ହେବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ରାଜସ୍ଥାନ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏହା ପରେ ଶୋ'ରୁମ୍‌ରେ କାମ କରୁଥିବା ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପ୍ରକାଶ କରିଛନ୍ତି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏଭଳି ହିଂସ୍ର ଆଚରଣ ମାନବିକ ଅଧିକାରର ସୀମା ସରହଦ ପାର୍ କରିଥିବା ନାଗୌର ଏମ୍‌ପି ହନୁମାନ ବେନିୱାଲ୍ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଏସ୍‌ସି/ଏସ୍‌ଟି ଆଇନ ସହ ଅନ୍ୟ ଦଫା ଲଗାଯାଇଥିବା ଏସ୍‌ପି କହିଛନ୍ତି।

ଭିଡିଓଟି ଫେବୃୟାରୀ ୧୬ରେ ଭାଇରାଲ ହୋଇଥିବାବେଳେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଦାୟୀ କରିଛନ୍ତି ଭାଜପା ଓ ବେନିୱାଲ ନେତୃତ୍ୱାଧୀନ ଆର୍‌ଏଲ୍‌ପି। ଆର୍‌ଏଲ୍‌ପିର ୩ ବିଧାୟକ ଗୁରୁବାର ପ୍ଲାକାର୍ଡ ଧରି ବିଧାନସଭାରେ ପଶିବା ସହ ଦଳିତଙ୍କ ବିରୋଧରେ ହେଉଥିବା ଅତ୍ୟାଚାରକୁ ରୋକାଯାଉ ବୋଲି ନାରାବାଜି କରିଥିଲେ। ବଜେଟ ଅଧିବେଶନ ଯୋଗୁ ବାଚସ୍ପତି ହସ୍ତକ୍ଷେପ କରିବାରୁ ୩ ବିଧାୟକ ବିଧାନସଭା ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରଦେଶ ଭାଜପା ଅଧ୍ୟକ୍ଷ ସତୀଶ ପୂନିଆ କହିଛନ୍ତି, ରାହୁଲଙ୍କ ଟୁଇଟ ପରେ ରାଜ୍ୟ ସରକାର ଆଖି ଖୋଲିବା ଦରକାର। ପୋଲିସ ଫେବୃୟାରୀ ୧୬ ପରିବର୍ତ୍ତେ ୧୯ରେ କାହିଁକି ମାମଲା ରୁଜୁ କଲା ବୋଲି ସେ ପ୍ରଶ୍ନ କରିଛନ୍ତି।

# ମାନସିକ ରୋଗ ଚିକିତ୍ସା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ,୨୦।୨(ପି.ଟି.)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅନ୍ୟତମ ଅପରାଧୀ ବିନୟ ଶର୍ମା ଗୁରୁବାର ନିଜ ମୁଣ୍ଡକୁ ଜେଲ୍‌କାନ୍ଥରେ ପିଟି ଆହତ ହେବା ପରେ ଚିକିତ୍ସା ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ମାନସିକ ଅସୁସ୍ଥ ଥିବା ଦାବି କରିବା ସହ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମ୍ୟାନ ବିହେଭିୟର ଆଣ୍ଡ ଆଲାଏଡ୍ ସାଇନ୍ସେସ୍‌ରେ ଚିକିତ୍ସା ପାଇଁ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଅତିରିକ୍ତ ଦୌରା ଜଜ୍ ଧର୍ମେନ୍ଦ୍ର ରଣା ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଶନିବାର ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜେଲ୍ ଅଧିକାରୀଙ୍କ କହିବା ଅନୁଯାୟୀ ବିନୟ ନିଜ ସେଲ୍‌ରେ ମୁଣ୍ଡ ବାଡ଼େଇ ଆହତ ହୋଇଛନ୍ତି। ରବିବାର ଅପରାହ୍ନରେ ଜେଲ୍ ନମ୍ବର ୩ରେ ଏହି ଘଟଣା ଘଟିଥିଲା। ସାମାନ୍ୟ ଆହତ ବିନୟଙ୍କୁ ଜେଲ୍ ପରିସରରେ ଚିକିତ୍ସା କରାଯାଇଥିଲା। ତେବେ ବିନୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଡାହାଣ ହାତ ଭାଙ୍ଗିଯାଇଛି। ମୁଣ୍ଡରେ ଆଘାତ ଯୋଗୁ ତାଙ୍କର ମାନସିକ ବିକୃତି ହୋଇଛି ଓ ପାଗଳାମି ଦେଖାଦେଇଛି ବୋଲି ତାଙ୍କ ଓକିଲ କହିଛନ୍ତି। ବିନୟ ତାଙ୍କ ମାଆଙ୍କ ସମେତ ଅନ୍ୟମାନଙ୍କୁ ଚିହ୍ନିପାରୁ ନ ଥିବା ଓକିଲ କୋର୍ଟଙ୍କୁ ଜଣାଇଛନ୍ତି।



- ଜେଲ୍ କାନ୍ଥରେ ମୁଣ୍ଡ ପିଟି ବିନୟ ଶର୍ମା ଆହତ
- ତିହାର କର୍ତ୍ତୃପକ୍ଷଙ୍କୁ ଜବାବ ମାଗିଲେ ଅଦାଲତ

ନିର୍ଭୟା ମାମଲାର ୪ ଅପରାଧୀଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦେବା ପାଇଁ ଗତ ୧୭ରେ କୋର୍ଟ ତୃତୀୟ ଥର ପାଇଁ ଡେଥ୍ ୱାରେଣ୍ଟ ଜାରି କରିଥିଲେ। ଏବେ ବିନୟ ମାନସିକ ରୋଗର ଚିକିତ୍ସା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାରୁ ୩ରେ ଅପରାଧୀମାନଙ୍କୁ ଫାଶୀ ଦିଆଯାଇ ନ ପାରେ ବୋଲି କୁହାଯାଉଛି।

### କମଲ ହାସନଙ୍କ ଶୁଟିଂ ସେଟ୍‌ରେ ଦୁର୍ଘଟଣା: ୩ ମୃତ

ଚେନ୍ନାଇ,୨୦।୨(ପି.ଟି.)

ଅଭିନେତା କମଲ ହାସନଙ୍କ ଆଗାମୀ ଚଳଚ୍ଚିତ୍ର 'ଇଣ୍ଡିଆନ-୨' ଶୁଟିଂ ଚାଲିଥିବାବେଳେ ଏକ କ୍ରେନ୍ ଖସିପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ହେବା ସହ ୯ ଆହତ ହୋଇଛନ୍ତି। ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିବା କମଲ ହାସନ ମୃତକମାନଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି। ସେ ମୃତକମାନଙ୍କ ପରିବାର ଓ ଆହତମାନଙ୍କ ପାଇଁ କୋଟିଏ ଟଙ୍କା ସହାୟତା ଘୋଷଣା କରିଛନ୍ତି।



ବୁଧବାର ରାତିରେ ଚଳଚ୍ଚିତ୍ର ଶୁଟିଂ ଚାଲିଥିବାବେଳେ ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରେ ଜଣେ ସହକାରୀ ନିର୍ଦ୍ଦେଶକ ଅଛନ୍ତି। ଦୁର୍ଘଟଣାସ୍ଥଳରୁ ଟିକିଏ ପୂର୍ବରୁ ସେ ଚାଲିଆସିଥିବାରୁ ବଞ୍ଚିଗଲେ ବୋଲି କମଲ ହାସନ କହିଛନ୍ତି। ଫେରାର ଥିବା କ୍ରେନ୍ ଅପରେଟରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

# ଏପ୍ରିଲରେ ରାହୁଲଙ୍କ ଦ୍ୱିତୀୟ ଇନିଂସ

ନୂଆଦିଲ୍ଲୀ,୨୦।୨(ଆଇଏଏନ୍‌ଏସ୍)



### ପୁଣି ହେବେ କଂଗ୍ରେସ ଅଧ୍ୟକ୍ଷ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣିଥରେ ଦଳର ମଙ୍ଗ ଧରିବେ। ଆସନ୍ତା ଏପ୍ରିଲରେ ସେ କଂଗ୍ରେସ ଅଧ୍ୟକ୍ଷ ପଦକୁ ଫେରିବେ ବୋଲି ସୂତ୍ରରୁ ଜଣାପଡ଼ିଛି। ବଜେଟ ଅଧିବେଶନ ଶେଷ ହେବା ପରେ ଅମଳର ପର୍ବ ବୈଶାଖୀ ବେଳକୁ ତାଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯିବ। ଏଥିସକାଶେ କଂଗ୍ରେସ ପକ୍ଷରୁ ଏକ ବିସ୍ତୃତ ବୈଠକ ଡକାଯିବ ବୋଲି କୁହାଯାଉଛି। କଂଗ୍ରେସର ବିଭିନ୍ନ ମହଲରୁ ଦାବି ହେବା ପରେ ୨୦୧୭ରେ ରାହୁଲ ଗାନ୍ଧୀ ନିର୍ଦ୍ୱନ୍ଦ୍ୱରେ ଦଳର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ମାତ୍ର ୫୦ ଆସନରେ ବିଜୟୀ ହୋଇଥିଲା। ଏପରି କି ବିରୋଧୀ ଦଳର ମାନ୍ୟତା ମଧ୍ୟ ହାସଲ କରିପାରି ନ ଥିଲା। ନିର୍ବାଚନରେ ଶୋଚନୀୟ ପରାଜୟ ପାଇଁ ରାହୁଲ ନିଜକୁ ଦାୟୀ କରି କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଦଳର ବରିଷ୍ଠ ନେତାମାନେ ଯେତେ ଅନୁରୋଧ କରିଥିଲେ ବି ସେ ଇସ୍ତଫାପତ୍ର ପ୍ରତ୍ୟାହାର କରି ନ ଥିଲେ। ଫଳରେ ଗତ ଅଗଷ୍ଟରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ରାହୁଲଙ୍କ ମା' ତଥା ଉପାଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଦଳର ଅନ୍ତରୀଣ ଅଧ୍ୟକ୍ଷ କରାଯାଇଥିଲା। ସୋନିଆଙ୍କ ସ୍ୱାସ୍ଥ୍ୟ ଭଲ ରହୁ ନ ଥିବାରୁ ରାହୁଲଙ୍କୁ ପୁଣିଥରେ ଏହି ଦାୟିତ୍ୱ ଦେବା ପାଇଁ କଂଗ୍ରେସର ବରିଷ୍ଠ ନେତାମାନେ ବିଚାର କରୁଛନ୍ତି।

# କରୋନା ସଂକ୍ରମଣ କମୁଛି

ବେଜିଂ,୨୦।୨
(ପି.ଟି./ ଆଇଏଏନ୍‌ଏସ୍)

- ମୃତ୍ୟୁ ସଂଖ୍ୟା ୨,୧୧୮
- ଚାଇନାରେ ୭୪,୫୭୬ ଆକ୍ରାନ୍ତ

ଚାଇନାରେ କରୋନା ସଂକ୍ରମଣରେ ଏପର୍ଯ୍ୟନ୍ତ ୨,୧୧୮ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ସଂକ୍ରମିତଙ୍କ ସଂଖ୍ୟା ୭୪, ୫୭୬ରେ ପହଞ୍ଚିଛି। ବୁଧବାର ୧୧୪ ଜଣଙ୍କ ମୃତ୍ୟୁ ହୋଇଛି। ହେଲେ ନୂଆ କରୋନା ଭାଇରସ୍ ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ଜଣାପଡ଼ିଛି। ଚାଇନାର ଜାତୀୟ ସ୍ୱାସ୍ଥ୍ୟ କମିଶନ ପକ୍ଷରୁ କୁହାଯାଇଛି ଯେ, ନୂଆ ସଂକ୍ରମିତଙ୍କ ସଂଖ୍ୟା କମି ୩୯୪କୁ ଚାଲିଆସିଛି। ଗତ ଡିସେମ୍ବରଠାରୁ କରୋନା ଭୟଙ୍କର ରୂପ ଧାରଣ କରିଥିବା ବେଳେ ଏବେ ପ୍ରଥମ ଥର ଲାଗି ନୂଆ ସଂକ୍ରମଣକାରୀଙ୍କ ସଂଖ୍ୟା କମିବା ଆରମ୍ଭ କରିଛି। ତଥାପି ଏବେ ୪,୯୨୨ ଜଣ କରୋନାରେ ଆକ୍ରାନ୍ତ ଥିବା ସନ୍ଦେହ କରାଯାଉଛି। ଉହାନ ସହର ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ବୁଧବାର ୧,୭୭୯ ବ୍ୟକ୍ତି ରୋଗମୁକ୍ତ ହୋଇ ହସ୍ପିଟାଲରୁ ଘରକୁ ଫେରିଛନ୍ତି। ମୋଟ ୧୬,୧୫୫ ବ୍ୟକ୍ତି ଅଦ୍ୟାବଧି କରୋନା କବଳରୁ ମୁକୁଳିଥିବା ଜଣାପଡ଼ିଛି। ହଂକଂରେ ଏପର୍ଯ୍ୟନ୍ତ କରୋନା ଭାଇରସ୍ ସଂକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୋଟ ୬୫ ସଂକ୍ରମଣର ଶିକାର ହୋଇଛନ୍ତି। ତାଇୱାନ୍‌ରେ ୨୪, ମାକାଉରେ ୧୦ ବ୍ୟକ୍ତି କରୋନା ସଂକ୍ରମିତ ଥିବା ପ୍ରକାଶ।



### ରାମମନ୍ଦିର ଶିଳାନ୍ୟାସ ପାଇଁ ମୋଦିଙ୍କୁ ଆମନ୍ତ୍ରଣ

ନୂଆଦିଲ୍ଲୀ,୨୦।୨(ଆଇଏଏନ୍‌ଏସ୍)

ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣର ଭୂମିପୂଜନ ଉତ୍ସବରେ ଯୋଗଦେବା ସହ ଶିଳାନ୍ୟାସ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରଣ କରାଯାଇଛି। ମନ୍ଦିର ନିର୍ମାଣ ତଦାରଖ ଦାୟିତ୍ୱରେ ଥିବା ରାମଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଅଧ୍ୟକ୍ଷ ନୃତ୍ୟଗୋପାଳ ଦାସ, ସାଧାରଣ ସମ୍ପାଦକ ଚମ୍ପତ୍ ରାୟ ଏବଂ କୋଷାଧ୍ୟକ୍ଷ ଗୋବିନ୍ଦ ଗିରି ଗୁରୁବାର ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆମନ୍ତ୍ରଣ କରିଛନ୍ତି।

# କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୨୦।୨(ପି.ଟି.)

### ସିଏଏ ବିରୋଧରେ ସାନି ପିଟିଶନ

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ସାନି ପିଟିଶନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। କେରଳ ନଦଭାଥୁଲ ମୁଜାହିଦ୍ଦିନ, ଅଞ୍ଜୁମନ ଟ୍ରଷ୍ଟ ଏବଂ ଦକ୍ଷିଣ କେରଳ ଜମିୟାଥୁଲ ଉଲେମା ସମେତ ୧୫ ଆବେଦନକାରୀ ସାନି ପିଟିଶନ ଦାଏର କରିଥିଲେ। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନ ଉପରେ କେନ୍ଦ୍ର ସରକାର ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି। ପୂର୍ବରୁ ଦାଖଲ ହୋଇଥିବା ୧୫୦ରୁ ଊର୍ଦ୍ଧ୍ୱ ପିଟିଶନ ସହିତ ନୂଆ ପିଟିଶନଗୁଡ଼ିକର ଏକତ୍ର ଶୁଣାଣି ମାର୍ଚ୍ଚରେ ହେବ। ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତ ଆସି ରହିଥିବା ସଂଖ୍ୟାଲଘୁ ଅଣମୁସଲମାନଙ୍କୁ ଭାରତୀୟ ନାଗରିକତା ପ୍ରଦାନ ଲାଗି ସରକାର ସଂଶୋଧିତ ନାଗରିକତ୍ୱ ଆଇନ ଆଣିଥିଲେ।

## ଇତିହାସର ଆଇନାରେ

### ଫେବୃୟାରୀ ୨୧ର ପ୍ରମୁଖ ଘଟଣା

୧୯୭୨ ଫେବୃୟାରୀ ୨୧ରେ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଚାଇନା ଗସ୍ତକରି ଦୁଇଦେଶ ମଧ୍ୟରେ ସମ୍ପର୍କରେ ସୁଧାର ଆଣିବାକୁ ଚେଷ୍ଟା କରିଥିଲେ। ପୂର୍ବରୁ ଦୁଇଦେଶ ମଧ୍ୟରେ ସୁସମ୍ପର୍କ ଥିଲେ ହେଁ ୨୦୧୯ରେ ଆମେରିକା ବିଶ୍ୱର ସର୍ବବୃହତ ଅର୍ଥନୀତି ହେବା ପରେ ଆର୍ଥିକ କାରବାର, ପ୍ରତିରକ୍ଷା ଓ ଦକ୍ଷିଣ ଚାଇନା ସାଗର ସ୍ଥିତିକୁ ନେଇ ଦୁଇଦେଶ ମଧ୍ୟରେ ତିକ୍ତତା ବଢ଼ିବାର ଲାଗିଛି।

୨୦୧୩ ଫେବୃୟାରୀ ୨୧ରେ ଭାରତର ହାଇଦ୍ରାବାଦରେ ସିରିଜ୍ ବୋମା ବିସ୍ଫୋରଣ କରାଯିବା ଫଳରେ ୧୮ ଜଣଙ୍କ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଥିଲେ। ଜନବହୁଳ ଦିଲ୍‌ସୁଖ ନଗରରେ ପ୍ରଥମ ବିସ୍ଫୋରଣ ହୋଇଥିବାବେଳେ ଏହାର ୧୦୦ ମିଟର ଦୂରରେ ପୁଣି ଏକ ବିସ୍ଫୋରଣ କରାଯାଇଥିଲା।

### ଅନ୍‌ସଲ ଭ୍ରାତାଙ୍କ ଦଣ୍ଡ ବଢ଼ାଇବା ଆବେଦନ ଖାରଜ

ନୂଆଦିଲ୍ଲୀ,୨୦।୨(ପି.ଟି.)

ଉପହାର ସିନେମା ହଲ୍ ଅଗ୍ନିକାଣ୍ଡ ମାମଲାରେ ଅନ୍‌ସଲ ଭ୍ରାତାଙ୍କ ଜେଲ୍‌ଦଣ୍ଡ ମିଆଦ ବଢ଼ାଇବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ଏନ୍.ଭି. ରମନା ଏବଂ ଅରୁଣ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଚାମ୍ବରରେ କ୍ୟୁରେଟିଭ୍ ପିଟିଶନର ଶୁଣାଣି କରିଥିଲେ। ଉପହାର ଦୁର୍ଘଟଣାରେ କ୍ଷତିଗ୍ରସ୍ତଙ୍କ ସଂଗଠନ(ଏଭିୟୁଟି) ପକ୍ଷରୁ କ୍ୟୁରେଟିଭ ପିଟିଶନ ଦାଏର କରାଯାଇଥିଲା।

୨୦୧୭ ଫେବୃୟାରୀ ୯ରେ ସୁପ୍ରିମକୋର୍ଟ ୭୮ ବର୍ଷୀୟ ସୁଶୀଲ ଅନ୍‌ସଲଙ୍କ ବୟସାଧିକ୍ୟକୁ ବିଚାରକୁ ନେଇ କୋହଳ ଦଣ୍ଡାଦେଶ ଶୁଣାଇଥିଲେ, ଯେଉଁ ସମୟକୁ ସେ ଜେଲ୍‌ରେ କଟାଇସାରିଥିଲେ। ସୁଶୀଲଙ୍କ ସାନଭାଇ ଗୋପାଳ ଅନସଲଙ୍କୁ ଆଉ ୧ ବର୍ଷ ଜେଲ୍ କାଟିବା ପାଇଁ କୁହାଯାଇଥିଲା। ଦଣ୍ଡାଦେଶର ପୁନର୍ବିଚାର ପାଇଁ ଏଭିୟୁଟି ଓ ଏହାର ଅଧ୍ୟକ୍ଷ ନୀଲମ କ୍ରିଷ୍ଣମୂର୍ତ୍ତି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ପୁଣିଥରେ ଉପହାର କ୍ଷତିଗ୍ରସ୍ତଙ୍କୁ ନିରାଶ କରିଥିବାରୁ ଆଜିର ଦିନକୁ ସେମାନେ କଳାଦିବସ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୧୯୯୭ ଜୁନ୍ ୧୩ରେ ଦିଲ୍ଲୀର ଉପହାର ସିନେମାହଲ୍‌ରେ ହିନ୍ଦୀ ଚଳଚ୍ଚିତ୍ର 'ବର୍ଡର' ପ୍ରଦର୍ଶନ ହେଉଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଶ୍ୱାସରୁଦ୍ଧ ହୋଇ ୫୯ଜଣଙ୍କ ମୃତ୍ୟୁ ହେବା ସହ ଦଳାଚକଟାରେ ୧୦୦ ଜଣ ଆହତ ହୋଇଥିଲେ।

### ଉପହାର ସିନେମା ହଲ୍ ଅଗ୍ନିକାଣ୍ଡ ମାମଲା



# ଦୁର୍ଘଟଣାରେ ଗଲା ୨୬ ଜୀବନ

ଚେନ୍ନାଇ,୨୦।୨
(ପି.ଟି./ ଆଇଏଏନ୍‌ଏସ୍)

ତାମିଲନାଡୁରେ ଗୁରୁବାର ଦୁଇଟି ରାସ୍ତା ଦୁର୍ଘଟଣାରେ ୨୬ ଜଣଙ୍କ ମୃତ୍ୟୁ ଘଟିଛି। ତିରୁପୁର ଜିଲ୍ଲା ଅନ୍ତର୍ଗତ ଅବିନାଶୀ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ମହିଳା ଅଛନ୍ତି। ଟାଇଲ୍ ନେଇ ଆସୁଥିବା ଏକ ଟ୍ରକ୍‌ର ଆଗଚକ ଫାଟିଯିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଫଳରେ ଟ୍ରକ୍‌ଟି ବେଙ୍ଗାଲୁରୁରୁ ଏର୍ନାକୁଲମ୍ ଯାଉଥିବା କେରଳ ରାଜ୍ୟ ସଡ଼କ ପରିବହନ ନିଗମର ଏକ ବସ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ତିରୁପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଗୁରୁତରଙ୍କୁ କୋଏମ୍ବାଟୁର ସ୍ଥାନାନ୍ତର କରାଯାଇଛି।



ତିରୁପୁର ଜିଲ୍ଲା ଅନ୍ତର୍ଗତ ଅବିନାଶୀ ନିକଟରେ ମର୍ମନ୍ତୁଦ ଦୁର୍ଘଟଣାରେ ବସ୍ ଚୂରମାର୍।

ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀ ଦୁର୍ଘଟଣାରେ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ଆହତ ୨୩ ଯାତ୍ରୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟର ଯୋଗେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି ଓ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଶୋକବ୍ୟକ୍ତ କରିବା ସହ ଦୁଇଜଣ ମନ୍ତ୍ରୀଙ୍କୁ ରିଲିଫ କାର୍ଯ୍ୟରେ ସହାୟତା ପାଇଁ ତାମିଲନାଡୁ ପଠାଇଛନ୍ତି। ତିରୁପୁର ଜିଲ୍ଲା ପ୍ରଶାସନ ସହ କେରଳ ସରକାର ନିୟମିତ ଯୋଗାଯୋଗରେ ଅଛନ୍ତି।

ତାମିଲନାଡୁର ସାଲେମ ଜିଲାରେ ଅନ୍ୟ ଏକ ଦୁର୍ଘଟଣାରେ ୬ ଜଣ ନେପାଳୀ ପର୍ଯ୍ୟଟକଙ୍କ ମୃତ୍ୟୁ ହେବା ସହ ୨୪ ଆହତ ହୋଇଛନ୍ତି। କନ୍ୟାକୁମାରୀରୁ ରାଜସ୍ଥାନ ଯାଉଥିବା ସେମାନଙ୍କ ଭ୍ୟାନ୍ ଏକ ବସ୍‌କୁ ଧକ୍କା ଦେଇଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୧/୨୦୨୦ | Bhubaneswar, Friday, February 21/2020 | ପୃଷ୍ଠା-୧




## ରେଖାଙ୍କ ଡେଞ୍ଜର ଜୋନ୍

୨୦୨୦ର କ୍ୟାଲେଣ୍ଡର ଲଞ୍ଚିଙ୍ଗ୍ ସେରିମନିରେ ଅଭିନେତ୍ରୀ ରେଖା ଫଟୋ ପାଇଁ ପୋଜ୍ ଦେବା ବେଳେ ଅମିତାଭଙ୍କ ଫଟୋ ଦେଖି ଏହା ଡେଞ୍ଜର ଜୋନ୍ ବୋଲି କହିଥିଲେ।

୧୨

୧୬

## ଦୂତୀଙ୍କୁ ସାହସିକ ପୁରସ୍କାର

ଷ୍ଟାର୍ ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଆମେରିକୀୟ କ୍ରୀଡ଼ା ଚ୍ୟାନେଲ ଇଏସ୍‌ପିଏନ୍ ପକ୍ଷରୁ ପ୍ରଥମଥର ଦିଆଯାଉଥିବା 'ସାହସିକ ପୁରସ୍କାର' ଜିତିଛନ୍ତି।



# ପାନ୍ କାର୍ଡ ନୁହେଁ ନାଗରିକତ୍ୱର ପ୍ରମାଣ




## ଗୁଆହାଟୀ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

**ଗୁଆହାଟୀ,୨୦।୨:** ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) କାର୍ଡ ଓ ବ୍ୟାଙ୍କ ଦସ୍ତାବିଜଗୁଡ଼ିକୁ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ। ସେହିପରି 'ଗାଓଁ ବୁରା' ବା ଗ୍ରାମ ପ୍ରଧାନଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ମଧ୍ୟ ନାଗରିକତ୍ୱର ପ୍ରମାଣ ନୁହେଁ ବୋଲି ଗୁଆହାଟୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ ହୋଇଛି। ଏଥିରୁ ବାଦ୍ ପଡ଼ିଥିବା ଲୋକେ ନିଜ ନାଗରିକତ୍ୱ ସପକ୍ଷରେ ଫରେନର୍ସ ଟ୍ରିବ୍ୟୁନାଲରେ ଆବେଦନ କରି ଉପଲବ୍ଧ ଦସ୍ତାବିଜ ଦାଖଲ କରୁଛନ୍ତି। ଏହି କ୍ରମରେ ଜାବେଦା ବେଗମ୍ ନାମ୍ନୀ ଜଣେ ମହିଳାଙ୍କ ପକ୍ଷରୁ ଦାଖଲ କରାଯାଇଥିବା ଦସ୍ତାବିଜଗୁଡ଼ିକୁ ଟ୍ରିବ୍ୟୁନାଲ ଗ୍ରହଣ ନ କରିବାରୁ ସେ ଗୁଆହାଟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ମନୋଜିତ୍ ଭୂୟାଁ ଏବଂ ପି. ଜେ. ସାଇକିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି।
-ଜାବେଦା ଦାଖଲ କରିଥିବା ☞ପୃଷ୍ଠା-୨

# ଶାହାଙ୍କ ଅରୁଣାଚଳ ଗସ୍ତକୁ ଚାଇନାର ବିରୋଧ

ନୂଆଦିଲ୍ଲୀ/ବେଜିଂ,୨୦।୨ (ପି.ଟି./ଆଇଏଏନ୍‌ଏସ୍)




■ ସୀମା ବିବାଦକୁ ଜଟିଳ କରୁଛି ନୂଆଦିଲ୍ଲୀ: ବେଜିଂ

■ ଆମ ରାଜ୍ୟକୁ ନେଇ ମୁଣ୍ଡ ଖେଳାଅନି: ଭାରତ

କରୋନା ଭାଇରସ୍ ସଂକ୍ରମଣରେ ଛଟପଟ ହେଉଥିବା ଚାଇନା ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅରୁଣାଚଳ ଗସ୍ତକୁ ବିରୋଧ କରିଛି। ଗୁରୁବାର ଅରୁଣାଚଳ ପ୍ରଦେଶର ପ୍ରତିଷ୍ଠା ଦିବସରେ ଶାହା ଇଟାନଗର ଯାଇଥିବାବେଳେ ବେଜିଂ ଏହାକୁ ଦୃଢ଼ ବିରୋଧ କରିଛି। ଭାରତୀୟ ନେତାଙ୍କ ଏଭଳି ଗସ୍ତ ଯୋଗୁ ସୀମା ବିବାଦ ଅଧିକ ଜଟିଳ ହେଉଛି ବୋଲି ଚାଇନା ଚେତାବନୀ ଦେଇଛି। ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ସେଠାକୁ କେହି ଗସ୍ତକଲେ ଚାଇନାର ମୁଣ୍ଡବ୍ୟଥା ହେବା ଅନୁଚିତ ବୋଲି ନୂଆଦିଲ୍ଲୀ କଡ଼ା ଜବାବ ଦେଇଛି।

ପୂର୍ବରୁ ଏକ କେନ୍ଦ୍ରଶାସିତ ଅଞ୍ଚଳ ଥିବା ଅରୁଣାଚଳ ପ୍ରଦେଶ ୩୪ ବର୍ଷ ତଳେ ଫେବୃୟାରୀ ୨୦ରେ ସମ୍ପୂର୍ଣ୍ଣ ରାଜ୍ୟର ମାନ୍ୟତା ପାଇଥିଲା। ୧୯୧୩-୧୪ରେ ଏହି ଅଞ୍ଚଳ ବ୍ରିଟିଶ ଇଣ୍ଡିଆର ଅଂଶ ଥିଲା। ୧୯୩୮ରେ ଭାରତ ଓ ତିବ୍ବତ ମଧ୍ୟରେ ମ୍ୟାକ୍‌ମାହୋନ ଲାଇନ ଟଣାଯିବା ପରେ ଏହାକୁ ଭାରତରେ ସାମିଲ କରାଯାଇଥିଲା। ହେଲେ ୧୯୫୧ରେ ଚାଇନା ତିବ୍ବତର ଦକ୍ଷିଣାଞ୍ଚଳକୁ ଦଖଲ କରିବା ପରଠୁ ଅରୁଣାଚଳ ପ୍ରଦେଶକୁ ଏହାର ଏକ ଅଂଶ ବୋଲି ବିବେଚନା କରିଆସୁଛି। ତେଣୁ ଅରୁଣାଚଳକୁ କୌଣସି ଭାରତୀୟ ନେତା ଗଲେ ଚାଇନା ବିରୋଧ କରିଥାଏ। ଏହିକ୍ରମରେ ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ୍ କହିଛନ୍ତି, ଅରୁଣାଚଳ ପ୍ରଦେଶ ଭାରତର ଏକ ରାଜ୍ୟ ବୋଲି ବେଜିଂ କେବେ ସ୍ୱୀକୃତି ଦେଇନାହିଁ। ଭାରତ-ଚାଇନାର ପୂର୍ବାଞ୍ଚଳ କ୍ଷେତ୍ରକୁ ନେଇ ବେଜିଂର ସ୍ପଷ୍ଟ ଆଭିମୁଖ୍ୟ ରହିଥିବାରୁ ଶାହାଙ୍କ ଗସ୍ତକୁ ଆମେ ବିରୋଧ କରୁଛୁ। ଏହି ଗସ୍ତ ସୀମାନ୍ତରେ ସ୍ଥିରତାକୁ ଅଣଦେଖା କରି ଚାଇନାର କ୍ଷେତ୍ରୀୟ ସାର୍ବଭୌମତ୍ୱକୁ କ୍ଷୁଣ୍ଣ କରିଛି। କେବଳ ଏତିକି ନୁହେଁ, ଶାହାଙ୍କ ଗସ୍ତ ଫଳରେ ପାରସ୍ପରିକ ରାଜନୈତିକ ଆସ୍ଥା ପ୍ରତି କୁଠାରାଘାତ ହେବା ସହ ଦ୍ୱିପାକ୍ଷିକ ବୁଝାମଣାର ଉଲ୍ଲଂଘନ ହୋଇଛି। ତେଣୁ ନୂଆଦିଲ୍ଲୀ ଆଗକୁ ସୀମା ବିବାଦକୁ ଅଧିକ ଜଟିଳ ହେବା ଭଳି କୌଣସି ପଦକ୍ଷେପ ନ ନେଉ। ସୀମାରେ ଶାନ୍ତି ବଜାୟ ରଖିବା ଲାଗି ଭାରତୀୟ ପକ୍ଷ ପ୍ରୟାସ କରନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି, ଅରୁଣାଚଳକୁ ନେଇ ଆମ ଆଭିମୁଖ୍ୟ ସ୍ପଷ୍ଟ। ଏହି ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଭାରତୀୟ ନେତାମାନେ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ଭଳି ଅରୁଣାଚଳ ପ୍ରଦେଶକୁ ମଧ୍ୟ ନିୟମିତ ଭାବେ ଯାତ୍ରା କରିଥାନ୍ତି। ଭାରତର ଏକ ରାଜ୍ୟକୁ ଭାରତୀୟ ନେତାଙ୍କ ଗସ୍ତକୁ ବିରୋଧ କରିବାର କୌଣସି କାରଣ ନାହିଁ। ଚାଇନା କାହିଁକି ଏପରି କରୁଛି ଭାରତୀୟମାନେ ତାହା ବୁଝିପାରୁନାହାନ୍ତି ବୋଲି ଏକ ଖବରଦାତା ସମ୍ମିଳନୀରେ ରବୀଶ ଜବାବ ଦେଇଛନ୍ତି।

# ଏମ୍ସର ଅବାନ୍ତର ନିଷ୍ପତ୍ତି

## ହିନ୍ଦୀ ଭାଷାକୁ ଗୁରୁତ୍ୱ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ସମସ୍ତ କର୍ମଚାରୀ ଓ ଫାକଲ୍ଟି ଏଣିକି ହିନ୍ଦୀ ଭାଷାରେ କାଗଜପତ୍ରରେ ଦସ୍ତଖତ କରିବା ସହ ବିଭିନ୍ନ ରେକର୍ଡ ପ୍ରସ୍ତୁତ କରିବା ଲାଗି ଗୁରୁବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହି ମର୍ମରେ ଭୁବନେଶ୍ୱର ଏମ୍ସ ପକ୍ଷରୁ ପ୍ରକାଶ ପାଇଥିବା ସରକାରୀ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ସମସ୍ତ କର୍ମଚାରୀ ହିନ୍ଦୀରେ ଦସ୍ତଖତ କରିବେ। ସେମାନଙ୍କ ନାମ ଓ ରେଜିଷ୍ଟରରେ ହେଉଥିବା ସବୁ ପ୍ରକାର କାର୍ଯ୍ୟ ହିନ୍ଦୀରେ କରିବେ। ଚିଠିରେ ସର୍ବନିମ୍ନ ୩୦% ଏବଂ ଯୋଗାଯୋଗ ଲାଗି ଅନ୍ୟୂନ ୫୫% ହିନ୍ଦୀ ଭାଷା ବ୍ୟବହାର କରିବାକୁ ଏଥିରେ କୁହାଯାଇଛି। ହିନ୍ଦୀ ଭାଷାରେ ଆସୁଥିବା ସମସ୍ତ ପତ୍ରର ଉତ୍ତର ସେହି ଭାଷାରେ ଦେବାକୁ ମଧ୍ୟ କୁହାଯାଇଛି। ପ୍ରଶାସନିକ ବୈଠକ ବେଳେ ହିନ୍ଦୀ ଭାଷା ବ୍ୟବହାର କରାଯିବା ସହ ଏହାର ପରବର୍ତ୍ତୀ ବିବରଣୀ ଏହି ଭାଷାରେ ଉଲ୍ଲେଖ କରିବା ଲାଗି ☞ପୃଷ୍ଠା-୨



अखिल भारतीय आयुर्विज्ञान संस्थान
All India Institute of Medical Sciences, Bhubaneswar
सिजुआ, डाक: दुमुडुमा भुवनेश्वर -751019
Sijua, Post: Dumuduma, Bhubaneswar - 751 019

कार्यालय आदेश / OFFICE ORDER

विषय/Sub: Working in Hindi by the faculty and staff members of this Institute.

It is brought to the notice of all concerned that the documents required to be issued bilingually under the section 3(3) of O.L. Act., 1963 and the letters required to be issued only in Hindi under the O.L. Rules, 1976 should be drafted in Hindi originally by the employees proficient in Hindi compulsorily and by the employees having working knowledge of Hindi to the possible extent in the offices.

Accordingly, the government servant is specified to do his official work in Hindi with immediate effect and it is ordered that only Hindi is to used for the following work.

1. All employees should sign in Hindi.
2. Write Name & subject on all files in Hindi.
3. Write name & sub headings of the registers in Hindi & also make entries in Hindi.
4. Write at least 30% Noting & Drafting in Hindi.
5. Write at least 55% correspondence in Hindi.
6. Fill up all the bilingual forms used in the office in Hindi.
7. Replies to all the letters received in Hindi.
8. Discussion may be in Hindi in all administrative meetings & prepare the minutes in Hindi as far as possible.

All the Officers in Administration, Academic Section, Hospital Administration, Finance & Accounts and the heads of the departments are hereby informed to do their work in Hindi and it should be ensured that the staff members working with them are doing their work in Hindi as applicable under OL Rules, 1976. At the end of every quarter starting from January details of the work done in their section / department may be sent to Official Language Section in the attached proforma at the end of the quarter so that a consolidated report may be prepared and sent to the Ministry by the Administration in prescribed time.

To All concerned

( पी के राय /P K Ray )
उप निदेशक (प्रशासन) /Deputy Director (Admin)
एम्स भुवनेश्वर/AIIMS, Bhubaneswar

ହିନ୍ଦୀ ଭାଷା ବ୍ୟବହାର କରିବା ଉପରେ ଏମ୍ସ ପକ୍ଷରୁ ଗୁରୁବାର ଜାରି କରାଯାଇଥିବା ବିଜ୍ଞପ୍ତିର ନକଲ।

# ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ମୃତ୍ୟୁ

**ଓଡ଼ଗାଁ,୨୦।୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ରାଧାକାନ୍ତ ବାଳିକା ହାଇସ୍କୁଲ ଦ୍ୱାରା ପରିଚାଳିତ ୧୧୦ ଶଯ୍ୟା ବିଶିଷ୍ଟ ଏସ୍‌ସି/ଏସ୍‌ଟି ଛାତ୍ରୀ ନିବାସରେ ରହୁଥିବା ଦଶମ ଶ୍ରେଣୀ ପରୀକ୍ଷାର୍ଥୀ (ଛାତ୍ରୀ)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଏ ନେଇ ଓଡଗାଁ ଥାନାରେ ଏକ ଅପମୃତ୍ୟୁ (୩/୨୦) ମାମଲା ରୁଜୁ ହେବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ମୃତ ଛାତ୍ରୀ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ଭାସ୍କର ଜାନିଙ୍କ ଝିଅ ଜ୍ୟୋତିର୍ମୟୀ ଜାନି (୧୪)। ସେ ଉକ୍ତ ସ୍କୁଲରେ ଏସ୍‌ସି/ଏସ୍‌ଟି ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରୀନିବାସରେ ରହି ପଢୁଥିବା ବେଳେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଉଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ପ୍ରାପ୍ତ ସୂଚନା ଅନୁସାରେ ଜ୍ୟୋତିର୍ମୟୀଙ୍କ ଅବସ୍ଥା ସ୍ୱାଭାବିକ ଥିଲା। ସେ ସକାଳେ ସାମାନ୍ୟ ଭାତ ଖାଇବା ପରେ ପରୀକ୍ଷା ନିମନ୍ତେ ପ୍ରସ୍ତୁତି କରୁଥିଲେ। ସାଢେ ୮ଟାରେ ସେ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ହଷ୍ଟେଲ ମାଟ୍ରନ ଛାତ୍ରୀଙ୍କ ଗୋଡରେ ତେଲ ମାଲିସ କରିଥିଲେ ଓ ସାଢେ ୯ଟାରେ ସ୍କୁଲକୁ ଯାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଏ ନେଇ ଛାତ୍ରୀଙ୍କ ବାପାଙ୍କୁ ଜଣାଇଥିଲେ। ସେମାନେ ପହଞ୍ଚିବା ପରେ ମାଟ୍ରନ ସହିତ ଅସୁସ୍ଥ ଛାତ୍ରୀଙ୍କୁ ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ। ନୟାଗଡ ଡାକ୍ତରଖାନାରେ ପହଞ୍ଚିଲା ପରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଛାତ୍ରୀଙ୍କ ବାପାଙ୍କ ଲିଖିତ ଅଭିଯୋଗ ଅନୁସାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଆଖିବୁଜିଲେ ମୀନାକ୍ଷୀ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)/ ବ୍ରହ୍ମପୁର ଅଫିସ

## ବିଜେଡି ନେତ୍ରୀଙ୍କ ଆତ୍ମାହୁତି ଘଟଣା

■ ମୃତ୍ୟୁ ସହ ୯ଦିନର ସଂଗ୍ରାମ କରି ହାରିଗଲେ

■ ମାମଲାକୁ ଗୁରୁତର ସହ ନେଲେ ରାଜ୍ୟ ମହିଳା କମିଶନ

■ ବିଜେଡି ନିଜ ଦଳର ମହିଳାଙ୍କୁ ନ୍ୟାୟ ଦେଇପାରୁନି: ବିରୋଧୀ



୯ଦିନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଛନ୍ତି ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ର। ଗୁରୁବାର ସକାଳ ୯ଟା ୫୫ରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ପୁଅକୁ ମିଥ୍ୟା ମାମଲାରେ ଗିରଫ କରାଯାଇଥିବା ଅଭିଯୋଗ ଆଣିଥିଲେ ମୀନାକ୍ଷୀ। ନ୍ୟାୟ ନ ମିଳିବାରୁ ଶେଷରେ ସେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କର ମୃତ୍ୟୁ ଖବର ପରିବାର ଓ ସମର୍ଥକଙ୍କୁ ସ୍ତବ୍ଧ କରିଦେଇଥିବାବେଳେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି।

ଗତ ୧୨ ତାରିଖରେ ମୀନାକ୍ଷୀଙ୍କ ପୁଅ ରାଜା ଓରଫ କୃତ୍ତିବାସ ମିଶ୍ରଙ୍କୁ ପୋଲିସ ଗିରଫ କରିଥିଲା। ମିଥ୍ୟା ମାମଲାରେ ଗିରଫ କରାଯାଇଥିବା ଅଭିଯୋଗ ଆଣିବା ସହ ଏହା ପ୍ରତିବାଦରେ ମୀନାକ୍ଷୀ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର ଏସ୍‌ପିଙ୍କୁ ଭେଟି ନ ପାରି ଅତିରିକ୍ତ ଏସ୍‌ପିଙ୍କ ସହ ଘଟଣା ନେଇ ଆଲୋଚନା କରିଥିଲେ। କିନ୍ତୁ ତାଙ୍କୁ ନ୍ୟାୟ ମିଳି ନ ଥିଲା। ଶେଷରେ ସେ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ଶରୀରର ୯୫ ପ୍ରତିଶତ ପୋଡିଯାଇଥିବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ମୀନାକ୍ଷୀଙ୍କ ମୃତ୍ୟୁକୁ ନେଇ ପରିବାର ପୂରା ଭାଙ୍ଗିପଡିଛି। ମୀନାକ୍ଷୀଙ୍କ ଭଉଣୀ କହିଛନ୍ତି, ସରକାର ତାଙ୍କ ପୁଅଙ୍କ ବିରୋଧରେ ଲାଗିଥିବା ମିଥ୍ୟା ମାମଲା ଉଠାଇ ନିଅନ୍ତୁ। ଏଥିସହିତ ପରିବାରରେ କେହି ରୋଜଗାର କ୍ଷମ ନ ଥିବାରୁ ଜଣଙ୍କୁ ଚାକିରି ଦେବାକୁ ସେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଭାଜପା ମହିଳା ମୋର୍ଚ୍ଚାର ସଭାପତି ପ୍ରଭାତି ପରିଡ଼ା କହିଛନ୍ତି, ଏହା 'ମୋ ସରକାର'ଙ୍କୁ ଏକ ଧକ୍କା। ଯେଉଁ ସରକାର ନିଜ ଦଳର ମହିଳା ନେତ୍ରୀଙ୍କୁ ନ୍ୟାୟ ଦେଲା ନାହିଁ ସାଧାରଣ ଲୋକଙ୍କୁ କ'ଣ ନ୍ୟାୟ ଦେବ? ସେମାନେ ମୀନାକ୍ଷୀଙ୍କ ସ୍ୱରକୁ କେବେବି ଚାପିଦେଇ ପାରିବେ ନାହିଁ। ଭାଜପା ମହିଳା ମୋର୍ଚ୍ଚା ଏହି ଘଟଣାକୁ ନେଇ ରାଜ୍ୟର ସମସ୍ତ ମା'ଭଉଣୀଙ୍କ ନିକଟକୁ ଯିବ ବୋଲି ପରିଡ଼ା କହିଛନ୍ତି। ସେପଟେ ମୀନାକ୍ଷୀଙ୍କ ମୃତ୍ୟୁ ଘଟଣାକୁ ରାଜ୍ୟ ☞ପୃଷ୍ଠା-୨

# ଧାମରା ବନ୍ଦରରେ ବାଂଲାଦେଶୀ ଜାହାଜ

ଚାନ୍ଦବାଲି,୨୦।୨(ଡି.ଏନ.ଏ.)

## ଚାଇନା କର୍ମଚାରୀ ଅବତରଣକୁ ନେଇ ଗୁଜବ




ଧାମରା ବନ୍ଦରରେ ଲାଗିଥିବା ଜାହାଜ।

ଭଦ୍ରକ ଜିଲା ଧାମରା ବନ୍ଦରରେ ବୁଧବାର ବାଂଲାଦେଶର ଦୁଇଟି ଜାହାଜ ଇସ୍ପାତ ନେବାକୁ ଲାଗିଛି। ଏହି ଦୁଇ ଜାହାଜରେ ଚାଇନା କର୍ମଚାରୀ ଧାମରା ବନ୍ଦରରେ ଅବତରଣକୁ ନେଇ ଗୁଜବ ପ୍ରକାଶ ପାଇଛି। ଚାଇନା ଜାହାଜର କର୍ମଚାରୀଙ୍କ ଦ୍ୱାରା କରୋନା ସଂକ୍ରମଣ ହେବାର ଆଶଙ୍କା ଗୁଜବକୁ ଅଧିକ ଖୋରାକ ଯୋଗାଇଛି। ଜାନୁୟାରୀ ୧୪ ପରେ ଚାଇନାରୁ ଆସିଥିବା ଲୋକଙ୍କଠାରେ କରୋନା ଭାଇରସ୍ ଥିବା ଆଶଙ୍କା ଥିବାବେଳେ ବାଂଲାଦେଶୀ ଜାହାଜର ୪୪ଜଣ ଚାଇନା କର୍ମଚାରୀଙ୍କୁ ନେଇ ଏପରି ମିଥ୍ୟା ଗୁଜବକୁ କମ୍ପାନୀ ପକ୍ଷରୁ ଖଣ୍ଡନ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଚାଇନାରେ କରୋନା ଆତଙ୍କ ପରେ ଧାମରା ବନ୍ଦର ପକ୍ଷରୁ ମଧ୍ୟ ସତର୍କତା ଅବଲମ୍ବନ କରାଯାଇଛି। ମାଲ ପରିବହନ ପାଇଁ ବାହାର ଦେଶର ଜାହାଜ ଧାମରା ବନ୍ଦର ଜେଟିରେ ଲାଗୁଥିଲେ ମଧ୍ୟ କର୍ମଚାରୀଙ୍କ ଅବତରଣ ଲାଗି ଏଠାରେ ଅନୁମତି ନାହିଁ। ଧାମରା ବନ୍ଦରକୁ ଆସୁଥିବା ଜାହାଜ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିୟମିତ ଖବର ପ୍ରଦାନ କରାଯାଉଛି। ଜାହାଜର କର୍ମଚାରୀଙ୍କୁ ବନ୍ଦରର ଡାକ୍ତର ମାସ୍କ ପିନ୍ଧି ବିନା ସ୍ପର୍ଶ (ଥର୍ମାଲ ସ୍କାନିଂ ସିଷ୍ଟମ୍)ରେ ଯାଞ୍ଚ କରିବା ସହ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ଏହାର ରିପୋର୍ଟ ଜାହାଜ ଚଳାଚଳ(ଭାରତ ସରକାର) ଓ ବନ୍ଦର ନିର୍ଦ୍ଦେଶାଳୟ(ଓଡ଼ିଶା)କୁ ପ୍ରତିଦିନ ପ୍ରଦାନ କରାଯାଉଥିବା ବନ୍ଦର ☞ପୃଷ୍ଠା-୨

## ଆଜିର ସମ୍ପାଦକୀୟ

### କେବଳ ଟୋକନିଜ୍‌ମ





Taste the difference! Vencobb FRESH CHICKEN

20.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 46 | 88 | 98 |
| CTC | 46 | 88 | 98 |
| DKL | 48 | 90 | 100 |
| BDK | 50 | 93 | 103 |
| BLS | 52 | 96 | 106 |
| ANG | 49 | 92 | 102 |
| BMP | 44 | 85 | 95 |

*Conditions Apply

Issued in the Interest of Consumers


■ କାଳିଆ ଆଶୀର୍ବାଦକୁ ଭରସା

■ ଭଦ୍ରକରୁ ପୁରୀ ଲାଗିଲା ୨୮ ଘଣ୍ଟା



ପୁରୀରେ ପହଞ୍ଚିଥିବା ସୌରଭ ସେଠୀ।

# ସେନା ଚାକିରି ପାଇଁ ୨୨୦ କି.ମି. ଦୌଡ଼ିଲେ ସୌରଭ

ପୁରୀ ଅଫିସ, ୨୦।୨

ଭାରତୀୟ ସେନାରେ ଯୋଗଦେବାକୁ ପିଲାଟି ଦିନରୁ ରହିଛି ଆଗ୍ରହ। ବାପା ବି ଚାହୁଁଛନ୍ତି ତାଙ୍କ ପୁଅ ସୈନ୍ୟ ବାହିନୀରେ ଯୋଗଦେଇ ଦେଶ ମାତୃକାର ସେବା କରୁ। ନିଜର ଆଗ୍ରହ ଏବଂ ବାପାଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ସେ ସେନାରେ ନିଯୁକ୍ତି ନିମନ୍ତେ ପରୀକ୍ଷା ଦେଉଛନ୍ତି। ହେଲେ ଲିଖିତ ପରୀକ୍ଷାରେ ବାରମ୍ବାର ଝୁଣ୍ଟି ପଡୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ପାଇଲେ ସଫଳତା ମିଳିବ ବୋଲି ବାପା କହିଲେ। ଆଉ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଭଦ୍ରକରୁ ଦୌଡ଼ି ଦୌଡ଼ି ପୁରୀରେ ପହଞ୍ଚିଛନ୍ତି ସୌରଭ ସେଠୀ। ୨୨ ବର୍ଷୀୟ ଏହି ଯୁବକ ୨୮ ଘଣ୍ଟାରେ ଅତିକ୍ରମ କରିଛନ୍ତି ୨୨୦ କି.ମି. ରାସ୍ତା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ନିଜର ମନସ୍କାମନା ଜଣାଇଛନ୍ତି।

ଭଦ୍ରକ ଜିଲା ବନ୍ତ ଅଞ୍ଚଳର ଉଦୟନାଥ ସେଠୀ ଫରେଷ୍ଟର ଚାକିରି କରୁଥିଲେ। ହେଲେ ବ୍ୟକ୍ତିଗତ କାରଣରୁ ଚାକିରି ଛାଡ଼ିଦେଲେ। ଖାକି ବର୍ଦ୍ଦି ପ୍ରତି କିନ୍ତୁ ତାଙ୍କର ଦୁର୍ବଳତା ଥିବାରୁ ତାଙ୍କ ୫ ପୁଅଙ୍କୁ ପୋଲିସ ଏବଂ ସୈନ୍ୟବାହିନୀରେ ପଠାଇବାକୁ ଇଚ୍ଛା କରିଥିଲେ। ବଡ଼ପୁଅ ହରେକୃଷ୍ଣ ବନ୍ତରେ ହୋମିଓ କ୍ଲିନିକ କରିଥିବାବେଳେ ଦ୍ୱିତୀୟ ପୁଅ ସନ୍ତୋଷ ଓଡ଼ିଶା ପୋଲିସରେ, ଚତୁର୍ଥ ପୁଅ ଅରୁଣ ସିଆଇଏସ୍‌ଏଫ୍‌ରେ ଆଉ ସାନପୁଅ ସିଆର୍‌ପିଏଫ୍‌ର କୋବ୍ରା କମାଣ୍ଡୋରେ କାର୍ଯ୍ୟରତ। ତୃତୀୟ ପୁଅ ସୌରଭ। ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ। ପିଲାଟି ଦିନରୁ ଖେଳକୁଦରେ ତାଙ୍କର ଆଗ୍ରହ ରହିଥିଲା। ସ୍କୁଲ କ୍ୟାରିୟରରୁ ପ୍ରତ୍ୟହ ବ୍ୟାୟାମ କରିବା ସହ ୧୦ରୁ ୧୫ କି.ମି. ଦୌଡ଼ିଥାନ୍ତି, ଯାହାକୁ ଏବେ ବି ଜାରି ରଖିଛନ୍ତି। ୩ ଭାଇ ଖାକି ବର୍ଦ୍ଦି ପିନ୍ଧୁଛନ୍ତି। ତେଣୁ ସୌରଭଙ୍କ ଉପରେ ବି ଏହାର ପ୍ରଭାବ ପଡ଼ିଛି। ସେ ବି ସେନାରେ ଯୋଗଦେବା ପାଇଁ ଚେଷ୍ଟା ଚଳାଇଛନ୍ତି। ସେହିପରି ପୁଅ ସେନା ପୋଷାକ ପିନ୍ଧୁ ଏବଂ ଦେଶ ସେବା କରୁ ଏହା ଚାହୁଁଛନ୍ତି ପିତା ଉଦୟନାଥ। ତେଣୁ ବାପାଙ୍କ ସ୍ୱପ୍ନ ପୂରଣ ଓ ନିଜର ଆଗ୍ରହ ଲାଗି ସୌରଭ ଏକାଧିକ ଥର ପରୀକ୍ଷା ଦେଲେଣି। ମାତ୍ର ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରୁ ନାହାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ପାଇଲେ ନିଶ୍ଚିତ ସଫଳ ହେବୁ ବୋଲି ବାପା କହିଲେ। ତେଣୁ ବାପାଙ୍କ କଥା ରଖିବେ, କିନ୍ତୁ ବସ୍ କି ଟ୍ରେନରେ ନୁହେଁ, ଦୌଡ଼ି ଦୌଡ଼ି ପୁରୀ ଆସିବେ ବୋଲି ନିଷ୍ପତ୍ତି ନେଲେ ସୌରଭ। କାରଣ ସେନା ପରୀକ୍ଷାର ଏକ ଅଂଶ ହେଉଛି ଦୌଡ଼। ନିଜକୁ ପ୍ରମାଣିତ କରିବା ଲାଗି ସେ ଏଭଳି ନିଷ୍ପତ୍ତି ନେଇଥିଲେ। ପରିବାର ଲୋକେ ଏବଂ ସାଙ୍ଗସାଥୀ ତାଙ୍କର ଏହି ଦୁଃସାହସିକ ନିଷ୍ପତ୍ତିକୁ ସମର୍ଥନ ଜଣାଇ ଥିଲେ। ପୂର୍ବରୁ ଅର୍ଥାତ୍ ଗତ ୪ ତାରିଖରେ ସୌରଭ ବନ୍ତରୁ ଘଟଗାଁ ୬୬ କି.ମି. ରାସ୍ତାକୁ ଦୌଡ଼ି ଅତିକ୍ରମ କରିବା ସହ ମା' ତାରିଣୀଙ୍କ ଦର୍ଶନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ଆଶୀର୍ବାଦ ପାଇଁ ପୁରୀ ଦୌଡ଼ିବାକୁ ସ୍ଥିର କରିଥିଲେ ସୌରଭ।

ବୁଧବାର ସକାଳ ୭ଟାରୁ ବନ୍ତରୁ ଆରମ୍ଭ ହୋଇଥିଲା ସୌରଭଙ୍କ ଦୌଡ଼। ହାତରେ ଜାତୀୟପତାକା ଧରି ସେ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲେ। ସାଥୀରେ ଭାଇ ଅରୁଣଙ୍କ ସମେତ ବହୁ ସାଥି କାର୍ ଓ ବାଇକ୍‌ରେ ଆସିଥିଲେ। ବାଟରେ କେଉଁଠି ପଇଡ଼, ଜୁସ୍, ପାଣି ପିଇବା ଏବଂ ନିତ୍ୟକର୍ମ ପାଇଁ ଅଳ୍ପ କିଛି ସମୟ ଅଟକୁଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ସେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ☞ପୃଷ୍ଠା-୨

**କିଛି ତଥ୍ୟ** ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଡିସେମ୍ବର ସମୟରେ ଭାରତ ୨୩ ଲକ୍ଷ ଟନ୍ ପାଲ୍ମ ଅଏଲ୍ ଆମଦାନି କରିଛି।
– ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ

**ଆଜିର ମନ୍ତବ୍ୟ** ପାକିସ୍ତାନକୁ ସବୁବେଳେ ସମର୍ଥନ କରିପାରିବ ନାହିଁ ବୋଲି ଚାଇନା ବୁଝିସାରିଛି।
–ଜେନେରାଲ ମନୋଜ ମୁକୁନ୍ଦ ନରୱଣେ, ସ୍ଥଳସେନା ମୁଖ୍ୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଅଭିନନ୍ଦନ
ପରିବାରବର୍ଗ


ମାମା
ପରିବାରବର୍ଗ


ଶିବ
ପରିବାରବର୍ଗ


ରାମଚନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲା କଂଗ୍ରେସ

## ବାଙ୍କୀ ଡବଲ ମର୍ଡର ଘଟଣା

### ରାଜ୍ୟ ବଜେଟକୁ ନେଇ ନିରଞ୍ଜନଙ୍କ ସମାଲୋଚନା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

କଟକ ଜିଲା ବାଙ୍କୀଠାରେ କିଛିଦିନ ତଳେ ଘଟିଥିବା ଡବଲ ମର୍ଡର ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ସିଧାସଳଖ କଂଗ୍ରେସ ଟାର୍ଗେଟ କରିଛି। ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦାବି କରିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି , ବାଙ୍କୀରେ କଂଗ୍ରେସର ଜଣେ ସରପଞ୍ଚଙ୍କ ସ୍ୱାମୀ ଏବଂ ତାଙ୍କ ସାଙ୍ଗରେ ଥିବା ଜଣେ ଖବରଦାତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ରାଜନୈତିକ ଶତ୍ରୁତା ପାଇଁ ସେମାନଙ୍କୁ ହତ୍ୟା କରାଯାଇଛି। ଏଥିରେ ବିଜେଡି ନେତାଙ୍କ ସମ୍ପୃକ୍ତି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହିଂସାର ଡାକରା ଦେଇଥିବା ବେଳେ ତାଙ୍କ ଦଳ ଲୋକମାନେ ଏପରି କରୁଛନ୍ତି। ଏହି ଘଟଣାକୁ ସେ ତୀବ୍ର ନିନ୍ଦା କରିଛନ୍ତି। ସରକାର ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରନ୍ତୁ। ଏହା ପଛରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହା ବାହାର କରାଯାଉ ବୋଲି ନିରଞ୍ଜନ କହିଛନ୍ତି। ଏହାସହ ଗତ ୧୭ ତାରିଖରେ ହତ୍ୟାର ଶିକାର ହୋଇଥିବା ଭଗବାନ ସ୍ୱାଇଁଙ୍କ ଘରକୁ ଯାଇଥିବାବେଳେ ସମ୍ପୂର୍ଣ୍ଣ ଗାଁରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା ବୋଲି ନିରଞ୍ଜନ କହିଛନ୍ତି।

ରାଜ୍ୟ ବଜେଟକୁ ନେଇ ନିରଞ୍ଜନ କହିଛନ୍ତି, ରାଜ୍ୟ ସରକାର ଆଣିଥିବା ୨୦୨୦-୨୧ ବଜେଟରେ ଓଡିଶାକୁ ଦେବାଳିଆ, ଅନଗ୍ରସରତା, ବେକାରି ବୃଦ୍ଧି ଭିତରକୁ ଠେଲି ଦେବାର ବ୍ୟବସ୍ଥା ରହିଛି। କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାର ମୌଳିକ ଆବଶ୍ୟକତା ପ୍ରତି ଅଣଦେଖା କରାଯାଇଛି। ଖଣିଜ ସମ୍ପଦ ବିକ୍ରିରୁ ଅଧିକ ଆଦାୟ କରିବାକୁ ଉଦ୍ୟମ କରିଛି। ଏହା ସମ୍ପୂର୍ଣ୍ଣ ଅସ୍ୱଚ୍ଛ ବଜେଟ। ରାଜ୍ୟରେ ବେକାରି ସଂଖ୍ୟା ବୃଦ୍ଧି ପାଇଛି। ୨୦୧୮-୧୯ରେ ଦରମା ବାବଦରେ ଖର୍ଚ୍ଚ ମୋଟ ଆୟର ୨୩.୭୮ପ୍ରତିଶତ ଥିଲା, ମାତ୍ର ୨୦୨୦-୨୧ ବଜେଟରେ ୨୨.୫୯ପ୍ରତିଶତକୁ କମିଛି। କର୍ମଚାରୀଙ୍କ ବକେୟା ମହଙ୍ଗା ଭତ୍ତା ୪୦ପ୍ରତିଶତ ଦିଆଯାଇନାହିଁ। ଉନ୍ନୟନ ଖର୍ଚ୍ଚ ମଧ୍ୟ ହ୍ରାସ ପାଇଛି, ଏଭଳି ସ୍ଥିତିରେ କେନ୍ଦ୍ର ମଧ୍ୟ ବଜେଟରେ ଓଡିଶା ଅନୁଦାନକୁ କମାଇଦେଇଛି। ତେଣୁ ସରକାର ବଜେଟରେ ବରାଦ କରିଥିବା ଅର୍ଥ କେଉଁଠାରୁ ଆଣିବେ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।

# ମୀନାକ୍ଷୀ ମିଶ୍ର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ: ଭାଜପା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ପୋଲିସଠାରୁ ନ୍ୟାୟ ନ ପାଇ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିବା ବ୍ରହ୍ମପୁର ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ଯଦି ସରକାର ଓ ପ୍ରଶାସନ ତାଙ୍କ ଅଭିଯୋଗ ଶୁଣିଥାନ୍ତେ ତେବେ ମୀନାକ୍ଷୀଙ୍କ ମୃତ୍ୟୁ ହୋଇ ନ ଥାଆନ୍ତା ବୋଲି ଭାଜପା ଅଭିଯୋଗ କରିଛି। ଏହାସହ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହସ୍ତକ୍ଷେପ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଭାଜପା ଦାବି କରିଛି।

ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡା କହିଛନ୍ତି, ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର, ଗୃହ ବିଭାଗ ଏବଂ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ। ବିଜେଡି ନେତ୍ରୀ ପ୍ରଶାସନ ପାଖରୁ ନ୍ୟାୟ ନ ପାଇ ଆତ୍ମହତ୍ୟା କରି ଜୀବନ ହାରିବା ଘଟଣା ସମଗ୍ର ନାରୀଜାତିକୁ ଅପମାନିତ କରିଛି। ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ଏଥିରେ ମର୍ମାହତ ହୋଇଛି। ରାଜ୍ୟ ସରକାର ନାରୀମାନଙ୍କୁ ସୁରକ୍ଷା ଦେବାରେ ଫେଲ୍ ମାରିଛନ୍ତି। ପୀଡିତାଙ୍କ ସମସ୍ୟା ଶୁଣିବା ପାଇଁ ପୋଲିସ ପ୍ରଶାସନ ପାଖରେ ସମୟ ନାହିଁ। ରାଜ୍ୟରେ କୌଣସି ଘଟଣା ଘଟିଲା ପରେ ପୋଲିସ ଉଦାସୀନ ମନୋଭାବ ଦେଖାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପରିଡା କହିଛନ୍ତି। ଥାନାକୁ ଜଣେ ନିରୀହ ଲୋକ ଗଲେ ପୋଲିସ ତାଙ୍କ ସହ ଦୁର୍ବ୍ୟବହାର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆଖିବୁଜିଲେ...

ମହିଳା କମିଶନ ଗୁରୁତ୍ୱର ସହ ନେଇଛନ୍ତି। କମିଶନ ଅଧକ୍ଷା ମିନତି ବେହେରା କହିଛନ୍ତି, ପ୍ରକୃତ ଘଟଣା କ'ଣ ହୋଇଥିଲା। କ'ଣ ପାଇଁ ମୀନାକ୍ଷୀ ଆତ୍ମାହୁତି ଦେଇଥିଲେ, ତାହାର ଅନୁଧାନ କରାଯାଉଛି। ସୂଚନାଯୋଗ୍ୟ, ଜାନୁୟାରୀ ୨୮ରେ କେତେଜଣ ଦୁର୍ବୃତ୍ତ ମୀନାକ୍ଷୀଙ୍କ ଘରକୁ ଯାଇ ତାଙ୍କର ଏକମାତ୍ର ପୁଅ ରାଜାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ମା' ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ସେମାନେ ଆକ୍ରମଣ କରିଥିଲେ। ମା' ଓ ପୁଅ ଉଭୟ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ। ପୋଲିସ ତାଙ୍କ ଅଭିଯୋଗକ୍ରମେ ପ୍ରଥମେ ଜଣେ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଥିଲା। ପରେ ଆଉ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କିନ୍ତୁ ଜଣେ ଅଭିଯୁକ୍ତଙ୍କ ଅଭିଯୋଗକ୍ରମେ ଆହତ ରାଜାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାର ପ୍ରତିବାଦରେ ମା' ମୀନାକ୍ଷୀ ଆତ୍ମାହୁତି ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ଦେଖାଶୁଣା କରିବା ପାଇଁ କେହି ନ ଥିଲେ। ତେଣୁ ଜେଲରେ ଥିବା ପୁଅ ରାଜା ଜାମିନ ପାଇଁ ଆବେଦନ କରିଥିଲେ। କୋର୍ଟ ତାଙ୍କୁ ଗତ ୧୩ରେ ଅନ୍ତରୀଣ ଜାମିନ ଦେବା ପରେ ରାଜା କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ମା'ଙ୍କ ନିକଟକୁ ଯାଇ ଦେଖାଶୁଣା କରିଥିଲେ। ଏହାପରେ ଗତ ୧୪ ତାରିଖରେ ମା' ମୀନାକ୍ଷୀଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରିଥିଲେ। ହସ୍‌ପିଟାଲ ଆଇସିୟୁରେ ରହି ମୃତ୍ୟୁ ସହ ସଂଗ୍ରାମ କରୁଥିବା ମୀନାକ୍ଷୀଙ୍କ ଗୁରୁବାର ମୃତ୍ୟୁ ଘଟିଛି।

### ଏମ୍ସର ଅବାନ୍ତର...

ନିର୍ଦ୍ଦେଶ ରହିଛି। ଏମ୍ସର ଏଭଳି ଅବାନ୍ତର ନିଷ୍ପତ୍ତି କର୍ମଚାରୀ, ଅଧ୍ୟୟନରତ ଛାତ୍ରୀଛାତ୍ର ଓ ରୋଗୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଏଥିରୁ ଜଣାପଡୁଛି। ବାହାର ରାଜ୍ୟରୁ ଆସୁଥିବା ସରକାରୀ କର୍ମଚାରୀ ଏଠାରେ ସମସ୍ତଙ୍କ ଉପରେ ହିନ୍ଦୀ ଭାଷାକୁ ଲଦିଦେବାକୁ ପ୍ରୟାସ କରୁଛନ୍ତି। ତେଣୁ ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ବିଚାର କରିବା ଦରକାର ବୋଲି ବିଭିନ୍ନ ମହଲରୁ ଦାବି ହେଉଛି। ଅନ୍ତର୍ଜାତୀୟ ମାତୃଭାଷା ଦିବସର ଅବ୍ୟବହିତ ପୂର୍ବରୁ ଏମ୍ସ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଓଡ଼ିଆ ଭାଷାରେ କଥା ଓ ଲେଖାପଢ଼ା କରୁଥିବା ବ୍ୟକ୍ତିଙ୍କୁ ଅସୁବିଧାରେ ପକାଇବ ବୋଲି କୁହାଯାଉଛି।

### ଧାମରା ବନ୍ଦରରେ...

କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ। ବାଂଲାଦେଶର ଜାହାଜ ଦ୍ରବ୍ୟ ଇସ୍ପାତ ନେବାକୁ ଏଠାରେ ଲାଗିଛି। ଜାହାଜର ୨୨ଜଣ ଲେଖାଏ ମୋଟ ୪୪ଜଣ କର୍ମଚାରୀ ଚାଇନାର ଅଛନ୍ତି। ଧାମରା ବନ୍ଦରକୁ ଆସିବା ପୂର୍ବରୁ ସେମାନେ ବାଂଲାଦେଶର ଚିଟାଗଞ୍ଜ ବନ୍ଦରରେ ଅବତରଣ କରିଥିବାର ରିପୋର୍ଟ ରହିଛି। ସେମାନେ ଜାହାଜରେ କାମ କରିବା ଓ ଜଳପଥରେ ରହିବା କାରଣରୁ ଦୀର୍ଘଦିନ ହେବ ନିଜ ଦେଶକୁ ଯାଇନାହାନ୍ତି। ଫଳରେ ସେମାନେ କରୋନା ଆକ୍ରାନ୍ତ ହେବା ଆଶଙ୍କା ନାହିଁ ବୋଲି ବନ୍ଦର କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ଧାମରା ବନ୍ଦରର ସୁରକ୍ଷା ବିଭାଗ ମୁଖ୍ୟ ସୁନୀଲ କୁମାର ଏଠାରେ କରୋନା ସଂକ୍ରମଣରୁ ସୁରକ୍ଷା ଲାଗି ବ୍ୟବସ୍ଥା କରାଯାଇଥିବା ସମ୍ପର୍କରେ ଧାମରା ଥାନା, ଜିଲାପାଳ, ଏସ୍‌ପି ଓ ସିଡିଏମ୍‌ଓଙ୍କୁ ଅବଗତ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର କହିଛନ୍ତି, ଧାମରା ବନ୍ଦରରେ ଲାଗୁଥିବା ଜାହାଜ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏହାକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ।

### ସେନା ଚାକିରି...

ମହାପ୍ରଭୁଙ୍କୁ ହାତଯୋଡ଼ି ମୁଣ୍ଡିଆ ମାରିଥିଲେ। ପରେ ସ୍ନାନ, ଶୌଚ ଆଦି ନିତ୍ୟକର୍ମ ଶେଷ କରି ଶ୍ରୀମନ୍ଦିରକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ମନ କଥା ଜଣାଇଥିଲେ। ସୌରଭଙ୍କ ସମ୍ପର୍କରେ ଖବର ପାଇ ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସେବାୟତ ବିନାୟକ ଦାସମହାପାତ୍ର, କ୍ରୀଡ଼ା ସଙ୍ଗଠକ ସବ୍ୟସାଚୀ ରଥଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ସିଂହଦ୍ୱାରଠାରେ ପହଞ୍ଚି ତାଙ୍କୁ ସ୍ୱାଗତ କରିଥିଲେ। ମହାପ୍ରଭୁ ତାଙ୍କୁ ଆଶୀର୍ବାଦ ଦିଅନ୍ତୁ, ସେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚନ୍ତୁ ବୋଲି କ୍ରୀଡ଼ା ଅଧିକାରୀ ସାହୁ କହିଥିଲେ।

ଏହି ନିଆରା ପ୍ରୟାସ ସମ୍ପର୍କରେ ସୌରଭ କହିଛନ୍ତି, ବାପାଙ୍କ ସ୍ୱପ୍ନ ଓ ନିଜର ଇଚ୍ଛାକୁ ପୂରଣ କରିବା ପାଇଁ ମୁଁ ଏଭଳି ନିଷ୍ପତ୍ତି ନେଲି। ସେନାରେ ଯୋଗଦେବା ଲାଗି ଏକାଧିକ ଥର ପରୀକ୍ଷା ଦେଲିଣି, ହେଲେ ଲିଖିତ ପରୀକ୍ଷାରେ କଟିଯାଉଛି। ନିକଟରେ ମା' ତାରିଣୀଙ୍କ ପାଖକୁ ଦୌଡ଼ି ଦୌଡ଼ି ଯାଇ ଦର୍ଶନ କରି ମୋ' ଗୁହାରି ଜଣାଇଥିଲି। ଏବେ ମହାପ୍ରଭୁଙ୍କୁ ଭରସା କରି ତାଙ୍କ ଆଶୀର୍ବାଦ ପାଇଁ ଦୌଡ଼ି ଦୌଡ଼ି ପୁରୀ ଆସିଛି।

### ପାନ୍ କାର୍ଡ ନୁହେଁ...

ଦସ୍ତାବିଜ ତାଙ୍କ ବାପା ଓ ଭାଇଙ୍କ ସହ ସମ୍ପର୍କକୁ ପ୍ରମାଣିତ କରୁ ନ ଥିବାରୁ ସେଗୁଡ଼ିକ ଗ୍ରହଣଯୋଗ୍ୟ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ବକ୍‌ସା ଜିଲାସ୍ଥିତ ଫରେନର୍ସ ଟ୍ରିବ୍ୟୁନାଲ ନାଗରିକତ୍ୱ ପ୍ରମାଣ ଲାଗି ଜାବେଦାଙ୍କୁ ଏକ ନୋଟିସ ଜାରି କରିଥିଲେ। ସେ ଟ୍ରିବ୍ୟୁନାଲରେ ହାଜର ହୋଇ ୧୪ଟି ଦସ୍ତାବିଜ ଦାଖଲ କରିବା ସହ ଜନ୍ମଗତ ଭାବେ ଭାରତୀୟ ନାଗରିକ ବୋଲି ନିଜକୁ ଦାବି କରିଥିଲେ। ସେହି ଦସ୍ତାବିଜଗୁଡ଼ିକ ମଧ୍ୟରେ ରହିଛି ପାନ୍ କାର୍ଡ, ରାଶନ କାର୍ଡ, ଦୁଇଟି ବ୍ୟାଙ୍କ ପାସ୍‌ବୁକ୍, ଅନେକ ଜମି ଖଜଣା ରସିଦ ଏବଂ ତାଙ୍କ ବାପା ଜାବେଦ୍ ଅଲିଙ୍କ ଏନ୍‌ଆର୍‌ସି ତଥ୍ୟ। ଏହାସହ ସେ ନିଜ ତଥା ସ୍ୱାମୀ, ମା'ବାପା ଓ ଆଈଅଜାଙ୍କ ନାମ ଉଲ୍ଲେଖ ଥିବା ଭୋଟର ତାଲିକାର ନକଲ ମଧ ଦାଖଲ କରିଥିଲେ। ତେବେ ଗାଁ ମୁଖ୍ୟ ଜଣେ ବ୍ୟକ୍ତିଙ୍କ ନାଗରିକତ୍ୱ ସପକ୍ଷରେ ପ୍ରମାଣପତ୍ର ଦେବା ପାଇଁ ଯୋଗ୍ୟ ନୁହନ୍ତି। ବ୍ୟାଙ୍କ ଦସ୍ତାବିଜଗୁଡ଼ିକ ମଧ ତାଙ୍କର ବୋଲି ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଦର୍ଶାଇ ଟ୍ରିବ୍ୟୁନାଲ ସେଗୁଡ଼ିକୁ ଗ୍ରହଣ କରି ନ ଥିଲେ। ଜାବେଦା ହାଇକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ହେଲେ ହାଇକୋର୍ଟ ମଧ ଏହିସବୁ ଦସ୍ତାବିଜକୁ ନାଗରିକତ୍ୱ ପ୍ରମାଣ ପାଇଁ ବୈଧ ନୁହେଁ ବୋଲି ଦର୍ଶାଇ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଏହାପୂର୍ବରୁ ୨୦୧୬ରେ ମଧ ଗୁଆହାଟୀ ହାଇକୋର୍ଟ ଅନ୍ୟ ଏକ ମାମଲାରେ ପାନ୍ କାର୍ଡ ଓ ବ୍ୟାଙ୍କ ଦସ୍ତାବିଜକୁ ନାଗରିକତ୍ୱର ପ୍ରମାଣ ନୁହେଁ ବୋଲି ରାୟ ଦେଇଥିଲେ।


# classifieds Everyday 0674-2580101, 2549302

**real estate**

**SALE**

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

ଭୁବନେଶ୍ୱର ଜଟଣୀଗେଟ୍ ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/registration, 8144706560, 7750909843. D-68488

Bhubaneswar AIIMS ନିକଟରେ yellowzone ଏବଂ BDA ପ୍ଲାନ ଏରିଆ ଥାଇ ଘରବାରି ପ୍ଲଟ (40x36x3) ବିକ୍ରିହେବ। 9861237472. D-67748

ଭୁବନେଶ୍ୱର ହଂସପାଳଛକ ଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

ଭୁବନେଶ୍ୱର ପଟିଆ ରେଲ୍‌ୱେ ଷ୍ଟେସନରୁ 500 ମିଟର ଦୂରରେ yellowzone ପ୍ଲଟ୍ ବର୍ଗଫୁଟକୁ ୬୫୦/-, 9938846611, 8327714482. D-68592

2800sqft. boundary wall gharabari plot sale near NH-5 C.V. Raman Engg. College, Bhubaneswar. 9437110746. D-68491

2400sqft. corner plot with boundary wall, electricity near Infocity-2 7008818121, 9938770157. D-68493

2BHK flat 1120sqft. adjecent to Mountlitera Zee School Kateni, Bhubaneswar for sale @ 18,50,000/-** 9937847725. D-16807

**to-let**

2BHK flat with parking at Lingipur rent family. Contact: 7894381416. D-59945

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୬୭୪

Independant ground floor, 3000sqft. five rooms, Dining, Store, Kitchen, Servant room, Three Toilets, Parking main road IRC Village, Bhubaneswar, 8249254037, 8289254736. D-67747

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-16741

**healthcare**

Ayurvedic full body massage ladies and gents. Contact: 9861064981. D-68789

Sai herbal spa refresh your body with smart, expert therapist. 7608062524. D-69205

Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment-9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

**education**

10th, +2, +3ରେ ଭଲ percentage ସହ guaranteed ପାସ୍‌ପାଇଁ VIDYASHREE 0674-2551286, 9337188619. D-68593

**Anniversary Wish**



Happy 24th anniversary to Papa Mama.
May you live together forever... we love you...
Best Wishes from:
Puppy, Lucky, Kanha
D-16810

**business**

Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery @ 3500/- per month. Pokhariput, Bhubaneswar. Contact: 9668732935. D-67291

**LOST**

ମୁଁ ଅନୁସୟା ସାହୁ, ସ୍ୱାମୀ- ପ୍ରମୋଦ କୁମାର ସାହୁ, ଗ୍ରାମ- ପାଣମୁର୍ଗା, ପୋ- ଘଟିପିରି, ଥାନା- ସଦର, ଜିଲ୍ଲା- ଢେଙ୍କାନାଳ ଘୋଷଣା କରୁଅଛି କି, ପାଣମୁର୍ଗା ଗ୍ରାମର ଗୌରାଙ୍ଗ ଜେନା, ପିତା- ଡଉଳା ଜେନାଙ୍କ ଠାରୁ ଖାତା ନଂ- ୮୬, ପ୍ଲଟ୍ ନଂ- ୫୩୧. ଏ ୦.୨୪, RSD No. 10501107775, dtd. 19.12. 2011 ରେ ଜମି କିଣାଯାଇଛି। ଉକ୍ତ ଜମିର କବଲାଟି ପାଣମୁର୍ଗାରୁ ଢେଙ୍କାନାଳ ଆସିବା ବାଟରେ କେଉଁଠାରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ। ଅନୁସୟା ସାହୁ, ଫୋନ- ୮୯୧୭୩୩୭୩୭୮। ଧ-୬୬୮୪୭

ଏତଦ୍ୱାରା ଆମ୍ଭେ ସତ୍ୟପାଠ ଜରିଆରେ ଘୋଷଣା କରୁଅଛୁ, ଆମ୍ଭେ ଚକ୍ରଧର ଗୋଛାୟତ, ପିତା- ପ୍ରାଣକୃଷ୍ଣ ଗୋଛାୟତ, ଗ୍ରାମ- ଗୋଠଗଡିଆ, ପୋଅ- ନଳବାହାର, ଥାନା- ବସ୍ତା, ଜିଲ୍ଲା- ବାଲେଶ୍ୱର ଆମ୍ଭ ନାମରେ ନଳବାହାର ମୌଜାରେ ଥିବା ଖାତା ନଂ-୫୨ ବିଶିଷ୍ଟ ଅରିଜିନାଲ୍ ପଟ୍ଟାଟି ହଜିଯାଇଛି। ଯଦି କେହି ଏହି ପଟ୍ଟାର ସନ୍ଧାନ ପାଆନ୍ତି ମୋବାଇଲ ନଂ ୬୩୭୧୪୯୧୮୬୬ ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୬୮୦୮

**AFFIDAVIT**

By virtue of an affidavit before Notary Public, Bhubaneswar I, Nalinipravaa Patra, W/o- Abhiram Patra, R/o- Gangeswar, PO- Bhatapatna, Dist- Cuttack declare that before marriage my name was "Naliniprava Nayak" and after marriage I known as "Naliniprava Patra". Henceforth Naliniprava Nayak & Naliniprava Patra is one and same person for all purposes. D-69219

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଆଧ୍ୟାତ୍ମିକ ଗ୍ରହ ଶନିଙ୍କ ସହ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କୁ ଧାର୍ମିକ ଭାବନାରେ ନିମଜ୍ଜିତ କରାଇବ। ପାରିବାରିକ ଜୀବନରେ ସହନଶୀଳତା ଏବଂ ମନକୁ ସୁହାଇଲା ଭଳି କଥାକହି ପରିବେଶକୁ ହାଲୁକା କରିବେ। ଆଲୋଚନାକାଳରେ ମନକଥାକୁ ମନ ଭିତରେ ଚାପି ରଖି ବନ୍ଧୁଙ୍କ ସହ କଥା ହେବାକୁ ପଡିପାରେ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ଆପଣଙ୍କୁ ଦୃଢ ମନୋବଳ ଓ ପ୍ରବଳ ଉତ୍ସାହ ପ୍ରଦାନ କରିବ। ରବିଙ୍କ ସ୍ୱଗୃହାବଲୋକନ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ ଲୋକସମ୍ପର୍କ ବୃଦ୍ଧିରେ ସହାୟକ ହେବ। କିନ୍ତୁ ରୋହିଣୀର ଜନ୍ମତାର ଯୋଗୁ ସାମୟିକ ସ୍ୱାସ୍ଥ୍ୟହାନି ସହ କର୍ମକ୍ଷେତ୍ରରେ ଆଂଶିକ ସଫଳତା ପାଇବେ।

**ମିଥୁନ** ଚତୁର୍ଥାଧିପ ନିଜରାଶିରୁ ଷଷ୍ଠଭାବସ୍ଥ ଯୋଗୁ ପରିବାରରେ ମତଭେଦ କାରଣରୁ କଳହ ସୃଷ୍ଟି ହୋଇପାରେ। ଆକସ୍ମିକ କୌଣସି ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। ଜନସେବା ପ୍ରତି ମନ ବଳିବ କିନ୍ତୁ ସହକର୍ମୀ କେହି ବିଶୃଙ୍ଖଳା ପ୍ରଦର୍ଶନ କରି ପରିସ୍ଥିତିକୁ ଜଟିଳ କରିପାରନ୍ତି। ବନ୍ଧୁଙ୍କ ଦେଖା ନ ପାଇ ବ୍ୟସ୍ତ ହେବେ।

**କର୍କଟ** ଶନି ଓ ଚନ୍ଦ୍ରଙ୍କ ସଂଯୋଗରୁ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ସମୟ କଟାଇବେ। ଆଜି ହଠାତ୍ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କଲେ ନିଶ୍ଚିତ ସମସ୍ୟାରୁ ରକ୍ଷା ପାଇପାରିବେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ବାସ୍ତବରେ କିଛି ହେବନି।

**ସିଂହ** ଶତ୍ରୁଗୃହରେ ରାଶ୍ୟାଧିପ ଏବଂ ବ୍ୟୟଭାବକୁ ଚନ୍ଦ୍ର ଓ ଶନିଙ୍କ ଯୋଗୁଁ ଭ୍ରମଣ ଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ବିବାଦୀୟ ଘଟଣାରେ ଆତ୍ମୀୟମାନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ବୁଝାମଣା ନେଇ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ, ଆଲୋଚନାରେ ଆଂଶିକ ସଫଳତା ମିଳିବ।

**କନ୍ୟା** ଶୁକ୍ରଙ୍କ ଶୁଭଦୃଷ୍ଟିରୁ ବନ୍ଧୁଗହଣରେ ହସଖୁସୀରେ ସମୟ କଟାଇବେ ଏବଂ ସାମାଜିକ ସ୍ତରରେ ମଧ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କିନ୍ତୁ ବାଣିକାରକ ବୁଧଙ୍କ ଅଶୁଭତ୍ୱରୁ କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବା ସମୟରେ ସମସ୍ୟା ଉପୁଜିପାରେ।

**ତୁଳା** କର୍ମାଧିପ ଏବଂ ରାଶ୍ୟାଧିପଙ୍କ ଶୁଭତ୍ୱ ଦୃଷ୍ଟିକୋଣରୁ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଆର୍ଥିକ ସ୍ଥିତି,ପାରିବାରିକ ପରିସ୍ଥିତି, ବ୍ୟବସାୟ ଓ ବାଣିଜ୍ୟ ତଥା ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ପାଇବେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳତା ଓ ନୀରବତା ସମସ୍ୟା ସମାଧାନର ମାର୍ଗକୁ ଉନ୍ମୁକ୍ତ କରିବ। ଆଜି ଆପଣ ଯାହା କରନ୍ତୁନା କାହିଁକି, ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସବୁ ଭଲ ହେଲେ ମଧ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ କୌଣସି କାମ ଅଟକି ରହିବନାହିଁ। ଯେତେ ଭଲକାମ କରନ୍ତୁ ନା କାହିଁକି ନିଜ ନିଜର ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଦାଉ ସାଧିବେ। ଯାନ୍ତ୍ରିକତ୍ରୁଟି, ଅର୍ଥାଭାବ, ବନ୍ଧୁଙ୍କ ସହ ସମ୍ପର୍କହାନି ପରିସ୍ଥିତିକୁ ବିଗାଡି ଦେଇପାରେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗରୁ ଚିନ୍ତିତ ହେବେ।

**ମକର** ରାଶ୍ୟାଧିପତିଙ୍କ ପ୍ରଭାବରେ ବହୁତ ଦିନରୁ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ପିଲାମାନଙ୍କ ପଢା ସମସ୍ୟା କିମ୍ବା ଆଲୋଚନାରେ ବିଫଳତା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶ୍ରବଣା ନକ୍ଷତ୍ରର କାର୍ଯ୍ୟସିଦ୍ଧି ସଙ୍ଗକୁ ସାମାଜିକ ସ୍ତରରେ ପ୍ରଶଂସା ପାଇବେ। ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ହେବ।

**କୁମ୍ଭ** ଦ୍ୱାଦଶଭାବରେ ଶନି ଆପଣଙ୍କୁ କର୍ମଜଞ୍ଜାଳ ମଧ୍ୟରେ ଅନିଦ୍ରାଜନିତ କ୍ଳାନ୍ତି ଓ ଅବସନ୍ନ କରାଇପାରେ। ସହକର୍ମୀମାନଙ୍କ ସହ ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ଶୁକ୍ର ଓ ଚନ୍ଦ୍ରଙ୍କ ସ୍ଥିତିରୁ ସଙ୍ଗୀତ ସମାରୋହ, ପୁରାଣପଠନ, ମନୋରଞ୍ଜନାଦି କାର୍ଯ୍ୟକ୍ରମକୁ ଉପଭୋଗ କରିପାରନ୍ତି।

**ମୀନ** ବୃହସ୍ପତି ପାପଗ୍ରହ କେତୁ ଯୁକ୍ତ କାରଣରୁ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ ହେବ। ପରିବାରରେ ନିଜ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ସମସ୍ୟା ହୋଇପାରେ। କେତେକ ଘଟଣାରେ ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି। ବନ୍ଧୁମିଳନ ମାଧ୍ୟମରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟଦେଇ ସମୟ ଅତିବାହିତ ହେବ।

ଆଜି ସ୍ମାର୍ତ୍ତସମ୍ମତ ମହାଶିବରାତ୍ରି, ଜାଗରଯାତ୍ରା, ବିଶ୍ୱ ମାତୃଭାଷା ଦିବସ, ଶ୍ରୀମା'ଙ୍କ ଜୟନ୍ତୀ, ଫେବୃୟାରୀ ୨୧ ତାରିଖ, ଶୁକ୍ରବାର, ଦିବା ଘ.୯।୨୧ମି. ଗତେ, ରାଶି ନକ୍ଷତ୍ର, ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ସକାଳ ଘ.୭।୪୮ମି. ମଧ୍ୟେ ଘ.୮।୩୩ମି. ଗତେ, ଘ.୧୦।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ.୭।୪୨ମି. ଗତେ ଘ.୯।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୩୪ମି. ଗତେ ଘ.୧୨।୦୦ମି. ମଧ୍ୟେ ରାହୁକାଳ।




# ମହାନଦୀରେ ନିର୍ମାଣ ହେବ ଆଉ ୭ ବ୍ୟାରେଜ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ମହାନଦୀର ନିମ୍ନସ୍ରୋତରେ ପ୍ରସ୍ତାବିତ ୭ ବ୍ୟାରେଜ୍ ମଧ୍ୟରୁ ୫ ବ୍ୟାରେଜ ପାଇଁ ପ୍ରାରମ୍ଭିକ ଅନୁସନ୍ଧାନ କାର୍ଯ୍ୟ ସମାପ୍ତ କରାଯାଇ ତାହାର ପ୍ରି-ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସେହିପରି ଅନ୍ୟ ୨ ବ୍ୟାରେଜ ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ଅନୁସନ୍ଧାନ ଜାରି ରହିଥିବା ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି। ୨୦୧୮ ମସିହାରେ ଜଳସମ୍ପଦ ବିଭାଗ ପକ୍ଷରୁ ୭ ବ୍ୟାରେଜ ଏବଂ ମହାନଦୀର ଉପ ଓ ଶାଖା ନଦୀଗୁଡ଼ିକରେ ୨୩ ସେଚ ପ୍ରକଳ୍ପ ନିର୍ମାଣ ନେଇ କୁହାଯାଇଥିଲା। ଏହିସବୁ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା କେତେ ମାତ୍ରାରେ ଅଗ୍ରଗତି ହୋଇଛି, ସେ ନେଇ ଆସିଥିବା ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ରଘୁନନ୍ଦନ ଏହା କହିଛନ୍ତି। ବିଜେଡି ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଅଣତାରକା ପ୍ରଶ୍ନ ନଂ ୭୬୩ର ଉତ୍ତର ଦେଇ ମନ୍ତ୍ରୀ ଏହା କହିଛନ୍ତି।

ବିଜେପୁର ଲିଫ୍ଟ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। କୁସୁମିର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ସାନ୍ଦୁଲ, ଅହିରାଜୋର, ରାନଜୋର, ଜୀରା ଲୋୟର ଲାଣ୍ଟ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରୀ ପାଇଁ କାର୍ଯ୍ୟ ଚାଲିଛି। କୁଟୁଲିସିଘାଂ ପୁନର୍ବସତି ଓ ପୁନଃ ଥଇଥାନ, ପରିବେଶ ମଞ୍ଜୁରୀ ଓ ଜଙ୍ଗଲ ମଞ୍ଜୁରୀ ପାଇଁ କାର୍ଯ୍ୟ ଚାଲୁଛି। ଅଙ୍ଗ ସେଚ ପ୍ରକଳ୍ପ ପାଇଁ ସମସ୍ତ ବୈଧାନିକ ମଞ୍ଜୁର ପ୍ରାପ୍ତ ହୋଇଛି। ହେଲେ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକ ଏହାକୁ ବିରୋଧ କରୁଥିବା ଜଣାପଡିଛି। ଇବ୍ ପ୍ରକଳ୍ପ କେନ୍ଦ୍ରୀୟ ଜଳ ଆୟୋଗଙ୍କ ବୈଷୟିକ ଅନୁମୋଦନ ମିଳିଛି। ଗ୍ରାମବାସୀଙ୍କ ବିରୋଧ ଯୋଗୁ ଗ୍ରାମ ସଭା ହୋଇନାହିଁ। ତେଣୁ ପରିବେଶ ଓ ଜଙ୍ଗଲ ମଞ୍ଜୁରୀ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇପାରୁନାହିଁ। ଅପରଲାଣ୍ଟ ପ୍ରକଳ୍ପର ପରିବେଶ ମଞ୍ଜୁରୀ ଓ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରୀ ପ୍ରାପ୍ତ ହୋଇଛି। ଅପର-ଉଦନ୍ତୀ ଡିପିଆର କେନ୍ଦ୍ରୀୟ ଜଳ ଆୟୋଗଙ୍କ ନିକଟକୁ ଅନୁମୋଦନ ପାଇଁ ଯାଇଥିବା ଜଣାପଡିଛି। ସେହିଭଳି ଖଡାଗୋ ଏବଂ ଲୋୟର ଉଦନ୍ତୀ ଫିଜିବିଲିଟି ରିପୋର୍ଟ ଅନୁମୋଦନ ଅପେକ୍ଷାରେ ରହିଛି। ମହାନଦୀ ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବାରୁ ତେଲ-ଇଣ୍ଟିଗ୍ରେଟେଡ୍ ଏବଂ ତେଲିଜୋର ପ୍ରକଳ୍ପ ଡିପିଆର ଅନୁମୋଦନ ହୋଇନାହିଁ। ବ୍ରାହ୍ମଣୀପଦ, ଉତ୍ତେଇ ଏବଂ ଲକ୍ଷ୍ମୀପଥର ସର୍ଭେ ଓ ଅନୁସନ୍ଧାନ ଚାଲୁଅଛି। ଲମ୍ବୋଦରା ଓ ସୁରୁବାଲିଜୋରରେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନି।

# ସଙ୍କୁଚିତ ହୋଇଛି ଦୟା କେନାଲର ଜଳସେଚନ କ୍ଷମତା

## ■ ଦୟା କେନାଲକୁ ନେତା, ଅଫିସର ମାଡ଼ି ବସିଛନ୍ତି: କଂଗ୍ରେସ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଦୟା ୱେଷ୍ଟ ଶାଖା କେନାଲ ଭୁବନେଶ୍ୱର ଓ ଜଟଣୀ ବ୍ଲକର ୨,୪୧୭ ହେକ୍ଟରକୁ ଜଳ ଯୋଗାଇ ଦେବା ଲାଗି ନିର୍ମାଣ କରାଯାଇଥିଲା। କିନ୍ତୁ ଇତିମଧ୍ୟରେ ସହରୀକରଣ ଯୋଗୁ ବର୍ତ୍ତମାନ ପ୍ରାୟ ୧୩୫୦ ହେକ୍ଟରକୁ ଜଳସେଚନ ଯୋଗାଇ ଦିଆଯାଉଛି। ବୈଷୟିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୟା ୱେଷ୍ଟ କେନାଲର ସୁଆଙ୍ଗ ଅଞ୍ଚଳରେ ଲାଇନିଂ କାମ କରାଯାଉଛି। ଏହି କେନାଲର ଅଧିକାଂଶ ଅଞ୍ଚଳ ସହର ମଧ୍ୟରେ ଥିବାରୁ ଏହାର ବାମ ପାର୍ଶ୍ୱରେ ୧୩.୧୨୬ କିମି ଓ ଡାହାଣ ପାର୍ଶ୍ୱରେ ୨୩.୧୫୨ କିମି ରାସ୍ତାକୁ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇ ଉନ୍ନତୀକରଣ କରାଯାଉଛି। ରାଜ୍ୟର ଜଳସେଚନ ବିଭାଗ ଅଧୀନରେ ପ୍ରାୟ ୧୭,୩୮ କିମି କେନାଲ ଓ ନଦୀବନ୍ଧ ରହିଛି। ରାସ୍ତାର ଅବସ୍ଥା, ଗୁରୁତ୍ୱ ଓ ବଜେଟ ବ୍ୟୟବରାଦକୁ ଦୃଷ୍ଟିରେ ରଖି ଉନ୍ନତୀକରଣ କରାଯାଉଛି। ଗୁରୁବାର ପ୍ରଶ୍ନୋତ୍ତର ବେଳେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ସୂଚନା ଦେଇଛନ୍ତି।

ମୂଳ ପ୍ରଶ୍ନକର୍ତ୍ତା କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଦୟା ୱେଷ୍ଟ କେନାଲ ଉପରେ ସରକାରଙ୍କ ନଜର ନ ପଡ଼ିବାର କାରଣ କ'ଣ। କେନାଲରେ ଦୀର୍ଘଦିନ ଧରି ପାଣି ଆସୁନାହିଁ। ବନ୍ଧ ଉନ୍ନତି ନ କରି ପଥର ପ୍ୟାକିଂ କରିବାର କାରଣ କ'ଣ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ବିଜେଡି ସଭ୍ୟ ପ୍ରଦୀପ ମହାରଥୀ କୋଲାବ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଦୟା ୱେଷ୍ଟ କେନାଲର ଉନ୍ନତୀକରଣ କରିବା ଲାଗି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାରଥୀ କହିଥିଲେ ଯେ, ସୁର ବାବୁ ଏବଂ ମୋତେ ସାଙ୍ଗରେ ନେଇ ଉକ୍ତ ଅଞ୍ଚଳକୁ ମନ୍ତ୍ରୀ ପରିଦର୍ଶନରେ ଚାଲନ୍ତୁ। ମୂଳ ପ୍ରଶ୍ନକର୍ତ୍ତା ଅତିରିକ୍ତ ପ୍ରଶ୍ନରେ ଅଭିଯୋଗ କରିଥିଲେ ଆଇଏଏସ୍ ଅଫିସର, ଶିଳ୍ପପତି, ନେତା, ବ୍ୟବସାୟୀ କେନାଲ ଚାରିକଡ଼କୁ ବେଆଇନ ଭାବେ ମାଡ଼ି ବସିଲେଣି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମନ୍ତ୍ରୀ କହିଥିଲେ ଯେ, ଏହା ଅନୁସନ୍ଧାନ ସାପେକ୍ଷ। ଦୟା କେନାଲ ଉଭୟପାର୍ଶ୍ୱକୁ କଂକ୍ରିଟ କରାଯାଉଛି। ମହାରଥୀଙ୍କ ପ୍ରସ୍ତାବାନୁଯାୟୀ ଉକ୍ତ ଅଞ୍ଚଳକୁ ପରିଦର୍ଶନରେ ଯିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ମାର୍ଚ୍ଚ ୧୩ରୁ ଖର୍ଚ୍ଚଦାବି ଆଲୋଚନା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଜେଟ ଉପସ୍ଥାପନ କରାଯାଇଛି। ଆସନ୍ତା ମାର୍ଚ୍ଚ ୧୩ରୁ ବିଭାଗୱାରୀ ଖର୍ଚ୍ଚଦାବି ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଏହି କ୍ରମରେ ମାର୍ଚ୍ଚ ୧୨ରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ କଲ୍ୟାଣ ବିଭାଗ ସମ୍ପର୍କରେ ଆଲୋଚନା ହେବ। ୧୩ରେ ଜଳସମ୍ପଦ, ୧୪ରେ ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ୧୭ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଅବକାରୀ, ୧୮ରେ କୃଷି, ଯୋଜନା ଓ ସଂଯୋଜନା ଏବଂ ପର୍ଯ୍ୟଟନ, ୧୯ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ୨୦ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବି ଆଲୋଚନା ହେବ। ସେହିଭଳି ୨୩ରେ ଶକ୍ତି, ୨୪ରେ ସ୍ୱରାଷ୍ଟ୍ର, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ୨୫ରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ୨୬ରେ ଇସ୍ପାତ ଓ ଖଣି, ୨୭ରେ ଗୃହ ନିର୍ମାଣ ଓ ପୌର ଉନ୍ନୟନ ଏବଂ ୩୦ରେ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବ।

# ହୁକିଟୋଲାଠାରେ ନିର୍ମାଣ ହେବ ଭାସମାନ ଜେଟି

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ କେନ୍ଦ୍ରାପଡ଼ା ଜିଲାର ହୁକିଟୋଲାଠାରେ ଚଳିତବର୍ଷ ଗୋଟିଏ ଭାସମାନ ଜେଟି ନିର୍ମାଣ କରାଯିବ। ଏଥିସହ ଯିବାଆସିବା କରିବା ଲାଗି ନଦୀକୂଳଠାରୁ ହୁକିଟୋଲା ପର୍ଯ୍ୟନ୍ତ ଏକ ଆପ୍ରୋଚ୍ ରୋଡ୍ ନିର୍ମାଣ କରାଯାଉଛି। ଏଠାରେ ମଧ୍ୟ ଏକ ୱାଚ୍‌ଟାୱାର ନିର୍ମାଣ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବ୍ୟବସ୍ଥା ହୋଇଛି। ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି।

ମୂଳପ୍ରଶ୍ନରେ ବିଜେଡି ସଭ୍ୟ ଅତନୁ ସବ୍ୟସାଚୀ ନାୟକ ହୁକିଟୋଲା ଜମ୍ବୁଦ୍ୱୀପ ବଡିଘରକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେଇ ଏହାର ଉନ୍ନତି ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ କି ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ବଡିଘର ଓ ଜମ୍ବୁ ଦ୍ୱୀପରେ ଅବସ୍ଥିତ ହୁକିଟୋଲାକୁ ୨୦୧୪ରେ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦିଆଯାଇଛି। ସେଠାରେ ଥିବା ପୁରୁଣା ବ୍ରିଟିଶ ଅମଳର କୋଠାକୁ ବିଶ୍ୱବ୍ୟାଙ୍କ ସହାୟତାରେ ଆଇସିଜେଡ୍‌ଏମ୍‌ପି ମାଧ୍ୟମରେ ୧୦୩୯୩୧୩୮ ଟଙ୍କା ଖର୍ଚ୍ଚ କରାଯାଇ ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି। ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ କହିଥିଲେ ଯେ ପର୍ଯ୍ୟଟନ ବିଭାଗ କୁଣ୍ଟେଇ କୁଣ୍ଟେଇ ଚାଲୁଛି। ବୃହତ୍ ଆକାରରେ କିଛି ହେଉ ନାହିଁ। କେରଳ ପର୍ଯ୍ୟଟନ ପାଇଁ ପ୍ରସିଦ୍ଧ ହୋଇଛି। ଏଥିପାଇଁ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଧୀମେଇ ଧୀମେଇ ପର୍ଯ୍ୟଟନ ବିଭାଗ ଚାଲୁ ନାହିଁ। ରାଜ୍ୟର ୪୮୨ କି.ମି. ବେଳାଭୂମି ରହିଛି। ପୁରୀରେ ହୋଇଥିବା ଇକୋ ରିଟ୍ରିଟ ବିଶ୍ୱ ପ୍ରସିଦ୍ଧ ହୋଇଛି। ଏଠାକୁ ବିଦେଶୀ ପର୍ଯ୍ୟଟକମାନେ ଆସିଛନ୍ତି। ଅନ୍ୟ ବେଳାଭୂମିରେ ମଧ୍ୟ ଏଭଳି ଇକୋ ରିଟ୍ରିଟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



# ସୋମବାର ଆଗତ ହେବ ବିଶ୍ୱବିଦ୍ୟାଳୟ ଅଡିଟ୍ ରିପୋର୍ଟ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଓଡ଼ିଶା ବିଧାନସଭାରେ ଆସନ୍ତା ସୋମବାର ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଡିଟ୍ ରିପୋର୍ଟ ଉପସ୍ଥାପନ କରାଯିବ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହାକୁ ଉପସ୍ଥାପନ କରିବେ। ରିପୋର୍ଟ ଉପସ୍ଥାପନ ହେବାକୁ ଥିବା ବିଶ୍ୱବିଦ୍ୟାଳୟଗୁଡିକ ହେଉଛି- ଉତ୍କଳ ବିଶ୍ୱବିଦ୍ୟାଳୟ(୨୦୧୪-୨୦୧୫ରୁ ୨୦୧୬-୧୭), ସମ୍ବଲପୁର ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮), ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ(୨୦୧୪-୨୦୧୫ରୁ୨୦୧୬-୧୭), ରେଭେନ୍‌ଶା ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮)। ସେହିଭଳି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮), ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୬-୧୭), ଫକୀର ମୋହନ ବିଶ୍ୱବିଦ୍ୟାଳୟ(୨୦୧୪-୧୫ରୁ ୨୦୧୭-୧୮) ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(୨୦୧୫-୧୬ରୁ ୨୦୧୭-୧୮)ର ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ।

# ଖୁବ୍‌ଶୀଘ୍ର ବିଜେଡି ସାଙ୍ଗଠନିକ ଜିଲା ସଭାପତିଙ୍କ ନାଁ ଘୋଷଣା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଖୁବ୍‌ଶୀଘ୍ର ୩୩ ସାଙ୍ଗଠନିକ ଜିଲା ପାଇଁ ସଭାପତି ଘୋଷଣା କରାଯିବ। ଏନେଇ ସମସ୍ତ ପ୍ରକ୍ରିୟା ସମାପ୍ତ ହୋଇଥିବା ଜଣାପଡିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଅନୁମୋଦନ କରିଥିବା ଜଣାପଡିଛି। ଦଳର ସାଙ୍ଗଠନିକ ନିର୍ବାଚନ ଗତ ଡିସେମ୍ବର ୨୭ରୁ ଆରମ୍ଭ ହୋଇ ଚଳିତ ମାସ ୨୬ ଯାଏ ଚାଲିବ ବୋଲି ସମୟ ଧାର୍ଯ୍ୟହୋଇଥିଲା। ତେବେ ୫ ପର୍ଯ୍ୟାୟରେ ହେଉଥିବା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟସୂଚୀ ପ୍ରାୟତଃ ସମାପ୍ତ ହୋଇଥିବା ଜଣାପଡିଛି। ସେହିଭଳି ଦଳର ୨ ଛାମୁଆ ସଙ୍ଗଠନ(ଯୁବ ଓ ଛାତ୍ର)ର ପୁନର୍ଗଠନ ସମ୍ଭାବନା ରହିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

# ସର୍ବକ୍ଷମା ଅବଧି ବୃଦ୍ଧି ପ୍ରସଙ୍ଗ | ୬ ମାସ ବଢ଼ାଇବାକୁ ଦାବି

## ■ ନଗର ଉନ୍ନୟନ ବିଭାଗକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ରାଜଧାନୀରେ ବେଆଇନ ଭାବେ ବହୁ ଅଟ୍ଟାଳିକା ଗଢ଼ି ଉଠୁଛି। ସେଗୁଡ଼ିକୁ ରେଗୁଲାରାଇଜ୍ କରିବା ଲାଗି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସର୍ବକ୍ଷମା ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାର ଅବଧି ଫେବୃୟାରୀ ୨୦ ତାରିଖରେ ଶେଷ ହୋଇଛି। ଜନସାଧାରଣଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହାର ଅବଧିକୁ ଆଉ ୬ ମାସ ବୃଦ୍ଧି କରିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି।

ଗୁରୁବାର ବିଧାନସଭା ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, କେବଳ ଭୁବନେଶ୍ୱରରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ବେଆଇନ ଘର ରହିଛି। ଏହି ଯୋଜନା ଜରିଆରେ ଲୋକମାନେ ଏବେବି ଆବେଦନ କରୁଛନ୍ତି। ଏପର୍ଯ୍ୟନ୍ତ ୧୦ହଜାର ଆବେଦନ




ହୋଇଛି। ଏହାର ଅବଧିକୁ ବଢ଼ାଇବା ଲାଗି ନରସିଂହ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ମଧ୍ୟ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ସର୍ବକ୍ଷମା ଯୋଜନାର ଅବଧି ଆଉ ୬ ମାସ ବଢ଼ାଯାଉ। ରାଜ୍ୟ ସରକାରଙ୍କୁ ଏଥିଲାଗି ରାଜସ୍ୱ ମିଳିବା ସହ ଯେଉଁ ଲୋକମାନେ ବିନା ଅନୁମୋଦନରେ ଗୃହ ନିର୍ମାଣ କରିଛନ୍ତି ସେମାନେ ମଧ୍ୟ ଜରିମାନା ଦେଇ ନିଜ ଘରକୁ ରେଗୁଲାରାଇଜ୍ କରିପାରିବେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏ ସଂକ୍ରାନ୍ତରେ ରୁଲିଂ ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅବଧି ବଢ଼ାଇବା ଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବାଚସ୍ପତିଙ୍କ ରୁଲିଂ ପରେ ମଧ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏହି ଅବଧି ଆଉ ବଢ଼ାଯିବ ନାହିଁ ବୋଲି ଗୃହ ବାହାରେ ଗଣମାଧ୍ୟମକୁ କହିଛନ୍ତି। ବେଆଇନ ନିର୍ମାଣଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାଇ ଦେଇଛନ୍ତି।




## ଶିଳ୍ପ ବିକାଶ ଚିନ୍ତା

ଦିନ ଥିଲା କଳାହାଣ୍ଡି ଏକ ଶିଳ୍ପସମୃଦ୍ଧ ଜିଲା ଭାବେ ପରିଚିତ ଥିଲା। ହେଲେ ବିଭିନ୍ନ କାରଣରୁ ଗୋଟିଏ ପରେ ଗୋଟିଏ ଶିଳ୍ପ ବନ୍ଦ ହୋଇଗଲା। ଜୁନାଗଡ଼ ନିକଟସ୍ଥ ମଥୁରାଠାରେ ସ୍ଥାପିତ ଚିନିକଳ ବନ୍ଦ ହେବା ପରେ ଏହି ଶିଳ୍ପ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭର କରୁଥିବା ଲୋକମାନେ ଆର୍ଥିକ ଅନଟନ ମଧ୍ୟରେ ଗତି କରୁଛନ୍ତି। ଆଖୁ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କେସିଙ୍ଗା ସୂତାକଳ ମଧ୍ୟ ବନ୍ଦ ହୋଇଯାଇଛି। ଜିଲାରେ ଉନ୍ନତମାନର କପା ଚାଷ ହେଉଛି। କଳାହାଣ୍ଡିର କପା ରାଜ୍ୟ ବାହାରେ 'ଧଳା ସୁନା' ବୋଲି ପରିଚିତ। ହେଲେ ସୂତାକଳ ବନ୍ଦ ଯୋଗୁ କପାଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। କେସିଙ୍ଗାଠାରେ ପ୍ରସ୍ତାବିତ କାଗଜକଳ ସ୍ୱପ୍ନ ହୋଇ ରହିଯାଇଛି। ଏଥିପାଇଁ ଅଧିଗ୍ରହଣ କରାଯାଇଥିବା ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏସବୁ ଶିଳ୍ପର ପୁନରୁଦ୍ଧାର ତ ଦୂରର କଥା କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ପାର ବଏଲ ରାଇସ ମିଲର କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରୁନାହିଁ। ଜୁନାଗଡ଼ ବ୍ଲକ ଗୌଡ଼ସର୍ଗିଗୁଡ଼ା ନିକଟସ୍ଥ ପୁରୁଣା ଚିନିକଳଠାରେ ୨୦୧୬ ନଭେମ୍ବର ୧୬ରେ ମୁଖ୍ୟମନ୍ତ୍ରୀ ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଗୁଡ଼ିକ ହେଲା ପାର ବଏଲ ରାଇସ ମିଲ, ୨୦.୩ ମେଗାୱାଟ୍ କ୍ଷମତା ସମ୍ପନ୍ନ ବାୟୋମାସ୍କ ପାୱାର ପ୍ରୋଜେକ୍ଟ ଓ ସମନ୍ୱିତ ଗ୍ରେନ୍ ବେସ ଡିଷ୍ଟିଲାରି ପ୍ରକଳ୍ପ। ନୂତନ ପ୍ରକଳ୍ପ ହେବ ଓ ଅଞ୍ଚଳର ଲୋକଙ୍କୁ କାମ ମିଳିବ ବୋଲି ଜିଲାବାସୀ ଆଶା କରିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ହେବାର ଇତିମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରକଳ୍ପ କାମ ଆରମ୍ଭ ହୋଇପାରିନାହିଁ। ଉପରୋକ୍ତ ପ୍ରକଳ୍ପ ପାଇଁ ଜନଶୁଣାଣି ହୋଇଥିଲା। ଦୀର୍ଘଦିନରୁ ବନ୍ଦ ପଡ଼ିଥିବା ଏହି ଶିଳ୍ପର ପୁନଃ କାର୍ଯ୍ୟକ୍ଷମ ନେଇ ଜିଲାବାସୀଙ୍କ ମଧ୍ୟରେ କିଛିଟା ଆଶାସଞ୍ଚାର ହୋଇଥିଲା। ଏହି ୩ଟି ପ୍ରକଳ୍ପ ପାଇଁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଥିଲା। ଏବେ ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ। ସେ କଳାହାଣ୍ଡି ଜିଲା ଶିଳ୍ପର ବିକାଶ ଉପରେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି।

– ସଞ୍ଜୀବ କୁମାର ଯୋଷୀ

# ଏମ୍‌ଏଲ୍‌ଏ ଲ୍ୟାଡ୍ ଖର୍ଚ୍ଚକୁ ନେଇ ଉଦ୍‌ବେଗ

■ ଏମ୍‌ଏଲ୍‌ଏ ଲ୍ୟାଡ୍ ମନ୍ଦିର, ସ୍କୁଲ ପୁନରୁଦ୍ଧାର ପାଇଁ ଖର୍ଚ୍ଚ ହୋଇପାରିବ: ମନ୍ତ୍ରୀ

■ ଉଚ୍ଛେଦ ହେଲା ସ୍ପେଶାଲ ଡେଭେଲପ୍‌ମେଣ୍ଟ ଫଣ୍ଡ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମ୍‌ପି ଲ୍ୟାଡ୍) ମନ୍ଦିର ମରାମତି, ରକ୍ଷଣାବେକ୍ଷଣ କିମ୍ବା ମନ୍ଦିର ଜାଗାରେ କୌଣସି ପ୍ରକାର ନିର୍ମାଣରେ ଖର୍ଚ୍ଚ କରାଯାଇପାରିବନାହିଁ। ତେବେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି(ଏମ୍‌ଏଲ୍‌ଏ ଲ୍ୟାଡ୍) ଏ ଦିଗରେ ଖର୍ଚ୍ଚ ହୋଇପାରିବ। ଏଥିପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ରହିଛି ବୋଲି ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ପ୍ରଶ୍ନୋତ୍ତର ବେଳେ ସୂଚନା ଦେଇଛନ୍ତି।

ଭାଜପା ସଭ୍ୟ ଜୟନ୍ତ କୁମାର ଷଡ଼ଙ୍ଗୀ ମୂଳପ୍ରଶ୍ନରେ କହିଥିଲେ ଯେ, ଏମ୍‌ପି ଓ ଏମ୍‌ଏଲ୍‌ଏ ଲ୍ୟାଡ୍ ପଞ୍ଚାୟତ ଓ ମ୍ୟୁନିସିପାଲିଟିରେ କେଉଁ କେଉଁ ନୀତିନିୟମ ଓ ପଦ୍ଧତିରେ ଖର୍ଚ୍ଚ କରାଯାଏ। କେଉଁ ପୂର୍ବତନ ବିଧାୟକ ଓ ଏମ୍‌ପିଙ୍କ ପାଣ୍ଠିରୁ କେତେ ପ୍ରତିଶତ ଅର୍ଥ ବ୍ୟୟ ହୋଇଛି। କେତୋଟି ପ୍ରକଳ୍ପ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ପୂର୍ଣ୍ଣ ହୋଇଛି। ଆଦୌ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ପ୍ରକଳ୍ପର ନାମ, ଖର୍ଚ୍ଚ ପରିମାଣ କେତେ ସେ ସମ୍ପର୍କରେ ସରକାର ଗୃହକୁ ଅବଗତ କରିବାକୁ ପଚାରିଥିଲେ।

ମନ୍ତ୍ରୀ କହିଥିଲେ ଯେ, ଏମ୍‌ପି ଓ ଏମ୍‌ଏଲ୍‌ଏ ଲ୍ୟାଡ୍ ମାର୍ଗଦର୍ଶିତା ଅନୁଯାୟୀ ଅନୁମୋଦିତ ମଞ୍ଜୁର ପ୍ରକଳ୍ପଗୁଡ଼ିକ ପଞ୍ଚାୟତସ୍ତରରେ ପଞ୍ଚାୟତିବିଭାଗ, ମ୍ୟୁନିସିପାଲିଟି ସ୍ତରରେ ନଗର ଉନ୍ନୟନ ବିଭାଗ ପ୍ରଚଳିତ ନିୟମାନୁଯାୟୀ କାର୍ଯ୍ୟକାରୀ କରାଯାଏ। ଏପର୍ଯ୍ୟନ୍ତ ପୂର୍ବତନ ଏମ୍‌ପି ଲ୍ୟାଡ୍‌ରେ ଅନୁମୋଦିତ ଅର୍ଥରେ ୯୨.୭୩% ଅର୍ଥ ଖର୍ଚ୍ଚ ହୋଇ ୧ ଲକ୍ଷ ୩୮ହଜାର ୪୧୧ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ସେହିଭଳି ପୂର୍ବତନ ବିଧାୟକଙ୍କ ଏମ୍‌ଏଲ୍‌ଏ ଲ୍ୟାଡ୍‌ରୁ ୮୪.୦୪% ଅର୍ଥ ଖର୍ଚ୍ଚ ହୋଇ ୨ ଲକ୍ଷ ୭୭ ହଜାର ୯୪୫ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଏମ୍‌ପି ଓ ଏମ୍‌ଏଲ୍‌ଏ ଲ୍ୟାଡ୍‌ରେ ଯଥାକ୍ରମେ ୧୧୪୨ ଓ ୫୩୪୦ଟି ପ୍ରକଳ୍ପ ଆରମ୍ଭ ହୋଇ ପାରି ନାହିଁ।

ମୂଳ ପ୍ରଶ୍ନକର୍ତ୍ତା ପୁଣି ପଚାରିଥିଲେ ବହୁ ଏମ୍‌ଏଲ୍‌ଏ ପ୍ରକଳ୍ପ କାର୍ଯ୍ୟାଦେଶ ଥାଇ ମଧ୍ୟ କାମ ହେଉନାହିଁ। ସେଗୁଡ଼ିକ କେବେ କାର୍ଯ୍ୟକାରୀ ହେବ। ମନ୍ତ୍ରୀ କହିଥିଲେ ୱାର୍କଅର୍ଡର ହେବାର ୬ ମାସ ମଧ୍ୟରେ ପଇସା ଖର୍ଚ୍ଚ ହେବା କଥା। ଯଦି ପ୍ରକଳ୍ପ ନ ହୁଏ ତେବେ ସେ ଅର୍ଥ ଅନ୍ୟ ପ୍ରକଳ୍ପରେ ବିନିଯୋଗ କରାଯାଇପାରିବ। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ଭାଜପା ସଭ୍ୟ ଗଣେଶ ରାମ ସିଂ ଖୁଣ୍ଟିଆ, ବିଜେଡି ସଭ୍ୟ ସୌଭିକ ବିଶ୍ୱାଳ, ଭାଗୀରଥି ସେଠୀ, ପ୍ରଦୀପ ଅମାତ ପ୍ରମୁଖ ଏମଏଲ୍‌ଏ ଲ୍ୟାଡ୍ ଖର୍ଚ୍ଚ ନେଇ ଆପତ୍ତି ଉଠାଇଥିଲେ। ଯେଉଁ ଏମ୍‌ପି ଲ୍ୟାଡ୍ ଅର୍ଥ ମନ୍ଦିର ମରାମତି, ପୁନରୁଦ୍ଧାର ଓ ତିଆରି ପାଇଁ ଖର୍ଚ୍ଚ କରାଯାଇଛି ସେଗୁଡ଼ିକର ତଦନ୍ତ କରାଯାଇଛି। ଏମ୍‌ଏଲ୍‌ଏ ଲ୍ୟାଡ୍ ଅର୍ଥ ମନ୍ଦିର କିମ୍ବା ସ୍କୁଲ ଘର ନିର୍ମାଣରେ ଖର୍ଚ୍ଚ କରିବା ଲାଗି ଯୋଜନା ଓ ସଂଯୋଜନା ବିଭାଗର ଅଫିସରମାନେ ମନା କରୁଛନ୍ତି। ସ୍ପେଶାଲ ଡେଭଲପ୍‌ମେଣ୍ଟ ଫଣ୍ଡ ଅଛି ନା ଏହାକୁ ଉଚ୍ଛେଦ କରାଯାଇଛି। ମନ୍ତ୍ରୀ କହିଥିଲେ ଯେ, ଏମ୍‌ଏଲ୍‌ଏ ଲ୍ୟାଡ୍ ଅର୍ଥ ସ୍କୁଲ ଓ ମନ୍ଦିର ପୁନରୁଦ୍ଧାର କରିବାରେ ଖର୍ଚ୍ଚ କରାଯାଇପାରିବ। ଯଦି କୌଣସି ଅଫିସର ମନା କରିଛନ୍ତି ଲିଖିତ ଆକାରରେ ଜଣାଇଲେ ତାହା ସମାଧାନ ହୋଇପାରିବ। ରାଜ୍ୟ ସରକାର ୨୦୨୦-୨୧ ବଜେଟରେ ଏମ୍‌ଏଲ୍‌ଏ ଲ୍ୟାଡ୍‌କୁ ୧ କୋଟିରୁ ୩ କୋଟିକୁ ବୃଦ୍ଧି କରିଛନ୍ତି। ତେବେ ପୂର୍ବରୁ ପ୍ରଚଳିତ ହୋଇଆସୁଥିବା ସ୍ପେଶାଲ ଡେଭଲପ୍‌ମେଣ୍ଟ ଫଣ୍ଡକୁ ଉଚ୍ଛେଦ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଏହି ପାଣ୍ଠି ପାଇଁ ପ୍ରତ୍ୟେକ ବିଧାନସଭା କ୍ଷେତ୍ରକୁ ୫୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦିଆଯାଉଥିଲା। ଏମ୍‌ଏଲ୍‌ଏ ଲ୍ୟାଡ୍ ପାଣ୍ଠି ବଢ଼ାଇବା ପରେ ଏହାକୁ ବନ୍ଦ କରିଦିଆଯାଇଛି।

"ନିଶ୍ଚିତ ଥାଅ– ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ –ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ
–ଶ୍ରୀଅରବିନ୍ଦ



# କେବଳ ଟୋକନିଜ୍ମ

ମଙ୍ଗଳବାର ରାଜ୍ୟ ବିଧାନସଭାରେ ଉପସ୍ଥାପିତ ୨୦୨୦–୨୧ର ବଜେଟ କେବଳ ଟୋକନିଜ୍ମ ଭଳି ମନେହେଉଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଦାବି କରିଥିଲେ ଯେ, ଚଳିତବର୍ଷର ରାଜ୍ୟ ବଜେଟ କେତେକ ଦୃଷ୍ଟିରୁ ଦେଶରେ ଓ ଆଉ କେତେକ ଦୃଷ୍ଟିରୁ ରାଜ୍ୟରେ ପ୍ରଥ । ତେବେ କାଗଜବିହୀନ ବା ଇ–ବଜେଟ କ୍ଷେତ୍ରରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ। ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ କରିବା ସମୟରେ ଇ–ବଜେଟ ଦେଖିବା ପାଇଁ ବିଧାୟକମାନଙ୍କୁ ଟାବ୍ଲେଟ ଦିଆଯାଇଥିଲା। ତେବେ ଯେଉଁମାନଙ୍କ ପାଖରେ ସ୍ମାର୍ଟଫୋନ୍, ଟିଭି ବା କମ୍ପ୍ୟୁଟର ନାହିଁ, ସେମାନଙ୍କ ପକ୍ଷେ ବଜେଟର ତଥ୍ୟ ପାଇବା କଷ୍ଟକର ହୋଇଥିଲା। ସରକାର ଦାବି କରିଛନ୍ତି ଯେ, ବଜେଟ ପୁସ୍ତିକା ପ୍ରକାଶ ନ କରିବା ଦ୍ୱାରା ୭୦,୦୦୦ରୁ ଅଧିକ ଗଛଙ୍କ ଜୀବନ ବଞ୍ଚିଯାଇପାରିଛି। କାରଣ ବଜେଟ ବହି ଛାପିବା ପାଇଁ ଯେତିକି କାଗଜ ଖର୍ଚ୍ଚ ହୋଇଥାନ୍ତା, ସେତିକି କାଗଜ ତିଆରି ପାଇଁ ୭୦,୦୦୦ରୁ ଅଧିକ ଗଛ କାଟିବାକୁ ପଡ଼ିଥାନ୍ତା। ତେଣୁ ଇ–ବଜେଟ ଏକ ପରିବେଶ ଅନୁକୂଳ ପଦକ୍ଷେପ।

ପୂଜାରୀ ପୁଣି କହିଲେ ଯେ, ସେ ଏଥର ଜଳବାୟୁ ଓ ପୋଷଣ ଉପରେ ଭିନ୍ନ ଭିନ୍ନ ବଜେଟ ଉପସ୍ଥାପନ କରିଛନ୍ତି, ଯାହା ସମ୍ଭବତଃ ଦେଶରେ ପ୍ରଥମ। ପିଲାଙ୍କ ପାଇଁ ବଜେଟ ଓ ଲିଙ୍ଗ (ଜେଣ୍ଡର) ବଜେଟ ଆଉ ଦୁଇଟି ନୂଆ ଚିନ୍ତାଧାରା। କୃଷକମାନଙ୍କୁ ସାହାଯ୍ୟ କରିବା ପାଇଁ ପାଣିପାଗ ଉପରେ ଆଉ ଏକ ବଜେଟ ଶୀଘ୍ର ଆସିବ। ୨୦୧୩–୧୪ ମସିହାରୁ ସରକାର କୃଷି ଉପରେ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରିଆସୁଛନ୍ତି ଏବଂ ଏଥର ମଧ୍ୟ ତାହା କରିଛନ୍ତି। ବାସ୍ତବରେ କୃଷି ଉପରେ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରିବାରେ କର୍ନାଟକ ପରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ। ଏହିସବୁ ଟୋକନିଜ୍ମ ବ୍ୟତୀତ ଅର୍ଥନୈତିକ ଦୃଷ୍ଟିରୁ ବଜେଟରେ ସେମିତି ମନେରଖିଲା ଭଳିଆ କିଛି ନୂଆ କଥା ନାହିଁ। ସମ୍ବଳ ସଂଗ୍ରହ ଓ ବ୍ୟୟ ଦୃଷ୍ଟିରୁ ସରକାର ପୂର୍ବ ଢାଞ୍ଚାରେ ରହିଛନ୍ତି। ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ଯୋଗୁ ସମ୍ଭବତଃ ସରକାର କୃଷି ଲାଗି ଅଧିକ ବ୍ୟୟ ବରାଦ କରିପାରି ନାହାନ୍ତି। ଏହି କ୍ଷେତ୍ର ପାଇଁ ସରକାର ୧୯,୪୦୮ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ବେଳେ ତାହା ୨୦୧୯–୨୦ କୃଷି ବଜେଟରେ ହୋଇଥିବା ବ୍ୟୟ ବରାଦ ତୁଳନାରେ ୧୩୦୬ କୋଟି ଟଙ୍କା କମ୍।

## ଆଜିର ଅର୍ଥନୀତି

ଅର୍ଥମନ୍ତ୍ରୀ କିଛି କ୍ଷେତ୍ର ପାଇଁ କେତେକାଂଶରେ ମୁଣା ଖୋଲି ଦେଇଥିବା ବେଳେ ସମ୍ବଳ କେଉଁଠୁ ଆସିବ ସେ ବାବଦରେ ନୀରବ ରହିଛନ୍ତି। ପୂଜାରୀ ଦାବି କରିଛନ୍ତି ଯେ, ସେ ଶିଳ୍ପ କ୍ଷେତ୍ର ପାଇଁ ୫୭୫ କୋଟି ଟଙ୍କା ବା ଦୁଇଗୁଣ ବ୍ୟୟ ବରାଦ କରିଛନ୍ତି। ବାସ୍ତବ ଦୃଷ୍ଟିରୁ ଦେଖିଲେ ଏହା ସେମିତି ବେଶି କିଛି ନୁହେଁ। କୃଷି କ୍ଷେତ୍ରର ଦୁଃଖ ଦୂରକରିବାରେ ଚଳିତ ବଜେଟ ବିଫଳ ହୋଇଛି। ରାଜ୍ୟର ୭୫ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ବେଳେ କୃଷି ଭିତ୍ତିଭୂମି ବିକାଶ ଲାଗି କୌଣସି ଦୀର୍ଘମିଆଦୀ ଯୋଜନା ଗ୍ରହଣ କରାଯାଇନାହିଁ। ବିଶେଷତଃ ଉପକୂଳ ଅଞ୍ଚଳରେ ଜଳସେଚନ ଭିତ୍ତିଭୂମି ବିକାଶ, ନିର୍ଦ୍ଦିଷ୍ଟ କୃଷିଜାତ ସାମଗ୍ରୀ ପାଇଁ ମଣ୍ଡିର ବିକାଶ, କୃଷି ଉତ୍ପାଦର ବିକ୍ରି ପାଇଁ ବଜାର ସୁବିଧା ପ୍ରତିଷ୍ଠା, ରାଜ୍ୟରେ ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ଭଣ୍ଡାର ଓ ଶୀତଳ ଭଣ୍ଡାର ପ୍ରତିଷ୍ଠା ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଅଧିକ ଦୃଷ୍ଟି ଦିଆଯିବାର ଆବଶ୍ୟକତା ଥିଲା। ବଢ଼ୁଥିବା ବେକାରି ସମସ୍ୟାର ସମାଧାନ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି ଲାଗି କୌଣସି ପଦକ୍ଷେପ ନିଆଯାଇ ନାହିଁ। ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯାଇଥିଲେ ସେଥିରେ ବହୁ ଲୋକ ନିଯୁକ୍ତିର ସୁବିଧା ପାଇପାରିଥାନ୍ତେ। ରାଜ୍ୟରେ ୪୮୦ କିଲୋମିଟର ଦୀର୍ଘ ଉପକୂଳ ଏବଂ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ରହିଛି। ଏସବୁଗୁଡ଼ିକ ମଧ୍ୟରେ ଅନେକ ସ୍ଥାନ ରହିଛି ଯାହାକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ବିକାଶ କରାଯାଇପାରିଥାନ୍ତା। ତା'ଛଡ଼ା ଅସଂଖ୍ୟ ପ୍ରାଚୀନ ମନ୍ଦିର ରହିଛି। ବିଶେଷତଃ ସ୍ୱର୍ଣ୍ଣ ତ୍ରିଭୁଜ (ପୁରୀ, କୋଣାର୍କ ଓ ଭୁବନେଶ୍ୱର)କୁ ହଜାର ହଜାର ଧାର୍ମିକ ପର୍ଯ୍ୟଟକ ପ୍ରତିବର୍ଷ ଦେଶ ତଥା ଦେଶ ବାହାରୁ ଆସିଥାନ୍ତି। ପର୍ଯ୍ୟଟନ ବଜେଟର ସିଂହଭାଗ ପୁରୀ ଓ ଭୁବନେଶ୍ୱର ପାଇଁ ଦିଆଯାଇଛି। ଏହି କ୍ଷେତ୍ର ପାଇଁ ମୋଟ ୧୬୬୦ କୋଟି ଟଙ୍କା ବରାଦ କରାଯାଇଥିବା ବେଳେ ସେଥି ମଧ୍ୟରୁ ଏହି ଦୁଇଟି ସହର ପାଇଁ ୮୪୫ କୋଟି ଟଙ୍କା ଦିଆଯାଇଛି। ରାଜ୍ୟର ଅନ୍ୟ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ବି ଅନୁରୂପ ଭାବେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ଥିଲା। ତେବେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ପାଇଁ ସରକାର ବଜେଟରେ ଯେଉଁ ବ୍ୟବସ୍ଥା କରିଛି ତାହା କିଛି ପରିମାଣରେ ଆଶାନୁରୂପ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

### ୨୧ ଫେବୃୟାରୀ ୧୯୯୫

- ଷ୍ଟକ ଦୁର୍ନୀତି ମାମଲାର ମୁଖ୍ୟ ନାୟକ ହର୍ଷଦ ମେହେଟ୍ଟା ଏବଂ ବ୍ୟାଙ୍କ ଅଫ ଆମେରିକା ମଧ୍ୟରେ ୧୨୮ କୋଟି ଟଙ୍କାର କାରବାର ହୋଇଥିଲା ବୋଲି ସିବିଆଇ ପ୍ରକାଶ କରିଛି।
- ଓଡ଼ିଶାରେ ମୋଟ ୮୫,୯୧୭ ଜଣଙ୍କ ରକ୍ତ ପରୀକ୍ଷା କରାଯିବା ପରେ ସେମାନଙ୍କ ମଧ୍ୟରେ ୧୨୯୪ ଜଣଙ୍କଠାରେ ଏଚ୍.ଆଇ.ଭି. ପଜିଟିଭ ଜୀବାଣୁ ଥିବାର ଜଣାପଡିଛି।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 3 | | | | | | | | | B | | 7 | | 5 |
| A | | | | | | | | 3 | 1 | | C | | | 0 |
| | | | 0 | A | | 4 | B | | | | | | | |
| | | E | | | | | 5 | | | 2 | 9 | 1 | A | 8 |
| | 5 | | | C | | | | D | 8 | | | 4 | 9 | |
| | | | B | | | | | C | | 1 | A | 6 | | |
| C | | | | 2 | | | | | | 6 | | | | |
| | 7 | | | | 4 | | | 6 | | | D | | | |
| 5 | | 1 | A | | | 7 | | | B | | | D | | |
| 8 | E | | D | | | | | | 7 | | 2 | | | 3 |
| | 1 | | 2 | | B | | 0 | | | | | | | 9 |
| E | 4 | | | 9 | C | | | | | 7 | | | | |
| | | 7 | E | | | | 6 | A | | | 0 | | 3 | |
| 3 | | 6 | | | | | 1 | | 9 | | | 8 | D | 2 |
| B | 2 | | | | | | | | | D | | C | E | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 2 | C | E | 8 | 1 | B | 4 | 3 | 0 | 6 | D | 7 | A | 5 |
| 6 | 4 | E | B | 5 | 7 | D | 1 | A | 8 | C | 9 | 2 | 0 | 3 |
| 7 | A | B | 4 | D | 3 | 8 | C | 0 | 1 | 5 | 2 | E | 6 | 9 |
| 3 | 8 | 0 | 9 | A | C | 5 | 6 | 2 | B | 7 | E | D | 4 | 1 |
| 1 | D | 5 | 6 | 2 | 0 | 9 | 7 | E | 4 | A | 3 | C | B | 8 |
| 4 | C | 3 | 1 | 9 | E | 0 | 5 | D | A | 2 | 6 | B | 8 | 7 |
| A | E | 7 | 5 | B | 8 | C | 2 | 9 | D | 4 | 0 | 1 | 3 | 6 |
| 8 | 5 | 2 | 7 | 0 | A | 1 | E | 6 | 3 | B | C | 9 | D | 4 |
| D | 6 | 9 | 3 | C | 2 | 4 | 8 | B | 5 | 1 | 7 | 0 | E | A |
| 0 | B | 1 | D | 4 | 6 | A | 3 | 7 | E | 9 | 8 | 5 | 2 | C |
| B | 0 | 4 | C | E | 5 | 3 | 9 | 8 | 7 | D | A | 6 | 1 | 2 |
| E | 9 | A | 0 | 7 | 4 | 6 | B | C | 2 | 3 | 1 | 8 | 5 | D |
| C | 3 | D | 2 | 6 | B | E | A | 1 | 9 | 8 | 5 | 4 | 7 | 0 |
| 5 | 7 | 8 | A | 1 | 9 | 2 | D | 4 | 6 | 0 | B | 3 | C | E |
| 2 | 1 | 6 | 8 | 3 | D | 7 | 0 | 5 | C | E | 4 | A | 9 | B |

ଗତକାଲିର ଉତ୍ତର

# ଭାଷାର ସୀମାନ୍ତ ନାହିଁ

ଲୋକନାଥ ପଣ୍ଡା

ସାରା ବିଶ୍ୱରେ ପ୍ରତିବର୍ଷ ଫେବୃୟାରୀ ୨୧ ତାରିଖରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଆସୁଛି। ଏହାର ମୂଳ ଉଦ୍ଦେଶ୍ୟ ବିଶ୍ୱରେ ଭାଷା ଏବଂ ସଂସ୍କୃତିକୁ ନେଇ ଯେଉଁ ବିବିଧତା ରହିଛି, ତାହାର ସଂରକ୍ଷଣ ଓ ସମୃଦ୍ଧି। ୟୁନେସ୍କୋ ତରଫରୁ ପ୍ରଥମ ଥର ପାଇଁ ୧୯୯୯ ନଭେମ୍ବର ୧୭ ତାରିଖରେ ଏହିଦିବସ ପାଳନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ସମୟରେ ବାଂଲାଦେଶର ଭାଷା ଆନ୍ଦୋଳନ ଓ ୧୯୫୨ ଫେବୃୟାରୀ ୨୧ ତାରିଖରେ ଘଟିଥିବା ଘଟଣାବଳୀକୁ ସମ୍ମାନ ଜଣାଇ ସାରା ବିଶ୍ୱରେ ଫେବୃୟାରୀ ୨୧ ତାରିଖରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇ ଆସୁଛି। ଚଳିତ ବର୍ଷର ଅନ୍ତର୍ଜାତୀୟ ମାତୃଭାଷା ଦିବସର ଅନୁଚିନ୍ତା ରହିଛି– Language without Border ବା 'ସୀମାନ୍ତ ନ ଥିବା ଭାଷା ।'

ସାରା ବିଶ୍ୱରେ ୬୦୦୦ ଭାଷାଭାଷୀ ଲୋକ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଶତକଡ଼ା ୪୩ ଭାଗ ଭାଷା ସଂକଟ ଦେଇ ଗତି କରୁଛି। ପ୍ରତି ଦୁଇ ସପ୍ତାହରେ ଗୋଟିଏ ଲେଖାଏ ଭାଷା ପୃଥିବୀରୁ ଲୋପ ପାଇଯାଉଛି। କେବଳ ଭାଷା ଲୋପ ପାଇଯାଉନି, ସେହି ଭାଷାକୁ ନେଇ ଯାହା ସଂସ୍କୃତି, ଜ୍ଞାନକୌଶଳ, ପରମ୍ପରା ରହିଛି, ତାହା ମଧ୍ୟ ଲୋପ ପାଇଯାଉଛି। ଜଗତୀକରଣ ପ୍ରଭାବରେ ଅନେକ ଭାଷା ଲୋପ ପାଇବାକୁ ବସିଲାଣି। ଭାଷା ସହିତ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଭାଷା ଲୋପ ପାଇବା ସହିତ ସାଂସ୍କୃତିକ ବିବିଧତା ମଧ୍ୟ ନଷ୍ଟ ହେଲାଣି।

ୟୁନେସ୍କୋ ତରଫରୁ ଭାଷାର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଉତ୍ସାହିତ କରାଯାଉଛି। ସାରା ପୃଥିବୀରେ ପ୍ରଚଳିତ ୪୦ ପ୍ରତିଶତ ଭାଷାରେ ଶିକ୍ଷାଦାନ ହେଉନାହିଁ କିମ୍ବା ସେମାନେ ନିଜ ମାତୃଭାଷାରେ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ଏହି ଦୃଷ୍ଟିରୁ ୨୦୦୮ ମସିହାକୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ପାଳନ କରାଯାଇଥିଲା। ଏହାର ମୂଳ ଲକ୍ଷ୍ୟ ଥିଲା, ବିବିଧତା ମଧ୍ୟରେ ଏକତା ଏବଂ ବିଶ୍ୱ ସମନ୍ୱୟ ଭାବ, ବହୁଭାଷୀ ଏବଂ ବହୁ ସଂସ୍କୃତି ମଧ୍ୟରେ ଏକତାକୁ ଗୁରୁତ୍ୱ ଦେବା ଓ ସମ୍ମାନ ଜଣାଇବା। ଭାଷା ବିବିଧତା, ବିବିଧ ସଂସ୍କୃତି ମାନବ ସମାଜକୁ ସାଂସ୍କୃତିକ ସମନ୍ୱୟ, ଶାନ୍ତି, ସମାନତା ଇତ୍ୟାଦି ଯୋଗାଇ ଦେଇଥାଏ। ମାତୃଭାଷାରେ କେତେ ଜ୍ଞାନ ଭରିରହିଛି ଏବଂ ଏହାର ମହାନତାକୁ ଉପଲବ୍ଧି କରିବା ଓ ଉତ୍ସାହ ସୃଷ୍ଟି କରିବା ପାଇଁ ଏହି ଦିବସରେ ଗୁରୁତ୍ୱ ଦିଆଯାଉଛି। ଭାଷା ଓ ସଂସ୍କୃତିକୁ ବଞ୍ଚାଇବା ଏବଂ ବିକାଶ ନିମନ୍ତେ ଯେଉଁ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନ କାମ କରିଥାଆନ୍ତି, ସେମାନଙ୍କୁ ଏହି ଦିବସରେ ପ୍ରଶଂସା ଓ ସମ୍ମାନିତ କରାଯାଇଥାଏ। ପ୍ରତ୍ୟେକ ଭାଷାଭାଷୀ ନିଜ ମାତୃଭାଷାକୁ ସ୍ୱାଭିମାନର ସହିତ ଭଲ ପାଇବା ସହ ଏହାକୁ ଗୁରୁତ୍ୱ ଦେଇ ବଞ୍ଚାଇ ରଖିବା ନିମନ୍ତେ ପ୍ରୟାସ କରିବାର ସମୟ ପହଞ୍ଚିଛି। ଗତ କିଛି ବର୍ଷ ଧରି ଭାରତରେ ମଧ୍ୟ ବହୁଳ ଭାବରେ ଅନ୍ତର୍ଜତୀୟ ମାତୃଭାଷା ଦିବସ ପାଳିତ ହେଉଛି। ଏହି ଦିବସରେ ଅନେକେ ଭାଷାକୁ ନେଇ କର୍ମଶାଳା କରୁଛନ୍ତି। ଭାଷାଗତ ବିବିଧତାକୁ ନେଇ ସଚେତନତା ସୃଷ୍ଟି କରାଯାଉଛି। ଗୋଷ୍ଠୀ ସ୍ତରରେ ଭାଷା ଓ ସଂସ୍କୃତିର ଗୁରୁତ୍ୱକୁ ଉପଲବ୍ଧ କରିବା ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭାଷା ଓ ସଂସ୍କୃତିକୁ ବଞ୍ଚାଇବା ଏବଂ ବିକାଶ ନିମନ୍ତେ ଯେଉଁ ବ୍ୟକ୍ତିବିଶେଷ

### ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ

କିମ୍ବା ଅନୁଷ୍ଠାନ କାମ କରିଥାଆନ୍ତି, ସେମାନଙ୍କୁ ଏହି ଦିବସରେ ପ୍ରଶଂସା ଓ ସମ୍ମାନିତ କରାଯାଇଥାଏ।

ଓଡ଼ିଶାରେ ମଧ୍ୟ ଅନ୍ତର୍ଜାତୀୟ ମାତୃଭାଷା ଦିବସ ବିଭିନ୍ନ କ୍ଷେତ୍ରରେ ପାଳିତ ହେଉଛି। ଏହି ଅବସରରେ ଓଡ଼ିଶାର ସଂଖ୍ୟାଲଘୁ ତଥା ଜନଜାତିଙ୍କ ମାତୃଭାଷା, ଯାହାକି କ୍ଷିପ୍ର ଗତିରେ ଲୋପ ପାଇବାରେ ଲାଗିଛି, ସେ ସମ୍ପର୍କରେ ଆଲୋଚନା କରିବାର ଅବକାଶ ଆସିଛି। ବିଶ୍ୱ ଭାଷାକୁ ନେଇ ଏକ ରିପୋର୍ଟରେ ଓଡ଼ିଶାର ଅନେକ ଜନଜାତି ଭାଷା ସଂକଟ ଦେଇ ଗତି କରୁଛି ବୋଲି ପ୍ରକାଶ ପାଇଥିଲା। ବର୍ତ୍ତମାନ ଯେଉଁ ପରିମାଣରେ ବିଭିନ୍ନ ସଂଖ୍ୟାଲଘୁ ଭାଷାଭାଷୀ କଥିତ ଭାଷାର ସଂଖ୍ୟା କମି କମି ଆସୁଛି, ମନେହୁଏ ଅଚିରେ ଅନେକ ଭାଷା ଲୋପ ପାଇଯିବ। ଓଡ଼ିଶା କ୍ଷେତ୍ରରେ ଆଲୋଚନା କଲେ ତଥ୍ୟ କହୁଛି ଓଡ଼ିଶାରେ ୬୨ ପ୍ରକାର ଭାଷାଭାଷୀ ଲୋକ ବସବାସ କରନ୍ତି। କିନ୍ତୁ ସେଥିମଧ୍ୟରୁ କେତେ ଜନଜାତିର ଭାଷାଭାଷୀ ଲୋକ ବର୍ତ୍ତମାନ ନିଜ ମାତୃଭାଷାରେ କଥା ହେଉଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ୨୦୦୬–୦୭ ମସିହା ବେଳକୁ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିଲା ଏବଂ ୧୦ଟି ଆଦିବାସୀବହୁଳ ଜିଲାର କେତେକ ବିଦ୍ୟାଳୟରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୩ ଆଦିବାସୀ ଭାଷାରେ ପ୍ରାଥମିକ ସ୍ତରରେ ଏବଂ ପ୍ରାକ୍–ପ୍ରାଥମିକ ତଥା ଅଙ୍ଗନୱାଡ଼ି ସ୍ତରରେ ମାତୃଭାଷା ଆଧାରିତ ପ୍ରାକ୍–ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିସହିତ କିଛିବର୍ଷ ଧରି ଦରିଆପାରି ସଂସ୍ଥା ବିଭିଏଲ୍ଏଫ୍ଙ୍କ ସହାୟତାରେ ଅଙ୍ଗନୱାଡ଼ି କେନ୍ଦ୍ରରେ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷାକୁ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱ ଦିଆଗଲା।

ଗତ କିଛିଦିନ ଧରି କେତେକ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଅଙ୍ଗନୱାଡ଼ି ଦିଦି, ଅଭିଭାବକ ଏବଂ ଅଙ୍ଗନୱାଡ଼ି ସହାୟକଙ୍କ ସହ କଥା ହେଉଥିଲି ଏବଂ ପରିସ୍ଥିତିକୁ ଅନୁଧ୍ୟାନ କରୁଥିଲି। ଅଙ୍ଗନୱାଡ଼ି ଦିଦି ତିନିବର୍ଷର ଶିଶୁଟିକୁ ପ୍ରଶ୍ନ କରୁଥିଲେ, କଥା ହେବା ପାଇଁ ଉତ୍ସାହିତ କରୁଥିଲେ, ପ୍ରଶ୍ନ ଅତି ସରଳ ଥିଲା, ତା'ର ନାମ, ଗ୍ରାମ ଇତ୍ୟାଦି। ଶିଶୁଟି ବେଳେ ବେଳେ ମୁଣ୍ଡ ଟୁଙ୍ଗାରୁଥିଲା, କେତେବେଳେ କେମିତି ମୁଣ୍ଡ ହଲଉଥିଲା, ଶିଶୁଟି ମୁଣ୍ଡର ଠାର ମାଧ୍ୟମରେ ନିଜର ଉତ୍ତର ଦେଉଥିଲା। ଏହାପରେ ଶିଶୁଟି ସହିତ କେନ୍ଦ୍ରର ସହାୟିକା ନିଜ ଭାଷାରେ କଥା ହେଲେ। ଶିଶୁର ମୁଖମଣ୍ଡଳରେ ହସ ଦେଖାଗଲା। ଖୁସି ହେଲା। ନିଜ ଭାଷାରେ ଉତ୍ତର ଦେଲା। ମୁଁ ଅଙ୍ଗନୱାଡ଼ି ଦିଦିଙ୍କୁ ଭାଷା ବିଷୟରେ ପଚାରୁଥିଲି, ଉତ୍ତର ଥିଲା ଶିଶୁମାନେ ଓଡ଼ିଆ ଜାଣୁଛନ୍ତି, କହୁଛନ୍ତି! ଘରେ ଓଡ଼ିଆରେ କଥା ହେଉଛନ୍ତି! ମାଆଙ୍କ ସହିତ ଆଲୋଚନା କରୁଥିଲି, ଅନେକ ମାଆ ଓଡ଼ିଆ ଠିକ୍ ଭାବରେ ଜାଣି ନ ଥିଲେ, ଯଦି ବୁଝୁଥିଲେ ଏହାର ଉତ୍ତର ଦେବା ପାଇଁ ସଂକୋଚ କରୁଥିଲେ କିମ୍ବା ଚାରି ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ ମାଆ କିଛି କିଛି ଉତ୍ତର ଦେଉଥିଲେ। ଯଦି ଅଙ୍ଗନୱାଡ଼ି ଦିଦି ସେହି ଗୋଷ୍ଠୀର, ତେବେ ନ ବୁଝିଲେ ନିଜ ଭାଷାରେ ମାଆମାନଙ୍କୁ ବୁଝାଉଥିଲେ ଏବଂ ସେମାନଙ୍କ ଉତ୍ତର ମଧ୍ୟ ମତେ ଅନୁବାଦ କରି କହୁଥିଲେ।

ପ୍ରାଥମିକ ସ୍ତରରେ ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମର ସ୍ଥିତି କିପରି ଚାଲିଛି ବୋଲି ମୋର ଜଣେ ଆଦିବାସୀ ବନ୍ଧୁ, ଯିଏକି ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ, ତାଙ୍କ ସହ ଆଲୋଚନା କରୁଥିଲି। ସେ ଦୁଃଖ ପ୍ରକାଶ କରୁଥିଲେ। ତଳସ୍ତରରେ ମାତୃଭାଷାରେ ଶିକ୍ଷା ଦେବା ପାଇଁ ଜିଲାସ୍ତରରେ ଆନ୍ତରିକ ଉଦ୍ୟମ ନାହିଁ, ବ୍ଲକ ସ୍ତରରେ କିମ୍ବା ଶିକ୍ଷକଙ୍କ ସ୍ତରରେ ଶିକ୍ଷାଦାନ କରିବା ପାଇଁ ଆଗ୍ରହ ନାହିଁ। ଅନେକ ସମୟରେ ବ୍ଲକକୁ ମାତୃଭାଷା ଆଧାରିତ ପୁସ୍ତକ ଆସୁଛି, ସେଠାରେ ପଡ଼ି ପଡ଼ି ନଷ୍ଟ ହେଉଛି ।

କଥା ହେଉଛି ମାତୃଭାଷା ପ୍ରତି ଆଦର ! ସାରା ଓଡ଼ିଶାରେ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ, ସଂରକ୍ଷଣ କରି ରଖିବା ପାଇଁ ତଥା ଏହାର ସୁରକ୍ଷା ଲାଗି ଚିନ୍ତା ହେଉଛି। ଓଡ଼ିଶାରେ ୬୨ ପ୍ରକାର ଯେଉଁ ଭାଷାଭାଷୀ ଜନଜାତିର ଲୋକ ଅଛନ୍ତି, ସେହି ଭାଷାଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ପୂର୍ବରୁ ଅନେକ କିଛି କାର୍ଯ୍ୟ ହୋଇଛି, କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ବେସରକାରୀ ସ୍ତରରେ ହେଉ କିମ୍ବା ସରକାରୀ ସ୍ତରରେ ଯେଉଁଭଳି ଭାବରେ ଇଂଲିଶ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି, ପ୍ରାଥମିକ ସ୍ତରରୁ ସ୍ପୋକନ୍ ଇଂଲିଶକୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ପର୍ଯ୍ୟାଲୋଚନା ହେଲାଣି। ତେବେ ଭାଷା ସଂକଟ ଦେଇ ଗତିକରୁଛି ଏବଂ ଆହୁରି କ୍ଷିପ୍ର ଗତିରେ ମରଣ ଦିଗରେ ଗତି କରିବ, ଏଥିରେ ସନ୍ଦେହ ନାହିଁ। ଭବିଷ୍ୟତରେ ଯେଉଁପରି ଆଦିବାସୀ ସଂସ୍କୃତି, ପରମ୍ପରା ଇତ୍ୟାଦିକୁ ନେଇ ନାଚ, ଗୀତ ଓ ପ୍ରଦର୍ଶନୀ ହେବ, ସମୟ ଆସିବ ଲୋକମାନେ ମଧ୍ୟ ଭାଷାକୁ ନେଇ ସଚେତନ ହେବେ।

୪ର୍ଥ ଗଳି, ରାଣୀଗୁଡ଼ା, ରାୟଗଡ଼,
ମୋ– ୯୪୩୮୦୮୧୪୩୦,
lokanath07@gmail.com

# ଚେତନାର ଅମୃତ ଦିଗନ୍ତ



ବିମଳ ପ୍ରସନ୍ନ ଦାସ

୧୮୭୮ ଫେବୃୟାରୀ ୨୧ ତାରିଖ ବିଶ୍ୱଜନନୀ ଶ୍ରୀମାଙ୍କର ପବିତ୍ର ଜନ୍ମତିଥି। କାଳବକ୍ଷରେ ଇତିମଧ୍ୟରେ ୧୪୨ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ଏ ବର୍ଷ ଆମେ ତାଙ୍କର ୧୪୩ତମ ପବିତ୍ର ଜୟନ୍ତୀ ପାଳନ କରୁଛୁ। ମହାଯୋଗୀ ଶ୍ରୀଅରବିନ୍ଦ ଦିବ୍ୟ ଜନନୀଙ୍କର ଚାରିଗୋଟି ମହାରୂପ ବର୍ଣ୍ଣନା କରିଛନ୍ତି। ତାହା ହେଲା ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ। ଋଷି କବିଙ୍କ ଦିବ୍ୟଦୃଷ୍ଟିରେ ଶ୍ରୀମା ହିଁ ସର୍ବୋତ୍ତମା ଶକ୍ତି The Supreme Power. ସେ ଆଦିମାତା, ଅଦିତି। ମନୁଷ୍ୟ ଶରୀରରେ ଆଉ ଜଣେ ପାର୍ଥିବ ଜନନୀଙ୍କ ଗର୍ଭରୁ ଜନ୍ମ ହେଲେ। ଯିଏ ସ୍ୱୟଂ ଅନନ୍ତକାଳ, ସେ ପୁଣି ନିଜକୁ କାଳ ହାତରେ ସମର୍ପି ଦେଇ ଜନ୍ମମୃତ୍ୟୁର ଘୂର୍ଣ୍ଣନ ମଧ୍ୟରେ ଆବିର୍ଭୂତା ହେଲେ। ଅସୀମା ହେଲେ ସୀମା। ଉଦ୍ଦେଶ୍ୟ ହେଲା ଏହି ସୀମାଭୁକ୍ତ ପୃଥିବୀକୁ ଦିବ୍ୟ ରୂପାନ୍ତର ଦେଇ ଅମରାବତୀରେ ପରିଣତ କରିବା। ପରା ପ୍ରକୃତିର ଅପରା ରୂପାୟନ। ଚିନ୍ମୟୀ ଶକ୍ତିଙ୍କର ମୃଣ୍ମୟୀ ରୂପ ଧାରଣର କାରଣ ସମଗ୍ର ପୃଥିବୀ ଓ ପ୍ରକୃତିର ଆହ୍ୱାନ। ଶ୍ରୀଅରବିନ୍ଦ ତାଙ୍କ ରଚିତ ମହାକାବ୍ୟ 'ସାବିତ୍ରୀ'ର ୩୧୪ ପୃଷ୍ଠାରେ ଲେଖିଛନ୍ତି–''ସମଗ୍ର ପ୍ରକୃତି କରେ ତବ ଆବାହନ ବିମୌନ ଭାଷାରେ/ଚରଣ ପରଶେ ତବ କରିବାକୁ ନିରାମୟ ଜୀବନ ବ୍ୟଥାରେ।''

ଅତିମାନସ ଶକ୍ତି, ଜ୍ୟୋତି ଓ ଚେତନାର ଅବତାର ପୁରୁଷ ଶ୍ରୀଅରବିନ୍ଦଙ୍କର ସେ ସହ––ତପସ୍ୱିନୀ। ଶ୍ରୀଅରବିନ୍ଦ ତତ୍ତ୍ୱ ହେଲେ ଶ୍ରୀମା ହେଉଛନ୍ତି ସେ ତତ୍ତ୍ୱର ସରଳ, ସାବଲୀଳ ଓ ପ୍ରାଞ୍ଜଳ ବ୍ୟାଖ୍ୟା। ଶ୍ରୀଅରବିନ୍ଦ ସାଧ ହେଲେ ଶ୍ରୀମା ତାଙ୍କର ସାଧନା ଓ ସିଦ୍ଧି। ଶ୍ରୀଅରବିନ୍ଦ ତପଶକ୍ତି ହେଲେ ଶ୍ରୀମା ତାଙ୍କର କ୍ରିୟାତ୍ମିକା ଶକ୍ତି। ଶ୍ରୀଅରବିନ୍ଦଙ୍କୁ ଆମର ମନ, ବୁଦ୍ଧି, ବାକ୍ୟ ସ୍ପର୍ଶ କରିପାରେନା। ସେ ଆମ ପାଖେ ପାଖେ ଥିଲେ ମଧ୍ୟ ଆମେ ତାଙ୍କର ସୌର ତେଜର ପ୍ରଚଣ୍ଡତା ସହ୍ୟ କରିପାରୁନା। କିନ୍ତୁ ମା' ଆମ ଦେହକୁ ଦେହ ଲାଗିକରି ଅଛନ୍ତି ଠିକ୍ ମାନୁଷୀ ମା'ଟିଏ ପରି, ଯେପରି ମା' ତା'ର ଛୁଆକୁ ଦେହଲଗ୍ନ କରି ରଖିଥାଏ। ମା' ସୂର୍ଯ୍ୟ ତେଜକୁ ଧାରଣ କରିଛନ୍ତି। ସେ ସ୍ୱୟଂ ସବିତୃ, ଶକ୍ତି, ସାବିତ୍ରୀ, ସେ ମଧ୍ୟ ବ୍ରହ୍ମ ଶକ୍ତି ଗାୟତ୍ରୀ। ସେ ହିଁ ଚେତନାର ଅମୃତ ଦିଗନ୍ତ।

ଏସବୁ ସତ୍ତ୍ୱେ ସେ ସନ୍ତାନ ଲାଗି ସୁଧାମୟୀ, ମଧୁମୟୀ, ପ୍ରେମମୟୀ, କଲ୍ୟାଣମୟୀ, କ୍ଷମାମୟୀ, ଶ୍ରୀମୟୀ ଏବଂ ଆହ୍ଲାଦିନୀ ଚନ୍ଦ୍ରମା ଭଳି। ସେ ଆମକୁ ଅତିମାନସର ସ୍ନିଗ୍ଧ ଜ୍ୟୋତ୍ସ୍ନାରେ ଆପ୍ଲୁତ କରି ରଖିଛନ୍ତି। ପ୍ରଚଣ୍ଡ ମାର୍ତ୍ତଣ୍ଡର ଅମ୍ଳାନ ତେଜକୁ ସେ ନିଜ ଭିତରେ ଧାରଣ କରିଛନ୍ତି। କିନ୍ତୁ ସେ



ଶ୍ରୀମାଙ୍କ ଜୟନ୍ତୀ ଉପଲକ୍ଷେ

ତେଜକୁ ଆମ ପାଇଁ ଚନ୍ଦ୍ରମାର ଶାନ୍ତ ଶୀତଳ ଜ୍ୟୋତ୍ସ୍ନାରେ ରୂପାନ୍ତରିତ କରି ଅଜାଡି ଦେଇଛନ୍ତି। ମା'ଙ୍କ ବ୍ୟତିରେକେ ପ୍ରଚଣ୍ଡ ସୂର୍ଯ୍ୟ ପିଣ୍ଡ ସ୍ୱରୂପ ଶ୍ରୀଅରବିନ୍ଦଙ୍କ ସ୍ପର୍ଶ ଆମେ ପାଇପାରି ନ ଥାନ୍ତୁ। ସେ ନିଜେ କହିଛନ୍ତି, ଶ୍ରୀଅରବିନ୍ଦଙ୍କ ବିନା ମୋର ସ୍ଥିତି ନାହିଁ ଏବଂ ମୋ ବିନା ତାଙ୍କର ପ୍ରକାଶ ନାହିଁ। ଦୁଇଟି ମହାନ୍ ଆତ୍ମାର ମହାମିଳନ–ସତେଯେପରି ଶ୍ୱେତପଦ୍ମ ସହିତ ରକ୍ତପଦ୍ମର, ପ୍ରେମ ସହିତ ପ୍ରଜ୍ଞାର, ଭକ୍ତି ସହିତ ଜ୍ଞାନର, ମହାପୁରୁଷଙ୍କ ସହିତ ମହାପ୍ରକୃତିର, ଜୀବାତ୍ମା ସହ ପରମାତ୍ମାର। ଧୂଳି ମାଟିର ଧରିତ୍ରୀକୁ ଅମରାବତୀରେ ପରିଣତ କରିବା ପାଇଁ ସତେଯେପରି ଏହା ବିଧିର ବିଧାନ।

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାତୃଶକ୍ତିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆଯାଇଛି। ମଣିଷ ଜୀବନରେ ଏପରି କୌଣସି ଅବସ୍ଥା ନାହିଁ ଯେଉଁଠି ମହାଶକ୍ତିର ଉପଲବ୍ଧି ନାହିଁ। ମାତ୍ର ଆମ ଚେତନାର ଅବସ୍ଥା ଏପରି ଯେ ଆମେ କିଛି ଗ୍ରହଣ କରିବାକୁ ପ୍ରସ୍ତୁତ ନୋହୁଁ। ଭାରତର ସମୃଦ୍ଧ ଚେତନା ଇତିହାସର ନିର୍ଯାସ। ଦୁର୍ଭାଗ୍ୟ ଯେ ଭାରତ ସମ୍ପୂର୍ଣ୍ଣ ଭାବେ ବସ୍ତୁବାଦକୁ ଗ୍ରହଣ କରିପାରୁ ନାହିଁ କି ମାୟାବାଦକୁ ଅଗ୍ରାହ୍ୟ କରିପାରୁନାହିଁ। ବର୍ତ୍ତମାନ ମାନବ ଜାତି ଏକ ଛଳନାମୟ ମାୟା ଭିତରେ ଛନ୍ଦିହୋଇ ରହିଛି। ଏଥିପାଇଁ ସମାଜରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ଦୁଷ୍କର୍ମ ବ୍ୟାପି ଚାଲିଛି। ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଅମୃତମୟ ଦୃଷ୍ଟିରେ ଏ ଅବସ୍ଥା ବେଶି ସମୟ ରହିବ ନାହିଁ। ଶ୍ରୀମାଙ୍କ ଦିବ୍ୟ ମାତୃଶକ୍ତି ମଣିଷକୁ ଏ ଦୁଃସ୍ଥିତିରୁ ଉତ୍ତୀର୍ଣ୍ଣ କରିନେବ। ପ୍ରକୃତ ଚେତନା କ'ଣ ତାହା ମାନବ ଜାତି ଆଗରେ ଉତ୍ଥାପନ କରିବ। ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୁଗ୍ମ ସତ୍ତା ପାଶ୍ଚାତ୍ୟ ମତାନୁଯାୟୀ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସର୍ବୋତ୍ତମ ସମନ୍ୱୟ । ଆଧ୍ୟାତ୍ମିକତାର ଦୁଇଟି ଦିଗ: ଯୋଗ ଓ ତନ୍ତ୍ରର ପୂର୍ଣ୍ଣାଙ୍ଗ ସତ୍ୟ ହେଉଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ।

ମା'ଙ୍କ ପ୍ରତି ଆମର ଶ୍ରଦ୍ଧା, ଆନ୍ତରିକତା ଓ ସମର୍ପଣ ଯେତିକି ପୂର୍ଣ୍ଣତର ହେବ, ମା'ଙ୍କ ଅଭୟ ଓ କରୁଣା ସେତିକି ଆମକୁ ଘେରି ରହିବ। ମା'ଙ୍କ କୃପାରୁ ଅଳ୍ପ ଟିକିଏ ବି ଆମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାର କରିଦେବ। ନିରାପଦରେ ଆମେ ଆମ ପଥରେ ଚାଲିଯାଇପାରିବା। କାରଣ ସେ ପଥ ମା'ଙ୍କର। ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତ ସମୂହରେ ହେଉ କୌଣସି ଶତ୍ରୁଶକ୍ତି ଆମକୁ ସ୍ପର୍ଶ କରିପାରିବ ନାହିଁ। ମାତୃ କରୁଣାର ସ୍ପର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ରୂପାନ୍ତରିତ ହୋଇଯିବ। କାରଣ ଦିବ୍ୟଜନନୀଙ୍କ ଅନୁକମ୍ପା ହିଁ ପରମେଶ୍ୱରଙ୍କ ଅନୁମତି। ଏହାର ଫଳ ପୂର୍ବନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ। ମା'ଙ୍କ ଶକ୍ତି ହିଁ ଆଜିର ତମିସ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତ୍ତାରି ଆଣିବ ସତ୍ୟ, ଜ୍ୟୋତି ଓ ଦିବ୍ୟ ଜୀବନ।

ମୋ–୯୪୩୮୧୮୬୨୨୬

## ଏଇ ଭାରତରେ

ଉତ୍ତର କର୍ନାଟକର ଗଡଗ ଜିଲାସ୍ଥିତ ଏକ ଲିଙ୍ଗାୟତ ମଠ ଧାର୍ମିକ ବନ୍ଧନରୁ ମୁକ୍ତ ହୋଇ ସାମାଜିକ ସୌହାର୍ଦ୍ଦ୍ୟକୁ ଶ୍ରେଷ୍ଠ ସ୍ଥାନ ଦେଇଛି। ଏହି ମଠ ତା' ପରମ୍ପରାକୁ ଭାଙ୍ଗି ଜଣେ ମୁସଲମାନ ଯୁବକ ଦିୱାନା ଶରିଫ୍ ରହମାନସାବ ମୁଲ୍ଲାଙ୍କୁ ମଠର ପୂଜାରୀ ଭାବେ ନିଯୁକ୍ତି ଦେଇଛି। ଗଡଗ ଜିଲା ଆସୁତି ଗାଁରେ ମୁରୁଗରାଜେନ୍ଦ୍ର କୋରାନେଶ୍ୱରା ଶାନ୍ତିଧାମ ମଠର ପୂଜାରୀ ଭାବେ ଶରିଫ ୨୬ ଫେବୃୟାରୀରେ ଶପଥ ନେବେ। ଶରିଫଙ୍କୁ ବୟସ ଏବେ ୩୩। ଖଜୁରି ଗାଁରେ ଥିବା ସବୁଠୁ ପୁରୁଣା ୩୫୦ ବର୍ଷର କୋରାନେଶ୍ୱର ମଠ ସହ ଆସୁତିରେ ଥିବା ଏହି ଲିଙ୍ଗାୟତ ମଠର ସମ୍ପର୍କ ରହିଛି। ଏହି ମଠକୁ ଦୁଇ ବର୍ଷ ପୂର୍ବରୁ ଶରିଫଙ୍କ ପିତା ୨ ଏକର ଜମି ଦାନ କରିଥିଲେ। ଦ୍ୱାଦଶ ଶତାବ୍ଦୀର ସମାଜ ସଂସ୍କାରକ ତଥା ଦାର୍ଶନିକ ବସବନ୍ନାଙ୍କ ନୀତିଶିକ୍ଷା ଦ୍ୱାରା ପ୍ରଭାବିତ ହୋଇଛନ୍ତି ବୋଲି କୁହନ୍ତି ଶରିଫ। ବସବନ୍ନା ସାମାଜିକ ନ୍ୟାୟ ଓ ସଦ୍ଭାବନା ଉପରେ ଗୁରୁତ୍ୱ ଦେଉଥିଲେ ଓ ସେହି ଆଦର୍ଶରେ କାମ କରିବେ ବୋଲି କହିଛନ୍ତି ଶରିଫ।

## ଚିରନ୍ତନୀ

ଲବଣ ଜୁଆର ଯେବେ ପେଶଇ ସାଗର
ବକ୍ଷ ତୋର ଯଉବନେ ହୁଏ ଜର ଜର,
ମରମ ହୁଏ ଆକୁଳ
ସେ ଯୌବନରାଶି ତୁ ଲୋ
ନିବେଦନ କରୁ କାହା ଚରଣତଳର ?
ବକ୍ଷଭରା ଯଉବନ ଘେନି ମୁଁ ତେସନ
ଲୋଡୁଛି କାହାର ଆଜି ଶୁଭ ଦରଶନ,
କାହାର ଚରଣଧାରେ
ଅସହ୍ୟ ଏ ପ୍ରୀତିଭାରେ
ନୀରବେ ତୋ କୂଳେ ମୁଁ ଯେ କରେଁ ନିବେଦନ।
(ଚିତ୍ରୋତ୍ପଳା)
ନିବିଡ଼ ଆଶ୍ଳେଷେ ଆଜି
ନିବିଡ଼ ଏ ଘନରାଜି
ଆବୋରିଛି ଆକାଶର ବକ୍ଷ,
ବ୍ୟଥିତ ଧରଣୀ ପରେ
ଏକା ମୁଁ ବେଦନାଭରେ
ନୀରବ ନିଶୂନ୍ୟ ମୋର କକ୍ଷ !
(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକାରୀଙ୍କ କବ୍ଜାରେ ବାଘବଂଶ

ମହାଶୟ,

ଆମ ରାଜ୍ୟର ଶିମିଳିପାଳ ଓ ସାତକୋଶିଆ ଜଙ୍ଗଲ ଦୁଇଟିକୁ ବ୍ୟାଘ୍ର ପ୍ରକଳ୍ପ ଯୋଜନାରେ ସାମିଲ କରାଯାଇଛି। ମାତ୍ର ପରିତାପର ବିଷୟ ଦିନକୁ ଦିନ ବାଘ ସଂଖ୍ୟା ହ୍ରାସ ପାଇବାକୁ ଲାଗିଛି। ଏହାର ମୁଖ୍ୟ କାରଣ ଅବାଧ ଶିକାର। ଶିମିଳିପାଳରେ ୨୦୦୪ରେ ୯୧ଟି ବାଘ ଥିଲେ। ବର୍ତ୍ତମାନ ମାତ୍ର ୨୦ଟି ଅଛନ୍ତି। ସେହିପରି ସାତକୋଶିଆ ଅଭୟାରଣ୍ୟରେ ପୂର୍ବରୁ ଯେଉଁ ବାଘ ଥିଲେ, ଶିକାରୀମାନେ ତାଙ୍କୁ ଗୋଟିକ ପରେ ଗୋଟିଏ ଶିକାର କରିବାକୁ ଲାଗିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟପ୍ରଦେଶରୁ 'ସୁନ୍ଦରୀ' ଓ ମହାବୀରକୁ ସାତକୋଶିଆ ଅଣାଗଲା। ମାତ୍ର ଶିକାରୀ 'ମହାବୀର'କୁ ମାରିଦେଲେ। ବର୍ତ୍ତମାନ ସାତକୋଶିଆରେ ଏକମାତ୍ର ସୁନ୍ଦରୀ ଅଛି। ଅନେକଥର ବନବିଭାଗ ଦ୍ୱାରା ଧରାହୋଇ ଶିକାରୀ ଜେଲ ଯାଉଛନ୍ତି ସତ, ଆଇନର ଗଳା ବାଟରେ ଜାମିନରେ ଆସି ପୁଣି ବାଘ ଶିକାର କରୁଛନ୍ତି। ତେଣୁ ଶିକାରୀମାନଙ୍କ ପ୍ରତି ତୀକ୍ଷ୍ଣ ନଜର ରଖି ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କଲେ ଆମ ରାଜ୍ୟ ବ୍ୟାଘ୍ର ବଂଶ ଲୋପରୁ ରକ୍ଷା ପାଇପାରନ୍ତା।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### କ୍ୟାରିୟର ସାଙ୍ଗକୁ ଚରିତ୍ର ନିର୍ମାଣ ଜରୁରୀ

ଧରିତ୍ରୀ (୨୦।୧)ରେ ପ୍ରକାଶିତ ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ ପ୍ରବନ୍ଧ ଅବିଦ୍ୟାର ଅନ୍ଧାରରେ ବିଦ୍ୟାର ଆରାଧନା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ହେଉଛି ପ୍ରାଥମିକ ବିଦ୍ୟାଳୟ। ଭଲ ମଣିଷଟିଏ ଗଢିବା ପାଇଁ ଭଲ ଶିକ୍ଷକ ଲୋଡା। ଶିକ୍ଷା ଏକ ପଣ୍ୟ ନୁହେଁ, ମୌଳିକ ଅଧିକାର। ଶିଶୁର ଚରିତ୍ର ଗଠନର ଦିଗ ଶୈଶବରୁ କକ୍ଷଚ୍ୟୁତ ହେବା ଠିକ୍ ନୁହେଁ। ମାତ୍ର ଆମ୍ଭର ମତ ଜନ୍ମଦାତ୍ରୀ ମାଆ ହେଉଛି ଶିଶୁମାନଙ୍କର ପ୍ରଥମ ଶିକ୍ଷକ। ମାଆ ନିହାତି ଶିକ୍ଷିତା ହେବା ଦରକାର। ଶିକ୍ଷକଙ୍କ ଭଳି ପିତାମାତାଙ୍କର ମଧ୍ୟ ସମାଜ ଦାୟିତ୍ୱ ରହିଛି। ଶିଶୁର ଚରିତ୍ର ଗଠନ ଓ କ୍ୟାରିୟର ପ୍ରତିଷ୍ଠା ପାଇଁ ଯଦି ପିତାମାତା ସଚ୍ଚୋଟ ଓ ଦୟାଶୀଳ, ଉଦାର ହୁଅନ୍ତି ତେବେ ଶିଶୁ ନିଶ୍ଚିତ ସମାଜରେ ଭଲ ମଣିଷଟିଏ ହୋଇ ପ୍ରତିଭାତ ହେବ। କୁହାଯାଏ, ଶିଶୁ ନିଜ ଘରୁ ଦୟାଶୀଳତା ଶିଖିଥାଏ (ଚାରିଟି ବିଗିନ୍ସ ଆଟ୍ ହୋମ୍)। ଅତଏବ ପିତାମାତା ନିଜ ଉପରୁ ଦାୟିତ୍ୱ ଖସାଇ ଶିକ୍ଷକଙ୍କୁ ଦାୟୀ କରିବା ଠିକ୍ ନୁହେଁ। ନିଜ ଘର ହେଉଛି ପାଠଶାଳା। ପିତାମାତା ପ୍ରଥମ ଶିକ୍ଷକ ଓ ଚରିତ୍ର ନିର୍ମାତା।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ. ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩ ବର୍ଷ ହେଲା ମିଳିନି କେନ୍ଦ୍ରୀୟ ଅନୁଦାନ

ବୀରେନ୍ଦ୍ର କୁମାର ଝାଙ୍କର
ବଲାଙ୍ଗୀର ଅଫିସ, ୨୦।୨

## ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

- ରାଜ୍ୟ ୧ ହଜାର କୋଟି, କେନ୍ଦ୍ର ଦେଇଛି ୫ଶହ କୋଟି
- ବିସ୍ଥାପିତଙ୍କ କ୍ଷତିପୂରଣ, ପୁନର୍ବାସ ପାଇଁ ରହିଛି ୬ଶହ କୋଟି
- ୭୦ ପ୍ରତିଶତ ସ୍ପିଲଓ୍ୱେ କାମ ସରିଲାଣି
- ୪୩ ପ୍ରତିଶତ ମାଟିବନ୍ଧ କାମ ସରିଲାଣି
- ୧୯ ମାସ ହେଲା ଡ୍ୟାମ୍ କାମ ବନ୍ଦ ପଡ଼ିଛି
- ବନ୍ଦ ହେବା ସ୍ଥିତିରେ ପ୍ରକଳ୍ପ ନାହିଁ : ମୁଖ୍ୟ ନିର୍ମାଣ ଯନ୍ତ୍ରୀ

ବଲାଙ୍ଗୀର ଜିଲାର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଦୀର୍ଘ ୨୦ବର୍ଷ ହେଲା ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇ ରହିଆସିଛି । ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପରେ ପ୍ରାୟ ୧୫୦୦କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି । ଏହି ଖର୍ଚ୍ଚ ହୋଇଥିବା ଅର୍ଥରୁ ରାଜ୍ୟ ସରକାର ପ୍ରାୟ ୧ ହଜାର କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଥିବାବେଳେ କେନ୍ଦ୍ର ସରକାର ପ୍ରାୟ ୫ଶହ କୋଟି ଟଙ୍କାର ଅନୁଦାନ ଯୋଗାଇଥିବା ଜଣାପଡ଼ିଛି । ତେବେ ୨୦୧୭-୧୮ ମସିହାରୁ ଏ ପର୍ଯ୍ୟନ୍ତ ଗତ ୩ ବର୍ଷ ହେଲା ଏହି ପ୍ରକଳ୍ପକୁ ଟଙ୍କାଟିଏ ମଧ୍ୟ କେନ୍ଦ୍ରୀୟ ଅନୁଦାନ ମିଳିନାହିଁ । ଏହି ସମୟ ମଧ୍ୟରେ ରାଜ୍ୟ ସରକାର ନିଜସ୍ୱ ଯୋଜନା ୱାଟର ସେକ୍ଟର ଇନଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ ପ୍ରୋଜେକ୍ଟ(ଡବ୍ଲ୍ୟୁଏସ୍ଆଇଡିପି)ରୁ ସୁକ୍‌ତେଲ ପ୍ରକଳ୍ପକୁ ପ୍ରାୟ ୬୩୪କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି । ପ୍ରକଳ୍ପରେ ୧୯୯୭-୯୮ ମସିହାରୁ ୨୦୧୭-୧୮ ମସିହା ପର୍ଯ୍ୟନ୍ତ କେନ୍ଦ୍ରୀୟ ଏକ୍ସିଲରେଟେଡ ଇରିଗେସନ ବେନିଫିଟ ପ୍ରୋଗ୍ରାମ(ଏଆଇବିପି )ଯୋଜନାରୁ ପ୍ରାୟ ୮୭୧କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା । ଏହି ପ୍ରଦତ୍ତ ଅନୁଦାନରେ ଯୋଜନାନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ଆନୁପାତିକ ଅନୁଦାନ ଭାଗ ଯୋଗାଇ ଦେଇଥିଲେ । ଏହାପରେ ୨୦୧୭-୧୮ ଆର୍ଥିକ ବର୍ଷରୁ କେନ୍ଦ୍ର ସରକାର ସୁକ୍‌ତେଲ ପ୍ରକଳ୍ପକୁ ଅନୁଦାନ ଯୋଗାଇବା ବନ୍ଦ କରିଦେଇଥିବା ପ୍ରକଳ୍ପ ଅଫିସ ସୂତ୍ରରୁ ଜଣାପଡ଼ିଛି ।

୧୯୯୬ ମସିହା ମୂଲ୍ୟାଙ୍କନ ଅନୁଯାୟୀ ଲୋୟର ସୁକ୍‌ତେଲ ପ୍ରକଳ୍ପ ସକାଶେ ୨୧୭.୧୩ କୋଟିର ପ୍ରକଳ୍ପ ବ୍ୟୟ ଅଟକଳ ରହିଥିଲା । ୨୦୦୯ ମସିହାରେ ଏହି ପ୍ରକଳ୍ପର ପ୍ରଥମ ସଂଶୋଧିତ ବ୍ୟୟ ଅଟକଳ ୧୦୪୧.୮୧ କୋଟିକୁ ମଞ୍ଜୁରୀ ମିଳିଥିଲା । ଏହାପରେ ୨୦୧୫ମସିହାରେ ଦ୍ୱିତୀୟ ଥର ସକାଶେ ସଂଶୋଧିତ ବ୍ୟୟ ଅଟକଳ ୨୪୪୮.୦୯ କୋଟିକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିଲେ । ତେବେ ବିଭିନ୍ନ କାରଣରୁ ଏହି ପ୍ରକଳ୍ପଟି ବହୁ ବିଳମ୍ବ ହୋଇ ଚାଲିଥିବାରୁ ପ୍ରକଳ୍ପର ବର୍ତ୍ତମାନ ବ୍ୟୟ ଅଟକଳ ୩୬୦୦ କୋଟିକୁ ଟପିଯାଇଥିବା ଜଣାପଡ଼ିଛି । ଏଭଳି ସ୍ଥିତିରେ ପ୍ରକଳ୍ପଟି ବହୁ ଅନିଶ୍ଚିତତା ଦେଇ ଗତି କରୁଛି । ବହୁ ବିରୋଧ ସତ୍ତ୍ୱେ ଲୋୟର ସୁକ୍‌ତେଲ ଡ୍ୟାମ୍‌ର ସ୍ପିଲଓ୍ୱେ ନିର୍ମାଣ କାମ ଏ ପର୍ଯ୍ୟନ୍ତ ପ୍ରାୟ ୭୦ ପ୍ରତିଶତ ସରିଥିବାବେଳେ ମାଟିବନ୍ଧ କାମ ପ୍ରାୟ ୪୦ ପ୍ରତିଶତ ସରିଛି । ଗତ ୧୯ ମାସ ହେଲା ଏହି ପ୍ରକଳ୍ପର ଡ୍ୟାମ ନିର୍ମାଣ କାମ ବନ୍ଦ ରହିଥିବାରୁ ପ୍ରକଳ୍ପ ବନ୍ଦ ହୋଇଯିବା ସନ୍ଦେହ ଓ ଆଶଙ୍କା ଉପୁଜୁଛି । କିଛିଦିନ ତଳେ ଡ୍ୟାମ ସାଇଟ୍‌ରେ କେତେକ ମେଶିନ୍ ଅପସାରଣକୁ ଯିବାକୁ ନେଇ ଏଭଳି ଆଶଙ୍କା ଘନୀଭୂତ ହୋଇଥିଲା । ତେବେ ଏ ନେଇ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାତ ରଞ୍ଜନ ରାଉତଙ୍କୁ ପଚରାଯିବାରୁ ସୁକ୍‌ତେଲ ପ୍ରକଳ୍ପ ଆଉ ବନ୍ଦ ହେବା ସ୍ଥିତିରେ ନାହିଁ ବୋଲି କହିଛନ୍ତି । ଗତ ୧୫ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଗସ୍ତରେ ଆସିବାର ଦିନକ ପୂର୍ବରୁ ଭୁବନେଶ୍ୱରଠାରେ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ନେଇ ସମୀକ୍ଷା କରିଥିବା ସେ ସୂଚନା ଦେଇଛନ୍ତି । ଏପର୍ଯ୍ୟନ୍ତ ପ୍ରକଳ୍ପରେ ପ୍ରାୟ ୯ଶହ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି । ବିସ୍ଥାପିତଙ୍କ କ୍ଷତିପୂରଣ ଓ ପୁନର୍ବାସ ବାବଦରେ ମହଜୁଦ ଥିବା ପ୍ରାୟ ୬୦୦ କୋଟି ଟଙ୍କାରୁ ବିସ୍ଥାପିତ ହେବାକୁ ଥିବା ପରିବାରକୁ କ୍ଷତିପୂରଣ ଓ ଥଇଥାନ ଟଙ୍କା ବଣ୍ଟନ କରାଯାଉଛି ବୋଲି ସେ କହିଛନ୍ତି ।


ବଲାଙ୍ଗୀର ଜିଲାରେ ନିର୍ମାଣାଧୀନ ଲୋୟର ସୁକ୍‌ତେଲ ପ୍ରକଳ୍ପ ।

ରାଜ୍ୟ ସରକାର ଚଳିତ ବଜେଟ୍‌ରେ ସୁକ୍‌ତେଲ ପ୍ରକଳ୍ପ ପାଇଁ ପୁଣି ୭୮ କୋଟି ଟଙ୍କାର ବ୍ୟୟ ବରାଦ କରିଥିବା ସୂଚନା ମିଳିଛି । ତେବେ ଗତ ୩ ବର୍ଷ ହେଲା ସୁକ୍‌ତେଲ ପ୍ରକଳ୍ପକୁ ଟଙ୍କାଟିଏ ମଧ୍ୟ କେନ୍ଦ୍ରୀୟ ଅନୁଦାନ ମିଳିନାହିଁ । ସୁକ୍‌ତେଲ ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରୁ ଅନୁଦାନ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ଗତବର୍ଷ ଅନୁରୋଧ କରାଯାଇଥିଲା । ତେବେ ଏନେଇ କେନ୍ଦ୍ର ସରକାରଙ୍କଠାରୁ ଏଯାଏଁ କୌଣସି ଅନୁମୋଦନ ମିଳି ନ ଥିବା ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରାଉତ ସୂଚନା ଦେଇଛନ୍ତି ।

### ୨୦୧୩ ଭୂମି ଅଧିଗ୍ରହଣ ଆଇନ ବଢ଼ାଉଛି ଅଡୁଆ

ଲୋୟର ସୁକ୍‌ତେଲ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୨୯ଟି ଗାଁର ଲୋକଙ୍କୁ କ୍ଷତିପୂରଣ ଓ ଥଇଥାନ ଏକ ବଡ ସମସ୍ୟା ଭାବେ ଉଭା ହୋଇଛି । ଏ ପର୍ଯ୍ୟନ୍ତ ସରକାର ୧୫ଟି ଗାଁରେ ଜମି ଅଧିଗ୍ରହଣ କରିଥିବା କହୁଛନ୍ତି । ତେବେ ଗୋଟିଏ ବି ଗାଁକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରାଯାଇନାହିଁ । ଅନ୍ୟପଟେ ବିସ୍ଥାପିତଙ୍କ ପାଇଁ ୪ଟି ଥଇଥାନ ଅଞ୍ଚଳ ଚିହ୍ନଟ କରାଯାଇ ଜମି ବ୍ୟବସ୍ଥା କରାଯାଇଥିଲା । ସେଠାରେ ଆବଶ୍ୟକ ଭିତ୍ତିଭୂମି ତିଆରି ହୋଇପାରିନାହିଁ । ପୂର୍ବରୁ ପ୍ରକଳ୍ପକୁ ସମର୍ଥନ କରୁଥିବା ଏବଂ ପ୍ରକଳ୍ପ ଦ୍ୱାରା ସର୍ବପ୍ରଥମେ ପ୍ରଭାବିତ ହେଉଥିବା ପରଧିଆପାଲି, କୋଇଣ୍ଡାପାଲି ଓ ଖୁଣ୍ଟପାଲି ଗାଁର ଲୋକମାନେ ଏବେ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଅନୁଯାୟୀ କ୍ଷତିପୂରଣ ଏବଂ ଥଇଥାନ ଦାବି କରୁଛନ୍ତି । ଏହି ଦାବି ଏବେ ସରକାରଙ୍କୁ ଅଡୁଆରେ ପକାଇଛି । ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ପୂର୍ବରୁ ଏୱାର୍ଡ ସରିଥିବା ସ୍ଥାନରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ କଲେ ଅଡୁଆ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି । ଏହା ଆଇନର ଜଟିଳ ଦିଗକୁ ଇଙ୍ଗିତ କରୁଥିବା ଚର୍ଚ୍ଚାର ବିଷୟ ହୋଇଛି । ଅନ୍ୟପକ୍ଷେ ପ୍ରକଳ୍ପ ପ୍ରଭାବିତ ଲୋକେ ଏହା ସେମାନଙ୍କ ନ୍ୟାଯ୍ୟ ଦାବି ବୋଲି କହୁଛନ୍ତି । ଏଭଳି ସ୍ଥିତିରେ ଏହି ପ୍ରକଳ୍ପଟି ବହୁ ବିଳମ୍ବିତ ହୋଇଯାଉଥିବାରୁ ଦିନକୁ ଦିନ ଆହୁରି ନାନା ସମସ୍ୟା ଓ ବିବାଦ ଛନ୍ଦି ହେଉଛି । ଏଭଳି ପରିସ୍ଥିତିରେ ପ୍ରକଳ୍ପ ପାଇଁ ବୁଡି ଅଞ୍ଚଳବାସୀଙ୍କୁ ସରକାର ଡରାଇବେ ନାଁ ବୁଝାଇବେ ଦ୍ୱନ୍ଦ୍ୱରେ ପଡିଛନ୍ତି ।

# ୭ ବର୍ଷରେ ୨୪.୬୧ % ଦାରିଦ୍ର୍ୟ କମିଛି: ମନ୍ତ୍ରୀ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

## ମୁଲତବୀ ଆଲୋଚନା

### ଦାରିଦ୍ର୍ୟ ବୃଦ୍ଧିକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

ଗତ ୨୦ ବର୍ଷ ମଧ୍ୟରେ ଓଡିଶା ସାମଗ୍ରିକ ଅର୍ଥନୈତିକ ପ୍ରଗତି, ଦାରିଦ୍ର୍ୟ ଦୂରୀକରଣ ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି ହାସଲ କରିଛି । ଏକ ସ୍ଥିର ଏବଂ ସମ୍ବେଦନଶୀଳ ଶାସନ, ଉତ୍ତମ ଆର୍ଥିକ ପରିଚାଳନା ଯୋଗୁ ରାଜ୍ୟର ସାମାଜିକ, ଅର୍ଥନୈତିକ ଏବଂ ଭିତ୍ତିଭୂମି ତଥା ପ୍ରଯୁକ୍ତି ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାର ହାସଲ ହୋଇପାରିଛି । ଗୁରୁବାର ବିଧାନସଭା ମୁଲତବୀ ଆଲୋଚନା ବେଳେ ଏହି ସୂଚନା ଦେଇଛନ୍ତି ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ।

ମନ୍ତ୍ରୀ କହିଛନ୍ତି ଯେ ନୀତି ଆୟୋଗ ଦ୍ୱାରା ଗଠିତ ତେନ୍ଦୁଲକର କମିଟିର ପଦ୍ଧତି ଅନୁଯାୟୀ ରାଜ୍ୟର ଦାରିଦ୍ର୍ୟ ଅନୁପାତ ୨୦୦୪-୦୫ରେ ୫୭.୨୦% ଥିବାବେଳେ ୨୦୧୧-୧୨ରେ ୩୨.୫୯%କୁ ହ୍ରାସ ପାଇଛି । ରାଜ୍ୟର ଦାରିଦ୍ର୍ୟ ହ୍ରାସ ୨୪.୬୧ ପ୍ରତିଶତ, ଯାହାକି ଦେଶର ସମସ୍ତ ରାଜ୍ୟଗୁଡିକ ମଧ୍ୟରୁ ସର୍ବାଧିକ । ଏହି ପଦ୍ଧତି ଅନୁଯାୟୀ ୨୦୦୪-୦୫ରେ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା ସମୁଦାୟ ଜନସଂଖ୍ୟା ୨୨୧.୬୦ ଲକ୍ଷ ଥିବା ବେଳେ ୨୦୧୧-୧୨ ଏହା ୧୩୮.୫୩ ଲକ୍ଷକୁ ହ୍ରାସ ପାଇଛି । ଉକ୍ତ ସମୟ ମଧ୍ୟରେ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଥିବା ଜନସଂଖ୍ୟା ୮୩.୦୭ ଲକ୍ଷ । ରାଜ୍ୟ ସରକାରଙ୍କ ସାମଗ୍ରିକ ବିକାଶ ଦିଗରେ ନିଆଯାଇଥିବା ବଳିଷ୍ଠ ପଦକ୍ଷେପ ଯୋଗୁ ଏହି ଲକ୍ଷ୍ୟ ହାସଲ କରାଯାଇ ପାରିଛି । କେବଳ ଦାରିଦ୍ର୍ୟ ହ୍ରାସ ପାଉ ନାହିଁ କୃଷି ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଛି । ୨୦୦୨-୦୩ରୁ ୨୦୧୫-୧୬ ମଧ୍ୟରେ ରାଜ୍ୟରେ କୃଷି କ୍ଷେତ୍ରରେ ୮.୦୫% ଅଭିବୃଦ୍ଧି ହସଲ ହୋଇପାରିଛି । ଫଳରେ ଖାଦ୍ୟ ଶସ୍ୟ ନିଅଣ୍ଟିଆରୁ ବର୍ତ୍ତମାନ ବଳକା ରାଜ୍ୟ ଭାବେ ଓଡିଶା ଉଭା ହୋଇଛି । ସାମାଜିକ ବିକାଶ କ୍ଷେତ୍ରରେ ରାଜ୍ୟର ୪୫.୫୫ ପ୍ରତିଶତ ପାଣ୍ଠି ବିନିଯୋଗ ରାଜ୍ୟ ସରକାରଙ୍କ ସାମଗ୍ରିକ ଓ ସୁଷମ ବିକାଶ ପାଇଁ ଥିବା ପ୍ରତିବଦ୍ଧତାକୁ ସୂଚାଉଛି ବୋଲି ମନ୍ତ୍ରୀ କହିଛନ୍ତି । ରାଜ୍ୟର ସାମଗ୍ରିକ ଉତ୍ପାଦନ ୨୦୦୦-୦୧ରେ ୪୮୪୧୪.୮୪ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୧୯-୨୦ରେ ୫୩୩୮୨୨.୪୬ କୋଟି ଟଙ୍କାରେ ପହଞ୍ଚି ପାରିଛି । ୨୦୦୦-୦୧ରୁ ୨୦୧୯-୨୦ ମଧ୍ୟରେ ଘରୋଇ ଉତ୍ପାଦ ପ୍ରାୟ ୧୧ ଗୁଣା ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

ଓଡିଶାରେ ଦାରିଦ୍ର୍ୟ କରୋନା ଭାଇରସ ଭଳି ମାଡି ଚାଲିଛି । ରାଜ୍ୟର ଋଣ ବୋଝ ୧ ଲକ୍ଷ ୬୦ ହଜାର କୋଟିକୁ ଟପିଲାଣି । ରାଜ୍ୟର ଦାରିଦ୍ର୍ୟ ହାର ଅକ୍ସଫୋର୍ଡ ୟୁନିଭରସିଟି ରିପୋର୍ଟ ଅନୁଯାୟୀ ୬୩ ପ୍ରତିଶତରେ ପହଞ୍ଚିଛି । କାଳିଆ ଯୋଜନାରେ ଦରିଦ୍ର୍ୟ ହିତାଧିକାରୀଙ୍କୁ ଭତ୍ତା ନ ଦେଇ ଦଳୀୟ ଭିତ୍ତିରେ ଟଙ୍କା ବଣ୍ଟାଯାଇଛି । ଯେଉଁଥିପାଇଁ ୪୫ ହଜାର ଅଯୋଗ୍ୟ ହିତାଧିକାରୀ ଧରାପଡିଛନ୍ତି । ପ୍ରତ୍ୟେକ ଯୋଜନାରେ ଦୁର୍ନୀତି ଭରି ରହିଛି । ରାଜ୍ୟର ଦାରିଦ୍ର୍ୟକୁ ନେଇ ବିରୋଧୀ ଦଳ ଗୁରୁବାର ବିଧାନସଭା ମୁଲତବୀ ଆଲୋଚନା ବେଳେ ସରକାରଙ୍କୁ ଜୋରଦାର ଆକ୍ରମଣ କରିଥିଲେ । ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଥିଲେ ଯେ ଆମେ ଯେତେବେଳେ ସରକାରରେ ଥିଲୁ ସେତେବେଳେ ରାଜ୍ୟର ଋଣ ଭାର ୧୮ ହଜାର କୋଟି ଥିଲା । ଆମେ ଭାବୁଥିଲୁ କଂଗ୍ରେସ ରାଜ୍ୟ ଉପରେ ଋଣ ଲଦି ଦେଇ ଯାଇଛି । ମାତ୍ର ଏହି ଋଣ ମାଡି ମାଡି ଚାଲିଛି । ଅଣ୍ଡା, ମାଛ, ଆଳୁ, ପିଆଜ, ଡାଲି ବାହାର ରାଜ୍ୟରୁ ଆଣୁଛୁ । ଓଡିଶାରେ ତାହା ହେଲେ ହେଉଛି କଣ । ଇଜ୍ ଅଫ୍ ଡୁଇଙ୍ଗ ବିଜିନେସରେ ରାଜ୍ୟର ନମ୍ବର ୨୦୧୫ରେ ୭ମ ସ୍ଥାନରୁ ୨୦୧୭ରେ ୧୪ ସ୍ଥାନକୁ ଖସିଗଲାଣି ରାଜ୍ୟରେ ଏବେ ୯ ଲକ୍ଷ ଶିକ୍ଷିତ ପଞ୍ଜିକୃତ ବେକାର । ଶିକ୍ଷିତ ଏବଂ ଅଶିକ୍ଷିତଙ୍କୁ ମିଶାଇଲେ ପ୍ରାୟ ୧ କୋଟି ବେକାର ଓଡିଶାରେ ଅଛନ୍ତି ବୋଲି କହିଥିଲେ । ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଅଭିଯୋଗ କରିଥିଲେ ଯେ ସେ ଦେଉଥିବା ମୁଲତବୀ ଲେଖାକୁ ବାଚସ୍ପତି ବଦଳାଇ ଦେଉଛନ୍ତି । ଗତ କାଲି ବଦଳାଯାଇଥିଲା । ପୁଣି ଆଜି ବଦଳାଇ ଦିଆଯାଇଛି । କାହିଁକି ଏପରି କରାଯାଉଛି । ସରକାର ଡରି କରି ଏପରି କରୁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି । ଏହା ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିବେ ବୋଲି ଧମକ ଦେଇଛନ୍ତି । ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟ ଉନ୍ନତି କରିବା ପରିବର୍ତ୍ତେ ତଳକୁ ତଳକୁ ଯାଉଛି । ଦାରିଦ୍ର୍ୟ କମାଇବାକୁ ହେଲେ ଦୃଢ ଇଚ୍ଛାଶକ୍ତି ଦରକାର । ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର କହିଥିଲେ ମନ୍ତ୍ରୀଙ୍କ ଉତ୍ତର ନୈରାଶ୍ୟଜନକ । ସ୍ୱାଭିମାନର ସହ ବଞ୍ଚିବା ଜଣେ ବ୍ୟକ୍ତିର ମୌଳିକ ଅଧିକାର । ମାତ୍ର ଏହି ଅଧିକାର ଦାରିଦ୍ର୍ୟ ଛଡାଇ ନେଇଛି । ସ୍କୁଲରେ ଶିକ୍ଷକ ନାହାନ୍ତି । ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ଦିଲ୍ଲୀର କେଜ୍‌ରିୱାଲ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ ଲୋକମାନେ ତାଙ୍କ ଉପରେ ବିଶ୍ୱାସ କରିଛନ୍ତି । ରାଜ୍ୟରେ ଗତ ୨୦ ବର୍ଷ ଧରି ଦାରିଦ୍ର୍ୟ ସୀମାରେଖା ତଳକୁ ଖସି ଚାଲିଛି ବୋଲି ନରସିଂହ କହିଛନ୍ତି । କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ମୁଲତବୀ ଆଲୋଚନାରେ ଅଂଶଗ୍ରହଣ କରି ସରକାରଙ୍କୁ ସମାଲୋଚନା କରିଥିଲେ । ଅନ୍ୟପକ୍ଷରେ ସରକାରୀ ଦଳ ସଦସ୍ୟ ଅମର ଶତପଥୀ, ଧ୍ରୁବ ଚରଣ ସାହୁ, ପ୍ରଫୁଲ୍ଲ କୁମାର ସାମଲ ଏବଂ ଅଶ୍ୱିନୀ ପାତ୍ର ପ୍ରମୁଖ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଜରିଆରେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ବେକାରି ହ୍ରାସ କରିବା ନେଇ ସରକାର ଗୁଣଗାନ କରିଥିଲେ ।





ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବ ନାହିଁ।
–ଲେନିନ୍



**ସଂକ୍ଷେପରେ**

## ବୌଦ୍ଧିକ ସମ୍ପଦ ଅଧିକାର ଉପରେ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୦।୨(ବ୍ୟୁରୋ): ବିଜ୍ଞାନ ଓ କାରିଗରି ବିଭାଗ ଅଧୀନ ରାଜ୍ୟ ବିଜ୍ଞାନ ଓ କାରିଗରି ପରିଷଦ ପକ୍ଷରୁ ଗୁରୁବାର ବୌଦ୍ଧିକ ସମ୍ପଦ ଅଧିକାର ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧିକ ସମ୍ପଦ ଅଧିକାର କ୍ଷେତ୍ରରେ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିବାବେଳେ ଭବିଷ୍ୟତରେ ରାଜ୍ୟ ବଜେଟରେ ଏଥିପାଇଁ ଅର୍ଥ ବରାଦ କରିବାକୁ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଓଡ଼ିଶା ବିଜ୍ଞାନ ଏକାଡେମୀରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ପେଟେଣ୍ଟ, ଟ୍ରେଡ୍ ମାର୍କ, କପି ରାଇଟ୍ ଇତ୍ୟାଦିର ପଞ୍ଜୀକରଣ ବାବଦରେ ଆଲୋଚନା ହୋଇଥିଲା। ବିଭାଗ ପକ୍ଷରୁ ୨୦୧୫ରୁ ପେଟେଣ୍ଟ ତଥ୍ୟ କେନ୍ଦ୍ର (ପେଟେଣ୍ଟ ଇନ୍‌ଫର୍ମେଶନ୍ ସେଣ୍ଟର) କାର୍ଯ୍ୟ କରୁଛି ଓ ଏଯାବତ୍ ଏହି କେନ୍ଦ୍ର ୨୪ଟି ପ୍ରସଙ୍ଗ ଉପରେ ପେଟେଣ୍ଟ ଅଧିକାର ପ୍ରାପ୍ତି ପାଇଁ ସୁପାରିସ କରିଛି। ଓଡ଼ିଶା ରସଗୋଲାକୁ ଜି.ଆଇ. ମାନ୍ୟତା ମିଳିବା ପଛରେ ପେଟେଣ୍ଟ ତଥ୍ୟ କେନ୍ଦ୍ରର ଅବଦାନ ରହିଛି। ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠାନରୁ ଭାରପ୍ରାପ୍ତ ଅଧିକାରୀ, ରିସର୍ଚ୍ଚ ସ୍କଲାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ଯୁଗ୍ମ ଶାସନ ସଚିବ ଦେବବ୍ରତ ଜେନା ପ୍ରଥମ ଅଧିବେଶନରେ ପୌରୋହିତ୍ୟ କରିଥିବାବେଳେ ପଦାଧିକାରୀ ଦିଲୀପ କୁମାର ସାହୁ, ବରିଷ୍ଠ ବୈଜ୍ଞାନିକ ଭଗତ ମହାନ୍ତି, ପ୍ରକଳ୍ପ ବୈଜ୍ଞାନିକ ସୁଶାନ୍ତ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଲିପିକା ସାହୁ (ବେଙ୍ଗାଲୁରୁ) ଏବଂ ଟି. ପବନ କୁମାର (ଭୁବନେଶ୍ୱର) ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ମୃତ୍ୟୁ ପୂର୍ବରୁ କୃତ୍ତିକାଙ୍କ ଦେହରେ ଥିଲା ବିଷ

**ଆପାର୍ଟମେଣ୍ଟରୁ ଖସି ଛାତ୍ରୀ ମୃତ୍ୟୁ ଘଟଣା**

■ବ୍ୟବଚ୍ଛେଦ ରିପୋର୍ଟରେ ରହିଛି ଚାଞ୍ଚଲ୍ୟକର ତଥ୍ୟ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ବଡଗଡ ଥାନା ଅନ୍ତର୍ଗତ ବିଜେବିନଗରସ୍ଥିତ ଏକ ଆପାର୍ଟମେଣ୍ଟର ଚତୁର୍ଥ ମହଲାରୁ ଖସି ଅଷ୍ଟମଶ୍ରେଣୀ ଛାତ୍ରୀ କୃତ୍ତିକା ମିଶ୍ରଙ୍କ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଓ ମୁଣ୍ଡରେ ରହିଥିବା କିଛି ଲେଖାକୁ ନେଇ ପୂରା ଘଟଣା ରହସ୍ୟମୟ ହୋଇପଡିଥିଲା। ଇତିମଧ୍ୟରେ କୃତ୍ତିକାଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ଉକ୍ତ ରିପୋର୍ଟରେ ଏକ ଚାଞ୍ଚଲ୍ୟକର ତଥ୍ୟ ଆଉ ଏକ ରହସ୍ୟ ସୃଷ୍ଟି କରିଛି। ଆପାର୍ଟମେଣ୍ଟରୁ ଡେଇଁବା ପୂର୍ବରୁ କୃତ୍ତିକାଙ୍କ ଦେହରେ ବିଷାକ୍ତ ପ୍ରଦାର୍ଥ ରହିଥିଲା। ଯାହାକୁ ନେଇ ଏବେ ନାନା ପ୍ରଶ୍ନ ଉଠୁଛି। କୃତ୍ତିକା କ'ଣ ଆତ୍ମହତ୍ୟା କରିବା ପାଇଁ ଏକ ପ୍ରକାର ନିଷ୍ପତ୍ତି ନେଇଥିଲେ। ଯଦି ନେଇଥିଲେ ତେବେ ସେ ବିଷପିଇ ଆତ୍ମହତ୍ୟା ନ କରି କାହିଁକି ୪ ମହଲାରୁ ଡେଇଁ ମୃତ୍ୟୁକୁ ଆପଣାଇଥିଲେ? ନା କେହି ତାଙ୍କୁ ଯୋଜନାବଦ୍ଧ ଭାବେ ବିଷ ପିଆଇ ଆପାର୍ଟମେଣ୍ଟରୁ ତଳକୁ ଠେଲି ଦେଇଛନ୍ତି? ଏଭଳି ଅନେକ ପ୍ରଶ୍ନକୁ ନେଇ ପୋଲିସ ନୂଆ କିଛି ଖୁଲାସା କରିବାକୁ ଲାଗିପଡିଛି। ତେବେ ବିଷ ସମ୍ପର୍କରେ ଅଧିକ ଜାଣିବା ପାଇଁ ଭିସେରା ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ତେଣୁ ପୋଲିସ ବିଭିନ୍ନ ଦିଗକୁ ନେଇ ପଚରାଉଚରା କରୁଛି। ପୋଲିସ କୃତ୍ତିକାଙ୍କ ସ୍କୁଲକୁ ଯାଇ ସାଙ୍ଗମାନଙ୍କୁ ପଚରାଉଚରା କରିବ ବୋଲି ଜଣାପଡିଛି।

ସବୁଠୁ ବଡ଼ କଥା ହେଲା ମୃତ୍ୟୁ ପୂର୍ବରୁ କୃତ୍ତିକା ଇନ୍‌ଷ୍ଟାଗ୍ରାମରେ ଯେଉଁ ପୋଷ୍ଟ କରିଥିଲେ ତାହା ମୃତ୍ୟୁ ପଛରେ ଅନେକ ଦିଗକୁ ଇସାରା କରୁଥିଲା। କୃତ୍ତିକା ସେଥିରେ ଲେଖିଥିଲେ ଯେ, ବାଏ ବାଏ ପିପୁଲ, ଅର୍ଥାତ ସମସ୍ତଙ୍କୁ ବିଦାୟ। ତାଙ୍କ ସହ ଚାର୍ଟ କରୁଥିବା ଜଣେ ସାଙ୍ଗ ପଚାରିଥିଲେ – କୁଆଡେ ଯାଉଛ? କୃତ୍ତିକା ଲେଖିଥଲେ– ନର୍କ ନ ହେଲେ ସ୍ୱର୍ଗ। ପୁଣି ସାଙ୍ଗ ଜଣକ ପଚାରିଥିଲେ ମୋତେ ବି ସାଙ୍ଗରେ ନେଇଯାଆ। କୃତ୍ତିକା ଉତ୍ତର ଦେଇଥିଲେ–ତମକୁ ସାଙ୍ଗରେ ନେବି ନା ନାହିଁ କାଲି ତୁମେ ନିଶ୍ଚିତ ହୋଇଯିବ। ପରଦିନ ରବିବାର ଆସିଲା କୃତ୍ତିକାଙ୍କ ମୃତ୍ୟୁ ଖବର। ଅନ୍ୟପକ୍ଷରେ କୃତ୍ତିକାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟକୁ ନେଇ ପୋଲିସ ଅଡୁଆରେ ପଡିଥିବାବେଳେ ଏବେ ପୋଷ୍ଟମର୍ଟମ ରିପୋର୍ଟ ମାମଲାକୁ ଅଧିକ ଜଟିଳ କରି ଦେଇଛି।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧରି ମାଇଲେ ଯେ**
**ବାନ୍ଧି ମାଇଲେ ସେ ।**

ବ୍ୟକ୍ତିକୁ ଧରିକି ମାରିବା ଯାହା ବାନ୍ଧିକି ମାରିବା ତାହା। ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ଧରିକି ହେଉ କିମ୍ବା ବାନ୍ଧିକି ହେଉ ଯେକୌଣସି ପ୍ରକାରେ ଆଘାତ ଦେବା ପ୍ରକାରାନ୍ତରେ ଏକାକଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାଇଁ ନ ପାରଇ ପାଇକ ଆଗେ**
**ଟାଣ କରୁଥାଇ ମାଇପ ଆଗେ ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ତଥା ଘର ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି। ତୁଚ୍ଛା ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ମୁହଁ ଫିଟାଇ କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଦୁର୍ବଳ ବ୍ୟକ୍ତି ନିଜ ଘରେ ଟାଣପଣ ଦେଖାଇବା ଭଳି ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

# କ୍ୟାପିଟାଲ ହସ୍ପିଟାଲ ସମ୍ପ୍ରସାରଣ ପାଇଁ ବୈଠକ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)



ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଅଧିକାରୀମାନେ।

ରାଜଧାନୀରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଫଳରେ ଦିନକୁ ଦିନ କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଉଟ୍‌ଡୋର୍ ରୋଗୀଙ୍କ ସଂଖ୍ୟା ଦୃଷ୍ଟିରୁ ରାଜ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରେ କ୍ୟାପିଟାଲ ହସ୍ପିଟାଲ ଦ୍ୱିତୀୟରେ ରହିଛି। ଏଠାକୁ ପ୍ରତିଦିନ ୩୫୦୦ରୁ ଅଧିକ ରୋଗୀ ଚିକିତ୍ସା ସେବା ପାଇଁ ଆସିଥାନ୍ତି। ସେଥିପାଇଁ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲର ସମ୍ପ୍ରସାରଣ ଓ ଉନ୍ନତୀକରଣ ନିହାତି ଆବଶ୍ୟକ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ୟାପିଟାଲ ହସ୍ପିଟାଲ ବିଲ୍ଡିଂର ପରିସର ବୃଦ୍ଧି ସହ ଅତ୍ୟାଧୁନିକ ଯନ୍ତ୍ରପାତି ସ୍ଥାପନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଏଥିସହିତ ହସ୍ପିଟାଲର କାର୍ଡିଆକ୍ କେୟାର ୟୁନିଟ୍‌କୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ଗଢ଼ିତୋଳିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦିଗରେ ଆଲୋଚନା ହୋଇଥିଲା। କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ରୋଗୀ କିପରି ଉପଯୁକ୍ତ ଚିକିତ୍ସା ସେବା ପାଇପାରିବେ ସେ ଦିଗରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ, ଡିଏମ୍‌ଇଟି ପ୍ରଫେସର ଡା. ସିବିକେ ମହାନ୍ତି, ବିଶିଷ୍ଟ କାର୍ଡିଓଲୋଜିଷ୍ଟ ଡା. ପି.କେ. ଦାସ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଅଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।

# ୩୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଦମ୍ପତି ଗିରଫ

ବାରଙ୍ଗ,୨୦।୨(ଡି.ଏନ.ଏ.)

ନନ୍ଦନକାନନ ଥାନା ପୋଲିସ ଗୁରୁବାର ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଏକ ଦମ୍ପତିଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଦାସାହି ଗ୍ରାମର ରମେଶ ଚନ୍ଦ୍ରବେଉରା ଓ ତାଙ୍କ ସ୍ତ୍ରୀ ସୁକାନ୍ତି। ପୋଲିସ ତାଙ୍କଠାରୁ ୩୨୦ ବ୍ରାଉନସୁଗାର ସହ ନଂ.ଓଡି୩୩କେ–୦୨୨୯ ବିଶିଷ୍ଟ ଏକ ବାଇକ୍, ୩ ମୋବାଇଲ ଫୋନ ଜବତ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩୨ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ନନ୍ଦନକାନନ ଥାନା ଏସଆଇ ନବଘନ ମଲ୍ଲିକ ପାଟ୍ରୋଲିଂ କରୁଥିବାବେଳେ ପଦାସାହି ଗ୍ରାମମୁଣ୍ଡ ରେଳଧାରଣା କଡ଼ରେ ରମେଶ ଓ ତାଙ୍କ ସ୍ତ୍ରୀ ଛିଡା ହୋଇଥିବାର ଦେଖିବାକୁ ପାଇଥିଲେ। ସନ୍ଦେହରେ ପୋଲିସ କିଛି ସମୟ ସେଠାରୁ କିଛିଦୂରରେ ରହି ଜଗିଥିଲେ। କିଛି ସମୟ ପରେ ଏକ ବାଇକରେ ଦୁଇଜଣ ଯୁବକ ଆସି ସେମାନଙ୍କଠାରୁ ବ୍ରାଉନସୁଗାର କିଣି ନେଇ ଯାଉଥିବାବେଳେ ପୋଲିସ ଚଢାଉ କରିଥିଲେ। କିନ୍ତୁ କୌଶଳକ୍ରମେ ଯୁବକଦ୍ୱୟ ଫେରାର ହୋଇଯାଇଥିବାବେଳେ ସ୍ୱାମୀ ସ୍ତ୍ରୀ ଧରାପଡିଯାଇଥିଲେ। ଏ ନେଇ ପୋଲିସ ନଂ.୧୩/୨୦ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ପରୀକ୍ଷା କେନ୍ଦ୍ରରେ ଭଙ୍ଗାଯାଉଛି ସିସିଟିଭି

■ଡିଇଓଙ୍କୁ ବୋର୍ଡ ପରୀକ୍ଷା ନିୟନ୍ତ୍ରକଙ୍କ ନୋଟିସ୍
■ସ୍କୁଲ କର୍ତ୍ତୃପକ୍ଷ ଦେବେ କ୍ଷତିପୂରଣ ଅର୍ଥ
■ସିସିଟିଭି ସୁଇଚ୍ ବନ୍ଦ ନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଲଗାଯାଇଥିବା ସିସିଟିଭିକୁ ଜାଣିଶୁଣି ଭଙ୍ଗାଯାଉଛି। ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତିକୁ ରୋକିବାକୁ ତଥା ସିସିଟିଭିର ସୁରକ୍ଷା ଲାଗି ବୋର୍ଡ ପରୀକ୍ଷା ନିୟନ୍ତ୍ରକ ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ନୋଟିସ ଜାରି କରିଛନ୍ତି। ଏଭଳି ଘଟଣା ଆଉ ଘଟିଲେ ସ୍କୁଲ କର୍ତ୍ତୃପକ୍ଷ ଦାୟୀ ରହିବେ। କେବଳ ଦାୟୀ ନୁହେଁ, ସିସିଟିଭି ନଷ୍ଟ ହୋଇଥିବା ଉପକରଣର ସମସ୍ତ ଅର୍ଥ କ୍ଷତିପୂରଣ ଆକାରରେ ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ଆଦାୟ କରାଯିବ। ଯେକୌଣସି ମତେ ସିସିଟିଭିର ସୁଇଚ୍ ବନ୍ଦ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ପରୀକ୍ଷାର୍ଥୀ ଯଦି ଏ ଘଟଣାରେ ସମ୍ପୃକ୍ତ ଥାଆନ୍ତି, ତେବେ ସେମାନଙ୍କ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ କରାଯିବ ନାହିଁ। ମାଟ୍ରିକ ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ବୋର୍ଡ ପକ୍ଷରୁ ଚାରିସ୍ତରୀୟ ସ୍କାଡ୍ ବ୍ୟବସ୍ଥା କରାଯାଇଛି। ଉତ୍ତେଜନା ପ୍ରବଣ କେନ୍ଦ୍ରଗୁଡ଼ିକରେ ଅଧିକ ପୋଲିସ ମୁତୟନ ସହ ପରୀକ୍ଷା କେନ୍ଦ୍ର ଚାରିପାଖରେ ଲୋକଙ୍କ ଭିଡ଼ ରୋକିବା ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୧୦୦୦ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ତେବେ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଜାଣିଶୁଣି ସିସିଟିଭି ଭଙ୍ଗାଯାଇଥିବା ଦେଖିବାକୁ ମିଳିଛି।

# ୫୪ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୨୦।୨(ବ୍ୟୁରେ)

ରାଜଧାନୀରେ ବ୍ରାଉନସୁଗାର କାରବାରରେ ରୋକ ଲଗାଇବା ନେଇ କମିଶନରେଟ ପୋଲିସର ସ୍ପେଶାଲ ଡ୍ରାଇଭ ଜାରି ରହିଛି। ବୁଧବାର କମିଶନରେଟ ପୋଲିସର ଡ୍ରଗ ଟାସ୍କ ଫୋର୍ସ (ଡିଟିଏଫ୍) ଏବଂ ତମାଣ୍ଡୋ ପୋଲିସ ମିଳିତ ଭାବେ କଳିଙ୍ଗ ନଗରରେ ଚଢ଼ାଉ କରି ବ୍ରାଉନସୁଗାର ବେପାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋସ୍ଥିତ ଟାଙ୍ଗୀ ସାହି ଅଞ୍ଚଳର ଦୀପକ କୁମାର ବଳ ଓରଫ ହାପି ଓ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଦୀପକ ନାଥ ଓରଫ ଟୁନା। ଏଥିସହ ପୋଲିସ ସେମାନଙ୍କ ନିକଟରୁ ୫୪ ଗ୍ରାମ ବ୍ରାଉନସୁଗାର ସମେତ ୧୨ହଜାର ଟଙ୍କା ଓ ମୋବଇଲ ଜବତ କରିଛି। ଏ ନେଇ ତମାଣ୍ଡୋ ପୋଲିସ ନଂ.୯/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଟୁନା ଓ ହାପି ମିଶି ରାଜଧାନୀର ବିଭିନ୍ନ ଅଞ୍ଚଳରେ ବ୍ରାଉନସୁଗାର ବେପାର କରୁଥିଲେ। ଟୁନା ବାଲେଶ୍ୱରରୁ ବାଇକ୍, କାର୍, ବସ୍ ଓ ଟ୍ରେନ ସହାୟତାରେ ରାଜଧାନୀରେ ବ୍ରାଉନସୁଗାର ପହଞ୍ଚାଇବା ପରେ ହାପି ଛୋଟ ବେପାରୀମାନଙ୍କୁ ଯୋଗାଉଥିଲା। ୨ଅଭିଯୁକ୍ତ କଳିଙ୍ଗ ବିହାର ଅଞ୍ଚଳରେ ବ୍ରାଉନସୁଗାର ଡିଲ କରିବା ନେଇ ବିଶେଷ ସୂତ୍ରରୁ ତମାଣ୍ଡୋ ପୋଲିସ ଜାଣିପାରିଥିଲା। ଗୁରୁବାର ସକାଳ ସାଢେ ୯ଟା ବେଳକୁ ୨ ଅଭିଯୁକ୍ତ କଳିଙ୍ଗ ବିହାରସ୍ଥିତ ହୋଟେଲ ଆର୍ଯ୍ୟ ପ୍ୟାଲେସ ନିକଟରେ ଡିଲ ପାଇଁ ପହଞ୍ଚିବା ପରେ ଉଭୟ ଟିମ ଚଢାଉ କରି ଧରିଥିଲେ। କାରବାରରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପଚରାଉଚରା ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କେଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କେଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
▶ ବିଜିନେସ୍ ଋଣ ▶ ସମ୍ପତ୍ତି ଋଣ ▶ ମାର୍କେଟ୍ ଋଣ ▶ ଆଧାର କାର୍ଡ ଋଣ ▶ ବ୍ୟକ୍ତିଗତ ଋଣ ▶ ବିପିଏଲ୍ ଋଣ ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ହିନ୍ଦୁସ୍ତାନ ଟାୱାର
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7042350747
8929313996

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ–୬୦,୦୦,୦୦୦) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ– କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ ଲଗାନ୍ତୁ) ।
ମୋ. 9411277198

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବନ୍ୟାପ୍ଲାବିତ ନଦୀ, ଶାସକର ଆଦର, ସ୍ତ୍ରୀର ଚରିତ୍ର ଓ ବ୍ୟବସାୟରେ ସ୍ନେହ କେବେହେଲେ ବିଶ୍ୱାସଯୋଗ୍ୟ ନୁହେଁ।
-ସନ୍ଥ ତୁଳସୀ ଦାସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହାଶିବରାତ୍ର ପାଳନ, ବାୟାବାବା ମଠ ରୋଡ, ୟୁନିଟ-୯, ସକାଳ ୮ଟା।
- ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ଏଜୁକେଶନ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ, ନୂତନ ଅଡିଟୋରିୟମ, କ୍ୟାମ୍ପସ ପରିସର, ସଚିବାଳୟ ମାର୍ଗ, ପୂର୍ବାହ୍ନ ୧୦ଟା।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ-୨୦୨୦, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**
- ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ମହାଶିବରାତ୍ରି ଉପଲକ୍ଷେ ୨୬ତମ ଅଖଣ୍ଡ ଭଜନ ସମାରୋହ, ମଦନମୋହନଜୀଉ ମନ୍ଦିର ପରିସର, ସକାଳ ୬ଟା।

**ପୁରୀ**
- ବାଏଅଫ୍ ଫେଷ୍ଟିଭାଲ, ପୁରୀ ବେଳାଭୂମୀ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ଆଖଣ୍ଡଳେଶ୍ୱର ମନ୍ଦିର, ପ୍ରତାପରୁଦ୍ରପୁର, ଅପରାହ୍ନ ୪ଟା।
- ମହାଶିବରାତ୍ରି ଉପଲକ୍ଷେ ବଡ଼ସିଂହାର ବେଶ, ନଖରାସ୍ଥିତ ଶ୍ରୀ ଲକ୍ଷେଶ୍ୱର ମନ୍ଦିର, ଅପରାହ୍ନ ୪ଟା, ମହାଦୀପ ଦର୍ଶନ, ରାତି ୧୧ଟା।

**ଖୋର୍ଦ୍ଧା**
- ମହାଶିବରାତ୍ରିରେ ଜାଗରଯାତ୍ରା, ଗୁରୁଜଙ୍ଗ ଧବଳେଶ୍ୱରଙ୍କ ପୀଠ, ଭୋର ୪ଟା।

**ବ୍ରହ୍ମଗିରି**
- ଐଶାନେଶ୍ୱର ଦେବଙ୍କ ନିକଟରେ ପାଲା ମହୋତ୍ସବ ଓ ଜାଗର ଯାତ୍ରା, ବ୍ରହ୍ମଗିରି, ସନ୍ଧ୍ୟା ୭ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଏକାମ୍ର କ୍ଷେତ୍ର ପାର୍କିଂ ନିର୍ମାଣ ଜାରି

ପୁରୁଣା ଭୁବନେଶ୍ୱର, ୨୦। ୨ (ଡି.ଏନ.ଏ.): ଆଜି ମହାଶିବରାତ୍ରି। ମନ୍ଦିର ପ୍ରଶାସନ ଏବଂ କମିଶନରେଟ ପୋଲିସ ଓ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଯାଇଛି। ମାତ୍ର ପୂର୍ତ୍ତବିଭାଗର ଠିକାଦାରି ପ୍ରୀତି ପାଇଁ ଠିକାଦାରମାନେ ଗୁରୁବାର ରାତି ସାରା ବିଏମ୍‌ସି ହସ୍ପିଟାଲର ପାର୍ଶ୍ୱ, ବି.ଏମ. ହାଇସ୍କୁଲ ପାର୍ଶ୍ୱ ଉଚ୍ଛେଦସ୍ଥଳରେ ବାଲି ସିମେଣ୍ଟ ପକାଇ ଡ୍ରୋଜର ଲଗାଇ କାର୍ଯ୍ୟ ଜୋରସୋର ଚଳାଇଛନ୍ତି। ଏପଟେ ମନ୍ଦିରର ଦକ୍ଷିଣ ଦ୍ୱାର ରାସ୍ତା ପୂର୍ବଭଳି ସଙ୍କୁଚିତ ଅବସ୍ଥାରେ ରହିଥିବାବେଳେ ବି.ଏମ. ହାଇସ୍କୁଲ ପାଚେରି ଭଙ୍ଗାସ୍ଥଳରେ ଖାଲଖମା ହୋଇ ପଡିରହିଛି । ତେଣୁ ସୌନ୍ଦର୍ଯ୍ୟକରଣ ଓ ସଫେଇ ପ୍ରତି ଆଦୌ ଧ୍ୟାନ ନ ଦେଇ ଏଭଳି ତରବରିଆ ନିର୍ମାଣ କାହା ପାଇଁ ସାଧାରଣ ଲୋକ ପ୍ରଶ୍ନ କରିଛନ୍ତି।



# ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି

## ପ୍ରସ୍ତୁତି ଶେଷ: ଶୃଙ୍ଖଳା, ସୁରକ୍ଷାକୁ ଗୁରୁତ୍ୱ

ପୁରୁଣା ଭୁବନେଶ୍ୱର, ୨୦। ୨ (ଡି.ଏନ.ଏ.)

ଏକାମ୍ର କ୍ଷେତ୍ରାଧିପତି ଶ୍ରୀଲିଙ୍ଗରାଜଙ୍କ ଶୁକ୍ରବାର ମହାଶିବରାତ୍ରି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ଆୟୋଜନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତ କାର୍ଯ୍ୟର ଦେଖାଶୁଣା ବରିଷ୍ଠ ଅଧିକାରୀ କରୁଛନ୍ତି। ସୌନ୍ଦର୍ଯ୍ୟକରଣ ଓ ବିକାଶ ନେଇ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଥିବାରୁ ପାର୍କିଂ, ପରିମଳ, ଟ୍ରାଫିକ ନିୟନ୍ତ୍ରଣ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଆଦିରେ ତିଳେମାତ୍ର ତ୍ରୁଟି ନ ରଖିବାକୁ ପୁରା ପ୍ରଶାସନ ଏକ ହୋଇଯାଇଛି। କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଏଥିସହ ବିଭିନ୍ନ ସାମାଜିକ ସଙ୍ଗଠନର ସହାୟତା ମଧ୍ୟ ଲୋଡ଼ାଯାଇଛି। ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯିବା ସହ ବିଏମ୍‌ସି ହସ୍ପିଟାଲରେ ସ୍ୱତନ୍ତ୍ର ଭାବେ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀ କୌଣସି ଆକସ୍ମିକ ଦୁର୍ଘଟଣାକୁ ଏଡାଇବା ଉଦ୍ଦେଶ୍ୟରେ ପ୍ରସ୍ତୁତ ରହିଛନ୍ତି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ସହ ପ୍ରର୍ଯ୍ୟାପ୍ତ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ କିଭଳି ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରିପାରିବେ ସେଥିପ୍ରତି ପ୍ରଶାସନ ଯତ୍ନବାନ ହୋଇଛି। ଖରା ଗରମକୁ ଲକ୍ଷ୍ୟ ରଖି ବ୍ୟାରିକେଡରେ ଉପରେ ସିଲିଂ କରାଯାଇଛି।

### ବେଆଇନ ପାର୍କିଂ ଉଠା ଦୋକାନ ଦେଖି ଅଧିକାରୀ ଖପ୍ପା

ଗୁରୁବାର ସକାଳୁ ବିଏମ୍‌ସି ଓ ପୂର୍ତ୍ତ ବିଭାଗ ସମେତ ଜିଲା ପ୍ରଶାସନର ବହୁ ଅଧିକାରୀ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ପ୍ରସ୍ତୁତି ଦେଖିବାକୁ ପହଞ୍ଚିଥିଲେ। ମାତ୍ର ଏଠାରେ ବିଭିନ୍ନ ସେବାୟତ ଓ ସ୍ଥାନୀୟ ଲୋକଙ୍କ ଉଚ୍ଛେଦ ହୋଇଥିବା ଭଜନମଣ୍ଡପ ସ୍ଥଳରୁ ମନ୍ଦିର ସମ୍ମୁଖ ପର୍ଯ୍ୟନ୍ତ ବାରିକେଡ଼ କରାଯାଇଛି। ଏହା ମଧ୍ୟରେ ବିଭିନ୍ନ ସେବାୟତ ଓ ସ୍ଥାନୀୟ ଲୋକ ବେଆଇନ ଭାବେ ଗାଡ଼ି ପାର୍କିଂ କରିଥିଲେ। ଏହାକୁ ପ୍ରଶାସନିକ ଅଧିକାରୀମାନେ ଦେଖି ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ତୁରନ୍ତ ଏଗୁଡିକୁ ହଟାଇବା ସହ ରଥଖଳାରେ ସେବାୟତଙ୍କ ଦୁଇଚକିଆ ଗାଡି ପାର୍କିଂ ବ୍ୟବସ୍ଥା, ଅଟୋ ଷ୍ଟାଣ୍ଡ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ବଡେଇବାଙ୍କ ଛକଠାରୁ ରଥଖଳା ପର୍ଯ୍ୟନ୍ତ ବହୁ ଉଠାଦୋକାନ ବଜାର ଅସ୍ଥାୟୀ ଟେଣ୍ଟ ମାଧ୍ୟମରେ ଖୋଲା ଯାଇଛି। ଏଗୁଡିକ କାହା ଅନୁମତିରେ ଖୋଲାଯାଇଛି ବୋଲି ସଚିବସ୍ତରୀୟ ଅଫିସର ପଚାରିବାରୁ ବିଭାଗୀୟ ଅଧିକାରୀ ହଡବଡେଇ ଯାଇଥିଲେ। ମାତ୍ର କେତୋଟି ହାତଗଣତି ଉଠା ଦୋକାନୀଙ୍କୁ ଉଠାଇ ଅଘୋଷିତ ଭାବେ ବେଆଇନ ପାର୍କିଂ, ଦୋକାନ ବଜାର ରହିଥିବାରୁ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସମସ୍ତଙ୍କୁ ତାଗିଦ୍ କରିଥିଲେ।

### ବ୍ୟସ୍ତତାରେ ଡାକ୍ତରଖାନା, ରକ୍ତ ଭଣ୍ଡାର ଭୁଲିଗଲେ ଅଧିକାରୀ

ପ୍ରତିବର୍ଷ ଟ୍ରାଫିକ୍ ସମସ୍ୟା, ଉଠା ଦୋକାନୀଙ୍କ ଯୋଗୁ ସାଧାରଣ ପୁରୁଣା ଭୁବନେଶ୍ୱର ବାସିନ୍ଦାଙ୍କ ସହ ବହୁ ଲୋକ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଚଳିତବର୍ଷ ଏକାମ୍ର ବିକାଶ ନେଇ ବିଭିନ୍ନସ୍ଥାନରେ ଉଚ୍ଛେଦ ସହ ଟ୍ରାଫିକ୍ କଟକଣା କରି ଡାଇଭରଶନ ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ମହାଶିବରାତ୍ରି ପ୍ରସ୍ତୁତିରେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ବ୍ୟସ୍ତ ରହି ପୁରୁଣା ଭୁବନେଶ୍ୱର ବିଏମସି ଡାକ୍ତରଖାନା ଓ ରକ୍ତଭଣ୍ଡାର କଥା ପାସୋରି ଯାଇଛନ୍ତି। ଟ୍ରାଫିକ୍ କଟକଣା ଯୋଗୁ ଡାଇଭରଶନ କରାଯାଇ ହସ୍ପିଟାଲ ଓ ରକ୍ତଭଣ୍ଡାରକୁ ବାଧହୋଇ ବଡେଇବାଙ୍କ ଛକ ହୋଇ ଯିବାକୁ ପଡୁଛି। ଯଦି କିଏ ଅସୁସ୍ଥ ହୁଅନ୍ତି ତେବେ ଏଠାକୁ ଯିବା ଏକ ପ୍ରକାର ଅସମ୍ଭବ ହୋଇପଡିବ। ସମୟ ଅଭାବ ଯୋଗୁ ଅଗ୍ରାଧିକାର ଭିତ୍ତିରେ ବରିଷ୍ଠ ନାଗରିକ ଓ ରୋଗୀଙ୍କ ପ୍ରତି କିଛିଟା ଟ୍ରାଫିକ୍ କଟକଣା ହଟାଇବାକୁ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ମତରେ ଏକାମ୍ରର ସାଧାରଣ ଟ୍ରାଫିକ ସମସ୍ୟା ଓ ଉଠା ଦୋକାନୀଙ୍କ ଜବରଦଖଲ କେବଳ ସଚିବ ସ୍ତରୀୟ ଅଫିସର ଓ କୌଣସି ଭିଭିଆଇପି ଆସିବା ସମୟରେ ଏକ ରକମ ଗୁରୁତ୍ୱ ଦିଆଯାଉଛି। ଅନ୍ୟ ସମୟରେ ଯଥା ପୂର୍ବଂ ତଥା ପରଂ। ଏଣୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ, ଉଠା ଦୋକାନୀଙ୍କ ଭିତରେ ଏସବୁ ଅବ୍ୟବସ୍ଥାକୁ ଦେଖାଯାଉଛି।



### ଶୃଙ୍ଖଳିତ ପାସ୍ ବ୍ୟବସ୍ଥାରେ ଅସନ୍ତୁଷ୍ଟ ସେବାୟତ

ମହାଶିବରାତ୍ରି ପୂର୍ବରୁ ପ୍ରତ୍ୟେକ ବର୍ଷ ଭିଆଇପି, ଭିଭିଆଇପି ଓ ବିଭିନ୍ନ ସେବାୟତ ପରିବାରକୁ ଶୃଙ୍ଖଳିତ ଦର୍ଶନ ପାଇଁ ସୁବିଧା ଦେବାକୁ ଯାଇ କମିଶନରେଟ ପୋଲିସ୍ ପକ୍ଷରୁ ପାସ୍ ବଣ୍ଟନ କରାଯାଇଥାଏ। ବିଗତବର୍ଷଗୁଡିକରେ ଏହି ପାସ୍ ବଣ୍ଟନରେ ପ୍ରାୟତଃ ବିଶୃଙ୍ଖଳା ଦେଖାଯାଇଥିଲା। ମାତ୍ର ଚଳିତବର୍ଷ ଏହାକୁ ମନ୍ଦିର ପ୍ରଶାସନ ନ ବାଣ୍ଟି ଲିଙ୍ଗରାଜ ଥାନା ପୋଲିସ ପକ୍ଷରୁ ବଣ୍ଟନ କରାଯାଇଛି। ଏବେ ପ୍ରତି ନିଯୋଗଙ୍କୁ ୪୦ଟି ଲେଖାଏଁ ପାସ୍ ଦିଆଯାଇଛି। ଏହାକୁ ନେଇ ନିଯୋଗର ପ୍ରମୁଖ ସେବାୟତ ଡିସିପିଙ୍କ ନିକଟରେ ଫେରାଦ ହୋଇଥିଲେ।

### ପାସ୍‌ରେ ବାରକୋଡ ବ୍ୟବସ୍ଥା

କମିଶନରେଟ ପୋଲିସ ପକ୍ଷରୁ ଚଳିତବର୍ଷ ମହାଶିବରାତ୍ରି ପାଇଁ ଏକ ହଜାର ପାସ୍ ପ୍ରଦାନ କରାଯାଇଛି। ପାସ୍‌ଗୁଡିକରେ ବାରକୋଡ ବ୍ୟବସ୍ଥା ରହିଛି। ବାରକୋଡ ମେଶିନରେ ଥରେ ସ୍କାନ ହେଲେ ଡିସିପି ଭୁବନେଶ୍ୱର ସହ କ୍ରମିକ ନମ୍ବର ପ୍ରଦର୍ଶିତ ହେବ। ଏଣୁ ଗତ ବର୍ଷଭଳି ଏହି ପାସ୍‌ଟିର ନକଲ ହୋଇପାରିବ ନାହିଁ ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି। ଗୋଟିଏ ପାସ୍ କେବଳ ଥରେ ମାତ୍ର ବ୍ୟବହାର କରାଯାଇ ପାରିବ।

### ଅନୁଧ୍ୟାନ କଲେ ପୋଲିସ କମିଶନର, ଡିସିପି

ଶୁକ୍ରବାର ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିଛି ଏକାମ୍ର କ୍ଷେତ୍ର। ଗୁରୁବାର ସନ୍ଧ୍ୟାରେ କମିଶନରେଟ ପୋଲିସ ପକ୍ଷରୁ ମନ୍ଦିର ଗର୍ଭଗୃହ ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନଗୁଡିକରେ କଡା ଯାଞ୍ଚ କରାଯାଇଛି। ପୋଲିସ କମିଶନର ସୁଧାଂଶୁ ଶେଖର ଷଡଙ୍ଗୀ, ଡିସିପି ଅନୁପ ସାହୁ ଏବଂ ଟ୍ରାଫିକ୍ ଡିସିପି ସାଗରିକା ନାଥ ଶ୍ରୀଲିଙ୍ଗରାଜଙ୍କ ସିଂହଦ୍ୱାରରେ ପହଞ୍ଚି ଯାଞ୍ଚ କଲା ପରେ ଟ୍ରାଫିକ୍ କଣ୍ଟ୍ରୋଲ ରୁମ ସିସିଟିଭିରେ ଏହାକୁ ତନଖି କରି ଫେରିଛନ୍ତି।

### ସଜେଇ ହୋଇଛି ସିଂହଦ୍ୱାର

ମହାଶିବରାତ୍ରି ଲାଗି ଶ୍ରୀଲିଙ୍ଗରାଜଙ୍କ ସିଂହଦ୍ୱାରକୁ ଭଳିକି ଭଳି ଫୁଲରେ ସଜା ଯାଇଛି। ଏଥିପାଇଁ ୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ଜଣାପଡିଛି। ଏହା ଦେଖିବାକୁ ଅତ୍ୟନ୍ତ ସୁନ୍ଦର ହୋଇଛି। ହେଲେ ମନ୍ଦିର ସୁରକ୍ଷା ଦୃଷ୍ଟିରୁ ଓ ଏଏସ୍‌ଆଇର ବିନା ପରାମର୍ଶରେ କଣ୍ଟା ବାଡା ଯାଇ ଏହି ଫୁଲ ସଜାଯାଉଛି। ଏହାକୁ ବହୁ ବ୍ୟକ୍ତି ନାପସନ୍ଦ କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଲିଜା



ସୌଭାଗ୍ୟ



କାହ୍ନା



ଆଦିତ୍ୟ



ପ୍ରିୟା



ଶ୍ରୀମନ୍ତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଫୁଲରେ ଝଲସୁଛି ଲୋକନାଥ ମନ୍ଦିର



ପୁରୀ ଅଫିସ, ୨୦।୨

ଶୁକ୍ରବାର ମହାଶିବରାତ୍ରି। ବିଭିନ୍ନ ଶୈବପୀଠରେ ରାତି ଉଜାଗର ରହି ଜାଗର ଜାଳିବେ ଶ୍ରଦ୍ଧାଳୁ। ଏଥିପାଇଁ ପୁରୀ ଜିଲାର ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ବିଶେଷକରି ପୁରୀ ସହରସ୍ଥ ପଞ୍ଚମହାଦେବ (ଶ୍ରୀଲୋକନାଥ, ଯମେଶ୍ୱର, କପାଳମୋଚନ, ନୀଳକଣ୍ଠେଶ୍ୱର ଓ ମାର୍କଣ୍ଡେଶ୍ୱର)ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ଜମିବ। ତେଣୁ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାରେ ଥିବା ବାବା ବାଲିକପିଳେଶ୍ୱର, ଶଙ୍କରେଶ୍ୱର, ଓଁକାରେଶ୍ୱର, ଆଖଣ୍ଡଳେଶ୍ୱର, ବେଲେଶ୍ୱର, ଆଖଣ୍ଡଳମଣି, ଛଇତନାର ଯୋଡ଼ାଲିଙ୍ଗ ପ୍ରଭୃତି ଶୈବପୀଠରେ ମଧ୍ୟ ମହାଶିବରାତ୍ରି ପାଳନ କରାଯିବ।

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ସରିଛି। ସେବାୟତ- ପ୍ରଶାସନ ସମନ୍ୱୟ ବୈଠକରେ ପ୍ରସ୍ତୁତ ହୋଇଛି ଜାଗରଯାତ୍ରାର ରୂପରେଖ। ଦ୍ୱାର ଫିଟା ଠାରୁ ଆରମ୍ଭକରି ମହାଦୀପ ଉଠିବା ପର୍ଯ୍ୟନ୍ତ ସବୁ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚଳିତବର୍ଷ ଫୁଲରେ ଝଲସୁଛି ଲୋକନାଥ ମନ୍ଦିର। ମୁଖ୍ୟ ମନ୍ଦିରଠାରୁ ଆରମ୍ଭକରି ପ୍ରବେଶପଥ ତୋରଣକୁ ବିଭିନ୍ନ ପ୍ରକାର ଫୁଲରେ ସୁସଜ୍ଜିତ କରାଯାଇଛି। ଏହା ବେଶ୍ ଆକର୍ଷଣୀୟ ଦେଖାଯାଉଛି। ଶୃଙ୍ଖଳିତ ଦର୍ଶନ ପାଇଁ ଭକ୍ତ ବ୍ୟାରିକେଡ ଦେଇ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବା ବ୍ୟବସ୍ଥା ହୋଇଛି । ସେହିପରି ଚଳିତବର୍ଷ ୪ ହଜାର ଦର୍ଶନ ଟିକେଟ୍ କରାଯାଇଛି। ଖଣ୍ଡିଏ ଟିକେଟର ମୂଲ୍ୟ ୧୦୦ ଟଙ୍କା ରହିଛି। ଦର୍ଶନ ଟିକେଟଧାରୀ, ଭିଆଇପି ଏବଂ ସେବାୟତ ବୃଷଭ ଦ୍ୱାର ଦେଇ ଏବଂ ଅନ୍ୟମାନେ ଲକ୍ଷ୍ମୀଦ୍ୱାର ଦେଇ ଠାକୁରଙ୍କୁ ଦର୍ଶନ କରିବେ। କିନ୍ତୁ ସମସ୍ତେ ବଉଳଗଛ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ବ୍ୟବସ୍ଥା ହୋଇଛି।



ଶ୍ରୀଲୋକନାଥ ପୀଠରେ ଶୃଙ୍ଖଳିତ ଜାଗର ଯାତ୍ରା ପାଇଁ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ନୀତି ନିର୍ଘଣ୍ଟ କରାଯାଇଛି। ଗୁରୁବାର ରାତି ସାଢେ ୧୨ଟାରେ ଦ୍ୱାର ଫିଟି ରାତି ୧ଟାରୁ ୨ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ଓ ସୂର୍ଯ୍ୟପୂଜା ଇତ୍ୟାଦି ନୀତି ସରିବ। ରାତ୍ର ୨ଟାଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ଶୁକ୍ରବାର ରାତି ୧୨ଟା ପର୍ଯ୍ୟନ୍ତ ଚାଲିବ। ରାତି ୧୨ଟାରୁ ୨ଟା ମଧ୍ୟରେ ଅନ୍ୟାନ୍ୟ ନୀତି ଚାଲିବ। ରାତ୍ର ୨ଟାରୁ ୩ଟା ମଧ୍ୟରେ ହରିହର ପୂଜାଭୋଗ, ଚତୁର୍ଦ୍ଦଶୀ ଭୋଗ, ବଡ଼ସିଂହାର ଭୋଗ ଏବଂ ମହାଦୀପ ଉଠିବା ଲାଗି ସ୍ଥିର ହୋଇଛି। ଅପରପକ୍ଷେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତିଭୋଗ ସମ୍ପାଦନ କରି ଶୁକ୍ରବାର ରାତି ସାଢେ ୧୧ଟାରେ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚିବା ଲାଗି ସମୟ ନିର୍ଘଣ୍ଟ ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହେବେ। ମହାଶିବରାତ୍ରି ଉପଲକ୍ଷେ ଶ୍ରୀଲୋକନାଥ ମନ୍ଦିରକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସନ୍ଧ୍ୟା ପରଠାରୁ ରାତିତମାମ୍ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।



ମହାଶିବରାତ୍ରି ପାଇଁ କଟକ ବକ୍ସିବଜାର ଅମରେଶ୍ୱର ମନ୍ଦିରକୁ ସଜ୍ଜିତ କରାଯାଇଛି।



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ ଲୋକ ବିଜ୍ଞ ଆଉ ନମ୍ର ହୁଏ। -ଫ୍ରାଙ୍କ୍‌ଲିନ୍



**ସଂକ୍ଷେପରେ**

## ଜଳିଗଲା ୩ ହଜାର ନଡ଼ା

ବାରଙ୍ଗ,୨୦।୨(ଡି.ଏନ.ଏ.)- ବାରଙ୍ଗ ଥାନା ଅନ୍ତର୍ଗତ କଣ୍ଟାପାଟଣା ଗ୍ରାମର ପିଣ୍ଟୁ ସାହୁଙ୍କ ଘର ଛାତ ଉପରେ ରହିଥିବା ନଡ଼ାଗଦାରେ ଗୁରୁବାର ରାତିରେ ନିଆଁ ଲାଗି ପୋଡ଼ିଯାଇଛି। ଏହି ନଡ଼ାଗଦାରେ ୩ହଜାରେ ନଡା ରହିଥିଲା। ସୂଚନାଯୋଗ୍ୟ, ଗୁରୁବାର ରାତିରେ ପିଣ୍ଟୁଙ୍କ ଘରେ ସମସ୍ତେ ଶୋଇଥିବାବେଳେ ହଠାତ ଘରେ କେଉଁଠି ନିଆଁ ଲାଗିଥିବାର ଜାଣିପାରିଥିଲେ। ବାହାରୁ ଆସି ଦେଖିବାବେଳେ ତାଙ୍କ ଛାତରେ ଥିବା ନଡ଼ା ଗଦାରେ ନିଆଁ ଲାଗିଯାଇଥିଲା। ଏହାଦେଖି ପାଟିକରିବାରୁ ଗ୍ରାମର ଯୁବକମାନେ ଏକାଠି ହୋଇ ନିଆଁ ଲିଭାଇବା ସହ ବାରଙ୍ଗ ଦମକଳ କେନ୍ଦ୍ରକୁ ଜଣାଇଥିଲେ। ଖବରପାଇ ଗୋଟିଏ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏହି କୋଠାଘର ପାଖରେ ଥିବା ଚାଳଘରଗୁଡିକ ନିଆଁ କବଳରୁ ରକ୍ଷା ପାଇଯାଇଥିଲା।

## ଯୌତୁକ ନିର୍ଯାତନା: ସ୍ୱାମୀ ଗିରଫ

କଣ୍ଟାପଡ଼ା,୨୦।୨(ଡି.ଏନ୍.ଏ.): ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଓଲଟପୁର ପୋଲିସ ବୁଧବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଅଡଶପୁରର ଅଶୋକ କୁମାର ସାହୁ। ପୋଲିସ ସୂଚନା ଅନୁଯାୟୀ, ୨୦୧୧ ମସିହାରେ ଅଶୋକ ଗୋବିନ୍ଦପୁର ଥାନା ଅଧୀନ ପାଟସୁନ୍ଦରପୁର ଅଞ୍ଚଳର ମଧୁସ୍ମିତା ସାହୁଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ଶାଶୁ ଘରଲୋକ ମଧୁସ୍ମିତାଙ୍କୁ ନିର୍ଯାତନା ଦେଉଥିଲେ। ମଧୁସ୍ମିତାଙ୍କ ଏକ ଛୋଟପୁଅ ଥିବାବେଳେ ନିର୍ଯାତନା ଅସହ୍ୟ ହେବାରୁ ଗତ କିଛିଦିନ ତଳେ ସେ ଘର ଛାଡି ଚାଲି ଆସିଥିଲେ। ଗତ ୧୬ତାରିଖରେ ମା' ଘର ସଦସ୍ୟାଙ୍କ ସହାୟତାରେ ମଧୁସ୍ମିତା ଓଲଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୧୮/୨୦) ରୁଜୁକରି ତାଙ୍କ ସ୍ୱାମୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

# ମୋ ଭାଷା, ମୋ ପରିଚୟ

**ଭୁବନେଶ୍ୱର,୨୦।୨(ବ୍ୟୁରୋ) :** ମା' ଗର୍ଭରୁ ମାଟିରେ ପାଦ ରଖିବା ପରେ ମଣିଷ ଯେଉଁ ଭାଷା ପ୍ରଥମେ ଶିଖେ ଓ କହେ, ତାହା ହେଉଛି ମାତୃଭାଷା। ବ୍ୟକ୍ତିର ସମ୍ମାନ ଓ ସ୍ୱାଭିମାନ, ସ୍ୱପ୍ନ ଓ ଜୀବନ-ସବୁଠି ପ୍ରତିଧ୍ୱନିତ ହୁଏ ଯେଉଁ ଶବ୍ଦ, ତା'ହେଲା ମାତୃଭାଷା। ମାତୃଭାଷା ବ୍ୟକ୍ତିର ପରିଚୟ। ବିକାଶର ପ୍ରବେଶପଥ ବି ମାତୃଭାଷା। ହେଲେ ପରିବର୍ତ୍ତନର ଆହ୍ୱାନରେ ଧୀରେ ଧୀରେ ମାତୃଭାଷା ନିଜ ଅସ୍ତିତ୍ୱ ହରାଉଛି। ହିନ୍ଦୀ ଓ ଇଂଲିଶ ଆଗରେ ଆଞ୍ଚଳିକ ଭାଷାଗୁଡ଼ିକ କ୍ରମଶଃ ବାଷ୍ପରୁଦ୍ଧ ହୋଇ ମରିଯାଉଛି। ମାତୃଭାଷାକୁ ସମ୍ମାନପୂର୍ବକ ଫେବୃୟାରୀ ୨୧କୁ ବିଶ୍ୱ ମାତୃଭାଷା ଦିବସ ଭାବେ ପାଳନ କରାଯାଉଥିବା ବେଳେ ଏହାକୁ ନେଇ ମତାମତ ଭିତ୍ତିକ ସ୍ୱତନ୍ତ୍ର ଉପସ୍ଥାପନା।






କୌଣସି ଭାଷାକୁ ବିରୋଧ କରିବା ଉଚିତ ନୁହେଁ। କାରଣ ପିଲାମାନେ ଏକାସଙ୍ଗେ ଅନେକ ଭାଷା ଶିଖିପାରିବେ। ଇଂଲିଶ ଓ ଅନ୍ୟା ଭାଷା ସହ ନିଜ ମାତୃଭାଷା ଶିଖିବା ଜରୁରୀ। ଏହାକୁ କେବେ ଅବହେଳା କରିବା ଉଚିତ ନୁହେଁ। ହେଲେ ଦୁଃଖର ବିଷୟ ଯେ, ଆଜିକାଲି ଆମକୁ ନିଜ ଭାଷା କହିବାକୁ ଲାଜ ଲାଗୁଛି। ମାତୃଭାଷା ପ୍ରତି ଯୁବପିଢ଼ିଙ୍କୁ ଆକର୍ଷିତ କରିବା ପାଇଁ ଉଭୟ ସରକାର ଏବଂ ଆମେ ନିଜେ ସଚେତନା ହେବା ଆବଶ୍ୟକ। ଘରେ ପିଲାବେଳୁ ଓଡ଼ିଆରେ ଲେଖିବା, ପଢ଼ିବା ଉପରେ ଗୁରୁତ୍ୱ ଦେଲେ ମାତୃଭାଷାର ଯଥୋଚିତ ଉନ୍ନତି ହୋଇପାରିବ। **- ପ୍ରଜ୍ଞା ଦାସ, ଇଞ୍ଜିନିୟର**

ଭାଷାକୁ ଭଲପାଇଲେ ଅନ୍ୟ ଭାଷାକୁ ନିଜର କରିପାରିବ। ମା', ବାପାମାନେ ନିଜ ପିଲାଙ୍କୁ ଓଡ଼ିଆ ନ ଶିଖାଇବା କଥାକୁ ମୁଁ କେବେ ସମର୍ଥନ କରେନା। କାରଣ ଆଗରୁ ଇଂଲିଶ ମିଡିୟମ୍ ସ୍କୁଲ୍ ନ ଥିଲା। ଲୋକେ ଓଡ଼ିଆ ମିଡିୟମ୍‌ରେ ପାଠ ପଢ଼ି ଆଇଏଏସ୍, ଆଇପିଏସ୍ ହେଉଥିଲେ।
**- ଲୋରା ମହାପାତ୍ର, ସାମାଜିକ କର୍ମୀ**

ମାରିବା ମନକୁ କଷ୍ଟ ଦିଏ। ଆମେ ନିଜେ ଯଦି ନିଜ ମାତୃଭାଷା ଠିକ୍‌ରେ ନ ଜାଣିବା, ନିଜ ମାତୃଭୂମିର ଗରିମା ବିଷୟରେ ଅନ୍ୟକୁ କ'ଣ କହିବା ? ଆମେ ଆମ ଐତିହ୍ୟ ବିଷୟରେ ଅନ୍ୟକୁ ଆନ୍ତରିକତାର ସହ କହିପାରିଲେ ହିଁ ଆମ ଓଡ଼ିଆ ଜାତିର ଐତିହ୍ୟର ପ୍ରସାର ହେବ। **- ସମ୍ବିତ ନନ୍ଦ, ଉଦ୍ୟୋଗୀ**

### ଓଡ଼ିଆ ସ୍କୁଲରେ ପଢ଼ିଥିବାରୁ ଗର୍ବ ଅନୁଭବ କରେ



ମାତୃଭାଷା ପାଇଁ ମମତା ସମସ୍ତଙ୍କର ରହିବା ଉଚିତ। ମୋର ବି ଅଛି। ଆଶାକରୁଛି ଅନ୍ୟମାନଙ୍କର ଥିବ। ଓଡ଼ିଆ ଘରର ପିଲା ହୋଇ ଓଡ଼ିଆ ସ୍କୁଲରେ ପଢ଼ିଥିବାରୁ ମୁଁ ଗର୍ବିତ। ଓଡ଼ିଆରେ କଥା ହେବାକୁ ମୁଁ ଗର୍ବ ଅନୁଭବ କରେ। କେବଳ ଆବଶ୍ୟକତା ଥିଲେ ଇଂଲିଶ ଏବଂ ହିନ୍ଦୀର ବ୍ୟବହାର କରେ।
**- ଅନିଶ ରଥ, ଛାତ୍ରନେତା**

### ନିଜ ଭାଷା ଏତେ ଭଲ, ଅନ୍ୟ ଭାଷାରେ କାହିଁକି କଥା ହେବି



ନିଜ ମାତୃଭାଷାର ସୌନ୍ଦର୍ଯ୍ୟ ଆଉ କେଉଁ ଭାଷାରେ ନ ଥାଏ। ଆମ ନିଜ ଭାଷା ଏତେ ଭଲ ହୋଇକି ଆମେ କ'ଣ ପାଇଁ ଆଉ କେଉଁ ଭାଷାରେ କଥା ହେବୁ ? କେବଳ ଆବଶ୍ୟକତା ଅନୁସାରେ ଯେଉଁଠାରେ ଓଡ଼ିଆ କହିଲେ ସାମ୍ନାଲୋକ ବୁଝିପାରେନା ସେଠାରେ ଇଂଲିଶ ଏବଂ ହିନ୍ଦୀରେ କଥାହୁଏ। ନଚେତ୍ ସାଙ୍ଗସାଥୀ, ଘର ପରିବାର ସବୁଠାରେ ଓଡ଼ିଆରେ କଥା ହେବାକୁ ଭଲପାଏ। ଏତିକି କହିବି ଆମେ ଓଡ଼ିଆ, ଆମ ଭାଷା ଓଡ଼ିଆ।
**- କମଲ କୁମାର ଷଡ଼ଙ୍ଗୀ, ପ୍ରକଳ୍ପ ସଂଯୋଜକ**

### ବୌଦ୍ଧିକ ବିକାଶ କରେ ନିଜ ମାତୃଭାଷା



ମାନସିକ ଅଭିବୃଦ୍ଧି ପାଇଁ ମାତୃଭାଷା ହିଁ ଏକମାତ୍ର ମାଧ୍ୟମ। କୌଣସି ଭାଷାକୁ ଆମେ ପଢ଼ିବା ମାଧ୍ୟମ କରିପାରିବା। ହେଲେ ମାତୃଭାଷା ମାଧ୍ୟମରେ ହିଁ ଏକ ପିଲାର ପୂର୍ଣ୍ଣ ବିକାଶ ହୁଏ। ଯଦି ଆମେ ମାତୃଭାଷା ପିଲାକୁ ନ ପଢ଼ାଉଛେ ତା'ହେଲେ ପିଲାର ବୌଦ୍ଧିକ ବିକାଶ ସମ୍ପୂର୍ଣ୍ଣ ହେବନାହିଁ। ଏହା ମୁଁ କହୁନି, ଗବେଷଣା କହୁଛି। ଆମେ ପଢ଼ିବାବେଳେ ଗାଈର ଆତ୍ମକାହାଣୀ କହିଲେ ସବୁଠାରୁ ଗଧ ପିଲା ବି ଓଡ଼ିଆରେ ୫ ଧାଡ଼ି ଲେଖୁଥିଲା। ହେଲେ ଏବେ ଇଂଲିଶ ମିଡିୟମ୍‌ରେ ୫ମ ଶ୍ରେଣୀରେ ପ୍ରଥମ ହେଉଥିବା ପିଲା ୫ ଧାଡ଼ି ଲେଖିପାରୁନି। ବୌଦ୍ଧିକ ଅଭିବୃଦ୍ଧି ପାଇଁ ମାତୃଭାଷା ପଢ଼ିବା ଓ ଶିଖିବା ନିହାତି ଆବଶ୍ୟକ। ସେଥିପାଇଁ ଦିଲ୍ଲୀରେ ଆମେ ଓଡ଼ିଆ ପିଲାଙ୍କୁ ନିଜ ଭାଷା ଶିଖାଇବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରୁଛୁ।
**- ଦେବେନ୍ଦ୍ର ନାଥ ରାଉତ, ଅଧ୍ୟକ୍ଷ, ଦି ଇଣ୍ଟେଲେକ୍ଟସ**

### ସ୍କୁଲ କର୍ତ୍ତୃପକ୍ଷ ମାତୃଭାଷା ଶିକ୍ଷାକୁ ସମାନ ଗୁରୁତ୍ୱ ଦିଅନ୍ତୁ



ହିନ୍ଦୀ, ଇଂଲିଶ ଶିଖିବା ଆମର ଆବଶ୍ୟକତା। ହେଲେ ତାହା ଆମ ପରିଚୟ ନୁହେଁ। ଭାଷା ବିନା ନିଜର ପରିଚୟ ନାହିଁ। ଆମେ ଯଦି ପିଲାଙ୍କୁ ଓଡ଼ିଆ ନ ଶିଖାଉଛେ ତା'ହେଲେ ଆମ ନିଜ ପରିଚୟ ଭୁଲିଯାଉଛେ। ମୋର ନିଜର ଇଂଲିଶ ମିଡିୟମ୍ ସ୍କୁଲ୍ ଅଛି। ହେଲେ ଆମେ ଇଂଲିଶ ସହ ଓଡ଼ିଆକୁ ସମାନ ଗୁରୁତ୍ୱ ଦେଉ। ପିଲା ଓଡ଼ିଆ ଜାଣିଲେ ହିଁ ତାଙ୍କର ମାନସିକ ଏବଂ ବୌଦ୍ଧିକ ବିକାଶ ହୋଇପାରିବ। ଓଡ଼ିଆକୁ ଯିଏ ବୁଝିଛି ତା'ର ମଧୁରତା ଜାଣିଛି। ସ୍କୁଲ୍‌ରେ ଓଡ଼ିଆ ପଢ଼ିବା ବାଧ୍ୟତାମୂଳକ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପିଲାଙ୍କୁ ପ୍ରଥମରୁ ଓଡ଼ିଆ ପ୍ରତି ଆକର୍ଷିତ କରିବା ପାଇଁ ବାପା, ମା'ଙ୍କ ସହ ସ୍କୁଲ୍ କର୍ତ୍ତୃପକ୍ଷଙ୍କର ବି ସମାନ ଭୂମିକା ରହିଛି।
**- ମନସ୍ମିତା ଜେନା, ଭାଇସ ଚେୟାରମ୍ୟାନ୍, ଚନ୍ଦ୍ରଶେଖର ଇଂଲିଶ ମିଡିୟମ ସ୍କୁଲ**

### ଓଡ଼ିଆ ସବୁବେଳେ ହୃଦୟ ନିକଟରେ ଅଛି



ମୁଁ ଆରମ୍ଭରୁ ଓଡ଼ିଆ ମିଡିୟମ୍ ସ୍କୁଲରେ ପଢ଼ି ପଢ଼ି ଆସିଛି। କଲେଜରେ ବି ଓଡ଼ିଆ ପଢ଼ିଛି। ଛୋଟରୁ ବଡ଼ ଯାଏଁ ଓଡ଼ିଆରେ କଥା ହୋଇଆସିଛି। ଏବେ ବାହାରେ ରହିବାରୁ ବାଧ ହୋଇ ଇଂଲିଶ ଓ ହିନ୍ଦୀରେ କଥାହେବାକୁ ପଡୁଛି। ଏହା ମାନେ ନୁହେଁ ଯେ ବାହାରେ ରହୁଛି ବୋଲି ମୁଁ ଓଡ଼ିଆକୁ ଭୁଲିଯିବି। ଓଡ଼ିଆ ସବୁବେଳେ ହୃଦୟ ନିକଟରେ ଅଛି ଓ ରହିବ। ନିଜ ମାତୃଭାଷା ପ୍ରତି ମମତା ଆଗରୁ ଯେତିକି ଥିଲା ଏବେ ବି ସେତିକି ଅଛି।
**- ସ୍ୱପ୍ନା ସୋନାଲିକା ରାଉତ, ଆଇଟି ପ୍ରଫେଶନାଲ**

### ଗର୍ବର ସହ ଓଡ଼ିଆ କହିବା ଉଚିତ



ମାତୃଭାଷାର ଗୁରୁତ୍ୱ ସବୁବେଳେ ଅଛି ଓ ରହିବ। ଓଡ଼ିଆ ଜାତି ବୋଲି ଆମେ ଯେପରି ଗର୍ବ କରୁଛେ, ସେହିଭଳି ଓଡ଼ିଆକୁ ମଧ୍ୟ ଗର୍ବର ସହ କହିବା ଉଚିତ୍। ନିଜ ମାତୃଭାଷାରେ ଯେଉଁ ମିଠାପଣ ଓ ସୌନ୍ଦର୍ଯ୍ୟ ଥାଏ, ତାହା ଆଉ କେଉଁଥିରେ ନ ଥାଏ। ଯିଏ ନିଜ ମାଟି, ନିଜ ମା' ଓ ନିଜ ମାତୃଭାଷାକୁ ଭୁଲିଛି, ସେ କାହାକୁ ବି ଭଲପାଇପାରିବ ନାହିଁ। ପ୍ରଥମେ ନିଜ

### ଓଡ଼ିଆ ଜାଣି ନ ଥିବା କହି ଷ୍ଟାଇଲ୍ ମାରନ୍ତି



ନିଜର ନିଜତ୍ୱ ମାତୃଭାଷାରେ ମିଳେ। ନିଜ ମାତୃଭୂମିର ଐତିହ୍ୟ, ବୀରତ୍ୱ ଓ ବଳିଦାନ ନିଜକୁ ମାନସିକ ଭାବେ ଶକ୍ତିଶାଳୀ କରାଏ। ମୋ ପାଇଁ ମୋ ମାତୃଭାଷା ଜୀବନ ଜୀଇଁବା ସଙ୍ଗେ ସମାନ। ସେଥିପାଇଁ ମୋ ଝିଅକୁ ଓଡ଼ିଆ ମାଧ୍ୟମ ସ୍କୁଲରେ ପଢ଼ାଉଛି। ଓଡ଼ିଆ ଘରେ ଜନ୍ମ ହୋଇ ଓଡ଼ିଆ ଜାଣି ନ ଥିବା କହି ଷ୍ଟାଇଲ୍

ତେବେ ଆମେ ମତାମତ ଆଣିବା ବେଳେ କେତେକେ ହିନ୍ଦୀ ଏବଂ ଇଂଲିଶ ଶବ୍ଦର ବ୍ୟବହାର କରୁଥିବା ଶୁଣିବାକୁ ପାଇଥିଲୁ। ମିଠାସ୍, ଅପନାପନ୍, କମ୍ପଲସରୀ, ପ୍ରାଉଡ୍, ନିଡ୍, କ୍ୟାରିୟର, ଆଟ୍ରାକ୍ସନ, ବିକଜ୍ ଭଳି ଶବ୍ଦର ବାରମ୍ବାର ବ୍ୟବହାର କରାଯିବା ମାତୃଭାଷାପ୍ରେମୀଙ୍କୁ ବ୍ୟଥିତ କରିବା ସ୍ୱାଭାବିକ।

# ବାଙ୍କୀ ଡବଲ୍ ମର୍ଡର ଘଟଣା: ଅଭିଯୁକ୍ତ ଜିତେନ୍ଦ୍ର ଗିରଫ

**ମାଷ୍ଟର ମାଇଣ୍ଡ ଅଟକ: ଏବେବି ୧୦ ଫେରାର**

**କଟକ ଅଫିସ/ବାଙ୍କୀ(ସ୍ୱ.ପ୍ର)୨୦।୨**

ବହୁ ଚର୍ଚ୍ଚିତ ବାଙ୍କୀ ଡବଲ ମର୍ଡର ଘଟଣାରେ ସ୍ଥାନୀୟ ପୋଲିସ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ବୈଦେଶ୍ୱର ଥାନା ଅଧୀନ ଖଜୁରିପଦା ଗ୍ରାମର ଜିତୁ ଓରଫ ଜିତେନ୍ଦ୍ର ସ୍ୱାଇଁ (୨୩)। ଜିତେନ୍ଦ୍ରଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାଙ୍କୀ ଉପଖଣ୍ଡ ଉପକାରାଗାରକୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ଘଟଣାରେ ଉକ୍ତ ଗ୍ରାମର ବଳିଆ ଓରଫ ବଳଭଦ୍ର ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କୁହାଯାଉଥିବା କାଳିଆ ଓରଫ ସୁଶାନ୍ତ ପ୍ରଧାନ(୪୦) ଓ ଅନ୍ୟଜଣେ ଅଭିଯୁକ୍ତ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ କୁଆଁଶ ଗ୍ରାମର ହିମାଂଶୁ ଭୂଷଣ ରାଉତରାୟ(୩୯)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ସୁଶାନ୍ତଙ୍କ ନିକଟରୁ ଅନ୍ୟ ୧୦ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ତଥ୍ୟ ପାଇଛି। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି ବୋଲି ଗୁରୁବାର କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ପାଣିଗ୍ରାହୀଙ୍କ କହିବାନୁଯାୟୀ, କ୍ଷମତା ଲୋଭକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ନୂଆଗାଁ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଓ ଏକ ଓ୍ୱେବ୍ ଚ୍ୟାନେଲର ଖବରଦାତା ଆଦିତ୍ୟ କୁମାର ରଣସିଂଙ୍କ ସହିତ ଅଭିଯୁକ୍ତମାନଙ୍କର ଦୀର୍ଘଦିନ ହେବ ଶତ୍ରୁତା ଲାଗି ରହିଥିଲା। ବିଭିନ୍ନ ସମୟରେ ଛୋଟ କଥାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଅଶାନ୍ତି ଉପୁଜୁଥିଲା। ଆଦିତ୍ୟ ଓ ଭଗବାନଙ୍କୁ ଆକ୍ରମଣ କରିବା ପାଇଁ ଏକ ମାସ ପୂର୍ବରୁ ଅଭିଯୁକ୍ତମାନେ ଯୋଜନା କରିଥିଲେ। ଗତ ୧୫ ତାରିଖ ଅପରାହ୍ଣରେ ଆଦିତ୍ୟ, ଭଗବାନ ଓ ଅନ୍ୟଜଣେ ଯୁବକ ମାନସ ରଞ୍ଜନ ସିଂ ବାଇକ୍‌ରେ ବାଙ୍କୀରୁ ଖଜୁରୀପଦା ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟ ରାସ୍ତାରେ ସରୁ ଜିଆଇ ତାର ବାନ୍ଧି ଅଭିଯୁକ୍ତମାନେ ଲୁଚି ରହିଥିଲେ। ବାଇକ୍ ଜିଆଇ ତାରରେ ଛନ୍ଦି ହୋଇଯିବାରୁ ସେମାନେ ତଳେ ପଡିଯାଇଥିଲେ। ଏହି ସମୟରେ ସେମାନଙ୍କୁ ମାରଣାସ୍ତ୍ରରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। କୌଶଳକ୍ରମେ ମାନସ ଘଟଣାସ୍ଥଳରୁ ପଳାଇ ଯାଇଥିବାବେଳେ ଆଦିତ୍ୟ ଓ ଭଗବାନଙ୍କୁ ଅଭିଯୁକ୍ତମାନେ ଗୋଡାଇ ଗୋଡାଇ ହାଣିଥିଲେ। ଆଦିତ୍ୟଙ୍କ ଶରୀରରୁ ଗୋଡକୁ ଅଲଗା କରିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ଭଗବାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଭଗବାନଙ୍କୁ ଆମ୍ବୁଲାନ୍ସରେ କଟକ ନେବା ବାଟରେ ସେ ୯ ଜଣ ଅଭିଯୁକ୍ତଙ୍କ ନାମ କହିଥିଲେ। ଆମ୍ବୁଲାନ୍ସ ଭିତରେ ଥିବା ଜଣେ ଯୁବକ ଏହାକୁ ରେକର୍ଡ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଭିଡିଓ ଭାଇରାଲ ହୋଇଥିଲା, ଯାହା ପୋଲିସର ତଦନ୍ତରେ ସହାୟକ ହୋଇଥିଲା। ଘଟଣା ସମ୍ପର୍କରେ ମାନସ ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୩୦୨, ୧୪୭, ୧୪୮, ୧୨୦(ବି) ଏବଂ ୧୪୯ ଅନୁଯାୟୀ ଏକ ମାମଲା(ନଂ.୩୯/୨୦) ରୁଜୁ କରିଛି। ଅନ୍ୟପକ୍ଷରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବିଜୟଲକ୍ଷ୍ମୀ ସାହୁଙ୍କ ନେତୃତ୍ୱରେ ଏକ କମିଟି ଗୁରୁବାର ଖଜୁରୀପଦା ଗ୍ରାମକୁ ଯାଇ ମୃତକଙ୍କୁ ପରିବାରକୁ ଭେଟିଥିଲେ।



**ଡିଜିପିଙ୍କୁ ଭେଟିଲେ, କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲେ**

ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସୁନିତା ବିଶ୍ୱାଳ, ନିଶୀକାନ୍ତ ମିଶ୍ର ପ୍ରମୁଖ କର୍ମକର୍ତ୍ତା ଗୁରୁବାର ଡିଜିପିଙ୍କୁ କଟକ ମୁଖ୍ୟାଳୟରେ ଭେଟିଛନ୍ତି। ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ, ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସେମାନେ ଡିଜିପିଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ଗୁରୁବାର ସନ୍ଧ୍ୟାରେ ବାଙ୍କୀ ସାମ୍ବାଦିକ ସଂଘ ପକ୍ଷରୁ ବାଙ୍କୀ ବଜାରରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### ଆଟୁରେ ଲୁଚିଥିଲେ ଜିତେନ୍ଦ୍ର

ହତ୍ୟାକାଣ୍ଡ ପରେ ଜିତେନ୍ଦ୍ର ଫେରାର ହୋଇଯାଇଥିଲେ। ପରେ ଗାଁକୁ ଫେରି ନିଜ ଘରେ କିଛିଦିନ ହେବ ଲୁଚି ରହିଥିଲେ। ଖବରପାଇ ପୋଲିସ ପହଞ୍ଚି ତାଙ୍କ ଘରକୁ ଘେରିଯାଇଥିଲା। ଏହି ସମୟରେ ଜିତେନ୍ଦ୍ର ତାଙ୍କ ଚାଳ ଘରର ଆଟୁରେ ଲୁଚି ଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା।



ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟ ସମ୍ମୁଖରେ ଆକର୍ଷଣ ସାଜିଥିବା ରେଳଡବାର ବର୍ଜ୍ୟ ପଦାର୍ଥରେ ତିଆରି କଳାକୃତି।

# ଆକର୍ଷିତ କରୁଛି ରେଳଡବା ବର୍ଜ୍ୟରୁ ତିଆରି କଳାକୃତି

**ଭୁବନେଶ୍ୱର, ୨୦।୨(ବ୍ୟୁରୋ)**

ରେଳଡବାର ବର୍ଜ୍ୟ ପଦାର୍ଥରେ ତିଆରି ହୋଇଛି କଳାକୃତି। ଅବ୍ୟବହୃତ ଡିଜେଲ ଇଞ୍ଜିନ ସରଞ୍ଜାମରେ ଅତି ନିଖୁଣ ଭାବରେ ମନୁଷ୍ୟାକୃତି ପ୍ରତିଛବି ଓ କାରୁକାର୍ଯ୍ୟରେ ରୂପାନ୍ତରିତ କରାଯାଇଛି। ଏହି କଳାକୃତିରେ ଡିଜେଲ ରେଳ ଇଞ୍ଜିନର ଅବ୍ୟବହୃତ ପଦାର୍ଥ ଯଥା ମେଟାଲ, ନଟ-ବୋଲ୍ଟ, କ୍ୟାମ ଗିୟର, ସିଲିଣ୍ଡର ଲାଇନର, ଏକଜଷ୍ଟ ମାନିଫୋଲଡ, କୁଲିଂ ଟିୟୁବ, ପିଷ୍ଟନ୍ କ୍ୟାରିୟର ସହିତ ରଡ୍ ଓ ସ୍ପ୍ରିଙ୍ଗ, ସେଣ୍ଟ୍ରିଫ୍ୟୁଗ କଭର, ଏୟାର ବକ୍ସ କଭର, ବ୍ୟାଗି ଫିଲଟର ରଡ୍, ବେରିଂ, ବୋଲ୍ଟ ହେଡ୍ ଓ ପ୍ଲେଟ୍ ଏବଂ ଫିଲ୍ଟର ନେଟ୍ ବ୍ୟବହୃତ କରାଯାଇଛି। ରେଳ ସଦନ ମୁଖ୍ୟ ଫାଟକ ସାମ୍ନା ରାସ୍ତାରେ ଏହାକୁ ରଖାଯାଇଛି। ସେହି ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ କଳାକୃତିକୁ ଦେଖିବା ପାଇଁ କ୍ଷଣକ ଅଟକି ଯାଉଛନ୍ତି। ଅତି ନିଖୁଣ ଭାବେ ହୋଇଥିବା କଳାକୃତି ଲୋକଙ୍କ ଧ୍ୟାନକେନ୍ଦ୍ରିତ କରୁଛି। ଭୁବନେଶ୍ୱରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ ସହିତ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାଠାରେ ନୂତନ ଭାବେ ସ୍ଥାପିତ ସରକାରୀ ସ୍ତରରେ ଦେଶର ପ୍ରଥମ ବର୍ଜ୍ୟବସ୍ତୁରୁ ଉର୍ଜା ବା ଇନ୍ଧନ ପ୍ଲାଣ୍ଟ ନିର୍ମାଣ କରି ପୂର୍ବତଟ ରେଳପଥ ଇତିହାସ ସୃଷ୍ଟି କରିଛି। ଏବେ ପୂର୍ବତଟ ରେଳପଥ ରେଳ ଇଞ୍ଜିନର ବର୍ଜ୍ୟକୁ ଅନନ୍ୟ ଉପାୟରେ ଉପଯୋଗ କରି ଆହୁରି ଏକ ପରିବର୍ତ୍ତନ ଆଣିବାକୁ ପଦକ୍ଷେପ ନେଇଛି।

ବିଶାଖାପାଟଣାସ୍ଥିତ ଡିଜେଲ ଲୋକୋ ସେଡ୍‌ର କର୍ମଚାରୀମାନେ ଏହି କଳାକୃତି ତିଆରି କରିଛନ୍ତି। ସୂଚନା ଯେ, କର୍ମଚାରୀମାନେ ସେମାନଙ୍କ ଅବସର ସମୟରେ ଏହିଭଳି କାର୍ଯ୍ୟ କରିବା ପ୍ରତି ଆଗଭର ହେଉଥିବାବେଳେ ଅନ୍ୟମାନଙ୍କୁ ଏଭଳି କଳାକୃତି ଶିଖାଇବା ପାଇଁ ମଧ୍ୟ ପ୍ରୟାସ କରୁଛନ୍ତି। ଏହି ସବୁ କଳାକୃତିଗୁଡ଼ିକୁ ସେମାନଙ୍କ କାର୍ଯ୍ୟସ୍ଥଳରେ ସ୍ଥାପନ କରିବା ସହ ଅଦରକାରୀ ଓ ଅବ୍ୟବହୃତ ପଦାର୍ଥଗୁଡ଼ିକରୁ ମଧ୍ୟ ପଶୁପକ୍ଷୀ, ମାନବ ଓ ସଂସ୍କୃତିର ଛାପ, ଗାଡ଼ି ମୋଟର ଆଦି ବିଭିନ୍ନ ପ୍ରକାର ପ୍ରତିଛବି ନିର୍ମାଣ କରିଛନ୍ତି। ଏଗୁଡ଼ିକୁ ବିଶାଖାପାଟଣା ରେଳ ଷ୍ଟେଶନ, ରେଲଓ୍ୱେ ଷ୍ଟାଡିୟମ ଓ ଡିଜେଲ ଲୋକୋ ଶେଡ୍‌ଗୁଡ଼ିକରେ ସ୍ଥାପନ କରାଯାଇଛି। ଅଳ୍ପଦିନ ମଧ୍ୟରେ ଅବ୍ୟବହୃତ ବସ୍ତୁରେ ନିର୍ମିତ କେତେକ କଳାକୃତି ଅରକୁ ଷ୍ଟେଶନଠାରେ ସ୍ଥାପନ କରାଯିବ।



ବିଦ୍ୟା ଏପରି ଧନ, ଯାହାକୁ ଜ୍ଞାତିମାନେ ବାଣ୍ଟିନେଇ ପାରନ୍ତି ନାହିଁ। ଚୋର ମଧ ତାକୁ ଚୋରି କରିପାରେ ନାହିଁ।
- ଚାଣକ୍ୟ

# ପରିବେଶ ପର୍ଯ୍ୟଟନସ୍ଥଳୀରେ ବଢ଼ୁଛନ୍ତି ପର୍ଯ୍ୟଟକ

- ୧ କୋଟି ଟପିଲା ସାତକୋଶିଆ ଇକୋଟୁରିଜମ୍ ପ୍ରକଳ୍ପ ଆୟ
- ୨୦୧୯-୨୦ରେ ଆସିଛନ୍ତି ୪୫୦୦ ପର୍ଯ୍ୟଟକ



ଭୁବନେଶ୍ୱର,୨୦।୨(ବ୍ୟୁରୋ)

ନୟାଗଡ଼ ଜିଲାର ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଛୋଟ ଆଭ୍ୟନ୍ତରୀଣ ଗ୍ରାମ ବଡ଼ମୂଳ ସମ୍ପର୍କରେ ଦିନେ କେହି ଶୁଣି ନ ଥିଲେ କି ଜାଣି ନ ଥିଲେ। ହେଲେ ଆଜି ଏହି ଗାଁ ଦେଶ, ବିଦେଶର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଛି। ଓଡ଼ିଶାର ଏକ ପ୍ରମୁଖ ପରିବେଶ ପର୍ଯ୍ୟଟନସ୍ଥଳୀଭାବେ ଏହା ସାରା ବିଶ୍ୱରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ୨୦୧୬ରେ ମହାନଦୀ କୂଳରେ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର ଠିକ୍ ମଧ୍ୟଭାଗରେ ପ୍ରତିଷ୍ଠା ହୋଇଥିବା 'ସାତକୋଶିଆ ସ୍ୟାଣ୍ଡ୍ ରିସର୍ଟ ଆଣ୍ଡ ନେଚର କ୍ୟାମ୍ପ୍' ଲଗାତର ଦ୍ୱିତୀୟବର୍ଷ ପାଇଁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ଆଦାୟ କରି ରେକର୍ଡ ପ୍ରତିଷ୍ଠା କରିଛି। ପର୍ଯ୍ୟଟନ ଏବଂ ବନ ବିଭାଗର ମିଳିତ ଉଦ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ମୁଣ୍ଡ ଟେକିଥିବା ଏହି ଇକୋଟୁରିଜମ୍ ପ୍ରକଳ୍ପ ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ଏକ ଗ୍ରାମ କମ୍ୟୁନିଟି ପ୍ରୋଜେକ୍ଟ ମାଧ୍ୟମରେ ଏତେ ମୋଟାଅଙ୍କର ଲାଭାଂଶ ଅର୍ଜନ କରିବାରେ ସଫଳ ହୋଇଛି। କେବଳ ପରିବେଶ ପର୍ଯ୍ୟଟନ ନୁହେଁ, ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ମଧ ଏହା ଏକ ମଡେଲ ଗ୍ରାମରେ ପରିଣତ ହୋଇଛି।



ବଡ଼ମୂଳସ୍ଥିତ 'ସାତକୋଶିଆ ସ୍ୟାଣ୍ଡ୍ ରିସର୍ଟ ଆଣ୍ଡ ନେଚର କ୍ୟାମ୍ପ୍'।

ବଡ଼ମୂଳର ୩୪ଜଣ ବାସିନ୍ଦାଙ୍କ ଦ୍ୱାରା ପରିଚାଳିତ ଏହି ନେଚର କ୍ୟାମ୍ପ୍ ୨୦୧୮-୧୯ ଆର୍ଥିକବର୍ଷରେ ମୋଟ ୧.୩ କୋଟି ଟଙ୍କାର ରାଜସ୍ୱ ଦେବା ସହ ୪୪୫୦ ଦେଶୀ, ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିଲା। ତନ୍ମଧ୍ୟରେ ଜର୍ମାନ, ଫ୍ରାନ୍ସ ଏବଂ ବ୍ରିଟେନ୍ ଭଳି ରାଷ୍ଟ୍ରରୁ ୨୦%ରୁ ଅଧିକ ବିଦେଶୀ ପର୍ଯ୍ୟଟକ ରହିଥିଲେ। ସେହିଭଳି ୨୦୧୯-୨୦ ଆର୍ଥିକବର୍ଷରେ ଫେବୃୟାରୀ ସୁଦ୍ଧା ଏଠାକୁ ୪୫୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିସାରିଥିବା ବେଳେ ରାଜସ୍ୱ ଆୟ ୧ କୋଟି ଟପିଯାଇଛି। ପ୍ରାକୃତିକ ପରିବେଶର ଶୋଭା ସାଙ୍ଗକୁ ବାର୍ଡିଂ, ବୋଟିଂ, ସାଇକ୍ଲିଂ, ଟ୍ରେକିଂ, ସ୍ପୋର୍ଟସ, ଫାର୍ମ ଭିଜିଟ୍, ଭିଲେଜ୍ ଟୁର୍, କ୍ୟାନପି ୱାକ୍ ଭଳି ବିଭିନ୍ନ ପ୍ରକାର ଆକ୍ଟିଭିଟି ଏଠାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଅନ୍ୟପକ୍ଷରେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିବାବେଳେ ଏହା ଏବେ ସଫଳ ହୋଇଛି। ବଡ଼ମୂଳ ସହ ଏହାର ଆଖପାଖ ୫ରୁ ୬ ଗ୍ରାମର ଗ୍ରାମବାସୀଙ୍କ ଆର୍ଥିକାବସ୍ଥାର ଉନ୍ନତି ଘଟିଛି। ପ୍ରକଳ୍ପ ସହ ଜଡ଼ିତ ପରିବାର ପୂର୍ବରୁ ୨୦ ହଜାର ଟଙ୍କାର ବାର୍ଷିକ ଆୟ କରୁଥିବା ବେଳେ ଏବେ ତାହା ଦେଢ଼ ଲକ୍ଷରୁ ୨ଲକ୍ଷ ହୋଇଛି। ସେହିଭଳି ବନ୍ୟଜନ୍ତୁଙ୍କ ଶିକାର କରି ଚଳୁଥିବା ଗ୍ରାମବାସୀ ଶିକାରୀ ପରିବର୍ତ୍ତେ ବନ୍ୟଜନ୍ତୁ ସଂରକ୍ଷକ ପାଲଟିଛନ୍ତି। ବିଭାଗ ଦ୍ୱାରା ଆୟୋଜିତ ହେଉଥିବା 'ପୋଚର୍ସ ଟର୍ନଡ୍ ପ୍ରୋଟେକ୍ଟର୍ସ ଅଫ୍ ସାତକୋଶିଆ' କାର୍ଯ୍ୟକ୍ରମ ଏଠାକାର ଶିକାରୀମାନଙ୍କୁ ବୋଟ୍‌ମ୍ୟାନ୍, ଇକୋ ଗାଇଡ୍, ଆକାଉଣ୍ଟାଣ୍ଟ୍, ରୋଷେୟା, ସର୍ଭିସ୍ ପର୍ସନ୍, ମ୍ୟାନେଜର ଆଦିରେ ପରିଣତ କରିଛି।

## ଶିମିଳିପାଳ, ଦେବ୍ରୀଗଡ଼, ଦାରିଙ୍ଗବାଡ଼ିରେ ବଢ଼ୁଛି ପର୍ଯ୍ୟଟକ ସଂଖ୍ୟା

ଅନ୍ୟପକ୍ଷରେ କେବଳ ବଡ଼ମୂଳ ନୁହେଁ, ଶିମିଳିପାଳ ନେଚରକ୍ୟାମ୍ପ୍ ଚଳିତ ଆର୍ଥିକବର୍ଷରେ ୧ କୋଟି ୭ ଲକ୍ଷ ଟଙ୍କାର ରାଜସ୍ୱ ଆୟ କରିଛି, ଯାହାକି ଗତବର୍ଷ ଠାରୁ ଢେର୍ ଅଧିକ ବୋଲି ଇକୋଟୁରିଜମ୍ ଡିସିଏଫ୍ ଅଂଶୁ ପ୍ରଜ୍ଞା ଦାସ କହିଛନ୍ତି। ସେହିଭଳି ଦେବ୍ରୀଗଡ଼ ଇକୋଟୁରିଜମ୍ ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା ୭୫ ଲକ୍ଷ ଟଙ୍କା ଆୟ କରିଥିବାବେଳେ ଦାରିଙ୍ଗବାଡ଼ି ପ୍ରକଳ୍ପ ଗତବର୍ଷଠାରୁ ଦୁଇଗୁଣା ଅଧିକ ଲାଭ କରିଛି। ଭିତରକନିକା ପରିବେଶ ପର୍ଯ୍ୟଟନସ୍ଥଳୀ ୭୦ ଲକ୍ଷ ଟଙ୍କାର ରାଜସ୍ୱ ଆୟ କରିଥିବାବେଳେ ଅନ୍‌ଲାଇନ୍ ବୁକିଂ, ଜଙ୍ଗଲ ସଫାରୀ, ଦୁଃସାହସିକ କ୍ରୀଡ଼ା ଭଳି ବ୍ୟବସ୍ଥା ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି।

## ସଂକ୍ଷେପରେ

### ୭ ଚୋରି ମୋବାଇଲ ଜବତ, ୪ ଗିରଫ

ଭୁବନେଶ୍ୱର,୨୦।୨(ବ୍ୟୁରୋ): ଖଣ୍ଡଗିରି ଥାନା ଅଞ୍ଚଳରେ ବିଭିନ୍ନ ହସ୍ପିଟାଲ ଓ କାର୍ଯ୍ୟାଳୟରେ ମୋବାଇଲ ଲୁଟ କରିଥିବା ଅଭିଯୋଗରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଘାଟିକିଆ ଅଞ୍ଚଳରେ ଅମିତ ନାୟକ, ଶ୍ରୀମନ୍ତ ସେଠୀ, ରଞ୍ଜନ ସେଠୀ। ପୋଲିସ ସେମାନଙ୍କଠାରୁ ୭ଟି ମୋବାଇଲ ଫୋନ ଜବତ କରିଛି। ସୂଚନା ମୁତାବକ, ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳରେ ରହୁଥିବା ନିରଞ୍ଜନ ପ୍ରଧାନ କୌଣସି କାର୍ଯ୍ୟରେ ମଙ୍ଗଳବାର ଖଣ୍ଡଗିରିସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଆସିଥିଲେ। ସେଠାରେ ତାଙ୍କର ମୋବଇଲ ଚୋରି ହେବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୧୨୫/୨୦ରେ ମାମଲା ରୁଜୁ କରି ମୋବଇଲ ଫୋନକୁ ଟ୍ରାକ କରି ପ୍ରଥମେ ଅମିତଙ୍କୁ ଧରିଥିଲା। ତାଙ୍କୁ ପଚରାଉଚୁରା ପରେ ସହଯୋଗୀ ରଞ୍ଜନ ଓ ଶ୍ରୀମନ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଆଉ ୬ଟି ଚୋରା ମୋବାଇଲ ଜବତ କରିଥିଲା। ସେହିପରି ବୁଧବାର ସନ୍ଧ୍ୟାରେ ବରମୁଣ୍ଡା ଅଞ୍ଚଳରେ ରହୁଥିବା ଜସପ୍ରତି ମହାନ୍ତିଙ୍କ ନିକଟରୁ ବସଷ୍ଟାଣ୍ଡ ଅଞ୍ଚଳରେ ଜଣେ ଯୁବକ ମୋବାଇଲ ଛଡାଉଥିବା ବେଳେ ସ୍ଥାନୀୟଲୋକେ କାବୁ କରି ମାଡ଼ ମାରି ପୋଲିସ ଜିମାରେ ଦେଇଛନ୍ତି। ସେ ହେଲେ ଝାଡ଼ଖଣ୍ଡ ସାହେବଗଞ୍ଜ ଥାନା ଅଞ୍ଚଳର ଗୋବିନ୍ଦ କୁମାର ମାହାତ। ପୋଲିସ ପଚରାଉଚରା ପରେ ନଂ. ୧୨୯/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘ ନିର୍ବାଚନ

ଭୁବନେଶ୍ୱର, ୨୦।୨(ବ୍ୟୁରୋ): ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପରିଚାଳନା କରିବା ଲାଗି ଗଠିତ ନିର୍ବାଚନ କମିଶନ ନବନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଡ. ମାନସ ବେହେରା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଡ. ଦେବାଶିଷ ମହାନ୍ତି ସମ୍ପାଦକ, ଡ. ରବୀନ୍ଦ୍ର କୁମାର ପ୍ରଧାନ ଉପସଭାପତି, ବିଶ୍ୱଜିତ ପ୍ରଧାନ ଯୁଗ୍ମ ସମ୍ପାଦକ ଓ ଅଭିଷେକ ଉପାଧ୍ୟାୟ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହାସହ କେନ୍ଦ୍ରୀୟ ପରିଷଦର ସଭ୍ୟ ଭାବେ ୩, ଆଞ୍ଚଳିକ ଉପସଭାପତି ଭାବେ ୪ ଓ ଆଞ୍ଚଳିକ ସଂଯୋଜକ ଭାବେ ୪ଜଣ ମଧ ନିର୍ବାଚିତ ହୋଇଛନ୍ତି। ଏହି ନୂତନ କାର୍ଯ୍ୟକାରୀ କମିଟି ଆସନ୍ତା ୨ବର୍ଷ ପାଇଁ କାର୍ଯ୍ୟ କରିବ। ଡ. ଦେବେନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଏକ ୪ ଜଣିଆ ନିର୍ବାଚନ ଆୟୋଗ ନିର୍ବାଚନ ପରିଚାଳନା କରୁଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରୀ ଶିକ୍ଷକ ସଂଘ ରାଜ୍ୟର ଏକ ସର୍ବ ପୁରାତନ ସଂଘ ଭାବେ ୧୯୪୬ରୁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ। ଆସନ୍ତା ୨୩ ତାରିଖ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥ ଉତ୍ସବ ରାଜଧାନୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ସୂଚନା ଯେ, ସଭାପତି ମାନସ ବେହେରା ସମ୍ପ୍ରତି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ସମ୍ପାଦକ ଡ. ଦେବାଶିଷ ମହାନ୍ତି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧାପକ ଅଛନ୍ତି। ସଭାପତି ଡ. ବେହେରା ନିଜସ୍ୱ ପ୍ରତିକ୍ରିୟାରେ ନିର୍ବାଚନ ଆୟୋଗକୁ ନିର୍ବାଚନର ସୁପରିଚାଳନା ପାଇଁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସଂଘ ଶିକ୍ଷକମାନଙ୍କ ମର୍ଯ୍ୟାଦା ଅଧିକାର ଓ ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

### ୨୪ରୁ ପୁଣି ସମବାୟ କର୍ମଚାରୀଙ୍କ ଧାରଣା

ପୁରୀ ଅଫିସ, ୨୦।୨: ୟୁନାଇଟେଡ ପୁରୀ-ନିମାପଡ଼ା ସମବାୟ ବ୍ୟାଙ୍କ ଅଧୀନ ଶତାଧିକ କର୍ମଚାରୀ ବିଭିନ୍ନ ଦାବି ନେଇ ୨୪ତାରିଖରୁ ଧାରଣାରେ ବସିବେ। ପୂର୍ବରୁ ବିଭିନ୍ନ ଦାବି ନେଇ ସେମାନେ ବ୍ୟାଙ୍କ ଆଗରେ ଧାରଣା ଦେଇଥିଲେ। ଦାବି ପୂରଣ ତଥା ସମସ୍ୟା ସମାଧାନ ଦିଗରେ ପ୍ରତିଶ୍ରୁତି ଦେଇ କର୍ତ୍ତୃପକ୍ଷ ଅଣଦେଖା କରୁଛନ୍ତି। ତେଣୁ ପୁଣି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଗୁରୁବାର ଏକ ପ୍ରେସ ବିବୃତିରେ କୁହାଯାଇଛି।

# ଓଡ଼ିଶା ଅଭିଭାବକ ସଂଘ ପକ୍ଷରୁ ଓଏଚ୍‌ଆର୍‌ସିରେ ଅଭିଯୋଗ

## ଅଟୋରୁ ଖସି ଛାତ୍ରଙ୍କ ମୃତ ଘଟଣା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଦିଗପହଣ୍ଡିର ପୁଞ୍ଜିକନ୍ୟା ଶିଶୁମନ୍ଦିରର ପ୍ରଥମ ଶ୍ରେଣୀ ଛାତ୍ର ଅଜୟ ପ୍ରଧାନ ସ୍କୁଲ ଯିବା ସମୟରେ ଅଟୋରାରୁ ଖସିପଡି ମୃତ ଘଟଣାରେ ଓଡ଼ିଶା ଅଭିଭାବକ ସଂଘ ପକ୍ଷରୁ ଗୁରୁବାର ରାଜ୍ୟ ମାନବ ଅଧିକାର କମିଶନ (ଓଏଚଆରସି)ଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏହି ଘଟଣାରେ ଓଏଚ୍‌ଆରସି ହସ୍ତକ୍ଷେପ କରି କ୍ଷତିପୂରଣ ବାବଦରେ ୨୫ଲକ୍ଷ ଟଙ୍କା ପରିବାରକୁ ଦେବା ସହ ଅବହେଳା ପ୍ରଦର୍ଶନ କରିଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସଂଘ ଦାବି କରିଛି। ସଂଘର ସହ ଅଧକ୍ଷ ପ୍ରସନ୍ନ ବିଶୋଇଙ୍କ ଅଭିଯୋଗ ମୁତାବକ, ଅଟୋରେ ୧୫ରୁ ଊର୍ଦ୍ଧ୍ୱ ଛାତ୍ର ବୋଝ ଲଦିଲା ଭଳି ବସି ଯାଉଥିଲେ। ଡ୍ରାଇଭର ହଠାତ ବ୍ରେକ ମାରିବାରୁ ଅଜୟ ଛିଟିକି ପଡ଼ି ମୁଣ୍ଡରେ ଗଭୀର କ୍ଷତ ଲାଗିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ୨୦୧୬ ପରିବହନ ନିୟମ ଅନୁଯାୟୀ, ଜିଲାପାଳଙ୍କ ଅଧକ୍ଷତାରେ ପରିବହନ ଅଧିକାରୀ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନେଇ ଏକ ପରିବହନ କମିଟି ଗଠନ କରିବାର ବ୍ୟବସ୍ଥା ରହିଛି। ଏଯାବତ୍ ଏପରି କମିଟି ଗଠନ କରାଯାଇ ନାହିଁ। ଏହି କମିଟି ଗଠନ ହେଲେ ପିଲାଙ୍କୁ ନେଇ ଯାଉଥିବା ଗାଡିର ଫିଟନେସ, ପରିବହନ କ୍ଷମତା ସୁରକ୍ଷା ସମ୍ବନ୍ଧୀୟ ପଦକ୍ଷେପ ହୋଇପାରନ୍ତା। ଏ ସଂକ୍ରାନ୍ତରେ ଅଭିଭାବକ ସଂଘ ଗତ ବର୍ଷ ଜୁନ ୨୧ରେ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହାର ତର୍ଜମା କରି ମାନବାଧିକାର କମିଶନ, ପରିବହନ କମିଶନର, ଗଣଶିକ୍ଷା ବିଭାଗ ସଚିବଙ୍କୁ ଏ ନେଇ ପରିବହନ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଧିକାରୀମାନେ ଏଥିରେ ଅବହେଳା କରିବାରୁ ଏପରି ଅଘଟଣ ଘଟିଛି ବୋଲି ସଂଘ ଅନୁଭବ କରିଛି। ତେଣୁ ଜିଲାପାଳ, ପରିବହନ କମିଶନର ଓ ଗଣାଶିକ୍ଷା ବିଭାଗଙ୍କ ସଚିବଙ୍କ ଦାୟିତ୍ୱହୀନତା ପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

## ଶିଶୁ ସୁରକ୍ଷା କମିଶନଙ୍କୁ ଭେଟିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଦିଗପହଣ୍ଡିର ପ୍ରଥମ ଶ୍ରେଣୀ ଛାତ୍ର ଅଜୟ ପ୍ରଧାନ ଅଟେରାରୁ ଖସିପଡି ମୃତ ଘଟଣାରେ ସମାଜବାଦୀ ପାର୍ଟୀ ଗୁରୁବାର ଶିଶୁ ସୁରକ୍ଷା କମିଶନଙ୍କୁ ଭେଟିବା ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ବିଭାଗ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ବିପ୍ପଜନକ ଓ ଅସୁରକ୍ଷିତ ପରିବହନ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଶିଶୁ ସୁରକ୍ଷା ପ୍ରତି ସ୍କୁଲ କର୍ତ୍ତୃପକ୍ଷ, ପରିବହନ ବିଭାଗ, ସର୍ବୋପରି ରାଜ୍ୟ ସରକାର କେତେ ଉଦାସିନ ବୋଲି ପାର୍ଟୀ ସଭାପତି ରବି ବେହେରା ଏବଂ କର୍ମମର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି। ଅଟୋରେ ୧୨ରୁ ୧୫ ପିଲା ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା କରୁଛନ୍ତି। ଏ ଦିଗରେ ବିଭିନ୍ନ ସମୟରେ କୋର୍ଟ ଯେଉଁ ସର୍ତ୍ତବଳୀ ରହିଛି, ତାହାର ଅନୁପାଳନ ହେଉନାହିଁ। ସ୍କୁଲ କର୍ତ୍ତୃପକ୍ଷ, ପରିବହନ ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଜିଲାପାଳ, ଏସ୍‌ପି ଓ ସର୍ବୋପରି ରାଜ୍ୟ ସରକାରଙ୍କୁ ଶିଶୁ ସୁରକ୍ଷା କମିଶନଙ୍କ ପକ୍ଷରୁ ଗୁରୁବାର ଏକ ନୋଟିସ ଜାରି କରାଯାଇଛି। ଏ ନେଇ ମକଦ୍ଦମା ନଂ ୭୩/୨୦୨୦ରେ ଇସୁ କରାଯାଇଛି। ଏହି ନୋଟିସର ଉତ୍ତର ଦେବା ପାଇଁ କମିଶନର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ନୋଟିସର ଉତ୍ତର ପାଇବା ପରେ କମିଶନର ସନ୍ଧ୍ୟାବତୀ ପ୍ରଧାନ ଏ ଦିଗରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିନିଧିବୃନ୍ଦଙ୍କୁ ଦୃଢ ପ୍ରତିଶ୍ରୁତି ଦେଇଛନ୍ତି।

# ସି.ଭି.ରମଣ କଲେଜ ଛାତ୍ରଙ୍କ ସଫଳତା




ଭୁବନେଶ୍ୱର,୨୦।୨: ମୁମ୍ବାଇସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ୱେଲଡିଂ (ଆଇଆଇଡବ୍ଲ୍ୟୁ) ପକ୍ଷରୁ ଜାତୀୟ ୱେଲଡିଂ ପ୍ରତିଯୋଗିତାରେ ସି.ଭି. ରମଣ କଲେଜ ମେକାନିକାଲ ବିଭାଗ ତୃତୀୟ ବର୍ଷ ଛାତ୍ର ସୋରିନ ଦାସ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ପଞ୍ଚମ ଅନ୍ତର୍ଜାତୀୟ ୱେଲଡିଂ କଂଗ୍ରେସ ଆନୁକୂଲ୍ୟରେ ଇଣ୍ଡିଆ ଆୱାର୍ଡ ଫର ଆସ୍ପିରାଣ୍ଟ ୱେଲଡିଂ ଇଞ୍ଜିନିୟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଇଆଇଡବ୍ଲ୍ୟୁର ଦ୍ୱିତୀୟ ପର୍ଯ୍ୟାୟ ଜାତୀୟ ୱେଲଡିଂ ପ୍ରତିଯୋଗିତାରେ ସୋରିନ ସଫଳତା ହାସଲ କରିଛନ୍ତି। ଏହି ଅବସରରେ ଆଇଆଇଡବ୍ଲ୍ୟୁ ପ୍ରେସିଡେଣ୍ଟ ପରିମଳ ବିଶ୍ୱାସ ସୋରିନଙ୍କୁ ମାନପତ୍ର ସହ ପୁରସ୍କାର ବାବଦ ଅର୍ଥ ରାଶି ପ୍ରଦାନ କରିଛନ୍ତି। ଏହି ସଫଳତା ଲାଗି ସି.ଭି. ରମଣ କଲେଜର ଅଧକ୍ଷ ସଞ୍ଜୀବ କୁମାର ରାଉତ, ମେଣ୍ଟର ପ୍ରଫେସର ତୁଷାରକାନ୍ତି ଭଟାଚାର୍ଯ୍ୟ, ସୁଶୋଭନ ବାସାକ୍ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସିଲ୍ ହେଲା ପଟିଆ ମାରୁତି ମଲ୍

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

- ଆପାତ୍‌କାଳୀନ ସ୍ଥିତିରେ ବସିଲା ମୋବାଇଲ୍ ଓଡିଏ କୋର୍ଟ
- ଯାତାୟାତ, ପରିମଳ, ଅଗ୍ନି ନିରାପତ୍ତା ଓ ପାର୍କିଂ ନିୟମ ଉଲ୍ଲଂଘନ
- ମଲ୍ କୋଠା ମାଲିକ ଜିତେନ୍ଦ୍ର ସିଂହଙ୍କୁ ବିଏମ୍‌ସିର ନୋଟିସ୍
- ଉଚ୍ଛେଦ ହେଲା ଉଠା ଓ ଅସ୍ଥାୟୀ ଦୋକାନ

ଭୁବନେଶ୍ୱର ପଟିଆସ୍ଥିତ ମାରୁତି ମଲ୍ ସିଲ୍ ହୋଇଛି। ଗୁରୁବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ କୋଠାକୁ ସିଲ୍ କରାଯାଇଛି। ଏଠାରେ ସର୍ବସାଧାରଣଙ୍କ ପାଇଁ ଯାତାୟାତ, ପରିମଳ, ଅଗ୍ନି ନିରାପତ୍ତା ଓ ପାର୍କିଂ ନିୟମକୁ ବ୍ୟାପକ ଭାବେ ଉଲ୍ଲଂଘନ କରାଯାଇଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ବିଡିଏର ବିଲ୍ଡିଂ ପ୍ଲାନ୍ ମୁତାବକ ମାରୁତି ମଲ୍‌ରେ କାର୍ଯ୍ୟ କରାଯାଉ ନ ଥିବା ଓ ଆବଶ୍ୟକ କାଗଜପତ୍ର ନ ଥିବାରୁ ମଲ୍ କୋଠା ମାଲିକ ଜିତେନ୍ଦ୍ର ସିଂହଙ୍କୁ ନୋଟିସ୍ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



ଅଧିକାରୀମାନେ ମଲ୍‌କୁ ସିଲ୍ କରୁଛନ୍ତି।



ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

ସକାଳେ ପଟିଆ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ଏହି ସମୟରେ ସ୍ଥାନୀୟ ଲୋକେ ମଲ୍ ନାଁରେ ଆବଶ୍ୟକ ବିଭିନ୍ନ ପ୍ରମାଣପତ୍ର ନ ଥିବା ଓ ମଲ୍ ପାଇଁ ସାଧାରଣ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଗୁରୁତର ଅଭିଯୋଗ ଆଣିଥିଲେ। ଏହାପରେ ବିଏମ୍‌ସି କର୍ତ୍ତୃପକ୍ଷ ଆପାତକାଳୀନ ସ୍ଥିତିରେ ଘଟଣାସ୍ଥଳରେ ଓଡିଏ କୋର୍ଟ ବସାଇଥିଲେ। ଉକ୍ତ ବିଲ୍ଡିଂର ଅଗ୍ନିଶମ ନିରାପତ୍ତା ପ୍ରମାଣପତ୍ର ନ ଥିବା ଜଣାପଡିଥିଲା। ପାର୍କିଂ ପାଇଁ ସ୍ଥାନ ରହିଛି ବୋଲି ମଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲେ ମଧ ବାସ୍ତବରେ ସେପରି ବ୍ୟବସ୍ଥା ହୋଇ ନ ଥିବା ନେଇ ମୋବାଇଲ୍ କୋର୍ଟରେ ପ୍ରମାଣିତ ହୋଇଥିଲା। ପାର୍କିଂ ସ୍ଥାନକୁ ଗୋଦାମ ଭାବେ ବ୍ୟବହାର କରାଯାଉଥିଲା। ଫଳରେ ଲୋକେ ବାହାରେ ଗାଡ଼ି ପାର୍କିଂ କରିବାରୁ ଯାତାୟାତ ସମସ୍ୟା ଉପୁଜୁଥିଲା। ବ୍ୟାପକ ନିୟମ ଉଲ୍ଲଂଘନ ଓ ଅନିୟମିତତା ତଥା ଅବ୍ୟବସ୍ଥାର ପ୍ରମାଣ ମିଳିଥିଲା। ଏହାପରେ ବିଚାର ଭାର ଗ୍ରହଣ କରିଥିବା ବିଏମ୍‌ସି ଡ଼େପୁଟି କମିଶନର, ରାଜସ୍ୱ ତଥା ଓଡ଼ିଏ କୋର୍ଟର ସ୍ୱତନ୍ତ୍ର ଅଧିକାରୀ ଶ୍ରୀମନ୍ତ ମିଶ୍ର ମାରୁତି ମଲ୍‌କୁ ଅସୁରକ୍ଷିତ ବୋଲି ଘୋଷଣା କରିଥିଲେ। ଏହାପରେ ମଲ୍‌କୁ ବନ୍ଦ କରାଯାଇ ତାଲାରେ ଜଉମୁଦ ଦିଆଯାଇ ସିଲ୍ କରାଯାଇଥିଲା।

ଅନ୍ୟପକ୍ଷରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ମଲ୍ ନିକଟ ମାଗ୍‌ନେଟିକ୍ ଛକ ଓ ଆଖପାଖରେ ଜବରଦଖଲ କରି ରହିଥିବା ଉଠା ତଥା ଅସ୍ଥାୟୀ ଦୋକାନକୁ ବୁଲ୍ ଡୋଜର ଲଗାଇ ଭାଙ୍ଗି ଦିଆଯାଇଥିଲା।




ମ୍ୟାଗ୍‌ନେଟିକ୍ ଛକ ନିକଟରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

# ଇଞ୍ଜିନିୟରଙ୍କଠାରୁ ଲୁଟ୍ ବାଇକ୍, ମୋବାଇଲ ଜବତ

## ୨ ଗିରଫ, ସହଯୋଗୀ ଫେରାର

ଭୁବନେଶ୍ୱର,୨୦।୨(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡା ଅଞ୍ଚଳରେ ରାତିରେ କାମ ସାରି ଘରକୁ ଫେରୁଥିବା ଜଣେ ଇଞ୍ଜିନିୟରଙ୍କ ବାଇକ୍ ଓ ମୋବାଇଲ ଲୁଟପାଟ କରିଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳର ଆଜାରୁଦ୍ଦିନ ଶାହା ଓ ଗୋପାଳ ବିଶ୍ୱାଳ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଚୋରି ବାଇକ୍ ଓ ମୋବାଇଲ ଉଦ୍ଧାର କରିଛି।

ପୋଲିସ ସୂଚନା ମୁତାବକ, କଟକ ବାଦାମବାଡ଼ିସ୍ଥିତ ଏକ ଘରୋଇ କମ୍ପାନୀରେ ସୌରଭ ଶତପଥୀ ଇଞ୍ଜିନିୟର ଚାକିରି କରିବା ସହ ପଟିଆ ଅଞ୍ଚଳରେ ରହୁଥିଲେ। ୨୦୧୯ ଅଗଷ୍ଟ ୧୭ ରାତିରେ ସେ ଅଫିସ କାମ ସାରି ଘରକୁ ଫେରୁଥିଲେ। ଭୋଟପଡା ଅଞ୍ଚଳରେ ଥିବା ସାଇଫୋନ ବୁଲାଣି ନିକଟରେ ୨ ଅଭିଯୁକ୍ତ ତାଙ୍କ ସହଯୋଗୀ ସହ ସୌରଭଙ୍କୁ ଅଟକାଇ ଥିଲେ। ଏଥିସହ ତାଙ୍କ ନିକଟରୁ ବଳପୂର୍ବକ ବାଇକ୍ ଓ ମୋବାଇଲ ଛଡାଇ ଫେରାର ହୋଇ ଯାଇଥିଲେ। ଏ ନେଇ ସୌରଭ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩୪୧/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ମୋବଇଲ ଫୋନକୁ ଟ୍ରାକ କରି ପୋଲିସ ୨ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ଗିରଫ କରିଥିଲା। ଏଥିସହ ଅଭିଯୁକ୍ତଙ୍କ ନିକଟରୁ ବାଇକ୍ ଓ ମୋବାଇଲ ଜବତ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ସହଯୋଗୀ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ୨ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ୨ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



"ବୃଦ୍ଧା, ବାଳିକା ଓ ଯୁବତୀ ସ୍ତ୍ରୀଙ୍କୁ ଦେଖି ସେମାନଙ୍କୁ ମାତା, କନ୍ୟା ଓ ଭଗ୍ନୀ ରୂପରେ ଚିନ୍ତା କରିବା ହେଉଛି ସର୍ବଶ୍ରେଷ୍ଠ ବ୍ରହ୍ମଚର୍ଯ୍ୟ, ଯାହାକୁ ତିନିଲୋକରେ ପୂଜ୍ୟ ଅଟେ।

- ଭଗବାନ ବୁଦ୍ଧ



# ରାଜସ୍ୱ ଆଦାୟ କରି ନ ପାରିଲେ ବେତନ ହେବ ବନ୍ଦ

## ରାଜସ୍ୱ ଆଦାୟ ନେଇ ବିଏମ୍‌ସିର କଡ଼ା ଆଭିମୁଖ୍ୟ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ରାଜସ୍ୱ ଆଦାୟ ସନ୍ତୋଷଜନକ ନ ହେଲେ କର୍ମଚାରୀଙ୍କ ବେତନ ବନ୍ଦ ହେବ। ରାଜସ୍ୱ ଆଦାୟ ନେଇ ଏପରି କଡ଼ା ଆଭିମୁଖ୍ୟ ନେଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ରାଜସ୍ୱ ଆଦାୟରେ ରହିଥିବା ନୀତିନିୟମ, ସମୟ, ଆକଳନ ବ୍ୟବସ୍ଥା ଏବଂ ସର୍ବୋପରି ଆଦାୟ ଦାୟିତ୍ୱ ନ୍ୟସ୍ତ ରହିଥିବା କର୍ମଚାରୀ ଓ ଅଧିକାରୀଙ୍କ ତତ୍ପରତାକୁ ଗୁରୁତ୍ୱ ଦେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଏହା କହିଛନ୍ତି। ବିଏମ୍‌ସି କମିଶନର ଚୌଧାରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ରାଜସ୍ୱ ଆଦାୟ ଜନିତ ସମୀକ୍ଷା ବୈଠକରେ କେତେକ ଦୃଢ଼ ନିଷ୍ପତ୍ତି ନିଆଯାଇଥିବା ଗୁରୁବାର ବିଏମ୍‌ସି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

ରାଜସ୍ୱ ଆଦାୟରେ ସମ୍ପୃକ୍ତ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ରାଜସ୍ୱ ଆଦାୟରେ ସମୟାନୁବର୍ତ୍ତିତା, ସ୍ୱଚ୍ଛତା ରଖିବାକୁ ବାରମ୍ବାର ଚେତାବନୀ ଦିଆଯାଇଥିଲା। ଏତେ ସତ୍ତ୍ୱେ ରାଜସ୍ୱ ଆଦାୟ ଆଶା ତଥା ଲକ୍ଷ୍ୟ ମୁତାବକ ହେଉନାହିଁ। ପୁନଃ ଆକଳନ ତଥା ନୂଆ ଆକଳନରେ କାର୍ଯ୍ୟକାରିତା ଦୃଷ୍ଟାନ୍ତଯୋଗ୍ୟ ହେଉନାହିଁ। ଫଳରେ ବିଏମ୍‌ସି ପକ୍ଷରୁ ଏପରି ସ୍ୱତନ୍ତ୍ର ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କମିଶନର ଚୌଧାରୀ କହିଛନ୍ତି। ତେଣୁ ରାଜସ୍ୱ ଆଦାୟରେ ସମ୍ପୃକ୍ତ ୱାର୍ଡ ଅଫିସର ଏବଂ ୱାର୍ଡ ସୁପରଭାଇଜରଙ୍କର ଦୈନିକ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷାରେ ନୂଆ ଆକଳନ, ରାଜସ୍ୱ ଆଦାୟ ଏବଂ ଅନ୍‌ଲାଇନ୍ ଏଣ୍ଟ୍ରିକୁ ବିଚାରକୁ ନିଆଯିବ। ଦାୟିତ୍ୱରେ ଥିବା ୱାର୍ଡ ଅଫିସର ଏହା ସତ୍ତ୍ୱେ ଯଦି ନିଜର କାର୍ଯ୍ୟକାରିତା ପ୍ରମାଣ କରି ନ ପାରନ୍ତି ଏବଂ ତାଙ୍କର ରାଜସ୍ୱ ଆଦାୟ ସନ୍ତୋଷଜନକ ନ ହୁଏ ତେବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଫେବୃୟାରୀ ଓ ମାର୍ଚ୍ଚରେ ସେମାନଙ୍କ ବେତନ ବନ୍ଦ ହେବ ବୋଲି ଚେତାଇ ଦିଆଯାଇଛି।

ସେହିପରି କେନ୍ଦ୍ର ଓ ରାଜ ସରକାର ଗୃହଗୁଡ଼ିକର ବକେୟା ବାବଦରେ ଆଲୋଚନା କରାଯାଇ ଏହାର ତୁରନ୍ତ ବିବରଣୀ ଦେବାକୁ ସମସ୍ତ ଜୋନାଲ୍ ଡେପୁଟି କମିଶନର ଏବଂ ଡେପୁଟି କମିଶନର ରାଜସ୍ୱଙ୍କୁ କୁହାଯାଇଛି। ଏହା ସାଙ୍ଗକୁ ସମସ୍ତ ବ୍ୟବସାୟିକ, ରେଣ୍ଟାଲ୍ ଏବଂ ବଡ଼ ଆପାର୍ଟମେଣ୍ଟର ପରିସରକୁ ପୁଣି ଆକଳନ କରି ଯଥାଶୀଘ୍ର ବକେୟା ରାଜସ୍ୱ ଆଦାୟ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଏ ପ୍ଲାନ୍ ଅନୁମୋଦନ ଆଧାରରେ ସମସ୍ତ ଚନ୍ଦକା ଏବଂ ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଗୃହର ପୁନଃ ଆକଳନ କରି ବକେୟା ଏବଂ ବର୍ତ୍ତମାନର ଟିକସ ପରିମାଣକୁ ସ୍ଥିର କରିବାକୁ କୁହାଯାଇଛି। ଅନୁରୂପ ଭାବେ ଇନ୍ଦ୍ରଧନୁ ମାର୍କେଟର ହୋଲ୍ଡିଂ ଟ୍ୟାକ୍ସ ଆଦାୟ ପାଇଁ ଗୁରୁତ୍ୱ ଦିଆଯିବା ସହ ବକେୟା ଆଦାୟ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷେ, ପ୍ରପର୍ଟି ଡେଭେଲପରଙ୍କର ଏନ୍‌ଓସି ବାବଦକୁ ବିଏମ୍‌ସିକୁ ପ୍ରାୟ ୩୦ କୋଟି ଟଙ୍କା ଦେବାକୁ ଥିବାବେଳେ ଏନ୍‌ଓସି ଶୁଳ୍କ ନ ଦେଇ ଉକ୍ତ ବିଲ୍‌ଡରମାନେ ଘର ବିକ୍ରି କରିଥିବା ବିଏମ୍‌ସି ନଜରକୁ ଆସିଛି। ଏଥିପାଇଁ ବିଏମ୍‌ସି ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ ଭାବେ ଉକ୍ତ ବିଲ୍‌ଡରମାନେ ବିକ୍ରି କରି ଦେଇଥିବା ଘରକୁ ସିଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କଲ୍ୟାଣ ମଣ୍ଡପଗୁଡ଼ିକ ଆବଶ୍ୟକତା ଅନୁଯାୟୀ ଆଇନଗତ ବ୍ୟବସ୍ଥାକୁ ପୂରଣ କରି ନ ଥିଲେ ସେମାନଙ୍କୁ ଟ୍ରେଡ ଲାଇସେନ୍ସ ନ ଦେବାକୁ ଜୋନାଲ୍ କମିଶନରଙ୍କୁ କୁହାଯାଇଛି। ଅନ୍ୟପକ୍ଷେ ବିଏମ୍‌ସି ଅଧୀନରେ କାର୍ଯ୍ୟରତ 'ମିଶ୍ ସରକାର' ଯିଏ କି ନାଗରିକଙ୍କ ଟ୍ରେଡ ଲାଇସେନ୍ସ କରାଇବା ସହ ଲାଇସେନ୍ସ ଫି ଆଦାୟ କରେ ତା'କୁ ସନ୍ତୋଷଜନକ କରାଇବାକୁ ତାଗିଦ୍ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରାଇବା ସହ ରାଜସ୍ୱ ଆଦାୟରେ ସ୍ୱଚ୍ଛତା ବଜାୟ ରଖିବାକୁ ବିଏମ୍‌ସି ପକ୍ଷରୁ କୁହାଯାଇଛି।

- ୱାର୍ଡ ଅଫିସର, ୱାର୍ଡ ସୁପରଭାଇଜର କରିବେ ଦୈନିକ ସମୀକ୍ଷା
- ବର୍ତ୍ତବନି ସରକାରୀ ଗୃହ, ବିବରଣୀ ପ୍ରଦାନ ପାଇଁ ନିର୍ଦ୍ଦେଶ
- ପୁନଃ ଆକଳନ ହେବ ବ୍ୟବସାୟିକ ପ୍ରତିଷ୍ଠାନ, ବଡ଼ ଆପାର୍ଟମେଣ୍ଟ
- ବିଲ୍‌ଡରଙ୍କ ବିକିଥିବା ବିନା ଏନ୍‌ଓସି ବିଲ୍ଡିଂକୁ ସିଲ୍ କରିବାକୁ ନିର୍ଦ୍ଦେଶ

### ବେଆଇନ ପାର୍କିଂ ଆଦାୟ କରି ଜେଲ ଗଲେ ୨ ଅଭିଯୁକ୍ତ

ରାଜଧାନୀରେ ବିଭିନ୍ନ ସ୍ଥାନରେ ମାଳମାଳ ଜାଲ ରସିଦ ବଳରେ ପାର୍କିଂ ଆଦାୟ କରାଯାଉଛି। କ୍ୟାପିଟାଲ ଥାନା ଅଞ୍ଚଳରେ ଲୋକମାନଙ୍କୁ ଗାଳିଗୁଲଜ କରି ବଳପୂର୍ବକ ବେଆଇନ ପାର୍କିଂ ଆଦାୟ କରୁଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ କେଳାସାହି ବସ୍ତି ଅଞ୍ଚଳରେ ରହୁଥିବା ପ୍ରସନ୍ନଜିତ ଦାସ ଅଧିକାରୀ ଓ ଚନ୍ଦନ ସାହୁ। ପୋଲିସ ସୂଚନା ମୁତାବକ ୨ ଅଭିଯୁକ୍ତ ଆଉ କିଛି ଯୁବକଙ୍କ ସହ ମିଶି ବେଆଇନ ଭାବେ ଅଶୋକନଗର, ମାର୍କେଟ ବିଲ୍ଡିଂ ଓ ବାପୁଜୀନଗର ଅଞ୍ଚଳରେ ପାର୍କିଂ ଆଦାୟ କରୁଥିଲେ। ଅନେକ ସ୍ଥାନରେ ପାର୍କିଂ ଅବଧି ସରିଯାଇଛି। ବାହାରୁ ନୂଆକରି ଉକ୍ତ ସ୍ଥାନକୁ ଆସୁଥିବା ଲୋକଙ୍କୁ ଡରାଇ ଧମକାଇ ପାର୍କିଂ ଆଦାୟ କରୁଥିଲେ। ବୁଧବାର ଅପରାହ୍ନରେ ଅଶୋକନଗର ଅଞ୍ଚଳରେ ରହୁଥିବା ରାଜକିଶୋର ସାହୁ ତାଙ୍କ ଘର ନିକଟ ଏକ ଜୋତା ଶୋ' ରୁମ ନିକଟରେ ବାଇକ୍ ପାର୍କିଂ କରୁଥିଲେ। ୨ ଅଭିଯୁକ୍ତ ପ୍ରସନ୍ନଜିତ ଓ ଚନ୍ଦନ ତାଙ୍କୁ ବାଇକ ପାର୍କିଂ ନେଇ ରସିଦ ଦେବା ସହ ଟଙ୍କା ଦେୟ ମାଗିଥିଲେ। ମାତ୍ର ରାଜକିଶୋର ଉକ୍ତ ସ୍ଥାନରେ ପାର୍କିଂ ଅବଧି ନ ଥିବା ଜାଣି ତାଙ୍କୁ ପାର୍କିଂ ଦେୟ ଦେଇ ନ ଥିଲେ। ଫଳରେ ୨ ଅଭିଯୁକ୍ତ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ଜବରଦସ୍ତ ଦେୟ ମାଗିଥିଲେ। ଏଥିରେ ଅତିଷ୍ଠ ହୋଇ ରାଜକିଶୋର କ୍ୟାପିଟାଲ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୮୪/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ୨ ଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ଆଣି ଯାଞ୍ଚ ପରେ ଜାଲ ରସିଦରେ ବଳପୂର୍ବକ ଟଙ୍କା ଆଦାୟ ହେଉଥିବା ଜଣାପଡ଼ିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପଚରା ଉଚରା କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ଯିବାକୁ ପଡ଼ିଛି।

## ସଂକ୍ଷେପରେ

### ଶ୍ରୀ ଗାଲେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ବାଲିପାଟଣା,୨୦।୨(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅନ୍ତର୍ଗତ କୁଲନ୍ତିରା ଗ୍ରାମ ବାଗିଲୋଠାରେ ଗୁରୁବାର ଶ୍ରୀ ଗାଲେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ, ଦୀର୍ଘ ୪୦ବର୍ଷ ପୂର୍ବେ କ୍ଷେତରେ ହଳ କରିବା ସମୟରେ କୌଣସି ଏକ ଟାଣୁଆ ସାମଗ୍ରୀ ବାଜି ଲଙ୍ଗଳମୁନ ଭାଙ୍ଗିଯାଇଥିଲା। ଗ୍ରାମବାସୀ ଏହାକୁ ଖୋଳିବା ପରେ ଏହା ଏକ ଶିବଲିଙ୍ଗ ବୋଲି ଜଣାପଡିଥିଲା। ପରେ ଏହାକୁ ଗ୍ରାମବାସୀ ରଖି ପୂଜା କରୁଥିଲେ। ଏହା ଏକ ଖଣ୍ଡିତ ବିଗ୍ରହ ହୋଇଥିବାରୁ ପଣ୍ଡିତଙ୍କ ପରାମର୍ଶକ୍ରମେ ମଠାଧୀଶ ରାମଦାସ ମହାରାଜ ଜୀଙ୍କ ତତ୍ତ୍ୱାବଧାନରେ ଗୁରୁବାର ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳନ ହୋଇଥିଲା। ଠାକୁରଙ୍କୁ ନଗର ପରିକ୍ରମା କରାଯାଇ ଆସ୍ଥାନକୁ ଅଣାଯାଇଥିବା ବେଳେ ହରିବୋଲ, ହୁଳହୁଳି, ଘଣ୍ଟ ମାଦଳରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଉପଲକ୍ଷେ ଯଜ୍ଞର ଆୟୋଜନ କରାଯାଇଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାର ସାଧୁସନ୍ଥମାନେ ଯୋଗଦେଇଥିବା ବେଳେ ବରିଷ୍ଠ ଆଇନଜୀବୀ ନିଶାକର ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରହ୍ଲାଦ ଭୋଳଙ୍କ ସମେତ ଗ୍ରାମବାସୀ ଉତ୍ସବରେ ସହଯୋଗ କରିଥିଲେ।

### ଫଣି କ୍ଷତିଗ୍ରସ୍ତ ଅଞ୍ଚଳରେ ଓପୋଲଫେଡର କୁକୁଡ଼ା ଛୁଆ ବଣ୍ଟନ



ଭୁବନେଶ୍ୱର,୨୦।୨: ଓଡିଶା ଜୀବିକା ମିଶନ ପକ୍ଷରୁ ଫଣି କ୍ଷତିଗ୍ରସ୍ତ ପୁରୀ ଜିଲାର ୧୧ ବ୍ଲକ ଏବଂ ଖୋର୍ଦ୍ଧା ଜିଲାର ୩ ବ୍ଲକରେ କୁକୁଡ଼ା ଚାଷୀଙ୍କୁ ୨୮ ଦିନିଆ ଅଣ୍ଡାଦିଆ କୁକୁଡ଼ା ଛୁଆ (ବ୍ରାଉନଲେୟାର) ବଣ୍ଟନ ଲାଗି ଯୋଜନା କରାଯାଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଓପୋଲଫେଡକୁ ମିଶନ ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ମିଶନର ଯୋଜନା ଅନୁଯାୟୀ ଓପୋଲଫେଡ ପ୍ରତ୍ୟେକ ହିତାଧିକାରିଙ୍କୁ ଅନ୍ୟୁନ ୨୦୦ ଗ୍ରାମରୁ ୨୫୦ ଗ୍ରାମ ଓଜନର ୧୪ଟି କୁକୁଡ଼ା ଛୁଆ ବଣ୍ଟନ ନେଇ ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ସୁଦ୍ଧା ଓପୋଲଫେଡ ପୁରୀ ଜିଲାର ୭ଟି ଏବଂ ଖୋର୍ଦ୍ଧା ଜିଲାର ୨ଟି ବ୍ଲକରେ ୧୨,୯୪୯ ମହିଳା ହିତାଧିକାରୀଙ୍କୁ ୧,୭୭, ୦୮୯ ସଂଖ୍ୟକ କୁକୁଡାଛୁଆ ବଣ୍ଟନ କରାଯାଇଛି। ଏହି ପ୍ରଜାତିର କୁକୁଡା ୧୨୦ ଦିନରେ ଅଣ୍ଡା ଦେଇଥାଏ। ବାର୍ଷିକ ୨୮୦ରୁ ୩୦୦ ଅଣ୍ଡା ଏହି କୁକୁଡା ଦେଇ ପାରିବ। ଅଣ୍ଡା ଗୁଡିକର ଆକାର ଧଳା ରଙ୍ଗର ଅଣ୍ଡାଠାରୁ ସାଧାରଣତଃ ବଡ। ଏହି ଅଣ୍ଡାକୁ ଗୋଟା ପ୍ରତି ପ୍ରାୟ ୧୦ ଟଙ୍କାରେ ବିକ୍ରି କରାଯାଉଛି। ଏହା ଧାରାକୁ ଦେଖିଲେ ଗ୍ରାମ ପଞ୍ଚାୟତ ମହିଳା ମହାସଂଘ(ଜିପିଏଲ୍‌ଏଫ୍) ହିତାଧିକାରିଙ୍କ ଉତ୍ସାହ ବୃଦ୍ଧି ପାଇଥିବା ଜଣାପଡିଛି।

# ଭୁବନେଶ୍ୱରରେ ହେବ ବାୟୋଟେକ୍ନୋଲୋଜି ପାର୍କ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)




ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ଏକ ବାୟୋଟେକ୍ନୋଲୋଜି ପାର୍କ ପ୍ରତିଷ୍ଠା କରାଯିବ। ଏଥିରେ ଭାରତ ବାୟୋଟେକ୍ ଉଦ୍ୟୋଗ ସହାୟତା କରିବ। ଏହାବ୍ୟତୀତ ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନରେ ଏକ ଇନ୍‌କ୍ୟୁବେଶନ୍ ସେଣ୍ଟର ଆରମ୍ଭ ହେବ ବୋଲି ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ହାଇଦ୍ରାବାଦ୍‌ଠାରେ ଆୟୋଜିତ ତିନିଦିନିଆ 'ବାୟୋ ଏସିଆ–୨୦୨୦' ଶିଖର ସମାବେଶର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ପଣ୍ଡା ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଏହା କହିଥିଲେ। ଓଡ଼ିଶାରେ ନୂତନ ବାୟୋଟେକ୍ନୋଲୋଜି ନୀତି ପ୍ରଣୟନ ପରେ ଓଡ଼ିଶାର ବିକାଶ ଲାଗି ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ବାବଦରେ ସେ ସୂଚନା ଦେଇଥିଲେ। ପ୍ରାୟ ୮୦ରୁ ଅଧିକ କମ୍ପାନୀ ଓଡ଼ିଶାର ଶିଳ୍ପ ବିକାଶ ନିମନ୍ତେ ୨,୦୩,୨୭୦ କୋଟି ଟଙ୍କାର ପୁଞ୍ଜିନିବେଶ କରିଛନ୍ତି। ରାଜ୍ୟରେ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ନିମନ୍ତେ ମନ୍ତ୍ରୀ ପଣ୍ଡା ବିଭିନ୍ନ ଉଦ୍ୟୋଗ, ନିବେଶକ ଓ ବିଶେଷଜ୍ଞମାନଙ୍କ ସହଯୋଗ କାମନା କରିଛନ୍ତି।

ଏହାସହ ରାଜ୍ୟରେ ଉପଲବ୍ଧ ଜୈବସମ୍ବଳ ଓ ପଦାର୍ଥ ମାଧ୍ୟମରେ ବିଭିନ୍ନ ଅଞ୍ଚଳରେ ବିଶେଷକରି ଜନଜାତି ବହୁଳ ଓ ସମୁଦ୍ରତଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ କୃଷି କ୍ଷେତ୍ରରେ ବ୍ୟାପକ ବିକାଶର ସମ୍ଭାବନା ରହିଥିବା ମନ୍ତ୍ରୀ ପଣ୍ଡା ଦର୍ଶାଇଛନ୍ତି। ଆୟୋଜିତ ପ୍ରଦର୍ଶନୀରେ ଓଡ଼ିଶାର ବିଜ୍ଞାନ ଓ କାରିଗରି ବିଭାଗ ଅଂଶଗ୍ରହଣ କରିଥିଲା ଓ ମନ୍ତ୍ରୀ ପଣ୍ଡା ଏହି ମଣ୍ଡପ ପରିଦର୍ଶନ କରିଥିଲେ। ସେହିଭଳି ସେ ଦେଶର ବୃହତ୍ତମ ବାୟୋଟେକ୍ନୋଲୋଜି ଓ ଫାର୍ମା ପାର୍କ 'ଜେନୋମ୍ ଭ୍ୟାଲି' ବୁଲି ଦେଖିଥିଲେ। ମନ୍ତ୍ରୀ ପଣ୍ଡା ଭାରତ ବାୟୋଟେକ୍ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ତେଲେଙ୍ଗାନା ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ 'ବାୟୋ ଏସିଆ–୨୦୨୦' ସମାବେଶରେ ପ୍ରାୟ ୩୭ ଦେଶରୁ ୨୧୦୦ ପ୍ରତିନିଧି ଯୋଗଦେଇଥିଲେ। ସେହିପରି ୧୦୦ ଆଲୋଚକ–ଗବେଷକ, ୮୦୦ କର୍ପୋରେଟ୍ କାର୍ଯ୍ୟକର୍ତ୍ତା ଏବଂ ୩୫୦ କମ୍ପାନୀ ନିର୍ବାହୀ ଉପସ୍ଥିତ ଥିଲେ। ଓଡ଼ିଶାରୁ ବିଭାଗୀୟ ପଦାଧିକାରୀ, ବୈଜ୍ଞାନିକ, ଓ କେତେଜଣ କର୍ପୋରେଟ୍ କାର୍ଯ୍ୟକର୍ତ୍ତା ପ୍ରତିନିଧିତ୍ୱ କରିଥିଲେ।

# ଓବିସିର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୦।୨

ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ୭୮ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ମଣ୍ଡଳ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରିକ୍ଷା ଶିବିର, ବୃକ୍ଷରୋପଣଆୟୋଜନ କରାଯାଇଥିଲା। ବ୍ୟାଙ୍କର ପୂର୍ବତନ ମହାପ୍ରବନ୍ଧକ ବ୍ରଜ ଗୋପାଳ ସନ୍ଧିବିଗ୍ରହ ଏବଂ ପୂର୍ଣ୍ଣେନ୍ଦୁ ଷଡ଼ଙ୍ଗୀ, ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ତଥା ମଣ୍ଡଳ ମୁଖ୍ୟ ତୌଫିକ ଆଲମ୍ ଏବଂ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ଉପ ମହାପ୍ରବନ୍ଧକ ରାଜ କିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ 'ବିଶ୍ୱ ମାତୃଭାଷା ଦିବସ'

# ଜାତିର ସ୍ୱାଭିମାନ ମାତୃଭାଷା

ଭୁବନେଶ୍ୱର,୨୦।୨(ବ୍ୟୁରୋ)




ଆଲୋଚନାସଭାରେ ଉପସ୍ଥିତ ଅତିଥି।

ମାତୃଭାଷା ଗୋଟିଏ ଜାତିର ସ୍ୱାଭିମାନ ଓ ଗର୍ବର ପ୍ରତୀକ। ମାତୃଭାଷାରେ ଥାଏ ଆପଣାତ୍ୱର ଏକ ମହକ ଓ ମଧୁରତାର ମୁଗ୍ଧ ମମତ୍ୱବୋଧ। ଦୁନିଆରେ ଯେକୌଣସି ସ୍ଥାନରେ ନିଜ ମାତୃଭାଷା କହୁଥିବା ଲୋକ ସହ ଭେଟ ହୋଇଗଲେ ଯେତେ ଭିନ୍ନ ହେଲେ ବି ସେ ନିଜର ନିଜର ଲାଗେ। ହେଲେ ପ୍ରତିବର୍ଷ ବିଶ୍ୱର କୋଣାନୁକୋଣରେ ବହୁ ମାତୃଭାଷାର ମୃତ୍ୟୁ ଘଟୁଛି। ଏଭଳିସ୍ଥଳେ ମାତୃଭାଷାର ସୁରକ୍ଷା ଦିଗରେ ସମସ୍ତେ ଚେଷ୍ଟିତ ହେବା ଉଚିତ ବୋଲି ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ 'ବିଶ୍ୱ ମାତୃଭାଷା ଦିବସ' ଉପଲକ୍ଷେ ଗୁରୁବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା।

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମାତୃଭାଷାର ମହତ୍ତ୍ୱ ଏବଂ ଆବଶ୍ୟକତା ସମ୍ପର୍କରେ କହିଥିଲେ। ସାହିତ୍ୟିକ ସାତକଡ଼ି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଆଲୋଚକ ଭାବେ ପ୍ରଫେସର ଡ. ବାଉରିବନ୍ଧୁ ସାହୁ ଏବଂ ପ୍ରଫେସର ରାଜକିଶୋର ମିଶ୍ର ଯୋଗ ଦେଇଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶିକା ଡ. ତମସାରାଣୀ ଦାସମହାପାତ୍ର ମାତୃଭାଷା ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରତିଷ୍ଠାନ ଦ୍ୱାରା ସଂକଳିତ ପୁସ୍ତକ 'ଯୋଗାଯୋଗର ଭାଷା ଓଡ଼ିଆ', 'ଓଡ଼ିଶାର ଜନଜାତି: ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ' ଲୋକାର୍ପିତ ହୋଇଥିଲା। ଓଡ଼ିଆ ଭାଷା ପ୍ରତିଷ୍ଠାନର ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ୟୁବିଓବିସିଡବ୍ଲ୍ୟୁଏର ସାଧାରଣ ବୈଠକ




ଭୁବନେଶ୍ୱର,୨୦।୨

ୟୁନିୟନ୍ ବ୍ୟାଙ୍କ ଓବିସି ୱେଲଫେୟାର ଆସୋସିଏସନ୍, ଓଡ଼ିଶା(ୟୁବିଓବିସିଡବ୍ଲ୍ୟୁଏ) ର ୫ମ ଦ୍ୱିବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଲ୍ ଇଣ୍ଡିଆ ଓବିସି ଆସୋସିଏସନ୍‌ର ସଭାପତି ଜି.କରୁଣାନିଧି ସଭାଧ୍ୟକ୍ଷ, ୟୁନିୟନ୍ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ଆର୍.ଏଲ୍. ମୀନା ମୁଖ୍ୟ ଅତିଥି, ପ୍ରଫେସର ଧନେଶ୍ୱର ସାହୁ ସମ୍ମାନନୀୟ ଅତିଥି ଓ ଏଓୟୁବିଇଏର ଉପସଭାପତି ପ୍ରଦୀପ କୁମାର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ୟୁବିଓବିସିଡବ୍ଲୁଏ, ଓଡ଼ିଶାର ସଭାପତି ସୁରେଶ ଚନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ। ୟୁବିଓବିସିଡବ୍ଲୁଏ, ଓଡ଼ିଶାର ସମ୍ପାଦକ ମଧୁସୂଦନ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୟୁନିୟନ୍ ବ୍ୟାଙ୍କ ଓବିସି ୱେଲଫେୟାର ଆସୋସିଏସନ୍, ଓଡ଼ିଶାର ସଭାପତି ଭାବେ ସୁରେଶ ଚନ୍ଦ୍ର ନାୟକ, ସମ୍ପାଦକ ଭାବେ ବ୍ରଜ କିଶୋର ପରିଡ଼ା, ସହକାରୀ ସମ୍ପାଦକ ଭାବେ ଖଗେଶ୍ୱର ଚୌଧୁରୀ, ଯୁଗ୍ମ ସମ୍ପାଦକ ଭାବେ ଗୌରବ ଚନ୍ଦ୍ର ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଭାବେ ବଳରାମ ମହନ୍ତଙ୍କୁ ମନୋନୀତ କରିଥିଲେ।

# ୪ ଔଷଧ ଦୋକାନରେ ଚଢ଼ାଉ



ବାଲିପାଟଣା,୨୦।୨(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳିପୁରରେ ଗୁରୁବାର ଡ୍ରଗ୍ସସ୍କ୍ୱାଡ୍ ଓ ଅବକାରୀ ବିଭାଗ ପକ୍ଷରୁ ୪ଟି ଔଷଧ ଦୋକାନରେ ଅତର୍କିତ ଭାବେ ଚଢ଼ାଉ କରାଯାଇଥିଲା। କିନ୍ତୁ ଡାକ୍ତରଙ୍କ ପରାମର୍ଶକ୍ରମେ କୌଣସି ଔଷଧ ବିକ୍ରି ହୋଇ ନ ଥିବା ଜଣାପଡିଛି। କେତେଜଣ ଔଷଧ ଦୋକାନୀ ଦୋକାନ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ପ୍ରକାର ବେଆଇନ ନିଶା କଫସିରପ ଓ ଟାବଲେଟ୍ ବିକ୍ରି ହେଉଥିବା ଖବରପାଇ ଏହି ଚଢ଼ାଉ କରାଯାଇଥିଲା। ଡ୍ରଗ୍ସ ସ୍କ୍ୱାଡ୍ ଇନ୍‌ସ୍ପେକ୍ଟର ପ୍ରଦେଶ କୁମାର ଲେଙ୍କା ଓ ଅବକାରୀ ସବଇନ୍‌ସ୍ପେକ୍ଟର ମଧୁସୂଦନ ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଆଗାମୀ ଦିନରେ ଚଢ଼ାଉ ଜାରି ରହିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

# ସ୍ୱଚ୍ଛ ଭୁବନେଶ୍ୱର ଲକ୍ଷ୍ୟ: ଉଠାଦୋକାନୀଙ୍କୁ ଡଷ୍ଟବିନ୍ ବଣ୍ଟନ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)




ବିଧାୟକ ସୁଶାନ୍ତ କୁମାର ରାଉତ ଡଷ୍ଟବିନ୍ ବାଣ୍ଟୁଛନ୍ତି।

ସ୍ମାର୍ଟ ସିଟି ଭୁବନେଶ୍ୱରକୁ ସରସ ସୁନ୍ଦର ଏକ ନମ୍ବର ସହର ଭାବେ ଗଢି ତୋଳିବା ପାଇଁ ବାଣୀବିହାର ନିକଟସ୍ଥ ସତ୍‌ସଙ୍ଗ ବିହାରଠାରେ ସ୍ୱସ୍ତି ସେବକ କ୍ଷୁଦ୍ର ବ୍ୟବସାୟୀ ସଂଘ ଅଣ୍ଟା ଭିଡ଼ିଛନ୍ତି। ସଂଘର ସଭାପତି ବାଦଲ କୁମାର ଦାସ ଓ ସଦସ୍ୟ ହେମନ୍ତ କୁମାର ନାୟକଙ୍କ ନେତୃତ୍ୱରେ ସଂଘ ପକ୍ଷରୁ ୩୦ଟି ଡଷ୍ଟବିନ୍ ସଂଗ୍ରହ କରାଯାଇ ଉଠା ଦୋକାନୀଙ୍କୁ ବଣ୍ଟନ କରାଯାଇଛି। ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଚ୍ଛ ଭାରତ ଅଭିଯାନ ଓ ସହର ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ରାଉତ କହିଥିଲେ, ଭୁବନେଶ୍ୱରକୁ ସାରା ଭାରତ ବର୍ଷରେ ଏକ ନମ୍ବର ସ୍ମାର୍ଟ ସହର ଭାବେ ପରିଣତ କରିବାର ଅଛି। ତେଣୁ ସମସ୍ତ ଉଠାଦୋକାନୀମାନେ ନିଜ ନିଜର ଦୋକାନ ସମ୍ମୁଖରେ ଡଷ୍ଟବିନ ରଖିବାକୁ ସେ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ ସୁରକ୍ଷା ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏଥିସହ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅନୁଜ କୁମାର ପ୍ରଧାନ, ପୂର୍ବତନ କର୍ପୋରେଟର ସୁସ୍ମିତା ଦାସ, ପ୍ରବୋଧ କୁମାର ପଣ୍ଡା, ଅନୁ ମିଶ୍ର, ସଙ୍ଗୀତା କିଷାନ ପ୍ରମୁଖ ଯୋଗଦେବା ସହ ସଂଘର ସମ୍ପାଦକ ଉପେନ୍ଦ୍ର ସାହୁ, ଶରତ କୁମାର ସାହୁ, ଆର. କ୍ରିଷ୍ଣା, ରଞ୍ଜନ କୁମାର ସାହୁ, ମନୋଜ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ପଥଚାରୀମାନଙ୍କୁ ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିବା ସହ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ସଂଘ ସଦସ୍ୟମାନେ ୧୭ ନଂ ୱାର୍ଡ ପରିଭ୍ରମଣ କରିଥିଲେ।

# 'ଓଡ଼ିଶୀ ଆସର'ରେ ସଙ୍ଗୀତ, ବାଦ୍ୟର ଯୁଗଳବନ୍ଦୀ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଗୁରୁବାର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଥିବା ଉତ୍କଳ ରଙ୍ଗମଞ୍ଚରେ 'ଓଡ଼ିଶୀ ଆସର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଣ୍ଠଶିଳ୍ପୀ କୃଷ୍ଣଚନ୍ଦ୍ର ଦାସ ଏବଂ ସର୍ବେଶ୍ୱର ବୈଠାରୁ ନିଜର ମନ୍ତ୍ରମୁଗ୍ଧକର କଣ୍ଠରେ ଓଡ଼ିଶୀ ସଙ୍ଗୀତ ଗାନ କରିଥିବାବେଳେ ଜ୍ୟୋତିପ୍ରକାଶ ସାହୁ ବେହେଲା ବାଦନ କରି ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ପଣ୍ଡିତ ହରିହର ରଥ, କେଶବ ଚନ୍ଦ୍ର ରାଉତ, କାଳନ୍ଦୀ ପରିଡ଼ା, ଧୀରଜ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରତି ମାସରେ ହେଉଥିବା 'ଓଡ଼ିଶୀ ଆସର' କାର୍ଯ୍ୟକ୍ରମ ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଉଦ୍ଦେଶ୍ୟରେ ସରକାରୀସ୍ତରରେ ଏକ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ ନିର୍ବାହୀ ଡ. ସଙ୍ଗୀତା ଗୋସାଇଁ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ଫେବୃୟାରୀ ,୨୦୨୦

## ଆଦର୍ଶ ଗ୍ରାମ ଟିକଲାରେ ନିଶାକୁ ନା

ବର୍ତ୍ତମାନ ସମୟରେ ନିଶା ସେବନ ଅନେକଙ୍କ ଅଭ୍ୟାସରେ ପରିଣତ ହେଲାଣି। କମ୍ ବୟସ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ନିଶା ସେବନ କରିଥାନ୍ତି। ମାତ୍ର ରାଜସ୍ଥାନର ଟିକଲା ନାମକ ଏକ ଛୋଟିଆ ଗ୍ରାମ ରହିଛି ଯେଉଁଠାରେ କେହି ନିଶା ସେବନ କରି ନ ଥାନ୍ତି। ବିଡ଼ି, ସିଗାରେଟ, ପାନ ମସଲାଠାରୁ ଏହି ଗ୍ରାମର ଲୋକମାନେ ସବୁବେଳେ ଦୂରେଇ ରହିଥାନ୍ତି। ଅନେକ ବର୍ଷ ହେବ ଏହି ପରମ୍ପରା ଚାଲିଆସୁଛି। ଏହି ଗ୍ରାମର ସମୁଦାୟ ଲୋକ ସଂଖ୍ୟା ୧୫୦୦। ଗାଁଟି ଛୋଟ ହୋଇଥିଲେ ମଧ୍ୟ ଏହାର ପରମ୍ପରା ତାଙ୍କୁ ସବୁଠାରୁ ଭିନ୍ନ କରିପାରିଛି।



# କୁକୁରର ପିଣ୍ଡଦାନ

**ପାଟନା:** କୁକୁର-ମଣିଷ ମଧ୍ୟରେ ସମ୍ପର୍କର ଗଭୀରତା କାହାରିକୁ ଅଛପା ନାହିଁ। ଦୀର୍ଘଦିନରୁ ଏହି ବିଶ୍ୱସ୍ତ ଜୀବ ମଣିଷ ସହ ରହି ଆସିଛି। ଅନେକ ସମୟରେ କୁକୁର ପାଇଁ ଜୀବନ ବଞ୍ଚିଯାଇଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟୁଛି। ବିହାରର ମଧୁବନୀରେ କୁକୁର ଏବଂ ମାଲିକ ଭିତରେ ଥିବା ଗଭୀର ସମ୍ପର୍କ ଏବେ ସୋସିଆଲ ମିଡିଆରେ ସାଉଁଟୁଛି ଚର୍ଚ୍ଚା। ନିଜ ପାଳିତ କୁକୁର 'ଲାଇକନ୍'ର ପିଣ୍ଡଦାନ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଏନ୍ଆର୍ଆଇ ପ୍ରମୋଦ ଚୌହାନ। ନ୍ୟୁଜିଲାଣ୍ଡର ଅନ୍ୟତମ ପ୍ରମୁଖ ସହର ଅକ୍‌ଲାଣ୍ଡରେ ରହି ବ୍ୟବସାୟ କରନ୍ତି ପ୍ରମୋଦ। ଦୀର୍ଘ ୧୦ବର୍ଷ ଧରି ପରିବାରର ସଦସ୍ୟ ପାଲଟିଥିବା 'ଲାଇକନ୍'ର ନିକଟରେ ମୃତ୍ୟୁ ହୋଇଯାଇଥିଲା। ଏହାପରେ ସେ ନିଜର ପ୍ରିୟ କୁକୁରର ଅସ୍ଥି ବିସର୍ଜନ କରିବାକୁ ବିହାରର ପାଟନାରେ ପହଞ୍ଚିଥିଲେ। ଏଥିସହ



ଗୟାରେ ପିଣ୍ଡଦାନ ମଧ୍ୟ କରିଥିଲେ। ଏ ନେଇ ପ୍ରମୋଦ କୁହନ୍ତି, ଦୀର୍ଘଦିନ ଧରି ସାଥିରେ ରହିବା ପରେ 'ଲାଇକନ୍' ପରିବାରର ସଦସ୍ୟ ପାଲଟିଯାଇଥିଲା। ତେଣୁ ହିନ୍ଦୁ ରୀତିନୀତି ଅନୁଯାୟୀ ତା'ର ଅସ୍ଥି ଗଙ୍ଗାରେ ବିସର୍ଜନ କରିବାକୁ ମନସ୍ଥ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ବିଚାରଧାରା ତାଙ୍କୁ ବେଶ୍ ପ୍ରଭାବିତ କରିଛି। ଜୀବେ ଦୟା ଏହାର ଏକ ଅଂଶ। ଅକ୍‌ଲାଣ୍ଡରେ ହିନ୍ଦୁ ରୀତି ଅନୁଯାୟୀ ଲାଇକନର ଦାହ ସଂସ୍କାର କରିଥିଲେ। ପାଟନା ନିକଟରେ ପ୍ରବାହିତ ଗଙ୍ଗାନଦୀରେ ଅସ୍ଥି ବିସର୍ଜନ ପରେ ସେ ଗୟାରେ ପିଣ୍ଡଦାନ କରିଥିଲେ। କେବଳ ଏତିକି ନୁହେଁ, କୁକୁରର ମୃତ୍ୟୁଠାରୁ ୩୦ ଦିନ ଯାଏ ସେ ଯଥାନୀତି ମୃତ୍ୟୁକ୍ରିୟା ପାଳନ କରିବେ। ଏହାପରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି ପ୍ରମୋଦ ସୂଚନା ଦେଇଛନ୍ତି।

# ବିକାଶ ଓ ଏକତାର ସେତୁ ମାତୃଭାଷା

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଅନ୍ତର୍ଜାତୀୟ ମାତୃଭାଷା ଦିବସ ୨୧ ଫେବୃୟାରୀରେ ପାଳନ କରାଯାଉଛି। ୟୁନେସ୍କୋ ୧୭ ନଭେମ୍ବର ୧୯୯୯ ରେ ଏହି ଦିବସ ଘୋଷଣା କରିଥିଲା। ପରେ ୨୧ ଫେବୃୟାରୀ,୨୦୦୦ରେ ପ୍ରଥମେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥିଲା। ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ମାତୃଭାଷାର ସୁରକ୍ଷା ପ୍ରତି ଏହିଦିବସରେ ସଚେତନତା ସୃଷ୍ଟି କରାଯାଏ। ଏହିଦିବସ ଘୋଷଣା କରାଯିବା ଦ୍ୱାରା ୧୯୫୨ର ବାଂଲାଦେଶ ଭାଷା ଆନ୍ଦୋଳନ ଦିବସକୁ ସ୍ମରଣ କରାଯାଇଥାଏ। ଆନ୍ଦୋଳନକାରୀମାନେ ବେଙ୍ଗଲୀ ଭାଷାକୁ ସ୍ୱୀକୃତି ଦେବା ଲାଗି ଲଢ଼େଇ କରୁଥିଲେ। ୨୧ ଫେବୃୟାରୀରେ ବାଂଲାଦେଶୀ ଭାଷା ଆନ୍ଦୋଳନରେ ରାଜଧାନୀ ଢାକାରେ ୪ ଜଣ ବେଙ୍ଗଲୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ଏହି ଦିନ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯିବା ପାଇଁ ଜାତିସଂଘ ନିଷ୍ପତ୍ତି ନେଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ୨୦୦୮କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ଘୋଷଣା କରି ପୁଣି ଏହାର ମହତ୍ତ୍ୱକୁ ପ୍ରତିପାଦନ କରିଛି। ୨୦୦୨ରୁ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ ନେଇ ଏହି ଦିବସ ପାଳନ କରାଯାଇଆସୁଅଛି। ଉକ୍ତ ଦିବସର ପ୍ରଥମ ସ୍ଲୋଗନ ଥିଲା- 'ଭାଷା ବିବିଧତା : ବିପଦରେ ୩ ହଜାର ଭାଷା'। ନିକଟରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି ଯେ,ବିଶ୍ୱରେ ଏବେ ୬୦୦୦ରୁ ଊର୍ଦ୍ଧ୍ୱ କଥିତ ଭାଷା ମଧ୍ୟରୁ ୪୫ ପ୍ରତିଶତ ବିପଦରେ। ଏହି ଭାଷାଗୁଡିକ ମଧ୍ୟରୁ ମାତ୍ର କେତେ ଶହ ଭାଷାକୁ




ଏବେ ଶିକ୍ଷା କ୍ଷେତ୍ରରେ ସ୍ଥାନ ଦିଆଯାଇଛି ଓ ଶହେରୁ କମ୍ ଭାଷା ଡିଜିଟାଲ ୱାର୍ଲ୍ଡରେ ବ୍ୟବହାର କରାଯାଉଛି। ଭାଷା ଆମ ସଂସ୍କୃତିର ରକ୍ଷକ। ଭାଷା ଦିବସ ପାଳନ କରାଯିବା ଦ୍ୱାରା ଭାଷାଗତ ବିବିଧତା ଓ ବହୁ ଭାଷୀ ଶିକ୍ଷାକୁ ସଶକ୍ତ କରିବା ସହ ଭାଷାଗତ ତଥା ସାଂସ୍କୃତିକ ପରମ୍ପରା ପ୍ରତି ସଚେତନତା ସୃଷ୍ଟି କରାଯାଇପାରୁଛି। ବିଶ୍ୱରେ ଏହି ଦିବସ ବାଂଲାଦେଶରେ ନିଆରା ଢଙ୍ଗରେ ପାଳନ କରାଯାଏ। ଏହି ଦିବସରେ ଭାଷା ଆନ୍ଦୋଳନରେ ଶହୀଦ ହୋଇଥିବା ଶହୀଦ ସ୍ମାରକୀରେ ଫୁଲ ଅର୍ପଣ କରାଯିବା ସହ ଏହିଦିନକୁ ଛୁଟି ଘୋଷଣା କରାଯାଇଥାଏ। ପ୍ୟାରିସ ୟୁନେସ୍କୋ ମୁଖ୍ୟାଳୟରେ ମଧ୍ୟ ପାଳନ କରାଯାଏ। ସ୍କୁଲ୍ ଗୁଡିକରେ ପିଲାମାନଙ୍କୁ ମାତୃଭାଷାରେ କହିବା ଓ ଲେଖିବାକୁ କୁହାଯାଏ। 'ବିବିଧତା ମଧ୍ୟରେ ଏକତା' ସିଦ୍ଧାନ୍ତକୁ ନେଇ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ସମୃଦ୍ଧ ସାଂସ୍କୃତିକ ପରିବେଶ କ୍ଷେତ୍ରରେ ଭାଷାର ଭୂମିକା ରହିଛି। ଏଣୁ ଭାରତରେ ଏହି ଦିବସ ପାଳନ କରାଯିବାର ଢେର ଗୁରୁତ୍ୱ ଅଛି। ଭାଷାର କୌଣସି ସୀମା ନାହିଁ। ମାତୃଭାଷାର ସୁରକ୍ଷା କରି ଏହାକୁ ସମୃଦ୍ଧ କରାଯାଇପାରିଲେ ବିଶ୍ୱରେ ଶାନ୍ତି, ବିକାଶ ଓ ଏକତା ସହଜରେ ପ୍ରତିଷ୍ଠା ହୋଇପାରିବ।

# ସୌଦି ଆରବରେ ନଦୀ ନାହିଁ

**ରିୟାଧ:** ପ୍ରାୟ ସବୁ ଦେଶରେ ନଦୀ କିମ୍ବା ଝରଣା ରହିଥିବା ଜାଣିଥିବେ। ମାତ୍ର ବିଶ୍ୱରେ ଏମିତି ଏକ ଦେଶ ରହିଛି, ଯେଉଁଠି ସ୍ଥାୟୀ ନଦୀ କିମ୍ବା ଝରଣାଟିଏ ମଧ୍ୟ ନାହିଁ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏପରି ଦେଶ ହେଉଛି ସୌଦି ଆରବ। ଏଠାରେ ନଦୀ କିମ୍ବା ଝରଣା ନ ଥିବାରୁ ଲୋକେ ପାଣି ପାଇଁ ହାହାକାର ହୁଅନ୍ତି। ଏଠାରେ ବହୁ କମ୍ ପାଣି ମିଳେ। ତାହା ପୁଣି ଉଚ୍ଚ ଦରରେ। ପାଣି ଅଭାବ ଅନୁଭବ ନ କରିବା ପାଇଁ ଏହି ଦେଶର ଲୋକେ ଅଣ୍ଡରଗ୍ରାଉଣ୍ଡରୁ ଜଳ ସଂଗ୍ରହ କରିଥାନ୍ତି। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୯୭୦ରେ ସରକାର ଜଳ ବିଶୋଧନାଗାର କାର୍ଯ୍ୟ ଆରମ୍ଭ କରିଥିଲେ। ଏଠାରେ ୧ ହଜାରରୁ ଊର୍ଦ୍ଧ୍ୱ ଜଳ ବିଶୋଧନାଗାର ନିର୍ମାଣ କରାଯାଇଛି। ଏହି ଜଳକୁ ବ୍ୟବସାୟ ଏବଂ କୃଷିରେ ବିନିଯୋଗ କରାଯାଉଛି। ନଦୀ କିମ୍ବା ଝରଣା ସିନା ନାହିଁ। ମାତ୍ର ସମୁଦ୍ର ରହିଛି। ସମୁଦ୍ର ପାଣିକୁ ସଂରକ୍ଷଣ କରି ରଖାଯାଉଛି। ଲବଣାକ୍ତ ଅଂଶକୁ କମାଇବା ପାଇଁ ପାଣି ଫିଲ୍‌ଟରିଂ କରାଯାଉଛି। ସାଧାରଣ ସ୍ଥାନରେ ଶୁଦ୍ଧ ପାଣି ପାଇଁ ୨୦୦ ଡଲାର ଖର୍ଚ୍ଚ ହେଉଥିବା ବେଳେ ଏଠାରେ ୧୦୦୦ ଡଲାର ପ୍ରତି ଏକର ଫୁଟକୁ ଦେବାକୁ ପଡ଼ିଥାଏ। ଏଠାରେ କେମିତି ପାଣି ପାଇଁ ଖର୍ଚ୍ଚ କମ୍ ହେବ ସେନେଇ ବିଭିନ୍ନ ଦେଶର ବୈଜ୍ଞାନିକମାନେ ଚେଷ୍ଟା ଜାରି ରଖିଛନ୍ତି।

# କ୍ୟାପ୍‌ସିକମରେ ଜିଅନ୍ତା ବେଙ୍ଗ

**ଓଟାୱା:** ପନିପରିବାରୁ ପୋକ ବାହାରିବା ସାଧାରଣ ଘଟଣା। ମାତ୍ର କ୍ୟାପ୍‌ସିକମ୍ ଭିତରୁ ଜିଅନ୍ତା ବେଙ୍ଗ ବାହାରିବା ଶୁଣିଲେ ନିଶ୍ଚିତ ଆଶ୍ଚର୍ଯ୍ୟ ଲାଗିବ। ଏପରି ଏକ ଘଟଣା ଦେଖିବାକୁ ମିଳିଛି କାନାଡାରେ। ଏଠାକାର ଏକ ଦମ୍ପତି କିଛିଦିନ ତଳେ ବଜାରରୁ କିଛି ପନିପରିବା କିଣି ଆଣିଥିଲେ। ରାତିରେ ଡିନର ପ୍ରସ୍ତୁତି ପାଇଁ ପରିବା କାଟୁଥିବା ସମୟରେ ଏକ କ୍ୟାପ୍‌ସିକମ ଭିତରୁ ଜିଅନ୍ତା ବେଙ୍ଗ ବାହାରିଥିଲା। ଏହା ଦେଖି ଦମ୍ପତି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କ୍ୟୁବେକ୍‌ରେ ରହୁଥିବା ନିକୋଲ୍ ଗାଗୋନ୍ ଏବଂ ଗେରାଡ ବ୍ଲାକବର୍ଣ୍ଣ ଗତ ୯ ତାରିଖରେ ରାତିରେ ରୋଷେଇ କରିବା ପାଇଁ ପରିବା କାଟୁଥିଲେ। ଏହି ସମୟରେ କ୍ୟାପ୍‌ସିକମ ଭିତରୁ ଜିଅନ୍ତା ବେଙ୍ଗ ବାହାରିଥିଲା। ଏହା ଦେଖି ଦମ୍ପତି ଡରି ଯାଇଥିଲେ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା କ୍ୟାପ୍‌ସିକମ ଭିତରେ କୌଣସି ରନ୍ଧ୍ର ନ ଥିଲା। ମାତ୍ର ବେଙ୍ଗଟି ଏହା ଭିତରେ କିପରି ରହିଲା ତାହା ଆଶ୍ଚର୍ଯ୍ୟଜନକ। ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହେବା ପରେ ଲୋକେ କ୍ୟାପ୍‌ସିକମ ଖାଇବାକୁ ଡରୁଛନ୍ତି। ଜଣେ ୟୁଜର ଲେଖିଛନ୍ତି, ମୋତେ ସବୁ ପରିବା କାଟିବା ସମୟରେ ଏବେ ଡର ଲାଗୁଛି। ଆଉ ଜଣେ ୟୁଜର ଲେଖିଛନ୍ତି, କ୍ୟାପ୍‌ସିକମ କାଟିବା ସମୟରେ ମନରେ ଭିନ୍ନ ଏକ ଭୟ ଖେଳିଯାଉଛି।



**ମୁମ୍ବାଇ:** ବଲିଉଡ୍ ନାୟିକା ରେଖା ଓ ନାୟକ ଅମିତାଭ ବଚ୍ଚନଙ୍କ ପ୍ରେମ କାହାଣୀ ସମସ୍ତଙ୍କୁ ଅଳ୍ପ ବହୁତେ ଜଣା। ଏମାନଙ୍କ ପ୍ରେମ, ବିବାହର ରୂପ ନେଇପାରି ନ ଥିବା ବେଳେ ଏବେବି ଏହା କେବେ କେବେ ଆଲୋଚନାର ପରିସରକୁ ଚାଲିଆସିଥାଏ। ଏବେ ଏମିତି ଏକ ଭିଡିଓ ଭାଇରାଲ ହୋଇଛି ଯାହାକୁ ଦେଖିବା ପରେ କେହି ନ ହସି ରହି ପାରୁ ନାହାନ୍ତି। ଉକ୍ତ ଭିଡିଓରେ ଅମିତାଭଙ୍କ ଫଟୋ ଦେଖି ରେଖା ଏମିତି ମଜା କରିଛନ୍ତି ଯାହାକୁ ଦେଖିଲେ ଆପଣାଛାଏଁ ସମସ୍ତେ ହସି ପକାଉଛନ୍ତି। ନିକଟରେ

# ରେଖାଙ୍କ ଡେଞ୍ଜର ଜୋନ୍



ଖ୍ୟାତନାମା ଫଟୋଗ୍ରାଫର ଡବ୍ବୁ ରତନାନୀଙ୍କ ଚଳିତ ବର୍ଷ ଅର୍ଥାତ୍ ୨୦୨୦ର କ୍ୟାଲେଣ୍ଡର ଲଞ୍ଚିଙ୍ଗ ସେରିମନିରେ ବହୁ ବଲିଉଡ୍ ସେଲିବ୍ରିଟି ଯୋଗ ଦେଇଥିଲେ। ଏହି ସମୟରେ ରେଖା ଫଟୋ ପାଇଁ ପୋଜ୍ ହେବା ସମୟରେ ତାଙ୍କ ପଛରେ ଅମିତାଭଙ୍କ ଫଟୋ ଥିବା ଦେଖିଥିଲେ। ଆଉ ମଜା କରିବାକୁ କହିଥିଲେ ଏହା ଡେଞ୍ଜର ଜୋନ୍। ଏହା କହିବା ସହ ରେଖା ସେଠାରୁ ପଳାଇ ଯାଇଥିଲେ। ଏବେ ଏହିଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୁଣି ଥରେ ରେଖା-ଅମିତାଭଙ୍କ ପ୍ରେମ କାହାଣୀ ଚର୍ଚ୍ଚାକୁ ଆସିଛି।



# ଏଥର ତବୁ କହିବେ 'ଆମି ଯେ ତୋମାର'

**ମୁମ୍ବାଇ:** ବଲିଉଡ୍ ଆକ୍ଟର କାର୍ତ୍ତିକ ଆର୍ଯ୍ୟନ୍ ଏବଂ କିୟାରା ଆଡ୍‌ଭାନୀଙ୍କ ଅପ୍‌କମିଂ ଫିଲ୍ମ 'ଭୁଲ୍ ଭୁଲୈୟା-୨'ର ଶୁଟିଂ ଚାଲିଛି। ୨୦୦୭ରେ ରିଲିଜ୍ ହୋଇଥିବା ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ 'ଭୁଲ୍ ଭୁଲୈୟା'ର ଏହା ହେଉଛି ସିକ୍ୱେଲ୍। ଏନେଇ ଦର୍ଶକେ ଖୁବ୍ ଉତ୍ସାହିତ ଥିବାବେଳେ ଫିଲ୍ମକୁ ନେଇ ଏକ ନୂଆ ଅପ୍‌ଡେଟ୍ ଜଣାପଡ଼ିଛି। 'ଭୁଲ୍ ଭୁଲୈୟା'ର ଲୋକପ୍ରିୟ 'ଆମି ଯେ ତୋମାର' ଗୀତଟିକୁ ସିକ୍ୱେଲରେ ରିକ୍ରିଏଟ୍ କରାଯିବ। ଆଉ ଏଥିରେ ବଲିଉଡ୍ ଭର୍ସାଟାଇଲ୍ ଆକ୍ଟ୍ରେସ୍ ତବୁ ନଜରକୁ ଆସିବେ। 'ଭୁଲ୍ ଭୁଲୈୟା'ର 'ଆମି ଯେ ତୋମାର' ବା 'ମେରେ ଢୋଲ୍‌ନା' ଗୀତଟିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ବିଦ୍ୟା ବାଲନ୍‌ଙ୍କ ପର୍ଫର୍ମାନ୍ସ ଗୀତଟିକୁ ଆହୁରି ଲୋକପ୍ରିୟ କରିଦେଇଥିଲା। ଶ୍ରୀୟା ଘୋଷାଲ୍‌ଙ୍କ ସୁମଧୁର ଗାୟକୀରେ ଗୀତଟି ଆଜି ବି ଶ୍ରୋତାଙ୍କୁ ଆନ୍ଦୋଳିତ କରୁଛି।

ଏହାକୁ ଦୃଷ୍ଟିରେ ରଖି 'ଭୁଲ୍ ଭୁଲୈୟା-୨'ରେ ଗୀତଟିକୁ ରିକ୍ରିଏଟ୍ କରାଯିବାକୁ ଥିବାବେଳେ ଏଥିରେ ବିଦ୍ୟାଙ୍କ ବଦଳରେ କିନ୍ତୁ ତବୁଙ୍କୁ ଦେଖିବାକୁ ମିଳିବ। ତେବେ ବିଦ୍ୟାଙ୍କ ପର୍ଫର୍ମାନ୍ସ ତ ଉଚ୍ଚକୋଟୀର ଥିଲା, ଏବେ ସମାନ ଗୀତରେ ତବୁ କେତେ ଦମ୍‌ଦାର ପର୍ଫର୍ମାନ୍ସ ଦେଉଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିବ। ଖାସ୍ ଏଥିଲାଗି ତବୁ ଖୁବ୍ ଉତ୍ସାହିତ ଥିବାବେଳେ ପରିଶ୍ରମ ମଧ୍ୟ କରୁଛନ୍ତି। 'ଭୁଲ୍ ଭୁଲୈୟା'ର ମ୍ୟୁଜିକ୍ ଆଲ୍‌ବମ୍ ଭଳି 'ଭୁଲ୍ ଭୁଲୈୟା-୨'ର ମ୍ୟୁଜିକ୍ ଆଲ୍‌ବମ୍‌କୁ ମଧ୍ୟ ସୁପରହିଟ କରିବାକୁ ଫିଲ୍ମର ପୂରା ଟିମ୍ ଚେଷ୍ଟା ଚଳାଇଛି। 'ଭୁଲ୍ ଭୁଲୈୟା-୨' ଏକ ହରର୍ କମେଡି ଫିଲ୍ମ। ଏହାର ପ୍ରଥମ ସେଡ୍ୟୁଲ୍ ଶୁଟିଂ ଚାଲିଥିବାବେଳେ ଏପ୍ରିଲ ସୁଦ୍ଧା ୨ୟ ସେଡ୍ୟୁଲ୍ ଶୁଟିଂ ମଧ୍ୟ ଶେଷ ହୋଇଯିବ। ରାଜସ୍ଥାନ, ଲକ୍ଷ୍ନୌ, ମୁମ୍ବାଇ ସମେତ ଭିନ୍ନ ଭିନ୍ନ ସ୍ଥାନରେ ପୁରୁଣା କୋଠା ଦେଖି ସେଠାରେ ଶୁଟିଂ କରାଯାଉଛି। ଅନୀସ୍ ବାଜ୍‌ମୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିକ୍ୱେଲଟି ଜୁଲାଇରେ ରିଲିଜ୍ ହେବ।

# କଣ୍ଟ୍ରୋଲ ସି, କଣ୍ଟ୍ରୋଲ ଭି ଜନକଙ୍କ ଦେହାନ୍ତ



**ନ୍ୟୁୟର୍କ:** କମ୍ପ୍ୟୁଟର ଓ ସ୍ମାର୍ଟଫୋନ୍ ବ୍ୟବହାରକାରୀ କଣ୍ଟ୍ରୋଲ ସି (ctrl c) ଓ କଣ୍ଟ୍ରୋଲ ଭି (ctrl v)ର ବ୍ୟବହାର ଅଧିକାଂଶ ସମୟରେ କରିଥାନ୍ତି। ବିଶେଷକରି କମ୍ପ୍ୟୁଟର ବା ଲ୍ୟାପ୍‌ଟପ ଯୋଗେ କାର୍ଯ୍ୟ କରିବା ସମୟରେ ଏହାର ଅଧିକ ବ୍ୟବହାର କରାଯାଇଥାଏ। ହେଲେ ଏହି କଣ୍ଟ୍ରୋଲ ସି' ଓ କଣ୍ଟ୍ରୋଲ ଭି' ର ଜନକଙ୍କୁ ଅନେକ ଜାଣନ୍ତିନାହିଁ। କମ୍ପ୍ୟୁଟର ବ୍ୟବହାରର ସରଳୀକରଣ ପାଇଁ କଣ୍ଟ୍ରୋଲ ସି' ଓ କଣ୍ଟ୍ରୋଲ ଭି' ର ଆବିଷ୍କାର କରିଥିବା ସଫ୍ଟୱେର ଇଞ୍ଜିନିୟର ଲେରୀ ଟେସ୍‌ଲରଙ୍କ ୭୪ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଟେସ୍‌ଲରଙ୍କ ଜନ୍ମ ୧୯୪୫ରେ ନ୍ୟୁୟର୍କ ସହରରେ ହୋଇଥିଲା। ସେ କାଲିଫର୍ନିଆର ଷ୍ଟାନ୍‌ଫର୍ଡ ୟୁନିଭରସିଟିରୁ ଗ୍ରାଜୁଏଶନ ଶେଷ କରିବା ପରେ କମ୍ପ୍ୟୁଟର ବ୍ୟବହାରକୁ ସରଳ କରିବା ପାଇଁ ସିଷ୍ଟମ ଇଣ୍ଟରଫେସ୍ ଡିଜାଇନ୍‌ରେ ବିଶେଷଜ୍ଞତା ହାସଲ କରିଥିଲେ। ସେ କଣ୍ଟ୍ରୋଲ ସି' ଓ କଣ୍ଟ୍ରୋଲ ଭି'ର ଆବିଷ୍କାର କରିବା ସହ ଆହୁରି ଅନେକ କମାଣ୍ଡସ୍ ବାହାର କରିଛନ୍ତି, ଯାହା ଏବେ କମ୍ପ୍ୟୁଟରର ବ୍ୟବହାରକୁ ବେଶ ସରଳ କରିପାରିଛି। ୧୯୬୦ରେ ଟେସଲର ଆମେରିକାର ସିଲିକନ୍ ଭ୍ୟାଲିରେ କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। କ୍ୟାରିୟର ଆରମ୍ଭରୁ ଅନେକ ବର୍ଷ ସେ ଜେରକ୍ସ କମ୍ପାନୀରେ କାର୍ଯ୍ୟ କରିଥିଲେ। ଏହାପରେ ଆପଲ୍‌ର କୋ-ଫାଉଣ୍ଡର ଷ୍ଟିଭ୍ ଜୋବସ୍‌ଙ୍କ ଅଫର୍ ପାଇ ସେ ଆପଲରେ ଯୋଗଦେଇଥିଲେ। ସେଠାରେ ୧୭ ବର୍ଷ କାମ କରିବା ପରେ ଟେସ୍‌ଲର ଶିକ୍ଷା କ୍ଷେତ୍ରରେ ସାମିଲ ହୋଇଥିଲେ। ଏବଂ କିଛିଦିନ ଆମାଜନ୍ ଓ ୟାହୁ ପାଇଁ ମଧ୍ୟ କାମ କରିଥିଲେ। ଟେସ୍‌ଲରଙ୍କ ମୃତ୍ୟୁରେ ଜେରକ୍ସ ଓ ଅନ୍ୟ କମ୍ପାନୀମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ଭଉଣୀ ପାଇଁ ଗାଉନ୍ ତିଆରି କଲେ ଭାଇ

**ମାନିଲା:** ଭଉଣୀ-ଭାଇଙ୍କ ମଧ୍ୟରେ ଥିବା ସମ୍ପର୍କ ସବୁଠାରୁ ନିଆରା ବୋଲି କୁହାଯାଏ। ସବୁ ଭାଇ ଭାବନ୍ତି, ତାଙ୍କ ଭଉଣୀ ସବୁଠାରୁ ଭଲ। ଆଉ ଭଉଣୀଙ୍କ କଷ୍ଟ କୌଣସି ଭାଇ ସହଜରେ ହଜମ କରି ପାରନ୍ତି ନାହିଁ ବୋଲି ମଧ୍ୟ କୁହାଯାଏ। ଏବେ ଏମିତି ଏକ ଖବର ଫିଲିପାଇନ୍ସରୁ ଆସିଛି। ଏଠାରେ ଜଣେ ଭଉଣୀଙ୍କୁ ଖୁସି କରିବାକୁ ତାଙ୍କ ଭାଇ ଏକ ପ୍ରକାର ଫ୍ୟାଶନ ଡିଜାଇନର ପାଲଟି ଯାଇଛନ୍ତି କହିଲେ ଚଳେ। ଫିଲିପାଇନ୍ସରେ କଲ୍‌ଚର ଓ ଆର୍ଟସ୍ ପଢୁଥିବା ଛାତ୍ର ମାଭେରିକ ଫ୍ରାନସିସ୍‌କୋ ଓୟେଙ୍କ ଭଉଣୀ ଲୁ ଅସେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଗୋଟିଏ ନୂଆ ପୋଷାକ କିଣିବାକୁ କହିଥିଲେ। ହେଲେ ପୋଷାକ କିଣିବାକୁ ଅର୍ଥାଭାବ ଥିବାରୁ ଭାଇ ମାଭେରିକ ତାଙ୍କ ମାଆଙ୍କ ସହାୟତାରେ ଘରେ ଏକ ସୁନ୍ଦର ଗାଉନ୍ ପ୍ରସ୍ତୁତ କରିଥିଲେ। ବ୍ଲୁ ଓ ହ୍ୱାଇଟ୍ କଲର୍‌ର ଏହି ଗାଉନ୍ ଦେଖିବା ପରେ ସମସ୍ତେ କହିଥିଲେ, ଏହା କୌଣସି ଫ୍ୟାଶନ ଡିଜାଇନର ତିଆରି କରିଛନ୍ତି। ପ୍ରକୃତରେ ଭଉଣୀଙ୍କୁ ଖୁସି କରିବାକୁ ଭାଇ ମାଭେରିକ ଏକ ପ୍ରକାର ଫ୍ୟାଶନ ଡିଜାଇନର ପାଲଟିଯାଇଥିବା କୁହାଯାଉଛି।





ନିର୍ମଳ କୁମାର ମିଶ୍ର

# ଓଡ଼ିଶାର ରଣଜୀ ଯାତ୍ରା

**ଓଡ଼ିଶାର ରଣଜୀ ଅଭିଯାନ ବେଶ୍ ଉତ୍ସାହଜନକ ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରି ଓଡ଼ିଶା କ୍ୱାର୍ଟର ଫାଇନାଲରେ ବେଙ୍ଗଲକୁ ଭେଟିଛି। ବେଙ୍ଗଲକୁ ହରାଇପାରିଲେ ଦୀର୍ଘ ୧୬ ବର୍ଷ ପରେ ଓଡ଼ିଶା ସେମିରେ ପ୍ରବେଶ କରିବ। କୋଚ୍ ରଶ୍ମିରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଥର ଚମକପ୍ରଦ ପ୍ରଦର୍ଶନ କରିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ..**



ଚଳିତ ସିଜନରେ ଓଡ଼ିଶା ଦଳର ରଣଜୀ ପ୍ରଦର୍ଶନ ବେଶ୍ ଉତ୍ସାହଜନକ ରହିଛି। ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କୁ ନେଇ ବେଶ୍ ଭଲ ସଫଳତା ପାଇବା ଆମ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପାଇଁ ସନ୍ତୋଷଜନକ ରହିଛି। ୨ବର୍ଷ ପରେ ପୁନର୍ବାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଟିମ୍ ଓଡ଼ିଶା। ଗ୍ରୁପ୍-ସି' ରେ ସ୍ଥାନ ପାଇଥିବା ଓଡ଼ିଶା ଯୁବ ଓ ଅଭିଜ୍ଞ ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ପାଇଁ ଶକ୍ତିଶାଳୀ ଦଳଗୁଡ଼ିକୁ ଟକ୍କର ଦେଇଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଗୁଡ଼ିକରେ ଭେଟେରାନ୍ ବୋଲର ବସନ୍ତ ମହାନ୍ତି ସମସ୍ତ ମ୍ୟାଚ୍‌ରେ ବେଶ୍ ଭଲ ବୋଲିଂ କରିବା ସହିତ ସୂର୍ଯ୍ୟକାନ୍ତ ପ୍ରଧାନ ମଧ୍ୟ ତାଙ୍କୁ ବେଶ୍ ସହାୟତା କରିଛନ୍ତି। ବ୍ୟାଟିଂରେ ବିପ୍ଳବ ସାମନ୍ତରାୟ କେତେକ ଉପଯୋଗୀ ଇନିଂସ ଖେଳିଥିବା ବେଳେ ଦେବାଶିଷ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଦେବବ୍ରତ ପ୍ରଧାନ ବିଭିନ୍ନ ମ୍ୟାଚରେ ଭଲ ପ୍ରଦର୍ଶନ କରିବା ସହିତ ଟିମ୍ ଓଡ଼ିଶାକୁ ସଫଳତା ଦେବାରେ ସହାୟତା କରିଛନ୍ତି। ଦୀର୍ଘ ଦିନ ପରେ ଏପରି ସଫଳତା ବିଭିନ୍ନ ବର୍ଗର ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଛି। ଏଥି ସହିତ ଓଡ଼ିଶା ଏଲିଟ ଗ୍ରୁପ ସି' ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଜମ୍ମୁ ଓ କଶ୍ମୀର ପରେ ରହିଛି। ଲିଗ୍ ପର୍ଯ୍ୟାୟରେ ଦଳରେ ପ୍ରଦର୍ଶନରେ ସ୍ଥିରତା ରହିଥିଲା। ପରବର୍ତ୍ତୀ ଅବସ୍ଥାରେ ଉଭୟ ବୋଲିଂ ଏବଂ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରି ଦଳ ଠିକଣା ସମୟରେ ସଫଳତା ପାଇଛି। ଏଥିପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ସମ୍ପାଦକ ସଞ୍ଜୟ ବେହେରା ସମ୍ପୂର୍ଣ୍ଣ ଟିମ୍‌କୁ ଉତ୍ସାହିତ କରିବା ସହିତ ପୁରସ୍କାର ରାଶି ଘୋଷଣା କରିବା ଦ୍ୱାରା ଟିମର ମନୋବଳ ବେଶ୍ ବୃଦ୍ଧି ପାଇଛି।

ଯଦିଓ ଗ୍ରୁପ୍-ସି ଏଲିଟ ଗ୍ରୁପ୍‌ରେ ଟିମ୍ ଓଡ଼ିଶା ସ୍ଥାନ ପାଇଛି ତଥାପି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ବେଶ୍ ଚ୍ୟାଲେଞ୍ଜ୍ ପୂର୍ଣ୍ଣ ରହିଥିଲା। ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ସାମିଲ ହେବା କାମ ଗୌରବର କଥା ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଠିକ୍ ସମୟରେ କର ବା ମର ସ୍ଥିତିରେ ଥାଇ ଟିମ୍ ଓଡ଼ିଶା ଘରୋଇ ବାରବାଟୀ ଷ୍ଟାଡିୟମରେ ବେଶ୍ ସଫଳ ପ୍ରଦର୍ଶନ ମାଧ୍ୟମରେ ମ୍ୟାଚ ଡ୍ର ରଖିବାକୁ ସକ୍ଷମ ହେଲା। ଘରୋଇ ପରିବେଶ ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ କ୍ୱାର୍ଟର ଫାଇନାଲ ମ୍ୟାଚରେ ପଡୋଶୀ ବେଙ୍ଗଲକୁ ଭେଟିଛି। ବେଙ୍ଗଲ ସହିତ ଅନେକ ମ୍ୟାଚ ଖେଳିଥିବା ଟିମ୍ ଓଡ଼ିଶା ତାର ଗେମ୍ ପ୍ଲାନ ସହିତ ବେଶ୍ ଅଭ୍ୟସ୍ତ। ଯଦିଓ ଓଡ଼ିଶାର ସଫଳ ଦ୍ରୁତତମ ପେସ୍ ବୋଲର ରାଜେଶ ମହାନ୍ତି ମହାରାଷ୍ଟ୍ର ସହିତ ମ୍ୟାଚ ଖେଳିବା ସମୟରେ ଆଘାତ ସମସ୍ୟା ଯୋଗୁ ବାଦ୍ ପଡିଛନ୍ତି ତଥାପି ପଡୋଶୀ ବେଙ୍ଗଲକୁ ରୋକିବାର ଦକ୍ଷତା ରଖିଛି ଟିମ୍ ଓଡ଼ିଶା।

ଏଲିଟ ଗ୍ରୁପ୍-ସି' ରେ ଶକ୍ତିଶାଳୀ ମହାରାଷ୍ଟ୍ର, ହରିୟାଣା, ଜମ୍ମୁ ଓ କଶ୍ମୀର, ତ୍ରିପୁରା, ଉତ୍ତରାଖଣ୍ଡ, ଝାଡଖଣ୍ଡ, ଆସାମ, ସର୍ଭିସେସ୍ ଓ ଛତିଶଗଡ ସହିତ ସ୍ଥାନ ପାଇଥିଲା ଟିମ୍ ଓଡ଼ିଶା। ଅପେକ୍ଷାକୃତ କମ୍ ଶକ୍ତିଶାଳୀ ଛତିଶଗଡ, ଉତ୍ତରାଖଣ୍ଡ ରହିଥିଲେ ମଧ୍ୟ ଅନ୍ୟ ସମସ୍ତ ଟିମ୍‌ଗୁଡ଼ିକ ବେଶ୍ ଶକ୍ତିଶାଳୀ ରହିଥିଲେ। ଛତିଶଗଡ଼, ସର୍ଭିସେସ୍ ଏବଂ ଆସାମ ସହିତ ଇନିଂସ ବିଜୟ ଆମ ପାଇଁ ସଫଳ ପ୍ରଦର୍ଶନ ମାଧ୍ୟମରେ ସମ୍ଭବ ହୋଇଥିବା ବେଳେ ଜମ୍ମୁ ଓ କଶ୍ମୀର ଏବଂ ମହାରାଷ୍ଟ୍ରଠାରୁ ପରାଜୟ ଦଳକୁ ବ୍ୟାକ୍‌ଫୁଟକୁ ନେଇ ଯାଇଥିଲା। ତେବେ ହରିୟାଣା ବିପକ୍ଷରେ ୧ ଉଇକେଟରେ ମ୍ୟାଚ ବିଜୟୀ ହେବା ବେଶ୍ ଉତ୍ସାହଜନକ ରହିଥିଲା। ପ୍ରଥମ ସୋପାନକୁ ସଫଳତାର ସହିତ ଅତିକ୍ରମ କରି ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିବା ନିଶ୍ଚିତ ରୂପେ ଦଳଗତ ସଫଳତା । ଏହି ସିଜନରେ ନବାଗତ ଯୁବ ପ୍ରତିଭାଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ରହିଥିବାର ଦେଖାଯାଇଛି। ଯଦିଓ କୌଣସି ଖେଳାଳି ସମସ୍ତ ମ୍ୟାଚରେ ଭଲ ସଫଳତା ପାଇବା ସହିତ ବିସିସିଆଇ ସିଲେକ୍ଟରମାନଙ୍କୁ ପ୍ରଭାବିତ କଲାପରି ପ୍ରଦର୍ଶନ କରିପାରି ନାହାନ୍ତି, ତଥାପି ଠିକଣା ସମୟରେ ସେମାନଙ୍କର ପ୍ରଦର୍ଶନ ସମସ୍ତଙ୍କୁ ଆକୃଷ୍ଟ ଏବଂ ପ୍ରଭାବିତ କରିଛି। ଏହା ନିଶ୍ଚିତ ଯେ ଲିଗ ପର୍ଯ୍ୟାୟରେ ନବାଗତ ମାନଙ୍କ ପ୍ରଦର୍ଶନ ଅଭିଜ୍ଞ ଖେଳାଳିମାନଙ୍କୁ ପଛରେ ପକାଇଦେଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଦେବାଶିଷ ସାମନ୍ତରାୟ। ସେ ସମସ୍ତଙ୍କୁ ପଛରେ ପକାଇବାରେ ସକ୍ଷମ ହୋଇଛନ୍ତି। ୨ଟି ଶତକ ସହିତ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି ଏହି ମିଡଲଅର୍ଡରର ବ୍ୟାଟ୍ସମ୍ୟାନ। ନିଜର ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ଦେବବ୍ରତ ପ୍ରଧାନ ଚର୍ଚ୍ଚାରେ ଅଛନ୍ତି। ସେ ୨୨ଟି ଉଇକେଟ ସହିତ ୨ଟି ଅର୍ଦ୍ଧଶତକ ସହ ନିଜର ଦକ୍ଷତା। ପ୍ରତିପାଦନ କରିଛନ୍ତି। ଅନ୍ୟତମ ଉଇକେଟ କିପର ବ୍ୟାଟସମ୍ୟାନ ରାଜେଶ ଧୁପର ମଧ୍ୟ ତାଙ୍କର ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ଦଳପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ନୂଆ ରୂପେ ଶାନ୍ତନୁ ମିଶ୍ରଙ୍କୁ କୋଚ୍ ଏବଂ ଚୟନକର୍ତ୍ତାମାନେ ଇନିଂସ ଓପନ କରିବା ପାଇଁ ସୁଯୋଗ ଦେବା ସହିତ ପରୀକ୍ଷା କରିଥିବା ବେଳେ ଦେବାଶିଷ ସାମନ୍ତରାୟଙ୍କ ପରେ ସେ ଦ୍ୱିତୀୟ ସର୍ବାଧିକ ସ୍କୋରର ରହିବା ଖୁସିର କଥା। କ୍ଲବ କ୍ରିକେଟ ଖେଳୁଥିବା ଏହି ସମସ୍ତ ଖେଳାଳିମାନେ ପାରାମାଉଣ୍ଟ ସ୍ପୋର୍ଟିଂ, ରାଇଜିଂ ଷ୍ଟୁଡେଣ୍ଟ ଏବଂ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ଏବଂ କଟର ସବୁଠାରୁ ସଫଳ ଖେଳାଳି ରୂପେ ରଣଜୀ ଟ୍ରଫିରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଶେଷ ମ୍ୟାଚରେ ଝାଡଖଣ୍ଡ ସହିତ ଅର୍ଦ୍ଧଶତକ କରିବା ସହିତ ଫର୍ମକୁ ଫେରିଥିଲେ। କ୍ୱାର୍ଟର ଫାଇନାଲ ସେ ଭଲ ଖେଳିବେ ବୋଲି ଆଶା କରାଯାଉଛି। ଗୋବିନ୍ଦ ପୋଦ୍ଦାର ତାଙ୍କ ଦକ୍ଷତା ଅନୁଯାୟୀ ବ୍ୟାଟିଂ କରିବାକୁ ସକ୍ଷମ ହୋଇ ନ ଥିଲେ ମଧ୍ୟ ଉପଯୋଗୀ ଇନିଂସ ଖେଳିଛନ୍ତି।

ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର, ବିଦର୍ଭ ପରି ଶକ୍ତିଶାଳୀ ଦଳ ଦ୍ୱିତୀୟ ରାଉଣ୍ଡକୁ କ୍ୱାଲିଫାଇ କରି ପାରି ନଥିବା ବେଳେ ଓଡ଼ିଶା ଏହା କରି ଦେଖାଇଛି। ଓଡ଼ିଶା ୨ବର୍ଷ ପରେ ପୁନର୍ବାର କ୍ୱାଲିଫାଏ କରିବା ଆମ ପାଇଁ ଗର୍ବର ବିଷୟ। ପଡୋଶୀ ବେଙ୍ଗଲ ସହିତ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳିବାକୁ ଥିବା ବେଳେ ବେଙ୍ଗଲ ଅଧିନାୟକ ମନୋଜ ତିୱାରୀ ଭଲ ଫର୍ମରେ ରହି ୮ଟି ମ୍ୟାଚରୁ ୬୪୧ରନ୍ କରିଛନ୍ତି। କେରଳକୁ ପରାସ୍ତ କରିବା ସହିତ ରାଜସ୍ଥାନ ଏବଂ ପଞ୍ଜାବ ହାଇଦ୍ରାବାଦ୍ ପରି ଶକ୍ତିଶାଳୀ ଦଳକୁ ଚକମା ଦେଇଛି ବେଙ୍ଗଲ ଦଳ। କେବଳ ବିଦର୍ଭ ଠାରୁ ହାରିଥିବା ଦଳ ବେଙ୍ଗଲ ଓଡ଼ିଶା ପାଇଁ ବିପର୍ଯ୍ୟୟ ସୃଷ୍ଟି କରିବାକୁ ବେଶ୍ ସକ୍ଷମ। ସର୍ଭିସେସ୍ ଦଳକୁ ପଏଣ୍ଟ ଟେବୁଲରେ ଅଳ୍ପ ବ୍ୟବଧାନରେ ପଛରେ ପକାଇ କ୍ୱାର୍ଟର ଫାଇନାଲରେ ଘରୋଇ ଡ୍ରିମସ ଗ୍ରାଉଣ୍ଡରେ ଖେଳିବାକୁ ଥିବା ଏହି ମ୍ୟାଚ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ୫ଟି ବିଜୟ ୨ଟି ପରାଜୟ ଏବଂ ୨ଟି ଡ୍ର ମ୍ୟାଚ ସହିତ ଟିମ୍ ଓଡ଼ିଶାର ମନୋବଳ ବେଶ୍ ଉପରେ ରହିଛି। ସିମର ସୂର୍ଯ୍ୟକାନ୍ତ ପ୍ରଧାନ, ବସନ୍ତ ମହାନ୍ତି ଏବଂ ରାଜେଶ ମହାନ୍ତି ପ୍ରତ୍ୟେକ ୩୦ରୁ ଉର୍ଦ୍ଧ୍ୱ ଉଇକେଟ ନେଇଥିବା ବେଳେ ରାଜେଶ ମହାନ୍ତିଙ୍କ ଆଘାତ ଜନିତ ସମସ୍ୟା ଦଳକୁ ବ୍ୟାକ୍‌ଫୁଟରେ ରଖିଛି। ଗୋବିନ୍ଦ ପୋଦ୍ଦାର, ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଏବଂ ଦେବବ୍ରତ ପ୍ରଧାନଙ୍କ ଉପଯୋଗୀ ମିଡିୟମ ପେସ୍ ବୋଲିଂ ଡ୍ରିମସର ଖୋଲା ପଡିଆରେ ବେଶ୍ କାମରେ ଆସିବ। ସିନିୟର ଦଳର ଭଲ ପ୍ରଦର୍ଶନ ଉପରେ ସର୍ବଦା ରାଜ୍ୟ ଜୁନିୟର କ୍ରିକେଟ ପାଇଁ ଶୁଭଦାୟକ ସାବ୍ୟସ୍ତ ହୋଇଥାଏ।

# ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର



**ବ୍ରିଟେନ ଫର୍ମୁଲା- ୧ ଡ୍ରାଇଭର ଲୁଇସ୍ ହାମିଲଟନ ଏଥର ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ସହ ଯୁଗ୍ମ ଭାବେ ଲୌରିଅସ୍ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି...**

ଫର୍ମୁଲା-୧ ସୁପରଷ୍ଟାର ଲୁଇସ୍ ହାମିଲଟନଙ୍କୁ ବିଶ୍ୱ କ୍ରୀଡ଼ା ଜଗତରେ ଏକ ନୂଆ ସମ୍ମାନ ମିଳିଛି। ଫର୍ମୁଲା-୧ ରେସ୍‌ରେ ସଫଳତାର ଶୀର୍ଷକୁ ଛୁଇଁଥିଲେ ମଧ୍ୟ ପୂର୍ବରୁ ସେ କେବେ ଲୌରିଅସ ୱାର୍ଲ୍ଡ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ପୁରସ୍କାର ହାସଲ କରି ନ ଥିଲେ। ତେବେ ସେ ମୋଟ ଉପରେ ଏହି ପୁରସ୍କାର ପାଇଁ ୬ଥର ନୋମିନେଟ ହୋଇଥିଲେ। ସେ ଯୁଗ୍ମ ଭାବେ ଆର୍ଜେଣ୍ଟିନା ତଥା ବାର୍ସିଲୋନା ଷ୍ଟ୍ରାଇକର ଲିଓନେଲ ମେସିଙ୍କ ସହ ଏହି ପୁରସ୍କାର ପାଇଛନ୍ତି। ପୂର୍ବରୁ ୨ଜଣ ଫର୍ମୁଲା-୧ ଡ୍ରାଇଭର ଏହି ସମ୍ମାନଜନକ ପୁରସ୍କାର ହାସଲ କରିଥିଲେ। ସେବାଷ୍ଟିଆନ ଭେଟେଲ ଓ ମାଇକେଲ ସୁମାକର ଲୋରିୟସ ସମ୍ମାନ ହାସଲ କରିଥିଲେ।

ମର୍ସିଡିଜର ହାମିଲଟନ ଗତବର୍ଷ ଷଷ୍ଠ ଫର୍ମୁଲା-୧ ୱାର୍ଲ୍ଡ ଚାମ୍ପିୟନଶିପ୍ ହାସଲ କରି ସଫଳତାର ଶୀର୍ଷକୁ ଛୁଇଁଥିଲେ। ତେବେ ସେ ମାଇକେଲ ସୁମାକରଙ୍କ ୭ଟି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ରେକର୍ଡଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ହାମିଲଟନଙ୍କର ଏହି ସଫଳତା ସର୍ବକାଳୀନ ଦ୍ୱିତୀୟ ଶ୍ରେଷ୍ଠ ବିବେଚିତ ହେଉଛି।

ଏହି ପୁରସ୍କାର ଦୌଡ଼ରେ ଆମେରିକୀୟ ଅଭିଜ୍ଞ ଗଲ୍ଫର ଟାଇଗର ଉଡ୍ସ, ସ୍ପେନ୍ ଟେନିସ ସୁପରଷ୍ଟାର ରାଫାଲ ନାଡାଲ, ମୋଟର ସାଇକଲ ରେସର ମାର୍କ ମାର୍କୁଏଜ, ଲଙ୍ଗ ଡିଷ୍ଟାନ୍ସ ରନର ଏଲିଉଡ କିପଚୋଗ ସାମିଲ ରହିଥିଲେ। ଏମାନେ ହାମିଲଟନ ଓ ମେସିଙ୍କୁ କଡ଼ା ଟକ୍କର ଦେଇଥିଲେ। ପ୍ରଥମଥର ପାଇଁ ଲୋରିୟସ ୱାର୍ଲ୍ଡ ସ୍ପୋର୍ଟ୍ସ ମ୍ୟାନ ଅଫ୍ ଦି ଇୟର ଭାଗ ହୋଇଛି। ବିଶ୍ୱ କ୍ରୀଡ଼ା ଜଗତରେ ଲୋରିୟସ ପୁରସ୍କାର ଓସ୍କାର ଭାବେ ପରିଗଣିତ ହୋଇଥାଏ। ପୁରସ୍କାର ପାଇବା ପରେ ହାମିଲଟନ ଖୁସି ଜାହିର କରିଛନ୍ତି।

## ଆଉ-ୱାସ୍

ପାରମ୍ପରିକ କ୍ରୀଡ଼ା କମାଲ ଜକିରେ
ଷଣ୍ଢ ସଙ୍ଗେ ଦୌଡ଼ି ଘୋଡା
ଦକ୍ଷିଣା କନ୍ନଡ଼ ମୁଦାବିଦରି ଗ୍ରାମର
ହିରୋ ଶ୍ରୀନିବାସ ଗୌଡ଼ା
କାଦୁଅ ହେଲେ ପୀଡ଼ା
ଶହେ ମିଟରକୁ ବୋଲ୍ଟ ସେକେଣ୍ଡରେ
ଧାଇଁ ଟୋକା କଲା ଜଡ଼ା।୧।

ଆଜିଠୁଁ ଆରମ୍ଭ ଫାଷ୍ଟ ଟେଷ୍ଟ ମ୍ୟାଚ୍
ଇଣ୍ଡିଆ ନ୍ୟୁଜିଲାଣ୍ଡ
ନିଲ ୱାଗନର ବାପା ହେବେ ବୋଲି
ଛୁଟି ନେଲା ଖୋଲି ତୁଣ୍ଡ
ମହିଳା ବିକାଶ ମୁଣ୍ଡ
ପାଇଁ ଆଜି ଆଗ ଧାଡ଼ିରେ ନରୱେ
ଡେନମାର୍କ, ଫିନ୍‌ଲ୍ୟାଣ୍ଡ।୨।

ରାଇଜର ଲେଡ଼ି ସ୍ୱାସ୍ଥ୍ୟକର୍ମୀ ଖଟେ
ଏନ୍.ସି.ଡି.ଠୁଁ ଧରି ଟିକା
ଏଠି ଗେହ୍ଲାପୁଅ ମେଲ ୱାର୍କର
ସ୍କୁଲକୁ ନ ଯାଆ କକା
ସରକାରୀ କଳ ଚଖା
ଖଟୁଥିବା ଲୋକ ପଛରେ ପ୍ରହାର
ନଖିଟିବା ଲୋକ ସଖା।୩।

-ସୁବାସ ଚନ୍ଦ୍ର ପ୍ରଧାନ



# ରେକର୍ଡ ଅପେକ୍ଷାରେ

**୩ଟି ଫର୍ମାଟରେ ୧୦୦ ଲେଖାଏ ମ୍ୟାଚ୍ ଖେଳି ନ୍ୟୁଜିଲାଣ୍ଡ ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର ଏକ ବିରଳ କ୍ଲବରେ ସାମିଲ ହେବାକୁ ଯାଉଛନ୍ତି। ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ଖେଳି ସେ ଏହି ମାଇଲଖୁଣ୍ଟ ସ୍ଥାପନ କରିବେ...**

ନ୍ୟୁଜିଲାଣ୍ଡର ସଙ୍କଟମୋଚକ ତଥା ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ୍ ଟେଲର ଏବେ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିବାକୁ ଯାଉଛନ୍ତି। ଶୁକ୍ରବାର ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳି ସେ ଇତିହାସ ସୃଷ୍ଟି କରିବେ। ଏହି ମ୍ୟାଚ୍ ଖେଳି ସେ କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିବେ। କେବଳ ସେତିକି ନୁହେଁ ୩୫ ବର୍ଷୀୟ ଟେଲର ବିଶ୍ୱର ପ୍ରଥମ କ୍ରିକେଟର ଭାବେ ୩ଟି ଯାକ ଫର୍ମାଟରେ ୧୦୦ଟି ଲେଖାଏ ମ୍ୟାଚ୍ ଖେଳି ବିରଳ ସଫଳତା ଅର୍ଜନ କରିବେ। ପୂର୍ବରୁ ଟେଲର ୯୯ଟି ଟେଷ୍ଟ ୨୩୧ଟି ଦିନିକିଆ ଓ ୧୦୦ଟି ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି।

୨୦୦୭ରେ ଟେଲର ଟେଷ୍ଟ କ୍ରିକେଟରେ ପଦାର୍ପଣ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ପ୍ରଥମ ଟେଷ୍ଟ ଖେଳିଥିଲେ। ଇତି ମଧ୍ୟରେ ୧୪ ବର୍ଷ ବିତିଯିବା ପରେ ସେ ନିଜକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ପ୍ରମାଣିତ କରିଛନ୍ତି। ୨୦୦୫ରେ ଟି୨୦ ଓ ୨୦୦୬ରେ ସେ ଦିନିକିଆରେ ପଦାର୍ପଣ କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ସିରିଜ ଖେଳିବା ପରେ ତାଙ୍କୁ ବାଂଲାଦେଶ ବିପକ୍ଷରେ ଦଳରେ ସ୍ଥାନ ମିଳି ନ ଥିଲା। କିନ୍ତୁ ଏହାପରେ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ଖେଳିବାକୁ ତାଙ୍କୁ ସୁଯୋଗ ମିଳିଥିଲା ଓ ଏଥିରେ ସେ ଶତକ ହାସଲ କରିଥିଲେ। ଏହାପରେ ଅବଶ୍ୟ ସେ ପଛକୁ ଫେରି ଚାହିଁ ନ ଥିଲେ।

ଟେଲର ୯୯ଟି ଟେଷ୍ଟ ମ୍ୟାଚ୍ ଖେଳି ୪୬.୨୮ ରନ ହାରରେ ୭୧୭୪ ରନ ସଂଗ୍ରହ କରିଛନ୍ତି। ଏଥିରେ ୧୯ଟି ଶତକ ଓ ୩୩ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ସେ ୨୩୧ଟି ଦିନିକିଆ ଖେଳି ୪୮. ୬୯ ରନ ହାରରେ ସେ ୮, ୫୭୦ ରନ ସଂଗ୍ରହ କରିଛନ୍ତି। ଦିନିକିଆରେ ସେ ୨୧ଟି ଶତକ ଓ ୫୧ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସେହିପରି ଟି୨୦ ଫର୍ମାଟରେ ସେ ୧୦୦ଟି ମ୍ୟାଚ୍ ଖେଳି ୨୬.୫୧ ରନ ହାରରେ ୧,୯୦୯ ରନ ସଂଗ୍ରହ କରିଛନ୍ତି। ଏଥିରେ ୭ଟି ଅର୍ଦ୍ଧଶତକ ସାମିଲ ରହିଛି।

ଏ ନେଇ ଟେଲର ଖୁସି ଜାହିର କରିଛନ୍ତି। ଆହୁରି କିଛି ବର୍ଷ କ୍ରିକେଟ ଖେଳିବା ଜାରି ରଖିବି। ୨୦୧୯ ବିଶ୍ୱକପ୍ ପରେ ଟେଲର ଅବସର ନେବା କଥା ଚିନ୍ତା କରିଥିଲେ। ତେବେ ପରେ ତାଙ୍କ ମନ ପରିବର୍ତ୍ତନ ହୋଇଥିଲା। ଅତିକମ୍‌ରେ ୨୦୨୩ ବିଶ୍ୱକପ ଖେଳିବାକୁ ସେ ଇଚ୍ଛା ଜାହିର କରିଛନ୍ତି। ଏବେ ମଧ୍ୟ ରନ ସଂଗ୍ରହ କରିବାକୁ ବ୍ୟଗ୍ର ଅଛି। କ୍ରିକେଟ ଖେଳିବାକୁ ଭଲ ପାଏ। କ୍ରିକେଟ ହେଉଛି ମୋର ପ୍ରଥମ ପ୍ରେମ। ଏହା ମୋ ପାଇଁ ଏକ ଚାକିରି ନୁହେଁ। ଟେଷ୍ଟ ଓ ଦିନିକିଆ ଫର୍ମାଟରେ ସେ ନ୍ୟୁଜିଲାଣ୍ଡର ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି।

୧୪ ବର୍ଷର କ୍ୟାରିୟରରେ ଟେଲର ଏକାଧିକ ବିଫଳତା ତଥା ଚ୍ୟାଲେଞ୍ଜର ଶିକାର ହୋଇଛନ୍ତି। ୨୦୧୨ରେ ନେତୃତ୍ୱରୁ ତାଙ୍କୁ ହଟାଯାଇଥିଲା। କେବଳ ସେତିକି ନୁହଁ ଗତ କ୍ରମାଗତ ଦୁଇଟି ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡ ପରାସ୍ତ ହୋଇ ଟାଇଟଲରୁ ବଞ୍ଚିତ ହେବା ମଧ୍ୟ ତାଙ୍କୁ କଷ୍ଟ ଦେଇଥିଲା। ତେବେ ଏଭଳି ବିଫଳତା ତାଙ୍କୁ ଆହୁରି ଦୃଢ଼ କରିଛି ବୋଲି ଟେଲର କୁହନ୍ତି। ସଫଳତା ସବୁ ବେଳେ ମିଳେନାହିଁ।ଏହା ସ୍ୱୀକାର କରିବାକୁ ହେବ। ତେବେ ବିଫଳତାରୁ ଶିକ୍ଷା କରିବାକୁ ହୁଏ ଓ ଜଣେ ଉଚ୍ଚକୋଟୀର ଖେଳାଳି ହେବା ପାଇଁ ପ୍ରେରଣା ମିଳିଥାଏ ବୋଲି ସେ କୁହନ୍ତି। ଜଣେ କ୍ୱାଲିଟି ବ୍ୟାଟ୍ସମ୍ୟାନ ଭାବେ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଟେଲର ଯଦି ଫର୍ମ ଓ ଫିଟ୍‌ନେସ ବଜାୟ ରଖନ୍ତି ତା'ହେଲେ ସେ ଆହୁରି କିଛି ବର୍ଷ କ୍ରିକେଟରେ ସକ୍ରିୟ ରହିପାରିବେ ବୋଲି କୁହାଯାଇପାରିବ।

### ସଂକ୍ଷେପରେ..

**ନାମ:** ଲୁଟେରୁ ରସ୍ ପୋଉଟାଓ ଲୋଟ ଟେଲର
**ଜନ୍ମ:** ୮ ମାର୍ଚ୍ଚ ୧୯୮୪
**ବୟସ:** ୩୫ ବର୍ଷ
**ଉଚ୍ଚତା:** ୬ ଫୁଟ୍
**ଟେଷ୍ଟ:** ୯୯
**ଦିନିକିଆ:** ୨୩୧
**ଟି୨୦:** ୧୦୦



"ସହରାଞ୍ଚଳରେ ହାଉସିଂ ଅଭାବ ସମସ୍ୟାକୁ ସରକାର ନଜରରେ ରଖିଛନ୍ତି। ଏହାର ସମାଧାନ ଲାଗି ଶୀଘ୍ର କେନ୍ଦ୍ର ସରକାର ପକ୍ଷରୁ ନୂଆ ରେଣ୍ଟାଲ ନୀତି ଆସିବ।

– ହରଦୀପ ସିଂ ପୁରୀ, କେନ୍ଦ୍ର ମନ୍ତ୍ରୀ

"ସୁପ୍ରିମକୋର୍ଟଙ୍କ ଆଦେଶ ପାଳନ ମୁତାବକ ଏଜିଆର୍ ଦେୟ ପ୍ରଦାନ କରିବା ଟେଲିକମ୍ ଶିଳ୍ପ ଉପରେ ଟିକସ ବୋଝ ଅଧିକ ହେଉଥିବାରୁ ଏହା ହ୍ରାସ ହେବାର ଆବଶ୍ୟକତା ରହିଛି।

–ସୁନୀଲ ଭାରତୀ ମିତ୍ତଲ, ଭାରତୀ ଏୟାରଟେଲ ଅଧ୍ୟକ୍ଷ



# ହୋଣ୍ଡା ପକ୍ଷରୁ ନୂଆ ସାଇନ୍ ୧୨୫ ବିଏସ୍-୬

ଭୁବନେଶ୍ୱର,୨୦-୨

ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏହାର ଲୋକପ୍ରିୟ ୧୨୫ ସିସି ମୋଟରସାଇକେଲ୍ ନୂଆ ସାଇନ୍‌ର ବିଏସ୍-୬ ମଡେଲ୍‌କୁ ବଜାର ପ୍ରବେଶ କରାଯାଇଛି। ଏଥିରେ ଗ୍ରାହକଙ୍କ ଲାଗି ୫ ସ୍ପିଡ୍ ଟ୍ରାନ୍ସମିସନ୍ ରହିଛି। ଏହା ଦ୍ୱାରା ଗ୍ରାହକ ୧୪% ଅଧିକ ମାଇଲେଜ୍ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଯାନଟିର ଏକ୍ସ ଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୬୭ ,୮୫୭ ଟଙ୍କା ରହିଛି। ନୂଆ ପିଢ଼ିର ସାଇନ୍ ବିଏସ୍-୬ କୁ ଉନ୍ମୋଚନ କରି କମ୍ପାନୀର ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ, ମିନୁରୋ କାଟୋ କହିଛନ୍ତି ଯେ, ପରବର୍ତ୍ତୀ ଯୁଗର ପରିବର୍ତ୍ତନର ଅଗ୍ରଦୂତ ସାଜି ବିଏସ୍-୬ ମଡେଲ୍‌ଗୁଡ଼ିକ ବଜାରକୁ ଆଣିଛୁ। ଏହା ୨.୫ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ଉଲ୍ଲସିତ କରିସାରିଛି। ଗ୍ରାହକ ଓ ଅଂଶୀଦାରଙ୍କ ତରଫରୁ ମିଳିଥିବା ଭଲ ପାଇବା ଓ ସମର୍ଥନକୁ ନେଇ ଆମେ ଅତ୍ୟନ୍ତ ଉଲ୍ଲସିତ। ଆମେ ନିଶ୍ଚିତ ଯେ ଏହା ୧୨୫ ସିସି ମୋଟରସାଇକେଲ୍ ବର୍ଗରେ ମଡେଲଟି ବିପ୍ଳବକୁ ଆଗକୁ ବଢ଼ାଇବ। ଭାରତରେ ଆମର ବ୍ୟବସାୟ ସଂପ୍ରସାରଣକୁ ଆହୁରି ସୁଦୃଢ଼ କରିବ। ଏହି ଅବସରରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ସାଇନ୍‌ର ସଫଳତା ହେଉଛି ଆମ ଉତ୍ପାଦ ଉପରେ ୮ ନିୟୁତରୁ ଅଧିକ ସନ୍ତୁଷ୍ଟ ଗ୍ରାହକଙ୍କ ବିଶ୍ୱାସ ଓ ଭରସାର ପ୍ରତିଫଳନ। ହୋଣ୍ଡାର ସୁପରିୟର ପ୍ରଯୁକ୍ତି,୫ ସ୍ପିଡ୍ ଟ୍ରାନ୍ସମିଶନ ଓ ନୂଆ ସୁବିଧା ସହିତ ନୂଆ ମଡେଲ ଅଧିକ ମାଇଲେଜ୍ ପ୍ରଦାନ କରୁଛି। ଏହି ମଡେଲଟି ନେଟ୍‌ୱର୍କରେ ୨୦୨୦ ଫେବ୍ରୁଆରି ଶେଷ ଆଡ଼କୁ ଆସି ପହଞ୍ଚିବ।



# ରାଜ୍ ଇଲେକ୍‌ଟ୍ରୋନିକ୍ସରେ ଏସି ମହାସେଲ୍

ଭୁବନେଶ୍ୱର,୨୦-୨

RAJ ELECTRONICS
ODISHA's No.1 Retail Chain Store

ରାଜ୍ ଇଲେକଟ୍ରୋନିକ୍ସ ପକ୍ଷରୁ ଏସି ମହାସେଲ୍ ଘୋଷଣା କରାଯାଇଛି। ବିଶ୍ୱ ମାନ୍ଦାବସ୍ଥା ଏବଂ ଚାଇନାରେ କରୋନା ଭାଇରସ୍ ପ୍ରଭାବରୁ ବିଶ୍ୱର ଶିଳ୍ପ ଜଗତ ଏକ ଅହେତୁକ ଅଚଳାବସ୍ଥାରେ ରହିଛି। ଏହାର ପ୍ରଭାବରେ ବିଭିନ୍ନ ସାମଗ୍ରୀ ସହିତ ଏସି ଉତ୍ପାଦନ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଖରାଦିନ ଆସିଥିବାରୁ ଏସିର ଚାହିଦା ବୃଦ୍ଧି ହୋଇଛି। ଉପରୋକ୍ତ ଦୁଇଟି କାରଣରୁ ଏସିର ବଜାର ଦର ଉପରେ ଜବରଦସ୍ତ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଏପରିକି ମାର୍ଚ୍ଚ ବେଳକୁ ମୂଲ୍ୟ ୧୦ ରୁ ୧୫% ପର୍ଯ୍ୟନ୍ତ ବଢ଼ିଯିବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ରାଜ୍ ଇଲେକ୍‌ଟ୍ରୋନିକ୍ସ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଏସି ଯୋଗାଇ ଦେବା ପାଇଁ ଏହି ମହାସେଲ୍ ଘୋଷଣା କରିଛି। ବିଭିନ୍ନ ବ୍ରାଣ୍ଡେଡ୍ ଏସି ଯଥା- ଭୋଲଟାସ୍, ଏଲଜି, ବ୍ଲୁଷ୍ଟାର୍, କ୍ୟାରିୟର୍, ସାମସଙ୍ଗ୍, ହ୍ୱାଇର୍ଲପୁଲ, ହାୟର୍, ପାନାସୋନିକ୍, ଗୋଦରେଜ୍, ହିତାଚି, ଆଇଏଫ୍‌ବି ଏବଂ ଲୟଡ୍ ଭଳି କମ୍ପାନୀଗୁଡ଼ିର ଏସି ଶୋ'ରୁମ୍‌ରୁ ଗ୍ରାହକମାନେ କିଣିବାର ସୁଯୋଗ ପାଇବେ। ନଗଦ ଭାବେ ନ ଦେଇ ସ୍ୱଳ୍ପ ଡାଉନ୍‌ପେମେଣ୍ଟରେ ଶୂନ ପ୍ରତିଶତ ସୁଧ ଓ ସହଜକିସ୍ତିରେ ଗ୍ରାହକମାନେ ଏସି କିଣିବାର ଲାଭ ଏବେ ନେଇପାରିବେ। ତାତିବଢ଼ିବା ପାଇଁ ଅପେକ୍ଷା ନ କରି ଗ୍ରାହକମାନେ ଏବେଠୁ ଏସି କିଣିଲେ ଖରାଦିନେ ଘରେ ଏସି ଇନଷ୍ଟଲ ପାଇଁ ହେଉଥିବା ଭିଡ଼ରୁ ରକ୍ଷା ପାଇପାରିବେ। ଏହି ପରିପ୍ରେକ୍ଷୀରେ ରାଜ୍ ଇଲେକ୍‌ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ (ଟୁଟୁଭାଇ) କୁହନ୍ତି, ମୂଲ୍ୟ ବୃଦ୍ଧି ପାଇବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନ ମୂଲ୍ୟରେ ଏସି କିଣି ଘରେ ଲଗାଇବା ସହିତ ଖରାଦିନେ ତାତିରୁ ଆରାମ ପାଇପାରିବେ। ଶୋ'ରୁମ୍‌ରେ ଅଭିଜ୍ଞ ଟିମ୍ ରହିଛନ୍ତି। ରାଜ୍ ଇଲେକ୍‌ଟ୍ରୋନିକ୍ସ ଉପରେ ଗ୍ରାହକମାନେ ଦୀର୍ଘବର୍ଷ ହେଲା ଭରସା ରଖିଛନ୍ତି। ଏଠାରେ ସୁଲଭ ମୂଲ୍ୟରେ ସାମଗ୍ରୀ ମିଳିଥାଏ ବୋଲି ଲୋକଙ୍କ ଦୃଢ଼ବିଶ୍ୱାସ ରହିଛି। ଗ୍ରାହକଙ୍କ ବିଶ୍ୱାସ ଓ ଭରସାକୁ ପାଥେୟ କରି ସର୍ବଦା ଆଗକୁ ବଢ଼ିଥିବା ରାଜ୍ ଇଲେକ୍‌ଟ୍ରୋନିକ୍ସ ଏହି ମହାସେଲ୍ ଅଫର୍ ଆରମ୍ଭ କରିଛି। ତେଣୁ ଦରବୃଦ୍ଧିକୁ ଅପେକ୍ଷା ନକରି ଗ୍ରାହକମାନେ ଏବେ ରାଜ୍ ଇଲେକ୍‌ଟ୍ରୋନିକ୍ସରୁ ସୁଲଭ ଦରରେ ସବୁ ନାମୀଦାମୀ ବ୍ରାଣ୍ଡର ଏସି କିଣିବାର ସୁଯୋଗ ନେବେ ବୋଲି ବିଶ୍ୱାଳ ଆଶାବ୍ୟକ୍ତ କରିଛନ୍ତି।

# ଓରିଏଣ୍ଟ ଇଲେକଟ୍ରିକ୍‌ର ଇନ୍‌ଭର୍ଟର ଆଇସିରିଜ ଫ୍ୟାନ୍

ଭୁବନେଶ୍ୱର,୨୦-୨




ସି.କେ.ବିର୍ଲା ଗ୍ରୁପର ଅଂଶବିଶେଷ ଓରିଏଣ୍ଟ ଇଲେକଟ୍ରିକ ଲିମିଟେଡ ପକ୍ଷରୁ ନୂଆ ଇନଭର୍ଟର ଆଇସିରିଜ ଫ୍ୟାନ ବଜାରକୁ ଆସିଛି। ନୂଆ ଫ୍ୟାନଗୁଡିକରେ ଇସିଏମ୍ ଟେକ୍ନୋଲୋଜି ରହିଛି। ଏହା ୫୦% ଶକ୍ତି ସଞ୍ଚୟ କରିବାକୁ ସକ୍ଷମ ହୋଇ ପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନୂଆ ରେଞ୍ଜର ଫ୍ୟାନ ମଧ୍ୟରେ ଗ୍ରାହକମାନେ ଆଇଫ୍ଲୋରାଲ, ହେକ୍ଟର ୫୦୦, ଆଇଓଟି ଭିତ୍ତିକ ଭଏସ କଣ୍ଟ୍ରୋଲ ଆଇଫ୍ଲୋଟଫ୍ୟାନ, ଡେକୋରକୁ ସୁହାଇଲା ଭଳି ବିସ୍ତୃତ ରଙ୍ଗ ରହିଛି। ଶକ୍ତି ସଞ୍ଚୟକାରୀ ଫ୍ୟାନ ଏବଂ ପ୍ରିମିୟମ ଫ୍ୟାନ ବର୍ଗରେ ଏକ ପ୍ରମୁଖ ସ୍ଥାନରେ ରହିବା ଲକ୍ଷ୍ୟ ଦିଗରେ କମ୍ପାନୀ ଏବେ ପଦକ୍ଷେପ ଗ୍ରହଣ କରିଛି। ଏହି ଅନ୍ତର୍ଗତ ନୂଆ ଫ୍ୟାନ ବଜାରକୁ ଆସିଥିବା କମ୍ପାନୀ ସୂଚନା ଦେଇଛି। ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ବିଚାର କରି ନୂଆ ପ୍ରଡକ୍ଟ ଡିଜାଇନ ଏବଂ ଉଦ୍ଭାବନକୁ ଗୁରୁତ୍ୱ ଦିଆଯାଉଥିବା ଓରିଏଣ୍ଟ ଇଲେକଟ୍ରିକ ଲିମିଟେଡର ଏମ୍‌ଡି ତଥା ସିଇଓ ରାକେଶ ଖାନ୍ନା କହିଛନ୍ତି। ପରିବେଶ ସୁରକ୍ଷା ଏବଂ ଶକ୍ତି ସଞ୍ଚୟକୁ ବିଚାର କରି ନୂଆ ଫ୍ୟାନ ବଜାରକୁ ଛାଡିଥିବା ସେ ମତ ପ୍ରକାଶ କରିଛନ୍ତି। ବିଇଇ ଶକ୍ତି ନିୟମକୁ ଦୃଷ୍ଟିରେ ରଖି ନୂଆ ଫ୍ୟାନ ମଡେଲ ବଜାରକୁ ଛଡାଯାଇଥିବା କମ୍ପାନୀର ଉପସଭାପତି ଅତୁଲ ଜୈନ ସୂଚନା ଦେଇଛନ୍ତି।

# ବିଗ୍ ବଜାର ଆଣିଲା ବିୟୁଟି ବଜାର୍

ଭୁବନେଶ୍ୱର,୨୦-୨

ବିଗ୍ ବାଜାର ପକ୍ଷରୁ ବିୟୁଟି ବଜାର ଶୁଭାରମ୍ଭ ଘୋଷଣା କରାଯାଇଛି। ସୌନ୍ଦର୍ଯ୍ୟ ଅଭିଳାଷୀ, ମେକ୍‌ଅପ୍ ପ୍ରେମୀ, ଯୁବାବର୍ଗ ତଥା ମହିଳାମାନଙ୍କ ନିକଟରେ ପହଞ୍ଚିବା ପାଇଁ ବିଗ୍ ବଜାର ପକ୍ଷରୁ ଭାରତର ବିୟୁଟି ବଜାର୍‌ର ଉନ୍ମୋଚନ କରାଯାଇଛି। ପ୍ରମୁଖ ବ୍ରାଣ୍ଡଗୁଡିକର ସର୍ବୋତ୍ତମ ବିୟୁଟି ପ୍ରଡକ୍ଟଗୁଡିକୁ ଗ୍ରାହକ ସୁଲଭ ଦରରେ ଏଠାରେ ପାଇପାରିବେ। ଷ୍ଟୋରରେ ହେୟାର୍, ସ୍କିନ୍, ଫେସ୍, ଆଇଜ୍, ଲିପ୍ସ, ନେଲ୍‌ର ଏବଂ ଅନ୍ୟାନ୍ୟ ବିୟୁଟି ଏସେନ୍‌ସିଆଲ୍ସରୁ ନିଜ ପସନ୍ଦର ଉତ୍ପାଦ ଚୟନ କରିବାର ସୁବିଧା ମିଳିପାରିବ। ଏସମ୍ପର୍କରେ ଗ୍ରୁପ୍‌ର ଡିଜିଟାଲ ଆଣ୍ଡ ମାର୍କେଟିଙ୍ଗ୍ ଗ୍ରୁପ୍ ହେଡ୍ ପୱନ ସାର୍‌ଦା କହିଛନ୍ତି ଯେ, ବିୟୁଟି ବଜାର୍ ସହ ଗ୍ରାହକମାନେ ବ୍ରାଣ୍ଡେଡ୍ ପ୍ରଡକ୍ଟଗୁଡିକୁ ଖୁବ୍ କମ୍ ମୂଲ୍ୟରେ ପାଇବା ସହ ଅଧିକ ଅର୍ଥ ସଞ୍ଚୟ କରିପାରିବେ। ବିଗ୍‌ବାଜାର୍ ଖୁବଶୀଘ୍ର ଏହାର ଏକ ଡିଜିଟାଲ ପ୍ଲାଟ୍‌ଫର୍ମ ଲଞ୍ଚ କରିବାକୁ ଯାଉଛି ବୋଲି ସେ କହିଛନ୍ତି।




# ଏୟାର ଏସିଆ ଇଣ୍ଡିଆର ସଫଳତା

ଭୁବନେଶ୍ୱର,୨୦-୨

ଚଳିତ ବର୍ଷ ଜାନୁୟାରୀ ମାସ ଲାଗି ଅନ୍ ଟାଇମ ପର୍‌ଫର୍‌ମାନ୍ସ(ଓଟିପି) କ୍ଷେତ୍ରରେ ଏୟାର ଏସିଆ ଇଣ୍ଡିଆ ସଫଳତା ହାସଲ କରିଛି। ସଚୀଭୁକ୍ତ ଘରୋଇ ବିମାନ ଉଡାଣ କ୍ଷେତ୍ରରେ କମ୍ପାନୀ ପ୍ରଥମ ସ୍ଥାନରେ ରହିଛି। ବାଙ୍ଗାଲୋର, ନୂଆଦିଲ୍ଲୀ, ହାଇଦ୍ରାବାଦ ଏବଂ ମୁମ୍ବାଇ ଭଳି ମେଟ୍ରୋଗୁଡିକୁ ବିଚାରକୁ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏହି ରିପୋର୍ଟ ପ୍ରଦାନ କରାଯାଇଛି। ଟାଟାସନ୍ସ ଏବଂ ଏୟାର ଏସିଆ ବରହାଦର ସହଭାଗିତାରେ ଏକ ଯୌଥ ଉଦ୍ୟୋଗ ଭାବେ ଭାରତରେ କମ୍ପାନୀ ବିମାନ ସେବା ଯୋଗାଇ ଦେଉଛି। ଦେଶ ମଧ୍ୟରେ ୨୧ଟି ସ୍ଥାନକୁ ବିମାନ ସେବା ଯୋଗାଉଥିବା ଏହି କମ୍ପାନୀ ନିକଟରେ ୨୯ ବିମାନ ରହିଛି। ଜାନୁୟାରୀରେ ଦୈନିକ ୨୦୦ ଫ୍ଲାଇଟ ସହ ୯ ଲକ୍ଷ ଯାତ୍ରୀଙ୍କୁ ଏହା ସେବା ଯୋଗାଇ ଦେଇଛି। ଗ୍ରାହକଙ୍କୁ ସୁହାଇଲା ଭଳି ମୂଲ୍ୟରେ ଲିଜର ଡେଷ୍ଟିନେଶନକୁ ସେବା ପ୍ରଦାନ କରୁଛି। ଗ୍ରାହକଙ୍କୁ ସେବା ଯୋଗାଣ ଦିଗରେ ଏକ ପ୍ରମୁଖ ସ୍ଥାନରେ ରହିବା ଦିଗରେ ଉଦ୍ୟମ ଜାରି ରହିଥିବା ଏୟାର ଏସିଆ ଇଣ୍ଡିଆର ଏମ୍‌ଡି ତଥା ସିଇଓ ସୁନୀଲ ଭାସ୍କରନ ସୂଚନା ଦେଇଛନ୍ତି।

# ଦକ୍ଷିଣ ଆଫ୍ରିକାରେ ରେନୋ ଟ୍ରାଇବର



**ଭୁବନେଶ୍ୱର,୨୦-୨:** ପ୍ରମୁଖ ଯାନ ନିର୍ମାତା କମ୍ପାନୀ ରେନୋ ପକ୍ଷରୁ ଟ୍ରାଇବରକୁ ଦକ୍ଷିଣ ଆଫ୍ରିକାରେ ଶୁଭାରମ୍ଭ କରାଯାଇଛି। ଏହି ମଡେଲଟି ଭାରତରେ ୨୮ ହଜାର ୟୁନିଟ ବିକ୍ରି ଟପିଛି। ଏହା ପରେ ଦକ୍ଷିଣ ଆଫ୍ରିକାରେ ଯାନଟିକୁ ଶୁଭାରମ୍ଭ କରାଯାଇଥିବା ବେଳେ ସେଠାରେ ମଧ୍ୟ ଉନ୍ନତ ବିକ୍ରି ସଫଳତା ହାସଲ କରିବାକୁ ସକ୍ଷମ ହେବା ନେଇ କମ୍ପାନୀ ଆଶାବାଦୀ ରହିଛି। ଏହି ମଡେଲଟିକୁ ଆଫ୍ରିକା, ଏସିଆନ ଏବଂ ସାର୍କ ଦେଶଗୁଡିକୁ ରପ୍ତାନି କରିବାକୁ ଏହା ଆଶାବାଦୀ ରହିଛି। ଉନ୍ନତମାନ ଏବଂ ଉନ୍ନତ ଭାଲ୍ୟୁ ପ୍ୟାକେଜ ସହ ଆକର୍ଷଣୀୟ ଡିଜାଇନ, ସ୍ପେଶିୟସ, ମଡ୍ୟୁଲାର ହେତୁ ରେନୋ ଗ୍ରାହକଙ୍କ ଦ୍ୱାରା ଆଦୃତ ହେଉଛି। ଏଥିରେ ଗ୍ରାହକମାନେ ୩୦ରୁ ଅଧିକ ଆକର୍ଷଣୀୟ ବୈଶିଷ୍ଟ୍ୟ ଲାଭ କରିପାରିବେ। ଇଜିଫିକ୍ସ ସିଟ୍, ଏସ୍‌ୟୁଭି ସ୍କିଡ ପ୍ଲେଟ, ଏଲ୍‌ଇଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ୨ୟ ଏବଂ ତୃତୀୟ ଧାଡିରେ ଟୁଇନ ଏସି ସହିତ ଭେଣ୍ଟ, ଷ୍ଟାଇଲ ଫ୍ଲେକ୍ସ ହ୍ୱିଲ, ୧୮୦ ମିଲି ମିଟରର ହାଇ ଗ୍ରାଉଣ୍ଡ କ୍ଲିୟରାନ୍ସ, ୮ ଇଞ୍ଚର ଟଚ୍ ସ୍କ୍ରିନ ମିଡିଆ ଏବଂ ଏନ୍‌ଏଭି ଇଭୋଲ୍ୟୁଶନ ସିଷ୍ଟମ ଗ୍ରାହକ ଲାଭ କରିପାରିବେ। ଆଫ୍ରିକା, ଏସିଆ ଏବଂ ସାର୍କ ଦେଶଗୁଡିକରେ ଏହି ମଡେଲର ଚାହିଦା ବଢାଇବା ଦିଗରେ କାର୍ଯ୍ୟକ୍ରମ ଜାରି ରହିବ ବୋଲି କମ୍ପାନୀର ଏମ୍‌ଡି ତଥା କଣ୍ଟ୍ରି ସିଇଓ ଭେଙ୍କଟରାମ ମାମିଲାପାଲେ ସୂଚନା ଦେଇଛନ୍ତି।


**THE ODISHA STATE COOPERATIVE BANK LTD.**
(Schedueld Bank)
Pandit Jawaharlal Nehru Marg, Bhubaneswar – 751 001 No.LL-43

Ref. No. OSCB/DIT/7883//2019-20 Date : 19.02.2020

**REQUEST FOR PROPOSAL**

Name of the Work : **Request for Proposal for "Financial Inclusion Gateway in " in OSCB and DCCBs.**

Last date and time of submission : **17.03.2020 upto 3.00 PM**
Time and date of opening of Technical Bid : **18.03.2020 at 11.30 AM**
The RFP details can be downloaded from the official website www.odishascb.com from 20.02.2020 to 15.03.2020

Bhubaneswar
Sd/- Managing Director
Odisha State Cooperative Bank Ltd.
OIPR-39012/11/0034/1920



NESCO UTILITY
**ନେସ୍କୋ ୟୁଟିଲିଟି**
ମୁଖ୍ୟ କାର୍ଯ୍ୟାଳୟ, ଜାନୁଗଞ୍ଜ, ଜିଲ୍ଲା- ବାଲେଶ୍ୱର

**ବିଦ୍ୟୁତ ଗ୍ରାହକ ଧ୍ୟାନ ଦିଅନ୍ତୁ !**

ଆପଣ ଯଦି ନିଜର ବିଦ୍ୟୁତ୍‌ବିଲ୍ ବକେୟା ରଖିଥାନ୍ତି, ତେବେ ତୁରନ୍ତ ସମସ୍ତ ବକେୟା ଦେୟ ପୈଠକରନ୍ତୁ ଏବଂ "ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ" (Disconnection) ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡାଇଯାଆନ୍ତୁ।

**ଆମର ପରାମର୍ଶ**

- ଆପଣଙ୍କ ବିଦ୍ୟୁତ୍‌ବିଲ୍‌ରେ କୌଣସି ତ୍ରୁଟିଥିଲେ ତୁରନ୍ତ ନିକଟସ୍ଥ ନେସ୍କୋର ଜେ.ଇ/ଏସ୍‌ଡିଓଙ୍କୁ ଯୋଗାଯୋଗ କରି ଏହାକୁ ସୁଧାରିନିଅନ୍ତୁ ଏବଂ ସଂଶୋଧିତ ବିଲ୍‌ରାଶି ଅନୁଯାୟୀ ନିଜର ଦେୟ ଯଥାଶିଘ୍ର ପୈଠ କରନ୍ତୁ।
- ଯଦି ଆପଣ ଏକକାଳୀନ ସମସ୍ତ ବକେୟା ପୈଠପାଇଁ ସମର୍ଥ ହୋଇପାରୁନାହାଁନ୍ତି, ତେବେ ସ୍ଥଳବିଶେଷରେ ବକେୟା ପରିମାଣ ଭିତ୍ତିରେ କିସ୍ତିରେ ପୈଠପାଇଁ ସ୍ଥାନୀୟ, ନେସ୍କୋ ଅଧିକାରୀଙ୍କ ଠାରୁ କିସ୍ତି ମଞ୍ଜୁର କରାଇ ନିଅନ୍ତୁ ଓ ତୁରନ୍ତ ପୈଠ କରନ୍ତୁ।
- ବିଦ୍ୟୁତ୍‌ଦେୟ ବକେୟା ରଖିଥିବା ଖିଲାପି ଗ୍ରାହକମାନଙ୍କର ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ସ୍ୱତନ୍ତ୍ର "ଡିସ୍‌କନେକସନ୍ ସ୍କ୍ୱାଡ୍" ନିଯୁକ୍ତ କରାଯାଇଛି। ଯଦି ଆପଣ ଦେୟ ପୈଠ କରିସାରିଥାନ୍ତି, ତେବେ ଉକ୍ତ ସ୍କ୍ୱାଡ୍‌କୁ ଦେୟ-ପୈଠ ରସିଦ୍ (ମନି ରିସିପଟ୍) ଦେଖାନ୍ତୁ।
- ବକେୟା ଦେୟ ନେସ୍କୋର ସେକ୍‌ସନ୍/ସବ୍‌ଡିଭିଜନ୍ କାର୍ଯ୍ୟାଳୟ, ବିଲ୍ ଆଦାୟକେନ୍ଦ୍ର, ଅଧିକୃତ ଆଦାୟକାରୀଙ୍କ ଠାରେ ଅଥବା ଆମର ୱେବ୍‌ସାଇଟ www.nescoodisha.com ମାଧ୍ୟମରେ ଅନ୍‌ଲାଇନ୍ ପୈଠ କରିପାରିବେ।

ସ୍ୱା/- କ୍ଷମତା ପ୍ରାପ୍ତ ଅଧିକାରୀ, ନେସ୍କୋ ୟୁଟିଲିଟି, ବାଲେଶ୍ୱର



**NOTICE INVITING TENDER**
**OFFICE OF THE MUNICIPAL COUNCIL, NAYAGARH**
NAYAGARH (ODISHA), PIN-752069
e-Mail : nacnayagarh@yahoo.co.in
TENDER CALL NOTICE No.604, Dt.20.02.2020
E-Procurement Notice No.MUNLNGR-8/2019-20

| | | | |
|---|---|---|---|
| 1 | Name of the work | : | Civil works |
| 2 | No. of works | : | 02 Nos. |
| 3 | Value of work | : | Rs.6,69,643/- to 42,40,555/- |
| 4 | Class of Contractor | : | B & A for Sl. No.1, D & C for Sl. No.2 |
| 5 | Period of Completion | : | 90 days |
| 6 | Date of Publication | : | 25.02.2020 |
| 7 | Date and Time of availability of document in the portal. | : | From Dt.25.02.2020 at 10.00 A.M. to Dt.06.03.2020 up to 5.00 P.M. |
| 8 | Last Date / Time for receipt of bids in portal | : | Dt.06.03.2020 up to 5.00 P.M. |
| 9 | Last date of Submission of original documents in this office. | : | On or before 1.00 P.M. on 11.03.2020 by Registered Post / Speed Post / Drop Box available at Municipal Office |
| 10 | Date and Time of opening Bid | : | Dt.11.03.2020 at 4.00 P.M. at Municipality Office, Nayagarh |
| | Name and address of the officer inviting bid | : | **Sd./- Executive Officer, Nayagarh Municipality** |

Further details can be seen from e-Procurement portal **https://tendersodisha.gov.in**

Sd./- Executive Officer
Nayagarh Municipality



OCPL Odisha Coal and Power Limited
**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 /2300664

**NOTICE INVITING TENDER**
NIT No: OCPL/SITE/SER-10/2020 Date:21/02/2020
Sealed bids in prescribed format are invited from reputedagencies/service provider/ contractor for following job:

| Sl. No. | Name of the work | Cost of Tender Paper | BID Security | ContractPeriod | Last date of Sale of Tender Document | Date of Submission/ Opening |
|---|---|---|---|---|---|---|
| 1 | Appointment of an agency for comprehensive maintenance of Rehabilitation & Resettlement (R & R) colony of Odisha Coal and Power Limited (OCPL) at Hemgir, Sundargarh, Odisha | Rs. 1,180/- (Rupees One Thousand One Hundred and Eighty Only) inclusive of GST @ 18% | Rs.20,000/- (Rupees Twenty Thousand Only) | 01 Year | 14/03/2020 | 03:00 PM on 24/03/2020<br>03.30PM on 24/03/2020 |

Interested agencies maydownload the RFP document from our website, i.ewww.ocpl.org.in . Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd/-Sr. Manager (Commercial & Contracts.), OCPL
Tel -7608008703 (M)



**NTPC Limited** (A Govt. of India Enterprise)
EASTERN REGION II HEADQUARTERS, BHUBANESWAR
Invitation for Expression of Interest for Following Work under DDUGJY Package
Ref No.:GePNIC Tender ID 2020_NTPC_31157_1, Work Description: Rural Electrification works of 164 Nos. of PE Villages of Keonjhar District in Odisha State under DDUGJY Scheme, Application Submission Period: From 20.02.2020 to 27.02.2020 (upto 3.30 PM), Opening Date: 28.02.2020
For detailed EOI & Other details Plz. Visit at www.ntpctender.com or https://eprocurentpc.nic.in or may contact AGM (C&M)/Manager (C&M) NTPC ER-II HQ, 3rd, 4th & 5th Floor, OLIC BLD, N-17/2 Nayapalli, Bhubaneswar-751012, Phone: (0674) 2500946, 9437043529 , 9650998113
Registered Office: NTPC Bhawan, SCOPE Complex, 7, Institutional Area, Lodhi Road, New Delhi-110003, CIN: L40101DL1975GOI007966.
1044/NIT/2020/20022020001 interads
Leading the Power Sector



**SBRG WOMENS COLLEGE ALUMNI MEET 2020**
The above meet will be held on 1st March 2020 at 11 A.M inside the College premises. Please register your name by 28th Feb in the College website www.sbrgautowomenscollege.ac.in to share your proud and sweet moments.
PRINCIPAL








**BEACH DEVELOPMENT COMMITTEE**
CHANDRABHAGA, KONARK, PURI
Sealed proposals are invited from Reputed Agency for "Selection of an Agency for Operation & Maintenance of Chandrabhaga Beach, Konark, Puri". The last date of submission of the Proposal by dt.17.03.2020, time: 5.00 PM through Speed / Registered / Courier post only.
The detail request for proposal can be viewed in the district website www.puri.nic.in.
Sd./- Chairman, BEACH DEVELOPMENT COMMITTEE, Chandrabhaga, Puri



**ROURKELA DEVELOPMENT AUTHORITY**
UDITNAGAR, ROURKELA-769012
No.710 /RDA Dated: 19.02.2020
**PROCLAMATION**
It is hereby informed to the General public that one Sri Dasharath Pandab, S/o- Late Bhagaban Pandab has been applied for mutation of House No.-L/29 under Durgapur Foot Hill Housing Project, Stage-I, Basanti Colony, Rourkela-12 in his favour consequent upon death of his wife Late Gelabati Pandab W/o- Dasharath Pandab. If anybody has got objection to the proposed mutation. He/She may file objection Petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expire of the stipulated period.
Sd./- Secretary
Rourkela Development Authority



" ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଭାରତ ବିପକ୍ଷ ଓପନିଂ ମ୍ୟାଚରେ ଅଷ୍ଟ୍ରେଲିଆ ଫେଭରାଇଟ୍, କିନ୍ତୁ ଜିତିବା ସହଜ ହେବନାହିଁ ।

–ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟର



" ରିଷଭ ପନ୍ତ ବର୍ତ୍ତମାନ ଖରାପ ସମୟ ଦେଇ ଗତି କରୁଥିବାରୁ ପ୍ରଦର୍ଶନରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦିଅନ୍ତୁ ।

–ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟ ଦଳର ଉପଅଧିନାୟକ

## ସଂକ୍ଷେପରେ

### ବିଶ୍ୱ ରେକର୍ଡରୁ ଡୁପ୍ଲାଣ୍ଟିସ ବଞ୍ଚିତ

ଲିଭିନ (ଫ୍ରାନ୍ସ),୨୦।୨ (ଏଏଫ୍‌ପି)-ସ୍ୱିଡିଶ ଆଥଲେଟ୍ ଆର୍ମାଣ୍ଡ ଡୁପ୍ଲାଣ୍ଟିସ ଜାଭେଲିନ୍ ଥ୍ରୋ'ରେ ୧୨ ଦିନ ମଧ୍ୟରେ ଅଳ୍ପକେ ତୃତୀୟ ଥର ବିଶ୍ୱ ରେକର୍ଡ ଭଙ୍ଗ କରିବାରୁ ବଞ୍ଚିତ ହୋଇଛନ୍ତି। ଏଠାରେ ବୁଧବାର ଏକ ଇନ୍‌ଡୋର ଇଭେଣ୍ଟରେ ସେ ୬.୦୭ ମିଟର ଦୂର ଜାଭେଲିନ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ଆମେରିକାର ବିଶ୍ୱ ଚାମ୍ପିୟନ ସାମ୍ କେଣ୍ଡ୍ରିକ୍ସ (୫.୯୦ମିଟର) ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୦ବର୍ଷୀୟ ଡୁପ୍ଲାଣ୍ଟିସ ଏହା ପୂର୍ବରୁ ଗତ ରବିବାର ଗ୍ଲାସ୍‌ଗୋଠାରେ ୬.୧୮ ମିଟର ଏବଂ ଚଳିତ ମାସ ପ୍ରାରମ୍ଭରେ ପୋଲାଣ୍ଡଠାରେ ୬.୧୮ ମିଟର କ୍ଲିୟର କରି ଫ୍ରାନ୍ସର ରେନଡ ଲାଭେଲିନ୍ (୬.୧୭)ଙ୍କ ୬ବର୍ଷ ତଳର ରେକର୍ଡକୁ ଭଙ୍ଗ କରିଥିଲେ।

### ହେବନାହିଁ ଅଲଷ୍ଟାର ମ୍ୟାଚ୍

ମୁମ୍ବାଇ,୨୦।୨- ଆଗାମୀ ଆଇପିଏଲ ପୂର୍ବରୁ ଅଲଷ୍ଟାର ମ୍ୟାଚ୍ ଖେଳାଯାଇପାରିବ ନାହିଁ। ଏହି ନିଷ୍ପତ୍ତି ସମ୍ପର୍କରେ ଏପର୍ଯ୍ୟନ୍ତ ବିଧିବଦ୍ଧ ଘୋଷଣା ହୋଇନାହିଁ। କିନ୍ତୁ ଫ୍ରାଞ୍ଚାଇଜମାନେ ଜଣାଇ ଦେଇଛନ୍ତି ମ୍ୟାଚ୍ ଅନୁଷ୍ଠିତ ହୋଇପାରିବ ନାହିଁ। ଅତିକମ୍‌ରେ ୨୯ ତାରିଖରୁ ଆରମ୍ଭ ହେଉଥିବା ଆଇପିଏଲ ପୂର୍ବରୁ ନୁହେଁ। କାରଣ ଏସିଆ ଏକାଦଶ ଓ ବିଶ୍ୱ ଏକାଦଶ ମଧ୍ୟରେ ମାର୍ଚ୍ଚ ୨୫ ଓ ୨୬ ତାରିଖରେ ବିଶ୍ୱର ସବୁଠୁ ବଡ଼ କ୍ରିକେଟ ମୋଟେରା ଷ୍ଟାଡିୟମରେ ଖେଳାଯିବାର ଅଛି। ଏଣୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଲଷ୍ଟାର ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ଅଲଷ୍ଟାର ମ୍ୟାଚ୍ ସମ୍ପର୍କରେ ନିଷ୍ପତ୍ତି ନେଲାବେଳେ ଫ୍ରାଞ୍ଚାଇଜଙ୍କ ସହ ପରାମର୍ଶ କରାଯାଇ ନ ଥିଲା। ଫ୍ରାଞ୍ଚାଇଜମାନେ ଖେଳାଳି ଛାଡ଼ିବାକୁ ନାରାଜ। ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ଖେଳାଳି ଆହତହେବାର ସମ୍ଭାବନା ରହିଛି, ଏହା ହେଉଛି ପ୍ରଥମ କାରଣ। ଦ୍ୱିତୀୟତଃ ଫ୍ରାଞ୍ଚାଇଜମାନେ ସିଜନ ପୂର୍ବରୁ ଖେଳାଳିଙ୍କୁ ପ୍ରମୋଟ କାର୍ଯ୍ୟରେ ନିଯୁକ୍ତ କରିବେ। ଏହାବାଦ୍ ଖେଳାଳିଙ୍କ ପାଇଁ କିଏ ଅର୍ଥ ଦେବ, ସେ ନେଇ ମଧ୍ୟ ପ୍ରଶ୍ନ ରହିଛି। ଭାରତୀୟ ଖେଳାଳିମାନେ ରାଜି ହୋଇପାରନ୍ତି, କିନ୍ତୁ ବିଦେଶୀ ଖେଳାଳି ଟଙ୍କା ଉପରେ ହିଁ ଜୋର ଦେବେ। ଖେଳାଳିଙ୍କ ପାଇଁ ଅର୍ଥ ଖର୍ଚ୍ଚ କରିବା ବିଶ୍ୱର ସବୁଠୁ ଶକ୍ତିଶାଳୀ କ୍ରିକେଟ ବୋର୍ଡ ବିସିସିଆଇ ଲାଗି ବଡ଼ କଥା ନୁହେଁ। କିନ୍ତୁ କିଛି ସ୍ପଷ୍ଟ କରାଯାଇ ନାହିଁ। ବିସିସିଆଇ କିମ୍ବା ଆଇପିଏଲ ଅଲଷ୍ଟାର ମ୍ୟାଚ୍ ବିଷୟରେ ମତ ଦେଇନାହାନ୍ତି। ହେଲେ ଫ୍ରାଞ୍ଚାଇଜ ସୂତ୍ରରୁ ବାତିଲ କରାଯିବା ନେଇ ସ୍ପଷ୍ଟ କରିଛନ୍ତି। ବିସିସିଆଇ ନିକଟରେ ଆଇପିଏଲର କାର୍ଯ୍ୟସୂଚୀ ପ୍ରକାଶ କରିଛି। ମାତ୍ର ସେଥିରେ ଅଲଷ୍ଟାର ମ୍ୟାଚ୍ ସମ୍ପର୍କରେ କିଛି କୁହାଯାଇ ନାହିଁ। ଲିଗ୍ ପର୍ଯ୍ୟାୟ ମାର୍ଚ୍ଚ ୨୯ରୁ ମେ ୧୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଫାଇନାଲ ମେ ୨୪ ତାରିଖରେ ଅନୁଷ୍ଠିତ ହେବ। ଉଭୟ ଉଦ୍‌ଘାଟନୀ ଓ ଫାଇନାଲ ମ୍ୟାଚ୍ ମୁମ୍ବାଇରେ ଖେଳାଯିବାର ଅଛି।

### ମାସ୍କରେ ଟ୍ରେନିଂ କରୁଛନ୍ତି ଚାଇନିଜ ଆଥ୍‌ଲେଟ

ହଂକଂ,୨୦।୨- କରୋନା ଭାଇରସ ଚାଇନିଜ ଆଥ୍‌ଲେଟଙ୍କ ଅଲିମ୍ପିକ୍ ପ୍ରସ୍ତୁତିରେ ବାଧା ସୃଷ୍ଟି କରିଛି। ବିଦେଶରେ ହେଉଥିବା ଟୁର୍ନାମେଣ୍ଟରେ ଚାଇନିଜ ଆଥ୍‌ଲେଟ ଅଂଶଗ୍ରହଣ କରିପାରୁନାହାନ୍ତି ଓ ଟ୍ରେନ ସହ ବିମାନସେବା ମଧ୍ୟ ବନ୍ଦ ଥିବାରୁ ଅଲଗା ରହିବାକୁ ପଡୁଛି। ଭାଇରସ ଯୋଗୁ ଚାଇନାରେ ୨୧ ଶହ ଲୋକ ପ୍ରାଣ ହରାଇସାରିଛନ୍ତି। ଏହାସତ୍ତ୍ୱେ ଟୋକିଓ ଅଲିମ୍ପିକ୍ସ ବାତିଲ ହେବନାହିଁ ବୋଲି ଆୟୋଜକ କମିଟି ଓ ଆଇଓସି ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ମାତ୍ର ଚାଇନିଜ ଦଳର ପ୍ରଦର୍ଶନ ଉପରେ ଭାଇରସ ପ୍ରଭାବ ପକାଇବାର ବିଶେଷ ସମ୍ଭାବନା ରହିଛି। ଚାଇନିଜ ଆଥ୍‌ଲେଟଙ୍କ ମଧ୍ୟରେ କେହି ଭାଇରସରେ ପ୍ରଭାବିତ ହୋଇଥିବା ସୂଚନା ମିଳିନାହିଁ। କିନ୍ତୁ ଭାଇରସ ଯୋଗୁ ଚାଇନିଜ ଆଥ୍‌ଲେଟମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହାର ସଦ୍ୟ ଉଦାହରଣ ହେଲା ଚାଇନିଜ ମହିଳା ଫୁଟବଲ ଦଳକୁ ବ୍ରିସବେନ ହୋଟେଲ କରିଡରରେ ଷ୍ଟ୍ରେଚିଂ ଓ ଅଭ୍ୟାସ କରିବାକୁ ପଡ଼ିଥିଲା। ବିଶ୍ୱରେ ଫେବୃୟାରୀରୁ ଏପ୍ରିଲ ମଧ୍ୟରେ ପ୍ରାୟ ୧୦୦ ଅଲିମ୍ପିକ୍ କ୍ୱାଲିଫାଇଂ ଇଭେଣ୍ଟ ହେବାର ଅଛି ବୋଲି ଚାଇନିଜ ଅଲିମ୍ପିକ୍ କମିଟି (ସିଓସି) ଉପସଭାପତି ଲିଉ ଗୁୟଙ୍ଗ କହିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ବିଭିନ୍ନ ଦେଶର ଅନ୍ତର୍ଜାତୀୟ କ୍ରୀଡ଼ା ଫେଡେରେଶନକୁ ସିଓସିର ସାହାଯ୍ୟ କରିବା ପାଇଁ କହିଛି।

## ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ

# ସୁଯୋଗ ହାତଛଡ଼ା କଲା ଓଡ଼ିଶା

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)

କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଗୁରୁବାର ଆରମ୍ଭ ହୋଇଛି ଓଡ଼ିଶା–ବେଙ୍ଗଲ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ। ପ୍ରଥମ ସେସନରେ ୧୬.୨ ଓଭର ମଧ୍ୟରେ ମାତ୍ର ୪୬ ରନ ବିନିମୟରେ ୫ ଉଇକେଟ ହାସଲ କରିଥିବା ଓଡ଼ିଶା ସୁଯୋଗ ହାତଛଡ଼ା କରିଛି। ଅନୁଷ୍ଟୁପ ମଜୁମଦାରଙ୍କ ଶତକ ଏବଂ ଶାହବାଜ ଅହମ୍ମଦଙ୍କ କ୍ୟାରିୟର ଶ୍ରେଷ୍ଠ ଇନିଂସ ବଳରେ ବେଙ୍ଗଲ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ଦିନ ଖେଳ ଶେଷ ବେଳକୁ ବେଙ୍ଗଲ ୮୬ ଓଭରରେ ୬ ଉଇକେଟ ହରାଇ ୩୦୮ ରନ ସଂଗ୍ରହ କରିଛି। ମଜୁମଦାର ୧୩୬ ଓ ଶାହବାଜ ୮୨ ରନରେ ଅପରାଜିତ ଅଛନ୍ତି।

**ଘାତକ ବୋଲିଂ ପରେ ଦିଗହରା**

ଟସ୍ ଜିତି ଓଡ଼ିଶା ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦ୍ରୁତ ବୋଲରମାନେ ଘାତକ ବୋଲିଂ କରି ବେଙ୍ଗଲକୁ ଘାଇଲା କରିଦେଇଥିଲେ। କୌଶିକ ଘୋଷ ୯, ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୭, ଅଭିଷେକ ରମଣ ୧, ଅର୍ନବ ନନ୍ଦି ୨୪ ଓ ମନୋଜ ତିୱାରୀ ୪ ରନରେ ଆଉଟ ହେବାରୁ ବେଙ୍ଗଲକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା ଓଡ଼ିଶା। ଏହାପରେ ହାଲ୍‌କା ମନୋଭାବ ହେଉ କିମ୍ବା ଦିଗହରା ବୋଲିଂ ଯୋଗୁ ଓଡ଼ିଶା ବୋଲରମାନେ ଆଉ ସଫଳତା ପାଇଲେ ନାହିଁ। ବଲ୍ ପୁରୁଣା ହେବା ସହିତ ପିଚ୍‌ରୁ ଆର୍ଦ୍ରତା କମିବାପରେ ବେଙ୍ଗଲ ବ୍ୟାଟ୍ସମ୍ୟାନମାନେ ଧୈର୍ଯ୍ୟର ସହିତ ବ୍ୟାଟିଂ କରି ସଫଳ ପ୍ରତ୍ୟାବର୍ତ୍ତନ କଲେ।

**ମଜୁମ୍‌ଦାରଙ୍କ ଶତକ**

ବେଙ୍ଗଲକୁ ବିପଦରୁ ଉଦ୍ଧାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଅନୁଷ୍ଟୁପ



ଶତକ ହାସଲ ପରେ ଅନୁଷ୍ଟୁପ ମଜୁମଦାର।

ମଜୁମଦାର। ସେ ୬ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ ହେଁ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି କ୍ୟାରିୟରର ୮ମ ପ୍ରଥମଶ୍ରେଣୀ ଶତକ ହାସଲ କରି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ୧୨୮ ବଲ୍‌ରୁ ଶତକ ପୂରଣ କରିଥିବା ମଜୁମଦାର ମୋଟ ୧୯୪ ବଲ୍ ଖେଳି ୨୦ ଚୌକା ସହାୟତାରେ ୧୩୬ ରନରେ ଅପରାଜିତ ରହିଛନ୍ତି। ଶତକୀୟ ଇନିଂସ ଅବସରରେ ସେ ୨ଟି ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ି ବେଙ୍ଗଲକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଛନ୍ତି। ୧୬ ରନରେ ଜୀବନଦାନ ପାଇଥିବା ଶ୍ରୀବତ୍ସ ଗୋସ୍ୱାମୀ ୩୪ ରନ କରି ଆଉଟ ହୋଇଥିଲେ। ଫଳରେ ମଜୁମଦାର–ଶ୍ରୀବତ୍ସ ୬ଷ୍ଠ ଉଇକେଟ ଯୋଡ଼ିରେ ମୂଲ୍ୟବାନ ୯୫ ରନ ସଂଗ୍ରହ କରି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଶ୍ରୀବତ୍ସ ଆଉଟ ହେବାପରେ ବେଙ୍ଗଲର ଜାଡେଜା କୁହାଯାଉଥିବା ଶାହବାଜ ଅହମ୍ମଦ କ୍ରିଜକୁ ଆସିଥିଲେ। ମଜୁମଦାର ଓ ଶାହବାଜଙ୍କ ଆତ୍ମବିଶ୍ୱାସପୂର୍ଣ୍ଣ ବ୍ୟାଟିଂ ଆଗରେ ଓଡ଼ିଶା ବୋଲରଙ୍କ ପ୍ରଦର୍ଶନ ଫିକା ପଡ଼ି ଯାଇଥିଲା। ଏହି ଅବସରରେ ଶାହବାଜ କ୍ୟାରିୟର ଶ୍ରେଷ୍ଠ ଇନିଂସ ଖେଳି ୮୨ ରନରେ ଅପରାଜିତ ରହିଥିଲେ। ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋର ଥିଲା ୬୧* ରନ। ଚଳିତ ସିଜନରେ ଜୟପୁରଠାରେ ଅନୁଷ୍ଠିତ ରାଜସ୍ଥାନ ବିପକ୍ଷ ମ୍ୟାଚରେ ଶାହବାଜ ୬୧ ରନ କରି ଅପରାଜିତ ରହିଥିଲେ। ଦୁହେଁ ଅସମାପ୍ତ ୭ମ ଉଇକେଟ ଯୋଡ଼ିରେ ୧୬୭ ରନ ଯୋଗକରି ଓଡ଼ିଶା ଶିବିରରେ ନୈରାଶ୍ୟ ଖେଳାଇ ଦେଇଛନ୍ତି।

**ସତର୍କ ଘଣ୍ଟି**

ପ୍ରଥମେ ମଜୁମଦାର–ଶ୍ରୀବତ୍ସ ଏବଂ ପରେ ମଜୁମଦାର–ଶାହବାଜଙ୍କ ପାର୍ଟନରଶିପ୍ ଓଡ଼ିଶା ପାଇଁ ସତର୍କ ଘଣ୍ଟି ସଦୃଶ ହୋଇଛି। ୪୬ ରନରେ ୫ ଉଇକେଟ ହରାଇଥିଲେ ହେଁ ଲଞ୍ଚ୍ ବ୍ରେକ୍ ବେଳକୁ ୧୧୧/୫, ଚା' ବିରତି ସୁଦ୍ଧା ୨୦୯/୬ ଓ ପ୍ରଥମ ଦିନ ଶେଷସୁଦ୍ଧା ୩୦୮/୬ ରନ ସଂଗ୍ରହ କରି ବେଙ୍ଗଲ ନିଜ ଦକ୍ଷତା ଦେଖାଇଛି। ସୁଯୋଗ ହାତପାଆନ୍ତାରେ ଥାଇ ମଧ୍ୟ ତାହାର ସଦ୍‌ବ୍ୟବହାର କରି ନ ପାରିବା ତୃତୀୟ ସେସନରେ ଓଡ଼ିଶା ଖେଳାଳିଙ୍କ ବଡି ଲାଙ୍ଗୁଏଜରୁ ସ୍ପଷ୍ଟ ବାରି ହେଉଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ ଓ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ପ୍ରୀତ୍ କନୱର ସିଂ ଚୌହାନ ୨ଟି ଲେଖାଏ ଉଇକେଟ ନେଇଥିବାବେଳେ ଭେଟେରାନ ବସନ୍ତ ମହାନ୍ତି ଓ ଦେବବ୍ରତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଶୁକ୍ରବାର ଦ୍ୱିତୀୟ ଦିବସର ପ୍ରଥମ ସେସନ ଓଡ଼ିଶା ପାଇଁ ଅନେକ ମହତ୍ତ୍ୱ ରଖୁଛି। ବେଙ୍ଗଲ ୩୫୦ ସ୍କୋର ଅତିକ୍ରମ କଲେ ଓଡ଼ିଶା ପାଇଁ ବିପଦ ସାବ୍ୟସ୍ତ ହୋଇପାରେ ବୋଲି କ୍ରିକେଟ ପଣ୍ଡିତମାନେ ପୂର୍ବାନୁମାନ କରୁଛନ୍ତି। ୨ ବର୍ଷ ପରେ ଓଡ଼ିଶା କ୍ୱାର୍ଟର ଫାଇନାଲ ଖେଳୁଥିବାରୁ ଏବେ ଆଶା ଯେତିକି ଆଶଙ୍କା ମଧ୍ୟ ସେତିକି ରହିଛି।

ସଂକ୍ଷିପ୍ତ ସ୍କୋର

ବେଙ୍ଗଲ ପ୍ରଥମ ଇନିଂସ: ୩୦୮/୬ (ଅନୁଷ୍ଟୁପ ମଜୁମଦାର–୧୩୬*, ଶାହାବାଜ ଅମହ୍ମଦ–୮୨*, ଶ୍ରୀବତ୍ସ ଗୋସ୍ୱାମୀ–୩୪, ଅର୍ନବ ନନ୍ଦି–୨୪, ସୂର୍ଯ୍ୟକାନ୍ତ ପ୍ରଧାନ–୨/୯୬, ପ୍ରୀତ୍ କନୱର ସିଂ ଚୌହାନ–୨/୫୨, ବସନ୍ତ ମହାନ୍ତି–୧/୪୮, ଦେବବ୍ରତ ପ୍ରଧାନ–୧/୫୪)।

### ଓଡ଼ିଶା କ୍ରିକେଟରେ ଦ୍ୱିତୀୟ ପିତାପୁତ୍ର



ପ୍ରୀତ୍ କନୱର ସିଂ ଚୌହାନ

ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ବେଙ୍ଗଲ ବିପକ୍ଷ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି ପ୍ରୀତ୍ କନୱର ସିଂ ଚୌହାନ। କେବଳ କ୍ୟାରିୟର ଆରମ୍ଭ କରିନାହାନ୍ତି, ନିଜ ପ୍ରଥମ ଓଭରରେ ଉଇକେଟ ହାସଲ କରି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି ଏହି ପ୍ରତିଭା ସମ୍ପନ୍ନ ଦ୍ରୁତ ବୋଲର। ପ୍ରୀତ୍ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଅର୍ନବ ନନ୍ଦିଙ୍କୁ ଏବଂ ଓଡ଼ିଶା ପାଇଁ ବ୍ରେକ୍ ଥ୍ରୁ ଆବଶ୍ୟକ ଥିବାବେଳେ ଶ୍ରୀବତ୍ସ ଗୋସ୍ୱାମୀଙ୍କୁ ଆଉଟ କରିଥିଲେ। ସେ ପ୍ରଥମ ଦିବସରେ ୫୨ ରନ ବିନିମୟରେ ୨ଟି ଉଇକେଟ ନେଇଛନ୍ତି। ପ୍ରୀତଙ୍କ ପିତା ଗୁରଜିତ୍ ସିଂ ଚୌହାନ ୮୦ ଦଶକ ପ୍ରାରମ୍ଭରେ ଓଡ଼ିଶା ପକ୍ଷରୁ ୨ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳିଛନ୍ତି। ଓଡ଼ିଶା କ୍ରିକେଟରେ ଦ୍ୱିତୀୟ ପିତାପୁତ୍ର ଭାବେ ଗୁରଜିତ–ପ୍ରୀତ୍ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ପୂର୍ବରୁ ମଦନ ମୋହନ ମହାନ୍ତି ଓ ଯଶପାଲ ମହାନ୍ତି ଏହି କ୍ଲବର ସଦସ୍ୟ ଥିଲେ।

## ଟ୍ରଫି ଉନ୍ମୋଚିତ



ଖେଳାଳିମାନେ ଟ୍ରଫି ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ପ୍ରଥମ ସଂସ୍କରଣ ଶନିବାରଠାରୁ ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏଥିପୂର୍ବରୁ ଶୁକ୍ରବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉତ୍ସବ ମଧ୍ୟରେ ଏହାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଗୁରୁବାର ଏହି ପ୍ରତିଯୋଗିତାର ଟ୍ରଫି ଔପଚାରିକ ଭାବେ ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ କିଟ୍ କ୍ୟାମ୍ପସ ରଗ୍‌ବୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଟ୍ରଫି ଉନ୍ମୋଚନ ଉତ୍ସବରେ ମହୀଶୂର ବିଶ୍ୱବିଦ୍ୟାଳୟ ଓ ଲକ୍ଷ୍ମୀବାଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ (ଗ୍ୱାଲିୟର)ର ଛାତ୍ରୀଛାତ୍ରମାନେ ଏହି ଟ୍ରଫିକୁ ଉନ୍ମୋଚନ କରିଥିଲେ। ମହୀଶୂର ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାଗ୍ୟଶ୍ରୀ, ପ୍ରିୟଙ୍କା ଓ ବୈଷ୍ଣବୀ ଏବଂ ଲକ୍ଷ୍ମୀବାଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ ପକ୍ଷରୁ ହିମାଂଶୁ ଯାଦବ, ବିନାୟକ କୁମାର ଓ ପଙ୍କଜ ବୋରା ଉପସ୍ଥିତ ରହିଥିଲେ। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣରେ ଅଂଶଗ୍ରହଣ କରିଥିବାରୁ ପ୍ରିୟଙ୍କା ବେଶ୍ ଉତ୍ସାହିତ ଥିଲେ। ଏଭଳି ଏକ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିଥିବାରୁ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏଥିସହ ଭବିଷ୍ୟତରେ ଏଥିରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ବାହାରି ପାରିବେ ବୋଲି ଭଲିବଲରେ ଭାଗନେବାକୁ ଆସିଥିବା ପ୍ରିୟଙ୍କା ଏହା ଆଶାବ୍ୟକ୍ତ କରିଛନ୍ତି।

**୧୭ କ୍ରୀଡ଼ାରେ ୩୩୪୩ ଆଥ୍‌ଲେଟ**

ଫେବୃୟାରୀ ୨୨ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ କେଆଇୟୁଜିର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିରେ ଭାରତର ପାଖାପାଖି ୧୦୦ ବିଶ୍ୱବିଦ୍ୟାଳୟରୁ ୩୩୪୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଯେଉଁଥିରେ ୧୬୦୫ ଛାତ୍ରୀ ଓ ୧୭୩୮ ଛାତ୍ର ସାମିଲ ରହିଛନ୍ତି। ପ୍ରତିଯୋଗୀଙ୍କ ବ୍ୟତୀତ ଟେକ୍ନିକାଲ ଓ ସପୋର୍ଟିଂ ଷ୍ଟାଫ୍ ମଧ୍ୟ ଦଳ ସହ ଆସିଛନ୍ତି। ସେହିଭଳି ମୋଟ୍ ୧୭ଟି କ୍ରୀଡ଼ାରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଗୁଡ଼ିକ ମଧ୍ୟରେ ତୀରନ୍ଦାଜ, ଆଥ୍‌ଲେଟିକ୍ସ, ବକ୍ସିଂ, ଫେନସିଂ, ଜୁଡୋ, ସୁଇମିଂ, ଭାରୋତ୍ତୋଳନ ଓ କୁସ୍ତିରେ ପ୍ରତିଯୋଗୀମାନେ ବ୍ୟକ୍ତିଗତ ଭାବେ ଭାଗ ନେଇପାରିବେ। ସେହିଭଳି ଟିମ୍ ଇଭେଣ୍ଟରେ ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଫୁଟ୍‌ବଲ, ହକି, ଟେବୁଲ ଟେନିସ, ଟେନିସ, ଭଲିବଲ୍, ରଗ୍‌ବୀ ଓ କବାଡ଼ି ସାମିଲ ରହିଛି।

**୧୫୦୨ ପଦକ ପାଇଁ ଲଢ଼େଇ**

ମୋଟ୍ ୧୫୦୨ ପଦକ ପାଇଁ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ ହେବ, ଯେଉଁଥିରେ ୪୫୮ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ରହିଥିବାବେଳେ ବ୍ରୋଞ୍ଜ ପଦକ ସଂଖ୍ୟା ୫୮୬ ରହିଛି।

**୧୦ ସ୍ଥାନରେ ଖେଳ**

ଭୁବନେଶ୍ୱର ଓ କଟକରେ ମିଳିତ ଭାବେ କେଆଇୟୁଜିର ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ। ଉଭୟ ସହରରେ ମୋଟ୍ ୧୦ଟି ସ୍ଥାନରେ ଇଭେଣ୍ଟ ଖେଳାଯିବ। କିଟ୍ ପ୍ରତିଯୋଗିତାର ମୁଖ୍ୟ ସେଣ୍ଟର ରହିଛି। ସେଗୁଡ଼ିକ ମଧ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ରହିଥିବାବେଳେ ଭୁବନେଶ୍ୱରରୁ କଳିଙ୍ଗ ଷ୍ଟାଡିୟମ, ସହିଦ୍ ନଗର ସ୍ପୋର୍ଟ୍ସ ହଲ୍, କିଟ୍‌ରୁ କ୍ୟାମ୍ପସ ୫, ୮,୯, ୧୩ରେ ବିଭିନ୍ନ ଇଭେଣ୍ଟ ହେବ।

**ବେଡ୍ ସାଇଡ୍‌ରେ ରହିବ ଫ୍ରୁଟ୍ସ ବାସ୍କେଟ**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟର ପ୍ରଥମ ସଂସ୍କରଣରେ ପାଖାପାଖି ୩୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିପାଇଁ ସେମାନଙ୍କ ଲାଗି ବିଭିନ୍ନ ଫଳମୂଳର ବ୍ୟବସ୍ଥା କରାଯାଇଛି। ସେଓ, କମଳା ପ୍ରଭୃତି ଗୁରୁବାର କିଟ୍‌ରେ ପହଞ୍ଚିଥିବାବେଳେ ଏହାକୁ ବାସ୍କେଟ୍‌ରେ ପୂରାଇ ରଖାଯାଇଛି। ଖେଳାଳିଙ୍କ ବେଡ୍‌ସାଇଡ୍‌ରେ ଏହି ଫ୍ରୁଟ୍ ବାସ୍କେଟ୍ ରହିବ।



ଉଦ୍‌ଘାଟନୀ ସମାରୋହ ପାଇଁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନ୍ତିମ ପ୍ରସ୍ତୁତି।

## ଇଏସ୍‌ପିଏନ୍ ସାହସିକ ପୁରସ୍କାର ଜିତିଲେ ଦ୍ୟୁତୀ

ନୂଆଦିଲ୍ଲୀ, ୨୦।୨ (ପି.ଟି.)

ଷ୍ଟାର୍ ସ୍ପ୍ରିଣ୍ଟର ତଥା ମହିଳା ୧୦୦ ମିଟର ରେସ୍‌ରେ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିବା ଦ୍ୟୁତୀ ଚାନ୍ଦ ଆମେରିକୀୟ କ୍ରୀଡ଼ା ଚ୍ୟାନେଲ ଇଏସ୍‌ପିଏନ୍ ପକ୍ଷରୁ 'ସାହସିକ ପୁରସ୍କାର' ଜିତିଛନ୍ତି। ଇଏସ୍‌ପିଏନ୍ କ୍ରୀଡ଼ା ଚ୍ୟାନେଲ ପକ୍ଷରୁ ପ୍ରଥମ ଥର ଲାଗି ସାହସିକ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଦ୍ୟୁତୀ ଏହାର ପ୍ରଥମ ବିଜେତା ହୋଇଛନ୍ତି। ଉଭୟ ପଡ଼ିଆ ଭିତରେ ଓ ବାହାରେ ଦ୍ୟୁତୀ ସମସ୍ତଙ୍କ ଲାଗି ପ୍ରେରଣାଦାୟୀ ରହିଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ ଫେଡେରେଶନ (ଆଇଏଏଏଫ୍)ର ଭେଦଭାବପୂର୍ଣ୍ଣ ହାଇପରଆଣ୍ଡ୍ରୋଜେନିଜମ ନିୟମ ବିରୋଧରେ ଲଢ଼େଇ କରି ପୁନର୍ବାର ଦୌଡ଼ିବା ଲାଗି ଅଧିକାର ଲାଭ କରି ବେଶ୍ ଚର୍ଚ୍ଚାରେ ରହିଥିଲେ। ସେହିଭଳି ଦେଶର ପ୍ରଥମ ଆଥ୍‌ଲେଟ୍ ଭାବେ ଦ୍ୟୁତୀ ୨୦୧୯ରେ ସମଲିଙ୍ଗୀ ବୋଲି ନିଜକୁ ଘୋଷଣା କରିଥିଲେ। ଭାରତୀୟ ରୁଢ଼ିବାଦୀ ସମାଜରେ ଏହା ଘୋଷଣା କରି ସେତେବେଳେ ସେ ଖବରର ଶିରୋନାମାରେ ରହିଥିଲେ। ପଡ଼ିଆ ଭିତର ଓ ବାହାରର ଏହି ଦୁଇଟି କାରଣ ଲାଗି ତାଙ୍କୁ ଇଏସ୍‌ପିଏନ୍ ପକ୍ଷରୁ ପ୍ରଥମ 'ସାହସିକ' ପୁରସ୍କାର ବିଜେତା ଭାବେ ଚୟନ କରାଯାଇଥିଲା।



ଦ୍ୟୁତୀ ଚାନ୍ଦ

ବିଶ୍ୱ ଚାମ୍ପିୟନ ତଥା ଭାରତୀୟ ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ଇଏସ୍‌ପିଏନ୍ ପକ୍ଷରୁ ବର୍ଷର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ପୁରସ୍କାର ହାସଲ କରିଛନ୍ତି। ଆମେରିକୀୟ କ୍ରୀଡ଼ା ଚ୍ୟାନେଲ ଇଏସ୍‌ପିଏନ୍ ପକ୍ଷରୁ ତୃତୀୟ ଥର ଲାଗି ସିନ୍ଧୁ ଏହି ସମ୍ମାନଜନକ ପୁରସ୍କାର ଜିତିଛନ୍ତି। ସେହିଭଳି ଯୁବ ଶୁଟର୍ ସୌରଭ ଚୌଧାରୀ ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି ବିବେଚିତ ହୋଇଛନ୍ତି।

## ଫ୍ରେଞ୍ଚ ଓପନରେ ଖେଳିବେ ନାହିଁ ଫେଡରର

ପ୍ୟାରିସ୍,୨୦।୨

ସୁଇଜରଲାଣ୍ଡ କିମ୍ବଦନ୍ତୀ ରୋଜର ଫେଡରର ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନରେ ଖେଳିବେ ନାହିଁ। କେବଳ ଫ୍ରେଞ୍ଚ ଓପନ ନୁହେଁ, ସିଜନର ପ୍ରାୟ କ୍ଲେ କୋର୍ଟ ଇଭେଣ୍ଟରୁ ସେ ବାଦ୍ ପଡ଼ିଛନ୍ତି। ସୁଇଜରଲାଣ୍ଡରେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଛି। ପୁରୁଷ ବର୍ଗରେ ସର୍ବାଧିକ ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ଅଧିକାରୀ ଅଷ୍ଟ୍ରେଲିଆନ ଓପନରେ ଆହତ ସମସ୍ୟା ସତ୍ତ୍ୱେ ସଂଘର୍ଷ କରିଥିଲେ। ଇଭେଣ୍ଟର ସେମିଫାଇନାଲରେ ଫେଡରରଙ୍କୁ ସର୍ବିଆର ନୋଭାକ ଜୋକୋଭିଚ୍ ହରାଇଥିଲେ। ସେହି ମ୍ୟାଚ୍‌ଠାରୁ ଫେଡରର କୋର୍ଟକୁ ଓହ୍ଲାଇ ନାହାନ୍ତି। ୩୮ ବର୍ଷୀୟ ଖେଳାଳି କହିଛନ୍ତି, ସେ ଦୁବାଇଠାରେ ହେବାକୁ ଥିବା ଏଟିପି ଟୁର୍ନାମେଣ୍ଟ, ଇଣ୍ଡିଆନ ୱେଲ୍ସ, ବୋଗୋଟା ଓ ମିଆମିରେ ଖେଳିବେ ନାହିଁ। କିଛି ଦିନ ହେଲା ଡାହାଣ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରୁଥିଲି। ଏହା ଧୀରେ ଧୀରେ ଭଲ ହୋଇଯିବ ବୋଲି ଭାବିଥିଲି। କିନ୍ତୁ ଯାଞ୍ଚ ରିପୋର୍ଟ ଓ ମୋ ଟିମ୍ ସହ ଆଲୋଚନା ପରେ ଅର୍ଥସ୍କୋପିକ ସର୍ଜରି କରିବାକୁ ମୁଁ ନିଷ୍ପତ୍ତି ନେଇଥିଲି ବୋଲି ଫେଡରର ଟୁଇଟ୍ କରି ଜଣାଇଛନ୍ତି। ଉଲ୍ଲେଖଥାଉ କି, ସେ ୨୦୧୭ ଓ ୨୦୧୮ରେ ପୂରା କ୍ଲେ କୋର୍ଟ ସିଜନରେ ଖେଳି ନ ଥିଲେ। ଗତବର୍ଷ ସେ ଫ୍ରେଞ୍ଚ ଓପନ ସମେତ କେବଳ ଦୁଇ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ।

# ନ୍ୟୁଜିଲାଣ୍ଡ ଦ୍ରୁତ ବୋଲିଂ ପାଇଁ ଭାରତ ପ୍ରସ୍ତୁତ

ୱେଲିଂଟନ,୨୦।୨(ପି.ଟି.) ସ୍ଥାନୀୟ ବେସିନ ରିଜର୍ଭ ଗ୍ରାଉଣ୍ଡରେ ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ଶୁକ୍ରବାରଠାରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଦୁଇ ମ୍ୟାଚ୍‌ବିଶିଷ୍ଟ ଏହି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଭାରତ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଏହି ସିରିଜ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ହୋଇଥିବାରୁ ଘରୋଇ ଦଳ ମଧ୍ୟ ବିଜୟୀ ହେବା ପାଇଁ ଚେଷ୍ଟା କରିବ। ଟେଷ୍ଟ ଚାମ୍ପିୟନଶିପ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ସର୍ବାଧିକ ୩୬୦ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଅତିକମ୍‌ରେ କାଗଜ କଲମରେ ଭାରତ ଫେଭରାଇଟ ମନେହେଉଛି। ତେବେ କେନ୍ ୱିଲିୟମସନଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଘରୋଇ ପରିବେଶରେ ବେଶ୍ ଶକ୍ତିଶାଳୀ ମନେହେଉଛି।

ଶେଷଥର ପାଇଁ ୨୦୧୭ ମାର୍ଚ୍ଚରେ ଘରୋଇ ପରିବେଶ ନ୍ୟୁଜିଲାଣ୍ଡ ଭାରତଠାରୁ ସିରିଜ ପରାଜୟ ବରଣ କରିଥିଲା। ଏହାପରଠାରୁ ନ୍ୟୁଜିଲାଣ୍ଡ ୧୦ଟି ଟେଷ୍ଟରୁ ୫ଟିରେ ବିଜୟୀ ହୋଇଛି। ଗତ ସିରିଜରେ ନ୍ୟୁଜିଲାଣ୍ଡ ଅଷ୍ଟ୍ରେଲିଆଠାରୁ ୦-୩ରେ ସିରିଜ ପରାଜୟ ବରଣ କରିଥିଲା। ତେଣୁ ନ୍ୟୁଜିଲାଣ୍ଡ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ଅନ୍ୟପଟେ ଭାରତ ଗତବର୍ଷ ଅଷ୍ଟ୍ରେଲିଆରେ ପ୍ରତିକୂଳ ପରିବେଶରେ ଯେପରି ଦମ୍‌ଦାର ପ୍ରଦର୍ଶନ କରି ବାଜି ମାରିଥିଲା, ଠିକ୍ ସେହିଭଳି ଏହି ସିରିଜରେ ନିଜର ପ୍ରଭାବ ଜାହିର କରିବ ବୋଲି ଆଶା କରାଯାଉଛି। ଏହି ଗ୍ରାଉଣ୍ଡରେ ତେରଛା ପବନ ଉଭୟ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ପାଇଁ ସବୁବେଳେ ସମସ୍ୟା ସୃଷ୍ଟି କରିଥାଏ।

ଭାରତର ନୂଆ ଓପ୍‌ନିଂ ଯୋଡି ପୃଥ୍ୱୀ ଶ ଓ ମୟଙ୍କ ଅଗ୍ରୱାଲ ନ୍ୟୁଜିଲାଣ୍ଡର କ୍ୱାଲିଟି ତଥା ଉଚ୍ଚକୋଟୀର ପେସ୍ ବୋଲିଂ ସମ୍ମୁଖରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଟ୍ରେଣ୍ଟ ବୋଲ୍ଟ, ଟିମ ସୌଦି ଓ କାଇଲ ଜେମିଶନଙ୍କୁ ନେଇ ନ୍ୟୁଜିଲାଣ୍ଡର ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେ ହେଉଛି। ଅବଶ୍ୟ ଜେମିଶନ ଏହି ମ୍ୟାଚ୍‌ରେ ଟେଷ୍ଟ ପଦାର୍ପଣ କରିବେ। ବାମହାତୀ ଦ୍ରୁତ ବୋଲର ନିଲ ୱାଗନରଙ୍କ ଅନୁପସ୍ଥିତି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଛି। ୱାଗନରଙ୍କ ଶର୍ଟ ବଲ ଭ୍ରମଣକାରୀ ବ୍ୟାଟ୍ସମ୍ୟାନଙ୍କୁ ନିଶ୍ଚିତ ଭାବେ ସମସ୍ୟାରେ ପକାଇଥାନ୍ତା। ବାପା ହେବାକୁ ଯାଉଥିବାରୁ ୱାଗନର ଏହି ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ସ୍ପିନର ଅଲ- ରାଉଣ୍ଡର ଡାରିଲ ମିଚେଲ କିମ୍ବା ବାମହାତୀ ଅର୍ଥୋଡକ୍ସ ଅଜାଜ ପଟେଲଙ୍କ ମଧ୍ୟରୁ ଜଣଙ୍କୁ ନ୍ୟୁଜିଲାଣ୍ଡ ଖେଳାଇବ। ବର୍ଷା ସମ୍ଭାବନା ଥିବାରୁ ଏହି ଖୋଲା ପଡିଆରେ କୋହଲି ଟସ୍ ଜିତିଲେ ଭାରତ ଫାଇଦାରେ ରହିବ। ଯଶପ୍ରୀତ ବୁମ୍‌ରା, ଇଶାନ୍ତ ଶର୍ମା ଓ ମହମ୍ମଦ ସାମିଙ୍କୁ ନେଇ ଭାରତୀୟ ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେହେଉଛି। ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଧୈର୍ଯ୍ୟର ସହ ଖେଳିବାକୁ ହେବ ବୋଲି କୋହଲି କହିଛନ୍ତି। ପ୍ରତିପକ୍ଷ ଦଳରେ ଧୈର୍ଯ୍ୟଶକ୍ତି ଯେତେ ଥିଲେ ମଧ୍ୟ ଆମ ଖେଳାଳିଙ୍କୁ ଅଧିକ ଧୈର୍ଯ୍ୟ ଅବଲମ୍ବନ କରି ଚାପକୁ ପ୍ରତିହତ କରିବାକୁ ହେବ।

୪ଜଣ ଆଗଧାଡିର ଦ୍ରୁତ ବୋଲର ସହିତ ସ୍ପିନର ଅଲରାଉଣ୍ଡର କଲିନ ଡି ଗ୍ରାଣ୍ଡହୋମଙ୍କୁ ନ୍ୟୁଜିଲାଣ୍ଡ ଖେଳାଇବା ଆଶା କରାଯାଉଛି। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଖେଳାଇବାର ସମ୍ଭାବନା ରହିଛି। ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ତୁଳନାରେ ଅଶ୍ୱିନଙ୍କ ପାଖରେ ଅଧିକ ବିବିଧତା ରହିଛି। ପଡିଆରେ ହାଲକା ପବନ ବହିବା ନେଇ ଦୁଇ ଅଧିନାୟକ ଚିନ୍ତାରେ ଥିବେ। ପବନର ଦିଗ ନେଇ ବୋଲରମାନେ ଇନ୍ ସୁଇଙ୍ଗ କିମ୍ବା ଆଉଟ ସୁଇଙ୍ଗ୍ ବୋଲିଂ କରିବେ। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ଟ୍ରେଣ୍ଟ ବୋଲ୍ଟ ଓ ଇଶାନ୍ତ ଶର୍ମା ସେମାନଙ୍କ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ। ଚେତେଶ୍ୱର ପୂଜାରା, କୋହଲି, ଅଜିଙ୍କ୍ୟ ରାହାନେଙ୍କ ସମେତ ପୃଥ୍ୱୀ, ମୟଙ୍କ ଓ ହନୁମା ବିହାରୀଙ୍କ ପ୍ରଦର୍ଶନ ଉପରେ ଭାରତର ବ୍ୟାଟିଂ ନିର୍ଭର କରିବ। ପବନର ଦିଗ ଓ ଗତି ଅନୁସାରେ ବ୍ୟାଟ୍ସମ୍ୟାନଙ୍କୁ ସତର୍କତାର ସହ ଖେଳିବାକୁ ହେବ ବୋଲି କୋହଲି ସତର୍କ କରାଇଛନ୍ତି। ଏହି ମ୍ୟାଚ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନ ନିଶ୍ଚିତ ଭାବେ ପରୀକ୍ଷାର ସମ୍ମୁଖୀନ ହେବେ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ରିଦ୍ଧିମାନ ଶାହ (ଉଇକେଟ କିପର), ଇଶାନ୍ତ ଶର୍ମା, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ଟମ୍ ବ୍ଲଣ୍ଡେଲ, ଟ୍ରେଣ୍ଟ ବୋଲ୍ଟ, କଲିନ ଡି ଗ୍ରାଣ୍ଡହୋମ, କାଏଲ ଜେମିଶନ, ଟମ୍ ଲଥାମ, ଡାରିଲ ମିଚେଲ, ହେନେରୀ ନିକୋଲ୍ସ, ଅଜାଜ ପଟେଲ, ଟିମ ସୌଦି, ରସ୍ ଟେଲର ଓ ବିଜେ ୱାଟଲିଂ।



ଟ୍ରଫି ସହ କେନ ୱିଲିୟମ୍‌ସନ ଓ ବିରାଟ କୋହଲି।

**ପ୍ରଥମ ଟେଷ୍ଟ ଆଜିଠାରୁ**
- ମ୍ୟାଚ୍ ଆରମ୍ଭ: ଭୋର ୪ଟା
- ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ

**ଜନ୍ମଦିନ ଶୁଭେଚ୍ଛା**



**ଅଭିନନ୍ଦନ ଘଡେଇ**
ବାଙ୍କାବଜାର, ଘଡେଇ ସାହି, ଭଦ୍ରକ
ଅତୁଟ ଅମଳିନ ସ୍ନେହ ଓ ଆଦରର ବନ୍ଧନର ଏକ ଗୋଟି ବରଷ ବିତିଯାଇ ଅଛି। ତୁମେ ଋତୁରାଜ ବସନ୍ତ ପରି ଅମିତ ଅପ୍ରମିତ ସ୍ନେହ ଦେଇ ଶ୍ରଦ୍ଧାବାର୍ଣ୍ଣ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କର କରୁଣାରୁ ସଦା ସୁସ୍ଥରହି ଯଶସ୍ୱୀ ହୁଅ। ଆଜି ଜନ୍ମଦିନ ଅବସରରେ ତୁମକୁ ଶୁଭେଚ୍ଛାସହ: ଜେଜେ ବାପା, ଜେଜେ ମା', ବାବା, ମାମା, କାକା, ଅଜା, ଆଈ, ମାମୁ ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୬୮୧୨

**ଜନ୍ମବାର୍ଷିକ ଶୁଭେଚ୍ଛା**



**ଶିବ, ମାମା**
CDA, Sector-9, Cuttack
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆଜି ମହାଶିବରାତ୍ରି ଜାଗରରେ ତୁମ ଦୁଇ ଭାଇ ଭଉଣୀଙ୍କ ଜନ୍ମଦିନରେ ଭଗବାନଙ୍କ ପାଖରେ ପ୍ରାର୍ଥନା ତୁମ ଚଲାପଥ କୁସୁମିତ ହେଉ, ଦୀର୍ଘାୟୁ ହେଉ। ଏତିକି ପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
-:ତୁମ ଜନ୍ମଦିନ ଅବସରରେ ଶୁଭେଚ୍ଛା:-
ବାପା, ବୋଉ, ଭାଇ, ଭାଉଜ, ଶିବ, ଅନ୍ନୁ, ମାମା, ରିଙ୍କି, ନେନିଆ, ନିଖିଲ, ବାବୁନା, ଗୁଡ୍ଡୁ, ସୁଜା ଏବଂ ପରିବାରବର୍ଗ, ସାଙ୍ଗମାନେ।
ଧ-୧୬୬୭୧

# ଦିବ୍ୟା, ପିଙ୍କି, ସରିତାଙ୍କୁ ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀ, ୨୦।୨ (ପି.ଟି.) ଭାରତୀୟ ରେସ୍‌ଲର ଦିବ୍ୟା କାକ୍ରାନ, ପିଙ୍କି ଓ ସରିତା ମୋର୍ ଏଠାରେ ଚାଲିଥିବା ଏସିଆନ ମହିଳା ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ନିର୍ମଳା ଦେବୀ ଦେଶ ପାଇଁ ଏକ ରୌପ୍ୟ ଆଣିଦେଇଛନ୍ତି। ୫ ଜଣ ରେସ୍‌ଲର୍‌ଙ୍କୁ ନେଇ ଅନୁଷ୍ଠିତ ୬୮ କେଜି କାଟେଗୋରି ଇଭେଣ୍ଟରେ ଦିବ୍ୟା ବିଶ୍ୱ ଜୁନିୟର ଚାମ୍ପିୟନ ଜାପାନର ନାହୁହା ମାତ୍ସୁୟୁକିଙ୍କ ସମେତ ତାଙ୍କର ସମସ୍ତ ୪ଟି ବାଉଟ୍‌ରେ ବିଜୟ ହାସଲ କରିଛନ୍ତି। ପ୍ରତିଯୋଗିତା ରାଉଣ୍ଡ ରବିନ ଫର୍ମାଟରେ ହେଉଛି। ଏସିଆନ ଚାମ୍ପିୟନଶିପ୍‌ରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ନବଜୋତ କୌର ହେଉଛନ୍ତି ପ୍ରଥମ ଭାରତୀୟ ମହିଳା ରେସ୍‌ଲର। ସେ ୨୦୧୮ ବିଶ୍‌କେକ୍‌ଠାରେ ୬୫ କେଜି କାଟେଗୋରିରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତାଙ୍କ ପରେ ଏଠାରେ ଦିବ୍ୟା, ପିଙ୍କି ଓ ସରିତା ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପିଙ୍କି ମହିଳା ୫୫କେଜି ଫାଇନାଲରେ ମଙ୍ଗୋଲିଆର ଡୁଲ୍‌ଗୁନ୍ ବୋଲରମାଙ୍କୁ ୨-୧ରେ ହରାଇ ଦେଇଥିଲେ। ୫୦କେଜି କାଟେଗୋରି ଫାଇନାଲରେ ନିର୍ମଳା ଅଳ୍ପକେ ଜାପାନର ମିହୋ ଇଗାରାସିଙ୍କଠାରୁ ୨-୩ରେ ହାରି ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ଗୁରୁବାର ୫୯କେଜି କାଟେଗୋରି ଫାଇନାଲରେ ସରିତା ମଙ୍ଗୋଲିଆର ବାଟ୍‌ସେଟ୍‌ସେଗ୍ ଆଟ୍‌ଲାଣ୍ଟସେଟସେଗ୍‌ଙ୍କ ବିପକ୍ଷ ମୁକାବିଲା ୩-୨ରେ ବିଜୟ ହାସଲ କରିଥିଲେ। କରୋନା ଭାଇରସ ଜନିତ କାରଣରୁ ଚାଇନିଜ ରେସ୍‌ଲରମାନେ ଏହି ଚାମ୍ପିୟନଶିପ୍‌ରେ ଭାଗ ନେଇ ନାହାନ୍ତି। ଜାପାନ ମଧ୍ୟରେ ଏହାର ଶ୍ରେଷ୍ଠ ରେସ୍‌ଲରମାନଙ୍କୁ ପଠାଇ ନାହିଁ। ଫଳରେ ଭାରତୀୟ ରେସ୍‌ଲରମାନେ ଏଥିରୁ ଫାଇଦା ଉଠାଇଥିବା କୁହାଯାଉଛି।

## ବାସନ୍ଦ ହେଲେ ଉମର ଆକମଲ

କରାଚୀ,୨୦।୨: ପାକିସ୍ତାନ ଦଳରୁ ବାଦ୍ ପଡ଼ିଥିବା ଉମର ଆକମଲଙ୍କ କ୍ୟାରିୟରକୁ ଗୁରୁବାର ଶକ୍ତ ଝଟ୍‌କା ଲାଗିଛି। ଏହି ବ୍ୟାଟ୍ସମ୍ୟାନଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ବାସନ୍ଦ କରିଛି। ଭ୍ରଷ୍ଟାଚାର ବିରୋଧୀ ଯାଞ୍ଚ ପରେ ତାଙ୍କୁ ଏଭଳି ଅବସ୍ଥା ଭୋଗିବାକୁ ପଡ଼ିଛି। କିନ୍ତୁ ପିସିବି ପକ୍ଷରୁ ଜୁନିୟର ଆକମଲ କେଉଁଭଳି ନିୟମ ଭଙ୍ଗ କରିଥିଲେ, ତାହା ସ୍ପଷ୍ଟ କରାଯାଇନାହିଁ। ପିସିବି ଆକମଲଙ୍କୁ ତୁରନ୍ତ ବାସନ୍ଦ କରିଛି। ସେ କ୍ରିକେଟ ଜଡ଼ିତ କୌଣସି ଇଭେଣ୍ଟ କିମ୍ବା କାର୍ଯ୍ୟ କରିପାରିବେ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ତଦନ୍ତ ଜାରି ରହିଥିବାରୁ, ପିସିବି ପକ୍ଷରୁ ଅଧିକ ତଥ୍ୟ ଦିଆଯାଇ ନାହିଁ। ଉମରଙ୍କ ପିଏସ୍‌ଏଲ ଦଳ କ୍ୱେଟା ଗ୍ଲାଡିଏଟର୍ସର ଉଦ୍‌ଘାଟନୀ ମ୍ୟାଚ୍‌ର କିଛି ଘଣ୍ଟା ପୂର୍ବରୁ ପିସିବି ଏଭଳି ଘୋଷଣା କରିଛି। ଗ୍ଲାଡିଏଟର୍ସ ଦଳକୁ ଉମରଙ୍କ ବଦଳ ଖେଳାଳି ଲାଗି ଆବେଦନ କରିବାକୁ ଅନୁମତି ଦିଆଯାଇଛି। ପାକିସ୍ତାନ ଉଇକେଟକିପର ବ୍ୟାଟ୍ସମ୍ୟାନ କମରାନ ଆକମଲଙ୍କ ସାନ ଭାଇ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ଲାଗି ୧୬ ଟେଷ୍ଟ, ୧୨୧ ଦିନିକିଆ ଓ ୮୪ ଟି୨୦ ମ୍ୟାଚ୍ ଖେଳିଛନ୍ତି। ସେ ଯଥାକ୍ରମେ ୧୦୦୩, ୩୧୯୪ ଓ ୧୬୯୦ ରନ୍ କରିଛନ୍ତି। ସେ ନ୍ୟୁଜିଲାଣ୍ଡ ବିପକ୍ଷ ପଦାର୍ପଣ ଟେଷ୍ଟରେ ଶତକ ହାସଲ କରି ଚର୍ଚ୍ଚାକୁ ଆସିଥିଲେ। କ୍ୟାରିୟରର ଆରମ୍ଭରେ ସେ ବହୁ ସଫଳତା ପାଇଥିଲେ। କିନ୍ତୁ ଧୀରେ ଧୀରେ କ୍ରମାଗତ ପ୍ରଦର୍ଶନ କରିବାରେ ବିଫଳ ହେଲେ ଓ ଏଥିଯୋଗୁ ଜାତୀୟ ଦଳରୁ ତାଙ୍କୁ ସ୍ଥାନ ହରାଇବାକୁ ପଡ଼ିଥିଲା। ନିକଟରେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଟ୍ରେନରଙ୍କ ସହ ଖରାପ ବ୍ୟବହାର କରିବା ଲାଗି ବାସନ୍ଦାଦେଶରୁ ବର୍ତ୍ତି ଯାଇଥିଲେ।

# ଭାରତ-ଅଷ୍ଟ୍ରେଲିଆ ପ୍ରୋ ମୁକାବିଲା

ଭୁବନେଶ୍ୱର, ୨୦।୨(କ୍ରୀଡ଼ା ପ୍ରତିନିଧି)

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହେବ। ପ୍ରୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ବିଶ୍ୱର ଏହି ଅନ୍ୟତମ ଶକ୍ତିଶାଳୀ ଦଳକୁ ମୁକାବିଲା ପାଇଁ ଗ୍ରାହାମ ରିଡ୍‌ଙ୍କ ପ୍ରଶିକ୍ଷଣ ପ୍ରାପ୍ତ ଭାରତୀୟ ଦଳ ଭଲଭାବେ ପ୍ରସ୍ତୁତି କରିଛି। ୨ଟି ଯାକ ମ୍ୟାଚ ରାତି ୭ଟାରେ ଅନୁଷ୍ଠିତ ହେବ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୪ ନମ୍ବରରେ ଥିବା ଭାରତ ଓ ୨ ନମ୍ବର ଅଷ୍ଟ୍ରେଲିଆ ଚଳିତ ପ୍ରୋ ଲିଗ୍‌ରେ ଏପର୍ଯ୍ୟନ୍ତ ୪ଟି ଲେଖାଏ ମ୍ୟାଚ ଖେଳି ସାରିଛନ୍ତି। ଭାରତ ୨ ବିଜୟ, ୧ ଶୁଟ୍‌ଆଉଟ ବିଜୟ ଓ ୧ ପରାଜୟ ସହିତ ୮ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ସମାନ ସଂଖ୍ୟାକ ମ୍ୟାଚ ଖେଳି ୧ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୧ ଶୁଟ୍‌ଆଉଟ ପରାଜୟ ଓ ୧ ପରାଜୟ ସହିତ ୬ ପଏଣ୍ଟ ପାଇ ୫ମ ସ୍ଥାନ ଅଧିକାର କରିଛି। ଚଳିତ ସିଜନରେ ଭାରତ ପ୍ରଥମେ ନେଦରଲାଣ୍ଡ୍ସ ଓ ପରେ ବିଶ୍ୱ ଚାମ୍ପିୟନ ବେଲଜିୟମକୁ ଭେଟିଥିବାବେଳେ ଅଷ୍ଟ୍ରେଲିଆର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଥିଲେ ବେଲଜିୟମ ଓ ଗ୍ରେଟ୍ ବ୍ରିଟେନ। ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚରେ ଭାରତ ୧ ବିଜୟ ଓ ୧ ଶୁଟ୍‌ଆଉଟ ବିଜୟଲାଭ କରିଥିବାବେଳେ ବେଲଜିୟମ ବିପକ୍ଷରେ ୧ ବିଜୟ ଓ ୧ ପରାଜୟ ପାଇଥିଲା। ଅନ୍ୟପକ୍ଷରେ ବେଲଜିୟମ ନିକଟରୁ ୧ ଶୁଟ୍‌ଆଉଟ ପରାଜୟ ଓ ୧ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ପରେ ଗ୍ରେଟ୍ ବ୍ରିଟେନକୁ ୧ ଶୁଟଆଉଟ ଓ ୧ ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ରେକର୍ଡ ଅନୁସାରେ ୨୦୧୩ଠାରୁ ଏପର୍ଯ୍ୟନ୍ତ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମୋଟ ୩୦ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଅଷ୍ଟ୍ରେଲିଆ ୨୨ଟି ମ୍ୟାଚ ଜିତିଥିବାବେଳେ ଭାରତ ୬ଟି ଜିତିଛି ଏବଂ ଅନ୍ୟ ୨ଟି ମ୍ୟାଚ ଡ୍ର ରହିଛି।



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଭାରତୀୟ ଦଳର ଅଭ୍ୟାସ।

**ସ୍ଥିର ପ୍ରଦର୍ଶନରେ ସକ୍ଷମ ହୋଇଛୁ: ରିଡ୍**

"ପ୍ରୋ ଲିଗ୍‌ରେ ଆମେ ନେଦରଲାଣ୍ଡ୍ସ ଓ ବେଲଜିୟମ ବିପକ୍ଷରେ ଖେଳିଥିବା ୪ଟି ମ୍ୟାଚରେ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛୁ। ବିଶ୍ୱର ଶୀର୍ଷ ୩ରୁ ଆମେ ୨ଟି ଦଳକୁ ଭେଟି ସାରିଛୁ। ଉଚ୍ଚସ୍ତରରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଆମେ ପ୍ରସ୍ତୁତ ବୋଲି ଏହି ମ୍ୟାଚ ଗୁଡ଼ିକରେ ପ୍ରମାଣିତ କରିଛୁ। ବିଶ୍ୱର ୨ ନମ୍ବର ତଥା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ ନେଇ ଆମେ ଆଶାବାଦୀ ଅଛୁ। ପୂର୍ବ ୨ ମ୍ୟାଚ ଖେଳିବାପରେ ଆମ ଖେଳାଳିଙ୍କ ମନୋବଳ ବୃଦ୍ଧି ପାଇଛି। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବା ଉପରେ ଆମେ ଅଧିକ ଗୁରୁତ୍ୱ ଦେଉଛୁ। ଆମେ ପ୍ରୋ ଲିଗ୍‌ରେ କ୍ରମାଗତଭାବେ ଶକ୍ତିଶାଳୀ ଦଳ ଗୁଡ଼ିକ ବିପକ୍ଷରେ ଖେଳି ଆସିଛୁ। ତେଣୁ ଗେମ୍ ଉପରେ ଫୋକସ କରିବା ପ୍ରତି ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଥିବାରୁ ବିଭିନ୍ନ ଦଳର ଚ୍ୟାଲେଞ୍ଜକୁ ମୁକାବିଲା କରିବା ଗୁରୁତ୍ୱପୂର୍ଣ୍ଣ" ବୋଲି ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।

**ପରୀକ୍ଷା ନିରୀକ୍ଷା ଚାଲିଛି: ବ୍ୟାଚ୍**

ନେଦାଲାଣ୍ଡ୍ସ ଓ ବେଲଜିୟମ ବିପକ୍ଷରେ ଭାରତର ପ୍ରଦର୍ଶନ ଦର୍ଶନୀୟ ଥିଲା। ପ୍ରଦର୍ଶନରେ ସ୍ଥିରତା ରଖିଥିବାରୁ ଆଗାମୀ ମ୍ୟାଚରେ କ'ଣ କରିବାକୁ ପଡ଼ିବ ତାହା ସେମାନେ ଜାଣିଛନ୍ତି। ଏହି ଦଳର ମନୋବଳ ବହୁତ ଉପରେ, ତେବେ ଆମେ ଏହି ମ୍ୟାଚ ପାଇଁ ଭଲଭାବେ ପ୍ରସ୍ତୁତି କରିଛୁ। ଆମେ କେବଳ ଆଗାମୀ ୨ଟି ମ୍ୟାଚ ଉପରେ ଦୃଷ୍ଟି ନିବଦ୍ଧ କରୁଛୁ। ଆଗକୁ ଟୋକିଓ ଅଲିମ୍ପିକ୍ସ ଆସୁଥିବାରୁ ପ୍ରୋ ଲିଗ୍‌ରେ ଶୀର୍ଷ ଦଳ ଗୁଡ଼ିକ ବିପକ୍ଷ ମ୍ୟାଚକୁ ଆମେ ଉପଭୋଗ କରୁଛୁ। ଭିନ୍ନଭିନ୍ନ ଲାଇନ୍‌ଅପ୍‌କୁ ନେଇ ଆମେ ଖେଳୁଛୁ। ଅଲିମ୍ପିକ୍ସ ପାଇଁ ଶ୍ରେଷ୍ଠ ଲାଇନ୍‌ଅପ୍ ପ୍ରସ୍ତୁତ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଆମପରି ଅନ୍ୟ ଦଳ ଗୁଡ଼ିକ ମଧ୍ୟ ସେହି ରଣନୀତି ଅବଲମ୍ବନ କରୁଥିବା ମୁଁ ଅନୁଭବ କରୁଛି ବୋଲି ଅଷ୍ଟ୍ରେଲିଆ ହକି କୋଚ୍ କଲିନ ବ୍ୟାଚ୍ ପ୍ରକାଶ କରିଛନ୍ତି।

**ମ୍ୟାଚ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

CLASSIFIED DISPLAY



**ବାସ୍ ଏବେ ଆଉ ଦୁଃଖ କାହିଁକି?**
ଦୁଃଖକୁ ଖୁସିରେ ବଦଳେଇବା ବାଲା ଏବଂ ରୁହାନି ଶକ୍ତି ଏବଂ କଳା ଯାଦୁରେ ମାହିର୍
ପୂର୍ବପୁରୁଷଙ୍କଠୁ ମିଳିଥିବା ବରଦାନ କେବଳ ୪ ଘଣ୍ଟାରେ ୧୦୦% ସମାଧାନ
ଆପଣ ଯେକୌଣସି ସମସ୍ୟାରେ ଯଦି ବ୍ୟସ୍ତ ଅଛନ୍ତି ତାହେଲେ ଏବେ ଫୋନ୍ କରନ୍ତୁ ଏବଂ ଘରେ ବସି ସମାଧାନ କରାନ୍ତୁ।
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଲେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବାଧା, ଗଡାଧନ, ଜୁଆ, ସଟ୍ଟା, ଭୂତ-ପ୍ରେତ, ପ୍ରେମ ଏବଂ ଭଲପାଇବା ଇତ୍ୟାଦି
(ମୁଠ୍‌କରଣୀ ଏବଂ ବଶିକରଣ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା ଖାଇଥିବା ସ୍ତ୍ରୀ-ପୁରୁଷ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପୁଅ କିମ୍ବା ଝିଅ ବ୍ୟସ୍ତ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
**ବାବା କବୀର ଖାନ୍**
ଠିକଣା - ହୋଟେଲ ମୋନାଲିସା, ରାଜମହଲ୍, ଭୁବନେଶ୍ୱର
**୨୨୧୧୧୨୫୪୪୨**



**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
**ବାବା କମାଲ ଖାନ୍** (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
**8376889657** 9971793786

# ଆଜିଠାରୁ ମହିଳା ଟି୨୦ ବିଶ୍ୱକପ୍

ସିଡ୍‌ନୀ,୨୦।୨(ପି.ଟି.)

ଅଷ୍ଟ୍ରେଲିଆରେ ମହିଳା ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ତଥା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ମୁହାଁମୁହିଁ ହେବେ। ଭାରତୀୟ ମହିଳା ଦଳ ସମ୍ମୁଖରେ ଏକାଧିକ ଚ୍ୟାଲେଞ୍ଜ ରହିଛି। ଭାରତ ତା'ର ପ୍ରଦର୍ଶନରେ ସ୍ଥିରତା ଆଣିବାକୁ ପ୍ରୟାସ କରିବ। ଦୀର୍ଘଦିନ ହେବ ଭାରତୀୟ ଦଳ ଅସ୍ଥିର ପ୍ରଦର୍ଶନ ପାଇଁ ମୂଲ୍ୟ ଦେଇଆସୁଛି। ଏହାର ସଦ୍ୟତମ ଉଦାହରଣ ହେଉଛି ଅଷ୍ଟ୍ରେଲିଆରେ ଖେଳାଯାଇଥିବା ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା। ଏହି ସିରିଜରେ ଭାରତ ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ଶେଷରେ ବିଫଳ ହୋଇଥିଲା। ଶକ୍ତିଶାଳୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଗୋଟିଏ ଲେଖାଏ ମ୍ୟାଚ୍‌ରେ ଜିତିବା ସହିତ ପରାସ୍ତ ହୋଇଥିଲା। ଶେଷରେ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ଭାରତ ପରାସ୍ତ ହୋଇଥିଲା। ଅଷ୍ଟ୍ରେଲିଆ ଗତ ୬ଟି ସଂସ୍କରଣରୁ ୪ଟିରେ ଟାଇଟଲ ଜିତିଛି।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ହରଲିନ ଦେଓଲ, ରାଜେଶ୍ୱରୀ ଗାଏକ୍ୱାଡ, ରିଚା ଘୋଷ, ବେଦା କ୍ରିଷ୍ଣମୂର୍ତ୍ତି, ସ୍ମୃତି ମନ୍ଧାନା, ଶିଖା ପଣ୍ଡେ, ଅରୁନ୍ଧତି ରେଡ୍ଡୀ, ଜେମିମା ରୋଡ୍ରିଗୁଏଜ, ଦୀପ୍ତି ଶର୍ମା, ପୂଜା ବସ୍ତ୍ରକାର, ଶେଫାଳି ବର୍ମା, ପୁନମ ଯାଦବ ଓ ରାଧା ଯାଦବ।

ଅଷ୍ଟ୍ରେଲିଆ ଦଳ: ମେଗ୍ ଲାନିଂ (ଅଧିନାୟିକା), ଏରିନ ବର୍ନ୍ସ, ନିକୋଲା କାରେ, ଆଶଲେ ଗାର୍ଡନର, ରାଚେଲ ହେନ୍ସ (ଉପ-ଅଧିନାୟିକା), ଅଲିସା ହିଲି, ଜେସ ଜୋନାସିନ, ଡେଲିସା କିମିନ୍ସ, ସୋଫି ମୋଲିନେକ୍ସ, ବେଥ୍ ମୁନି, ଏଲିସ ପେରୀ, ମେଗାନ ସ୍କଟ, ଆନାବେଲ ସଦରଲାଣ୍ଡ, ଟେଲା ଭ୍ଲାଏମିଙ୍କ୍ ଓ ଜର୍ଜିଆ ୱାରେହାମ।

- ମ୍ୟାଚ୍ ଆରମ୍ଭ: ଅପରାହ୍ନ ୧.୩୦
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ଡିଡି ନ୍ୟାଶନାଲ



ମେଗ୍ ଲାନିଂ ଓ ହରମନପ୍ରୀତ କୌର।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗୋବିନ୍ଦ ସାହୁ**
ଦିୱାନ ପୋଖରୀ ରୋଡ, କୋଦଳା, ଗଞ୍ଜାମ
ଆବିର୍ଭାବ: ୦୧।୦୭।୧୯୨୬
ତିରୋଧାନ: ୦୩।୦୩।୨୦୧୯
ଚାହୁଁ ଚାହୁଁ ବର୍ଷେ ବିତିଗଲା, ତଥାପି ତୁମେ ଆମ ଗହଣରେ ଥିଲାପରି ଲାଗ। ତୁମର ସ୍ମୃତି, ଘରପ୍ରତି ସ୍ନେହ, ମମତା ଓ କାର୍ଯ୍ୟକଳାପ ଆମ୍ଭମାନଙ୍କ ହୃଦୟକୁ ବ୍ୟଥିତ କରୁଛି। ଠାକୁର ତୁମର ଅମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ।
-:ଶୋକସନ୍ତପ୍ତ:-
ପୁଅ: ଅଜିତ୍ ଓ ଅବନ୍ତି, ବୋହୂ: ସର୍ମିଷ୍ଠା ଓ ବନିତା, ଝିଅ: ନଳିନୀ ପ୍ରଭା, ରେଣୁପ୍ରଭା, ରଶ୍ମିରାଣୀ, ଜ୍ୱାଇଁ: ବିଜୟ, ବନମାଳୀ, ଶରତଚନ୍ଦ୍ର, ନାତି, ନାତୁଣୀ: ବାଦଲ, ପ୍ରିୟଙ୍କା, ଶଙ୍କର, ଟୁଟୁ, ଲିଟୁ, ଜଲି ଓ ଲିଲି ଓ ଆତ୍ମୀୟସ୍ୱଜନ।
ଧ-୬୬୬୩୨

**ଶ୍ରଦ୍ଧାଞ୍ଜଳି**
**ବିଂଶତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା କନକଲତା ବେହେରା**
ସ୍ୱାମୀ- ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା
ପୁଅ- ଓମ୍‌ପ୍ରକାଶ, ସତ୍ୟପ୍ରକାଶ
ବୋହୂ- ସନ୍ତୋଷୀ, ପିଙ୍କି
ଝିଅ- ରଶ୍ମିତା, ଜ୍ୱାଇଁ- ଡା. ଜଗଦୀଶ
ନାତି, ନାତୁଣୀ, ଯାଆ, ଦେଢଶୁର, ପୁତୁରା, ଝିଆରୀମାନେ
ନାରାୟଣ ମେଡିକାଲ ଷ୍ଟୋର, ରାଇକିଆ
ତିରୋଧାନ: ମହାଶିବରାତ୍ରି ୨୦୦୦
ତୁମର ସ୍ମୃତି ଆମ୍ଭମାନଙ୍କ ଠାରେ ଅଭୁଲା ହୋଇ ରହିବ। ତୁମର ଆଦର୍ଶ, କର୍ତ୍ତବ୍ୟପରାୟଣତା, ଅନାବିଳ ସ୍ନେହ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମାତ୍ମାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଧ-୧୬୮୦୪

**ଦଶମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତା ସରସ୍ୱତୀ ବେହେରା**
Qr. No-Type-II- 8/5, Unit-3, Bhubaneswar
ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିବ। ଭୁଲି ହେବ ନାହିଁ ସେ ପବିତ୍ର ଜାଗର ତିଥିରେ ଆମକୁ ଏକା କରି ଚାଲିଗଲ ପ୍ରଭୁଙ୍କ ଶରଣକୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୧୬୮୦୯

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଜୟନ୍ତ କୁମାର ଚୌଧୁରୀ**
ସ୍ଥାନ/ ପୋଷ୍ଟ- ବେଲାମ, ମୟୂରଭଞ୍ଜ
ଆବିର୍ଭାବ: ୩୧।୦୧।୧୯୬୯
ତିରୋଧାନ: ୧୧।୦୨।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ ପରିବାରବର୍ଗ:-
ଧ-୧୬୮୧୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୧/୨୦୨୦ Bhubaneswar, Friday, February 21/2020

## ସଂକ୍ଷେପରେ

### ୬ ମାସ ପରେ ଏକାଠି ହେଲେ ଦମ୍ପତି

**ପୁରୀ ଅଫିସ, ୨୦।୨:** ଗତ ୬ ମାସର ବ୍ୟବଧାନ ପରେ ପୁଣି ଏକାଠି ହୋଇଛନ୍ତି ଦମ୍ପତି। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ପୁରୀ ଜିଲା କର୍ମୀଙ୍କ ପ୍ରଚେଷ୍ଟାରେ ଏହି ଦମ୍ପତି ଏକାଠି ହୋଇ ପୁଣି ନିଜ ଘର ସଂସାର ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ବ୍ରହ୍ମଗିରି ଥାନା ଅଞ୍ଚଳର ଏକ ଦମ୍ପତି ପାରିପାରିକ ଅଶାନ୍ତି କାରଣରୁ ଅଲଗା ହୋଇଯାଇଥିଲେ। ଏ ସମ୍ପର୍କରେ ଅନୁଷ୍ଠାନର କର୍ମକର୍ତ୍ତା ଜାଣିବା ପରେ ଉଭୟ ପକ୍ଷ ପରିବାର ସହ ଆଲୋଚନା କରିଥିଲେ। ଅନୁଷ୍ଠାନ କାର୍ଯ୍ୟାଳୟରେ ଉଭୟ ପରିବାର ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ଜିଲା ଆବାହିକା ପ୍ରାନ୍ତସିନୀ ଜେନା, ରାଜ୍ୟ ଆବାହକ ରାଜୀବ ପଟ୍ଟନାୟକ, ସଂଯୋଜକ ରମେଶ ଭାରତୀ, ପଞ୍ଚାନନ ପ୍ରଧାନ, ଡ. ରାଧେଶ୍ୟାମ ରଥ, ବାପିନା ସାମନ୍ତରାୟ, ଜଗନ୍ନାଥ ଦାସ, ସୁଦର୍ଶନ ପ୍ରଧାନଙ୍କ ସମେତ ଉଭୟ ପକ୍ଷର ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# କର୍କଟ ରୋଗରୁ ମୁକ୍ତି ପାଇଁ ମନ୍ଦିରରେ ଅଧିଆ ପଡିଥିବା ମହିଳାଙ୍କୁ ଅସଦାଚରଣ ଅଭିଯୋଗ

### ୨ ଅଟକ, ଜଣେ ଫେରାର

ରାଜନଗର,୨୦।୨(ଡି.ଏନ.ଏ.)

କର୍କଟ ରୋଗରେ ପୀଡିତା ଜଣେ ମହିଳା ନିଜର ଆରୋଗ୍ୟ କାମନା କରି ଶିବ ମନ୍ଦିରରେ ଅଧିଆ ପଡିଥିବା ବେଳେ ତାଙ୍କ ପ୍ରତି ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସଂପୃକ୍ତ ମହିଳା ଜଣକ ଗୁରୁବାର ସନ୍ଧ୍ୟାରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛି। ମହାଶିବରାତ୍ରୀର ଗୋଟିଏ ଦିନ ପୂର୍ବରୁ ଏଭଳି ଅଭାବନୀୟ ଘଟଣା ରାଜନଗର ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି।

ଅଭିଯୋଗ ଅନୁସାରେ, ବୁଧବାର ଭୋର ୪ଟାରୁ ରାଜନଗର ଥାନା କେରେଡାଗଡ ଅଞ୍ଚଳର ଜଣେ ବିବାହିତା ଦଳିତ ମହିଳା କେରେଡାଗଡ ବଡଦାଣ୍ଡ ପାର୍ଶ୍ୱରେ ଥିବା ବରୁଣେଶ୍ୱର ମହାଦେବଙ୍କ ମନ୍ଦିରରେ ଅଧିଆ ପଡିଥିଲେ। ମହିଳା ଜଣଙ୍କ କର୍କଟ ରୋଗରେ ପୀଡିତ ଥିବାରୁ ବରୁଣେଶ୍ୱର ମହାଦେବଙ୍କ କୃପାଲାଭ ପାଇଁ ଏକାକୀ ମନ୍ଦିର ମଧ୍ୟରେ ଅଧିଆ ପଡିଥିଲେ। ତେବେ ବୁଧବାର ରାତି ପ୍ରାୟ ୧୨ଟାରୁ ସାଢେ ୧୨ଟା ମଧ୍ୟରେ ସେହି ଗାଁର ୩ ଜଣ ଯୁବକ ମନ୍ଦିରରେ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ। ଏପରି କି ମହିଳା ପିନ୍ଧିଥିବା ଶାଢି କାନିରେ ତାଙ୍କର ପାଟିକୁ ବନ୍ଦ କରି ଟଣାଓଟରା କରିଥିଲେ। ଏହି ସମୟରେ ମହିଳା ଜଣକ କୌଶଳ କ୍ରମେ ସେମାନଙ୍କ କବଳରୁ ଖସି ଆସିଥିଲେ। ଏ ନେଇ ସେ ଘରେ ସ୍ୱାମୀ ଓ ଅନ୍ୟମାନଙ୍କୁ ଜଣାଇଥିଲେ। ଗୁରୁବାର ସକାଳେ ଗାଁରେ ଏହି ଘଟଣା ନେଇ ବୈଠକ ବସିଥିଲା। ସନ୍ଧ୍ୟାରେ ସଂପୃକ୍ତ ମହିଳା ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ଅଟକ ରଖିଥିବା ୨ ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରୁଛି। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଛଡାଉ ଜାରି ରଖିଛି। ଏ ନେଇ ରାଜନଗର ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହାର କେସ୍ ନଂ ୪୬/୨୦୨୦।

# ଗୋଲ୍ଡେନ୍ ବାବାଙ୍କ ଠକେଇ ମାମଲାର ତଦନ୍ତ କରିବ ଇଡି

- ସମ୍ପତ୍ତି, ଆପରାଧିକ ସାମ୍ରାଜ୍ୟର ହେବ ଖୋଲତାଡ଼
- ପୂର୍ବରୁ ତଦନ୍ତ କରୁଥିଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୨୦।୨(ବ୍ୟୁରୋ)



ଚନ୍ଦ୍ରଶେଖରପୁର ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଗୋଲଡେନ୍ ବାବା ଓରଫ ଜ୍ୟୋତିରଞ୍ଜନ ବେଉରା ମାମଲାର ତଦନ୍ତ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ବାବାଙ୍କ ଅମାପ ସମ୍ପତ୍ତି ଖୋଲତାଡ଼ କରିବା ସହ ତାଙ୍କ ଆପରାଧିକ ସାମ୍ରାଜ୍ୟର ଖୁଲାସା ହେବ। ବାବା ନାନା ଉପାୟରେ ଲୋକଙ୍କୁ ଠକି କୋଟି କୋଟି ଟଙ୍କାର ସମ୍ପତ୍ତି ଅର୍ଜନ କରିଥିଲେ। ଠକେଇ ପଇସାରେ ହାତ, ବେକରେ ଗଦାଗଦା ସୁନା ତାଙ୍କୁ ଗୋଲ୍ଡେନ୍ ବାବାରେ ପରିଣତ କରିଥିଲା। ଗିରଫ ହେବା ପରେ ତାଙ୍କର ଗୋଟିଏ ପରେ ଗୋଟିଏ ଆପରାଧିକ ପେଡି ପଦାକୁ ଆସିଥିଲା। ପୂର୍ବରୁ କ୍ରାଇମବ୍ରାଞ୍ଚ ଏହି ମାମଲାର ଖୋଲତାଡ଼ କରୁଥିଲା। ଏହି ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଥିଲା। କେବଳ ଓଡ଼ିଶା ନୁହେଁ ଦିଲ୍ଲୀ, ଠାଣେ, ମୁମ୍ବାଇ ଭଳି ହାଇଟେକ୍ ସହରରେ ମଧ୍ୟ ନିଜ ଆପରାଧିକ ସାମ୍ରାଜ୍ୟ ବିସ୍ତାର କରିଥିଲେ ଗୋଲ୍ଡେନ୍ ବାବା। ସେଠାରେ ମଧ୍ୟ ବ୍ୟବସାୟୀମାନଙ୍କୁ ଚୂନ ଲଗାଇ କୋଟି କୋଟି ଟଙ୍କା ଠକି ନେଇଥିଲେ। ଶହଶହ କୋଟି ଟଙ୍କାର ଋଣ କରାଇଦେବାକୁ କହି ବିଭିନ୍ନ କମ୍ପାନୀଠାରୁ ଯୋଜନାବଦ୍ଧ ଭାବେ କୋଟି କୋଟି ଟଙ୍କା ଲୁଟିଥିଲେ। ଠକେଇର ତରିକା ପୂରା ଏକାଭଳି ଥିଲା। ଓଡ଼ିଶାରେ ଯେଉଁ ତରିକା ଆପଣାଇ ଲୋକଙ୍କୁ ଠକୁଥିଲେ, ରାଜ୍ୟ ବାହାରେ ମଧ୍ୟ ସମାନ ଢଙ୍ଗରେ ଟଙ୍କା ଲୁଟୁଥିଲେ। ପ୍ରଥମେ ବ୍ୟବସାୟୀମାନଙ୍କୁ କୋଟି କୋଟି ଟଙ୍କାର ଫାଇନାନ୍ସ କରିବା ପାଇଁ ଲୋଭ ଦେଖାଉଥିଲେ। ଦେହରେ ଅମାପ ସୁନାଗହଣା ପିନ୍ଧିବା ସହ ଦାମୀ ଗାଡ଼ି ଚଢି ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲେ। ଏପରି କି ନିଜେ ୩ଶହ କୋଟି ଟଙ୍କାର ଆୟ କର ଦେଉଥିବା ନେଇ ଜାଲ୍ କାଗଜପତ୍ର ବନାଇଥିଲେ। ତାହାକୁ କମ୍ପାନୀ କର୍ତ୍ତୃପକ୍ଷ ଓ କୋଟିପତି ଲୋକଙ୍କୁ ଦେଖାଇ ଲକ୍ଷ୍ୟ ହାସଲ କରୁଥିଲେ।

ତଦନ୍ତବେଳେ ଗୋଲ୍ଡେନ୍ ବାବାଙ୍କ ଏସବୁ କାରନାମାର ପର୍ଦ୍ଦାଫାଶ ହୋଇଥିଲା। କେନ୍ଦୁଝରର ଗୋଟିଏ ସଂସ୍ଥାକୁ ୧୧୦ କୋଟି ଟଙ୍କା ଫାଇନାନ୍ସ କରାଇଦେବା ପ୍ରତିଶ୍ରୁତି ଦେଇଥିଲେ ବାବା। ୧୨ କୋଟିର ଆଡ୍‌ଭାନ୍ସ ଚେକ୍‌ର ତାରିଖ ବଦଳାଇ ଟଙ୍କା ଚଲୁ କରିବାକୁ ଉଦ୍ୟମ କରୁଥିବାବେଳେ କମିଶନରେଟ ପୋଲିସ ହାତରେ ଧରାପଡି ଗିରଫ ହୋଇଥିଲେ। କେବଳ ବ୍ୟବସାୟୀ କିମ୍ବା କମ୍ପାନୀ ମାଲିକ ନୁହନ୍ତି, ଅନ୍ୟମାନଙ୍କୁ ମଧ୍ୟ ଚୂନ ଲଗାଇ ଠକେଇ ଟଙ୍କାରେ ନେତା ବନିବା ପାଇଁ ସ୍ୱପ୍ନ ଦେଖିଥିଲେ ଗୋଲ୍ଡେନ୍ ବାବା। ଏପରି କି ଉକ୍ତ ଠକେଇ ଟଙ୍କାରୁ କିଛି ସେ ରହୁଥିବା ଅଞ୍ଚଳର ଲୋକଙ୍କୁ ବାଣ୍ଟୁଥିଲେ। ବହୁ ନେତା ମନ୍ତ୍ରୀଙ୍କ ସଭାରେ ଅତିଥି ଭାବେ ଯୋଗଦେଇ ଅନ୍ୟମାନଙ୍କ ନଜରକୁ ଆସୁଥିଲେ। ଏପରିକି ବିଧାୟକ, ମେୟରଙ୍କ ସହ ତାଙ୍କର ଫଟୋ ମଧ୍ୟ ଭାଇରାଲ ହୋଇଥିଲା। ସେ ଭୁବନେଶ୍ୱର(ଉତ୍ତର) ବିଧାୟକ ହେବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ନେଇ ମଧ୍ୟ ସେତେବେଳେ ଚର୍ଚ୍ଚା ହୋଇଥିଲା। ସେଥିପାଇଁ ଜୟଦେବବିହାରରୁ ପଟିଆ ପର୍ଯ୍ୟନ୍ତ ପୋଷ୍ଟର ଲଗାଇ ଲୋକଲୋଚନକୁ ଆସିବାକୁ ଚେଷ୍ଟା କରିଥିଲେ। କିନ୍ତୁ କମିଶନରେଟ ପୋଲିସ ଗିରଫ କରି ତାଙ୍କ ସବୁ ସ୍ୱପ୍ନକୁ ଭାଙ୍ଗି ଛାରଖାର କରିଦେଇଥିଲା। ଏବେ ଇଡି ତାଙ୍କ ସମ୍ପତ୍ତିର ଖୋଲତାଡ଼ କରିବା ପରେ ଠକେଇ ଟଙ୍କାରେ ସେ କେତେକ'ଣ କଳାଧନ ଜମାଇଥିଲେ ତାହା ଜଣାପଡିବ। ତେବେ ଇତିମଧ୍ୟରେ ଗୋଲ୍‌ଡେନ୍ ବାବାଙ୍କ ନାମରେ ଥିବା କିଛି ସମ୍ପତ୍ତିର ମାଲିକାନା ପରିବର୍ତ୍ତନ ହୋଇଥିବା ସୂଚନା ମିଳିଛି। ଏଥିରେ ସତ୍ୟତା ଥିବା ଜଣାପଡିଲେ ଉକ୍ତ ସମ୍ପତ୍ତିକୁ ମଧ୍ୟ ଜବତ କରାଯିବ ବୋଲି କୁହାଯାଉଛି।

# ବିଇଡି, ଏମ୍‌ଇଡି ଶିକ୍ଷାନୁଷ୍ଠାନକୁ ବନ୍ଦ ଚକ୍ରାନ୍ତ ବିରୋଧରେ ଆନ୍ଦୋଳନ

### ମାର୍ଚ୍ଚରେ ବିଧାନସଭା ଘେରିବ ଏଆଇଡିଏସଓ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ରାଜ୍ୟରେ ଥିବା ସମସ୍ତ ବିଇଡି ଏବଂ ଏମ୍‌ଇଡି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ବନ୍ଦ କରିବାର ହୀନ ଚେଷ୍ଟା ବିରୋଧରେ ଏଆଇଡିଏସଓ ପକ୍ଷରୁ ଦୃଢ ବିରୋଧ କରାଯିବା ସହ ଆନ୍ଦୋଳନ କରିବାକୁ ଆହ୍ୱାନ ଦିଆଯାଇଛି। ଗୁରୁବାର ଏକ ପ୍ରେସ ବିବୃତିରେ ସଙ୍ଗଠନର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ ଓ ସମ୍ପାଦକ ସୁବାସ ନାୟକ କହିଛନ୍ତି। ଜାନୁୟାରୀ ୧୬ରୁ ୧୮ ମଧ୍ୟରେ ଭୁବନେଶ୍ୱରରେ ଅନୁଷ୍ଠିତ ଇଆରସି ଓ ନ୍ୟାଶନାଲ କାଉନ୍‌ସିଲ ଫର ଟିଚ୍‌ର ଏଜୁକେଶନର ୨୭୮ତମ ସଭାରେ ରାଜ୍ୟରେ ୧୦ ବିଇଡି, ଏମ୍‌ଇଡି ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଦିଆଯାଉଥିବା କୋର୍ସକୁ ଆସନ୍ତା ୨୦୨୦-୨୧ ଶିକ୍ଷାବର୍ଷଠାରୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଶିକ୍ଷାନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନାହାନ୍ତି, ଶିକ୍ଷାନୁଷ୍ଠାନ ପାଇଁ ଆବଶ୍ୟକ ସ୍ଥାୟୀ କ୍ୟାମ୍ପସ୍ ନାହିଁ, ଆବଶ୍ୟକ ଭିତ୍ତିଭୂମି ନାହିଁ, ସେଥିପାଇଁ ଅନୁବନ୍ଧନ ପ୍ରତ୍ୟାହାର କରାଗଲା ବୋଲି ଏକ ଚିଠିରେ ଉଲ୍ଲେଖ କରାଯାଇ ଏହାକୁ ବନ୍ଦ କରିବାକୁ ଚକ୍ରାନ୍ତ କରାଯାଉଛି। ଉକ୍ତ ୧୦ଟି ଶିକ୍ଷାନୁଷ୍ଠାନରେ ରାଜ୍ୟର ହଜାର ହଜାର ଛାତ୍ରୀଛାତ୍ର କମ ଟଙ୍କାରେ ସରକାରୀ ଶିକ୍ଷାନୁଷ୍ଠାନ ଭାବେ କୋର୍ସ କରିପାରୁଥିଲେ। ଏପରି ସ୍ଥଳେ ବର୍ତ୍ତମାନ ହଜାର ହଜାର ସାଧାରଣ ଗରିବ ଛାତ୍ରୀଛାତ୍ର, ଶିକ୍ଷକ ତାଲିମରୁ ସମ୍ପୂର୍ଣ୍ଣ ବଞ୍ଚିତ ହେବେ। ତେଣୁ ଯଦି ସରକାର ଏ ନେଇ କିଛି ପଦକ୍ଷେପ ତୁରନ୍ତ ନେଇ ସମାଧାନ ନ କରନ୍ତି ତେବେ ଆଗାମୀ ଦିନରେ ଏହା ବିରୋଧରେ ଛାତ୍ରୀଛାତ୍ରମାନେ ଆସନ୍ତା ମାର୍ଚ୍ଚରେ ବିଧାନସଭା ଘେରାଉ କରିବା ସହ ଆନ୍ଦୋଳନ ପନ୍ଥା ଆପଣାଇବେ ବୋଲି ଏଆଇଡିଏସଓ ପକ୍ଷରୁ ଗୁରୁବାର ଏକ ପ୍ରେସ୍ ବିବୃତିରେ ପ୍ରକାଶ କରାଯାଇଛି।

### ଦିନକରେ ୪ ନାଗ ସାପ ଉଦ୍ଧାର

**ପୁରୀ ଅଫିସ, ୨୦।୨:** ପୁରୀ ସଦର ବ୍ଲକ ବେଳଦଳ ଗ୍ରାମର ଜଣଙ୍କ ଘରୁ ୬ଫୁଟର ୩ଟି ନାଗସାପ ଏବଂ ସରକାରୀ ଆଇଟିଆଇ କ୍ୟାମ୍ପସରୁ ୪.୫ ଫୁଟ ଲମ୍ବର ଏକ ନାଗସାପକୁ ଗୁରୁବାର ପୁରୀ ସ୍ନେକ ହେଲପ୍ ଲାଇନ ସଦସ୍ୟ ସଂଗ୍ରାମ କେଶରୀ ଦାଶ ଉଦ୍ଧାର କରିଛନ୍ତି। ସଂଗ୍ରାମ ସାପଗୁଡ଼ିକୁ ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡ଼ିଦେଇଛନ୍ତି। ପୂର୍ବାହ୍ନରେ ବେଳଦଳ ଗ୍ରାମର ଜଣକ ଘରେ ସାପ ପଶିଥିବା ଖବର ପାଇ ସଂଗ୍ରାମ ପହଞ୍ଚି ଖୋଜାଖୋଜି କରିଥିଲେ। ଏକ କୋଠରି ଭିତରୁ ୩ଟି ନାଗସାପ ଉଦ୍ଧାର କରିଥିଲେ। ସେହିପରି ସରକାରୀ ଆଇଟିଆଇ କ୍ୟାମ୍ପସ ପରିସରରେ ଏକ ନାଗସାପକୁ ଧରିଥିଲେ।




# ଟ୍ରେନ୍‌ରେ ଛାଡ଼ିଥିବା ବ୍ୟାଗ୍ ଫେରିପାଇଲେ ଯବାନ

### ଆର୍‌ପିଏଫ୍ କର୍ମଚାରୀଙ୍କ ସାଧୁତାକୁ ପ୍ରଶଂସା

**ପୁରୀ ଅଫିସ,୨୦।୨:** ଟ୍ରେନ୍‌ରେ ଛାଡ଼ିଯାଇଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ନଗଦ ୩୦, ୫୮୦ ଟଙ୍କା ଥିବା ବ୍ୟାଗ୍‌କୁ ଫେରି ପାଇଛନ୍ତି ଜଣେ ଯବାନ। ପୁରୀ ଆର୍‌ପିଏଫ୍ ଥାନା ଅଧିକାରୀଙ୍କ ହାତରୁ ସମ୍ପୃକ୍ତ ଯବାନ ଏହି ବ୍ୟାଗ ଫେରିପାଇବା ବେଳେ ଭାବ ବିହ୍ୱଳ ହୋଇପଡ଼ିଥିଲେ। ସୂଚନା ଅନୁଯାୟୀ, ପୁରୀ ଆର୍‌ପିଏଫ୍ ଏଏସ୍‌ଆଇ କେ.ଏସ୍. ପାଇକରାୟ, ହାବିଲଦାର ଏସ୍.କେ. ପ୍ରଧାନ, କନଷ୍ଟେବଳ ଏନ୍. ମଲିକ ପୁରୁଷୋତ୍ତମ ଏକ୍ସପ୍ରେସ ଟ୍ରେନରେ ଡ୍ୟୁଟି କରୁଥିଲେ। ଏହି ସମୟରେ ଖୋର୍ଦ୍ଧା ଜଙ୍କସନ୍‌ରେ ଏକ ସ୍ଲିପର ବଗିରେ ଦୁଇଟି ବ୍ୟାଗ ରହିଥିବା ଦେଖି ଅନ୍ୟ ପାସେଞ୍ଜରଙ୍କୁ ପଚାରିଥିଲେ। ମାତ୍ର କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ବ୍ୟାଗ ଦୁଇଟିକୁ ପୁରୀକୁ ନେଇଆସିଥିଲେ। ଯାଞ୍ଚ ବେଳେ ବ୍ୟାଗ ଦୁଇଟିରୁ ୩ଟି ବ୍ୟାଙ୍କ ପାସ୍‌ବୁକ, ୨ଟି ଏଟିଏମ୍ କାର୍ଡ, ସିଏସ୍‌ଡି କ୍ୟାଣ୍ଟିନ କାର୍ଡ, ଆର୍ମି ପରିଚୟପତ୍ର, ଛୁଟି ଅନୁମତି ପତ୍ର ଆଦି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିବା ଦେଖିବାକୁ ମିଳିଥିଲା। ଏ ନେଇ ଆର୍‌ପିଏଫ୍ ଥାନା ଅଧିକାରୀ ଅନିଲ କୁମାର ସିଂ ଆର୍ମି ହେଡ୍‌କ୍ୱାର୍ଟର୍ସ ସହ ଯୋଗାଯୋଗ କରିଥିଲେ। ସେହି ବ୍ୟାଗ ଦୁଇଟି ଭାରତୀୟ ସ୍ଥଳସେନା ବିହାର ରେଜିମେଣ୍ଟର ହାବିଲଦାର ଅନ୍ତର୍ଯ୍ୟାମୀ ପ୍ରଧାନଙ୍କର ବୋଲି ଜାଣିବାକୁ ପାଇଥିଲେ। ଏହାପରେ ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ ଅନ୍ୟମନସ୍କତାରେ ବ୍ୟାଗ ଦୁଇଟି ଛାଡ଼ି ଚାଲିଥିଲେ ବୋଲି କହିଥିଲେ। ବୁଧବାର ସେ ପୁରୀ ଆର୍‌ପିଏଫ୍ ଥାନାକୁ ଆସି ନିଜର ବ୍ୟାଗ ନେଇଥିଲେ। ଏଥିପାଇଁ ସେ ଆର୍‌ପିଏଫ୍‌କୁ ସାଧୁବାଦ ଜଣାଇଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ